

# ଉତ୍କଳ ପ୍ରସଙ୍ଗ

## ରଥଯାତ୍ରା ବିଶେଷାଙ୍କ

ଜୁନ-୯୮




Licence No. C.R.N.P. 5—Licensed to post without Pre-payment



ଭୁବନେଶ୍ୱରଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଉଦ୍‌ଘାଟନ କରୁଛନ୍ତି । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶ୍ରୀ ଅନନ୍ତ କୁମାର, ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ମାନ୍ୟବର ରାଜ୍ୟପାଳ ଶ୍ରୀ କେ. ଭି. ରଘୁନାଥ ରେଡ୍ଡୀ, କେନ୍ଦ୍ର ଇସ୍ପାତ୍ ଓ ଖଣି ମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର କୋଇଲା ମନ୍ତ୍ରୀ ଶ୍ରୀ ଦିଲୀପ ରାୟ, ଭୂପୃଷ୍ଠ ପରିବହନ ମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଓ ଭୁବନେଶ୍ୱର ଲୋକସଭା ସାଂସଦ ଶ୍ରୀ ପ୍ରସନ୍ନ ପାଟଶାଣୀ ଉପସ୍ଥିତ ଅଛନ୍ତି (୨୭-୪-୧୯୯୮) ।



ରାଜଭବନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଭେଟି ଆଲୋଚନା କରୁଛନ୍ତି (୨୭-୪-୧୯୯୮) ।



# ଉତ୍କଳ ପ୍ରସଙ୍ଗ

୫୪ଭାଗ | ୧୧ଶ ସଂଖ୍ୟା | ଜ୍ୟେଷ୍ଠ-ଆଷାଢ଼ | ୧୯୨୦ ଶକାବ୍ଦ | ଜୁନ ୧୯୯୮



ଶ୍ରୀ ସଂଜୀବ ଚନ୍ଦ୍ର ହୋତା
ପ୍ରମୁଖ ଶାସନ ସଚିବ

ଶ୍ରୀ ନରେନ୍ଦ୍ର କୁମାର ମିଶ୍ର
ନିର୍ଦ୍ଦେଶକ

ସମ୍ପାଦନା ମଣ୍ଡଳୀ

ଶ୍ରୀ ମହେଶ୍ୱର ମୁଳିଆ
କାର୍ଯ୍ୟନିର୍ବାହୀ ସମ୍ପାଦକ

ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ
ସମ୍ପାଦନା ସହଯୋଗୀ

ଟାଇପ୍ ସେଟିଂ
ପି.ଟି.ଏସ୍. ଉପବିଭାଗ

ପ୍ରଚ୍ଛଦପଟ
ପରିକଳ୍ପନା ଓ ଅଙ୍ଗିନ୍ୟାସ ଉପବିଭାଗ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ



ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।




ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ
ଏବଂ ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ରେ ମୁଦ୍ରିତ ।

ବାର୍ଷିକ ଦେୟ : ଟ୨୦.୦୦
ପ୍ରତି ଖଣ୍ଡ : ୨.୦୦

# ସୂଚୀ


| | | |
|---|---|---|
| ଶ୍ରୀଜଗନ୍ନାଥଙ୍କ ପ୍ରାଚୀନତା | ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର | ୧ |
| ହିନ୍ଦୁ ଜଗତର ଆଶା ଓ ଭରସା-ଶ୍ରୀଜଗନ୍ନାଥ | ଶ୍ରୀ ପଠାଣି ପଟ୍ଟନାୟକ | ୩ |
| ଶଙ୍କରାଚାର୍ଯ୍ୟ ଓ ଜୟଦେବଙ୍କ ରଚନାରୁ ଶ୍ରୀଜଗନ୍ନାଥ ତତ୍ତ୍ୱର ସୂତ୍ର | ଶ୍ରୀ ରଜତ କୁମାର କର | ୭ |
| ଜଗନ୍ନାଥ ଚେତନାରେ ବିଶ୍ୱ-ଭାବନା | ଡକ୍ଟର ବାସୁଦେବ ଦାସ | ୧୦ |
| ଶ୍ରୀଜଗନ୍ନାଥ : ରହସ୍ୟ ଓ ବିଶ୍ୱାସର ସମନ୍ୱୟ | ଅଧ୍ୟାପିକା ଦୀପ୍ତିମୟୀ ଶତପଥୀ | ୧୩ |
| ଶ୍ରୀଜଗନ୍ନାଥଙ୍କ ନବଦିନ ଯାତ୍ରା | ଡକ୍ଟର ବିଜୟାନନ୍ଦ ସିଂହ | ୧୫ |
| ରଥଚକ୍ର ମୁକ୍ତିପଥ | ଶ୍ରୀ ଦେବାଶିଷ ଚକ୍ରବର୍ତ୍ତୀ | ୧୮ |
| ଭାରତୀୟ ସଂସ୍କୃତିରେ ଦାରୁବିଗ୍ରହ ଉପାସନାର ପରମ୍ପରା | ଶ୍ରୀ ପ୍ରଫୁଲ୍ଲ ପଟ୍ଟନାୟକ | ୨୧ |
| ରଥ ନିର୍ମାଣର ବିଧି ବିଧାନ | ଶ୍ରୀ କୃପାସିନ୍ଧୁ ବିଶ୍ୱାଳ | ୨୬ |
| ଶ୍ରୀମନ୍ଦିରର ଇତିବୃତ୍ତ | ଅଧ୍ୟାପକ ଡକ୍ଟର ଉମେଶ ଚନ୍ଦ୍ର ଚିନ୍ହରା | ୩୧ |
| ଲୀଳାଞ୍ଚଳ ନୀଳାଚଳ | ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି | ୩୫ |
| ଶ୍ରୀରାମାନୁଜ ଓ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ | ଶ୍ରୀ ଉଦୟଚନ୍ଦ୍ର ମିଶ୍ର | ୩୭ |
| ଶ୍ରୀଜଗନ୍ନାଥ ଓ ଶୈବଧର୍ମ | ଡକ୍ଟର ସିଦ୍ଧାର୍ଥ କାନୁନଗୋ | ୩୯ |
| ସ୍ୱଗତୋକ୍ତି | ଡଃ ପ୍ରଭାତ ନଳିନୀ ମହାପାତ୍ର | ୪୦ |
| ରଥେ ତୁ ବାମନଂ ଦୃଷ୍ଟ୍ୱା | ଅଧ୍ୟାପକ ନୀଳମଣି ପରିଡା | ୪୧ |
| ଶାରଦୀୟ ରଥଯାତ୍ରା | ଶ୍ରୀ ବନମାଳୀ ସୁଆର | ୪୩ |
| ତୁମର ତ ନାହିଁ ପଟାନ୍ତର | ଶ୍ରୀମତୀ ସରୋଜିନୀ ମିଶ୍ର | ୪୪ |
| ଓଡ଼ିଶାରେ ନାଥଧର୍ମ ଓ ଶ୍ରୀଜଗନ୍ନାଥ | ଡକ୍ଟର ଉମାକାନ୍ତ ଜେନା | ୪୫ |
| ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବଡସିଂହାର ବେଶ | ଶ୍ରୀ ଭାସ୍କର ମିଶ୍ର | ୪୮ |
| ଶ୍ରୀଜଗନ୍ନାଥ ଓ ଶଙ୍କରଦେବ | କୁମାରକବି ଅରକ୍ଷିତ ପ୍ରଧାନ | ୫୦ |
| ଶ୍ରୀକ୍ଷେତ୍ରର ବଡଦାଣ୍ଡ | ଶ୍ରୀ ସଦାଶିବ ମିଶ୍ର | ୫୪ |
| ନେତ୍ର ମୋ ସମୁଦ୍ର | ଅଧ୍ୟାପକ ଦାମୋଦର ବେହେରା | ୫୬ |
| ଦରବାରୀ ଶ୍ରୀଜଗନ୍ନାଥ | ଅଧ୍ୟାପକ ଲଳିତ ମହାନ୍ତ | ୫୬ |
| ଶ୍ରୀମହାପ୍ରସାଦ | ଇଞ୍ଜିନିୟର ରଘୁନାଥ ପାତ୍ର | ୫୭ |
| ଓଡ଼ିଆ ଲୋକଗୀତରେ ଶ୍ରୀଜଗନ୍ନାଥ | ଅଧ୍ୟାପକ ଡକ୍ଟର ଶରତଚନ୍ଦ୍ର ରଥ | ୬୭ |
| ଶ୍ରୀଜଗନ୍ନାଥଙ୍କ ନୈବେଦ୍ୟରେ ଆୟୁର୍ବେଦ | ଡାକ୍ତର ଦୀନବନ୍ଧୁ ମହାରଣା | ୬୯ |
| କେନ୍ଦ୍ରାପଡ଼ାର ଶ୍ରୀଜଗନ୍ନାଥ | ଶ୍ରୀ ଅକାମ୍ବର ପଣ୍ଡା | ୭୧ |
| ବରିଷ୍ଠର ଗରିଷ୍ଠତାରେ କନିଷ୍ଠର ପ୍ରତିଷ୍ଠା | ଡକ୍ଟର ନୀଳକଣ୍ଠ ମିଶ୍ର | ୭୩ |
| ଭୂତବିଗ୍ରହ-ବନାମ-ଭାବବିଗ୍ରହ ଶ୍ରୀ ଜଗନ୍ନାଥ | ଶ୍ରୀ ନରହରି ଉପାଧ୍ୟାୟ | ୮୧ |
| ଶ୍ରୀମନ୍ଦିରରେ ନକ୍ଷତ୍ର ବନ୍ଦାପନା | ଶ୍ରୀ ବାଳକୃଷ୍ଣ ଦାଶ | ୮୫ |
| ହେ ମହାପ୍ରଭୁ ! | ଶ୍ରୀ ଗୁରୁକଲ୍ୟାଣ ମହାପାତ୍ର | ୮୬ |
| ମଦ୍ ଭକ୍ତାଃ ଯତ୍ର ଗାୟନ୍ତି | ଡକ୍ଟର ଗିରିଧାରୀ ନାୟକ | ୮୭ |
| ବଡଦାଣ୍ଡରେ ରଥଯାତ୍ରା | ଶ୍ରୀ ବିଭୁପ୍ରସାଦ ମହାପାତ୍ର | ୮୯ |
| ଲିଭିଯାଉ ମୋର ଆତ୍ମ ପରିଚୟ | ଶ୍ରୀ ବାବୁଲି ଚରଣ ପାତ୍ର | ୯୦ |
| ବସନ୍ତଗୁଣ୍ଡିଚା | ଡଃ ନିତ୍ୟାନନ୍ଦ ମହାପାତ୍ର | ୯୧ |
| ଧ୍ୱନି | ଡଃ ବୀଣାପାଣି ସିଂହ | ୯୨ |
| ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା | ପଣ୍ଡିତ ନୀଳାମ୍ବର ନନ୍ଦ | ୯୩ |
| ତତ୍ତ୍ୱବାଦର ସାକାର ଦେବତା ଶ୍ରୀଜଗନ୍ନାଥ | ଶ୍ରୀ ଦାମୋଦର ସାହୁ | ୯୫ |
| ସମକାଳୀନ ଓଡ଼ିଆ କବିତାରେ ଜଗନ୍ନାଥ-ଚେତନା | ଡକ୍ଟର ବଳରାମ ଦାସ | ୯୭ |
| ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନବକଳେବର | ଶ୍ରୀ ବିଧୁଭୂଷଣ ମାନସିଂହ | ୧୦୧ |
| ସୁଦିନ କି ସତେ ନ ହେବ ଆଉ ! | ଶ୍ରୀ ଗୌରଚନ୍ଦ୍ର ମହାପାତ୍ର | ୧୦୨ |
| ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ | ଶ୍ରୀ ଅବନୀ କୁମାର ପଟ୍ଟନାୟକ | ୧୦୩ |
| ରଥ ନିର୍ମାଣର ରହସ୍ୟ | ପଣ୍ଡିତ ରମାକାନ୍ତ କର | ୧୦୫ |
| ତନୁର ମୁଁ ନୀଳାଞ୍ଜନ | ଡାକ୍ତର ସରୋଜିନୀ ଷଡ଼ଙ୍ଗୀ | ୧୦୮ |
| ଦାରୁଦେବତା ଶ୍ରୀଜଗନ୍ନାଥ | ଶ୍ରୀ କୈଳାସ ତ୍ରିପାଠୀ | ୧୦୯ |
| ଛାଇ କଥାକୁ କାମୁରେ ମାରେ | ଶ୍ରୀ ରାଧାନାଥ ଦାସ | ୧୧୧ |
| ତରଳ ପେଟ୍ରୋଲିୟମ୍ ଗ୍ୟାସ୍ | ଶ୍ରୀ ଦୁର୍ଗାଚରଣ ନାୟକ | ୧୧୨ |
| ଶୁଣିବା ହେଉ ମହିମା ମାରୁତି ଏଠିକି | ଶ୍ରୀ ନିକୁଞ୍ଜ କିଶୋର କାନୁନଗୋ | ୧୧୪ |
| ସମ୍ବାଦ ପରିକ୍ରମା | .. | ୧୧୫ |




ଶିଳ୍ପୀ : ଆଶିଷ କୁମାର ପାଣ୍ଡେ
ଚୁଡ଼ାହାଟ, କଟକ-୧

## ସମ୍ପାଦକୀୟ

# ରଥଯାତ୍ରା : ମୈତ୍ରୀ ଓ ସଂହତିର ମହାନ୍ ବାର୍ତ୍ତା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ଅନାଦି କାଳରୁ ମୁନି-ଋଷି, ତତ୍ତ୍ୱଦର୍ଶୀମାନେ ଖୋଜି ପାଉନାହାନ୍ତି । ବହୁ ମତ ଓ ତତ୍ତ୍ୱର କୁହେଳିକା ଭିତରେ ସେ ହୋଇପଡିଛନ୍ତି ଆହୁରି ଅବୋଧ, ଅଜ୍ଞେୟ ଓ ରହସ୍ୟାବୃତ । କିନ୍ତୁ ଭକ୍ତର ଏକନିଷ୍ଠ ଭକ୍ତି, ବିଶ୍ୱାସ ଓ ପ୍ରାଣର ଆକୁଳତା ଆଗରେ ସେ ହୋଇଛନ୍ତି ସସୀମ, ସାକାର, ମୂର୍ତ୍ତିମନ୍ତ ।

ଶ୍ରୀଜଗନ୍ନାଥ ଭାରତୀୟ ସଭ୍ୟତା, ସଂସ୍କୃତି ଓ ପରମ୍ପରାର ପ୍ରତୀକ । ସେ ସଂସ୍କୃତିର ବିଶେଷତ୍ୱ, ସମନ୍ୱୟ । ସମାନତା, ସମପ୍ରାଣତା । ଉଦାରତା ଓ ସହନଶୀଳତା । ଏହି ସାମ୍ୟ ଚେତନା ଯୁଗଯୁଗ ଧରି ମାନବ-ସମାଜକୁ ଶାନ୍ତି, ମୈତ୍ରୀ ଓ ସଂହତିର ସୂତ୍ରରେ ବାନ୍ଧି ରଖି ଆସିଛି । ଶ୍ରୀମନ୍ଦିରରେ ସବୁ ଦେବ-ଦେବୀ ଆରାଧିତ । ସବୁ ଦେବତାଙ୍କୁ ସଙ୍ଗରେ ନେଇ ତାଙ୍କର ସଂସାର । ସବୁ ଜାତି, ଧର୍ମ, ସମ୍ପ୍ରଦାୟ ଓ ଧର୍ମାଚାର୍ଯ୍ୟମାନଙ୍କର ସେ ଉପାସ୍ୟ । ତାଙ୍କର ବିଶାଳ ସାମ୍ରାଜ୍ୟରେ ସବୁ ଧର୍ମ-ଦର୍ଶନ, ରୀତି-ନୀତି-ବିଶ୍ୱାସର ବିଚିତ୍ର ସମାବେଶ ।

ସେ ଭକ୍ତବତ୍ସଳ । ଭକ୍ତି ଓ ଭାବାବେଶରେ ବଶୀଭୂତ । ଦାସିଆ ବାଉରୀ ହାତରୁ ସେ ନଡିଆ ଛଡେଇ ଖାଇଛନ୍ତି । ବଳରାମ ଦାସଙ୍କ ଉପରେ ରାଜରୋଷରେ କ୍ଷୁବ୍ଧ ହୋଇ ନନ୍ଦିଘୋଷ ଛାଡି ଚାଲିଯାଇଛନ୍ତି, ବାଙ୍କିମୁହାଣର ବାଲିରଥକୁ । ଜଗନ୍ନାଥ ଦାସଙ୍କ ଭକ୍ତିରେ ବିଭୋର ହୋଇ ମହୋଦଧିକୁ ସାତଲହଡି ପର୍ଯ୍ୟନ୍ତ ଘୁଞ୍ଚାଇ ଆଣିଛନ୍ତି । ଛଦ୍ମ ଜୟଦେବ ବେଶରେ 'ଗୀତଗୋବିନ୍ଦ'ର ଅପୂର୍ଣ୍ଣ ପଦ ପୂରଣ କରିଛନ୍ତି । ମାଣିକ୍ୟ ଗଉଡୁଣୀଠାରୁ ଦହି ଖାଇଛନ୍ତି ରତ୍ନମୁଦି ବନ୍ଧା ଦେଇ । ଶ୍ରୀମନ୍ଦିର ପ୍ରତିଷ୍ଠାତା ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପୁତ୍ର ହୋଇ ଗୟାଶ୍ରାଦ୍ଧରେ ପିଣ୍ଡଦାନ କରିଛନ୍ତି । ଗଜପତିଙ୍କ ପାଇଁ କାଞ୍ଚି ଅଭିଯାନରେ ଯାଇଛନ୍ତି । ଏମିତି ପ୍ରଭୁଙ୍କର କେତେ ଅଦ୍ଭୁତ, ଅଲୌକିକ ଲୀଳା । ଦୁଃଖୀ-ରଙ୍କୀ, ପାପୀ-ତାପୀ ସମସ୍ତଙ୍କ ପାଇଁ ତାଙ୍କ ଦୁଆର ସାହାଣ ମେଲା । ତାଙ୍କ ପାଖରେ ଜାତି-ଅଜାତି, ଧନୀ-ଗରୀବ, ବଡ-ସାନର ବିଚାର ନାହିଁ । ଆଭିଜାତ୍ୟର ଅହଙ୍କାର ନାହିଁ । ଯିଏ ଯେଉଁ ଭାବରେ ଡାକିଛି, ସେଇ ରୂପରେ ସେ ଦେଖାଦେଇଛନ୍ତି । ତାଙ୍କ ପୀଠରେ ଗଜପତି ଚାଣ୍ଡାଳର କାମ କରନ୍ତି । ତାଙ୍କ ଆନନ୍ଦବଜାରରେ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ମହାପ୍ରସାଦ ସେବନ କରନ୍ତି । ତାଙ୍କ ପୂଜାପଦ୍ଧତିରେ ସବୁ ଧର୍ମର ନୀତି ପ୍ରଚଳିତ । ଛପନ ପଉଟି ଭୋଗ, ଛତିଶା ନିଯୋଗ, ବାରମାସରେ ତେର ପର୍ବର ଗହଳ ଚହଳ ଭିତରେ ତାଙ୍କ ମନ୍ଦିର ନିତ୍ୟ ଉତ୍ସବ ମୁଖର । ପ୍ରତ୍ୟୁଷରୁ ନିଶାର୍ଦ୍ଧ ପର୍ଯ୍ୟନ୍ତ ଅସରନ୍ତି ନୀତି, କର୍ମର ଅବାରିତ ପ୍ରବାହ । ଜନ୍ମପୀଠ ମହାବେଦୀରୁ ପାତାଳି କ୍ଷେତ୍ର କୋଇଲିବୈକୁଣ୍ଠ ପର୍ଯ୍ୟନ୍ତ ତାଙ୍କର ମାନବ-ସୁଲଭ ଜୀବନ-ଯାତ୍ରାରେ ଆମ ସମାଜ, ସଂସ୍କୃତି ଓ ପରମ୍ପରାର ନିଚ୍ଛକ ପ୍ରତିଫଳନ । ଯାନି-ଯାତ୍ରା, ଚଳଣି ଓ ପର୍ବପର୍ବାଣୀରେ ଆମ ପରିବାରର ପରିଚର୍ଯ୍ୟା ।

ସେ ରାଜାଧିରାଜ । ଏତେ ଅୟସ, ରାଜକୀୟ ବୈଭବ ସତ୍ତ୍ୱେ ସାଧାରଣ ମଣିଷ ଭଳି ସେ ମାଟି ପାତ୍ରରେ ଶାଗ, ପଖାଳ ଭାତ ଖାଉଛନ୍ତି । ଗୟାଳା ଘରେ ପୋଙ୍ଗା ତେଲରେ ଦୀପ ଜାଳୁଛନ୍ତି । ରୋଗ ବ୍ୟାଧିରେ ଯନ୍ତ୍ରଣା ସହୁଛନ୍ତି । ବ୍ରତ, ଉପବାସ ପାଳନ କରୁଛନ୍ତି । ପତ୍ନୀଠୁ ଲାଞ୍ଛିତ ହେଉଛନ୍ତି । ଶେଷରେ ପୁରୁଣା ଶରୀର ଛାଡି ନବକଳେବର ଧାରଣ କରୁଛନ୍ତି ।

ଆମ ସହିତ ତାଙ୍କର ସମ୍ପର୍କ ଅତି ଅନ୍ତରଙ୍ଗ । ଆମ ସୁଖ-ଦୁଃଖରେ ସେ ସମଭାଗୀ । ବିପତ୍ତିରେ ବରାଭୟ ଦେଉଛନ୍ତି । ସଙ୍କଟ ମୋଚନ କରୁଛନ୍ତି । ଆମଠୁ ଗାଳି, ଗଞ୍ଜଣା ସହୁଛନ୍ତି । ଆମ ପ୍ରତି ସେ କେତେ ସମ୍ବେଦନଶୀଳ ! ସେଥିପାଇଁ ସେ ଆମର ଏତେ ଆତ୍ମୀୟ, ଆପଣାର । ସେ ଜଣଙ୍କର ନୁହନ୍ତି, ସାରା ଜଗତର । ତେଣୁ ସେ ଜଗତର ନାଥ ଜଗନ୍ନାଥ । ତାଙ୍କର ସଂସ୍କୃତି-ବିଶ୍ୱ-ସଂସ୍କୃତି, ଧର୍ମ-ମାନବ ଧର୍ମ । ଆର୍ଯ୍ୟ-ଅନାର୍ଯ୍ୟ ଉଭୟଙ୍କର ସେ ପରମାରାଧ୍ୟ ।

ବିଶ୍ୱର କଲ୍ୟାଣ, ଦୀନ-ଆର୍ତ୍ତ-ଅନାଥର ଦୁଃଖମୋଚନ, ପାପୀ-ପତିତର ପାପ ନାଶନ ପାଇଁ ମହାପ୍ରଭୁ ରତ୍ନସିଂହାସନର ମୋହ ଛାଡି ଧାଇଁ ଆସିଛନ୍ତି ଧୂଳିଧୂସରିତ ବଡଦାଣ୍ଡକୁ । ଭକ୍ତଜନଙ୍କ ଗୁହାରି ଶୁଣିବାକୁ । ସେମାନଙ୍କ ସହିତ ଏକାତ୍ମ, ଏକାକାର ହେବାକୁ । ସିଂହଦ୍ୱାରରୁ ଶ୍ରୀଗୁଣ୍ଡିଚା ଘର । ଭାବ-ଭକ୍ତିର ଉଚ୍ଛଳ ସାଗର । ନବଦିନ ବ୍ୟାପୀ ମୈତ୍ରୀ ଓ ମାନବିକତାର ମହୋତ୍ସବ । ପ୍ରଭୁଙ୍କ ରଥଚକ ତଳେ ଚୂରମାର ହୋଇଯାଇଛି, ଜାତି-ଧର୍ମ-ସମ୍ପ୍ରଦାୟର ସଂକୀର୍ଣ୍ଣତା । ବିଲୁପ୍ତ ହୋଇଛି ମଣିଷ ମନର ସମସ୍ତ ଅହଙ୍କାର, ଅହମିକା । ବିଦ୍ୱେଷ, ବୈଷମ୍ୟ ।

ଶ୍ରୀଜଗନ୍ନାଥ ଜ୍ୟୋତି ସ୍ୱରୂପ । ତାଙ୍କ ଦିବ୍ୟଜ୍ୟୋତିରେ ସାରା ଜଗତ ଜ୍ୟୋତିର୍ମୟ । ସତ୍ୟଯୁଗରେ ସେ ନରନାରାୟଣ, ତ୍ରେତୟାରେ ଶ୍ରୀରାମଚନ୍ଦ୍ର, ଦ୍ୱାପରରେ ଶ୍ରୀକୃଷ୍ଣ ରୂପରେ ଅବତୀର୍ଣ୍ଣ ହୋଇଥିଲେ । କଳିଯୁଗରେ ସେ ପତିତପାବନ ଶ୍ରୀଜଗନ୍ନାଥ ନାମରେ ସର୍ବଧର୍ମ ସମନ୍ୱୟର ପ୍ରତୀକ ରୂପେ ବିଦ୍ୟମାନ । ସେଇ ସମନ୍ୱିତ ଚେତନା, ସାମ୍ୟ-ମୈତ୍ରୀ ଓ ସମର୍ପିତ ଭାବନା ନେଇ ବିଶ୍ୱର ବଡଦାଣ୍ଡରେ ଏ ଜାତିର ନନ୍ଦିଘୋଷକୁ ସଦର୍ପରେ ଟାଣି ନେବାକୁ ମହାପ୍ରଭୁ ଆମର ସହାୟ ହୁଅନ୍ତୁ । ଆଜିର ପୁଣ୍ୟ ତିଥିରେ ଏତିକି ପ୍ରାର୍ଥନା ।

ମହେଶ୍ୱର ମୂଳଆ

# ନୀଳାଦ୍ରିନାଥଃ ଜୟ ଭକ୍ତବଲ୍ଲଭ !



ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ

ଧର୍ମସ୍ୟ ମୂଳଂ ଦର୍ଶନସ୍ୟ ତତ୍ତ୍ୱଂ
ସୂକ୍ଷ୍ମାତିସୂକ୍ଷ୍ମଞ୍ଚ ଯଥେଚ୍ଛରୂପିଣମ୍ ।
ଯେନାବଦ୍ଧଂ ଭାରତବର୍ଷମେତଦ୍
ପ୍ରେମ୍ଣା ବନ୍ଦେ ତଂ ନୀଳକନ୍ଦରେଶ୍ୱରମ୍ ।୧।

ଅଦ୍ୟୈବ ଦ୍ରଷ୍ଟୁଂ ଭବତୋ ରଥୋତ୍ସବଂ
ସମାଗତାସ୍ତେ ସର୍ବେ ଏବ ଭାରତାଃ ।
ନ ତତ୍ର ଜାତିବର୍ଣ୍ଣଧର୍ମଭାବନା
ନ କୋପି ଉଚ୍ଚଃ ନୀଚ ଏବ ଧାରଣା ।୨।

ଅପାଣିପାଦଃ ଜବନଃ ଗ୍ରହୀତା
ଶୃଣୋତ୍ୟକର୍ଣ୍ଣଃ ସ ଆଘ୍ରାତ୍ୟନାସଃ ।
ପଶ୍ୟତି ବିଶ୍ୱଂ ସଚରାଚରଂ ଯଃ
ପ୍ରେମ୍ଣା ବନ୍ଦେ ତଂ ନୀଳକନ୍ଦରେଶ୍ୱରମ୍ ।୩।

ଚିନ୍ମାତ୍ରମୂର୍ତ୍ତେ ! ଦିକ୍କାଳାତୀତ ହରେ !
ହରାସ୍ମଦୀୟଂ ଦୁରିତଞ୍ଚ ଦୁର୍ବହମ୍ ।
ଚୂର୍ଣ୍ଣୟ ଗର୍ବଞ୍ଚ ବିନାଶୟାସ୍ମିତାଂ
ତ୍ୱାମାଶ୍ରିତା ସର୍ବେ ଶରଣାଗତା ବୟମ୍ ।୪।

ମହାହବେ ଭାରତଭାରଭୂତା
ବହ୍ନୌ ପତଙ୍ଗା ଇବ ଯତ୍ର କ୍ଷତ୍ରିୟାଃ ।
ତତ୍ର ତ୍ୱୟାଦର୍ଶନମେତଦୁକ୍ତଂ
ଦେହୀ ଚ ଗୃହ୍ଣାତି ନବଂ ନବଂ ବପୁଃ ।୫।


ଯଥା ପରିତ୍ୟଜ୍ୟ ବାସାଂସି ଜୀର୍ଣ୍ଣା-
ନ୍ୟନ୍ୟାନି ଗୃହ୍ଣାତି ନରୋପରାଣି ।
ଏତତ୍ପ୍ରମାଣଂ କୁରୁତେ କଳୌ ଭବାନ୍
ନବଂ ଗୃହୀତ୍ୱା ସୁମନୋହରଂ ବପୁଃ ।୬।

ରଥସ୍ତ୍ୱଦୀୟଃ ଜଗନ୍ମଙ୍ଗଳଂ ବିଭୋ !
ଧ୍ୱଜା ତ୍ୱଦୀୟା ପତିତସ୍ୟ ପାବନୀ ।
ଜୟ ଜଗନ୍ନାଥ ପୁରୁଷୋତ୍ତମୋ ହରିଃ
ନୀଳାଦ୍ରିନାଥଃ ଜୟ ଭକ୍ତବଲ୍ଲଭ !୭।

ମୁଖ୍ୟମନ୍ତ୍ରୀ ଓଡ଼ିଶା,
ଭୁବନେଶ୍ୱର ।



नीलाद्रौ शंखमध्ये शतदलकमले रत्नसिंहासनस्थं, सर्वालंकारयुक्त नवघनरूचिरं संयुतं चाग्रजेन
भद्राया वामभागे रथचरणयुतं ब्रम्हरूद्रेवन्द्यं, वेदानां सारमीशं सुजनपरिवृतं दारुब्रम्हं स्मरामि ।



# ଶ୍ରୀଜଗନ୍ନାଥଙ୍କ ପ୍ରାଚୀନତା

ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର

ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ବିଶ୍ୱ ସଂବିଧାନର ପ୍ରତୀକାତ୍ମକ ବିଗ୍ରହ । ସେ ଅବ୍ୟକ୍ତ, ଅଣାକାର, ଇନ୍ଦ୍ରିୟାତୀତ, ଅଚିନ୍ତନନୀୟ ସଚ୍ଚିଦାନନ୍ଦ ଦାରୁବ୍ରହ୍ମ ଏବଂ ଅନାଦିକାଳରୁ ନୀଳକନ୍ଦରରେ ଲୀଳା ସଂରଚନା କରିଛନ୍ତି । ବେଦ, ପୁରାଣ, ଇତିହାସ ତାଙ୍କ ଦିବ୍ୟଲୀଳାର ଅସ୍ତ ମାରସ୍ତ ମୁହୂର୍ତ୍ତ ନିର୍ଣ୍ଣୟ କରି ପାରି ନାହାନ୍ତି । ଶ୍ରୀ ଜଗନ୍ନାଥଙ୍କ ଲୀଳା ତଥା ଉପାସନାର କାଳନିର୍ଣ୍ଣୟ କରିବାକୁ ଯାଇ ବିଜ୍ଞ, ପ୍ରାଜ୍ଞ, ସାଧୁ, ସନ୍ଥ, ମହାତ୍ମା, ପଣ୍ଡିତ, ଗବେଷକ ଓ ଐତିହାସିକବୃନ୍ଦ ନାନାଦି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଦାରୁବ୍ରହ୍ମଙ୍କର ଏହି ଅଲୌକିକ ମାନବଧର୍ମୀ ଦିବ୍ୟଲୀଳା ତଥା ଉପାସନାର ରହସ୍ୟ ଦେବତାମାନଙ୍କୁ ମଧ୍ୟ ଅଗୋଚର ।

ସର୍ବଂ ରହସ୍ୟଂ ପୁରୁଷୋତ୍ତମସ୍ୟ
ଦେବା ନ ଜାନନ୍ତି କୁତଃ ମନୁଷ୍ୟାଃ

ପ୍ରାଚୀନ ଗ୍ରନ୍ଥ ଅଧ୍ୟୟନରୁ ଉପଲବ୍ଧି ହୋଇଥାଏ, ପ୍ରାକ୍-ବୈଦିକ ଯୁଗରେ ଶ୍ରୀଜଗନ୍ନାଥ ଶବରଦେବତା ରୂପେ ପୂଜା ପାଇ ଆସୁଥିଲେ । ଅଦ୍ୟାବଧି ଶବର ବଂଶଜ ଦଇତାମାନେ ହିଁ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗ ସେବକ । ଦଇତା ଶବ୍ଦ ଦୈତ୍ୟ, ଭୀଲ, ଶବର ଯେଉଁ ପର୍ଯ୍ୟାୟବାଚୀ ହେଉନା କାହିଁକି ମୂଳ ପ୍ରତିମା ତାଙ୍କ ପୂର୍ବଜଙ୍କ ଦ୍ୱାରା ପ୍ରଥମେ ଆରାଧିତ ହୋଇ ନଥିଲେ ସେମାନେ ଶ୍ରୀଅଙ୍ଗ ସେବାର ଅଧିକାର ପାଇ ନଥାନ୍ତେ । ପରବର୍ତ୍ତୀ ପୁରାଣକାରବୃନ୍ଦ ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନ ଅବତାରଣା ଛଳରେ ଏହି ପରମ ସତ୍ୟଟିକୁ ପରୋକ୍ଷରେ ସ୍ୱୀକାର କରି ଯାଇଛନ୍ତି । ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନରୁ ଏହି ସତ୍ୟତା ଉପଲବ୍ଧି ହୋଇଥାଏ ଯେ ଶବର ଦେବତା ଜଗନ୍ନାଥ ବେଦ ପରବର୍ତ୍ତୀ ପୁରାଣ ଯୁଗରେ ଆର୍ଯ୍ୟ ଜାତିର ଉପାସ୍ୟ ହୋଇ ଯାଇଛନ୍ତି ।

ବୈଦିକ ଯୁଗରେ ମୂର୍ତ୍ତି ପୂଜା ପ୍ରଚଳନ ନଥିଲେ ହେଁ ମହାନ୍ ଆର୍ଯ୍ୟ ପ୍ରଚେତା ବୃନ୍ଦ ଶବର ଆରାଧିତ ଦାରୁବ୍ରହ୍ମଙ୍କୁ ନିର୍ଗୁଣ ନିରାକାର ପରଂବ୍ରହ୍ମଙ୍କର ପ୍ରତୀକାତ୍ମକ ବିଗ୍ରହ ତଥା ମୋକ୍ଷଦାତା ସ୍ୱରୂପରେ ମାନ୍ୟତା ପ୍ରଦାନ କରିଥିଲେ । ବିଶ୍ୱର ପ୍ରଥମ ଶାସ୍ତ୍ର ଋଗ୍‌ବେଦରେ ଦାରୁବ୍ରହ୍ମଙ୍କୁ ଅପୌରୁଷେୟ ଉଦ୍‌ଘୋଷଣା କରାଯାଇଛି ।

ଅଦୋ ଯଦ୍‌ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍
ତଦାରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍

ବେଦର ସୁପ୍ରସିଦ୍ଧ ଭାଷ୍ୟକାର ସାୟଣାଚାର୍ଯ୍ୟଙ୍କ ମତରେ ଋଗ୍‌ବେଦର ଏହି ମନ୍ତ୍ରଟି ଦାରୁବ୍ରହ୍ମଙ୍କ ପ୍ରତି ଉଦ୍ଦିଷ୍ଟ । ଏହାର ଭାବାର୍ଥ ପ୍ରକାଶ କରିବାକୁ ଯାଇ ସେ ଉଲ୍ଲେଖ କରିଛନ୍ତି, "ସଂପ୍ରତି ସମୁଦ୍ରରେ ଯେଉଁ ଅପୌରୁଷ ଦାରୁ ଭାସମାନ, ସେହି ଦେବତାଙ୍କୁ ଉପାସନା କଲେ ପରମଲୋକ ପ୍ରାପ୍ତି ହୁଏ ।" ପବିତ୍ର ଭାରତବର୍ଷର ଉତ୍ତର ପଶ୍ଚିମ କୋଣରେ ଋଗ୍‌ବେଦୀୟ ସଭ୍ୟତାର ଉନ୍ମେଷ ଘଟିଥିଲେ ହେଁ ପୂର୍ବ-ଦକ୍ଷିଣ ମହୋଦଧି ତୀରସ୍ଥ ଶବର ଉପାସିତ ଦାରୁବ୍ରହ୍ମଙ୍କ ସଂପର୍କରେ ବୈଦିକ ଆର୍ଯ୍ୟଗୋଷ୍ଠୀ ଅବଗତ ଥିଲେ । ଏପରିକି ଆର୍ଯ୍ୟ ପୁରୋକ୍ତିରେ ଶବର ଦାରୁ ଦେବତା ଥିଲେ ପରମ ମୋକ୍ଷଦାତା । ବିଦେଶୀ ଗବେଷକବୃନ୍ଦ ଋଗ୍‌ବେଦର ରଚନାକାଳ ଖ୍ରୀଷ୍ଟପୂର୍ବ ୧୫୦୦ ନିର୍ଣ୍ଣୟ କରିଥିଲେ ହେଁ ଭାରତୀୟ ଗବେଷକ ବୃନ୍ଦ ଋଗ୍‌ବେଦର ପ୍ରାଚୀନତାକୁ ଜ୍ୟୋତିର୍ବିଜ୍ଞାନ ପ୍ରମାଣ ସହିତ ଅଧିକ ଏକ ହଜାର ବର୍ଷ ଅର୍ଥାତ୍ ଖ୍ରୀ.ପୂ. ୨୫୦୦ ପର୍ଯ୍ୟନ୍ତ ଟାଣି ନେଇଛନ୍ତି । ଅତଏବ ଖ୍ରୀଷ୍ଟପୂର୍ବ ୨୫୦୦ ପୂର୍ବରୁ ଦାରୁବ୍ରହ୍ମ ଉପାସନା ମହୋଦଧି ତୀରରେ ଅବ୍ୟାହତ ରହିଥିଲା । କେତେକ ଗବେଷକ ଋଗ୍‌ବେଦୋକ୍ତ ପୂର୍ବୋକ୍ତ ସୂକ୍ତଟିକୁ ଅଲକ୍ଷ୍ମୀ ନାଶକ ମନ୍ତ୍ର ଭାବରେ ଗ୍ରହଣ କରିଥାନ୍ତି । କିନ୍ତୁ ଅଥର୍ବ ବେଦରେ ଉକ୍ତ ସୂକ୍ତ ଅନୁରୂପ ଅନ୍ୟ ଏକ ଶ୍ଳୋକ ଦୃଷ୍ଟିଗୋଚର ହୋଇଥାଏ ।

ଅଦୋ ଯଦ୍‌ଦାରୁ ପ୍ଲବତେ ସିନ୍ଧୋର୍ମଧ୍ୟେ ଅପୁରୁଷମ୍
ତଦା ଲଭସ୍ୱ ଦୁର୍ହଣୋ ତେନ ଯାହି ପରଂସ୍ଥଳମ୍

ଏହି ଶ୍ଳୋକର ଭାଷାରେ ସାମାନ୍ୟ ପରିବର୍ତ୍ତନ ଘଟିଥିଲେ ହେଁ ଭାବରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୁଏ ନାହିଁ । ଏଥିରୁ ହୃଦ୍‌ବୋଧ ହୁଏ ଋଗ୍‌ବେଦୋକ୍ତ ସୂକ୍ତ ଏବଂ ଅଥର୍ବ ବେଦୋକ୍ତଶ୍ଳୋକ ଉଭୟ ଦାରୁବ୍ରହ୍ମ ସୂଚକ ତଥା ଋଗ୍‌ବେଦ ଯୁଗଠାରୁ ଅଥର୍ବ ବେଦ ଯୁଗ ପର୍ଯ୍ୟନ୍ତ ମହୋଦଧି ତୀରସ୍ଥ ଶ୍ରୀକ୍ଷେତ୍ରରେ ଦାରୁ ଉପାସନାର ପ୍ରସିଦ୍ଧି ରହିଥିଲା । ବୈଦିକ ଆର୍ଯ୍ୟବୃନ୍ଦ ଦୀର୍ଘକାଳ ଧରି ଅନାର୍ଯ୍ୟ ଆରାଧିତ ଦାରୁବ୍ରହ୍ମଙ୍କର ସ୍ଥିତି ସ୍ୱୀକାର କରିଥିଲେ । ମହନୀୟତା ହେଉଛି, ଏହି ଦାରୁବ୍ରହ୍ମଙ୍କୁ ସେମାନେ ସିନ୍ଧୁତୀର ନିବାସୀ ପରମ ପୁରୁଷର ମାନ୍ୟତା ପ୍ରଦାନ କରିଥିଲେ । ପରମ ପୁରୁଷ ହିଁ ପରଂବ୍ରହ୍ମ । ଏହି ପୁରୋକ୍ତିରେ ଅକ୍ଷୟ ବିଶ୍ୱର ମାନସରୋବର ବେଦରେ ପରଂବ୍ରହ୍ମଙ୍କୁ ସହସ୍ରଶୀର୍ଷା ପୁରୁଷ ରୂପରେ ସ୍ତୁତି କରାଯାଇଛି ।ଅନ୍ୟ ଭାଷାରେ କହିଲେ ବେଦରେ ପୁରୁଷ ସର୍ବେଶ୍ୱରବାଦ୍ ସିଦ୍ଧାନ୍ତ ରୂପେ ପ୍ରତିପାଦିତ ଏବଂ ଏହି ସିଦ୍ଧାନ୍ତର ପ୍ରତିପାଦ୍ୟ ହିଁ ଦାରୁବ୍ରହ୍ମ ଜଗନ୍ନାଥ ।

ବେଦୋତ୍ତର ଯୁଗ ହିଁ ଉପନିଷଦ ଯୁଗ । ଉପନିଷଦରେ ବ୍ରହ୍ମର ଦୁଇ ପ୍ରକାର ସ୍ୱରୂପ ନିର୍ଗୁଣ ଓ ସଗୁଣର ପରମତତ୍ତ୍ୱ ବର୍ଣ୍ଣିତ । ଉପନିଷଦୀୟ ଭାବଧାରାରେ ସଗୁଣ ଓ ନିର୍ଗୁଣର ସମନ୍ୱୟ ହିଁ ଈଶ୍ୱର, ଯାହାର ପ୍ରତୀକ ଦାରୁବ୍ରହ୍ମ ଜଗନ୍ନାଥ । ଉପନିଷଦରେ ପ୍ରତ୍ୟକ୍ଷ ଭାବରେ ଜଗନ୍ନାଥଙ୍କର ସୂଚନା ନଥିଲେ ହେଁ ସେ ବ୍ରହ୍ମ ଭାବରେ ସଂଯୋଜିତ । ଉପନିଷଦ ଯୁଗରେ ଜଗନ୍ନାଥଙ୍କୁ ସର୍ବଶକ୍ତିମାନ ମହାନ୍ ପୁରୁଷ ସ୍ୱରୂପରେ ପରିକଳ୍ପନା କରାଯାଉଥିଲା । ଶ୍ୱେତାଶ୍ୱେତ ଉପନିଷଦ ବର୍ଣ୍ଣନା ଅନୁଯାୟୀ–

ଅପାଣି ପାଦୋ ଯବନୋ ଗ୍ରହୀତା
ପଶ୍ୟତ୍ୟ ଚକ୍ଷୁ ସ ଶ୍ରୁଣୋତ୍ୟକର୍ଣ୍ଣଃ
ସ ବେତ୍ତି ବେଦ୍ୟଂ ନ ଚ ତସ୍ୟାସ୍ତି ବେତ୍ତା
ତମାହୁରାଗ୍ର୍ୟଂ ପୁରୁଷଂ ମହାନ୍ତମ୍

ଉପନିଷଦ କାଳୀନ ଋଷିବୃନ୍ଦ ପରୋକ୍ଷ ଭାବରେ ଦାରୁବ୍ରହ୍ମ ଜଗନ୍ନାଥଙ୍କର ସ୍ୱରୂପ ଏଥିରେ ଅଭିବ୍ୟକ୍ତ କରିଛନ୍ତି । କୈବଲ୍ୟ ଉପନିଷଦରେ ମଧ୍ୟ ଏହାକୁ ଭିନ୍ନ ଭାବରେ ଉପସ୍ଥାପନା କରାଯାଇଛି–

ଅପାଣିପାଦୋଽହଂ ଅଚିନ୍ତ୍ୟ ଶକ୍ତି
ପଶ୍ୟାମି ଚକ୍ଷୁ ଶ୍ରୁଣୋମ୍ୟକର୍ଣ୍ଣ
ଅହଂ ବିଜାନାମି ବିବିକ୍ତ ରୂପୋ
ନଚାସ୍ତି ବେତ୍ତା ମମ ଚିତ୍ସଦହମ୍

ଏଥିରୁ ପ୍ରମାଣ ମିଳିଛି ଉପନିଷଦ ଯୁଗରେ ଦାରୁ ଉପାସନା ଆର୍ଯ୍ୟଗୋଷ୍ଠୀ ମଧ୍ୟରେ ଏକ ପ୍ରଚ୍ଛନ୍ନ ପ୍ରଭାବ ବିସ୍ତାର କରିଥିଲା । ଉପନିଷଦୀୟ ଚେତନାରେ ବେଦୋକ୍ତ ପୁରୁଷୋତ୍ତମ ଜଗନ୍ନାଥ ଥିଲେ "ଅଣୋରଣୀୟାନ୍ ମହତୋ ମହୀୟାନ ଆତ୍ମାସ୍ୟ ଜନ୍ତୋର୍ନିହିତା ଗୁହାୟାମ୍"

ଉପନିଷଦ ଯୁଗ ପରେ ରାମାୟଣ ଯୁଗ । ଏହି ଯୁଗରେ ମଧ୍ୟ ଦାରୁରୂପୀ ଜଗନ୍ନାଥ ବିଶେଷ ଲୋକପ୍ରିୟତା ଅର୍ଜନ କରିଥିଲେ । ମହର୍ଷି ବାଲ୍ମିକୀକୃତ ସଂସ୍କୃତ ରାମାୟଣରେ ପରୋକ୍ଷ ଭାବରେ ଏହାର ସୂଚନା ଉପଲବ୍ଧ ହୋଇଥାଏ । ସୁଗ୍ରୀବ ସୀତା ଅନ୍ୱେଷଣ ନିମିତ୍ତ ଯାତ୍ରା କରୁଥିବା ବାନର ଦୂତଙ୍କୁ ମହୋଦଧିର ଉତ୍ତର ଦିଗସ୍ଥିତ ପର୍ବତର ଶୀର୍ଷ ଦେଶରେ ବିରାଜିତ ସର୍ବଦେବ ଆରାଧ୍ୟ ସହସ୍ରଶିରା ନୀଳାମ୍ବରଧାରୀ ନୀଳମାଧବଙ୍କର ସୂଚନା ପ୍ରଦାନ କରିଥିଲେ ।

ଆସୀନଂ ପର୍ବତସ୍ୟାଗ୍ରେ ସର୍ବଦେବ ନମସ୍କୃତମ୍
ସହସ୍ରଶିର ସଂ ଦେବ ମନନ୍ତଂ ନୀଳବାସସମ୍

ଏତଦ୍ଭିନ୍ନ ସ୍ୱୟଂ ପ୍ରଭୁ ରାମଚନ୍ଦ୍ର ରାକ୍ଷସରାଜ ବିଭୀଷଣଙ୍କୁ ଶ୍ରୀଜଗନ୍ନାଥଙ୍କୁ ଆରାଧନା କରିବାର ଉପଦେଶ ଦେଇଛନ୍ତି ।

କିଂ ଋଣାଦ୍ ବକ୍ଷ୍ୟମିଜାମି ରାକ୍ଷସେନ୍ଦ୍ର ମହାବଳ
ଆରାଧୟ ଜଗନ୍ନାଥ ଇକ୍ଷ୍ୱାକୁ କୁଳ ଦୈବତମ୍

ଉଲ୍ଲେଖଯୋଗ୍ୟ ଯେ ଏ ଅବଧି ଶ୍ରୀମନ୍ଦିରରେ ପାରମ୍ପରିକ ରୀତିରେ ବିଭୀଷଣ ବନ୍ଦାପନା ଅନୁଷ୍ଠିତ ହୋଇ ଆସୁଛି । ଏହା ସତ୍ୟ ଯେ ରାମାୟଣ ଯୁଗରେ ପବିତ୍ର ନୀଳାଚଳରେ ଜଗନ୍ନାଥଙ୍କର ଉପାସନା ଅବ୍ୟାହତ ରହିଥିଲା ।

ମହାଭାରତ ଯୁଗରେ ମଧ୍ୟ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧି ରହିଥିଲା । ମହାଭାରତର ବନପର୍ବରେ ମହର୍ଷି ଲୋମଶ ଧର୍ମରାଜ ଯୁଧିଷ୍ଠିରଙ୍କୁ କଳିଙ୍ଗ ରାଜ୍ୟର ତୀର୍ଥ ବର୍ଣ୍ଣନା ପ୍ରସଙ୍ଗରେ ଏକ ବିଶାଳ ତଥା ପବିତ୍ର ବେଦୀ ସମ୍ପର୍କରେ ସୂଚନା ଦେଇଛନ୍ତି । ବିଜ୍ଞ ଓ ପ୍ରାଜ୍ଞଙ୍କ ମତରେ ଏହା ଶ୍ରୀମନ୍ଦିରର ଉଚ୍ଚ ପୀଠ (ରତ୍ନବେଦୀ) ଅଥବା ଗୁଣ୍ଡିଚା ମନ୍ଦିର ପୀଠ (ମହାବେଦୀ) ହୋଇ ପାରେ । କେତେକଙ୍କ ମତରେ ଏହା ରାଜର୍ଷି ଇନ୍ଦ୍ରଦ୍ୟୁମ୍ନଙ୍କ କର୍ତ୍ତୃକ ଅନୁଷ୍ଠିତ ଯଜ୍ଞସ୍ଥଳୀ ବା ଯଜ୍ଞବେଦୀ । ସେହି ବନପର୍ବରେ ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନ ବର୍ଣ୍ଣିତ ହୋଇଥିବାରୁ ବିଶ୍ୱାସ କରାଯାଏ, ମହାଭାରତ ଯୁଗର ବହୁପୂର୍ବରୁ ଅନାର୍ଯ୍ୟ ଦେବତା ଜଗନ୍ନାଥ ଆର୍ଯ୍ୟମାନଙ୍କ ଦ୍ୱାରା ଉପାସିତ ହେଲେଣି । ଏପରିକି ମହାଭାରତୋକ୍ତ ଶ୍ରୀମଦ୍ ଭାଗବତ୍ ଗୀତାରେ ଶ୍ରୀଜଗନ୍ନାଥଙ୍କ ପୁରୁଷୋତ୍ତମ ତତ୍ତ୍ୱ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ରୀମୁଖରୁ ନିଃସୃତ–

ଯସ୍ମାତ୍ କ୍ଷରମତୀତୋଽହମକ୍ଷରା ଦପି ଚୋତ୍ତମଃ
ଅତୋସ୍ମି ଲୋକେ ବେଦେଚ ପ୍ରଥିତଃ ପୁରୁଷୋତ୍ତମଃ

ପ୍ରତୀୟମାନ ହୋଇଥାଏ ମହାଭାରତ ଯୁଦ୍ଧ ସଂଘଟିତ ହେବାର ବହୁ ପୂର୍ବରୁ ଜଗନ୍ନାଥ ଉପାସନା ଭାରତୀୟ ଜନମାନସରେ ସୁଦୂର ପ୍ରସାରୀ ପ୍ରଭାବ ପକାଇ ସାରିଥିଲା । ଏପରିକି ଶାନ୍ତିପର୍ବରେ ଜଗନ୍ନାଥ ଧର୍ମର ମହନୀୟତା ଉଦ୍‌ଘୋଷଣା କରାଯାଇଛି–

ଏଷୋ ଧର୍ମେ ଜଗନ୍ନାଥାତ୍ ସାକ୍ଷାତ୍ ନାରାୟଣାତ୍ ନୃପଃ
ଏବମେଷ ମହାଧର୍ମଃ ସତେ ପୂର୍ବ ନୃପୋତ୍ତମଃ

ଅଧିକନ୍ତୁ ଏହି ଜଗନ୍ନାଥ ଧର୍ମ ବହୁ ପୂର୍ବରୁ ପ୍ରଚଳିତ ତଥା ନାରାୟଣଙ୍କର ଧର୍ମ ରୂପେ ସ୍ୱୀକୃତ । ଏଥିରୁ ଉପଲବ୍ଧ ହୁଏ ମହାଭାରତ ଯୁଗରେ ଶ୍ରୀଜଗନ୍ନାଥ ସର୍ବଭାରତୀୟ ସ୍ତରରେ ମାନ୍ୟତା ଲାଭ ପୂର୍ବକ ଅନାର୍ଯ୍ୟ ଦେବତାରୁ ଆର୍ଯ୍ୟଦେବତାରେ ରୂପାନ୍ତରିତ ହୋଇ ସାରିଲେଣି ।

ମହାଭାରତ ଯୁଗ ପରେ ପୁରାଣଯୁଗର ଅଭ୍ୟୁଦୟ ଘଟିଥିଲା । ଏହି ଯୁଗରେ ରଚିତ ବ୍ରହ୍ମ, ନାରଦ, ମତ୍ସ୍ୟ, ଗରୁଡ଼, ପଦ୍ମ, ବିଷ୍ଣୁ ଓ ସ୍କନ୍ଦ ପୁରାଣାଦିରେ ପୁରୁଷୋତ୍ତମ ଜଗନ୍ନାଥଙ୍କ ମହିମା ପ୍ରଖ୍ୟାପିତ । ପୁରାଣ ରଚନା ସମୟକୁ ଶ୍ରୀଜଗନ୍ନାଥ ପରଂବ୍ରହ୍ମ ବିଷ୍ଣୁ ଭାବରେ ସର୍ବଭାରତୀୟସ୍ତରରେ ମାନ୍ୟତା ଲାଭ କରି ସାରିଲାଣି । ବିଭିନ୍ନ ପୁରାଣ ବ୍ୟତୀତ 'ତନ୍ତ୍ରଶାସ୍ତ୍ରରେ ମଧ୍ୟ ପୁରୁଷୋତ୍ତମ କ୍ଷେତ୍ରକୁ ଉଡ୍ଡିୟାନ ଭାବରେ ନାମିତ କରାଯାଇ ଦାରୁବ୍ରହ୍ମଙ୍କର ମହିମା ବ୍ୟାଖ୍ୟାନ କରାଯାଇଛି । ପୁରାଣରେ ଦାରୁବ୍ରହ୍ମଙ୍କର ଅଭ୍ୟୁଦୟ, କ୍ରମବିକାଶ, ପ୍ରତିଷ୍ଠା ଓ ଉପାସନା ବିଶେଷ ପ୍ରସ୍ଫୁରିତ ହୋଇଥିବା ସ୍ଥଳେ ତନ୍ତ୍ରଶାସ୍ତ୍ରରେ ତାର ଗୁଢ଼ତମ ତତ୍ତ୍ୱ ଅବତାରଣା କରାଯାଇଛି । ପରବର୍ତ୍ତୀକାଳରେ ଅଦ୍ୱୈତ, ଦ୍ୱୈତ, ଶୈବ, ବୈଷ୍ଣବ, ଜୈନ ଓ ବୌଦ୍ଧ ସଭିଏଁ ଏହି ପ୍ରାଚୀନ ଦେବତାଙ୍କର ସ୍ତୁତିଗାନରେ ଆତ୍ମବିଭୋର ହୋଇ ଯାଇଛନ୍ତି । ପ୍ରାଗ୍–ବୈଦିକକାଳରୁ ମହୋଦଧି ତୀରରେ ଦାରୁବ୍ରହ୍ମ ଜଗନ୍ନାଥ ସକଳ ଧର୍ମଧାରା, ମତବାଦ ଓ ସିଦ୍ଧାନ୍ତର ସମନ୍ୱୟ ରୂପେ ନିତ୍ୟ ଲୀଳାଲୀନ ।

ବଡ଼ସଖା ସାହି,
ଢେଙ୍କାନାଳ–୭୫୯୦୦୧

# ହିନ୍ଦୁ ଜଗତର ଆଶା ଓ ଭରସା ଶ୍ରୀଜଗନ୍ନାଥ



ଶ୍ରୀ ପଠାଣି ପଟ୍ଟନାୟକ

ଭାରତବର୍ଷର ଆଧ୍ୟାତ୍ମିକ ବିଶ୍ୱାସରେ ଜଗନ୍ନାଥଙ୍କ ପୀଠ ଅତି ପ୍ରାଚୀନ । ଏହି ପବିତ୍ର ସ୍ଥାନ ପୁରୁଷୋତ୍ତମ, ନୀଳାଚଳ, କ୍ଷେତ୍ର, ଶଙ୍ଖକ୍ଷେତ୍ର ନାମରେ ପରିଚିତ କେଉଁ ପୁରାଣ ଯୁଗରୁ । ଇଂରେଜ ରାଜତ୍ୱ କାଳରେ ଏହାକୁ ପୁରୀ ଭାବରେ ଚିହ୍ନିତ କରାଗଲା । ସଂସ୍କୃତ ସାହିତ୍ୟର ସ୍କନ୍ଦ ପୁରାଣ, ନାରଦ ପୁରାଣ, କୂର୍ମ ପୁରାଣ ଓ କପିଳ ସଂହିତାରେ ପୁରୀ କ୍ଷେତ୍ରର ଅଶେଷ ପରିଚୟ ପ୍ରଦାନ କରାଯାଇଛି । ଏହି କ୍ଷେତ୍ରର ଅଧିପତି ପ୍ରଭୁ ଜଗନ୍ନାଥ, ଜଗତର ନାଥ ଭାବରେ ପୂଜିତ ।



ଇତିହାସର ଘୂର୍ଣ୍ଣିବାତ୍ୟାରେ କେତେ ରାଜନୈତିକ ଅଭିଯାନ, ଆକ୍ରମଣ ଓ ଧର୍ମ ମତବାଦର ସଂଘର୍ଷ ଓ ପ୍ରତିଷ୍ଠା ଜଗନ୍ନାଥ ଧାମକୁ ସ୍ପର୍ଶ କରିଛି ସିନା, ଧ୍ୱଂସ କରି ପାରିନାହିଁ । ତାହାହିଁ ରହି ଆସିଛି କାଳଚକ୍ରର ଆବର୍ତ୍ତନରେ ଆଜି ପର୍ଯ୍ୟନ୍ତ ସମଗ୍ର ହିନ୍ଦୁ ଜଗତର ସର୍ବଶ୍ରେଷ୍ଠ ଆରାଧନା ସ୍ଥଳୀ ଭାବରେ । ଜୈନଧର୍ମ, ବୌଦ୍ଧଧର୍ମ, ଶୈବଧର୍ମ, ଶାକ୍ତଧର୍ମ ଓ ବୈଷ୍ଣବ ଧର୍ମର ଆନ୍ଦୋଳନ କାଳରେ ଭାରତରେ ଆଧ୍ୟାତ୍ମିକ ଜଗତରେ ବାରମ୍ବାର ପରିବର୍ତ୍ତନ ସଂଘଟିତ ହୋଇଥିବା ଜଣାଯାଏ । ପ୍ରବଳ ଧାରାରେ ପ୍ରବାହିତ ନଦୀଗୁଡ଼ିକ ମହୋଦଧିର ସଙ୍ଗମ କାଳରେ ସଂପୂର୍ଣ୍ଣ ସତ୍ତା ହରାଇଲା ପରି ଜଗନ୍ନାଥ–ଚେତନାରେ ନାନା ଧର୍ମ, ମତବାଦ ଓ ଦର୍ଶନ ଅତ୍ୟନ୍ତ ଆଦର ସହିତ ଆଶ୍ରୟ ଗ୍ରହଣ କରି ନିଜର ବାହ୍ୟ ସତ୍ତାକୁ ବିଲୀନ କରି ଦେଇ ଅଛନ୍ତି । (୧)

ଜନମାନସରେ ଜଗନ୍ନାଥଙ୍କ ଅପାର ପ୍ରଭାବ ଲକ୍ଷ୍ୟ କରି ଓଡ଼ିଶାର ଗଜପତି ରାଜାମାନେ ନିଜେ ରାଉତ ଭାବରେ ଓଡ଼ିଆ ଜାତିର ସମ୍ରାଟ ଜଗନ୍ନାଥଙ୍କ ମୁଖ୍ୟ ସେବକ ଭାବରେ ଗରୀୟାନ ହୋଇଥିବା ଇତିହାସ ପ୍ରମାଣ କରିଥାଏ । କେବଳ ସେତିକି ନୁହେଁ, ମନ୍ଦିରର ସେବାପୂଜା ସଂପୂର୍ଣ୍ଣ ରାଜକୀୟ ଢଙ୍ଗରେ କରାଯାଇଥାଏ ଓ ରାଜଦରବାରରେ ପ୍ରଚଳିତ ଭାଷା ମନ୍ଦିରର ପୂଜକଗଣ ବ୍ୟବହାର କରିଥାଆନ୍ତି । ମହାରାଜା ଅନଙ୍ଗଭୀମ ଦେବ (୧୨୧୧–୧୨୩୮) ତାଙ୍କର ଭୁବନେଶ୍ୱର ଶିଳାଲେଖରେ ନିଜକୁ ଜଗନ୍ନାଥଙ୍କ ରାଉତ ଏବଂ ଓଡ଼ିଶା ସାମ୍ରାଜ୍ୟକୁ ପୁରୁଷୋତ୍ତମ ସାମ୍ରାଜ୍ୟ ବୋଲି ଉଲ୍ଲେଖ କରିଛନ୍ତି । (୨)

ଗଙ୍ଗବଂଶୀ ରାଜାମାନେ ପ୍ରଭୁ ଜଗନ୍ନାଥଙ୍କୁ କେବଳ ଉତ୍କଳ ରାଷ୍ଟ୍ରର ରାଜା ବୋଲି ଘୋଷଣା କରି ନଥିଲେ, ପ୍ରବଳପ୍ରତାପୀ ସୂର୍ଯ୍ୟବଂଶୀ ନରପତିଗଣ ମଧ୍ୟ ଜଗନ୍ନାଥଙ୍କୁ ରାଜା ବୋଲି ସ୍ୱୀକାର କରିଥିଲେ । ସମ୍ରାଟ କପିଳେନ୍ଦ୍ର ଦେବ ଉତ୍କଳ ସାମ୍ରାଜ୍ୟର ରାଜା ପ୍ରଭୁ ଜଗନ୍ନାଥଙ୍କ ଆଦେଶରେ ରାଜ୍ୟ ପରିଚାଳନା କରୁଥିଲେ ବୋଲି ମନ୍ଦିର ଦ୍ୱାର ଦେଶରେ ତାଙ୍କ ସମୟର ଶିଳାଲେଖ ପ୍ରମାଣ କରିଥାଏ । ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ରଦେବ ମଧ୍ୟ ଏହାର ଅନ୍ୟଥା କରି ନଥିଲେ । (୩)

ଉତ୍କଳ ସାମ୍ରାଜ୍ୟର ନରପତିଗଣ ଜଗନ୍ନାଥଙ୍କର ରାଉତ ହୋଇଥିବାରୁ ସମଗ୍ର ଓଡ଼ିଶା ସାମ୍ରାଜ୍ୟରେ ଏବଂ ଭାରତର ହିନ୍ଦୁଜଗତରେ ସେମାନଙ୍କୁ ଯଥେଷ୍ଟ ଶ୍ରଦ୍ଧା ଓ ସମ୍ମାନ କରାଯାଉଥିଲା । ସେହି ପ୍ରଧାନ ସେବକର ପ୍ରମାଣ ଦେବାପାଇଁ ଗୁଣ୍ଡିଚା ଯାତ୍ରାରେ ରଥ ଉପରେ ଛେରା ପହଁରା ସେବାର ପ୍ରଚଳନ କରାଯାଇଥିଲା । ଓଡ଼ିଶା ସାମ୍ରାଜ୍ୟକୁ ସୁରକ୍ଷିତ ରଖିବା ପାଇଁ ବୋଧହୁଏ ଉତ୍କଳର ନରପତି ଏହି ପ୍ରକାର କୌଶଳ ଓ କୂଟନୀତି ଅବଲମ୍ବନ କରିଥିବେ । ଭାରତର ଅନ୍ୟାନ୍ୟ ଅଞ୍ଚଳରେ ମୁସଲମାନ ସାମ୍ରାଜ୍ୟ ପ୍ରତିଷ୍ଠା ହୋଇଥିଲା ବେଳେ ଓଡ଼ିଶା ଥିଲା ହିନ୍ଦୁଧର୍ମ ଓ ସଂସ୍କାର ପାଇଁ ଏକ ସୁରକ୍ଷିତ ଓ ନିରାପଦ ଅଞ୍ଚଳ । ଏଥିପାଇଁ ଯୁଗେ ଯୁଗେ ବହୁ ସିଦ୍ଧପୁରୁଷ ଓ ଆଚାର୍ଯ୍ୟ ପୁରୁଷୋତ୍ତମ କ୍ଷେତ୍ରକୁ ଆଗମନ କରି ଜଗନ୍ନାଥଙ୍କୁ ଦର୍ଶନ କରୁଥିଲେ ଓ ଧନ୍ୟ ହେଉଥିଲେ । ହିନ୍ଦୁ ସଂସ୍କୃତିର ଶକ୍ତିଶାଳୀ ପ୍ରତୀକ ଥିଲା କ୍ଷେତ୍ର । ବୋଧହୁଏ ଏହି କାରଣରୁ ମୁସଲମାନ ଶାସକଗଣ ବାରମ୍ବାର ଉତ୍କଳ ଦେଶକୁ ଅଭିଯାନ କରିଛନ୍ତି ପୁରୁଷୋତ୍ତମ କ୍ଷେତ୍ରର ମର୍ଯ୍ୟାଦା ନଷ୍ଟ କରିବା ପାଇଁ । ସେହି କାରଣରୁ ମନ୍ଦିରରେ ଜଗନ୍ନାଥଙ୍କ ଅବସ୍ଥାନ ବାରମ୍ବାର ବିପର୍ଯ୍ୟୟର ସମ୍ମୁଖୀନ ହୋଇଅଛି ।

## ମୁସଲମାନ ରାଜତ୍ୱରେ ଶ୍ରୀଜଗନ୍ନାଥ

ଶ୍ରୀଜଗନ୍ନାଥଙ୍କ ନିର୍ଯାତନା କେବଳ ଶଙ୍ଖକ୍ଷେତ୍ରର ଅଧୋଗତି ନୁହେଁ ସମଗ୍ର ଓଡ଼ିଶା ଜାତିର ଧର୍ମ ଓ ସଂସ୍କୃତିର ଏହା ଚରମ ବିପର୍ଯ୍ୟୟକାଳ। ଶ୍ରୀମନ୍ଦିରର ଲୁଣ୍ଠନ କାରୀ ଭାବରେ ଆସିଛନ୍ତି ପ୍ରବଳ ଅଭିଯାନ ଚଳାଇ ଶୋଭନ ଖାଁ, କଳାପାହାଡ଼, ତକି ଖାଁ, କେଶୋଦାସମାରୁ ପ୍ରଭୃତି ଅନେକ ଆକ୍ରମଣ-କାରୀ ୧୫୦୯ ଖ୍ରୀଷ୍ଟାବ୍ଦରୁ ୧୭୩୩ ଖ୍ରୀଷ୍ଟାବ୍ଦ ମଧ୍ୟରେ ଜଗନ୍ନାଥ ମନ୍ଦିର କୋଡ଼ିଏଥର ଲୁଣ୍ଠିତ ହୋଇଛି ଏବଂ ଠାକୁରମାନେ ପ୍ରାୟ ଷୋହଳଥର ଶ୍ରୀମନ୍ଦିର ପରିତ୍ୟାଗ କରି ଅନ୍ୟତ୍ର ଆତ୍ମଗୋପନ କରିଛନ୍ତି। ୧୫୦୯ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ସେନାପତି ହୁସେନ ଶାହାଙ୍କର ପୁରୀ ଆକ୍ରମଣ ଅତ୍ୟନ୍ତ ଭୟାନକ ହୋଇଥିଲା। ୧୫୬୮ ଖ୍ରୀଷ୍ଟାବ୍ଦରେ ସ୍ୱାଧୀନ ଓଡ଼ିଶା ମୁସଲମାନ ସାମ୍ରାଜ୍ୟର କବଳିତ ହେଲା। "କଳାପାହାଡ଼ ନେତୃତ୍ୱରେ ଓଡ଼ିଶାର ଅସଂଖ୍ୟ ଦେବମନ୍ଦିର ଧ୍ୱଂସ କରାଯାଉଥିଲା ଏବଂ ପୁରୀର ଠାକୁରମାନଙ୍କୁ ଅଗ୍ନିରେ ନିକ୍ଷେପ କରାଯାଇଥିଲା। ଭକ୍ତ ବିଶର ମହାନ୍ତି ନାଭି କମଳ ଉଦ୍ଧାର କରି ଆଣିଥିବା କଥା ଓଡ଼ିଶାର ଘରେ ଘରେ କିମ୍ବଦନ୍ତୀରେ ପରିଣତ ହୋଇଅଛି।

ଏଠାରେ ପ୍ରତିରୋଧ ଶକ୍ତି ଯେତେବେଳେ ଦୁର୍ବଳ ହୋଇଅଛି, ସେତେବେଳେ ପଣ୍ଡାମାନେ ଠାକୁରମାନଙ୍କୁ ନେଇ ଗୋପନରେ ରକ୍ଷା କରିଛନ୍ତି ଚିଲିକା କୂଳରେ ନରରୀ ହରିଶ୍ୱରଙ୍କ ମଣ୍ଡପରେ, ବାଣପୁରର ବଙ୍କାଡ଼ ଗଡ଼ରେ ଘନଅରଣ୍ୟ ମଧ୍ୟରେ, ଅଥବା ଖଲିକୋଟ ରାଜ୍ୟ ଅନ୍ତର୍ଗତ ଆଠଗଡ଼ ରାଜ୍ୟରେ। ୧୭୩୩ ମସିହା ଥିଲା ଜଗନ୍ନାଥଙ୍କ ମନ୍ଦିର ଉପରେ ମୁସଲମାନ ଶାସକମାନଙ୍କର ଶେଷ ଆକ୍ରମଣ। ଏହି ସମୟରେ ଜଗନ୍ନାଥଙ୍କୁ ଗଞ୍ଜାମ ଆଠଗଡ଼ ରାଜ୍ୟର ଉପାନ୍ତରେ ମରଦା ମନ୍ଦିରରେ ଗୋପନରେ ରଖାଯାଇଥିଲା। ତତ୍କାଳୀନ ଆଠଗଡ଼ ରାଜ୍ୟର ଶାସକ ଥିଲେ ଜଗନ୍ନାଥ ହରିଚନ୍ଦନ। ମରଦା ମନ୍ଦିରରେ ଜଗନ୍ନାଥ ଅବସ୍ଥାନ କରିଥିଲେ ପ୍ରାୟ ତିନୋଟି ବର୍ଷ। ଜଗନ୍ନାଥହିଁ ଥିଲେ ଏକମାତ୍ର ଆକର୍ଷଣ। ତାଙ୍କର ଅନୁପସ୍ଥିତି ହେତୁ ଓଡ଼ିଶାକୁ ଭାରତର ବିଭିନ୍ନ ଅଞ୍ଚଳରୁ ତୀର୍ଥଯାତ୍ରୀମାନେ ଆଉ ଆସିଲେ ନାହିଁ। ଯାତ୍ରୀକର ବାବଦରେ ପ୍ରଚୁର ଅର୍ଥ ଆଦାୟ ହେଉଥିଲା। ତାହା ବନ୍ଦ ହୋଇ ଯିବାରୁ ମୁସଲମାନ ଶାସକଗଣ ପ୍ରମାଦ ଗଣିଲେ। ତେଣୁ ମୁସଲମାନ ଶାସକ ମୁର୍ଶିଦ କୁଲି ଖାଁ ଜଗନ୍ନାଥଙ୍କୁ ପୁନର୍ବାର ଫେରାଇ ଆଣିବା ପାଇଁ ଖୋର୍ଦ୍ଧା ରାଜାଙ୍କୁ ଅନୁରୋଧ କଲେ। ଖୋର୍ଦ୍ଧାରାଜା ରାମଚନ୍ଦ୍ର ଦେବ ଦ୍ୱିତୀୟଙ୍କ ଦେଢ଼ ଅଙ୍କ ଧନୁ କୃଷ୍ଣ ପଞ୍ଚମ ଦିବସରେ ଠାକୁର ଫେରି ଆସିଲେ ମନ୍ଦିରକୁ।

ଠାକୁର ଓ ଗଜପତିଙ୍କୁ ଆଶ୍ରୟ ଦେଇଥିବାରୁ ଆଠଗଡ଼ ରାଜାଙ୍କୁ ଖୋର୍ଦ୍ଧାରାଜା ଶରଣ ଶ୍ରୀକ୍ଷେତ୍ର ଉପାଧିରେ ଭୂଷିତ କରି ସନନ୍ଦ ପ୍ରଦାନ କରିଥିଲେ। ଆଠଗଡ଼ ରାଜ୍ୟର ପଣ୍ଡିତ ପୁରୀ ମୁକ୍ତିମଣ୍ଡପ ସଭାରେ ପ୍ରତିନିଧିତ୍ୱ କରିବାର ବ୍ୟବସ୍ଥା ରହିଲା। ସେହିଦିନଠାରୁ ବଡ଼ ଏକାଦଶୀ ଦିନ ମନ୍ଦିରରେ ମହାଦୀପ ପ୍ରଦାନ କାଳରେ ପ୍ରାର୍ଥନା କରାହୋଇ ଆସୁଅଛି-"ଶରଣ ପଞ୍ଜର ମାନରକ୍ଷଣ ଭାର ଜଗଦେବ ରାଜାଙ୍କୁ ଶଙ୍ଖରେ ପୂରାଇ ବଡ଼ ଆଲୁଆରେ ରଖିବା ଆଜ୍ଞା ହେଉ ହେ ମହିମା"। ୧୮୫୪ ଜୁଲାଇ ପନ୍ଦର ତାରିଖରେ ଆଠଗଡ଼ ରାଜ୍ୟ ନିଲାମ ହୋଇ ଇଣ୍ଡିଆ ପ୍ରଷ୍ଟାରୁ ବିକ୍ରିତ ହେଲେହେଁ ଗଞ୍ଜାମ କୋଦଳା ନିକଟରେ ମରଦାର ଜୀର୍ଣ୍ଣ ମନ୍ଦିର ଘୋଷଣା କରୁଛି ସ୍ୱାଧୀନ ଓଡ଼ିଶାର ବିପର୍ଯ୍ୟର କାହାଣୀ। (୫)

## ଖ୍ରୀଷ୍ଟିଆନ ଧର୍ମ ଆନ୍ଦୋଳନ ଓ ଶ୍ରୀଜଗନ୍ନାଥ

ମୁସଲମାନ ରାଜତ୍ୱ ପରେ ମରହଟ୍ଟାମାନେ ଓଡ଼ିଶାର ଶାସକ ହୋଇଥିଲେ ପ୍ରାୟ ପଚାଶବର୍ଷ। ଏହି କାଳରେ ଜଗନ୍ନାଥଙ୍କ ସେବାପୂଜାରେ କୌଣସି ବିଘ୍ନ ଉପୁଜି ନଥିଲା। ତେବେ ଇଉରୋପରୁ ଆଗତ ଖ୍ରୀଷ୍ଟଧର୍ମାବଲମ୍ବୀ ରାଜଶକ୍ତି ହିନ୍ଦୁମାନଙ୍କ ପୁତ୍ତଳିକା ପୂଜାପ୍ରତି ଆଦୌ ସହାନୁଭୂତିଶୀଳ ନଥିଲେ। ଇଉରୋପର ପର୍ତ୍ତୁଗାଲ ରାଜା ପ୍ରଥମେ ଭାରତବର୍ଷରେ ଉପନିବେଶ ସ୍ଥାପନ କରିଥିଲେ। ୧୫୪୫ ଖ୍ରୀଷ୍ଟାବ୍ଦରେ ପର୍ତ୍ତୁଗାଲ ରାଜା ଗୋଟିଏ ଆଦେଶ ଜାରି କଲେ ଯେ, ଏଣିକି ତାଙ୍କ ଅଧିକୃତ ଭାରତୀୟ ଅଞ୍ଚଳରେ ଧର୍ମଯାଜକ ପରିବର୍ତ୍ତେ ସରକାରୀ କର୍ମଚାରୀ ଧର୍ମପ୍ରଚାର କରିବେ। ହିନ୍ଦୁମାନଙ୍କର ସମସ୍ତ ଦେବପ୍ରତିମାକୁ ନଷ୍ଟ କରି ଦିଆଯିବ। ଯେଉଁମାନେ ପିତୁଳା ନିର୍ମାଣ କରିବେ ଓ ବ୍ରାହ୍ମଣମାନଙ୍କୁ ଆଶ୍ରୟ ପ୍ରଦାନ କରିବେ, ସେମାନଙ୍କୁ କଠିନ ଦଣ୍ଡ ଦିଆଯିବ। ଅତ୍ୟନ୍ତ ସୁଖର ବିଷୟ ଯେ ପର୍ତ୍ତୁଗୀଜମାନେ ଓଡ଼ିଶାରେ ଅଧିକାର ସାବ୍ୟସ୍ତ କରିପାରି ନଥିଲେ। ନଚେତ କଳାପାହାଡ଼ର ଆକ୍ରମଣ ଓ ଧ୍ୱଂସଲୀଳା ହୁଏତ ଆଉ ଥରେ ଅଭିନୀତ ହୋଇ ଥାଆନ୍ତା।



ଇଂରେଜମାନେ ଏଠାରେ ରାଜନୈତିକ ଅଧିକାର ସାବ୍ୟସ୍ତ କରିଥିଲେ। ସେମାନେ ଆସିଥିଲେ ବାଣିଜ୍ୟ କରି ପ୍ରଚୁର ଧନ ଉପାର୍ଜନ କରିବା ପାଇଁ। ଜନସାଧାରଣଙ୍କ ଧର୍ମବିଶ୍ୱାସକୁ ହସ୍ତକ୍ଷେପ କରି ଅପ୍ରିୟ ହେବା ପାଇଁ ସେମାନେ କାମନା କରୁ ନଥିଲେ। ତାହା ହୋଇଥିଲେ ଇଂରେଜମାନଙ୍କର ସାମ୍ରାଜ୍ୟ ପ୍ରତିଷ୍ଠା ସୁଦୂର ପରାହତ ହୋଇଥାନ୍ତା ବୋଲି ସେମାନଙ୍କର ଧାରଣା ରହିଥିଲା। (୬)

୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଓଡ଼ିଶା ରାଜ୍ୟକୁ ଅଧିକାର କଲେ। ଓଡ଼ିଶା ଦଖଲ କରିବା ପୂର୍ବରୁ ଇଂରେଜମାନେ ଜଗନ୍ନାଥଙ୍କ ବିଷୟରେ ଅବଗତ ହୋଇଥିଲେ। ଜଗନ୍ନାଥ କେବଳ ଓଡ଼ିଶାର ନୁହନ୍ତି, ସମଗ୍ର ହିନ୍ଦୁ ଜଗତରେ ଆରାଧ୍ୟ ଦେବତା। ଭାରତରେ ସର୍ବାଞ୍ଚଳରୁ ତୀର୍ଥଯାତ୍ରୀମାନେ ଆସିଥାଆନ୍ତି ପୁରୀ କ୍ଷେତ୍ରକୁ ଦର୍ଶନ କରିବା ପାଇଁ। ତେଣୁ ଜଗନ୍ନାଥଙ୍କ ସେବା ପୂଜାରେ କୌଣସି ପ୍ରକାର ହସ୍ତକ୍ଷେପ ନ କରିବା ପାଇଁ ଇଂରେଜ ଗଭର୍ଣ୍ଣର ମାରକୁଇସ ଅଫ ୱେଲେସଲି ୩-୮-୧୮୦୩ ତାରିଖରେ ସାମରିକ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ କ୍ୟାମ୍ବେଲଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ ଏହିପରି-"On your arrival at Jaggarnaut, you will employ every possible precaution to preserve the respect due to

Pagoda and to the religious prejudices of the Brahmins and pilgrims. You will furnish the Brahmins with such guards as shall afford perfect security to their persons, rites and ceremonials, and to the sanctity of the religious edifices and you will strictly enjoin those under your command to observe your orders on this important subject, with the utmost degree of accuracy and vigilance."(୬)

ଧର୍ମାନୁଷ୍ଠାନ ବିଷୟରେ ସେମାନେ ପ୍ରଥମରୁ ଅତ୍ୟନ୍ତ ଉଦାର ମନୋଭାବ ପୋଷଣ କରିଥିଲେ । ଇଂରେଜ ଶାସକଗଣ ପ୍ରଥମରୁ ଯାତ୍ରୀ କର ଉଠାଇ ଦେଲେ ହେଁ ପରବର୍ତ୍ତୀ ସମୟରେ ମନ୍ଦିରର ସୁପରିଚାଳନା ଖର୍ଚ୍ଚ ତୁଲାଇବା ପାଇଁ ପୁନର୍ବାର ଯାତ୍ରୀ କର ପ୍ରବର୍ତ୍ତନ କରିବାକୁ ବାଧ୍ୟ ହୋଇଥିଲେ । ଅବଶ୍ୟ ପରେ ଧର୍ମ ପ୍ରଚାରକ ପାଦ୍ରୀମାନେ ପ୍ରତିବାଦ କରିବାରୁ ଯାତ୍ରୀ କର ଉଠାଇ ଦିଆଯାଇଥିଲା ଏବଂ ମନ୍ଦିର ପରିଚାଳନାରୁ ସରକାର ଓହରି ଆସିଥିଲେ ।

## ଶ୍ରୀକ୍ଷେତ୍ର — ହିନ୍ଦୁ ଜଗତର ପବିତ୍ର ମକ୍କା

ମାନ୍ଦ୍ରାସ୍ ଆର୍ଟିଲାରୀର ଉଇଲିୟମ୍ ଜେ: ବି: ଲରିଲିଏଣ୍ଟ ଓଡ଼ିଶା ବିଷୟରେ ଗୋଟିଏ ପୁସ୍ତକ ବିଲାତରେ ପ୍ରକାଶ କରିଥିଲେ । ତାହାର ଶୀର୍ଷକ ଥିଲା–"Orissa, the garden of Superstition and Idopatry" । ଓଡ଼ିଶା ହେଉଛି ପୌତ୍ତଳିକତା ଓ ଅନ୍ଧବିଶ୍ୱାସର କେନ୍ଦ୍ର ସ୍ଥଳ । ଅନ୍ଧବିଶ୍ୱାସ ଓ କୁସଂସ୍କାରର ପୂତିଗନ୍ଧ ନର୍କ ଭାବରେ ପୁରୀ କ୍ଷେତ୍ର ହିନ୍ଦୁ ବିଶ୍ୱାସ ଓ ଧର୍ମ ଧାରଣାକୁ ଯୁଗ ଯୁଗ ଧରି ବିଷାକ୍ତ କରିବାରେ ଲାଗିଛି ବୋଲି ସେ ପ୍ରଚାର କରିଥିଲେ । ଏହା ଅବଶ୍ୟ ସତ୍ୟ ଯେ ଭାରତର ମାନଚିତ୍ରରେ ଓଡ଼ିଶାର ପରିଚୟ କେବଳ ଏହାର ମନ୍ଦିରମାଳା ଓ ଜଗନ୍ନାଥଙ୍କ ଯୋଗୁ । ଲକ୍ଷ ଲକ୍ଷ ସଂଖ୍ୟାରେ ହିନ୍ଦୁ ତୀର୍ଥଯାତ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଧାଇଁ ଆସନ୍ତି ବିପଦ ଶଙ୍କୁଳ ରାସ୍ତାଘାଟକୁ ଭ୍ରୂକ୍ଷେପ ନକରି । ତେବେ ସେ ମୁକ୍ତ କଣ୍ଠରେ ପୁରୀ କ୍ଷେତ୍ରକୁ ମୁସଲମାନ ଜଗତର ପବିତ୍ର ମକ୍କା ନଗରୀ ସହିତ ତୁଳନା କରିଥିଲେ ହେଁ ଏହା ପୌରହିତ୍ୟ ଓ କୁସଂସ୍କାରର କେନ୍ଦ୍ର ସ୍ଥଳ ବୋଲି ବିଶ୍ୱାସ କରିଥିଲେ ।(୭)

ୟୁରୋପୀୟ ପାଦ୍ରୀମାନଙ୍କର ଶତ ଚେଷ୍ଟା ସତ୍ତ୍ୱେ ଓଡ଼ିଶାର ଜନସାଧାରଣ ଜଗନ୍ନାଥ ପ୍ରଭାବରେ ପାଶ୍ଚାତ୍ୟ ଚଳଣି, ଭାଷା ଓ ଧର୍ମକୁ ଆଦୌ ଗ୍ରହଣ କରିନଥିଲେ । ଇଂରେଜମାନଙ୍କ ସମ୍ପର୍କରେ ଆସି ବଙ୍ଗାଳୀମାନେ ଯେପରି ଆଚାର ଓ ଚଳଣିରେ ପରିବର୍ତ୍ତିତ ହୋଇ ଯାଇଥିଲେ, ତାହା ଓଡ଼ିଶାରେ ସମ୍ଭବ ହୋଇ ନଥିଲା । ଜଗନ୍ନାଥଙ୍କୁ ବାଦ ଦେଇ ଓଡ଼ିଶାର ଜନସାଧାରଣ ଅନ୍ୟ କିଛି ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ । ସାହେବଙ୍କ ଦୃଷ୍ଟିରେ ଏହା ଥିଲା ଭୟଙ୍କର ଅନୀତିପୂର୍ଣ୍ଣ ଆଚରଣ । ତେବେ ଜଗନ୍ନାଥଙ୍କର ଅପ୍ରତିହତ ପ୍ରଭାବକୁ ସ୍ୱୀକାର କରିବାକୁ ଇଂରେଜମାନେ ବାଧ୍ୟ ହୋଇଥିଲେ । ୧୮୯୯ ଖ୍ରୀଷ୍ଟାବ୍ଦରେ ଲଣ୍ଡନ ମିଶନାରୀ ସୋସାଇଟିର ଦୁଇଜଣ ପ୍ରତିନିଧି Lacoix ଓ Mullins ଓଡ଼ିଶା ପରିଦର୍ଶନରେ ଆସିଥିଲେ ସ୍ଥାନୀୟ ପାଦ୍ରୀମାନଙ୍କର କାର୍ଯ୍ୟାବଳୀ ଅନୁସନ୍ଧାନ କରିବା ପାଇଁ । ସେମାନେ ଏଠାରେ ରଥଯାତ୍ରା ସମୟରେ ପହଞ୍ଚି ହତାଶ ହୋଇଥିଲେ । ସେମାନେ ଲେଖିଥିଲେ–"Hindooism exists in full force in Orissa xxx. The worship of Jagannath is universal, the land abounds with temples and the constant visit of the people to His great Shrine, their intercourse with the Pandas (Pilgrim Hunters — Sutton) and familarity with the stories of Krishna, have stamped them with the grossest immorality."(୮)

## ପାଦ୍ରୀ ବଟମାନ୍ ଓ ପୁରୀର ରଥଯାତ୍ରା

ଖ୍ରୀଷ୍ଟ ଧର୍ମ ପ୍ରଚାର କରିବା ପାଇଁ ଆସିଥିବା ପାଦ୍ରୀମାନେ ପୁରୀର ରଥଯାତ୍ରା ଦେଖି ବିଚଳିତ ହୋଇଥିଲେ । ଏପରି ଜନସମାଗମ ସେମାନେ ଭାରତରେ କ୍ୱଚିତ ଦେଖିଥିଲେ । ତାଙ୍କ ମତରେ ଭାରତୀୟ ହିନ୍ଦୁମାନଙ୍କର ଏହା ଥିଲା ପବିତ୍ର ମିଳନ କ୍ଷେତ୍ର । ୧୮୦୬ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଓଡ଼ିଶା ଅଧିକାର କରିବାର ମାତ୍ର ତିନିବର୍ଷ ପରେ ପାଦ୍ରୀ ଡଃ ବଟମାନ୍ ଓଡ଼ିଶା ବାଟେ ପୁରୀ ଅତିକ୍ରମ କରି ଦକ୍ଷିଣକୁ ଯାତ୍ରା କରିଥିଲେ । ପୁରୀରେ ରଥଯାତ୍ରା ତାଙ୍କର ଅତ୍ୟନ୍ତ ଅସହ୍ୟ ହୋଇଥିଲା । ତେଣୁ ସେ ତୁରନ୍ତ ପୁରୀ ପରିତ୍ୟାଗ କରି ଚିଲିକା କୂଳରେ ଡେରା ପକାଇ ଥିଲେ । ସେ ଆନ୍ତରିକ ଭାବରେ କାମନା କରିଥିଲେ ଯେ କୌଣସି ଉପାୟରେ ପିତୁଳା ପୂଜାର ଏହି ଭୟଙ୍କର ଯାଦୁଖେଳ ରଥଯାତ୍ରାକୁ ଯେ କୌଣସି ଉପାୟରେ ବନ୍ଦ କରାଯିବା ଆବଶ୍ୟକ । ନଚେତ୍ ଏହି ପତିତ ଲୋକେ ଉଦ୍ଧାର ପାଇବେ ନାହିଁ ।(୯) ଡଃ ବଟମାନ୍ ଆଜି ସ୍ୱର୍ଗପୁରରେ ଥାଇ ଦେଖୁଥିବେ ଯେ ରଥଯାତ୍ରା ଚାଲିଛି ଏବଂ ହିନ୍ଦୁ ଜଗତ ଥିଲା ପର୍ଯ୍ୟନ୍ତ ରହିଥିବ । ପ୍ରଭୁ ଜଗନ୍ନାଥଙ୍କର ମହିମା ଅଚିନ୍ତନୀୟ ଏବଂ କଳ୍ପନାତୀତ ।

୧୮୧୬ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡରେ ବାପଟିଷ୍ଟମାନଙ୍କର ଏକ ଅନୁଷ୍ଠାନ ଗଠିତ ହୁଏ ଭାରତରେ ଧର୍ମ ପ୍ରଚାର କରିବା ପାଇଁ । ଡଃ ବଟମାନଙ୍କର ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ପାଦ୍ରୀ ବାମ୍ପଟନ୍ ଏବଂ ପେଗ୍ସ ଶ୍ରୀରାମପୁର ମିସନାରୀମାନଙ୍କ ପରାମର୍ଶରେ ପୁରୀ କ୍ଷେତ୍ରକୁ ନିର୍ବାଚନ କରନ୍ତି ଖ୍ରୀଷ୍ଟଧର୍ମ ପ୍ରଚାର କରିବା ପାଇଁ । ବହୁ ଆୟାସ ପରେ ପାଦ୍ରୀ ମିଃ ଲେସୀ ସଫଳ ହୋଇଥିଲେ ବ୍ରାହ୍ମଣ ଗଙ୍ଗାଧରଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରିବା ପାଇଁ ୧୮୨୮ ମସିହାରେ । ମାତ୍ର ପୁରୀ କ୍ଷେତ୍ରରେ ସେମାନଙ୍କର ସମସ୍ତ ଉଦ୍ୟମ ବ୍ୟର୍ଥ ହୋଇ ଯାଇଥିଲା । ତେଣୁ ଆରମ୍ଭ ହେଲା ଜଗନ୍ନାଥଙ୍କ ନାମରେ କୁତ୍ସା ରଟନା । ପୁରୀ ସେମାନଙ୍କ ମତରେ ସୈତାନର ଦେଶ ବୋଲି ଧାରଣା ଦିଆଗଲା । ପୁରୀ ମନ୍ଦିରର ସେବା ପୂଜା ପାଇଁ ମରହଟ୍ଟା ଶାସକମାନଙ୍କୁ ଅନୁସରଣ କରି କମ୍ପାନୀ ସରକାର କିଛି ବାର୍ଷିକ ଅର୍ଥ ସାହାଯ୍ୟ କରୁଥିଲେ । ପାଦ୍ରୀମାନେ ଏହାଦ୍ୱାରା ପୌତ୍ତଳିକତାକୁ ପୃଷ୍ଠପୋଷକତା କରାଯାଉଛି ବୋଲି ଇଂଲଣ୍ଡରେ ପ୍ରଚାର କଲେ । ତେଣୁ କମ୍ପାନୀ ସରକାର ବାଧ୍ୟ ହୋଇ ଏହି ଅର୍ଥ ସାହାଯ୍ୟ ବନ୍ଦ କରିଦେଲେ ଏବଂ ସରକାରୀ ଅଫିସରମାନେ ମନ୍ଦିର ଦାୟିତ୍ୱ ବହନ ନ କରି ଖୋର୍ଦ୍ଧାରାଜାଙ୍କ ହସ୍ତରେ ଏହାର ପରିଚାଳନା ଭାର ନ୍ୟସ୍ତ କରାଯାଇଥିଲା ।(୧୦)

## ଶ୍ରୀଜଗନ୍ନାଥ ସଂସ୍କୃତିର ଜୟଯାତ୍ରା

ଇଂରେଜ ପାଦ୍ରୀମାନେ ଊନବିଂଶ ଶତାବ୍ଦୀରେ ଶ୍ରୀକ୍ଷେତ୍ରକୁ ସଇତାନର ଦେଶ ଏବଂ ଶ୍ରୀଜଗନ୍ନାଥ ପୂଜା ପୌରହିତ୍ୟ ଓ କୁସଂସ୍କାରର ଏକୀଭୂତ ଭୟଙ୍କର ପ୍ରକାଶ

ବୋଲି ଆଲୋଚନ କରିଥିଲେ । ଆଜି ବିଂଶ ଶତକର ଶେଷ ଭାଗରେ ଜଗନ୍ନାଥ–ସଂସ୍କୃତିର ମହାନ ବାର୍ତ୍ତା କେବଳ ହିନ୍ଦୁ ଭାରତରେ ସୀମିତ ହୋଇ ରହିନାହିଁ, ଏହା ପ୍ରସାରିତ ହୋଇ ଯାଇଛି ପୃଥିବୀର ପ୍ରତ୍ୟେକ ପ୍ରାନ୍ତକୁ । ଖ୍ରୀଷ୍ଟିୟାନ ଜଗତରେ ମଧ୍ୟ ଅସଂଖ୍ୟ ଆଗ୍ରହୀ ଉପାସକ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା କରି ପୂଜା ଆରାଧନା କରୁଛନ୍ତି ଏବଂ ମହାସମାରୋହରେ ରଥଯାତ୍ରା ଅନୁଷ୍ଠିତ ହେଉଛି । ବାସ୍ତବିକ ଶ୍ରୀଜଗନ୍ନାଥ ଯେ ଜଗତର ନାଥ, ନାନା ବର୍ଣ୍ଣ, ଜାତି ଓ ଗୋଷ୍ଠୀଙ୍କର ସେ ଆରାଧ୍ୟ ଦେବତା, ତାହା ଆଜି ପ୍ରମାଣିତ ହୋଇଯାଉଛି । ସେହି ଜଗନ୍ନାଥଙ୍କ ଅବସ୍ଥିତି ହେତୁ ଅନଗ୍ରସର ଓଡ଼ିଶା ବିଶ୍ୱସ୍ତରେ ଜାଣିବା ପାଇଁ ଜଗତବାସୀ ଆଗ୍ରହୀ ହେଉଅଛନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ଜନସାଧାରଣଙ୍କ ଦେବତା, ଜଗତବାସୀଙ୍କର ଆଶା ଭରସାର ସ୍ଥଳ । ନାନା ଦର୍ଶନ ଓ ବିଶ୍ୱାସର ଏକ ଚମତ୍କାର ରୂପାୟନ ହେଉଛନ୍ତି ପ୍ରଭୁ ଜଗନ୍ନାଥ । ସେଥିପାଇଁ ଅନନ୍ତକାଳ ଧରି ଆଶ୍ଚର୍ଯ୍ୟ ଓ ଭକ୍ତମାନଙ୍କ ନିକଟରେ ସେ ହୋଇଅଛନ୍ତି ଅପୂର୍ବ ଓ ରହସ୍ୟାବୃତ । (୧୧)

**ସହାୟକ ଗ୍ରନ୍ଥ ସୂଚୀ**

1. "Originally the shrine may have been either Buddhist or Jaina or Arimistic. There is certain non-Aryan element even now which admits of Sudra servitors, named Daitas, into the sacred most enclosure. Jain images were discovered by the writer on the right jamb of the Jagamohana in 1910 and 1911. But for the form of the Gods there is not the slightest trace of Buddhism anywhere inside the great temple." (History of Orissa-Vol. II--P. 371).

2. "Thus from the days of Anangabhima Deva, Jagannath became the 'Rastradevata', the presiding deity, the saviour, the protector of Utkal Rashtra". (Orissa Historical Research Journal-Special Volume--Part-II-P. 3.)

3. History and Culture of Orissa--Ed. M. N. Das-1977-P. 411,

୪ । କଟକ ଶ୍ରୀକ୍ଷେତ୍ର ମାଦଳା–ଅନୁଶୀଳନ କର– "ସମ୍ବାଦ"– ୪–୧୦–୧୯୯୨ ।

5. "Any interference with the religion of natives would eventually insure the total destrucion of the British Power"
(The Cambridge History of India-Vol. I-P.123)

6. Jagannath temple during early British rule--by Dr. Kishorimohan Patra--Orissa Review--July-1969.

7. "Jagannath, the lord of the world as the inspiring soul of all and the town of Puri or Puri Jagannath owes its importance entirely to its connection with the temple. This Mecca of Hindustan is resorted to by pilgrims from every quarter of India. It is, as is well known, the chief seat in Eastern India of Brahmunical power and the principal stronghold of Hindoo superstition".
(Orissa and Its Evangelization --by Amos Sutton-- 1850)

8. Orissa and Its Evangelization--Amos Sutton-1850--P.65-66.

9. I. B. I. D.--P.101

10. "From May 3, 1840, the collection of tax from pilgrims actually ceased in the temple of Jagannath. Thus ended one significant phase the British management of the temple. The Christian Government no longer played the role of Church Warden of a Hindu deity. (Jagannath temple during early British rule--by Dr. Kishori Mohan Patra-- Orissa Review--July-1969).

11. "He is not really so much a God for monks and Mahatmas as of the common man, and we shall see how He has allowed himself to slowly evolve entirely out of considerations for the common man's needs. And in this historic process of adjustments, Jagannath has assimilated strange contradictions age after age, in a manner that might appear as the most amazing in the history of religious thought of the whole Humanity".
(Jagannath, the splendid synthesis--by Dr. Mayadhar Mansingh--Orissa Review--June-1968).

---

ଅବସରପ୍ରାପ୍ତ ଅଧକ୍ଷ,
କେନ୍ଦୁଝର କଲୋନୀ, କନିକା ରୋଡ଼
କଟକ–୮

# ଶଙ୍କରାଚାର୍ଯ୍ୟ ଓ ଜୟଦେବଙ୍କ ରଚନାରୁ ଶ୍ରୀଜଗନ୍ନାଥ ତତ୍ତ୍ୱର ସୂତ୍ର

ଶ୍ରୀ ରଜତ କୁମାର କର

ଶ୍ରୀଜୟଦେବ ଗୀତଗୋବିନ୍ଦର ଦଶାବତାର ସ୍ତୋତ୍ରରେ ଶ୍ରୀକୃଷ୍ଣଙ୍କୁ ଅବତାର ଭାବେ ସ୍ତୁତି କରି ନାହାନ୍ତି। ଭଗବାନ କେଶବ ବିଭିନ୍ନ ଶରୀର ଧାରଣ କରିଛନ୍ତି। କେଶବ ଏଠି ବିଷ୍ଣୁ, ବିଷ୍ଣୁ ଏ ବିଷ୍ଣୁ କୃଷ୍ଣଙ୍କ ସଙ୍ଗେ ଏକୀଭୂତ। କୃଷ୍ଣ ଏଠି ଅବତାର ନୁହନ୍ତି। ସେ ଅବତାରୀ। ସର୍ବ ଅବତାର ତାଙ୍କଠାରୁ ସୃଷ୍ଟି ହୁଅନ୍ତି। ଶ୍ରୀଜଗନ୍ନାଥ, ଜଗଦୀଶ, କେଶବ ଓ କୃଷ୍ଣ ଏଠାରେ ଅଭେଦ ଭାବେ ପ୍ରକଟିତ ହୋଇଛନ୍ତି। କୃଷ୍ଣ ଅବତାରୀ ହୋଇଥିବାରୁ ତାଙ୍କୁ ଅବତାର ଭାବରେ ଗ୍ରହଣ କରା ନ ଯାଇ ବଳଭଦ୍ରଙ୍କୁ ଅବତାର ଭାବେ ସ୍ତୁତି କରାଯାଇଛି।

ଜୟଦେବ ଗଙ୍ଗବଂଶ ରାଜତ୍ୱକାଳୀନ କବି। ତେଣୁ ଗଙ୍ଗବଂଶ ସମୟକୁ ଅର୍ଥାତ୍ ଦ୍ୱାଦଶ ଶତାବ୍ଦୀରେ ଜଗନ୍ନାଥ ଶ୍ରୀକୃଷ୍ଣ ରୂପେ ପୂର୍ଣ୍ଣ ଭାବେ ରୂପାୟିତ ହୋଇଗଲେଣି। ଏହା କୃଷ୍ଣ-ବାସୁଦେବ-ବାଦର ପ୍ରଚାର ଓ ପରିପ୍ରସାରର ଫଳ। ପଞ୍ଚରାତ୍ର ବା ସାତ୍ୱତ ଧର୍ମର ପ୍ରଚାର ଫଳରେ ଯଦୁବଂଶ ବୀର ବାସୁଦେବ ସଙ୍କର୍ଷଣ ପୂର୍ଣ୍ଣମାତ୍ରାରେ ବିଷ୍ଣୁଙ୍କ ଦୁଇ ପ୍ରଧାନ ପରିପ୍ରକାଶ ବା ବ୍ୟୂହ ଭାବେ ପ୍ରଚଳିତ ହୋଇସାରିଲାଣି ଓ ଚତୁର୍ଦ୍ଦିଗରେ ପଞ୍ଚରାତ୍ର ବୈଷ୍ଣବ ଧର୍ମ ବା ସାତ୍ୱତ ଧର୍ମର ସଙ୍କର୍ଷଣ, ବାସୁଦେବ ଓ ଚତୁର୍ବ୍ୟୂହ ଜନମାନସ ସହ ବେଶ୍ ପରିଚିତ ହୋଇଗଲେଣି। ସାତ୍ୱତ ବା ଯଦୁବଂଶର ପାଞ୍ଚବୀର ପ୍ରସିଦ୍ଧି ଲାଭ କରି ପୂଜିତ ହେଉଥିଲେ। ଏମାନଙ୍କ ମଧ୍ୟରୁ ଶାମ୍ବ କିଛି ସମୟ ପରେ ବାଦ୍ ପଡ଼ିଗଲେ। ବାସୁଦେବ ସଙ୍କର୍ଷଣ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧ ଚତୁର୍ବ୍ୟୂହ ଭାବେ ପୂଜା ପାଇଲେ।

ଶେଷକୁ ରହିଲେ ସଙ୍କର୍ଷଣ ବା ବଳରାମ ଓ ବାସୁଦେବ ବା ଶ୍ରୀକୃଷ୍ଣ। କିଛି ସମୟ ପରେ ତାଙ୍କ ସାଙ୍ଗକୁ ଆସିଲେ ଏକାନଂଶୀ ବା ଦୁର୍ଗା। ଓଡ଼ିଶାରେ ପରେ ସେ ସୁଭଦ୍ରା ଭାବେ ପୂଜିତା ହେଲେ। ଗଙ୍ଗ ବଂଶର ରାଜୁତି ଥିବା ଦ୍ୱାଦଶ ଶତାବ୍ଦୀରେ ବାସୁଦେବ ସଙ୍କର୍ଷଣ ଚିନ୍ତନର ପ୍ରଭାବ ଜଗନ୍ନାଥଙ୍କ ଉପରେ ସୁସ୍ପଷ୍ଟ। ଏଠି ଜଗନ୍ନାଥ ସମ୍ପୂର୍ଣ୍ଣ ଭାବେ ବାସୁଦେବ କୃଷ୍ଣ। ସଙ୍କର୍ଷଣ ତାଙ୍କ ଅଂଶ ସ୍ୱରୂପ ଅବତାର। ତେଣୁ ଜୟଦେବ କୃଷ୍ଣଙ୍କୁ ଅଷ୍ଟମ ଅବତାର ନ କହି ବଳଦେବଙ୍କୁ ଅଷ୍ଟମ ଅବତାର ଭାବେ ସ୍ତୁତି କଲେ।

ବହସି ବପୁଷି ବିଶଦେ

ବସନଂଜଳଦାଭମ୍

ହଳହତିଭୀତି ମିଳିତ ଯମୁନାଭଂ

କେଶବ ଧୃତ ହଳଧର ରୂପ ଜୟ ଜଗଦୀଶ ହରେ।

ଜଗଦୀଶ ଏଠି ଜଗନ୍ନାଥ। ସେ ମଧ୍ୟ କେଶବ କୃଷ୍ଣ। ବହୁ ପରବର୍ତ୍ତୀକାଳରେ ଜଗନ୍ନାଥଙ୍କୁ ତୁଳସୀ ଦାସ ଜଗଦୀଶ ବୋଲି ସ୍ତୁତି କରିଛନ୍ତି।

ଜୟଦେବଙ୍କ ସମୟ ତଥା ଦ୍ୱାଦଶ ଶତାବ୍ଦୀର ଗଙ୍ଗ ରାଜତ୍ୱ ବେଳକୁ ଜଗଦୀଶ ଜଗନ୍ନାଥ ପଞ୍ଚରାତ୍ର ବୈଷ୍ଣବ ଚିନ୍ତାର ବାସୁଦେବ କୃଷ୍ଣରେ ପରିଣତ ହୋଇଗଲେଣି।

ପଞ୍ଚରାତ୍ର ବୈଷ୍ଣବୀୟ ଚିନ୍ତା ବା ସାତ୍ୱତ ବୈଷ୍ଣବ ଧାରା ଦକ୍ଷିଣଭାରତ ଦେଇ ଗଙ୍ଗବଂଶ ଜରିଆରେ ଓଡ଼ିଶାରେ ପଶିବା ପୂର୍ବରୁ ପଶ୍ଚିମ ଭାରତ ଦେଇ କୋଶଳର ପାଣ୍ଡୁବଂଶ ଓ ସେମାନଙ୍କ ଉତ୍ତରାଧିକାରୀ ସୋମବଂଶ ଜରିଆରେ ଓଡ଼ିଶାରେ ପ୍ରସାର ଲାଭ କରିଛି।

ଦକ୍ଷିଣ ଭାରତରୁ ଆସିଥିବା ମାଠର ବଂଶୀୟ ପ୍ରଭଞ୍ଜନ ବର୍ମାଙ୍କ ସମୟରେ ଭୁବନେଶ୍ୱରରେ ସଙ୍କର୍ଷଣ ବାସୁଦେବ ପୂଜା ଆରମ୍ଭ ହୋଇଥିବାର ସୂଚନା ମିଳୁଛି। ଭୁବନେଶ୍ୱରର ବିନ୍ଦୁ ସରୋବର ତୀରରେ ଥିବା ଅନନ୍ତ ବାସୁଦେବ ମୂର୍ତ୍ତି ପ୍ରାଚୀନ ସଙ୍କର୍ଷଣ ବାସୁଦେବ ଉପାସନାର ସ୍ପଷ୍ଟ ସୂଚନା ଦିଅନ୍ତି। ବର୍ତ୍ତମାନର ମାର୍ବଲ ଅନନ୍ତ ବାସୁଦେବ ମୂର୍ତ୍ତିର ପୂର୍ବରୁ ଥିବା ବାସୁଦେବ ସଙ୍କର୍ଷଣ ମୂର୍ତ୍ତି ରନ୍ଧନ ପରିବା ରହୁଥିବା ଏକ କ୍ଷୁଦ୍ର ମନ୍ଦିରରେ ଅବହେଳିତ ରୂପେ ରହିଛନ୍ତି। ସେମାନେ ସୋମବଂଶୀୟ କାଳୀନ ବୋଲି ପ୍ରତୀତ ହୁଅନ୍ତି।

ପାଣ୍ଡୁ ବଂଶୀୟ ତିବରଦେବ କିଛିକାଳ କଳିଙ୍ଗ ଅଧିକାର କରିଥିଲେ। ସେ ସୋମବଂଶୀଙ୍କ ପୂର୍ବଜ। ତାଙ୍କ ପିତାମହଙ୍କ ନାମ ଇନ୍ଦ୍ରବଳ। ସଙ୍କର୍ଷଣ ବାସୁଦେବ ଚିନ୍ତନ ପ୍ରଚାର କରି ସେ ଇନ୍ଦ୍ରଦ୍ୟୁମ୍ନ ଆଖ୍ୟା ପାଇ ଥାଇ ପାରନ୍ତି।

ମାଦଳାପାଞ୍ଜି ସୋମବଂଶୀ ଯଯାତି ଓ ଶଙ୍କରାଚାର୍ଯ୍ୟଙ୍କୁ ସମକାଳୀନ ଭାବେ ଉପସ୍ଥାପନା କରିଛି। ପୁରୀ ଧାମରେ ଜଗନ୍ନାଥଙ୍କୁ ନପାଇ ଶଙ୍କରାଚାର୍ଯ୍ୟ ଯଯାତିଙ୍କୁ ଏହାର କାରଣ ପଚାରିଛନ୍ତି। ଦେଢ଼ଶହ ବର୍ଷତଳୁ ସୋନପୁରରେ ପାତାଳି ହୋଇଥିବା ଜଗନ୍ନାଥଙ୍କୁ ଉଦ୍ଧାର କରି ଆଣିବାକୁ ଶଙ୍କରାଚାର୍ଯ୍ୟ ଭୂ-ଗର୍ଭରେ ଥିବା ବୃକ୍ଷ ସାହାଯ୍ୟରେ ପୁଣି ଜଗନ୍ନାଥଙ୍କୁ ପ୍ରତିଷ୍ଠା କରିଛନ୍ତି ଓ ଯଯାତି ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଆଖ୍ୟା ପାଇଛନ୍ତି।

ଏହାର ଭିତ୍ତିରେ କେତେକ ଗବେଷକ ସୂଚାଉଛନ୍ତି ଯେ ଶଙ୍କରଙ୍କ ଆଦେଶରେ ନେପାଳରୁ ବଳଭଦ୍ର ଓ ସୁଭଦ୍ରାଙ୍କ ପାଇଁ ମଧ୍ୟ ଶାଳଗ୍ରାମ ଅଣାଗଲା।

ଏହାର ଐତିହାସିକ ଭିତ୍ତି କ'ଣ ? ସ୍ୱର୍ଗତ ପଣ୍ଡିତ ସଦାଶିବ ରଥ ଶର୍ମା ଯାଜପୁରରୁ ପ୍ରାପ୍ତ କିନ୍ତୁ ପରେ ଅବଲୁପ୍ତ ଏକ ପୋଥିରେ ଦେଖିଥିବା ଶଙ୍କର ଓ ଇନ୍ଦ୍ରଦେବଙ୍କ କଥୋପକଥନ କଥା ଉଲ୍ଲେଖ କରିଛନ୍ତି ।

କିନ୍ତୁ ଇନ୍ଦ୍ରଦେବଙ୍କ ବହୁ ପୂର୍ବରୁ ଶଙ୍କରଙ୍କ ଉତ୍କଳ ଆଗମନ ହୋଇଛି । ଶଙ୍କରଙ୍କ ଜନ୍ମ ୭୮୮ ଖ୍ରୀଷ୍ଟାବ୍ଦରେ ଓ ଦେହାନ୍ତ ୮୨୦ ଖ୍ରୀଷ୍ଟାବ୍ଦରେ ।

ଇନ୍ଦ୍ରଦେବଙ୍କ ରାଜତ୍ୱକାଳ ୮୫୦ ଖ୍ରୀଷ୍ଟାବ୍ଦରୁ ୮୮୫ ଖ୍ରୀଷ୍ଟାବ୍ଦ ଓ ଯଯାତିଙ୍କ କାଳ ୮୫୫ ଖ୍ରୀଷ୍ଟାବ୍ଦରୁ ୯୨୦ ଖ୍ରୀଷ୍ଟାବ୍ଦ ।

ଏ ଦୁଇଜଣଙ୍କ ମଧ୍ୟରୁ କାହା ସମୟରେ ମଧ୍ୟ ଶଙ୍କରାଚାର୍ଯ୍ୟ ଆସି ନ ପାରନ୍ତି । ଉତ୍କଳର ମାଦଳା ପାଞ୍ଜି ଓ ଲୋକ ମୁଖ କାହାଣୀକୁ ଭିତ୍ତି କରି ଏ ପର୍ଯ୍ୟନ୍ତ ଯାହା କୁହା ହୋଇ ଆସିଛି ତାହାକୁ ଇତିହାସ କିଞ୍ଚିତ ହେଲେ ସମର୍ଥନ ଦେଉନାହିଁ ।

ଶଙ୍କର ଆସିବାବେଳକୁ ଭୌମକର ରାଜବଂଶର ଶାସନ ପ୍ରତିଷ୍ଠିତଥିଲା ଉତ୍ତରଦେଶ ବା ତୋଷାଳିରେ । ଏହି ସମୟରେ ଏ ବଂଶର ରାଜା ଥିଲେ ୧ମ ଶୁଭକର ଦେବ । ଏ ଜଣେ ବିଶିଷ୍ଟ ବୌଦ୍ଧ ରଜା ଥିଲେ ଓ ଚୀନ ଶାସକଙ୍କ ପାଖକୁ ଖ୍ରୀଷ୍ଟାବ୍ଦ ୭୯୫ରେ ବୌଦ୍ଧ ସମ୍ବନ୍ଧୀୟ ପୋଥି ପଠାଇଥିଲେ ।

ଜୀବନର ଶେଷ ପ୍ରାନ୍ତରେ ପୁରୀ ପଦାର୍ପଣ କରିଥାଇ ପାରନ୍ତି ବୋଲି ଅନୁମାନ କଲେ ଶ୍ରୀଶଙ୍କର ଖ୍ରୀଷ୍ଟାବ୍ଦ ୮୧୫ ଓ ୮୧୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ଜଗନ୍ନାଥ ଦର୍ଶନ କରିଥିବେ । ସେତେବେଳେ ୨ୟ ଶୁଭାକରଙ୍କର ପୁତ୍ର ୨ୟ ଶାନ୍ତିକରଙ୍କ ରାଜୁତି । ସେ ହିନ୍ଦୁ ଧର୍ମ ପ୍ରତି ସମ୍ମାନ କରି ବହୁ ବ୍ରାହ୍ମଣଙ୍କୁ ଦାନ କରିଛନ୍ତି । ତାଙ୍କ ରାଣୀ ମୋହିନୀ ଦେବୀ ଭୁବନେଶ୍ୱରର ମୋହିନୀ ମନ୍ଦିର ନିର୍ମାଣ କରାଇଥିଲେ । ହିନ୍ଦୁଧର୍ମ ପ୍ରତି ସହାନୁଭୂତି ଓ ସମ୍ମାନ ପ୍ରଦର୍ଶନ କରୁଥିବା ଏକ ରାଜାଙ୍କ କାଳରେ ଶଙ୍କରାଚାର୍ଯ୍ୟଙ୍କ ପୁରୀ ଆଗମନ ଏକ ବିଚିତ୍ର ଘଟଣା ।

ସେ ବହୁ ବୌଦ୍ଧଙ୍କୁ ପରାସ୍ତ କରି ମଧ୍ୟ ତାଙ୍କ ଦଶାବତାର ଧ୍ୟାନରେ ବିଷ୍ଣୁଙ୍କ ଅବତାର ଭାବେ ବୁଦ୍ଧଙ୍କୁ ଗ୍ରହଣ କରି ସ୍ତୁତି କରିଛନ୍ତି । "ଯ ଆସ୍ତେ କଣ୍ଠେ ଯୋଗିନାଂ ବନ୍ଦନୀୟ" ବୁଦ୍ଧଙ୍କ ସପକ୍ଷରେ ତାଙ୍କର ଏଭଳି ସମ୍ମାନ ସୂଚକ ଉକ୍ତି ବୌଦ୍ଧ ରାଜାଙ୍କୁ ଆନନ୍ଦ ଦେଇଥିବ ଓ ତାଙ୍କୁ ଜଗନ୍ନାଥଙ୍କ ମନ୍ଦିରରେ ପ୍ରାର୍ଥନା କରିବା ସୁଯୋଗ ମିଳିଥିଲା । ଶଙ୍କରାଚାର୍ଯ୍ୟଙ୍କ ପ୍ରତ୍ୟାବର୍ତ୍ତନ ପରେ ରାଷ୍ଟ୍ରକୂଟ ବଂଶୀୟ ଦକ୍ଷିଣର ଗୋବିନ୍ଦ ଦେବ ବା ପାଳବଂଶୀ ଦେବପାଳଙ୍କ ଆକ୍ରମଣ ହେତୁ ଜଗନ୍ନାଥଙ୍କୁ ହୁଏତ ସୋନପୁରରେ ପାତାଳି କରାଯାଇଥିବ ଓ ପରେ ଯଯାତି ତାଙ୍କୁ ଉଦ୍ଧାର କରିଥିବେ ।

କିନ୍ତୁ ହିନ୍ଦୁରାଜାଙ୍କ ଆକ୍ରମଣରେ ବୌଦ୍ଧରାଜା ହିନ୍ଦୁ ଦେବତା ଜଗନ୍ନାଥଙ୍କୁ ନେଇ ସୋନପୁର ପଳେଇବା କାରଣ କ'ଣ ହୋଇପାରେ ?

ରାଜା ପ୍ରବାସୀ ହେବାରେ ତାଙ୍କ ଇଷ୍ଟଦେବଙ୍କୁ ମଧ୍ୟ ସାଙ୍ଗରେ ନେବାକୁ ଇଚ୍ଛା କରିଥିବେ ।

ଶଙ୍କରାଚାର୍ଯ୍ୟଙ୍କ ବୁଦ୍ଧ ବନ୍ଦନାରୁ ଜଣାପଡ଼େ ସେ ହୀନଯାନପନ୍ଥୀ ବୌଦ୍ଧଙ୍କର ସେ ହିଁ ଶୁଦ୍ଧୋଦନ ପୁତ୍ର ତଥା ବିଷ୍ଣୁଙ୍କ ନବମ ଅବତାର । ବ୍ରହ୍ମବାଦୀ ଶଙ୍କରଙ୍କ ପ୍ରଭାବରେ ଜଗନ୍ନାଥ ଯେଉଁ ବେଦାନ୍ତ ବର୍ଣ୍ଣିତ ମହାଶୂନ୍ୟ ଜ୍ୟୋତି ସ୍ୱରୂପ ପ୍ରଣବ ବିଗ୍ରହ ରୂପେ ପ୍ରତିଷ୍ଠିତ ହେବା ପରେ ମହାଯାନୀମାନେ ତାଙ୍କୁ ସର୍ବବୁଦ୍ଧମୟ ଆଦିବୁଦ୍ଧ ଜଗନ୍ନାଥ ତଥା ମହାଶୂନ୍ୟ ବୋଲି ମାନିଲେ । ମହାଯାନବାଦୀ ରାଜା ଜଗନ୍ନାଥଙ୍କୁ ଇଷ୍ଟ ଭାବେ ସାଙ୍ଗରେ ନେଇ ପାତାଳି କରିବା ଏହି ଦୃଷ୍ଟିରୁ ଯଥାର୍ଥ ହୋଇପାରେ ।

ହୁଏନ୍‌ସାଂଙ୍କ ବର୍ଣ୍ଣନାରେ ପୁରୀରେ ପାଞ୍ଚ ଗୋଟି ବୌଦ୍ଧସ୍ତୂପ ଥିଲା । ଗୋଟିଏ ସ୍ତୂପ ହୁଏତ ଥିଲା ନୀଳାଚଳରେ ଯେଉଁଥିରେ ଥିବେ ଶଙ୍କରଙ୍କ ବର୍ଣ୍ଣିତ ବୁଦ୍ଧ ମୂର୍ତ୍ତି :-

ଧରାବଦ୍ଧ ପଦ୍ମାସନ ସ୍ଥାଂଘ୍ରି ଯଷ୍ଟି
ନିୟମ୍ୟାନିଳଂ ନ୍ୟସ୍ତ ନାସାଗ୍ର ଦୃଷ୍ଟିଃ

ଏହି ବର୍ଣ୍ଣନାର ବିରାଟ ବୁଦ୍ଧ ମୂର୍ତ୍ତି ଇନ୍ଦ୍ର ରୂପେ ପରିଚିତ ହୋଇ ଶ୍ରୀମନ୍ଦିର ପରିସରର ଏକ କ୍ଷୁଦ୍ର ମନ୍ଦିରରେ ଥିଲେ ଓ ବର୍ତ୍ତମାନ ତାଙ୍କରି ଉପରେ କୋଣାର୍କରୁ ଆସିଥିବା ସୂର୍ଯ୍ୟ ମୂର୍ତ୍ତିଙ୍କୁ ସ୍ଥାପନା କରାଯାଇଛି ।

ଶଙ୍କରାଚାର୍ଯ୍ୟଙ୍କ ସମୟରେ ଜଗନ୍ନାଥ ଶଙ୍କର ମଠାମ୍ନାୟ ଅନୁସାରେ "ସତ୍ୟ ସାଙ୍କେତ ବିଗ୍ରହ" ବା ବ୍ରହ୍ମ ପ୍ରତୀକ ମୂର୍ତ୍ତି । ସେ ପ୍ରଣବ ବିଗ୍ରହ ଶଙ୍କରାଚାର୍ଯ୍ୟ ତାଙ୍କୁ ନୃସିଂହ ମନ୍ତ୍ରରେ ପୂଜା କରିଛନ୍ତି ଓ ତାଙ୍କଠାରେ ପ୍ରକୃତି ପୁରୁଷ ଲକ୍ଷ୍ମୀ ନୃସିଂହଙ୍କୁ ଦର୍ଶନ କରିଛନ୍ତି ।

"ଲକ୍ଷ୍ମୀ ନୃସିଂହଂ ଦେହି କରାବଲମ୍ବ" ପ୍ରାର୍ଥନା କରି ଶଙ୍କର ସେହି ପ୍ରକୃତି ପୁରୁଷର ମିଳିତ ବିଗ୍ରହ ଅର୍ଦ୍ଧନାରୀଶ୍ୱର ଜଗନ୍ନାଥଙ୍କ ସ୍ୱରୂପ ଚିନ୍ତନ କରିଛନ୍ତି । ଲକ୍ଷ୍ମୀ ମନ୍ଦିର ସମ୍ମୁଖରେ ଥିବା ଲକ୍ଷ୍ମୀ ନୃସିଂହଙ୍କ ପାଦଦେଶରେ ଶଙ୍କରଙ୍କ ମୂର୍ତ୍ତି ଏହାର ସୂଚନା ଦିଏ ।

ଶ୍ରୀଶଙ୍କରଙ୍କ ଦଶାବତାର ଶ୍ଳୋକରେ ଚକ୍ରୀ ବା କୃଷ୍ଣ ଏକ ଅବତାର ମାତ୍ର ।

ଜଗନ୍ନାଥ ଶଙ୍କରଙ୍କ ଦୃଷ୍ଟିରେ ମହାବିଷ୍ଣୁ ଶେଷଶାୟୀ ଆଦି ନୃସିଂହ ଓ ପରମବ୍ରହ୍ମ । ସେତେବେଳକୁ କୃଷ୍ଣ ବାସୁଦେବବାଦ ଅଗ୍ରସର ହୋଇନାହିଁ । ଶଙ୍କର କହନ୍ତି–

ଆସୀନଂ କମଳାସନେ କମଳୟା
ବକ୍ଷଃସ୍ଥଳୀ ପୀନୟା

ପଦ୍ମାସନରେ ଆସୀନ ବିଷ୍ଣୁ ନରସିଂହ ବକ୍ଷରେ ଲକ୍ଷ୍ମୀଙ୍କୁ ଧରିଛନ୍ତି । ତାଙ୍କ ଦୃଷ୍ଟିରେ ଲକ୍ଷ୍ମୀ ନୃସିଂହ ନିମ୍ନମତେ–

ବ୍ରହ୍ମେନ୍ଦ୍ର ରୁଦ୍ର ମରୁଦର୍କ କିରୀଟ କୋଟି
ସଂଘଟ୍ଟିତାଂଘ୍ରି କମଳା ମଳକାନ୍ତି କାନ୍ତେ

ଅର୍ଥାତ୍ ବ୍ରହ୍ମା, ରୁଦ୍ର, ମରୁତ, ସୂର୍ଯ୍ୟଙ୍କ ମୁକୁଟ ତାଙ୍କ ପାଦପଦ୍ମରେ ସୁଶୋଭିତ । ଆଦିବିଷ୍ଣୁ, ଆଦିପୁରୁଷ ଜଗନ୍ନାଥ । ସେ ଦେବକୀ ନନ୍ଦନ ସାତ୍ୱତ ବଂଶୀୟ ଶ୍ରୀକୃଷ୍ଣ ନୁହନ୍ତି ।

ତାଙ୍କୁ ଜଗନ୍ନାଥାଷ୍ଟକର ରଚୟିତା କହି ତାଙ୍କ ଲେଖନୀରୁ ନିମ୍ନ ପଂକ୍ତି ବାହାରିଛି ବୋଲି କୁହାଯାଉଛି–

"ରସାନନ୍ଦୋ ରାଧା ସରସ ବପୁରାଲିଙ୍ଗନ ସୁଖୋ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ"

ରସମୟୀ ରାଧାଙ୍କ ଆଲିଙ୍ଗନ ସୁଖୀ ଶ୍ରୀକୃଷ୍ଣ ଚିନ୍ତନ ସେତେବେଳକୁ ଜନପ୍ରିୟ ହୋଇ ନାହିଁ। ତେଣୁ ଏ ଗୀତ ଶଙ୍କରାଚାର୍ଯ୍ୟ ଲେଖି ନ ପାରନ୍ତି। ତାଙ୍କ ଚିନ୍ତନର ଜଗନ୍ନାଥ ଶେଷଶାୟୀ ବିଷ୍ଣୁ ପୁରୁଷୋତ୍ତମ ଯାହାଙ୍କୁ ମାଧବ ବିଷ୍ଣୁ ମଧ କୁହା ଯାଇ ପାରେ। କ୍ଷର ଓ ଅକ୍ଷର ସତ୍ତାର ଊର୍ଦ୍ଧ୍ୱରେ ଗୀତା ବର୍ଣ୍ଣିତ ପୁରୁଷୋତ୍ତମ ସତ୍ତା ହୁଏତ ଶଙ୍କର ପରଯୁଗରେ ମହାଯାନ ଚିନ୍ତାର ଆଦିବୁଦ୍ଧ ଜଗନ୍ନାଥ ହେଲେ।

ସୋମବଂଶୀ ଯୁଗରେ କୃଷ୍ଣ ବାସୁଦେବବାଦର ଧୀର ପ୍ରସାର ପରେ ଜୟଦେବକାଳୀନ ଗଙ୍ଗ ରାଜୁତିକାଳରେ ସେ ନନ୍ଦ ସୁତ କେଶବ ବା କୃଷ୍ଣ ବିଷ୍ଣୁରେ ପରିଣତ ହେଲେ।

ଶ୍ରୀଚୈତନ୍ୟକାଳୀନ ସୂର୍ଯ୍ୟବଂଶୀ ଶାସନରେ ସେ ପଞ୍ଚସଖାଙ୍କ ଚିନ୍ତନରେ ରାଧାକୃଷ୍ଣ ମିଳିତ ବିଗ୍ରହ ଭାବେ ପ୍ରତିଭାତ ହେଲେ ହେଁ ପରବର୍ତ୍ତୀକାଳରେ କୃଷ୍ଣ ବାସୁଦେବ ଭାବେ ଜନମାନସରେ ରହିଗଲେ। ତାଙ୍କ ଦ୍ୱିତୀୟ ଶରୀର ବଳଭଦ୍ର ଆଉ ବଳରାମ ହେଲେ ଓ ଶକ୍ତି ସ୍ୱରୂପିଣୀ ଦୁର୍ଗା ଭଗିନୀ ସୁଭଦ୍ରା ହୋଇଗଲେ। ଭୌମ ରାଜୁତି ସମୟରେ ଧର୍ମୀୟ ସହାବସ୍ଥାନ ଶୀର୍ଷତ୍ୱ ଲାଭ କରିଥିଲା। କେଶରୀ ବଂଶ କାଳରେ ପୁଣି ସଂକୀର୍ଣ୍ଣତା ପ୍ରବେଶ କରି ଶୈବ ମତବାଦ ଉଗ୍ରରୂପ ନେଇଥିଲା। ଗଙ୍ଗ ଯୁଗରେ ପୁଣି ସମନ୍ୱୟର ଆରମ୍ଭ ହୋଇଥିଲା।ଜଗନ୍ନାଥ ଏହି ସମନ୍ୱୟବାଦର ମହାନ ପ୍ରତୀକ ହୋଇଥିଲେ।

ବୌଦ୍ଧ ଧର୍ମାବଲମ୍ବୀ ଭୌମଙ୍କ କାଳରେ ଶଙ୍କର ଜଗନ୍ନାଥଙ୍କ ଅବତାର ଭାବେ ଯୋଗୀନ୍ଦ୍ର ଚକ୍ରବର୍ତ୍ତୀ ବୁଦ୍ଧଙ୍କୁ ବର୍ଣ୍ଣନା କରିବା ପରେ ବୁଦ୍ଧ ଧର୍ମର ଅନ୍ୟ ପନ୍ଥୀ ତାନ୍ତ୍ରିକ ମହାଯାନି ଓ ବଜ୍ରଯାନିଙ୍କ ପାଇଁ ଜଗନ୍ନାଥଙ୍କୁ ଶୂନ୍ୟ ପୁରୁଷ ଆଦିବୁଦ୍ଧ ବୋଲି ଗ୍ରହଣ କରିବା ପାଇଁ ରାସ୍ତା ପରିଷ୍କାର ହୋଇଗଲା। ବୁଦ୍ଧ ଭାବେ ଜଗନ୍ନାଥଙ୍କ ଉପାସନା ଶୂନ୍ୟପୁରୁଷ ଆଦିବୁଦ୍ଧ ଜଗନ୍ନାଥ କଳ୍ପନାକୁ ପୁଷ୍ଟ କରିଦେଲା।

ଶାକ୍ତ ମତବାଦୀ ଭୌମ ରାଣୀ ମୋହିନୀ ମାତା ସୁଭଦ୍ରାଙ୍କଠାରେ ଆଦିଶକ୍ତି ଦୁର୍ଗାଙ୍କୁ ଦେଖିଲେ ଓ ବଳଦେବଙ୍କ ନ୍ୟାସରେ ଶିବଙ୍କ ଶ୍ରୀକଣ୍ଠ ନ୍ୟାସ ରହି ସେ ପରମ ଶିବରେ ପରିଣତ ହେଲେ। ପରମ ଶିବ, ପରମ ବିଷ୍ଣୁ ଓ ପରମା ଶକ୍ତି ଏକୀଭୂତ ହେଲେ ଶଙ୍କରଙ୍କ ଜଗନ୍ନାଥ ଅର୍ଚ୍ଚନାରେ।

---

ଏନ୍‌-୧/୧୮୩, ନୂଆପଲ୍ଲୀ,
ଭୁବନେଶ୍ୱର

## ଅର୍ଦ୍ଧାଶନୀ ଦେବୀ (ମାଉସୀ ମା ମନ୍ଦିର)

ମହାପ୍ରଳୟ କାଳରେ ଅର୍ଦ୍ଧାଂଶ ଜଳ ଲୋକରକ୍ଷାର୍ଥେ ସ୍ୱୀୟ ଶକ୍ତି ବଳରେ ପାନ କରିଥିବାରୁ ଏହାଙ୍କୁ ଅର୍ଦ୍ଧାଶନୀ ବୋଲି କହନ୍ତି। ବଡଦାଣ୍ଡର ମଧ୍ୟ ଭାଗରେ ଦକ୍ଷିଣକୁ ଏ ମନ୍ଦିର ବିଦ୍ୟମାନ। ରଥଯାତ୍ରା ସମୟରେ ତିନିଠାକୁରଙ୍କୁ ଏଠାରେ ଦେବୀଙ୍କ ପ୍ରସ୍ତୁତ ପୋଡପିଠା ଭୋଗ କରାଯାଏ। ମାଉସୀ ମାଆଙ୍କ ଘରେ କିଛି ସମୟ ପାଇଁ ରଥସ୍ଥ ତିନିଠାକୁରଙ୍କୁ ବିଶ୍ରାମ ଦେବାର ପ୍ରଥା ରହିଛି।

## ଶ୍ରୀ ଶ୍ୟାମାକାଳୀ

ଶ୍ରୀକ୍ଷେତ୍ରର ବାଲିସାହିରେ ପ୍ରତିଷ୍ଠିତ ଅଷ୍ଟଶମ୍ଭୁ ମହାଦେବ ମନ୍ଦିରକୁ ଲାଗି ଗଜପତିଙ୍କ ଇଷ୍ଟଦେବୀ ଶ୍ୟାମାକାଳୀ ତନ୍ତ୍ରୋକ୍ତ ବିଧିରେ ପ୍ରତିଷ୍ଠିତା - ମାତ୍ର ମାଆ ଶ୍ୟାମାକାଳୀ କାଳୀ ବିଗ୍ରହର ବ୍ୟତିକ୍ରମ। କାରଣ ଏଥିରେ ଭୟଙ୍କରତାର ଚିହ୍ନ ନାହିଁ ବରଂ ଶୃଙ୍ଗାର ରୂପର ପରିକଳ୍ପନା ଏହାର ପଶ୍ଚାଦ୍ ଭାଗରେ ରହିଥିବା ଅନୁମାନ କରାଯାଏ। ବିଗ୍ରହର ନିମ୍ନଭାଗରେ ଶାୟିତ ଶିବଙ୍କର ଲିଙ୍ଗ ମାଆଙ୍କର ଯୋନି ସହ ସଂଯୋଜିତ ହୋଇଛି।

ମହାଶ୍ମଶାନ କାଳୀର ପ୍ରତୀକ ସ୍ୱରୂପ ମୂର୍ତ୍ତିର ପୃଷ୍ଠଭାଗରେ ଥିବା ସମାନ ଉଚ୍ଚତା ବିଶିଷ୍ଟ ପ୍ରସ୍ତର ପ୍ରଭାରେ ଶ୍ୱାନ, ଶୃଗାଳ, ଶାଗୁଣା ଓ କୁଆର ରୂପମାନ ଖୋଦିତ ହୋଇଛି। ଚତୁର୍ଭୁଜାମାତାଙ୍କର ବାମପାର୍ଶ୍ୱସ୍ଥ ନିମ୍ନ ହସ୍ତରେ ମଣିଷ ମୁଣ୍ଡ ଓ ସେହି ପାର୍ଶ୍ୱର ଊର୍ଦ୍ଧ୍ୱହସ୍ତ ଉନ୍ମୁକ୍ତ ଭାବରେ ଉପରକୁ ଲମ୍ବିତ ହୋଇ ରହିଥିବାରୁ ଜଣାପଡ଼େ ଯେ ମାତା ଯେପରି ଏକ ପକ୍ଷରେ ଦୁଷ୍ଟ ସଂହାରକାରିଣୀ, ଅନ୍ୟପକ୍ଷରେ ଅନୁଗତ ଭକ୍ତମାନଙ୍କୁ ଅଭୟ ଓ ବରଦେବାକୁ ସର୍ବଦା ପ୍ରସ୍ତୁତ। ଏହି ଶ୍ୟାମାକାଳୀଙ୍କର ପ୍ରତିଷ୍ଠା ଗଙ୍ଗବଂଶ ରାଜତ୍ୱ କାଳରୁ ହୋଇଥିବାର ଅନୁମାନ କରାଯାଏ।



# ଜଗନ୍ନାଥ ଚେତନାରେ ବିଶ୍ୱ-ଭାବନା

ଡକ୍ଟର ବାସୁଦେବ ଦାସ

ଏ ବିଶ୍ୱ ଥିଲା ମହାଶୂନ୍ୟ। କ୍ରମେ ଶୂନ୍ୟରୂପେ ହେଲା ବିନ୍ଦୁ। ତେଣୁପରେ ଅର୍ଦ୍ଧମାତ୍ରା ଓ ତାହାର ଅନ୍ୟାନ୍ୟ ଅଂଶ, ଦଣ୍ଡକ, ତାରକ କୁଣ୍ଡଳୀ ପ୍ରସ୍ତୁତିହେଲା। ଶ୍ରୀଜଗନ୍ନାଥ ତତ୍ତ୍ୱରେ ଏହି ଓଁକାରର ପଞ୍ଚତତ୍ତ୍ୱକୁ ଓଡ଼ିଶାର ଧର୍ମ ପରମ୍ପରା ଗ୍ରହଣ କରି ସାରିଛି। ବିଶେଷକରି ପଞ୍ଚସଖା ଜନ୍ତକବି ଗଣ ଶ୍ରୀଜଗନ୍ନାଥଙ୍କୁ ପୂର୍ଣ୍ଣବ୍ରହ୍ମ ବା ସୃଷ୍ଟିକର୍ତ୍ତା ଭାବେ ବିଚାର କରି ଆସିଛନ୍ତି। ତେଣୁ ବିନ୍ଦୁବ୍ରହ୍ମ, ଶବ୍ଦବ୍ରହ୍ମ ଓ ନାମବ୍ରହ୍ମଙ୍କର ସୃଷ୍ଟି ହୋଇଛି। ନାମବ୍ରହ୍ମ ହେଉଛି ଓଁକାର ରୂପୀ ବ୍ରହ୍ମ। ବଳରାମ ଦାସଙ୍କ ଉକ୍ତିରେ ଏହି ଧାରଣା ସଷ୍ଟ ହୋଇଥାଏ –

"ପ୍ରକୃତ ମୋର ରୂପ ନାହିଁ, ଅରୂପ ବ୍ରହ୍ମ ମୁଁ ବୋଲାଇ
ଅରୂପୁ ରୂପବନ୍ତ ହେଇ, ନାମ ସ୍ୱରୂପ ବିହରଇ"

ଶାବର ପୂଜିତ ଦେବତା କାଳକ୍ରମେ ବୈଦିକ ଚିନ୍ତନରେ ଅଭିନନ୍ଦିତ ଓ ଅଭିମଣ୍ଡିତ ହୋଇ ଓଁ କାର ବା ପ୍ରଣବାର ତତ୍ତ୍ୱରେ ରୂପାୟିତ ହୁଅନ୍ତି–ଅ–ଜଗନ୍ନାଥ, ଉ–ବଳଭଦ୍ର, ମ–ସୁଭଦ୍ରା, ଓଁ କାର ତ୍ରିବିଧ–ତ୍ରିମୂର୍ତ୍ତିରେ ରୂପାୟିତ ହେଲେ।

ପୁନଶ୍ଚ ଓଁ କାର ମଧ୍ୟରେ ଥିବା ଅ ଉ ମ ସ୍ୱର ସହିତ ହରେ ରାମ କୃଷ୍ଣ ପୁଣି ବ୍ରହ୍ମା ବିଷ୍ଣୁ ଶିବଙ୍କୁ ସମାନ କରାଯାଇଅଛି। ପୂର୍ବରୁ ଆଦିକବି ଶାରଳା ଦାସ ଜଗନ୍ନାଥଙ୍କୁ–'ନୀଳ କନ୍ଦରେ ପୂଜା ପାଇବୁ ବଉଧ ରୂପେଣ' ବୋଲି ଘୋଷଣା କରି ସାରିଛନ୍ତି।ଜଗନ୍ନାଥ ବର୍ଣ୍ଣନାରେ ଏହାଙ୍କୁ ବୁଦ୍ଧ ବା ଜ୍ଞାନାବତାର ଭାବରେ ଗ୍ରହଣ କରାଯାଏ। ଶ୍ୱେତ, କୁଙ୍କୁମ ଓ ନୀଳ ବର୍ଣ୍ଣର ଜ୍ୟୋତି ଆଧାରେ ବିକଶିତ ଏହି ତ୍ରିମୂର୍ତ୍ତି–ବଳରାମ, ଜଗନ୍ନାଥ ଓ ସୁଭଦ୍ରା। ତୀର୍ଥ ସ୍ଥାପନର ଏକ କିମ୍ବଦନ୍ତୀ ଏଠାରେ ଉଲ୍ଲେଖ କରା ଯାଇପାରେ–ବିଷ୍ଣୁ ବ୍ରହ୍ମାଣ୍ଡ ଭ୍ରମଣ କରି ଆସି ସମୁଦ୍ର କୂଳରେ ପହଁଚି ଯାଇଥାନ୍ତି। ସେ ଏ ସ୍ଥାନର ପବିତ୍ରତା, ଶାନ୍ତ ଶୀତଳ ଶୀକର ବାୟୁ ସେବନ କରି ବୈକୁଣ୍ଠଠାରୁ ଏହାକୁ ଶ୍ରେଷ୍ଠ ମନେକରି ସମସ୍ତ ଦେବତାଙ୍କୁ ଡକାଇ ଦେଲେ। ଗରୁଡ଼ ଆମନ୍ତ୍ରଣ ନେଇ ସ୍ୱର୍ଗର ଦେବତାମାନଙ୍କୁ ଆଣି ଏଠାରେ ରଖାଇଲେ ଏବଂ କହିଲେ–

ବିହରି ଲଳିତ କଳା କଳ୍ପନା ମାଧୁରୀ
ବିହିବ ଉତ୍କଳ ନାମ ଭାରତ ବିସ୍ତାରି
ବ୍ରହ୍ମ ବୋଲାଇବ ଦାରୁ ପାଷାଣ ନିକର
ବିଗ୍ରହରେ ମୁଁ ସନାତନ ନାଶିବି କଳୁଷ॥

ପରମ ବ୍ରହ୍ମ ନାରାୟଣ ଏଠାରେ ନିଜେ ବ୍ରହ୍ମ–ଦାରୁ ସ୍ୱରୂପ ରହିବାକୁ ଇଚ୍ଛା ପ୍ରକାଶ କରି ଶଙ୍ଖକ୍ଷେତ୍ରରେ ନୀଳାଚଳବାସୀ ହେଲେ। ତାଙ୍କୁହିଁ କେନ୍ଦ୍ରକରି ନାନା ତତ୍ତ୍ୱ ଓ ଦର୍ଶନ ସୃଷ୍ଟି କରାଯାଇଛି। 'ବାସୁଦେବ କୃଷ୍ଣଙ୍କୁ ଜଗନ୍ନା
ସଂକର୍ଷଣରୂପୀ ଶିବଙ୍କୁ ବଳଦେବ, ପ୍ରଜାପତି ବ୍ରହ୍ମାଙ୍କୁ ସୁଭଦ୍ରା ଓ କାଳଚ
ସୁଦର୍ଶନ ରୂପେ କଳ୍ପନା କରାଯାଇ ଜଗନ୍ନାଥ ସଂସ୍କୃତି ବିକଶିତ
ହୋଇଅଛି।

ସୁଭଦ୍ରା ଅନାଦି ମାତାଙ୍କର ଗୁଣ ଘେନି ସ୍ତ୍ରୀଲିଙ୍ଗ ବହନ କଲେହେଁ ଏ
'ଭଗିନୀ ସ୍ତ୍ରୀ ପ୍ରବର୍ତ୍ତିକା' ସ୍ୱୀକୃତ ହେଲେ ମଧ୍ୟ ସେ ହେଉଛନ୍ତି ଜଗତ ପି
ବ୍ରହ୍ମା। ତାଙ୍କ ନିକଟରେ ସୁଦର୍ଶନ କାଳଚକ୍ର ସ୍ୱରୂପ। ଓଁ କାର ଅର୍ଦ୍ଧମାତ୍ରା
ଯୋଗ କରୁଥିବା ସରଳରେଖାକୁ ବଜ୍ରକୀଳ ବା ଜ୍ୟୋତିର୍ଲିଙ୍ଗ କୁହାଯାଉଥାଏ
କଳିକାଳର ପ୍ରାଦୁର୍ଭାବରୁ ମହାପ୍ରଭୁ ପାଦ, ପାଣି, ନାସା, ଶ୍ରବଣ ଗୋପନରେ ଜ
ନୀଳକନ୍ଦରରେ ମୌନାବତାରରେ ବସିଥିବାର ଅବତାରଣା କରା ଯାଇଅଛି
ପ୍ରଭୁ ନିଜ ଅଙ୍ଗରେ ଲୀନ ହୋଇ ମାୟାରୂପ ଧାରଣ କରିଛନ୍ତି।ଶ୍ରୀଜଗନ୍ନାଥ
ଗୋଲକରେ ନିତ୍ୟ ରାସଲୀଳାରେ ରତ। ସେ ଅବତାରୀ। କୋଟି
ପ୍ରଳୟଲୀଳା ଅତିକ୍ରାନ୍ତ ହେଲେ ମଧ୍ୟ ରାମଲୀଳା ବ୍ୟାହତ ହୁଏ ନାହିଁ। ଶୁ
ଜ୍ଞାନ ମିଶ୍ର ଉକ୍ତିରେ ମଧ୍ୟ ଏପରି ପରିକଳ୍ପନା କରା ଯାଇଅଛି। ଜଗନ୍ନାଥଙ୍କ
ଏହି ରହସ୍ୟମୟ ରୂପକୁ ବହୁ କବି ବିଭିନ୍ନ ପ୍ରକାର ଦୃଷ୍ଟିରେ ଦେଖିଛନ୍ତି ଏବ
ବର୍ଣ୍ଣନା ମଧ୍ୟ କରିଛନ୍ତି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଦୃଷ୍ଟିରେ ଜଗନ୍ନାଥ
ଚତୁର୍ବର୍ଗ ଫଳ ପ୍ରଦାୟୀ ସ୍ୱୟଂ ଭଗବାନ୍।

"ସେ କଳ୍ପବଟରେ ରାଜା ସ୍ୱୟଂ ଜଗନ୍ନାଥ
ସ୍ୱରିବର୍ଣ୍ଣେ ଚତୁର୍ବର୍ଗ ଦେବାକୁ ସମର୍ଥ"

ସେହିଭଳି ଭକ୍ତ କବି ଅତି ଉଦାତ୍ତ କଣ୍ଠରେ ଗାଇଚାଲିଛନ୍ତି–

"ପତାକା ଅଞ୍ଚଳ ଚଞ୍ଚଳେ ଡ଼ାକେ ପାପୀଙ୍କୁ ଏବା
ଏ ନୀଳ ନଗ–ନବରକୁ ଆସ ଭଜ କରିବା
ଯେତେ ଦୂରେ ଘଣ୍ଟ ନିନାଦ ଶୁଭେ ନବରେ ନେଇ
ପକାଏ ଅଦ୍ଭୁତ ଦୁଷ୍କୃତ ଗଳେ ଗଳଧା ଦେଇ"

ଏଠାରେ ଜଗନ୍ନାଥ କେବଳ ଉତ୍କଳ ବା ଭାରତବର୍ଷ ପାଇଁ ପତିତପାବନ ବାନା
ଉଡ଼ାଇନାହାନ୍ତି, ଉଡ଼ାଇଛନ୍ତି ସମଗ୍ର ବିଶ୍ୱ ଜନତାର ଆର୍ତ୍ତି ଅକୃତି ଦୂର ପାଇଁ।
ସ୍ୱରିବର୍ଣ୍ଣର ଜନତାକୁ ଚତୁର୍ବର୍ଗ–ଧର୍ମ, ଅର୍ଥ କାମ ଓ ମୋକ୍ଷ ପ୍ରଦାନ କରିବାକୁ
ହାତଠାରି ଆହ୍ୱାନ କରିଛନ୍ତି। ବିଶ୍ୱୈକ ପ୍ରାଣତା ଜଗତ୍ ନାଥ ଜଗନ୍ନାଥଙ୍କଠାରେ
କବି ଲକ୍ଷ୍ୟ କରିଛନ୍ତି। ଜଗନ୍ନାଥଙ୍କୁ ପୁରୁଷୋତ୍ତମ ଭାବେ ମର୍ଯ୍ୟାଦା ପ୍ରଦାନ

କରାଯାଇଅଛି। ପୁରୁଷୋତ୍ତମ ବିଶ୍ୱପୁରୁଷ ଓ ଅନନ୍ତ ସତ୍ତାର ନିର୍ଯ୍ୟାସ। ପଣ୍ଡିତ ନୀଳକଣ୍ଠ ଦାସ ଜଗନ୍ନାଥ ଧର୍ମର ଏହି ପ୍ରସଙ୍ଗରେ ବିଶ୍ଳେଷଣ କରି କହନ୍ତି-"ଉପାସ୍ୟ ଦେବତା ବା ଈଶ୍ୱରରେ ଗୁଣ ଓ ଶକ୍ତିର ଆରୋପ କରି ତାହାରି ଗାନ କରିବା ହେଉଛି ସ୍ତୁତି ବା ଉପାସନା। ଏହା ପ୍ରାକୃତ ଧର୍ମ। ଜଗନ୍ନାଥ ଧର୍ମ ଏହି ପ୍ରାକୃତ ଧର୍ମ ଠାରୁ ଭିନ୍ନ। ଜଗନ୍ନାଥ ଧର୍ମରେ ଉପାସନା କହିଲେ ଉପାସ୍ୟରେ ଆରୋପିତ ଗୁଣ ଓ ଶକ୍ତିର ଯଶୋଗାନ ନୁହେଁ, ଉପାସ୍ୟର ପାଖରେ ରହିବା ପରି ବିସ୍ମୃତି ତନ୍ମୟ ହେବାର ନିରନ୍ତର ପ୍ରଯତ୍ନ। ଏ ପ୍ରଯତ୍ନରେ ଯାହାର ବନ୍ଧନ ଫିଟିଯାଏ ଏବଂ ଏହା କ୍ରମେ ମୁକ୍ତି ବା ନିର୍ବାଣ ଅଭିମୁଖୀ ହୁଏ। ନିଜ ଆତ୍ମା ପୁରୁଷର ସୁଖ ପାଇଁ ଭୋଗଲାଳସା ଜାଗ୍ରତ ହୁଏ ନାହିଁ। କ୍ରମଶଃ ପରିବାରର ସୁଖଦୁଃଖକୁ ନିଜର ସୁଖଦୁଃଖ ବୋଲି ଭାବିବା ଦ୍ୱାରା ଆତ୍ମା ପୁରୁଷ ସମସ୍ତରେ ଏକାକାର କରି ପାରିଲେ 'ପୁରୁଷ' ଶ୍ରେଷ୍ଠ ପୁରୁଷ ବା ପୁରୁଷୋତ୍ତମରେ ପରିଣତ ହୁଏ। ପୁରୁଷ ଓ ଜଗତ୍ ଏଠାରେ ଅଭିନ୍ନ। ତେଣୁ ପୁରୁଷ ନାଥ ଅର୍ଥ ଜଗନ୍ନାଥ ଅର୍ଥାତ୍ ପୁରୁଷୋତ୍ତମ ଅର୍ଥ ଜଗନ୍ନାଥ। ଜଗନ୍ନାଥ କହିଲେ ଜଗତ୍ର ପ୍ରଭୁ ନିଗ୍ରହାନୁଗ୍ରହ ସମର୍ଥ ବିଭୂତିମନ୍ତ ବିଭୁ ନୁହଁନ୍ତି। ଜଗତ୍ ରୂପକ ପୁରୁଷର ଉତ୍ତମ ବା ଶ୍ରେଷ୍ଠ ସ୍ୱରୂପ। ସେହି ଜଗତ୍ ସ୍ୱରୂପ ପୁରୁଷର ବା ପୁରୁଷୋତ୍ତମର ସୁଖ ଦୁଃଖରେ ନିଜେ ସୁଖୀ-ଦୁଃଖୀ ହୋଇପାରିଲେ, ଅର୍ଥାତ୍ ସମସ୍ତ ବିଶ୍ୱର ଅନୁଭବ ସଙ୍ଗରେ ନିଜର ଅନୁଭବକୁ ସାମିଲ କରି ପାରିଲେହିଁ ହେବ ଜଗନ୍ନାଥଙ୍କର ଉପାସନା। କ୍ରମେ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ନ ବୁଝାଇ କ୍ଷେତ୍ର ବିଶେଷ ପୁରୀକୁ ବୁଝାଇଲା। ଏହା ଜୈନ ଧର୍ମ ସହ ସମ୍ପୃକ୍ତ ବୋଲି ଗବେଷକମାନେ ଏକମତ ହୋଇଛନ୍ତି। ମାତ୍ର ଅନ୍ୟ ଏକ ମତ ହେଲା ପୁରୁଷୋତ୍ତମ ଶବ୍ଦର ଅର୍ଥ ଅଶ୍ୱତ୍ଥ ବୃକ୍ଷ। ଶରୀରକୁ ଏକ ଅଶ୍ୱତ୍ଥ ବୃକ୍ଷ ରୂପେ କଳ୍ପନା କରାଯାଇଛି। ଗୌତମ ବୁଦ୍ଧ ଅଶ୍ୱତ୍ଥ (ପିପ୍ପଳ) ବୃକ୍ଷ ମୂଳେ ଜ୍ଞାନ ଲାଭ ଓ ନିର୍ବାଣ ପ୍ରାପ୍ତ ହୋଇଥିଲେ ବୋଲି ବୌଦ୍ଧ ପରମ୍ପରାରେ ମଧ୍ୟ ଏହି ଅଶ୍ୱତ୍ଥ ବୃକ୍ଷ ରୂପୀ ପୁରୁଷୋତ୍ତମ ମାନ୍ୟତା ଲାଭ କରି ଆସିଛନ୍ତି।

ଏତଦ୍ ବ୍ୟତୀତ ସାଧୁ-ସନ୍ଥମାନେ ଶରୀରକୁ ଦେଉଳ ସହିତ ତୁଳନା କରି ଅଛନ୍ତି ଏବଂ ପୁରୁଷୋତ୍ତମ କ୍ଷେତ୍ର ହେଉଛି ହୃଦୟ। ଶଙ୍ଖକ୍ଷେତ୍ର ବା ଶଙ୍ଖନାଭି ମଣ୍ଡଳରେ ବ୍ରହ୍ମା ରହିଛନ୍ତି। ବ୍ରହ୍ମାଙ୍କ ନାଭି ପଦ୍ମର ପ୍ରଥମଦଳ-ବଡ଼ଦେଉଳ, ଦ୍ୱିତୀୟଦଳ ମଣୋହିଶାଳ, ତୃତୀୟଦଳ ଜଗମୋହନ ଓ ଚତୁର୍ଥଦଳ ଭୋଗ ମଣ୍ଡପ। ସେହି ପଦ୍ମର କେଶର ମଧ୍ୟରେ ଯେଉଁ ସ୍ଥାନ ରହିଛି ତାହା ରତ୍ନ ସିଂହାସନ। ସେହି ରତ୍ନସିଂହାସନ ଉପରେ ସାକ୍ଷାତ୍ ପରଂବ୍ରହ୍ମ ଜଗନ୍ନାଥ ବିଜେ କରିଛନ୍ତି। ସେ ନିଭୃତ ସ୍ଥାନରେ ପହଁଚିଲେ ମହାସୁଖ ମିଳେ। ସେହି ସ୍ଥାନ ବୈକୁଣ୍ଠ ଓ ନିତ୍ୟ ଲୀଳାର ସ୍ଥଳୀ, ଯେଉଁଠାରେ କି ରାଧାକୃଷ୍ଣ ଏକଶରୀରରେ ଯୁଗଳବ ରୂପେ ଲୀଳାରତ।

ଶ୍ରୀକ୍ଷେତ୍ରରେ ଶ୍ରୀଚୈତନ୍ୟଙ୍କ ଲୀଳା ପ୍ରସଙ୍ଗ 'ଶ୍ରୀଜଗନ୍ନାଥ ତତ୍ତ୍ୱ' ଓ 'ଶ୍ରୀଜଗନ୍ନାଥ ଚରିତାମୃତ'ରେ ବର୍ଣ୍ଣିତ ହୋଇଅଛି। ଜଗନ୍ନାଥ ବିଗ୍ରହରେ ରାଧାକୃଷ୍ଣଙ୍କ ନିତ୍ୟଲୀଳା ଅନୁଭବ କରି ଚୈତନ୍ୟ ତନ୍ମୟ ହୋଇ ପଡୁଥିଲେ ବୋଲି ପ୍ରବାଦ ରହିଛି। ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ଉଭୟ ଭକ୍ତି ଓ ମୁକ୍ତି ପ୍ରଦାୟକ। ମାର୍କଣ୍ଡେୟ, ଶ୍ରୀଜଗନ୍ନାଥ, ଶ୍ରୀବଳଦେବ, ମହୋଦଧି ଓ ଇନ୍ଦ୍ରଦ୍ୟୁମ୍ନ ଏମାନେ ଶଙ୍ଖକ୍ଷେତ୍ରର ପଞ୍ଚପ୍ରଧାନ ତୀର୍ଥ। ମାନବ ଶରୀରର ସହସ୍ରଦଳକମଳ ମଧ୍ୟସ୍ଥ କେଶର ଭିତରେ ପ୍ରକୃତି ପୁରୁଷ ରୂପୀ ଶ୍ରୀଜଗନ୍ନାଥ ବିଦ୍ୟମାନ। ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ, ଗୋଲୋକ; ମହାନିତ୍ୟ, ଜଗମୋହନ ଓ ପରମ ନିତ୍ୟସ୍ଥଳୀ ହେଉଛି ସିଂହାସନ। ଏହା ମଧ୍ୟରେ ସ୍ଥଳିଛି ନିତ୍ୟରାସ। ଏସ୍ଥାନକୁ ଗଲେ ଭକ୍ତ ପ୍ରେମ ଓ ଭକ୍ତି ରସରେ ନିମଜ୍ଜିତ ହୋଇଯାଏ। ଜଗନ୍ନାଥ ସାକ୍ଷାତ୍ କୃଷ୍ଣ, ଷୋଳକଳା। ତାଙ୍କ କଳାମାନ ନେଇ ଅଂଶାବତାର ଧରାଧାମରେ ଅବତୀର୍ଣ୍ଣ ହୁଅନ୍ତି। ଦିବାକର ଦାସ ଏହି ଜଗନ୍ନାଥଙ୍କୁ ନେଇ ବର୍ଣ୍ଣମାଳା କ୍ରମେ ନିମ୍ନପ୍ରକାର ଦାର୍ଶନିକ ବ୍ୟାଖ୍ୟା କରିଅଛନ୍ତି- 'ଶ୍ରୀ'-ଲକ୍ଷ୍ମୀ, ଭକ୍ତି, ପ୍ରୀତି ଓ ଶୋଭା ପ୍ରଦାୟିନୀ, ସଂସାର ପାଳିନୀ ଶକ୍ତିରୂପେ ବିଦ୍ୟମାନ। ଜଃ-'ଜ' ଅର୍ଥ ସୃଷ୍ଟି, ଜନ୍ମସ୍ଥଳ, ସକଳଦେବତା ସେହିଠାରୁ ସୃଷ୍ଟି ଲାଭ କରିଛନ୍ତି। ବେଦମନ୍ତ୍ର, ଯୋଗଜ୍ଞାନ ସବୁ ଉତ୍ପତ୍ତିର ସ୍ଥଳ। ଜଗନ୍ନାଥ ମୂର୍ତ୍ତି ସ୍ୱୟଂ ଆବିର୍ଭୂତ। ଜଃ ହେଉଛି ଜଗନ୍ମୟ ଓ ଜ୍ୟୋତି ସ୍ୱରୂପ। ଜଗନ୍ନାଥ ବା ଯେଉଁ ନାମରେ ଡାକିଲେ ସେ ତାଙ୍କୁ ପାଇଲା। 'ଗ'-'ଗ'ର ଅର୍ଥ ଗୁହ୍ୟ, ଗୁରୁତର ସାଗରପରି ଗଭୀର ଓ ଅନନ୍ତ। ସେ ଗୋଲୋକ। ସେ ଗର୍ବ ଗଞ୍ଜନ। ନ୍ନାଃ-'ନ'ର ଅର୍ଥ ନିର୍ବିକଳ୍ପ, ନିରୀହ। ନିରାକାରବ୍ରହ୍ମ, ନଟୀତ, ନିର୍ଭର ନିରାଲସ ସ୍ଥାନ, ନରକନିସ୍ତାରଣ, ନିତ୍ୟ ମହାନିତ୍ୟ, ଅବିନାଶୀ, ନିର୍ମଳ, ନିର୍ମାୟା ଓ ସେ ନାମରୂପୀ। ଥଃ-ଥର ଅର୍ଥ ସେ ସର୍ବଭୂତାତ୍ମା, ସେ ସୁଦର୍ଶନ, ସ୍ଥିରବୁଦ୍ଧି, ଧର୍ମ, ଅର୍ଥ କାମମୋକ୍ଷର ଜନ୍ମସ୍ଥଳ। ଏଥିରୁ ସ୍ଥାବର ଜଙ୍ଗମ ଓ ଅଷ୍ଟଦଶ ସିଦ୍ଧି ଜନ୍ମଲାଭ କରିଛନ୍ତି। ଥ-ଅନାଥର ନାଥ ଓ ସର୍ବପ୍ରାଣୀଙ୍କର ହିତକାରୀ ଓ ରକ୍ଷାକାରୀ। ଯୁଗେ ଯୁଗେ ଭଗବାନଙ୍କର ଅବତାର ଘଟିଛି ବୋଲି ପୁରାଣମାନଙ୍କରେ ବର୍ଣ୍ଣନା କରା ଯାଇଅଛି। ଚତୁର୍ଦ୍ଦଶ ବୈକୁଣ୍ଠ ଉପରେ ଶେଷ ବୈକୁଣ୍ଠର ନାମ ହେଉଛି ନିତ୍ୟ ବୈକୁଣ୍ଠ ଏବଂ ତାହାହିଁ ନୀଳଗିରି। ସତ୍ୟଯୁଗର ଅବତାର ନୃସିଂହନାଥ, ତ୍ରେତାରେ ଶ୍ରୀନାଥ, ଦ୍ୱାପରରେ ରଘୁନାଥ-ଗୋପୀନାଥ ଓ କଳିରେ ଶ୍ରୀଜଗନ୍ନାଥ ହିଁ-ବାଣକର୍ତ୍ତା॥ ପୁନଶ୍ଚ 'ସ୍କନ୍ଦ ପୁରାଣ'ର ଉତ୍କଳ ଖଣ୍ଡରେ ଭଗବାନଙ୍କର ଏହି ଦାରୁରୂପକୁ କପଟ ରୂପ ବୋଲି କୁହାଯାଇଛି। ଦୀନଜନମାନଙ୍କୁ କଳିଯୁଗରେ ଅନୁଗ୍ରହ କରିବା ପାଇଁ ପ୍ରଭୁ ଏହି ବ୍ୟାଜ ଶରୀର ଧାରଣ କରି ନୀଳାଚଳରେ ଅବସ୍ଥାନ କରିଅଛନ୍ତି।

"ଏବଂ ଦୟାମ୍ବୁଧିରସୌ ତସ୍ମିନ୍ ନୀଳାଚଳେ ବସନ୍
ଦୀନାନାଥାନୁଗ୍ରହାୟ ଦାରୁବ୍ୟାଜ ଶରୀର ବାନ୍"। (୧୬)
(ଉ: ଖ: ୪୩ଅ)

ସଂସାରରେ ଜନ୍ମ ହୋଇ ନାହିଁ ନଥିବା ଦୁଃଖକୁ କଳିଯୁଗରେ ଗୋପନୀୟ ଭାବେ ଅବସ୍ଥାନ କରି ଜଗନ୍ନାଥ ଦୂର କରିପାରନ୍ତି।

'ବ୍ୟେତି ସଂସାର ଦୁଃଖାନି ଦଦାତି ସୁଖମବ୍ୟୟମ୍
ତସ୍ମାତ୍ ଦାରୁମୟଂ ବ୍ରହ୍ମବେଦାନ୍ତେଷୁ ପଣୀୟତେ,।୮୧।
ନହିଁ କାଷ୍ଠମୟୀ ମୋକ୍ଷଂ ଦଦାତି ପ୍ରତିମାକ୍ୱଚିତ୍
ଅକୃତେ ର୍ଯ୍ୟପବର୍ଗସ୍ତୁ କୃତାଦ୍ୱା ଦାରୁଣାକଥମ୍" ୮୨।
(ଉ: ଖ: ୪ର୍ଥ ଅ:)

ଅର୍ଥାତ୍ ସଂସାରର ସବୁ ଦୁଃଖ ଏହି ପ୍ରତିମା ବିନାଶକରେ ଏବଂ ଅମାପ ସୁଖ ପ୍ରଦାନ କରେ। ଏହା 'ଦାରୁମୟ' ବ୍ରହ୍ମ ବୋଲି ବେଦାନ୍ତରେ ପରିକଳ୍ପିତ। କେବଳ କାଷ୍ଠମୟୀ ପ୍ରତିମା କେବେ ମୁକ୍ତିଦାନ କରି ନପାରେ। ଯେଉଁ ମୋକ୍ଷ ସ୍ୱାଭାବସିଦ୍ଧ ଅକୃତ୍ରିମଠାରୁ ଲବ୍ଧ ତାହା କୃତ୍ରିମ ପ୍ରତିମାଠାରୁ କିପ୍ରକାର ସମ୍ଭବ ? ଏଠାରେ ସ୍ମରଣୀୟ ଯେ ନୀଳମାଧବ ହିଁ ଦାରୁ ରୂପେ ଜଗନ୍ନାଥ ମୂର୍ତ୍ତିରେ ବିବର୍ତ୍ତିତ ହୋଇଛନ୍ତି।

ତାଙ୍କୁ ପରଂବ୍ରହ୍ମଙ୍କର ସାକ୍ଷାତ ଓଁକାରମୟ ସ୍ୱରୂପ, ଯାହାଙ୍କର ପାଦ, ପାଣି, କଟି, ଆଉ ଉଦର, ଗ୍ରୀବା, ଶିର ନଥାଇ କେବଳ ଅକ୍ଷର ବା ପ୍ରଣବାକାର ରୂପ ଅଛି, ସେହି ମୂର୍ତ୍ତିର ମୁଖମଣ୍ଡଳ ଓଁକାର ଭିତରେ ନିର୍ଣ୍ଣୟ କରାଯାଇ ପାରେ। କଳୁଷିତ ଅଛି କଳିଯୁଗରେ ବଡ଼ପାପ ଅହଂକାର। ତାକୁ ବିନାଶ କରିବ ଓଁକାର। ଏହି ଓଁକାର ହିଁ ଜଗନ୍ନାଥ, ଅ-ଉ-ମ- ବଳଦେବ, ସୁଭଦ୍ରା ଓ ଜଗନ୍ନାଥ। ଜଗନ୍ନାଥ ଧର୍ମ ସନାତନଧର୍ମ, ମତ ହେଉଛି ବ୍ରହ୍ମ ସମ୍ପ୍ରଦାୟ। ଏହା ପୁଣ୍ୟ କ୍ଷେତ୍ର ଶ୍ରୀପୁରୁଷୋତ୍ତମ, ଦେବତା ଶ୍ରୀଜଗନ୍ନାଥ, ମାଳା ହରିନାମ, ତୀର୍ଥତୀର୍ଥରାଜ ସମୁଦ୍ର, ଧ୍ୟାନ ପରଂବ୍ରହ୍ମ, ଜ୍ଞାନ ଆତ୍ମଜ୍ଞାନ, ଭକ୍ତି-ନାମସ୍ମରଣ, ଭାବ-ସମଦର୍ଶୀ, ମଣୋହି-ନିର୍ମାଲ୍ୟ, ବିଳାସ-ରହସ୍ୟମୟ ଓ ବିହାର-ବୈକୁଣ୍ଠ। ଏଭଳି ଏକ ସମଦର୍ଶୀ ବ୍ରହ୍ମଭାବାପନ୍ନ ଧର୍ମ ପୃଥିବୀରେ ବିରଳ। ଏଣୁ ଏହାକୁ ବହୁ ପଣ୍ଡିତ ଓ ଚିନ୍ତାଶୀଳବ୍ୟକ୍ତି ସନାତନ-ବିଶ୍ୱଧର୍ମ ବୋଲି ସମ୍ମାନ ଦିଅନ୍ତି। ମୁଖ୍ୟତଃ ଏହା ଶାବର ସଂସ୍କୃତି। ଏକଦା ବିଶ୍ୱାବସୁ ଗୁପ୍ତ ସାଧନାକରି ନୀଳମାଧବଙ୍କ ପୂଜାକରି ଆସୁଥିଲେ। ଅବନ୍ତୀରାଜ ଇନ୍ଦ୍ରଦ୍ୟୁମ୍ନ ତାହା ଜାଣିବା ପାଇଁ ବିଦ୍ୟାପତିଙ୍କୁ ପ୍ରେରଣ କରିଥିଲେ। ବିଦ୍ୟାପତି ଆସି ଏଠାରେ ଶବରକନ୍ୟା ଲଳିତାଙ୍କ ପାଣିଗ୍ରହଣ କରିଥିଲେ। ବିଦ୍ୟାପତିଙ୍କଠାରୁ ସମସ୍ତତଥ୍ୟ ଲାଭକରି ଇନ୍ଦ୍ରଦ୍ୟୁମ୍ନ ମହାରାଜା ଉତ୍କଳାଗମନ କରନ୍ତି। ମହାନଦୀ ଚିତ୍ରୋତ୍ପଳା ପାରହୋଇ ନୀଳାଚଳଧାମରେ ଉପସ୍ଥିତ ହେଲେ ମାତ୍ର ନୀଳମାଧବ ଅଦୃଶ୍ୟ ହେବାରୁ ଦର୍ଶନ ଲାଭରୁ ଇନ୍ଦ୍ରଦ୍ୟୁମ୍ନ ବଞ୍ଚିତ ହେଲେ। ଏହାର କାରଣ ନାରଦ ମହର୍ଷିଙ୍କୁ ଜିଜ୍ଞାସା କରିବାରୁ ନାରଦ ନରସିଂହଙ୍କୁ ସ୍ମରଣ କରିବା ନିମନ୍ତେ ପରାମର୍ଶ ଦେଲେ। ଏହାପରେ ଦାରୁ ପ୍ରସଙ୍ଗ ଗତିଶୀଳ ହୁଏ। ଇନ୍ଦ୍ରଦ୍ୟୁମ୍ନ ଥିଲେ ମହାନ ସାଧକ। ସାଧନାବଳରେ ବିଶ୍ୱକର୍ମା କର୍ତ୍ତୃକ ମୂର୍ତ୍ତି ନିର୍ମାଣ କରାଇଲେ। ଶ୍ରୀବିଗ୍ରହ ଜୀବନ୍ୟାସ ପୂର୍ବରୁ ବିଶ୍ୱକର୍ମା ଅନ୍ତର୍ଦ୍ଧାନ ହୁଅନ୍ତି। ଫଳରେ ଇନ୍ଦ୍ରଦ୍ୟୁମ୍ନ ପୂର୍ଣ୍ଣବ୍ରହ୍ମଙ୍କ ଦର୍ଶନରୁ ବଞ୍ଚିତ ହେଲେ। ପ୍ରଜାପତି ବ୍ରହ୍ମାଙ୍କ ପାଖକୁ ଇନ୍ଦ୍ରଦ୍ୟୁମ୍ନ ଯିବାପରେ ଗାଲମାଧବ ଏହାର ଅଧିକାରୀ ହୋଇ କର୍ତ୍ତୃତ୍ୱ ଜାରି କରନ୍ତି। ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥ ମନ୍ଦିରରେ ଚିତ୍ରପଟ ପୂଜା ପାଏ। ସେହି ସମୟରେ ଶବର ନିକର ସାଧନାବଳରେ ଅଶରୀରି ଶବ୍ଦ ଶୁଣିପାରେ। ଜଗନ୍ନାଥଙ୍କର ଆବିର୍ଭାବର ରହସ୍ୟ ସମ୍ପର୍କରେ ଏଯାବତ୍ ବହୁ ସଂଶୟ ରହିଅଛି। ଶ୍ରୀମୂର୍ତ୍ତି ଗଠନ ଓ ଦଇତାପତିମାନଙ୍କର ପୂଜା ପରମ୍ପରାର ସୂଚନା ଅଣସର ସମୟରେ ପ୍ରମାଣିତ ହୁଏ।

ଜଗନ୍ନାଥଙ୍କର ବ୍ରହ୍ମ ବିଷୟରେ ଅନ୍ୟ ପ୍ରକାର ମତ ନିହିତ ଅଛି। ବ୍ରହ୍ମ ଅଦୃଶ୍ୟ, ଅସ୍ପୃଶ୍ୟ ଓ ଅନନୁଭବ୍ୟ। ଏହା ଏକ ଜ୍ୟୋତି ବିକୀର୍ଣ୍ଣ କରୁଥିବା ମଣିବିଶେଷ। ଏହି ଅକ୍ଷୟ ନିତ୍ୟପଦାର୍ଥ ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ପରେ ଅଦଗ୍ଧ ପିଣ୍ଡରୁ ଜ୍ୟୋତି 'ଇନ୍ଦ୍ରନୀଳମଣି' ବା ମରକତ ମଣି ସଂଗୃହୀତ ବୋଲି ବିଶ୍ୱାସ କରାଯାଏ। ଐତିହାସିକମାନେ ଏହି ଭାବବାଦୀ ଚେତନାକୁ ସ୍ୱୀକାର ନକରି ବୁଦ୍ଧଦେବଙ୍କ ଦନ୍ତ ବୋଲି ଗ୍ରହଣ କରନ୍ତି। କାହାରି ମତରେ ଜୀବନ୍ତ ତୁଳସୀବୃ, କାହାର ମତରେ ଦୁଷ୍ପ୍ରାପ୍ୟ ମଣି ବିଶେଷ। ସେ ଯେଉଁ ପଦାର୍ଥ ହେଉନା କାହିଁକି, ମାନସିକ ତଥା ସାଂସ୍କୃତିକ ଚିନ୍ତା ଚେତନାରେ ଯେଉଁ ଦୃଢ଼ ଦିବ୍ୟ ଭାବନା ଜାଗରିତ ହୋଇ ଯାଇଛି ତାହାକୁ ସେହି ବ୍ରହ୍ମ ବ୍ୟତୀତ ଅନ୍ୟ କିଛି କଳ୍ପନା କରାଯାଇ ନପାରେ। ଏହା ଅଚଳ, ସନାତନ ନିତ୍ୟ ଅବିନାଶୀ ଆତ୍ମା ଓ ପ୍ରତ୍ୟେକ ମଣିଷର ଆତ୍ମସତ୍ତା। ଅଗଣିତ ମଣିଷ ସମାଜକୁ ଆତ୍ମ ଚେତନାର ସମୀକ୍ଷା ପାଇଁ ଏହା ପ୍ରଶ୍ରୟ ଦିଏ। ମଣିଷ ଭିତରେ ଅଛି ଆତ୍ମା ଓ ଚେତନାର ମହାନସତ୍ତା। ଶରୀର ଏକ ଦାରୁ ଜଡ଼ପଦାର୍ଥ ହେଲେ ଆତ୍ମା ତା'ମଧ୍ୟରେ ଚଳନଶକ୍ତିର ମୂଳାଧାର। ଫଳରେ ମାନବ ଆତ୍ମଦର୍ଶୀ ହୋଇ ଦିବ୍ୟଜ୍ଞାନର ଅଧିକାରୀ ହୁଏ। ପ୍ରାମାଣିକତାଠାରୁ ଏହାର ଅନୁଭବ ବା ଉପଲବ୍ଧି ହିଁ ବଳିଷ୍ଠ ଅଭିବ୍ୟକ୍ତି। ମହାପ୍ରସାଦ ଦିବ୍ୟଜ୍ଞାନର ପ୍ରତୀକ। ମାନବ ଯେତେବେଳେ କରୁଣାମୟ ବ୍ରହ୍ମରୂପୀ ଜଗନ୍ନାଥଙ୍କୁ ଉପଲବ୍ଧି କରେ, ସେତେବେଳେ ସେ ଦିବ୍ୟସ୍ତରକୁ ଉନ୍ନୀତହୁଏ। ଜିଜ୍ଞାସାର ଶରଧାବାଲିରେ ଗଡ଼ି ଗଡ଼ି, ସାଧନାର ବାଇଶି ପାହାଚ ଚଢ଼ିଚଢ଼ି ସିଦ୍ଧିର ରତ୍ନବେଦୀରେ ଜଗନ୍ନାଥଙ୍କୁ ଦର୍ଶନ କରେ। ତା'ର ହୃଦୟ ଶାନ୍ତି, ସ୍ନେହ, ସାମ୍ୟ ମୈତ୍ରୀ ଓ ପ୍ରୀତିରେ ପରିପୂର୍ଣ୍ଣ ହୁଏ। ସେଠାରେ ଧନୀ ଦରିଦ୍ର, ପାପପୁଣ୍ୟ, ଦିବା ରାତି, କଳା-ଗୋରା, ଚଣ୍ଡାଳ ଓ ବ୍ରାହ୍ମଣର ପାର୍ଥକ୍ୟ ନାହିଁ। ଆନନ୍ଦ ବିପଣୀରେ ପରମାନନ୍ଦର ଅମୀୟ-ସୁଧା-କୈବଲ୍ୟ ସେ ଲାଭ କରେ। ଜଗନ୍ନାଥଙ୍କୁ ଭିନ୍ନ ଧର୍ମାବଲମ୍ବୀ, ମତାବଲମ୍ବୀ ଓ ଦାର୍ଶନିକ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ମଧ୍ୟ ଏକୀଭୂତ ହୋଇ ଯାଇଛନ୍ତି ସେହି ମହାନ-ଚେତନାର ବଡ଼ଦାଣ୍ଡରେ। ବିଶ୍ୱ-ବାସୀଙ୍କୁ ଆପଣାର କରିବା ପାଇଁ ଜଗନ୍ନାଥ ଆପଣାକୁ ସକଳ ମତବାଦ ଓ ଧର୍ମ ସହିତ ସାମିଲ କରିଦେଇଛନ୍ତି। କେହି ଯେପରି ଅସ୍ୱୀକାର କରି ନ ପାରନ୍ତି, ସେଥିଲାଗି ଦ୍ୱାର ଉନ୍ମୁକ୍ତ କରିଛନ୍ତି। ଯେଉଁ ସମ୍ପ୍ରଦାୟ ଆସିଛି, ସେ ତା' ଦୃଷ୍ଟିକୋଣରୁ ବିଚାର କରିଥିଲେ ମଧ୍ୟ ପତିତପାବନ ବାନା ତାକୁ ହାତଠାରି ଆହ୍ୱାନ କରିଛି ଓ ଜଗନ୍ନାଥ ସେମାନଙ୍କୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି କାରଣରୁ ଜଗନ୍ନାଥ ଜାତିଧର୍ମର ଊର୍ଦ୍ଧ୍ୱରେ ଏକ ମାନବିକତାର ବିଜୟ ବୈଜୟନ୍ତୀ। ବିସ୍ତୃତ ଅର୍ଥାତ୍ ବିସ୍ଫାରିତ ଆରକ୍ତ-ବିଘୂର୍ଣ୍ଣିତ ନେତ୍ରରେ ପାପୀ ବିଧର୍ମୀମାନଙ୍କୁ ମଧ୍ୟ ସେ ସାବଧାନ କରିଦେଇଛନ୍ତି-କାଳାନଳ ସନ୍ନିଭାନି-ମୁଁ ମହାକାଳ, ପାଖରେ କାଳଚକ୍ର-ସମୟର ଶାଣିତ ଆୟୁଧରେ ସମସ୍ତ ପାପ, ଅନୃତ, ଦୁଷ୍ପ୍ରବୃତ୍ତି ନିଃଶେଷ ହୋଇଯିବ ! ସାବଧାନ୍ ! ଏହି ଦର୍ଶନକୁ ଉପଜୀବ୍ୟ କରି ଓଡ଼ିଆ ସାଂସ୍କୃତିକ ଜୀବନର ପ୍ରାଣ ପ୍ରତିଷ୍ଠା। ଜଗନ୍ନାଥ ଓଡ଼ିଆ ଧର୍ମ ସଂସ୍କୃତିର ନିର୍ମେଘ ଗଗନର ସମୁଜ୍ଜ୍ୱଳ ଧ୍ରୁବତାରା। ଧର୍ମର କଳାଗଣ୍ଠିକୁ ପରିହାର କରିନେଲେ ଜଗନ୍ନାଥ ହିଁ ବିଶ୍ୱମାନବର ଦୁର୍ବାର ଉତ୍ସପାଣି-ଯାହାର ପ୍ରତୀକ ସ୍ୱରୂପ ରଥଯାତ୍ରାରେ ନାମ-ନାମୀ, ପ୍ରଭୁ-ଭକ୍ତ, ରାଜା-ପ୍ରଜା, ବ୍ରାହ୍ମଣ-ଚଣ୍ଡାଳ ସମସ୍ତେ ସେହି ଏକା ପ୍ରୀତିର ରଜ୍ଜୁ ଜଡୁରେ ଆବଦ୍ଧ। ତେଣୁ ବିଶ୍ୱ ଚେତନା , ବିଶ୍ୱ ଦର୍ଶନ ହିଁ ଜଗନ୍ନାଥ ଦର୍ଶନ।

---

ଖଡ଼ିଅନ୍ତ, ପୋ : କେନ୍ଦ୍ରାପଡ଼ା,
ଜିଲ୍ଲା-କେନ୍ଦ୍ରାପଡ଼ା




# ଶ୍ରୀଜଗନ୍ନାଥ : ରହସ୍ୟ ଓ ବିଶ୍ୱାସର ସମନ୍ୱୟ

ଅଧ୍ୟାପିକା ଦୀପ୍ତିମୟୀ ଶତପଥୀ

ଭାରତର ଧର୍ମ - ସନାତନ ଧର୍ମ । ଜଗନ୍ନାଥ - ସନାତନ ଧର୍ମର ଆଦିଦେବତା । କୃଷ୍ଣଙ୍କର ଦେହାବଶେଷ ନୀଳମାଧବ ରୂପରେ ପୂଜା ପାଇବା ପରେ ପରିଶେଷରେ 'ଜଗନ୍ନାଥ' ରୂପ ଧାରଣ କରିଛି । ଅନାର୍ଯ୍ୟ ଓ ଆର୍ଯ୍ୟ ସଂସ୍କୃତିର ପ୍ରତୀକ ରୂପେ ବିଦ୍ୟମାନ ହୋଇଛନ୍ତି ଜଗନ୍ନାଥ ନୀଳାଚଳ ଧାମରେ । ଏହି ଧର୍ମ ଶାନ୍ତି, ସହାବସ୍ଥାନ, ସାମ୍ୟ, ମୈତ୍ରୀ ଓ ଐକ୍ୟରେ ବିଶ୍ୱାସ କରେ । ବୈଷ୍ଣବ, ଶୈବ, ଶାକ୍ତ, ବୌଦ୍ଧ ଓ ଜୈନ ଆଦି ଧର୍ମରେ ମତ ପାର୍ଥକ୍ୟ ଥିଲେହେଁ ସମସ୍ତେ ଜଗନ୍ନାଥଙ୍କୁ ଆରାଧ୍ୟ ଦେବତା ରୂପେ ସ୍ୱୀକାର କରିଛନ୍ତି ।

ଜଗନ୍ନାଥ ନିର୍ଗୁଣ ବ୍ରହ୍ମର ପ୍ରତୀକ । ସେ ନିତ୍ୟପରମାତ୍ମା । ସେ ସତ୍ତ୍ୱାଦି ଗୁଣର ପାଳକ ଓ ପୋଷକ । ସେ ଶୂନ୍ୟପୁରୁଷ । ତେଣୁ ତାଙ୍କଠାରେ ଚକ୍ଷୁ, ନାସା ଓ ପାଦର ଆବଶ୍ୟକତା ପରିଲକ୍ଷିତ ହୁଏ ନାହିଁ । ଦାରୁପୂଜା ମାଧ୍ୟମରେ



ବୃକ୍ଷ ଉପାସନାକୁ ପ୍ରାଧାନ୍ୟ ଦିଆଯାଏ । ନୀଳମାଧବଙ୍କୁ ଠାବ କରିବା ସମୟରେ ଲଳିତା ଓ ବିଦ୍ୟାପତିଙ୍କ ବିବାହ-ଆର୍ଯ୍ୟ ଓ ଆର୍ଯ୍ୟେତରଙ୍କ ମଧ୍ୟରେ ମିଳନର ପରିଚାୟକ । ଶବର ଓ ବ୍ରାହ୍ମଣଙ୍କ ମିଳିତ ବଂଶଧର ଅଦ୍ୟାବଧି ଜଗନ୍ନାଥଙ୍କ ସେବାୟତରୂପେ ଶ୍ରୀକ୍ଷେତ୍ରରେ ସେବାରତ । ସର୍ବଦୁଃଖ ଖଣ୍ଡନ କରୁଥିବା ହେତୁ ଜଗନ୍ନାଥ ପରବ୍ରହ୍ମ । ବ୍ରହ୍ମରୂପୀ ନାରାୟଣ ଜଗତର ସ୍ରଷ୍ଟା । ଅତଏବ, ସ୍ୱୟଂ ନିଜର ପ୍ରତିଷ୍ଠାତା । ଜୀବମାନଙ୍କର ସମୂହ ମୁକ୍ତି ସମ୍ପାଦନ ନିମନ୍ତେ ଧ୍ୟାନ, ଧାରଣା ବ୍ୟତିରେକରେ ମୋକ୍ଷ ପ୍ରଦାନ କରିବା ଉଦ୍ଦେଶ୍ୟରେ ପୁରୁଷୋତ୍ତମ ଆବିର୍ଭୂତ । ବ୍ରହ୍ମଦାରୁଙ୍କ ଆବିର୍ଭାବ ସନାତନ । ତାହାଙ୍କୁ ଦର୍ଶନ କରିବା ମାତ୍ରେ ମନୁଷ୍ୟର ଉତ୍କଟ ତମୋଗୁଣ ନଷ୍ଟ ହୁଏ ।

ସୃଷ୍ଟିତତ୍ତ୍ୱରେ ସୁଦର୍ଶନ ହେଲେ ମହାଶୂନ୍ୟ । ଯୋଗମାୟା ହେଉଛନ୍ତି ସୁଭଦ୍ରା । କର୍ମର ଦେବତା ବଳଭଦ୍ର । ପୁନଶ୍ଚ ଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଚାରିବେଦରୂପେ ତୁଳନା କରାଯାଏ । ଜଗନ୍ନାଥ-ଯଜୁର୍ବେଦ, ବଳରାମ-ସାମବେଦ, ସୁଭଦ୍ରା-ଋଗବେଦ ଓ ସୁଦର୍ଶନ-ଅଥର୍ବ ବେଦ ରୂପେ ଅଭିହିତ । ହସ୍ତପଦଶୂନ୍ୟ ଦାରୁମୂର୍ତ୍ତିଙ୍କୁ ଜୈନମାନେ ତ୍ରିରତ୍ନ ମୂର୍ତ୍ତି ବୋଲି ଦାବୀ କରନ୍ତି । ଗୁଣ୍ଡିଚା ଯାତ୍ରା ମଧ୍ୟ ଜୈନଧର୍ମରେ ପ୍ରଭାବିତ ବୋଲି ମତ ପ୍ରକାଶ ପାଇଥାଏ । କାରଣ, ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ପ୍ରଥମ ଜୈନତୀର୍ଥଙ୍କର ଗର୍ଭ ଅବସ୍ଥାନ ଦିବସ । ବିଷ୍ଣୁଙ୍କ ଦଶାବତାର ମଧ୍ୟରେ ଜଗନ୍ନାଥଙ୍କୁ ବୁଦ୍ଧ ଅବତାରର ମାନ୍ୟତା ଦିଆଯାଇଛି । ତ୍ରିମୂର୍ତ୍ତିଙ୍କୁ ବୁଦ୍ଧ, ସଂଘ ଓ ଧର୍ମର ପ୍ରତୀକ ମନେ କରାଯାଏ । ନବକଳେବର ସମୟରେ ପୁନଃପ୍ରତିଷ୍ଠା କରାଯାଉଥିବା ରହସ୍ୟମୟ ବ୍ରହ୍ମଙ୍କୁ ବୌଦ୍ଧଧର୍ମୀମାନେ ବୁଦ୍ଧଙ୍କର ଦନ୍ତବିଶେଷ ବୋଲି ଆଖ୍ୟା ଦିଅନ୍ତି । ଓଡ଼ିଶାରେ ଭୌମକର ରାଜତ୍ୱ କାଳରେ ତନ୍ତ୍ରପୂଜାକୁ ଅଗ୍ରାଧିକାର ଦିଆଯାଉଥିଲା । ଶାକ୍ତ-ତାନ୍ତ୍ରିକମାନେ ଜଗନ୍ନାଥଙ୍କୁ ମହାକାଳୀ, ସୁଭଦ୍ରାଙ୍କୁ ମହାଲକ୍ଷ୍ମୀ ଏବଂ ବଳଭଦ୍ରଙ୍କୁ ଦେବୀ ସରସ୍ୱତୀ ରୂପେ ଅଭିହିତ କରିଥାନ୍ତି । ଶ୍ରୀକ୍ଷେତ୍ରରେ ଦକ୍ଷିଣକାଳୀ, ରାମଚଣ୍ଡୀ, ଚର୍ଚ୍ଚିକା, ବାଟମଙ୍ଗଳାଙ୍କ ପୂଜାର୍ଚ୍ଚନା ଉକ୍ତ ତାନ୍ତ୍ରିକ ପୂଜାପଦ୍ଧତିର ସହାୟକ ପ୍ରମାଣ । ସାଧାରଣତଃ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଭ୍ରାତା-ଭଗ୍ନୀରୂପେ ଗ୍ରହଣ କରାଯାଇଥାଏ । ପତ୍ନୀ ପରିବର୍ତ୍ତେ ଭଗ୍ନୀର ଅବସ୍ଥାନକୁ ଉତ୍କଳୀୟ ପରିବାରରେ କନ୍ୟାର ଅଗ୍ରାଧିକାର ସାବ୍ୟସ୍ତ କରିଥାଏ । ପୁନଶ୍ଚ, ଅନେକ କ୍ଷେତ୍ରରେ ସୁଭଦ୍ରାଙ୍କୁ ବ୍ରହ୍ମାଙ୍କର ଅବତାର କୁହାଯାଏ । ତଦ୍ ଅନୁରୂପ ଜଗନ୍ନାଥ ଓ ବଳଭଦ୍ର ଯଥାକ୍ରମେ ବିଷ୍ଣୁ ଓ ମହେଶ୍ୱର ରୂପେ ପରିଗଣିତ ହୁଅନ୍ତି ।


ବୈଷ୍ଣବୀୟମାନେ ଜଗନ୍ନାଥଙ୍କୁ ବିଷ୍ଣୁଙ୍କ ଅବତାର ରୂପେ ପୂଜା କରିଥାନ୍ତି । ବୈଷ୍ଣବ ଦର୍ଶନରେ ଜଗନ୍ନାଥ ହେଉଛନ୍ତି ଜୀବ ଓ ପରମର ମିଳିତ ରୂପ । ଶ୍ରୀଚୈତନ୍ୟଙ୍କ ସମୟରେ ଜଗନ୍ନାଥ ଅଣାକାର ବିଷ୍ଣୁ ବୋଲାଇଲେ । ଯୀଶୁଖ୍ରୀଷ୍ଟ ତାଙ୍କ ପ୍ରଚାରକ ଜୀବନର ଅବ୍ୟବହିତ ପୂର୍ବରୁ ବେଦେବର୍ଷ ନିରୁଦ୍ଦିଷ୍ଟ ଥିଲେ । ସେହି ସମୟତକ ସେ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରିଥିବାର ପ୍ରମାଣ ମିଳେ । ଏହିପରି ଭାବରେ ପୃଥିବୀ ପୃଷ୍ଠର ପ୍ରତିଟି ଧର୍ମ ଓ ଧର୍ମାବଲମ୍ବୀମାନଙ୍କର ଜଗନ୍ନାଥଙ୍କ ସହିତ ଆତ୍ମିକ ସମ୍ବନ୍ଧ ରହିଛି ବୋଲି ଅସ୍ୱୀକାର କରାଯାଇ ନପାରେ ।

ତିନିମୂର୍ତ୍ତିଙ୍କର ବର୍ଣ୍ଣଭେଦକୁ ନେଇ ନାନା ମତ ପ୍ରକାଶ ପାଏ । ବଳଭଦ୍ର ଶ୍ୱେତକାୟ, ଜଗନ୍ନାଥ କୃଷ୍ଣକାୟ ଓ ସୁଭଦ୍ରା ହରିଦ୍ରାବର୍ଣ୍ଣା ଏବଂ ସୁଦର୍ଶନ ରକ୍ତବର୍ଣ୍ଣ ହୋଇଥିବାରୁ ଏମାନେ ପୃଥିବୀର ସମସ୍ତ ସ୍ଥାନର ଅଧିବାସୀଙ୍କର ସ୍ୱାତନ୍ତ୍ର୍ୟକୁ ବହନ କରିଛନ୍ତି । ହିନ୍ଦୁଧର୍ମରେ ଏହି ଚାରି ବର୍ଣ୍ଣକୁ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ରମାନଙ୍କର ସହ ତୁଳନା କରାଯାଇଛି । କୃଷ୍ଣକାୟ ଜଗନ୍ନାଥଙ୍କଠାରୁ ସମସ୍ତ ବର୍ଣ୍ଣର ଉତ୍ପତ୍ତି ହୋଇଥିବାରୁ ଜଗନ୍ନାଥ ଧର୍ମରେ ଉଚ୍ଚନୀଚର ବିଚାର ନଥାଏ । ଶ୍ରୀମନ୍ଦିରରେ ପ୍ରଚଳିତ ମହାପ୍ରସାଦକୁ ଆଚାଣ୍ଡାଳ-ବ୍ରାହ୍ମଣ ସେବନ କରିଥାଆନ୍ତି । ସମୟର ପ୍ରଭାବରେ ଶ୍ରୀମନ୍ଦିରରେ ଅଣହିନ୍ଦୁଙ୍କ ପ୍ରବେଶ ନିଷେଧ କରିଦିଆଯାଇଛି (ସମ୍ଭବତଃ ବାହ୍ୟ ଆକ୍ରମଣ ଓ ଧାର୍ମିକ ବିଶ୍ୱାସର ପତନ କାରଣରୁ) । କିନ୍ତୁ ଜଗନ୍ନାଥଙ୍କ ପତିତପାବନ ରୂପ କେବଳ ପତିତମାନଙ୍କ ଉଦ୍ଧାର ନିମିତ୍ତ ସୃଷ୍ଟ । ଜଗନ୍ନାଥ ଧର୍ମ ଅଦ୍ଭୁତ ଓ ରହସ୍ୟମୟ । ଜଗନ୍ନାଥ-ନାରୀ ଓ ପୁରୁଷର ସମନ୍ୱୟ । ତାଙ୍କ ବେଶଭୂଷାରେ ମଥାମଣି, ବସଣୀ ଆଦି ନାରୀର ଆଭୂଷଣ । ବସ୍ତ୍ର ପିନ୍ଧିବା ଶୈଳୀ ଯବନର । ନବକଳେବର ହିନ୍ଦୁଧର୍ମର ରୀତି ଅନୁଯାୟୀ ଦାରୁର ଦାହ ସଂସ୍କାର କରାନଯାଇ ସମାଧି ଦିଆଯାଏ । ସ୍ନାନଯାତ୍ରାରେ ଜଗନ୍ନାଥ ଯବନ ନିର୍ମିତ ଚାନ୍ଦୁଆ ତଳେ ଉପବିଷ୍ଟ ହୁଅନ୍ତି । ଏସବୁ ସର୍ବଧର୍ମ ସମନ୍ୱୟର ପ୍ରତିପାଦନକୁ ସୂଚିତ କରେ ।

ଜଗନ୍ନାଥ ଧର୍ମ-ମାନବସେବା, ସହିଷ୍ଣୁତା ଓ ସାମ୍ୟବାଦକୁ ପ୍ରତିଷ୍ଠା କରେ । ଶ୍ରୀଜଗନ୍ନାଥ ହେଉଛନ୍ତି ରାଷ୍ଟ୍ରଦେବତା । ବିଭିନ୍ନ ଭାଷାରେ ଲିଖିତ ଜଗନ୍ନାଥ ମହିମା ସର୍ବଜନବିଦିତ । ପୃଥିବୀ ଅନ୍ଧକାରାଚ୍ଛନ୍ନ ଥିବା ସମୟରେ ଏକ ମହାଜ୍ୟୋତିର ଆବିର୍ଭାବ ଘଟିଲା । ସେ ଜ୍ୟୋତି 'ଅ'କାର ନାଦ ଯୋଗେ ଶୁକ୍ଳବର୍ଣ୍ଣ, 'ଉ'କାର ନାଦ ଯୋଗେ ଅରୁଣବର୍ଣ୍ଣ ଏବଂ 'ମ'କାର ନାଦ ଯୋଗେ କୃଷ୍ଣବର୍ଣ୍ଣ ଧାରଣ କଲା । ଏ ତିନିର ସମ୍ମିଶ୍ରଣ ହିଁ ଓଁକାର ନାଦ ବା ନାଦବ୍ରହ୍ମ—ଯାହା ରତ୍ନ ସିଂହାସନରେ ଉପବିଷ୍ଟ ତ୍ରିମୂର୍ତ୍ତି ମଧ୍ୟରେ ପ୍ରତୀୟମାନ । ତେଣୁ ଏକରୁ ଅନେକ ଏବଂ ଅନେକରୁ ଏକ ହେଉଛି ଜଗନ୍ନାଥ ଧର୍ମର ତାତ୍ପର୍ଯ୍ୟ । ଜଗନ୍ନାଥ ସଂସ୍କୃତି ଗଣଧର୍ମୀ, ବିଶ୍ୱ ଭ୍ରାତୃତ୍ୱଭାବ, ମୈତ୍ରୀଭାବର ପ୍ରଚାରକ । ଓଡ଼ିଶାର ଜାତୀୟ ଜୀବନ, ଧର୍ମ, ସଂସ୍କୃତି, ସାହିତ୍ୟ—ଏସବୁର ପ୍ରାଣକେନ୍ଦ୍ର ହେଉଛନ୍ତି ଶ୍ରୀଜଗନ୍ନାଥ । ସେ ବିନାଶୀ ଶରୀର ଓ ଅବିନାଶୀଠାରୁ ଉର୍ଦ୍ଧ୍ୱରେ । ସେ ଯଜ୍ଞପୁରୁଷ, ବେଦାନ୍ତର ବ୍ରହ୍ମ ସଦୃଶ ସର୍ବବ୍ୟାପୀ, ଅନନ୍ତପାଦ, ସହସ୍ରାକ୍ଷ, ସହସ୍ରକର୍ଣ୍ଣ, ଅଦୂରତମ ଓ ସୁଦୂରତମ । ଅନନ୍ତ ଅନ୍ତରୀକ୍ଷର ନକ୍ଷତ୍ରମାଳା ତାଙ୍କ ବକ୍ଷର ହାରପ୍ରାୟ । ଇତିହାସର ଆବର୍ତ୍ତରେ ଜଗନ୍ନାଥ ଭିନ୍ନ ଭିନ୍ନ ସମ୍ପ୍ରଦାୟ ଦ୍ୱାରା ପୂଜିତ ଓ ସମର୍ଥିତ । ପୁନଶ୍ଚ ସେହିସବୁ ସମ୍ପ୍ରଦାୟ ଜଗନ୍ନାଥ ସଂସ୍କୃତିର ସତ୍ତାରେ ବିଲୀନ । ତେଣୁ ଜଗନ୍ନାଥ ରହସ୍ୟମୟ । ସେ ସ୍ୱୟଂ ଅମୃତତତ୍ତ୍ୱ ନିୟାମକ । ସେ ମର୍ତ୍ତ୍ୟ, ଅନ୍ତରୀକ୍ଷ ଓ ସ୍ୱର୍ଗକୁ ନିୟନ୍ତ୍ରଣ କରନ୍ତି । ଜଗନ୍ନାଥଙ୍କର ଚକ୍ଷୁ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ସହ ତୁଳନୀୟ । ଜଗନ୍ନାଥ ଚେତନା ସଂକୀର୍ଣ୍ଣତାବିହୀନ । ନୀଳଚକ୍ର-ଅନନ୍ତବ୍ୟାପ୍ତି ଓ ପରିପୂର୍ଣ୍ଣତାକୁ ଧାରଣ କରେ । ମହାପ୍ରସାଦ-ପବିତ୍ରତା ଓ ପ୍ରୀତିର ଦ୍ୟୋତକ । ପତିତପାବନ-ପାପ ଉଦ୍ଧାରଣକାରୀ । ଜଗନ୍ନାଥ ସଂସ୍କୃତି-ଅମୃତ ଚେତନାର ଚିରନ୍ତନ ପ୍ରବାହ । ଜଗନ୍ନାଥ-ବିଶ୍ୱାସ ପଞ୍ଚସଖା ଯୁଗର ଗୌଡ଼ୀୟ ପ୍ରେମଭକ୍ତି, ମହିମାଧର୍ମୀଙ୍କ ଶୂନ୍ୟ ଉପାସନା, ଶକ୍ତି-ତନ୍ତ୍ରବାଦୀଙ୍କ ଆଭିଚାରିକ କ୍ରିୟାକାଣ୍ଡ, ଭୈରବପନ୍ଥୀଙ୍କ ପଶୁବଳି ପ୍ରଥା ଆଦିଠାରୁ ଉର୍ଦ୍ଧ୍ୱରେ ରହି ସାଂସ୍କୃତିକ ଚେତନାର ଆଦର୍ଶ ବହନ କରି ଧର୍ମ, ପରମ୍ପରା, ସାହିତ୍ୟ ଓ ସମାଜରେ ପ୍ରତିବିମ୍ବିତ ।

ସ୍ଥୂଳ ଶରୀରର ମାୟାକୁ ଅତୀନ୍ଦ୍ରିୟ ପ୍ରେମରେ ଦୀକ୍ଷିତ କରାଉଥିବା ବ୍ରହ୍ମମୂର୍ତ୍ତି ହିଁ ଜଗନ୍ନାଥ । ବ୍ରହ୍ମ ସର୍ବବ୍ୟାପୀ, ସର୍ବଶକ୍ତିମାନ । ସେ ସଂସାରର ସମସ୍ତ ବସ୍ତୁରେ ବିରାଜିତ । ସେ ସତ୍-ଚିତ୍-ଆନନ୍ଦର ସ୍ୱରୂପ । ଏଣୁ ଜଗନ୍ନାଥ ତତ୍ତ୍ୱ ହିଁ ଭାରତର ଶ୍ରେଷ୍ଠତମ ଆଧ୍ୟାତ୍ମିକ ଆଦର୍ଶ । ଜଗନ୍ନାଥଙ୍କର ସାନ୍ନିଧ୍ୟ ଲାଭ କରିବାକୁ ହେଲେ ଅଖଣ୍ଡ ବିଶ୍ୱାସର ଅଧିକାରୀ ହେବାକୁ ପଡ଼ିଥାଏ । ଗବେଷଣା, ତର୍ଜମା, ବିତର୍କ ଆଦି ସାମୟିକ ଜ୍ଞାନର ଅଭିବୃଦ୍ଧି ଘଟାଏ । କିନ୍ତୁ ପରମାତ୍ମାରେ ବିଲୀନ ହେବାର ସୌଭାଗ୍ୟ କେବଳ ରହସ୍ୟମୟ ଜଗନ୍ନାଥଙ୍କ ନିକଟରେ ନିରବ ଆତ୍ମସମର୍ପଣ ଦ୍ୱାରା ମିଳିପାରେ ।

ନାର୍ଯ୍ୟତ ଶ୍ରୀ ଗଣେଶ ଚନ୍ଦ୍ର ଶତପଥୀ,
ଖଣ୍ଡପଡା ରୋଡ଼, ନୟାଗଡ଼-୭୫୨୦୬୯।



# ଶ୍ରୀଜଗନ୍ନାଥଙ୍କ ନବଦିନ ଯାତ୍ରା

ଡକ୍ଟର ବିଜୟାନନ୍ଦ ସିଂହ

ଶ୍ରୀଜଗନ୍ନାଥ ଓଡ଼ିଆ ସଂସ୍କୃତିର ପ୍ରାଣକେନ୍ଦ୍ର । ଜଗନ୍ନାଥ ଉତ୍କଳର କେବଳ ଦେବତା ନୁହନ୍ତି, ସେ ଜଗତର ନାଥ ଭାବରେ ସୁବିଦିତ । ଓଡ଼ିଶାର ଜନଜୀବନରେ ଜଗନ୍ନାଥ ଯେ କେତେ ଆପଣାର ତାହା ଅନୁଭବୀହିଁ କେବଳ ହୃଦୟଙ୍ଗମ କରି ପାରିବେ । ପୁଣି ଶ୍ରୀଜଗନ୍ନାଥ ପରମ ରହସ୍ୟମୟ । ଏହି ଜଗନ୍ନାଥ ଉତ୍କଳବାସୀଙ୍କ ଆରାଧ୍ୟ ଦେବତା । ଜଗନ୍ନାଥଙ୍କ ବାରମାସରେ ତେର ପର୍ବ । ଏହି ପର୍ବପର୍ବାଣୀ ଭିତରେ ଓଡ଼ିଆ ଜାତିର ମହତ୍ତ୍ୱ ଫୁଟି ଉଠିଛି । ଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ିଉଠିଛି ଜଗନ୍ନାଥ ସଂସ୍କୃତି । ଏହି ସଂସ୍କୃତି ମାନବିକ ଭିତ୍ତିଭୂମି ଉପରେ ସୁପ୍ରତିଷ୍ଠିତ ।

ବାରମାସରେ ତେର ପର୍ବ ଏବଂ ଯାନିଯାତ୍ରାକୁ ଉପଭୋଗ କରିବା ପାଇଁ ନୀଳାଚଳଧାମ ପୁରୀକୁ ଜନସାଧାରଣ ଧାଇଁ ଆସିଥାନ୍ତି । ଏହି ଯାନିଯାତ୍ରା ପର୍ବପର୍ବାଣୀ ଭିତରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ । ତାବତ ଜାହିରି, ସାରା ବିଶ୍ୱରୁ ଲକ୍ଷଲକ୍ଷ ନରନାରୀ ପୁରୀକୁ ଧାଇଁ ଯାଆନ୍ତି ପ୍ରାଣର ଦେବତା ଶ୍ରୀଜଗନ୍ନାଥଙ୍କୁ ରଥାରୂଢ଼ ବେଶରେ ଦର୍ଶନ କରିବା ପାଇଁ ।



ଜଗନ୍ନାଥ ମହାପୁରାଣର ଚତୁର୍ଥ ଖଣ୍ଡରେ ଶ୍ରୀଗୁଣ୍ଡିଚା ଯାତ୍ରା ସମ୍ପର୍କରେ ବର୍ଣ୍ଣନା ରହିଛି । ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶ୍ରୀଗୁଣ୍ଡିଚା ଯାତ୍ରା ମଧ୍ୟ କୁହନ୍ତି । ଏହି ଯାତ୍ରା ମଧ୍ୟ ଧର୍ମ ଯାତ୍ରା, ନନ୍ଦିଘୋଷ ଯାତ୍ରା, ନବଯାତ୍ରା, ପତିତପାବନ ଯାତ୍ରା, ଦଶାବତାର ଯାତ୍ରା ନାମରେ ସୁପରିଚିତ । ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନଙ୍କୁ ତିନିରଥରେ ବସାଇ ଗୁଣ୍ଡିଚା ଘରକୁ ନେଇ ପୁନର୍ବାର ସାତଦିନ ପରେ ସେହି ରଥରେ ଫେରାଇ ଆଣିବାକୁ ହୁଏ । ଗୁଣ୍ଡିଚା ମନ୍ଦିର ନିକଟରେ ରଥ ପହଞ୍ଚିଲା ପରେ ରଥରୁ ଦିଅଁମାନଙ୍କୁ ଗୁଣ୍ଡିଚା ମଣ୍ଡପକୁ ନିଆଯାଏ । ଶ୍ରୀଗୁଣ୍ଡିଚାଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଦିନକୁ ଶ୍ରୀଜଗନ୍ନାଥଙ୍କ ନବଦିନ ଯାତ୍ରା ବୋଲି କୁହାଯାଇଥାଏ ।

ସ୍କନ୍ଦ ପୁରାଣରେ ଉତ୍କଳ ଖଣ୍ଡର ୨୯ ଅଧ୍ୟାୟରେ ଏହି ଉତ୍ସବର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ରାଜା ଇନ୍ଦ୍ରଦ୍ୟୁମ୍ନ କହିଛନ୍ତି- "ରାଜାଙ୍କ ପ୍ରତିଷ୍ଠିତ ଶ୍ରୀମନ୍ଦିର ତାଙ୍କର ଯେପରି ପ୍ରୀତିପଦ, ଅଶ୍ୱମେଧ ଯଜ୍ଞର ମହାବେଦୀ ନୃସିଂହ କ୍ଷେତ୍ର ମଧ୍ୟ ତଦନୁରୂପ ପ୍ରୀତିପଦ । ସେହିଠାରେ ସେ ସାତଦିନ ରହିବା ଲାଗି ରଥଯାତ୍ରା ବିଧାନ କରାଇଛନ୍ତି ।" ଶ୍ରୀଜଗନ୍ନାଥ ପ୍ରତିବର୍ଷ ଗୁଣ୍ଡିଚା ଘରକୁ ଯିବା ସଙ୍ଗେ ସଙ୍ଗେ ଇନ୍ଦ୍ରଦ୍ୟୁମ୍ନ ସରୋବର କୂଳରେ ଏକ ସପ୍ତାହ ବିତାଇ ଥାଆନ୍ତି । ଏହି ମନ୍ଦିରକୁ ମହାବେଦୀ ଯଜ୍ଞମଣ୍ଡପ, ଜନକପୁରୀ ଇତ୍ୟାଦି କୁହାଯାଏ । ଗୁଣ୍ଡିଚା ମନ୍ଦିର ପୀଠ ଉପରେ ଜଗନ୍ନାଥଙ୍କ ଦଶଅବତାର ବେଶ ହୁଏ ।

ଏହି ଗୁଣ୍ଡିଚା ମନ୍ଦିରରେ ଦିଅଁଙ୍କୁ ଦର୍ଶନ କଲେ ଅଶେଷ ପୁଣ୍ୟ ହୁଏ । ଏଥିପାଇଁ ଏ ସମୟରେ ବହୁଭକ୍ତ ତାଙ୍କର ମନ-ହୃଦୟର ଦେବତା ଜଗନ୍ନାଥଙ୍କୁ ଗୁଣ୍ଡିଚା ମଣ୍ଡପରେ ପୂଜା-ଆରାଧନା କରିଥାଆନ୍ତି । ବୈଷ୍ଣବ ଭକ୍ତମାନେ ଏହି "ନବଦିବାତ୍ମକ" ଯାତ୍ରାକୁ ମହାବେଦୀ ମହୋତ୍ସବ ବ୍ରତରୂପେ ପାଳନ କରିଥାଆନ୍ତି । "ନୀଳାଦ୍ରୀ ମହୋଦୟ" ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ-'ଯେଉଁମାନେ ପ୍ରଭୁଙ୍କ ଗୁଣ୍ଡିଚା ମଣ୍ଡପ ରହଣୀ ମଧ୍ୟରେ ମସ୍ତକ ମୁଣ୍ଡନ ଓ ଇନ୍ଦ୍ରଦ୍ୟୁମ୍ନ ସ୍ନାନ କରି ମହାବେଦୀରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରନ୍ତି, ସେମାନେ ସହସ୍ର ଅଶ୍ୱମେଧ ଯଜ୍ଞର ଫଳଲାଭ କରନ୍ତି । ଯେଉଁମାନେ ଗୁଣ୍ଡିଚା ମଣ୍ଡପରେ ଥରେମାତ୍ର ତ୍ରିମୂର୍ତ୍ତିଙ୍କୁ ଦର୍ଶନ କରନ୍ତି, ସେମାନେ ଅଶେଷ ପୁଣ୍ୟଫଳ ପ୍ରାପ୍ତ ହୁଅନ୍ତି । ଯେଉଁ ଭକ୍ତମାନେ ଦିବା, ରାତି, ସନ୍ଧ୍ୟାରେ ଏହି ସ୍ଥାନରେ ଠାକୁରଙ୍କୁ ଦର୍ଶନ କରନ୍ତି, ସେମାନେ କୋଟି କଳ୍ପ ପର୍ଯ୍ୟନ୍ତ ବୈକୁଣ୍ଠବାସୀ ହୋଇଥାନ୍ତି । ଦଶବର୍ଷକାଳ ତ୍ରିକାଳ ସନ୍ଧ୍ୟାରେ ଜଗନ୍ନାଥଙ୍କୁ ଦର୍ଶନ କଲେ ଯେତିକି ଧର୍ମହୁଏ, ଗୁଣ୍ଡିଚା ମନ୍ଦିରରେ ଥରେ ତାଙ୍କୁ ଦର୍ଶନ କଲେ ସେତିକି ଧର୍ମ ହୁଏ ।'

ରଥ ତିନୋଟି ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପରେ ରଥ ଉପରେ ସାଷ୍ଟାଙ୍ଗ ପୂଜା ଅନୁଷ୍ଠିତ ହୁଏ । ଏହି ପୂଜା ପରେ ଗଜପତି ବା ତାଙ୍କ ପ୍ରତିନିଧି ପୁଷ୍ପାଞ୍ଜଳି ପ୍ରଦାନ କରି କୁହନ୍ତି- ''ହେ ପ୍ରଭୁ, ଆପଣଙ୍କ ଜନ୍ମମାଟି ଏହି ସ୍ଥାନରେ ସାତଦିନ ରହିବା ପାଇଁ ଅନୁମତି ପ୍ରଦାନ କରନ୍ତୁ ।'' ଏହାପରେ ରଥରୁ ଠାକୁରଙ୍କୁ ଗୁଣ୍ଡିଚାମଣ୍ଡପକୁ ପହଣ୍ଡି କରାଯାଏ । ଠାକୁରମାନେ ମଣ୍ଡପରେ ବିଜେ କରିବା ପରେ ସେମାନଙ୍କୁ ବନାପନା କରାଯାଏ । ଗୁଣ୍ଡିଚାମଣ୍ଡପକୁ ବା ମହାବେଦୀରେ ଠାକୁରଙ୍କ ପୂଜା ଠିକ୍ ଶ୍ରୀମନ୍ଦିର ପୂଜାଭଳି ସମାହିତ ହୁଏ ।

ରାତ୍ରିର ଶେଷ ପ୍ରହରରେ ପ୍ରଭୁଙ୍କ ନିଦ୍ରାଭଙ୍ଗ ହୁଏ-ଶଙ୍ଖଧ୍ୱନି ମଧ୍ୟରେ । ଦେବତାମାନଙ୍କ ପଲଙ୍କ ଉଠାଗଲା ପରେ ଆରତି ହୁଏ । ଆରତି ପରେ ଶ୍ରୀଅଙ୍ଗରୁ ବାସୀଫୁଲ ବାହାର କରି ନିଆଯାଏ । ପ୍ରଭୁଙ୍କୁ ଶୁଦ୍ଧବସ୍ତ୍ର ପିନ୍ଧାଇ ଅବକାଶ ପାଇଁ ସଂସ୍କାରାଦି କ୍ରିୟା ପ୍ରସ୍ତୁତ କରାଯାଏ । ଏହାକୁ 'ତଡ଼ପଲାଗି' କୁହାଯାଏ । ଏହାପରେ ଠାକୁରଙ୍କ ଦନ୍ତଧାବନ ବିଧି ଏବଂ ମହାସ୍ନାନ, ଚତୁଃସମ କାର୍ଯ୍ୟ କରାଯାଏ । ସ୍ନାନପରେ ଜୟବିଜୟ ଦ୍ୱାର ବନ୍ଦ ହୁଏ ଏବଂ ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ହୁଏ । ଏହା ମଧ୍ୟରେ ପ୍ରଭୁଙ୍କ ସକାଳର ବେଶ ସମାପନ ହୋଇଥାଏ । କାର୍ତ୍ତିକ ମାସରେ ଏହି ବେଶକୁ 'ରାଜଦାମୋଦର ବେଶ' ବୋଲି ନାମିତ କରାଯାଇଛି । ଠାକୁରଙ୍କୁ 'ବଲ୍ଲଭଭୋଗ' ଏହି ସମୟରେ ପ୍ରଦାନ କରାଯାଏ । ଏହା ସହିତ ଛେନା, ଖଇ, ନଡ଼ିଆ କୋରା ପ୍ରଭୃତି ଘିଅରେ ମିଶାଇ ପଞ୍ଚୋପଚାର ପୂଜା କରାଯାଏ ।

ପୁରୋହିତ ରୋଷଶାଳାକୁ ଯାଇ ବୈଷ୍ଣବାଗ୍ନିକୁ ଆବାହନ କରିସାରିବା ପରେ ରନ୍ଧନ କାର୍ଯ୍ୟ ଆରମ୍ଭ ହୁଏ । ପ୍ରଥମ ଧୂପ ମହାପ୍ରସାଦ ଓ ଭୋଗ ଠାକୁରମାନଙ୍କୁ ଅର୍ପଣ କରାଯାଏ । ମଧ୍ୟାହ୍ନ ପୂଜା ପ୍ରାରମ୍ଭରେ ପ୍ରଭୁଙ୍କୁ ପୁଣି ନୂତନ ବସ୍ତ୍ରରେ ବିଭୂଷିତ କରାଯାଏ । ଏହି ପୂଜାରେ ଅନ୍ନ, ଡାଲି, ତରକାରୀ ପ୍ରଭୃତି ଲାଗେ । ଏହି ଧୂପ ପରେ ଭୋଗମଣ୍ଡପରେ ଛତ୍ରପୂଜା କରାଯାଏ । ଏହି ପୂଜାସବୁ ସରିଲେ ଠାକୁରଙ୍କ ପହଡନୀତି ହୁଏ । ଏହା ପରେ ଦୀପ ଲିଭାଇ ରତ୍ନପଲଙ୍କ ବିଶ୍ରାମ ପାଇଁ ପକାଇ ଦିଆଯାଏ । ସନ୍ଧ୍ୟା ପୂର୍ବରୁ ଶ୍ରୀଜୀଉଙ୍କ ପହଡ଼ ଭାଙ୍ଗି ଦୀପ ଜଳାଯାଏ । ପଲଙ୍କ ଉଠାଯାଏ । ସନ୍ଧ୍ୟା ଆରତି ଓ ସନ୍ଧ୍ୟା ବେଶ ପାଇଁ ଆୟୋଜନ ହୁଏ । ଏଥିରେ ଦହି, ପଖାଳ,ଶାଗ, ଆମ୍ବିଳ, ତରକାରୀ, ବିଭିନ୍ନ ପ୍ରକାର ମିଠା ଠାକୁରଙ୍କୁ ପ୍ରଦାନ କରାଯାଏ । ଏହାପରେ ଠାକୁରଙ୍କ ବେଶଲାଗି ହୁଏ । ଠାକୁରଙ୍କ ଖାଲି ଦେହରେ ଚନ୍ଦନ ଲାଗି ହୁଏ । ଯାହା ''ଚତୁଃସମ'' ଭାବରେ ପରିଚିତ । ଚତୁଃସମ ପରେ ଠାକୁର ବଡସିଂହାର ବେଶ ହୁଅନ୍ତି । ବଡ଼ସିଂହାର ଭୋଗ ଏହି ସମୟରେ ପ୍ରଭୁଙ୍କୁ ପ୍ରଦାନ କରାଯାଏ । ପହଡ଼ ସମୟରେ ଜଳପାତ୍ର, ତାମ୍ବୁଲପାତ୍ର ଠାକୁରଙ୍କ ନିକଟରେ ରଖାଯାଏ । ପଲଙ୍କ ପକାଯାଏ । ଆରତି କରାଯାଏ । ଅନ୍ୟାନ୍ୟ ଦେବତାମାନଙ୍କୁ ବିସର୍ଜ୍ଜନ କରାଯାଇ କବାଟ ପଡ଼େ ।

ଗୁଣ୍ଡିଚା ମଣ୍ଡପରେ ଠାକୁରମାନଙ୍କ ହରପଦ ଯୋଗ କରାଯାଏ । ଏହିଦିନ ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀଙ୍କୁ ନାନା ବେଶଭୂଷଣରେ ସଜ୍ଜିତ କରାଯାଇ ଗୁଣ୍ଡିଚା ମଣ୍ଡପକୁ ଅଣାଯାଏ । ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ବା ଦେଖିବା ପାଇଁ ଆସୁଥିବାରୁ ଏହାକୁ ''ହେରାପଞ୍ଚମୀ'' କୁହାଯାଏ । ଜଗନ୍ନାଥ ଲକ୍ଷ୍ମୀଠାକୁରାଣୀଙ୍କୁ ସଙ୍ଗରେ ନନେଇ 'ରଥଯାତ୍ରା'ରେ ଯାଇଥିବାରୁ ଠାକୁରାଣୀ ପଞ୍ଚପାଣ୍ଡବଙ୍କୁ ଧରି ଠାକୁର ଦର୍ଶନରେ ଯାଆନ୍ତି । ମହାଲକ୍ଷ୍ମୀ ଜଗନ୍ନାଥଙ୍କ ସମ୍ମୁଖରେ ବିଜେ ହୁଅନ୍ତି । ଏହି ସମୟରେ ସନ୍ଧ୍ୟାଧୂପ ପୂଜାର ସମାପନ ନ ହୋଇ ଲକ୍ଷ୍ମୀଠାକୁରାଣୀଙ୍କ ଆଗମନକୁ ପ୍ରତୀକ୍ଷା କରାଯାଇଥାଏ । ମହାଲକ୍ଷ୍ମୀ ପଦାର୍ପଣ କରିବା ପରେ ଧୂପଦୀପ ଶେଷ କରାଯାଇ ଜଗନ୍ନାଥଙ୍କ ଏକ ଆଜ୍ଞାମାଳ ଲକ୍ଷ୍ମୀଙ୍କୁ ପ୍ରଦାନ କରାଯାଏ । ଏହାପରେ ଦ୍ୱାରବନ୍ଦ କରାଯାଏ । ମହାଲକ୍ଷ୍ମୀ କ୍ରୋଧରେ ବାହୁଡି ଆସିଲା ବେଳେ ଜଗନ୍ନାଥଙ୍କ ରଥର ଏକ ଅଂଶ ଭାଙ୍ଗିବାର ବିଧି ପାଳିତ ହୁଏ । ଷଷ୍ଠ ଦିବସରେ ଅର୍ଥାତ୍ ଅଷ୍ଟମୀ ଦିନ ସକାଳ ପୂଜା ପରେ ପୂଜକ '' ହେ ପ୍ରଭୁ ଶୀଘ୍ର ନୀଳାଚଳ ବିଜେ ହେବାକୁ ଆଜ୍ଞା କରନ୍ତୁ'' ବୋଲି କହି ରଥଗୁଡିକ ଉପରକୁ ମାଳାକ୍ଷେପଣ କରନ୍ତି । ଏହାପରେ ରଥଗୁଡିକ ଦକ୍ଷିଣାଭିମୁଖୀ ହୁଅନ୍ତି । ନବମୀଦିନ ସନ୍ଧ୍ୟାରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ସୁବେଶ ହୁଅନ୍ତି । ଏହିଦିନ ସନ୍ଧ୍ୟାରେ ପରମ ଭକ୍ତ ବିଭୀଷଣ ପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥାଆନ୍ତି ବୋଲି କଥିତ ଅଛି । ବାହୁଡା ଦଶମୀ ଦିନ ପ୍ରଭୁଙ୍କୁ ନିତ୍ୟସ୍ନାନ କରାଇ ''ସେନାପଟା'' ଲାଗି ହୋଇଥାଏ । ଏହାପରେ ସକାଳ ଧୂପ ପ୍ରଦାନ କରାଗଲା ପରେ ମଙ୍ଗଳାରୋପଣ କରାଯାଏ । ରାଜା ବା ତାଙ୍କ ପ୍ରତିନିଧି ପୁଣି ପ୍ରଭୁମାନଙ୍କୁ ଶ୍ରୀମନ୍ଦିର ଯାତ୍ରା କରିବା ପାଇଁ ଅନୁମତି ଲୋଡନ୍ତି । ଏସବୁ ପରେ ବାହୁଡା ପାଇଁ ପହଣ୍ଡି କାର୍ଯ୍ୟର ଶୁଭାରମ୍ଭ ହୁଏ ।

ଗୁଣ୍ଡିଚା ମଣ୍ଡପରେ ଠାକୁରଙ୍କ ଅବସ୍ଥାନ ସମୟରେ ବଡ଼ଦେଉଳର କେତୋଟି ମୌଳିକ ନୀତି ବ୍ୟତୀତ ସମସ୍ତ ନୀତିନିୟମ ପାଳିତ ହୋଇଥାଏ । ରଥଯାତ୍ରାର ତିନୋଟି ଅଙ୍ଗ - ପ୍ରଥମତଃ ପୂର୍ବଯାତ୍ରା ଗୁଣ୍ଡିଚା, ଦ୍ୱିତୀୟତଃ ଗୁଣ୍ଡିଚାମଣ୍ଡପରେ ଠାକୁରଙ୍କ ଅବସ୍ଥାନ ଓ ତୃତୀୟତଃ ବାହୁଡା ଯାତ୍ରା । ଶ୍ରୀମନ୍ଦିରରେ ବଲ୍ଲଭପୂଜା ଶେଷରେ ସାଧାରଣ ଦର୍ଶନ ହୁଏ । ମାତ୍ର ଗୁଣ୍ଡିଚା ଘରେ ସେପରି କିଛି ନିୟମ ନଥାଏ । ଅବକାଶ ପରେ ସାଧାରଣ ଦର୍ଶନ ହୁଏ । ଗୁଣ୍ଡିଚା ମନ୍ଦିରରେ ପ୍ରତ୍ୟେକ ପ୍ରାତଃଧୂପ ପୂର୍ବରୁ ମହାସ୍ନାନ କରାଯାଏ । ଏହି ବିଧି ଶ୍ରୀମନ୍ଦିରରେ କ୍ୱଚିତ୍ ପାଳିତ ହୁଏ । ରଥଟଣାର ଅନିୟମିତତା ହେତୁ ସାତଦିନ ପୂଜା ମଧ୍ୟ ସମସ୍ତ ସମୟରେ ସମ୍ଭବ ହୁଏ ନାହିଁ । ଶ୍ରୀମନ୍ଦିର ପରି ଗୁଣ୍ଡିଚା ମନ୍ଦିରରେ ବିମଳା ସମର୍ପଣ ବିଧି ସେପରି ପାଳିତ ହୁଏ ନାହିଁ । ଗୁଣ୍ଡିଚା ମଣ୍ଡପ ନିକଟରେ ଥିବା ରଥଗୁଡ଼ିକର ଧ୍ୱଜ ପଞ୍ଚୋପଚାରରେ ଉପାସନା କରାଯାଏ । ରଥ ଉପରେ ଯେପରି ଅଶୁଭକାରୀ ପକ୍ଷୀ ନ ବସନ୍ତି, ସେଥିପ୍ରତି ଦୃଷ୍ଟି ରଖାଯାଏ । ପ୍ରତିଦିନ ଭୂତ/ପ୍ରେତାଦି ଉପଦେବତାମାନଙ୍କ କୋପଖଣ୍ଡନ ପାଇଁ ଦିଗପାଳମାନଙ୍କୁ ପାୟସାନ୍ନ ବଳି, ଭୂତ, ପ୍ରେତ, ପିଶାଚମାନଙ୍କୁ ଅନ୍ନବଳି ଦିଆଯାଇଥାଏ ।

ଶ୍ରୀମନ୍ଦିର ପରି ଗୁଣ୍ଡିଚା ମନ୍ଦିର ଏହି ଜାତିର ମହାନ୍ ତୀର୍ଥସ୍ଥାନ । ଦାରୁଦେବତାଙ୍କ ଜନ୍ମସ୍ଥାନ ଗୁଣ୍ଡିଚା ମନ୍ଦିର । ପୁଣି ଏଠାରେ ରାଜା ଇନ୍ଦ୍ରଦ୍ୟୁମ୍ନ

ସହସ୍ର ଅଶ୍ୱମେଧ ଯଜ୍ଞ କରିଥିବାର ସୂଚନା ମିଳେ । ଗୁଣ୍ଡିଚାମଣ୍ଡପ ସନ୍ନିକଟ ଇନ୍ଦ୍ରଦ୍ୟୁମ୍ନ ସରୋବର ଦର୍ଶକମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଗୁଣ୍ଡିଚାମନ୍ଦିରରେ ତାଙ୍କୁ ଦର୍ଶନ କଲେ ମହାପୁଣ୍ୟ ମିଳେ । ଜୀବନରେ ଏହାଠାରୁ ସୌଭାଗ୍ୟପୂର୍ଣ୍ଣ ଘଟଣା ଆଉ କ'ଣ ଥାଇପାରେ ? ଜଗନ୍ନାଥ ସଂସ୍କୃତି ଅତି ପ୍ରାଚୀନ । କେଉଁ ଆଦିମ କାଳରୁ ଏହି ନବଦିନ ଉତ୍ସବର ଆଧ୍ୟାତ୍ମିକ ଚେତନା ଭକ୍ତ ହୃଦୟକୁ ଭାବନାସିକ୍ତ କରିଛି, ତାହା ବର୍ଣ୍ଣନା କରିବା ସହଜ ନୁହେଁ । ଜଗନ୍ନାଥ କେବଳ ଏ ଜାତିର ନୁହେଁ, ସମଗ୍ର ମାନବଜାତିର ପଥପ୍ରଦର୍ଶକ ତଥା ଦିଗଦର୍ଶକ ।

ଯଶୁଆପୁର,
ମାହାଙ୍ଗା, କଟକ ।

# ଶ୍ରୀମନ୍ଦିର ପରିକ୍ରମା

ବଙ୍ଗୋପସାଗର କୂଳବର୍ତ୍ତୀ ଭାରତର ଶ୍ରେଷ୍ଠ ଧର୍ମପୀଠ । ଶ୍ରୀମନ୍ଦିରର ପ୍ରାଙ୍ଗଣ ପୂର୍ବ-ପଶ୍ଚିମ ଦିଗରେ ୬୬୫
ଫୁଟ (ପ୍ରାୟ ୨୦୨.୭ ମିଟର) ଓ ଉତ୍ତର-ଦକ୍ଷିଣରେ ୬୪୪ ଫୁଟ (ପ୍ରାୟ ୧୯୬.୩ ମିଟର) । ମନ୍ଦିରର ଚତୁଃଦିଗରେ
୨୪ ଫୁଟ (ପ୍ରାୟ ୭.୩ ମିଟର) ଉଚ୍ଚ ପଥର ନିର୍ମିତ ମେଘନାଦ ପାଚେରୀ । ଏହି ପାଚେରୀର ଚାରିଦିଗରେ ଚାରିଗୋଟି
ଦ୍ୱାର । ପୂର୍ବ ଦିଗରେ ସମୁଦ୍ରାଭିମୁଖୀ ପ୍ରଧାନ ଦ୍ୱାର ସିଂହଦ୍ୱାର, ଉତ୍ତରରେ ହସ୍ତିଦ୍ୱାର, ଦକ୍ଷିଣରେ ଅଶ୍ୱଦ୍ୱାର ଓ ପଶ୍ଚିମରେ
ବ୍ୟାଘ୍ର ଦ୍ୱାର ଅବସ୍ଥିତ । ପୂର୍ବ ଦ୍ୱାରରେ ଦୁଇଟି ବିଶାଳ ସିଂହ ମୂର୍ତ୍ତି, ପ୍ରବେଶ ପଥରେ ବିଷ୍ଣୁଙ୍କ ଦ୍ୱାରପାଳ ଜୟ ବିଜୟଙ୍କ
ମୂର୍ତ୍ତି, ତୋରଣ ଗୃହ ମଧ୍ୟରେ ଦକ୍ଷିଣ ଦ୍ୱାରରେ ପତିତପାବନ ମୂର୍ତ୍ତି ବିଦ୍ୟମାନ । ଦ୍ୱାରଗୃହ ପାର ହେଲା ପରେ ବାଇଶ
ପାହାଚ ଆରମ୍ଭ । ଏହାର ବାମଦିଗରେ କାଶୀ ବିଶ୍ୱନାଥ ଓ ରାମଚନ୍ଦ୍ରଙ୍କ ମୂର୍ତ୍ତି ବିରାଜିତ ।

ବାଇଶ ପାହାଚ ପାର ହେଲେ ଭିତର ଅଗଣା । ଏହି ଅଗଣା ପୂର୍ବ-ପଶ୍ଚିମରେ ୪୦୦ ଫୁଟ (ପ୍ରାୟ ୧୨୧.୯
ମିଟର) ଓ ଉତ୍ତର-ଦକ୍ଷିଣରେ ୨୭୮ ଫୁଟ (ପ୍ରାୟ ୮୪. ୭୩ ମିଟର) । ଏହାର କେନ୍ଦ୍ରସ୍ଥଳରେ ଜଗନ୍ନାଥ ମନ୍ଦିର ।
ଚତୁଃପାର୍ଶ୍ୱରେ ଅନ୍ୟାନ୍ୟ ଦେବଦେବୀଙ୍କ ଛୋଟ ଛୋଟ ମନ୍ଦିର ବିଦ୍ୟମାନ ।

ଜଗନ୍ନାଥ ମନ୍ଦିର ଚାରି ଭାଗରେ ବିଭକ୍ତ । ମୂଳ ମନ୍ଦିର ବା ବିମାନ, ତାପରେ ଜଗମୋହନ, ତା'ପରେ ନାଟ
ମନ୍ଦିର । ନାଟ ମନ୍ଦିର ସମ୍ମୁଖରେ ଭୋଗମଣ୍ଡପ । ଏହା ପୂର୍ବ-ପଶ୍ଚିମରେ ୫୮ ଫୁଟ (ପ୍ରାୟ ୧୭.୬୭ ମିଟର) ଓ
ଉତ୍ତର ଦକ୍ଷିଣରେ ୫୬ ଫୁଟ (୧୭.୦୭ ମିଟର) । ନାଟମନ୍ଦିର ଉଭୟ ଲମ୍ବା ଓ ଚଉଡାରେ ପ୍ରାୟ ୮୦ ଫୁଟ (୨୪.୩୮
ମିଟର) । ନାଟ ମନ୍ଦିରର ପଛପଟେ ୮୦ ଫୁଟ ପ୍ରାୟ ୨୪.୩୮ ମିଟର) ଲମ୍ବ ଓ ଚଉଡା ବିଶିଷ୍ଟ ଜଗମୋହନ । ପ୍ରଧାନ
ଦେଉଳର ଉଚ୍ଚତା ୧୯୨ ଫୁଟ (ପ୍ରାୟ ୫୮.୫୨ ମିଟର) ।

ମନ୍ଦିରର ଅଗ୍ନିକୋଣରେ ସତ୍ୟନାରାୟଣ, ତାର ପଶ୍ଚିମରେ ରାଧାକୃଷ୍ଣ ମୂର୍ତ୍ତି, ତାହାର ପଶ୍ଚିମକୁ ବଟକୃଷ୍ଣ ଓ
ତା ନିକଟରେ ବଟବୃକ୍ଷ ମୂଳେ ବଟମଙ୍ଗଳା । ଏହି ବଟବୃକ୍ଷ କଳ୍ପବଟ ନାମରେ ପରିଚିତ । ବଟବୃକ୍ଷର ଈଶାନ କୋଣରେ
ମାର୍କଣ୍ଡେୟେଶ୍ୱର ଓ ଦକ୍ଷିଣ ଦିଗରେ ବଟେଶ୍ୱର ଲିଙ୍ଗ ବିଦ୍ୟମାନ । ମାର୍କଣ୍ଡେୟେଶ୍ୱର ମନ୍ଦିରର ଉତ୍ତରରେ ଇନ୍ଦ୍ରାଣୀ,
ବଟେଶ୍ୱର ଲିଙ୍ଗଙ୍କ ନୈଋତ ଦିଗରେ ସୂର୍ଯ୍ୟମୂର୍ତ୍ତି, ତାହାର ପଶ୍ଚିମ ଦିଗରେ କ୍ଷେତ୍ରପାଳ ଓ ତାହାର ପଶ୍ଚାତ ଭାଗରେ
ମୁକ୍ତିମଣ୍ଡପ । ମୁକ୍ତିମଣ୍ଡପର ପଶ୍ଚିମକୁ ନରସିଂହ ମୂର୍ତ୍ତି, ଗଣେଶ ଓ ରୋହିଣୀ କୁଣ୍ଡରେ ପତିତ ଭୂଷଣ୍ଡୀ କାକର ମୂର୍ତ୍ତି ।
ଏହାର ପଶ୍ଚିମ ଦିଗରେ ବିମଳା ମନ୍ଦିର । ବିମଳା ମନ୍ଦିରର ଉତ୍ତର ଦିଗରେ ରାଧାକୃଷ୍ଣ ମୂର୍ତ୍ତି, ତା'ପରେ ଭଣ୍ଡ ଗଣେଶ
ମୂର୍ତ୍ତି ପ୍ରତିଷ୍ଠିତ । ଭଣ୍ଡ ଗଣେଶ ମୂର୍ତ୍ତିକୁ ପୁରୁଷୋତ୍ତମ ଦେବ କାଞ୍ଚିବିଜୟ ବେଳେ କାଞ୍ଚି ରାଜ୍ୟରୁ ଆଣିଥିବାର
ଜନଶ୍ରୁତି । ପଶ୍ଚିମ ଦ୍ୱାରର ଉତ୍ତର ଦିଗରେ ଗୋପୀନାଥ, କ୍ଷୀରଚୋରା ଗୋପୀନାଥ, ସରସ୍ୱତୀ ଓ ନୀଳମାଧବ
ମୂର୍ତ୍ତି ।

ନୀଳମାଧବଙ୍କ ଉତ୍ତର ଦିଗରେ ଲକ୍ଷ୍ମୀ ମନ୍ଦିର । ଏହି ମନ୍ଦିରର ପଶ୍ଚିମରେ ସର୍ବମଙ୍ଗଳା ମୂର୍ତ୍ତି । ତା' ନିକଟକୁ
ରାଧାକୃଷ୍ଣ, ସୂର୍ଯ୍ୟନାରାୟଣ, ପାତାଳେଶ୍ୱର ମନ୍ଦିର ବିଦ୍ୟମାନ । ପାତାଳେଶ୍ୱର ମନ୍ଦିର ନିକଟରେ ଉତ୍ତର ଦ୍ୱାର । ମୂଳ
ମନ୍ଦିରର ଈଶାନ କୋଣରେ ସ୍ନାନବେଦୀ । ସ୍ନାନ ମଣ୍ଡପର ଅଗ୍ନିକୋଣରେ ଚାହାଣୀ ମଣ୍ଡପ ।

ସିଂହଦ୍ୱାରର ଦକ୍ଷିଣ ଦିଗରେ ଭେଟମଣ୍ଡପ । ବାଇଶ ପାହାଚର ଡାହାଣକୁ ଆନନ୍ଦବଜାର । ହସ୍ତିଦ୍ୱାର ନିକଟରେ
ଦ୍ୱିତଳ ଗୃହ କୋଇଲି ବୈକୁଣ୍ଠ । କୋଇଲି ବୈକୁଣ୍ଠ ନିକଟରେ ଜଗନ୍ନାଥଙ୍କ ପୁଷ୍ପବାଟିକା । ମନ୍ଦିର ମଧ୍ୟସ୍ଥ ଜଗମୋହନରେ
ଗରୁଡସ୍ତମ୍ଭ ଓ ତା'ଉପରେ ଗରୁଡମୂର୍ତ୍ତି ବିଦ୍ୟମାନ । ମୂଳ ମନ୍ଦିର ମଧ୍ୟସ୍ଥ ରତ୍ନବେଦୀ ଉପରେ ଜଗନ୍ନାଥ, ବଳଭଦ୍ର,
ସୁଭଦ୍ରା ଓ ସୁଦର୍ଶନ ବିରାଜିତ । ରତ୍ନବେଦୀର ଦୈର୍ଘ୍ୟ ୧୬ ଫୁଟ (ପ୍ରାୟ ୪.୧୭ ମିଟର ଓ ଉଚ୍ଚତା ୪ ଫୁଟ (ପ୍ରାୟ
୧.୨୧ ମିଟର) । ରାଜା ପୁରୁଷୋତ୍ତମ ଦେବ କାଞ୍ଚି ବିଜୟରୁ ଏହି ବେଦୀକୁ ଆଣିଥିବାର ପ୍ରବାଦ ରହିଛି । ରତ୍ନବେଦୀର
ଅଗ୍ରଭାଗରେ ସ୍ୱର୍ଣ୍ଣ ନିର୍ମିତ ଲକ୍ଷ୍ମୀ ମୂର୍ତ୍ତି, ରଜତ ନିର୍ମିତ ବିଶ୍ୱଧାତ୍ରୀ ମୂର୍ତ୍ତି ଓ ପିତଳର ନୀଳମାଧବ ମୂର୍ତ୍ତି ବିଦ୍ୟମାନ ।

# ରଥଚକ୍ର - ମୁକ୍ତିପଥ

ଶ୍ରୀ ଦେବାଶିଷ ଚକ୍ରବର୍ତ୍ତୀ


ଓଡ଼ିଆର ପ୍ରାଣଧନ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ଏକ ଧାର୍ମିକ ଉପଚାର ନୁହେଁ । ଏହା ଏ ଜାତିର ପ୍ରାଣତନ୍ତ୍ରୀରେ ଏକ ଲଳିତ ମୂର୍ଚ୍ଛନା । ଏହା ମାଧ୍ୟମରେ ଓଡ଼ିଆଜାତି ସମଗ୍ର ବିଶ୍ୱମାନବକୁ ବିଶ୍ୱପ୍ରେମରେ ପୁଲକିତ କରି ଆସୁଛି । ରଥଯାତ୍ରାର ଉଦ୍‌ବେଳନ ମୁଖର ଦୃଶ୍ୟାବଳୀ ପ୍ରତ୍ୟେକ ଓଡ଼ିଆର ହୃଦୟରେ ଆନନ୍ଦର ଲହର ଖେଳାଇ ଦିଏ । ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ମାନବଜୀବନ ସାର୍ଥକ ହୁଏ ବୋଲି କୁହାଯାଉଛି—

"ରଥସ୍ଥଂ ଜଗନ୍ନାଥମ୍ ପ୍ରସ୍ଥାନଂ ଗୁଣ୍ଡିଚା ଗୃହମ୍ ।
ଯେ ପଶ୍ୟନ୍ତି ନରଶ୍ରେଷ୍ଠା ସ୍ତେ ଧନ୍ୟା ଭୁବନ ତ୍ରୟେ ।"

ସ୍ନାନ, ଦୋଳ, ଅକ୍ଷୟ ତୃତୀୟାଦି ଦ୍ୱାଦଶ ଯାତ୍ରା ମଧ୍ୟରୁ ରଥଯାତ୍ରା ସର୍ବଶ୍ରେଷ୍ଠ ଯାତ୍ରାରୂପେ ସ୍ୱୀକୃତ । ଯାତ୍ରାମାନଙ୍କ ମଧ୍ୟରେ ଯେ କେବଳ ଶ୍ରେଷ୍ଠତ୍ୱ ଲାଭ କରିଛି ତାହା ନୁହେଁ, ଏହା ଓଡ଼ିଶାର ସାମାଜିକ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଜୀବନର ଏକ ମୁଖ୍ୟଧାରା ରୂପେ ବିବେଚିତ ହେଉଛି । ଏହା ଆଜି କେବଳ ଓଡ଼ିଶାର ଭୂଗୋଳ ମଧ୍ୟରେ ସୀମିତ ହୋଇ ରହିନାହିଁ, ଆମ ଦେଶର ଅନ୍ୟ ପ୍ରଦେଶମାନଙ୍କୁ କ୍ରମେ ପ୍ରସାରିତ ହେବା ସହ ଦେଶ ବାହାରେ ମଧ୍ୟ ଏହା ପାଳିତ ହେଉଛି । ଆଷାଢ଼ ଶୁକ୍ଳ ଦ୍ୱିତୀୟା ପୁଷ୍ୟା ନକ୍ଷତ୍ରରେ ଅନୁଷ୍ଠିତ ଏହି ଯାତ୍ରା ଘୋଷଯାତ୍ରା, ଦକ୍ଷିଣାଭିମୁଖୀ ଯାତ୍ରା, ନବଦିନଯାତ୍ରା, ମହାବେଦୀ ଯାତ୍ରା, ଆଡ଼ପଯାତ୍ରା ଓ ପତିତପାବନ ଯାତ୍ରା ଆଦି ବିଭିନ୍ନ ନାମରେ ଖ୍ୟାତ । ବଡ଼ଦାଣ୍ଡରେ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଦର୍ଶନ ଦେଇ ଭକ୍ତପ୍ରାଣରେ କ୍ଳେଶ ହରଣ କରିଥାନ୍ତି । ରଥ ଉପରେ ଆସୀନ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ମନୁଷ୍ୟର ସକଳ କଳୁଷ ଦୂର ହେବା ସହିତ ଆଉ ପୁନର୍ଜନ୍ମ ହୁଏନାହିଁ ବୋଲି ଏକ ପ୍ରତିଷ୍ଠିତ ବିଶ୍ୱାସ । ତେଣୁ କୁହାଯାଇଛି—

"ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।"

ଅକ୍ଷୟତୃତୀୟା ଦିନଠାରୁ ରଥ ତିଆରି କାର୍ଯ୍ୟ ଆରମ୍ଭ ହୁଏ । ପ୍ରଭୁଙ୍କ ପ୍ରଦତ୍ତ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଉଚ୍ଚତା ୩୩ ହାତ ପାଞ୍ଚ ଆଙ୍ଗୁଳ । ଏହା ଆଠଶହ ତିରିଶଖଣ୍ଡ କାଠରେ ନିର୍ମିତ । ଏହାର ଚକସଂଖ୍ୟା ଷୋହଳ । ଚକର ଉଚ୍ଚତା ଚାରିହାତ । ଉତ୍କଳୀୟ ଚେତନାରେ ଶ୍ରୀଜଗନ୍ନାଥ ଅବତାରୀ ପୁରୁଷରୂପେ ସ୍ୱୀକୃତ । ସେ ଷୋଳକଳାର ଆଧାର । ତେଣୁ ଷୋହଳ କଳାର ପ୍ରତୀକରୂପେ ରଥର ଚକସଂଖ୍ୟା ଷୋହଳ । ଏହାର ରକ୍ଷକ ନୃସିଂହ ଓ ସାରଥି ମାତଳୀ । ଏଥିରେ ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦାଶ୍ୱ ଚାରୋଟି ଶ୍ୱେତବର୍ଣ୍ଣର ଅଶ୍ୱ ଯୋଚା ହୋଇଥାଏ । ଏହି ରଥର ପାର୍ଶ୍ୱଦେବତାମାନେ ହେଲେ ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନଧାରଣ, ଚିନ୍ତାମଣି, ରାଘବ ଓ ନୃସିଂହ । ନନ୍ଦିଘୋଷ ରଥର ରଙ୍ଗ ପୀତଲୋହିତ । ଶ୍ରୀବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ । ତାଳବନର ଦେବତାମାନେ ତାଙ୍କୁ ଏହା ପ୍ରଦାନ କରିଥିବାରୁ ଏହା ତାଳଧ୍ୱଜ ନାମରେ କଥିତ । ଏହାର ଉଚ୍ଚତା ୩୨ ହାତ ୧୦ ଆଙ୍ଗୁଳି । ଏହା ସାତଶହ ତେଷଠି ଖଣ୍ଡ କାଠରେ ନିର୍ମିତ ହୋଇଥାଏ । ଚତୁର୍ଦ୍ଦଶଭୁବନର ପ୍ରତୀକ ସ୍ୱରୂପ ଏହାର ଚକସଂଖ୍ୟା ଚଉଦ । ଚକର ଉଚ୍ଚତା ଚାରିହାତରୁ ଦୁଇ ଆଙ୍ଗୁଳ କମ୍ । ରଥର ଉଚ୍ଚତା ବେଦୀ ଉପରୁ ବାର ହାତ । ରଥର ରକ୍ଷକ ଭାସ୍କର । ଏହି ରଥରେ ତାରଘୋର, ଦୀର୍ଘ ଶ୍ରମ ଓ ସ୍ୱର୍ଣ୍ଣନାଭ ନାମରେ କୃଷ୍ଣବର୍ଣ୍ଣର ଅଶ୍ୱ ଯୋଚା ହୋଇଥାଏ । ରଥର ପାର୍ଶ୍ୱଦେବତାମାନେ ହେଲେ



ପ୍ରଳମ୍ବାରୀ, ହଟାୟୁଧ, ହରିହର, ତ୍ରିମୁଖ, ବାସୁଦେବ, ନୀଳାମ୍ବର, ଅଘୋର ଓ ତ୍ରିପୁରାରି ଶିବ ।

ଦେବତାମାନଙ୍କଦ୍ୱାରା ପ୍ରଦତ୍ତ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଉଚ୍ଚତା ୩୧ ହାତ । ଏହା ପାଞ୍ଚଶହ ତେୟାନବେ ଖଣ୍ଡ କାଠରେ ନିର୍ମିତ । ଦ୍ୱାଦଶଯୋଗ ବା ଦ୍ୱାଦଶ ଦିବାକରଙ୍କ ପ୍ରତୀକ ସ୍ୱରୂପ ଏହି ରଥର ଚକସଂଖ୍ୟା ବାର । ଚକର ଉଚ୍ଚତା ଚାରିହାତ ପାଏ । ରଥର ଉଚ୍ଚତା ବେଦୀ ଉପରୁ ଏକୋଇଶି ହାତ । ରଥର ରକ୍ଷକ ଜୟଦୁର୍ଗା ଓ ସାରଥି ଅର୍ଜ୍ଜୁନ । ରୋଚିକ, ଅପରାଜିତା, ମୋଚିକା ଓ ଜ୍ୟୋତିକା ନାମକ ଚାରୋଟି ଅଶ୍ୱ ଏହି ରଥରେ ଯୋଚା ହୁଅନ୍ତି । ରଥର

ପାର୍ଶ୍ୱଦେବତାମାନେ ହେଲେ ବିମଳା, ଚାମୁଣ୍ଡା, ଭଦ୍ରକାଳୀ, ହରଚଣ୍ଡିକା, ମଙ୍ଗଳା, ବରାହୀ, କାତ୍ୟାୟନୀ, ଜୟଦୁର୍ଗା ଓ କାଳୀ । ପ୍ରତ୍ୟେକ ରଥରେ କାଠ ନିର୍ମିତ ଧ୍ୱଜ ଦେବତା ପ୍ରତିଷ୍ଠିତ ହୋଇଥାନ୍ତି । ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷର ଧ୍ୱଜ ଦେବତା ହନୁମାନ ହୋଇଥିବାବେଳେ ତାଳଧ୍ୱଜ ଓ ଦେବଦଳନର ଧ୍ୱଜଦେବତାମାନେ ହେଲେ ଯଥାକ୍ରମେ ନୃସିଂହ ଓ ବିଜୟା ଦୁର୍ଗା । ରଥଯାତ୍ରା ପୂର୍ବଦିନ ଆଜ୍ଞାମାଳ ପାଇବା ପରେ ରଥଖଳାରୁ ରଥ ସିଂହଦ୍ୱାରକୁ ନିଆଯାଏ । ଯାତ୍ରାର ପୂର୍ବଦିନ ସକାଳ ଧୂପ ପରେ ତିନିଜଣ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଧରି ଘଣ୍ଟ, କାହାଳୀ ପଟୁଆରରେ ରଥଖଳାକୁ ଆସି ପ୍ରତିରଥର ବଡ଼ ମହାରଣାଙ୍କୁ ପ୍ରଦାନ କରନ୍ତି । ମହାରଣା ରଥରେ ଆଜ୍ଞାମାଳ ଖସିଲେ ରଥ ସିଂହଦ୍ୱାରକୁ ପଛୁଆ ଟଣାଯାଏ । ପ୍ରଥମେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ, ତାପରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ଓ ଶେଷରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣାଯାଏ । ରଥଗୁଡ଼ିକ ସିଂହଦ୍ୱାର ନିକଟରେ ଧାଡ଼ିହୋଇ ରୁହନ୍ତି । ଶ୍ରୀଗୁଣ୍ଡିଚା ଦିନ ସକାଳେ ମନ୍ଦିର ପୁରୋହିତଙ୍କ ଦ୍ୱାରା ରଥ ପ୍ରତିଷ୍ଠା କରାଯାଏ ।

ରଥଯାତ୍ରା ଦିନ ପ୍ରତ୍ୟୁଷରୁ ଆଳତି ଅବକାଶ କରିବା ପରେ ତିନିଠାକୁର ବେଶ ହୁଅନ୍ତି । ସେଦିନ ସକାଳେ ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ତଥା ଅନ୍ୟ ଠାକୁରମାନଙ୍କର ଅନ୍ୟାନ୍ୟ ନୀତି କରିବା ପରେ ଖୁଣ୍ଟିଆ ଡାକ ଦିଏ । ସେ ଜଗମୋହନ ସାତପାହାଚରେ ପହଞ୍ଚିଲେ ବଡଠାକୁରଙ୍କ ଗୁହ୍ମା ପିଟାଯାଏ । ବଡଠାକୁର ସାତପାହାଚ ଅତିକ୍ରମ କଲେ ଦେବୀ ସୁଭଦ୍ରାଙ୍କ ଗୁହ୍ମା ପିଟାଯାଏ । ଦେବୀ ସୁଭଦ୍ରା ସାତପାହାଚ ଅତିକ୍ରମ କଲେ ଶ୍ରୀଜଗନ୍ନାଥଙ୍କ ଗୁହ୍ମା ପିଟାହୁଏ । ସାତପାହାଚରେ ଠାକୁରମାନେ ଟାହିଆଲାଗି ହୁଅନ୍ତି । ପୁରୀର ରାଘବ ଦାସ ମଠ ପକ୍ଷରୁ ଏହା ଯୋଗାଇ ଦିଆଯାଇଥାଏ । ଠାକୁରମାନେ ଆନନ୍ଦବଜାର ପରିକ୍ରମା କରି ନିଜନିଜର ରଥରେ ଅବସ୍ଥାନ କରନ୍ତି । ସୁଦର୍ଶନ ଦେବୀ ସୁଭଦ୍ରାଙ୍କ ରଥରେ ବିଜେ ହୁଅନ୍ତି । ଠାକୁରମାନେ ରଥରେ ବିଜେ ହେବା ପରେ ଗଜପତି ମହାରାଜା ସୁବର୍ଣ୍ଣ ସମ୍ମାର୍ଜନୀରେ ଛେରାପହଁରା କାର୍ଯ୍ୟ କରନ୍ତି । ତା'ପରେ ରଥଟଣା ଆରମ୍ଭ ହୁଏ ।

ଶ୍ରୀଜୀଉ ସପ୍ତାହେକାଳ ଅନ୍ତର୍ବେଦୀରେ ଅବସ୍ଥାନ କରନ୍ତି । ତେଣୁ କୁହାଯାଇଛି—"ଗତାଗତଂ ପରିତ୍ୟଜ୍ୟ ସପ୍ତାହଂ ଗୁଣ୍ଡିଚ ମନ୍ଦିରେ ।" ଯିବା ଓ ଆସିବା ଦୁଇଦିନକୁ ମିଶାଇ ଏହାକୁ ନବଦିନ ଯାତ୍ରା ବୋଲି ମଧ୍ୟ କୁହାଯାଏ । ଶ୍ରୀମନ୍ଦିରରେ ବର୍ଷସାରା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଯେଉଁ ପୁଣ୍ୟ ମିଳିଥାଏ, ଆଡପମଣ୍ଡପ (ଗୁଣ୍ଡିଚା ମନ୍ଦିର)ରେ ଦିନଟିଏ ଦର୍ଶନ କଲେ ତା'ଠାରୁ ଅଧିକ ପୁଣ୍ୟ ମିଳେ ବୋଲି ଦୃଢ ବିଶ୍ୱାସ ଜନମାନସରେ ରହିଛି । ତେଣୁ କୁହାଯାଇଛି –

"ଗୁଣ୍ଡିଚାମଣ୍ଡପଂ ଯାନ୍ତି ଯେ ପଶ୍ୟନ୍ତି ରଥେ ସ୍ଥିତମ୍ ।
କୃଷ୍ଣରାମ ସୁଭଦ୍ରାଂଚ ତେଜାନ୍ତି ଭବନଂ ହରେଃ ॥
ଯେ ପଶ୍ୟନ୍ତି ତଦା କୃଷ୍ଣଂ ସପ୍ତାହଂ ମଣ୍ଡପେ ସ୍ଥିତମ୍ ।
ହଳୀନଞ୍ଚ ସୁଭଦ୍ରାଞ୍ଚ ବିଷ୍ଣୁଲୋକଂ ବ୍ରଜନ୍ତି ତେ ॥"

ଗୁଣ୍ଡିଚାମନ୍ଦିରରେ ପ୍ରତ୍ୟେକ ଦିନ ଶ୍ରୀଜୀଉଙ୍କୁ ଦର୍ଶନ କଲେ ଅଧିକରୁ ଅଧିକ ପୁଣ୍ୟଫଳ ଲାଭ ହୁଏ । ବିଶେଷ କରି ଶୁକ୍ଳ ନବମୀ ଦିନ (ବାହୁଡ଼ା ଯାତ୍ରାର ପୂର୍ବଦିନ) ଠାକୁର ଦର୍ଶନ ପାଇଁ ଅଧିକ ଭିଡ ପରିଲକ୍ଷିତ ହୋଇଥାଏ । ଏହିଦିନ ଦେବତାମାନେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଆସିଥାନ୍ତି ବୋଲି ଜନଶ୍ରୁତି ରହିଛି ।

ରଥଯାତ୍ରା ମାନବବାର ଜୟଯାତ୍ରା । ଏହା ସବୁ ବର୍ଣ୍ଣର ତଥା ସବୁ ସମ୍ପ୍ରଦାୟର । ସମସ୍ତଙ୍କ ମନରେ ଏହା ମହାମିଳନର କ୍ଷେତ୍ର ସୃଷ୍ଟି କରି ଏହା ନିଜସ୍ୱ ସ୍ୱାତନ୍ତ୍ର୍ୟକୁ ପ୍ରତିପାଦିତ କରେ । ଅନ୍ୟାୟକୁ ରଥଚକତଳେ ଚାପି ନ୍ୟାୟର ଜୟଗାନ କରିବା ନିମନ୍ତେ ଏହା ଏକ ଦିବ୍ୟଚେତନାର ସ୍ଥୂଳପ୍ରକାଶ । ବିଭେଦ ମଧ୍ୟରେ ଏକତା ସୃଷ୍ଟି କରିବା ଏହାର ଏକ ଅଭିମୁଖ୍ୟ । ପତିତପାବନ ନାମର ସାର୍ଥକତା ପାଇଁ ଭାଇଭଉଣୀଙ୍କୁ ଧରି ପ୍ରଭୁ ଅବତୀର୍ଣ୍ଣ ହୁଅନ୍ତି ବଡ ଦାଣ୍ଡରେ । ସମସ୍ତେ ଅଭିଭୂତ ହୁଅନ୍ତି ନୀଳାଦ୍ରୀଧାମରେ ଓ ନୀଳାଦ୍ରୀବେଶରୀଙ୍କ ପ୍ରେମରେ । ଭାରତବର୍ଷରେ ଏକତ୍ୱ, ମୈତ୍ରୀ ଓ ସଦ୍ଭାବ ସୃଷ୍ଟି ମାଧ୍ୟମରେ ସମଗ୍ର ବିଶ୍ୱ ଜୀବନରେ ଶାନ୍ତି-ପ୍ରୀତି ତଥା ସହୃଦୟତାର ସ୍ପର୍ଶ ଆଣି ଦେବା ପାଇଁ ଶ୍ରୀଜଗନ୍ନାଥଙ୍କ ଏହି ରମ୍ୟ ଲୀଳାବିଳାସ । ସେଇଥି ପାଇଁତ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ପ୍ରକାଶ କରିଛନ୍ତି—"ସ୍ନାନ, ଗୁଣ୍ଡିଚା ଏ ବେନି ସ୍ୱସ୍ୱ ଲୀଳା ଯାର, ପତିତପାବନ ଅର୍ଥେ ପ୍ରାସାଦୁ ବାହାର ।"

ମଣିଷ ଶରୀରକୁ ମଧ୍ୟ ଏକ ରଥବୋଲି ପରିକଳ୍ପନା କରି କୁହାଯାଉଛି—"ଆତ୍ମାନଂ ରଥିନୋ ବିଦ୍ଧି, ଶରୀରଂ ରଥମେବଚ ।" ତାତ୍ତ୍ୱିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ମଣିଷର ଶରୀର ଏକ ଦିବ୍ୟ ରଥ । ଏହାର ଦୁଇଟି ଚକ ହେଉଛି ସତ୍ୟ ଓ ସଦାଚାର । ଏହାର ନିଶାଣ ହେଉଛି ବଳ, ବିବେକ, ପରୋପକାର ଓ ଇନ୍ଦ୍ରିୟନିଗ୍ରହ ଆଦି ଚାରୋଟି ଘୋଡା । କ୍ଷମା, କୃପା ଓ ମମତା ରୂପକ ରଜ୍ଜୁ ଦ୍ୱାରା ଏହି ଘୋଡାମାନେ ନିୟନ୍ତ୍ରିତ ତଥା ପରସ୍ପର ସମ୍ବନ୍ଧିତ । ଆତ୍ମା ଏହି ରଥର ସାରଥି । ବୈରାଗ୍ୟ ଏହାର ଢାଲ ଓ ସନ୍ତୋଷ ତରବାରୀ । ସମ, ଯମ ଓ ନିୟମାଦି ତୂଣୀରରେ ସଜ୍ଜିତ ବିବିଧ ଶର । ଏହି ସମସ୍ତ ଗୁଣର ଅଧିକାରୀ ବ୍ୟକ୍ତି ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଉତ୍ତୀର୍ଣ୍ଣ ହେବା ଆତ୍ମଶକ୍ତିର ଅଧିକାରୀ ହୋଇ ପାରିଥାଏ ।

ଯୋଗୀ ଅରବିନ୍ଦ ରଥଯାତ୍ରା ମାଧ୍ୟମରେ ସୃଷ୍ଟିକର୍ତ୍ତାଙ୍କ ଶାଶ୍ୱତ ସୃଷ୍ଟି ପ୍ରବାହକୁ ଲକ୍ଷ୍ୟ କରିଛନ୍ତି । ସମସ୍ତ ଜୀବନର ପରିପୂର୍ଣ୍ଣ ବିକାଶ ଦ୍ୱାରା ଗଠିତ ଆଦର୍ଶ ସମାଜହିଁ ତାଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥଙ୍କ ରଥର ପ୍ରତୀକ । ସ୍ୱାଧୀନତା, ଐକ୍ୟ, ଜ୍ଞାନ ଓ ଶକ୍ତି ଏହାର ଚାରୋଟି ଚକ । ପ୍ରତ୍ୟେକ ବସ୍ତୁର ସ୍ୱାଧୀନଭାବରେ ପୂର୍ଣ୍ଣ ଅଭିବ୍ୟକ୍ତି ଆବଶ୍ୟକ । ସ୍ୱାଧୀନତାରେ ହିଁ ଆତ୍ମାର ସ୍ୱାତନ୍ତ୍ର୍ୟ ନିହିତ ଥାଏ । ଯଥାର୍ଥ ସ୍ୱାଧୀନତାରେ ହିଁ ଅନ୍ତରରେ ଐକ୍ୟ ଓ ସମନ୍ୱୟ ପ୍ରତିଷ୍ଠିତ ହୋଇଥାଏ । ଏହି ଐକ୍ୟ ମାଧ୍ୟମରେ ହିଁ ଯଥାର୍ଥ ଜ୍ଞାନ ଓ ସାମର୍ଥ୍ୟ ପରିଲକ୍ଷିତ ହୁଏ । ତେଣୁ ପରିପୂର୍ଣ୍ଣ ଜୀବନର ଅଭିବ୍ୟକ୍ତି ପାଇଁ ସ୍ୱାଧୀନତା, ଜ୍ଞାନ, ଐକ୍ୟ ଓ ସାମର୍ଥ୍ୟର ଆବଶ୍ୟକତା ରହିଛି । ଏହି ସମସ୍ତ ଉପାଦାନର ସୁଷମ ସମନ୍ୱୟ ବିନା ସମାଜରଥର ସୁପରିଚାଳନା ଏକାନ୍ତ ଅସମ୍ଭବ । ସାଧାରଣ ଶିଥିଳ ଉଦାସୀନ ସମାଜଦ୍ୱାରା ଏହି ଦିବ୍ୟରଥ ଗଠନ ଅସମ୍ଭବ । କ୍ଷୁଦ୍ର ସ୍ୱାର୍ଥକୁ

ପରିହାର କରି ମଣିଷ ହୃଦୟରେ ଦିବ୍ୟତ୍ୱର ପରିସ୍ଫୁଟନ ଦ୍ୱାରାହିଁ ଏହି ରଥର ସଂରଚନା ତଥା ପରିଚାଳନା ସମ୍ଭବ ବୋଲି ଯୋଗୀ ଶ୍ରୀଅରବିନ୍ଦ ଦୃଢମତ ପୋଷଣ କରନ୍ତି ।

ଏହାଯେ କେବଳ ଯୋଗୀ ଶ୍ରୀଅରବିନ୍ଦଙ୍କୁ ଆଲୋଡିତ କରିଛି ତାହାନୁହେଁ, ଏହା ମଧ୍ୟ କବିଗୁରୁ ରବୀନ୍ଦ୍ରନାଥ ଓ ଭକ୍ତକବି ସୁରଦାସଙ୍କ ହୃଦୟକୁ ଆପ୍ଲୁତ କରିଛି । କବିଗୁରୁ ଭକ୍ତପରିବୃତ୍ତ ବଡଦାଣ୍ଡ ଓ ରଥାରୁଢ ଶ୍ରୀଜଗନ୍ନାଥଙ୍କ ସନ୍ଦର୍ଶନରେ ଉଦାତ୍ତ କଣ୍ଠରେ–''ରଥଯାତ୍ରା ଲୋକାରଣ୍ୟ ମହାଧୁମଧାମ୍'' ବୋଲି ପ୍ରକାଶ କଲାବେଳେ ଭକ୍ତ ସୁରଦାସଙ୍କ କର୍ଣ୍ଣକୁହରରେ ରଥବାଦ୍ୟ ଅନୁରଣନ ସୃଷ୍ଟି କରିଛି । ଶ୍ରୀଜଗନ୍ନାଥ ଯାତ୍ରାକାଳରେ ତାଙ୍କ ମାଉସୀ ଗୁଣ୍ଡିଚା ଦେବୀଙ୍କ ଘରେ ଅବସ୍ଥାନ କରନ୍ତି । ମାଉସୀମାଙ୍କ ମନ୍ଦିରରେ ଶ୍ରୀଜୀଉଙ୍କ ଅବସ୍ଥାନ କୁଆ ବସାରେ କୋଇଲି ରହିବା ପରି ମନେହେବା ସହିତ ଲୋକକବି ଗଭୀରଭାବରେ ଅନୁଭବ କରିଛି ବିରହପୀଡିତା ମହାଲକ୍ଷ୍ମୀଙ୍କର ମର୍ମବ୍ୟଥାକୁ । ତେଣୁ ସେ ପ୍ରକାଶ କରିଛି–

''କୋଇଲି ରହିଲା ଯାଇ କୁଆର ବସାରେ,
ଜଗନ୍ନାଥ ରହିଲେ ଦେଖ ଗୁଣ୍ଡିଚା ନଅରେ ।
କାଳିଆକୁ ନଦେଖି ବଡ ଦେଉଳେ ହୋ,
ଲକ୍ଷ୍ମୀ ଠାକୁରାଣୀ ଝୁରି ମରେ ।''

କବି ଦିବାକର ଦାସ ଯେ କେବଳ ତାଙ୍କର ଜଗନ୍ନାଥ ଚରିତାମୃତରେ ଜଗନ୍ନାଥ ଷୋଳକଳା ବୋଲି ପ୍ରକାଶ କରିଛନ୍ତି ତାହା ନୁହେଁ, ଉତ୍କଳୀୟ ଜନମାନସରେ ମଧ୍ୟ ସେ ଅବତାରୀ ପୁରୁଷରୂପେ ସ୍ୱୀକୃତ । ତେଣୁ ଲୋକକବି ଦୃଷ୍ଟିରେ ସେ ସୃଷ୍ଟି, ସ୍ଥିତି ଓ ପ୍ରଳୟର ନିୟାମକ । କାରଣ ସେ ସତ୍ତ୍ୱ, ରଜ, ତମର ସୃଷ୍ଟିକାରୀ । କେବଳ ତାଙ୍କୁ ଅବତାରୀ ଭାବେ ଗ୍ରହଣ କରି ତୃପ୍ତ ହୋଇନି କବିପ୍ରାଣ । ସେ ତାଙ୍କୁ ଓଟାରି ଆଣନ୍ତି ଗାଁ ଦାଣ୍ଡକୁ । ଭକ୍ତ ବଳରାମ ଦାସଙ୍କ ବାଲିରଥ ରେ ଯଦି ବିରାଜିତ ହୋଇଥିଲେ ଶ୍ରୀଜଗନ୍ନାଥ ତେବେ ଭକ୍ତ ହୃଦୟରେ ଗ୍ରାମଦାଣ୍ଡକୁ ସେ ବା ନ ଆସିବେ କିପରି ? ରଥପରି ପାଲଟି ଯାଇଛନ୍ତି ଗ୍ରାମର ଗୌନ୍ତିଆ (ମୁଖିଆ) । ପଶ୍ଚିମ ଓଡ଼ିଶାର ଗ୍ରାମୀଣ କବିର କଳ୍ପନାରେ ଯେଉଁ ଚିତ୍ର ଅଙ୍କିତ ହୋଇଛି ତାହା କେବଳ ନୟନାଭିରାମ ନୁହେଁ, ତାହା ମଧ୍ୟ ହୃଦୟ ଉଲ୍ଲାସକ । ତେଣୁ କବି କହୁଛନ୍ତି–

ଫରଫର ଉଡୁଛେରେ ଦେଖ ରଥ ଧ୍ୱଜା,
ଛେରା ପହଁରା କରୁଛେରେ ଗୌନ୍ତିଆ ରଜା ।
ଆଗେ ବଳରାମ ମାଝେ ସୋଦେଦ୍ରା ବହନି,
ଜଗତର ନାଥ ପଛେ ଲଗାଏ ମହନି ।
ଦେଖି ନହସି ଯାଏ ରସହେ.... ।

କେବଳ ଏତିକି ନୁହେଁ, ଜଗତଠାକୁରଙ୍କୁ ନେଇ ସାଧାରଣ ଜୀବନରେ ବହୁ ସରସ ଅଭିବ୍ୟକ୍ତି ଉଙ୍କି ମାରିଛି । କେତେବେଳେ ପହଣ୍ଡିରେ ଆସୁଥିବା ଠାକୁର ସୁଆରିରେ ଆସୁଥିବା ବୁଢାବର ପରି ମନେହୋଇଛନ୍ତି ତ କେତେବେଳେ ସାଖୀଙ୍କ ରସପୂର୍ଣ୍ଣ କଥୋପକଥନରେ ''ରଥଯାତ'' କଥା ଉଙ୍କି ମାରିଛି । ପୁଣି କେତେବେଳେ ଯାତ୍ରାକୁ ଯାଉଥିବା ଭାଇକୁ ଚାହିଁ ରହିଛି ଭଉଣୀଟି –

''ନନ୍ଦିଘୋଷ ରଥ ଷୋଳ ଚକିଆ,
ମୋ ଭାଇ ଯାଉଛି ରଥଯାତକୁ ଲୋ,
ଆଣିଦେବ ସିପି ପାନିଆ ।''

ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରୁ ଦୋଳଯାତ୍ରା, ସ୍ନାନଯାତ୍ରା ଓ ରଥଯାତ୍ରା ଯାତ୍ରାତ୍ରୟ ଶ୍ରେଷ୍ଠଯାତ୍ରା ରୂପେ ବିବେଚିତ ହୋଇଆସୁଛି । କିନ୍ତୁ ରଥଯାତ୍ରା ସର୍ବଶ୍ରେଷ୍ଠ ଉତ୍ସବରୂପେ ସ୍ୱୀକୃତ । ଯଥାର୍ଥରେ ଏହା କେବଳ ଏକ ପାରମ୍ପରିକ ଉତ୍ସବ ନୁହେଁ, ଏହା ପ୍ରତ୍ୟେକ ଭକ୍ତର ପ୍ରାଣରେ ଆନନ୍ଦର ମହାସ୍ରୋତ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ସମସ୍ତ ପାପ ବିଦୂରିତ ହୋଇଥାଏ । ତେଣୁ କୁହାଯାଇଛି–''ଦ୍ୱାଦଶ ଯାତ୍ରାରେ ତିନି ଯାତ୍ରା ସାର ଦୋଳ, ସ୍ନାନ, ଶ୍ରୀଗୁଣ୍ଡିଚା, ସକଳ ଲୋକର ଅବଲୋକନରେ ପାତକ ସମୂହ ପୁଷ୍ଟା । '' ରଥ ଚକତଳେ ଚୌରାଶି ନର୍କର ସମସ୍ତ ପାତକ ବିଦୂରିତ ହୋଇଥାଏ ବୋଲି ଏକ ପ୍ରଚଳିତ ବିଶ୍ୱାସ । ଶ୍ରୀଜୀଉଙ୍କ ତିନିରଥର ଚକସଂଖ୍ୟା ବୟାଳିଶି (୪୨) । ଯିବା ଓ ଆସିବାରେ ଚୌରାଶି ଚକ ଗତିଶୀଳ ହୋଇଥାଏ । ଏହି ଚୌରାଶି ଚକତଳେ ଚୌରାଶି ନର୍କରୁ ଉଦ୍ଧାର ମିଳିଥାଏ । ଶ୍ରୀଚୈତନ୍ୟଙ୍କ ସହ କାଶୀରୁ ଆଗତ ରୂପ ଓ ସନାତନ ନାମକ ଦୁଇଭାଇଙ୍କ ମଧ୍ୟରୁ ସନାତନ ରଥଚକତଳେ ପ୍ରାଣଦେବାକୁ ଉଦ୍ୟମ କରିବାରୁ ତାଙ୍କୁ ସେ ଶ୍ରୀକ୍ଷେତ୍ରରୁ ନିର୍ବାସିତ କରିଥିବା କଥା କବି ମାଧବଙ୍କର ଚୈତନ୍ୟଲୀଳାମୃତରେ ଉଲ୍ଲେଖ ଅଛି । ରଥଚକ ଭକ୍ତପାଇଁ ମନେ ହୋଇଛି ମୁକ୍ତିପଥ । ତେଣୁ କୁହାଯାଉଛି–''ରଥଚକ ମୁକ୍ତିପଥ ।'' ଶ୍ରୀଜୀଉଙ୍କ ରଥସିନା ରଥ ଓ ବାହୁଡାରେ ବଡଦାଣ୍ଡକୁ ମୁଖରିତ କରୁଛି କିନ୍ତୁ ଭକ୍ତର ହୃଦୟ ଦାଣ୍ଡ ଶ୍ରୀଜଗନ୍ନାଥଙ୍କ ଭଜନ, ସ୍ମରଣ ଓ ଚିନ୍ତନରେ ନିତ୍ୟମୁଖରିତ ।

ନଣ୍ଡୁଆ, କେନ୍ଦୁଝରଗଡ-୭୫୮୦୦୧ ।



# ଉତ୍କଳୀୟ ସଂସ୍କୃତିରେ ଦାରୁ ବିଗ୍ରହ ଉପାସନାର ପରମ୍ପରା

ଶ୍ରୀ ପ୍ରଫୁଲ୍ଲ ପଟ୍ଟନାୟକ .

ଉତ୍କଳୀୟ ଧର୍ମଧାରାରେ ଦାରୁମୂର୍ତ୍ତି ଉପାସନାର ପରମ୍ପରା ଏକ ପ୍ରାଚୀନ ସଂସ୍କୃତି । ବିଶ୍ୱର ବୈଚିତ୍ର୍ୟମୟ ଦାରୁ ରୂପେ ଜଗନ୍ନାଥ ଏହି ଦାରୁମୂର୍ତ୍ତି ସଂସ୍କୃତିର ଏକମାତ୍ର ପ୍ରତୀକ । ଦାରୁମୂର୍ତ୍ତି ସଂସ୍କୃତିର ଆଦି ସ୍ରଷ୍ଟା ପ୍ରଭୁ ଜଗନ୍ନାଥଙ୍କ ଉତ୍ପତ୍ତିର ଇତିହାସରୁ ଏହାହିଁ ପ୍ରତିପାଦିତ ହୋଇଥାଏ । ଉତ୍କଳୀୟ ସଂସ୍କୃତି କହିଲେ ଜଗନ୍ନାଥ ସଂସ୍କୃତିକୁ ହିଁ ବୁଝାଏ । ତେଣୁ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ଦାରୁ ଉପାସନାର ଚିତ୍ର ଖୁବ୍ ସ୍ପଷ୍ଟ । କାରଣ ଏ ସଂସ୍କୃତିର ମୂଳାଧାର ହେଉଛନ୍ତି ସ୍ୱୟଂଲୀଳାମୟ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ । ଫଳତଃ ସଂସ୍କୃତିର ଅଭିପ୍ରକାଶ ଜଗନ୍ନାଥ ସଂସ୍କୃତିରେ ହିଁ ଘଟି ପାରିଛି ।

ଏହି ଦୃଷ୍ଟିରୁ ଜଗନ୍ନାଥଙ୍କ ଅପରନାମ ଦାରୁବ୍ରହ୍ମ । ବ୍ରହ୍ମଦାରୁ ବୋଲି କେତେକ ସ୍ଥାନରେ ଉଲ୍ଲେଖ ରହିଛି । ଦାରୁବ୍ରହ୍ମ ବା ବ୍ରହ୍ମଦାରୁ ଶବ୍ଦରୁ ଜଣାପଡେ ଦାରୁକୁ ବ୍ରହ୍ମରୂପରେ ଉପସ୍ଥାପିତ କରିବା କିମ୍ବା ଉଭୟଙ୍କୁ ଏକାକାର କରି ଦର୍ଶାଇବା ଏ ପ୍ରୟୋଗର ଉଦ୍ଦେଶ୍ୟ । ଏ ଦୁଇଟିର ବୈୟାକରଣ ବ୍ୟୁତ୍ପତ୍ତି ହେଲା ପ୍ରଥମ ଦାରୁରୂପୀ ବ୍ରହ୍ମ, ଦ୍ୱିତୀୟ ବ୍ରହ୍ମରୂପୀ ଦାରୁ ବା ବ୍ରହ୍ମଯୁକ୍ତ ଦାରୁ । ଯେଉଁ ପ୍ରକାରର ବ୍ୟୁତ୍ପତ୍ତି କଲେ ମଧ୍ୟ ଦାରୁରେ ବ୍ରହ୍ମର ସମ୍ବନ୍ଧ ପ୍ରତିଷ୍ଠା କରିବା ଏହାର ମୂଳଲକ୍ଷ୍ୟ । ଜଗନ୍ନାଥ ଅନାଦି କାଳରୁ ଦାରୁବିଗ୍ରହ ରୂପରେ ଉପାସିତ ହୋଇ ଆସୁଛନ୍ତି ଏକଥାରେ କାହାରି ମତାନ୍ତର ନାହିଁ କିନ୍ତୁ ଦାରୁବ୍ରହ୍ମ ବା ବ୍ରହ୍ମଦାରୁ ରୂପେ କେବେ କିପରି ଅଭିହିତ ହେଲେ ଏବଂ ଦାରୁମୂର୍ତ୍ତି ସଂସ୍କୃତିର ବିକାଶ ଓ ପରିଣତ କିପରି ସମ୍ଭବ ହୋଇ ପାରିଛି ତାହା ଲକ୍ଷ୍ୟ ହିଁ କରିବାର କଥା ।

ବେଦରେ ଶ୍ରୀଜଗନ୍ନାଥଙ୍କ ପ୍ରସଙ୍ଗର କୌଣସି ଅବତାରଣା କରାଯାଇ ନାହିଁ, କେବଳ ଦାରୁ ସମ୍ବନ୍ଧୀୟ ଏକ କ୍ଷୀଣ ସୂଚନା ମାତ୍ର ଋକବେଦ ଦଶମ ମଣ୍ଡଳ ତୈତରୀୟ ଶ୍ରୁତିରେ ଏହିପରି ପ୍ରଦତ୍ତ ହୋଇଛି ।

ଅଦୋଯଦଦାରୁ ପ୍ଳବତେ ସିନ୍ଧୋଃପାରେ ପୁରୁଷଂ ।
ତଦାରଭସ୍ୱ ଦୁର୍ହଣୋତେନ ଗଚ୍ଛ ପରସ୍ତରଂ ॥

ଉପର୍ଯ୍ୟୁକ୍ତ ମନ୍ତ୍ରରେ ଶ୍ରୀଜଗନ୍ନାଥ ଦାରୁବମୂର୍ତ୍ତି ଉପାସନା ସମ୍ବନ୍ଧୀୟ ତାର୍ଯ୍ୟକ ଅବତାରଣା କରାଯାଇଛି । ଋକବେଦରେ ଶ୍ରୀଜଗନ୍ନାଥଙ୍କ ନାମ ପ୍ରତ୍ୟକ୍ଷଭାବେ ସମନ୍ୱିତ ହୋଇ ନଥିବାରୁ ଅନେକ ଦାରବ ବିଗ୍ରହ ଜଗନ୍ନାଥଙ୍କୁ ପ୍ରାକବୈଦିକ ଦେବତା ରୂପେ ସ୍ୱୀକାର କରିବାକୁ ଅସମ୍ମତି ପ୍ରକାଶ କରିଥାନ୍ତି । ବେଦରେ ମୂର୍ତ୍ତି ପୂଜାର ବ୍ୟବସ୍ଥା ନାହିଁ । ମାତ୍ର ସଂକେତ ପୂଜାର ଆଭାସ ବେଦରୁ ମିଳିଥାଏ । ଦାରୁରୂପୀ ଶ୍ରୀଜଗନ୍ନାଥ ସଂକେତଧର୍ମୀ ଦାରବମୂର୍ତ୍ତି ନିଶ୍ଚିତ ରୂପେ ବୈଦିକ ସ୍ୱୀକୃତି ଲାଭ କରିଥିଲା । ସୁଦୂର ଅତୀତରେ ଯେତେବେଳେ କାସ୍ପିୟାନ୍ ହ୍ରଦ କୂଳରୁ ଆର୍ଯ୍ୟମାନେ ବସତି ସ୍ଥାପନ ନିମନ୍ତେ ଗିରିଗହ୍ୱର ଦେଇ ଏ ଦେଶରେ ପ୍ରବେଶ କରି ହିନ୍ଦୁ ସଂସ୍କୃତିର ଭିତ୍ତି ସ୍ଥାପନ କରି ଧର୍ମଗ୍ରନ୍ଥ ବେଦ ରଚନା କରିଥିଲେ, ତାହାର ଯଥେଷ୍ଟ ପୂର୍ବରୁ ଓଡିଶାର ସରଳ ନିରକ୍ଷର ଆଦିମ ଅଧିବାସୀ ଶବରମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ବେଶ ଆଦୃତ ହୋଇସାରିଥିଲେ । ବେଦର ମନ୍ତ୍ରାବଳୀ ଯେତେବେଳେ ଅଶ୍ରୁତ କିମ୍ବା ଅଜ୍ଞାତ ଥିଲା, ଆର୍ଯ୍ୟ ଇତରମାନଙ୍କ ନିମିତ୍ତ ବେଦ କହିବା ବା ଶୁଣିବା ନିଷିଦ୍ଧ ଥିଲା, ଏପରିସ୍ଥଳେ ଅନାର୍ଯ୍ୟ ସେବିତ ସଂକେତ ଧର୍ମୀ ଦାରୁମୂର୍ତ୍ତି ଜଗନ୍ନାଥ ବେଦରେ ସ୍ଥାନିତ ହୋଇଥାନ୍ତେ କିପରି ?

ଐତିହାସିକ ଦୃଷ୍ଟିକୋଣରୁ ମହେଞ୍ଜୋଦାରୋ ସଭ୍ୟତାର ପ୍ରତ୍ନତାତ୍ତ୍ୱିକ ଖନନପରେ ଆବିଷ୍କୃତ ହୋଇଥିବା ତ୍ରୟୋଦଶ ଫଳକ ୧ ଓ ୧୯ କ୍ରମାଙ୍କ ବିଶିଷ୍ଟ ଚିତ୍ରୋଦୟ ଶ୍ରୀଜଗନ୍ନାଥ ବିଗ୍ରହର ସାଦୃଶ୍ୟ ବହନ କରିଥିବାରୁ ପ୍ରାକବୈଦିକ ଯୁଗରେ ଭାରତୀୟ ଜନମାନସରେ ଶ୍ରୀଜଗନ୍ନାଥ ଉପାସନା ନିଶ୍ଚିତ ରୂପେ ସ୍ୱୀକୃତି ତଥା ବିସ୍ତୃତି ଲାଭ କରିସାରିଥିଲା । ପୁନଶ୍ଚ ବେଦୋତ୍ତର ଯୁଗରେ ଯଦି ଶ୍ରୀଜଗନ୍ନାଥ ମୂର୍ତ୍ତି ପରିକଳ୍ପନାର ଶୁଭାରମ୍ଭ ହୋଇଥାନ୍ତା ତେବେ ଶ୍ରୀଜଗନ୍ନାଥ ପ୍ରତୀକଧର୍ମୀ ନହୋଇ ନିଶ୍ଚିତ ରାମ, କୃଷ୍ଣ କିମ୍ବା ଶିବଙ୍କ ସଦୃଶ କଳେବର ଧାରଣ କରିଥାନ୍ତେ । ସମସାମୟିକ ୟୁରୋପୀୟ ବେବିଲୋନ ସଭ୍ୟତାର ଆଦିମ ମୂର୍ତ୍ତିମାନଙ୍କ ସହିତ ସାମଞ୍ଜସ୍ୟ ରକ୍ଷା କରୁଥିବା ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ପରିକଳ୍ପନାରୁ ସ୍ପଷ୍ଟ ସୂଚନା ମିଳେ ଯେ ଉପାସନା ପରମ୍ପରାରେ ପୂର୍ଣ୍ଣାବୟବ ବିଶିଷ୍ଟ ମୂର୍ତ୍ତି ପୂଜାର ପ୍ରାକକାଳରେ ଶ୍ରୀଜଗନ୍ନାଥ ଉପାସନା ପ୍ରଚଳିତ ହୋଇସାରିଥିଲା । ଅତଏବ ଶ୍ରୀଜଗନ୍ନାଥ ଦାରୁମୂର୍ତ୍ତି ସଂସ୍କୃତିର ପ୍ରତୀକ ଭାବରେ ଇତିହାସ, ପୁରାଣ ସର୍ବୋପରି ବେଦର ଯେ ଅଗ୍ରଜ ଏହା କେହି ଅସ୍ୱୀକାର କରିବେ ନାହିଁ । ।ଏହି ଦୃଷ୍ଟିରୁ ବେଦ ପରବର୍ତ୍ତୀ ବହୁପୁରାଣରେ ଦାରୁମୂର୍ତ୍ତିଙ୍କର ବର୍ଣ୍ଣନା କରାଯାଇ ବେଦୋକ୍ତ ସେହି ଅପୁରୁଷେୟ ଦାରୁ ଯେ ଶ୍ରୀଜଗନ୍ନାଥ ଏହା ପ୍ରତିପାଦନ କରିବାର ପ୍ରୟାସ ହୋଇଛି ।

କପିଳ ସଂହିତା କ୍ଷେତ୍ର ମହାତ୍ମ୍ୟରେ ଉଲ୍ଲେଖ କରାଯାଇଛି ଯେ ''କ୍ଷେତ୍ର ନୀଳାଚଳଂ ପୁଣ୍ୟ ଦାରୁବ୍ରହ୍ମ ସ୍ୱରୂପିଣଃ । ପୁଣି କ୍ଷେତ୍ରକଳ୍ପତରୁ ଗ୍ରନ୍ଥର ମଙ୍ଗଳାଚରଣରେ କୁହାଯାଇଛି—

ଦାରୁବ୍ରହ୍ମ ପ୍ରଣତ୍ୟାଦୌ କୋଟିଲିଙ୍ଗେଶ୍ୱରଂ ତଥା
କ୍ଷେତ୍ରକଳ୍ପତରୁଂ କୁର୍ବେ ସର୍ବଲୋକହିତାୟଚ ॥

ସେହିପରି ରୁଦ୍ରଯାମଳ ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି ଯେ—

ଭାରତେଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ ।
. ଦାରୁରୂପୀ ଜଗନ୍ନାଥୋ ଭକ୍ତାନାମଭୟପ୍ରଦଃ ॥

ଏବଂ ପୀୟୁଷ ଲହରୀରେ—

''ଶୁଭମସ୍ତୁ ସର୍ବଦେଶତାଂ ନିରନ୍ତରଂ
ନ ରିପୋରପି ସ୍ଫୁରତୁ ବୈପଦଂପଦଂ
ଜଗଦୀଶ୍ୱରଃ କପଟଦାରୁ ବିଗ୍ରହଃ
କରୁଣା କଟାକ୍ଷ ଲହରୀ ବିମୁଞ୍ଚତୁ ''

ଉପରୋକ୍ତ ବର୍ଣ୍ଣନାରୁ ଏହା ସୁସ୍ପଷ୍ଟ ଯେ ଉତ୍କଳୀୟ ଦାରୁମୂର୍ତ୍ତି ସଂସ୍କୃତିର ପ୍ରଭୁ ଜଗନ୍ନାଥ - ସମନ୍ୱୟ ବିବର୍ତ୍ତିତ ଧାରାରେ ବହୁ ଭାବରେ ଉପାସିତ ହୋଇ ଆସିଛନ୍ତି ।

ଏହି ପରିପ୍ରେକ୍ଷୀରେ ଦାରୁମୂର୍ତ୍ତି ସଂସ୍କୃତିର ଆଦିମ ଉତ୍ସ ସ୍ୱରୂପ ଉତ୍କଳୀୟ ଧର୍ମଧାରାରେ ବୃକ୍ଷ ଉପାସନାର ପରମ୍ପରାକୁ ଆଲୋଚନାର ପରିସର ମଧ୍ୟକୁ ନିଆଯାଇପାରେ । ଓଡ଼ିଆ ସଂସ୍କୃତିରେ ବର, ଅଶ୍ୱତ୍ଥ, ବିଲ୍ୱ, ଅଶୋକ, ଅଁଳା ଓ ତୁଳସୀ ଗଛର ଉପାସନା ବହୁକାଳରୁ ଆଦର ଲାଭ କରିଛନ୍ତି । ଏହି ଉପାସନା ମୁଖ୍ୟତଃ ଶବର ସଂସ୍କୃତିରୁ ସୃଷ୍ଟି । ତେଣୁ ସାଧାରଣତଃ ସେମାନେ ବୃକ୍ଷ ଉପାସକର ମର୍ଯ୍ୟାଦା ଲାଭ କରନ୍ତି । 'ସଉରା' ସମ୍ପ୍ରଦାୟର ଶବରମାନଙ୍କ ମତରେ ଜଗତ୍କର୍ତ୍ତା ପ୍ରଥମେ ବୃକ୍ଷ ସୃଷ୍ଟି କରିଥିଲେ । ତେଣୁ ଶବରମାନେ ବୃକ୍ଷକୁ ନିଜର ଗୋତ୍ର ସଙ୍କେତ ହିସାବରେ ପୂଜା କରୁଥିଲେ । ଶବର ବୁଝିପାରୁଥିଲା ଯେ ଏ ସଂସାର ବୃକ୍ଷ ସଦୃଶ - ଶବର ଲୁଇପାଙ୍କ ଲିଖିତ କାୟାତରୁବର ପଞ୍ଚବିଡାଳ ଓ କହ୍ନୁପାଙ୍କ ମଣ୍ଡଳରୁ ପଞ୍ଚଇନ୍ଦ୍ରିୟରୁ ସାହ ଚର୍ଯ୍ୟାଂଶରେ ଏହା ପ୍ରତିଫଳିତ ହୋଇଛି । ଏଥିରେ କୁହାଯାଇଛି ଯେ ମନୁଷ୍ୟର ଶରୀର ତଥା ମନ ଏକ ବୃକ୍ଷତୁଲ୍ୟ ଓ ପଞ୍ଚଇନ୍ଦ୍ରିୟ ଏହି ଶରୀର ରୂପକ ବୃକ୍ଷର ଶାଖା ପ୍ରଶାଖା ସଦୃଶ । ଅଥର୍ବ ବେଦରେ ବୃକ୍ଷକୁ ଦେବସଦନ ବୋଲି କୁହାଯାଇଛି ।

ପାଲିଜାତକରେ ମଧ୍ୟ ବୃକ୍ଷ ଦେବତା ସମ୍ବନ୍ଧୀୟ ବହୁ ସୂଚନା ପ୍ରଦତ୍ତ ହୋଇଛି । ଏସବୁ କହିବାର ଉଦ୍ଦେଶ୍ୟ ହେଉଛି ବୃକ୍ଷ ବା ଦାରୁ ଉପାସନାର ପ୍ରାଧାନ୍ୟ ଶବର ସମ୍ପ୍ରଦାୟ ମଧ୍ୟରେ ବହୁକାଳରୁ ଚଳିଆସିଛି । ଆଦିବାସୀ ଗଣ୍ଡସମାଜରେ ଡଙ୍ଗାଦେବତା ନାମରେ 'ଛ'ଫୁଟ ଉଚ୍ଚତା ବିଶିଷ୍ଟ ଯେଉଁ ଦୁଇଗୋଟି କୃଷ୍ଣଦାରୁ ପୂଜା କରାଯାଏ ତାହା ଶ୍ରୀଜଗନ୍ନାଥଙ୍କ ଦାରବୀୟ ବିଗ୍ରହ ଶ୍ରୀଅଙ୍ଗର ନିମ୍ନାଂଶ ବୋଲି ବିଶ୍ୱାସ କରାଯାଏ । ଖଡ଼ିଆ ଓ ସଉରାମାନେ ବଡାମ ବା ବକାମ୍ ନାମରେ ଯେଉଁ ଦେବତାଙ୍କୁ ଉପାସନା କରନ୍ତି ତାହା ବଳଭଦ୍ର ବା ବଡଠାକୁରଙ୍କର ପ୍ରାକ୍ତନ ସଂସ୍କରଣ । ସୁଭଦ୍ରା ଶବରମାନଙ୍କର ଗ୍ରାମଦେବୀ ସ୍ତମ୍ଭେଶ୍ୱରୀଙ୍କ ରୂପାନ୍ତର ମାତ୍ର ।

ଆଦିବାସୀ ଉପାସିତ ବିଭିନ୍ନ ଦେବଦେବୀ ମଧ୍ୟରେ ଜରାରାକୁ, କେରାରାକୁ ଓ ସୁଭଦ୍ରମା ପ୍ରଧାନ । ଶବରମାନେ କାଳରେ ଶିକାକାଠି ଏକ ହାଣ୍ଡି (ଜୋଡୁଆ) ଚାକି କଳା, ଧଳା, ଲାଲ ରଙ୍ଗରେ ଚିତ୍ରିତ ତିନୋଟି କାଷ୍ଠ ମୂର୍ତ୍ତି ପୂଜା କରନ୍ତି । ସେମାନେ ଯଥାକ୍ରମେ କିତୁଙ୍ଗ, ଧର୍ମବୋଦ ଓ କଳିଆ ନାମରେ ନାମିତ । ଶବର ଭାଷାରେ କିତୁଙ୍ଗର ଅର୍ଥ ଜଗତନାଥ । ସୁନସ୍ତ କୋୟାର ଜଗାରାକୁ, ଗଦବାର ଜଗତା, କନ୍ଧମାନଙ୍କର ନଗସ୍ୱା ଏମାନେ ସମସ୍ତେ ଶବରର କିନ୍ତୁ କଷ୍ଟୁ ଜଗନ୍ତା ବା ଜଗଙ୍କଲୁ ଅର୍ଥାତ୍ ଜଗତର ନାଥ ଶ୍ରୀଜଗନ୍ନାଥ । ତନ୍ମଧ୍ୟରୁ ଆଦିବାସୀ କନ୍ଧମାନେ ଗାଁମୁଣ୍ଡ ବରଗଛ ମୂଳେ ତିନିଖଣ୍ଡ ପଥରକୁ ଏକଧାଡିରେ ରଖି ସେମାନଙ୍କ ଉପରେ ଖଣ୍ଡିଏ ପଥର ଛାତ ଭଳି ସ୍ଥାପନ କରି ସେମାନଙ୍କୁ ଯଥାକ୍ରମେ ମୁରବି ପେନୁ, ଜାକେରିପେନୁ ଓ ତାନାପେନୁ ନାମରେ ଉପାସନା କରନ୍ତି । ଏହିମାନେ ହିଁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଶ୍ରୀଶ୍ରୀ ସୁଭଦ୍ରା । ଏଥିରୁ ପ୍ରମାଣିତ ହୁଏ ଯେ ଦାରୁମୂର୍ତ୍ତି ବିକାଶର ପରମ୍ପରା ଓ ସଂସ୍କୃତି ଶାବର ସଭ୍ୟତାରୁ ଜନ୍ମଲାଭ କରିଛି । ଆଧ୍ୟାତ୍ମିକ ଚିନ୍ତାଧାରାର ଅପୂର୍ବ ସମନ୍ୱୟର ଫଳ ସ୍ୱରୂପ ଦାରବୀୟ ଶ୍ରୀଜଗନ୍ନାଥ ଶବର ଉପାସିତ ଦାରୁ ଦେବତାରେ ରୂପାନ୍ତରିତ ହୋଇଅଛନ୍ତି । ଶବରମାନଙ୍କର ଦଶ ପ୍ରକାର ଦେବତା ଯଥା : କିତୁଙ୍ଗ, ଜଗନ୍ତ, ଦୋଡ, ଡୁମନ, ଭୀମ, ଗଉଡିକ୍, ରାମନ, ଯୋୟପେନ, ମଉ ଓ ଟିଟ ପ୍ରଭୃତି ସହ ଶ୍ରୀଜଗନ୍ନାଥଙ୍କ ଦଶାବତାର ସହିତ ସମ୍ବନ୍ଧ ରହିଥିବା ପରିଲକ୍ଷିତ ହୁଏ । ଅନାର୍ଯ୍ୟ ଶବରଦେବତା କିତୁଙ୍ଗ ଓ ଆର୍ଯ୍ୟମାନଙ୍କ ଜଗନ୍ନାଥ ଯେ କି ଦାରୁମୂର୍ତ୍ତି ସଂସ୍କୃତିର ପ୍ରତୀକ ସେ ଏକ ଓ ଅଭିନ୍ନ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଏ ସମସ୍ତ ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି - ଉତ୍କଳୀୟ ପରମ୍ପରାରେ ଦାରୁମୂର୍ତ୍ତିର ଏକାନ୍ତ ପ୍ରତୀକ ରୂପେ ପୂଜିତ ଶ୍ରୀଜଗନ୍ନାଥ ବେଦ, ପୁରାଣ ଓ ଶବର ଉପାସିତ ସେହି ଦାରବୀୟ ବିଗ୍ରହ କି ନୁହନ୍ତି । ଅବଶ୍ୟ ଏହା ସତ୍ୟ ଯେ ଶ୍ରୀମନ୍ଦିର ରତ୍ନସିଂହାସନାରୂଢ଼ ଦାରବୀୟ ବିଗ୍ରହ ଶ୍ରୀଜଗନ୍ନାଥଙ୍କ ଉତ୍ପତ୍ତି ରହସ୍ୟପୂର୍ଣ୍ଣ । ତେଣୁ ପୁରାଣ, ଇତିହାସ କିମ୍ବଦନ୍ତୀରେ ବର୍ଣ୍ଣିତ ଜଗନ୍ନାଥ ଯେ ଦାରୁ ଦେବତା ଏଥିରେ କୌଣସି ମତାନ୍ତର ନାହିଁ । କାରଣ ଭଗବାନ ବିଷ୍ଣୁଙ୍କର ନୀଳମାଧବ ବିଗ୍ରହରୁ ଜଗନ୍ନାଥ ରୂପରେ ରୂପାନ୍ତରିତ ହେବା ପରିକଳ୍ପନାର ପଶ୍ଚାତ୍ ଭାଗରେ ଏହି ସତ୍ୟ ନିହିତ । ଏ ସମ୍ପର୍କୀୟ ଆଲୋଚନା ପାଇଁ ସାରଳା ଦାସଙ୍କ ମହାଭାରତର ମୂଷଳୀ ପର୍ବ, କବି ରାମଦାସଙ୍କ କୃତ ଦେଉଳତୋଳା କିମ୍ବା ଓଡ଼ିଆ ଭାଗବତର ରଚୟିତା ଅତିବଡ଼ୀ ଜଗନ୍ନାଥ ଦାସ ଗୋସ୍ୱାମୀଙ୍କ ଦାରୁବ୍ରହ୍ମ ଗୀତାରେ ବର୍ଣ୍ଣିତ ଆଖ୍ୟାୟିକାଗୁଡ଼ିକୁ ଦାରବୀୟ ମୂର୍ତ୍ତି ସଂସ୍କୃତିର ସଫଳ ରୂପାୟନ ବୋଲି ଗ୍ରହଣ କରାଯାଇପାରେ । କାରଣ ଏଗୁଡ଼ିକରେ ଦାରୁମୂର୍ତ୍ତି ସଂସ୍କୃତିର ଆଦି ବିଗ୍ରହ ଶ୍ରୀଜଗନ୍ନାଥଙ୍କ ଉତ୍ପତ୍ତି ସମ୍ବନ୍ଧୀୟ ପ୍ରସଙ୍ଗର ଅବତାରଣା କରାଯାଇଛି ।

ଶ୍ରୀଜଗନ୍ନାଥ ଦାସଙ୍କ କୃତ ''ଦାରୁବ୍ରହ୍ମ ଗୀତା''ରେ ଉଲ୍ଲେଖ ରହିଛି ଯେ ଜରା ଶବରର ଶରାଘାତରେ ଶ୍ରୀକୃଷ୍ଣଙ୍କ ଦେହତ୍ୟାଗର ସମ୍ବାଦ ଶୁଣି ପଞ୍ଚପାଣ୍ଡବ ଭ୍ରାତାଗଣ ଶ୍ରୀକୃଷ୍ଣଙ୍କ ପିଣ୍ଡଦାହ କରିବାକୁ ସ୍ଥିର କଲେ । ସହଦେବଙ୍କ ନିର୍ଦ୍ଦେଶରେ ଦେହତ୍ୟାଗ ସ୍ଥାନରୁ ଚାରିକୋଶ ଅନ୍ତରରେ ଥିବା ନୀଳଗିରି ନିକଟସ୍ଥ ସ୍ୱର୍ଗଦ୍ୱାରରେ ପିଣ୍ଡଦାହ କରିବା ସ୍ଥିର ହେଲା । ଚନ୍ଦନ କାଠର ଏକ ପଲଙ୍କରେ ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ଶବ ବହନ କରି ନୀଳଗିରିଠାରେ ପହଞ୍ଚିଲେ । ସେଠାରେ ନୀଳସୁନ୍ଦର ଅରଣ୍ୟରୁ ଚନ୍ଦନ କାଠ ଆଣି ଶବ ସହ୍ନାର ପାଇଁ ଅଗ୍ନି ସଂଯୋଗ କଲେ । ମାତ୍ର ପିଣ୍ଡ ଦଗ୍ଧ ହେବା ତେଣିକି ଥାଉ ଶରୀରର ଗୋଟିଏ ଲୋମ ସୁଦ୍ଧା ପୋଡିଲା ନାହିଁ । ଏହିପରି ପାଞ୍ଚଦିନ ପାଞ୍ଚରାତ୍ର ଗତ

ହେବା ପରେ ଏହାଙ୍କୁ ସମୁଦ୍ରରେ ମେଲାଣି ଦେଇ ଘରକୁ ଫେରିଯିବା ପାଇଁ ପାଣ୍ଡବମାନଙ୍କୁ ଶୂନ୍ୟବାଣୀ ହେଲା । ଏ ପ୍ରସଙ୍ଗରେ ସୂଚନା ବାମଦେବ କୃତ ଇନ୍ଦ୍ରନୀଳମୟୀ ପୁରାଣରେ ଏହିପରି ପ୍ରଦତ୍ତ ହୋଇଛି ।

''ଇନ୍ଦ୍ର ନୀଳମୟୀ ମୂର୍ତ୍ତି କୃଷ୍ଣ ଗାତ୍ରାତସମୁଦ୍ଭବା ।
ପ୍ରଦୀପ୍ୟମାନାସା ମୂର୍ତ୍ତିକୋଟି ବାଳାର୍କ ତେଜସା ॥
ଚିତାମଧ୍ୟେ ତଦା ଦୃଷ୍ଟ୍ୱା କୁନ୍ତୀପୁତ୍ରଗଣସ୍ତଦା ।
ବିସୃଜ୍ୟତନ୍ମହଦ୍ଦାରୁଂ ସିନ୍ଧୋମଧ୍ୟେ. ସଭକ୍ତିତଃ ॥
ପରିକ୍ରମ୍ୟ ଚିତାଂ ପୁଣ୍ୟାଂ ନମସ୍କୃତ୍ୟ ପୁନଃପୁନଃ ।
ତଦାଶଂସ୍ୟତୁ ପାଧାସ୍ୱ ପ୍ରଯୟୁରୁତ୍ତରା ପଥମ ॥''

ଅର୍ଥାତ୍ ପାଣ୍ଡବମାନେ କୋଟି ଅରୁଣତୁଲ୍ୟ ତେଜୋମୟ ଇନ୍ଦ୍ରନୀଳମୟୀ ମୂର୍ତ୍ତିରୂପୀ ମହାନ୍ ଦାରୁଙ୍କୁ ସମୁଦ୍ରରେ ସଭକ୍ତିରେ ବିସର୍ଜନ ପୂର୍ବକ ଚିତା ପରିକ୍ରମା କରି ପୁନଃ ନମସ୍କାର ଜଣାଇ ଉତ୍ତର ପଥରେ ଯାତ୍ରା କଲେ; କିନ୍ତୁ କିଛି ଦିନ ପରେ ବସୁ ନାମକ ଜଣେ ଶବର ମୃଗୟା କରୁକରୁ ଏହି ଇନ୍ଦ୍ରନୀଳମୟୀ କାନ୍ତି ବିଶିଷ୍ଟ ଭଗବାନ କୃଷ୍ଣଙ୍କ ଅପୋଡା ପିଣ୍ଡ ସମୁଦ୍ରରେ ଭାସୁଥିବାର ଦେଖି ତାକୁ ଆଣି ରୋହିଣୀକୁଣ୍ଡ ନିକଟସ୍ଥ ବଟମୂଳରେ ରଖି ପୂଜା କଲା । ଶବର ବିଶ୍ୱାବସୁଙ୍କ ପୂଜିତ ଇନ୍ଦ୍ରମଣି କାନ୍ତି ବିଗ୍ରହ ନୀଳମାଧବଙ୍କ ବର୍ଣ୍ଣନା ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡ ସପ୍ତମ ଅଧ୍ୟାୟରେ କରାଯାଇଛି ।

ଏହି ଇନ୍ଦ୍ରନୀଳମଣି କାନ୍ତି ବିଗ୍ରହ ନୀଳମାଧବ ପରବର୍ତ୍ତୀ ଅବସ୍ଥାରେ ରହସ୍ୟଜନକ ଭାବେ ଅନ୍ତର୍ଦ୍ଧାନ ହୋଇ ସାଗର ତୀରରେ ଦାରୁରୂପେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଦର୍ଶନ ଦେଇଥିଲେ । ପ୍ରୋକ୍ତ ଦାରୁର ମୂଳ ଜଳ ସ୍ରୋତରେ ଭାସମାନ ହୋଇଥିବାରୁ ଅଧଃ ଊର୍ଦ୍ଧ୍ୱମୂଳ ଏବଂ ଶାଖାସମୂହ ମହୋଦଧିରେ ନିମଗ୍ନଥିବାରୁ ଅଧଃଶାଖା ପରିଦୃଷ୍ଟ ହୋଇଥିଲା । ରାଜା ଏହି ମହାଦାରୁଙ୍କର ଚତୁଃଶାଖା ଦର୍ଶନ କରି ନିଜର ଶ୍ରମ ସାର୍ଥକ ହେଲା ବୋଲି ମନେ କଲେ ଏବଂ ସେଥିରେ ମୂର୍ତ୍ତି ଗଠନ କରିଥିଲେ । ପରବର୍ତ୍ତୀ କାଳରେ ଏହି ଦାରବୀୟ ବିଗ୍ରହ ଶ୍ରୀଜଗନ୍ନାଥ ରୂପରେ ସକଳ ମାନ୍ୟତା ଲାଭ କଲେ ।

ଦାରୁବ୍ରହ୍ମ ଗୀତାର ଏ ପ୍ରସଙ୍ଗ ଉଦ୍ଧାର କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପୁରାଣ କିମ୍ବଦନ୍ତୀରେ ବର୍ଣ୍ଣିତ ନୀଳମାଧବ ବିଗ୍ରହ ସମସ୍ତର ବିବର୍ତ୍ତିତ ଧାରାରେ ଦାରୁବ୍ରହ୍ମରୂପେ ପ୍ରତିଷ୍ଠା ଲାଭ କରିଛନ୍ତି ଏହା ସର୍ବଦା ସ୍ୱୀକୃତ । କାରଣ ସ୍କନ୍ଦପୁରାଣ ପ୍ରୋକ୍ତ ରୋହିଣୀକୁଣ୍ଡ ଓ କଳ୍ପବଟ ଅଭ୍ୟନ୍ତର ଏକଶୀତି ଅଙ୍ଗୁଳ ନୀଳମାଧବ ବିଗ୍ରହ ଦାରୁବ୍ରହ୍ମରେ ରୂପାନ୍ତରିତ ହେବା ରହସ୍ୟମୟ ହେଲେହେଁ ଏକଥା ଏଥିରୁ ପ୍ରମାଣିତ ଯେ ଦାରୁମୂର୍ତ୍ତି ସଂସ୍କୃତିର ମହାନ୍ ପ୍ରତୀକ ଜଗନ୍ନାଥଙ୍କ ସ୍ଥିତି ଖୁବ୍ ପ୍ରାଚୀନ ଏବଂ ସେ ହେଉଛନ୍ତି ସ୍ୱୟଂ ଦାରୁବ୍ରହ୍ମ । ଅବଶ୍ୟ ପରବର୍ତ୍ତୀ କାଳରେ ଏହି ମହାବାହୁ ଚତୁର୍ଦ୍ଧା ବିଗ୍ରହ ଧାରଣ କରିଛନ୍ତି । ସେଥିପାଇଁ ବୋଧହୁଏ କୁହାଯାଇଛି ଯେ ''ଏକଦାରୁ ସମୁପସଶ୍ଚତୁର୍ଦ୍ଧା ସମ୍ଭବିଷ୍ୟତି '' । ଏଣୁ ପୁରାଣମାନଙ୍କରେ ଦାରୁବ୍ରହ୍ମ ପ୍ରସଙ୍ଗର ଅବତାରଣା ଖୁବ୍ ବ୍ୟାପକ ଭାବରେ ଦେଖିବାକୁ ମିଳେ ଏବଂ ବେଦୋକ୍ତ ଅପୁରୁଷେୟ ଦାରୁ ଯେ ଆଜିର ଜଗନ୍ନାଥ ଏହା ବହୁ ପୁରାଣ ସମ୍ମତ । ସ୍କନ୍ଦ ପୁରାଣ ଉଲ୍ଲେଖ କରେ —

''ଅହୋତବାସ୍ୟଂ ଖଳୁଭାଗ୍ୟରାଶି ।
ଯୋଂଯବିରାସୀଦ୍ ଭୁବିଦାରୁମୂର୍ତ୍ତି ॥
ଯସ୍ୟା କ୍ୟୁପାସ୍ତିଂ ଶ୍ରୁତିଗ୍ରହମୁକ୍ତି ।
ପ୍ରଦାମନାୟନ୍ତ ବିମୋହିତାନାମ୍ ॥''

ଖାଲି ସେତିକି ନୁହେଁ, ଏହି ଦାରୁରେ ବ୍ରହ୍ମତ୍ୱ ଆରୋପ କରି କୁହାଯାଇଛି -

''ବ୍ରେଦଂ ଦାରୁମୟଂ ବ୍ରହ୍ମପାପରାଶି ନବାନଳଂ ।
ସଚ୍ଚିଦାନନ୍ଦ କୈବଲ୍ୟ ମୁକ୍ତିଦଂ ଦର୍ଶନାଦପି ॥''

ଏହି ପରିପ୍ରେକ୍ଷୀରେ ଦାରୁମୂର୍ତ୍ତି ସଂସ୍କୃତିର ପ୍ରତୀକ ଶ୍ରୀଜଗନ୍ନାଥ ଓ ଶବର ଦେବତା ନୀଳମାଧବ ଯେ ଏକ ଓ ଅଦ୍ୱିତୀୟ ଏହା ବହୁ ପୁରାଣକାର ଏବଂ ଐତିହାସିକ ପ୍ରତିପାଦିତ କରିଛନ୍ତି । ଏସବୁର ପ୍ରମାଣ କରିବାର ଏକାନ୍ତ ଉଦ୍ଦେଶ୍ୟ ହେଉଛି ଯେ ଉତ୍କଳୀୟ ସଂସ୍କୃତିରେ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ଦାରୁମୂର୍ତ୍ତି ସଂସ୍କୃତିର ପରମ୍ପରା ଯୁଗଯୁଗ ଧରି ବହନ କରିଆସିଛି । କାରଣ ଆଲୋଚନାର ପରିସରରେ ଆଦିମ ଶବରମାନଙ୍କ ଉପାସିତ-ଦାରୁପୂଜାର କ୍ରମ ବିକାଶ ଓ ପରିଣତି ଏ କ୍ଷେତ୍ରରେ ଅଧିକ ସହାୟକ ହୋଇଛି । ତେଣୁ ଉତ୍କଳର ବହୁ ଗବେଷକ ଏହି ଜଗନ୍ନାଥଙ୍କୁ ଦାରୁମୂର୍ତ୍ତି ସଂସ୍କୃତିର ବାସ୍ତବ ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି ଏବଂ ଜଗନ୍ନାଥଙ୍କ ଦାରବୀୟ ବିଗ୍ରହ ହେଉଛି - ତାହାର ଜ୍ୱଳନ୍ତ ପ୍ରମାଣ । ପୁନଶ୍ଚ ଭୁବନପ୍ରକାଶ ଶିଳ୍ପଶାସ୍ତ୍ର ବିଚାରରେ ମୂର୍ତ୍ତିତତ୍ତ୍ୱର ଯେଉଁ ଅବତାରଣା କରାଯାଇଛି, ସେଥିରେ କୁହାଯାଇଛି ଯେ - ''ମୂର୍ତ୍ତି ଚତୁର୍ବିଧା ପ୍ରୋକ୍ତ ଲେଖା ଦାରୁମୟୀ ତଥା, ସୌମ୍ୟା ଧାତୁମୟୀ ପୁଣ୍ୟାମଣି ଶୈଳୋମୟାତମା ।'' ଅର୍ଥାତ୍ ଶିଳ୍ପ ଶାସ୍ତ୍ରାନୁମୋଦିତ ପୂଜାଯୋଗ୍ୟ ମୂର୍ତ୍ତି ଚତୁର୍ବିଧ । ଯଥା ଲେଖ, ଦାରୁମୟୀ, ଧାତୁମୟୀ ଓ ମଣିମୟୀ । ଲେଖ ପ୍ରତିମା ପ୍ରତିବର୍ଷ, ଦାରୁପ୍ରତିମା ଏଗାର ବର୍ଷ, ଧାତୁମୟୀ ଚାରିକଳ୍ପରେ ପରିବର୍ତ୍ତିତ ହେବାର ବିଧି ରହିଛି । ମାତ୍ର ଶ୍ରୀକ୍ଷେତ୍ରର ରତ୍ନସିଂହାସନରେ ବିରାଜିତ ଚତୁର୍ଦ୍ଧା ବିଗ୍ରହ ଉଭୟ ଲେଖ ଓ ଦାରୁ ହୋଇଥିବାରୁ ପ୍ରତି ବାରବର୍ଷରେ ପରିବର୍ତ୍ତିତ ହେବାର ପରମ୍ପରା ରହିଆସିଛି । ଏହି ଦୃଷ୍ଟିରୁ ଯୋଡା ଆଷାଢ ପଡିଲେ ଦାରବୀୟ ବିଗ୍ରହ ଶ୍ରୀଜଗନ୍ନାଥଙ୍କ ନବକଳେବର ଉତ୍ସବ ଅନୁଷ୍ଠିତ ହୋଇଥାଏ । ନବକଳେବର ବିଧି ସମ୍ପର୍କରେ ଅନୁଧ୍ୟାନ କଲେ ଏହା ନିଶ୍ଚିତ ଭାବରେ କୁହାଯାଇପାରେ ଯେ ଆଦିବାସୀ-ଶବର ସମ୍ପ୍ରଦାୟ ପୂଜିତ ଦେବତା ଆଦି ଶ୍ରୀମନ୍ଦିରର ରତ୍ନସିଂହାସନରେ ବ୍ରହ୍ମଯୁକ୍ତ ହୋଇ ଉପାସିତ ହେଉଛନ୍ତି । ଏହା ଯେ ପୁରାଣ ଯୁଗରେ ଆରମ୍ଭ ହୋଇ ପରବର୍ତ୍ତୀ କାଳରେ ଶାଖା ପ୍ରଶାଖା ସମନ୍ୱିତ ହୋଇପଡିଛି କହିବା ଅନାବଶ୍ୟକ । ବ୍ରହ୍ମଯୋଗରେ ଦାରୁ ଉପାସନା ଯେପରି ବ୍ରାହ୍ମଣ୍ୟଗୋଷ୍ଠୀର ନିଜସ୍ୱ ହୋଇପଡିଲା ସ୍ୱୀକୃତି ପାଇବାର ପ୍ରତିବନ୍ଧକ ରହିଲା ନାହିଁ । କିନ୍ତୁ ଦାରୁରେ ତାଦୃଶ୍ୟ ସେହିପରି ଶବର ପ୍ରତିଷ୍ଠିତ ହୋଇଥିବାରୁ ଯୋଗୁଁ ଇତର ଗୋଷ୍ଠୀର, ବ୍ରହ୍ମର ଆରୋପ ପୁରାଣ ଯୁଗରେ ହିଁ ସଂଘଟିତ ହୋଇଥିବା ପ୍ରମାଣ ମିଳେ । ଅବନ୍ତୀରାଜା ଇନ୍ଦ୍ରଦ୍ୟୁମ୍ନ ଉତ୍କଳକୁ ଆସି ବିଶ୍ୱାବସୁ ଶବର ଉପାସ୍ୟ ନୀଳକାନ୍ତ ବିଗ୍ରହ ଅଦର୍ଶନରେ ଯେତେବେଳେ ପ୍ରାୟୋପବେଶନ କରିବାକୁ ମନସ୍ଥ କରନ୍ତି ସେତେବେଳେ ସ୍ୱପ୍ନାବିଷ୍ଟ ଦାରୁ ସମୁଦ୍ରରେ ଭାସି ଆସିଲା ଓ ତାକୁ ମୂର୍ତ୍ତି ଗଠନ ପୂର୍ବକ ପ୍ରତିଷ୍ଠା କରାଗଲା । ତେଣୁ ଏହି ଦାରବୀୟ

ବିଗ୍ରହ ଶ୍ରୀଜଗନ୍ନାଥ ହେଉଛନ୍ତି ସେହି ଦାରୁମୂର୍ତ୍ତି ସଂସ୍କୃତିର ଆଦିମ ଅବସ୍ଥା ଏଥିରେ ସନ୍ଦେହର ଅବକାଶ ନାହିଁ ।

ମାତ୍ର ବର୍ତ୍ତମାନର ଅସମ୍ପୂର୍ଣ୍ଣ ମୂର୍ତ୍ତି ବିଷୟରେ ଗବେଷକମାନଙ୍କର ମତ ହେଉଛି ଯେ ଭାସ୍କର୍ଯ୍ୟ ବିଦ୍ୟାର ଶୈଶବାବସ୍ଥାରେ ବୈଦିକ ପ୍ରଣବ ଅକ୍ଷର ଓଁ କାରକୁ ଯନ୍ତ୍ର ରୂପରେ ପ୍ରତିଷ୍ଠା କରିବା ସହଜସାଧ୍ୟ ହୋଇନଥିଲା ବରଂ ଯନ୍ତ୍ରର ଆକାର ଅନୁଯାୟୀ କଳ୍ପିତ ମୂର୍ତ୍ତିକୁ ପୂର୍ବାବସ୍ଥ କରିବା ପାଇଁ ଉଦ୍ୟମ ମାତ୍ର କରାଯାଇଛି ।

ଏତଦ୍ ବ୍ୟତୀତ ଜଗନ୍ନାଥଙ୍କୁ ଶବରମାନଙ୍କ ପୂଜିତ ଦାରୁ ଦେବତା ବା ଶବରୀନାରାୟଣ ରୂପେ ବହୁ ଗବେଷକ ପ୍ରମାଣ କରିବାର ଉଦ୍ୟମ ଅବ୍ୟାହତ ରଖିଛନ୍ତି । ଏ କ୍ଷେତ୍ରରେ ଡକ୍ଟର ପ୍ରଭାତ ମୁଖାର୍ଜୀ Baishnvism in Orissa ଗ୍ରନ୍ଥରେ ଜଗନ୍ନାଥଙ୍କୁ ଶବରମାନଙ୍କର ମୌଳିକ ଉପାସ୍ୟ ଦେବତା ରୂପେ ଗ୍ରହଣ କରିଛନ୍ତି ଏବଂ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କର ଓଡିଶା ଇତିହାସରେ ବୁଦ୍ଧ ଓ ବୋଧିସତ୍ତ୍ୱମାନଙ୍କର ପୂଜା ସମୟରେ ସ୍ତୂପର ତ୍ରିରତ୍ନ ଚିହ୍ନକୁ ପୂଜା କରିବା କଥା କହିଛନ୍ତି । ସେହିପରି ଡକ୍ଟର୍ ନବୀନ କୁମାର ସାହୁ ତାଙ୍କର History of Orissa ଗ୍ରନ୍ଥରେ ଲେଖିଛନ୍ତି ଯେ "The every origin of Jagannath proclaims him not less than the God of Brahmins than the true caste of original year". ଏଥିରୁ ଅନୁମିତ ହୁଏ ଯେ ଜଗନ୍ନାଥଙ୍କୁ ବ୍ରାହ୍ମଣ୍ୟ ଧର୍ମର ଦେବତା କହିବା ଅପେକ୍ଷା ଆଦିମ ଶବର ଗୋଷ୍ଠୀର ଦେବତା କହିବାରେ ଅଧିକ ସମୀଚୀନତା ରହିଛି ।

ଏହି ପରିପ୍ରେକ୍ଷୀରେ ପାଶ୍ଚାତ୍ ସମାଲୋଚକ ଓ୍ୱିଲକିନର ତାଙ୍କର Hindu Mythology ପୁସ୍ତକରେ ସ୍ୱୀକାର କରିଛନ୍ତି । ସେ କହିଛନ୍ତି The probability that He (Jagannath) was the local divinity of race unknown tribe whose worship was engrafted in to Hinduism and the God when admitted in to the per was regarded as another manifestation of Vishnu. ଅର୍ଥାତ୍ ଜଗନ୍ନାଥ ପ୍ରଥମେ କୌଣସି ସ୍ଥାନୀୟ ଗୋଷ୍ଠୀର ଦେବତା ରୂପେ ପୂଜା ପାଇ ଆସୁଥିଲେ । କାଳକ୍ରମେ ତାଙ୍କୁ ଅନ୍ତର୍ଭୁକ୍ତ କରାଯାଇ ବିଷ୍ଣୁଙ୍କ ଅବତାର ରୂପେ ପୂଜା କରାଗଲା । ସେହିପରି ଐତିହାସିକ କେଦାରନାଥ ମହାପାତ୍ର ତାଙ୍କର ଇନ୍ଦ୍ରଦ୍ୟୁମ୍ନ କିମ୍ବଦନ୍ତୀର ଐତିହାସିକତା ପ୍ରବନ୍ଧରେ ଜଗନ୍ନାଥଙ୍କୁ ଶବର ଦେବତା କହିବାରେ ଅନେକ କାରଣ ଅଛି । ଅନ୍ୟ ପକ୍ଷରେ ଜୈନମାନେ ଜଗନ୍ନାଥଙ୍କ ବୁଦ୍ଧତ୍ୱକୁ ଅସ୍ୱୀକାର କରନ୍ତି । ଭଗବାନ ମହାବୀର ତାଙ୍କର ''ମୁନିଦାନ୍ ପ୍ରଭା ବିଦତ୍'' ଗ୍ରନ୍ଥରେ ନାଥାନ୍ତ ଶବ୍ଦ ବୌଦ୍ଧମୂଳକ ନୁହେଁ ବୋଲି ଉଲ୍ଲେଖ କରୁଛନ୍ତି । କାରଣ ପ୍ରାଚୀନ ବୌଦ୍ଧଗ୍ରନ୍ଥମାନଙ୍କରେ କୁତ୍ରାପି ବୁଦ୍ଧଙ୍କୁ ନାଥ ବୋଲି ଅଭିହିତ କରାଯାଇନି ବରଂ ତାହା ଜୈନଧର୍ମର ଏକ ବିଶେଷତ୍ୱ । ବୌଦ୍ଧ ଓ ଜୈନ ମତବାଦ ମଧ୍ୟରେ ଏକ ସମନ୍ୱୟ ରକ୍ଷା କରି ଐତିହାସିକ କେଦାରନାଥ ମହାପାତ୍ର ପୁରାଣ ବର୍ଣ୍ଣିତ ନୀଳମାଧବ ମୂର୍ତ୍ତି ଜୈନ କିମ୍ବା ବୌଦ୍ଧର ତ୍ରିରତ୍ନ ଭାବରେ ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି । ତାଙ୍କ ମତରେ ଏହି ତ୍ରିରତ୍ନ ଅନୁସରଣରେ ଜଗନ୍ନାଥ ମୂର୍ତ୍ତି ପରିକଳ୍ପନା କରାଯାଇଥିବାରୁ ଏମାନେ ପାଦପାଣି ବିହୀନ ।

ମାତ୍ର ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ଖ୍ରୀଷ୍ଟୀୟ ସପ୍ତମ କିମ୍ବା ଅଷ୍ଟମ ଶତାବ୍ଦୀ ସମୟକୁ ଓଡିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କେନ୍ଦୁଝର, ସମ୍ବଲପୁର ଓ ସୋନପୁର ପ୍ରଭୃତି ସୀମାନ୍ତ ଅଞ୍ଚଳକୁ ଉଡ୍ଡୀୟାନ କୁହାଯାଉଥିଲା । ଏସବୁ ଅଞ୍ଚଳରେ ଆବହମାନ କାଳରୁ ବସତି ସ୍ଥାପନ କରିଥିବା ଶବରମାନେ ନିମ୍ବକାଠ ନିର୍ମିତ ଶବରୀ ନାରାୟଣ ମୂର୍ତ୍ତି ଉପାସନା କରି ଆସୁଥିଲେ । ପରବର୍ତ୍ତୀ କାଳରେ ଉଡ୍ଡୀୟାନ ରାଜା ବୌଦ୍ଧବାଦୀ ଇନ୍ଦ୍ରଭୂତି ଜଗନ୍ନାଥଙ୍କ ନିକଟରେ ବୌଦ୍ଧତ୍ୱ ପ୍ରତିପାଦନ କରିବାର ପ୍ରୟାସ କରିଛନ୍ତି —

''ପ୍ରଣିପତ୍ୟଂ ଜଗନ୍ନାଥଂ ସର୍ବଜିନ ବରାର୍ଚ୍ଚିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମଂ ।।''

ଏଣୁ ବୌଦ୍ଧମାନଙ୍କ ଦୃଷ୍ଟିକୋଣରୁ ଉଡ୍ଡୀୟାନ ପୂଜିତ ନିମ୍ବକାଠର ମୂର୍ତ୍ତି ଶବରୀ ନାରାୟଣ ବ୍ୟତୀତ ଅନ୍ୟ କେହି ନୁହନ୍ତି । କାରଣ ହୁଏନସାଂ ତାଙ୍କର ବିବରଣୀରେ ନବେମ୍ଫୁଟ ଉଚ୍ଚତାର କାଠ ପୂଜା ପାଉଥିବା ପ୍ରସଙ୍ଗ ଉଡ୍ଡୀୟାନ ଭ୍ରମଣ ସମୟରେ ଉଲ୍ଲେଖ କରିଛନ୍ତି । ମନେହୁଏ ଏହା ଆଦିମ ଅଧିବାସୀଙ୍କ ପୂଜିତ ଶବରୀ ନାରାୟଣ, ଯେକି ନିମ୍ବକାଠ ନିର୍ମିତ । ପ୍ରୋକ୍ତ ଆଲୋଚନାରୁ ଏହା ମଧ୍ୟ ପ୍ରମାଣିତ ଯେ ଆଦିବାସୀ ସମାଜରେ ବୃକ୍ଷ ବା ଦାରୁପୂଜାର ପ୍ରଚଳନ ବିଧି ଅତି ପ୍ରାଚୀନ । ଶ୍ରୀଜଗନ୍ନାଥ ହେଉଛନ୍ତି ସେହି ଦାରୁମୂର୍ତ୍ତି ସଂସ୍କୃତିର ଆଦିଚେତନା ଏବଂ ଯାହାଙ୍କର ସ୍ଥିତି ପୃଥିବୀର ପ୍ରାଚୀନତମ ଗ୍ରନ୍ଥ ଋକବେଦ ସଂହିତାଠାରୁ ଆରମ୍ଭ କରି ସ୍କନ୍ଦ ପୁରାଣ, ବିଷ୍ଣୁପୁରାଣ ଏପରି କି ଶିଶୁ କୃଷ୍ଣ ଦାସଙ୍କ ''ଦେଉଳ ତୋଳା'' ପର୍ଯ୍ୟନ୍ତ ସମସ୍ତ ଗ୍ରନ୍ଥରେ ଉଲ୍ଲେଖ ରହିଛି । ଚତୁର୍ଦ୍ଧାମୂର୍ତ୍ତି ପରିକଳ୍ପନାରେ ଆଦିବାସୀ କନ୍ଧମାନଙ୍କର ପୂଜିତ ନୀଙ୍କେରିପେନୁ, ସ୍ୱାମୀ, ତାନାପେନୁ (ସ୍ତ୍ରୀ ଦେବତା)ତାନାପେନୁଙ୍କ ସୁରବି ପେନୁ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଏହି ତ୍ରିମୂର୍ତ୍ତିରେ ରୂପାନ୍ତରିତ ହୋଇଥିବା ଅନୁମାନ କରାଯାଏ । ଏପରିକି ଶବରମାନଙ୍କର ଦ୍ୱାରା ପୂଜିତ କାଠସ୍ତମ୍ଭ ବା ସ୍ତମ୍ଭେଶ୍ୱରୀ ସୁଭଦ୍ରା ରୂପରେ ଏବଂ ନାଗଦେବତା ବଳଭଦ୍ର ରୂପରେ ଜଗନ୍ନାଥଙ୍କ ସହିତ ପୂଜା ପାଇଲେ ଏବଂ ଡକ୍ଟର କାହ୍ନୁଚରଣ ମିଶ୍ର ତାଙ୍କର The Cult of Lord Jagannath ପୁସ୍ତକରେ ଉଲ୍ଲେଖ କରିଛନ୍ତି । ଏ ସମସ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ଯେ ଆଜିର ରତ୍ନ ସିଂହାସନାଧିରୂଢ ଭକ୍ତବତ୍ସଳ ଜଗନ୍ନାଥ ସ୍କନ୍ଦପୁରାଣ ଓ ଅନ୍ୟାନ୍ୟ ପୌରାଣିକ କିମ୍ବଦନ୍ତୀର ରହସ୍ୟମୟ ନୀଳମାଧବ ପରବର୍ତ୍ତୀ କାଳରେ ଦାରୁମୂର୍ତ୍ତି ସଂସ୍କୃତିର ସାକାର ପରିକଳ୍ପନା ମଧ୍ୟରେ ପ୍ରତିଷ୍ଠା ଲାଭ କରିଛନ୍ତି । ଆମେ ଜଗନ୍ନାଥଙ୍କ ସମ୍ପର୍କରେ ଦୁଇଟି ସତ୍ୟରେ ଉପନୀତ ହେଉ ଯେ ନୀଳମାଧବ ଆଦିବିଗ୍ରହ ଏବଂ ତାଙ୍କର ଅନ୍ତର୍ଦ୍ଧାନପରେ ବିଷ୍ଣୁଭକ୍ତ ଇନ୍ଦ୍ରଦ୍ୟୁମ୍ନ ଦାରୁବ୍ରହ୍ମର ପ୍ରତିଷ୍ଠା ନୀଳାଚଳରେ କରାଇଥିଲେ । ତେଣୁ ଯଦି ଆଜି ଜଗନ୍ନାଥ ପୂଜା ପଦ୍ଧତି ଯାନି, ଯାତ୍ରା ପ୍ରତି ଦୃଷ୍ଟି ଦେବା ସେସବୁ ମଧ୍ୟରେ ଶବର ସଂସ୍କୃତିର ପ୍ରାଧାନ୍ୟ ବିଶେଷ ଭାବରେ ପରିଲକ୍ଷିତ ହୁଏ । କିନ୍ତୁ

ଆଲୋଚନା ପରିସରରେ ନୀଳମାଧବଙ୍କ ସ୍ଥିତି ଖୁବ୍ କ୍ଷୀଣ । ତେଣୁ ଆର୍ଯ୍ୟ ଅନାର୍ଯ୍ୟର ମିଳନ କ୍ଷେତ୍ରରୂପେ ପ୍ରସିଦ୍ଧିଲାଭ କରିଥିବା ନୀଳାଚଳର ରତ୍ନସିଂହାସନରେ ବିରାଜମାନ କରୁଥିବା ଜଗନ୍ନାଥ ହେଉଛନ୍ତି ଦାରୁମୂର୍ତ୍ତି ସଂସ୍କୃତିର ଏକାନ୍ତ ଆଦିମ ପରିପ୍ରକାଶ ଏହା ନିଃସନ୍ଦେହ ।

ଏହି ପୁରୁଷୋତ୍ତମ କ୍ଷେତ୍ରାଧିଷ୍ଠିତ ଦାରୁରୂପୀ ପ୍ରଭୁ ଜଗନ୍ନାଥ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ଏକ ବାସ୍ତବ ପ୍ରତୀକ ଭାବରେ ସକଳଗତି, ମୁକ୍ତିର ଆଧାର ରୂପେ ଅନୁଗୃହୀତ ହୋଇ ଆସିଛନ୍ତି । ସେ ସ୍ୱୟଂ ପରଂବ୍ରହ୍ମ ଅଦି ଅନ୍ତହୀନ । ଉତ୍କଳୀୟ କିମ୍ବଦନ୍ତୀ ନାୟକ ମାଳବରାଜା ଇନ୍ଦ୍ରଦ୍ୟୁମ୍ନ ଏହି ଦାରବୀୟ ବିଗ୍ରହଙ୍କ ମୂର୍ତ୍ତି ପ୍ରତିଷ୍ଠା କାଳରେ ସେଠାରେ ଉପସ୍ଥିତ ଜଣେ ବେଦବେଦାନ୍ତ ପାରଙ୍ଗମ ବ୍ରାହ୍ମଣ ଶ୍ରୀଜଗନ୍ନାଥଙ୍କୁ ଲକ୍ଷ୍ୟ କରି କହିଥିଲେ—

ଶ୍ରୁତି ସ୍ମୃତ୍ୟାଦି ନିର୍ଦ୍ଦିଷ୍ଟ ଉପାୟ ବିନା ପରମମୁକ୍ତି ଲାଭ କରିବାକୁ ହେଲେ ଦାରୁରୂପୀ ଜଗନ୍ନାଥ ହେଉଛନ୍ତି ଏକମାତ୍ର ଆଶ୍ରୟ । ଯେଉଁମାନେ ପାପୀ କିମ୍ବା ଦୁରାତ୍ମା, ସେମାନେ ମଧ ବାରମ୍ବାର ଗମନାଗମନ ପୂର୍ବକ ତାଙ୍କୁ ଦର୍ଶନ କଲେ ସେ ବନ୍ଧୁଭାବରେ ସେମାନଙ୍କୁ ମଧ ସୁଖଦାନ କରନ୍ତି । ଏହାଙ୍କ କ୍ଷେତ୍ରରେ ଶ୍ରୁତି କ୍ରିୟାସ୍ମୃତି ବର୍ଣ୍ଣିତ ବିଧି ନିଷ୍ମେଧର ସ୍ଥାନ ନାହିଁ । ଯେକୌଣସି ଅବସ୍ଥାରେ ଯେ କୌଣସି ଲୋକ ଦର୍ଶନ କଲାମାତ୍ରେ ମୁକ୍ତି ଲାଭ କରନ୍ତି । ଭକ୍ତଭାବରେ ହେଉ ବା ଗତାନୁଗତିକ ଭାବରେ ହେଉ ଯେ ତାଙ୍କୁ ଦର୍ଶନ କରେ ସେ ସହସ୍ର ଅଶ୍ୱମେଧ ଯଜ୍ଞର ଫଳ ଲାଭ କରେ । ଏହା ହେଉଛି ପ୍ରତିଷ୍ଠାକାଳୀନ ଜଗନ୍ନାଥ ତତ୍ତ୍ୱର ଗୂଢ଼ ରହସ୍ୟ ।

ଏ ସମସ୍ତ ଆଲୋଚନାର ପଶ୍ଚାଦ୍ ଭାଗରେ ଏହା ପ୍ରମାଣିତ ହୋଇଛି - ଦାରୁମୂର୍ତ୍ତି ସଂସ୍କୃତି ଅନ୍ୟ କୌଣସି ଦେଶରେ ଦେଖିବାକୁ ମିଳେନାହିଁ । ଶ୍ରୀଜଗନ୍ନାଥ ହେଉଛନ୍ତି ସେଥିପାଇଁ ବିଶ୍ୱର ବୈଚିତ୍ର୍ୟମୟ ଦାରବୀୟ ବିଗ୍ରହ । ଯାହାଙ୍କର ଇତିହାସ ଯଦିଓ ଅନ୍ଧକାରାଚ୍ଛନ୍ନ ତଥାପି ଉତ୍କଳୀୟ ପରମ୍ପରା ଓ ସଂସ୍କୃତିର ପ୍ରଭୁ ଜଗନ୍ନାଥଙ୍କ ଦାରୁବିଗ୍ରହ ଧାରଣ ତାଙ୍କୁ ଦାରୁଦେବତାର ଗୌରବ ପ୍ରଦାନ କରେ । ଦାରୁମୂର୍ତ୍ତି ସଂସ୍କୃତି ହେଉଛି ଉତ୍କଳୀୟ ପରମ୍ପରାରେ ଏକ ସ୍ୱତନ୍ତ୍ର ସଂସ୍କୃତିର ପରିଚାୟକ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଭାରତ ମଠ ଗଳି,
ପୁରୀ ।

# ଶ୍ରୀଲୋକନାଥ ମନ୍ଦିର


ଶ୍ରୀଜଗନ୍ନାଥ ମନ୍ଦିରଠାରୁ ପ୍ରାୟ ଦେଢ ମାଇଲ ଦୂର ପଶ୍ଚିମରେ କ୍ଷେତ୍ରପାଳ ଶ୍ରୀଲୋକନାଥ ମନ୍ଦିର ଅବସ୍ଥିତ । ମନ୍ଦିରର ବେଢ଼ା ବିଶାଳ ସୁଦୀର୍ଘ ପ୍ରାଚୀର ପରିବେଷ୍ଟିତ । ଶ୍ରୀଗଣେଶ, ଦେବୀ ପାର୍ବତୀ, ଶ୍ରୀକାର୍ତ୍ତିକେୟ ପ୍ରଭୃତି ଦେବଦେବୀଗଣ ଏହି ମନ୍ଦିର ଚତୁଃପାର୍ଶ୍ୱରେ ବିଦ୍ୟମାନ । ବେଢ଼ାଭିତରେ କେତେକ ଶିବ ମନ୍ଦିର ପ୍ରତିଷ୍ଠିତ । ବେଢ଼ାର ସମ୍ମୁଖ ଭାଗରେ ଏକ ବିଶାଳ ସରୋବର ପାର୍ବତୀ ସାଗର ନାମରେ ଖ୍ୟାତ । ଶ୍ରୀଲୋକନାଥଙ୍କ ଦର୍ଶନାର୍ଥୀମାନେ ଏହି ପବିତ୍ର ଜଳରେ ହସ୍ତ ପଦ ଧୌତ କରି ଶ୍ରୀଜୀଉଙ୍କର ଦର୍ଶନ କରନ୍ତି ଏବଂ ଦର୍ଶନ ଶେଷରେ ମଧ ହସ୍ତପଦ ପ୍ରକ୍ଷାଳନ ପୂର୍ବକ ଫେରିଥାନ୍ତି । ଏହି ଶିବଲିଙ୍ଗ ଶ୍ରୀଲୋକନାଥ ମନ୍ଦିର ମଧରେ ସଦା ସର୍ବଦା ଜଳ ନିମଗ୍ନ ଅବସ୍ଥାରେ ରହିଥାନ୍ତି । ଏହି ଶିବଲିଙ୍ଗଙ୍କର ଉଭୟ ପାର୍ଶ୍ୱରେ ସୁବର୍ଣ୍ଣ ନିର୍ମିତ ସର୍ପ ଫଣା ବିସ୍ତାର କରି ରହିଛନ୍ତି । ଶ୍ରୀଲୋକନାଥଙ୍କ ଦର୍ଶନ ସବୁବେଳେ ହୋଇପାରେ ନାହିଁ । ଫାଲଗୁନ କୃଷ୍ଣ ଏକାଦଶୀରେ ଜଳ ନିଷ୍କାସିତ ହେବା ଦ୍ୱାରା ପ୍ରାୟ ନିଶାର୍ଦ୍ଧରେ ଶ୍ରୀଲୋକନାଥଙ୍କ ଦିବ୍ୟ ବିଗ୍ରହର ଦର୍ଶନ ମିଳେ । ପୁନଶ୍ଚ ଶିବରାତ୍ରି ଦିନ ରାତ୍ରିର ତୃତୀୟ ପ୍ରହରରେ ହରିହର ପୂଜା ସମୟରେ ଦର୍ଶନ ପିପାସୁ ଭକ୍ତମାନଙ୍କୁ ଶ୍ରୀଲୋକନାଥଙ୍କ ଦର୍ଶନର ସୁବିଧା ମିଳିଥାଏ । କଥିତ ହରିହର ପୂଜାର ପରିସମାପ୍ତି ପରେ ଏହି ଦିବ୍ୟବିଗ୍ରହଙ୍କ ଶିରୋଭାଗରୁ ମନ୍ଦାକିନୀ ନିସୃତ ହୋଇ ଶ୍ରୀଜୀୟୁଙ୍କର ବିଗ୍ରହ ଜଳ ମଧରେ ଅନ୍ତର୍ନିହିତ ହୁଏ । ଶ୍ରୀଜଗନ୍ନାଥଙ୍କ ଚନ୍ଦନଯାତ୍ରାରେ ଏହାଙ୍କର ଚଳନ୍ତି ପ୍ରତିମା ଚାପକ୍ରୀଡା ପାଇଁ ମଦନମୋହନଙ୍କ ସହ ନରେନ୍ଦ୍ର ସରୋବରକୁ ଯାତ୍ରା କରନ୍ତି ।

କଥିତ ଅଛି ଶ୍ରୀରାମଚନ୍ଦ୍ର ସୀତାଙ୍କୁ ଉଦ୍ଧାର କରିବା ନିମନ୍ତେ ଲଙ୍କାକୁ ଯାତ୍ରା ପଥରେ ଶଙ୍ଖକ୍ଷେତ୍ରକୁ ଆସିଥିଲେ ଏବଂ ଏହି ସ୍ଥଳରେ ଏକ ଶବର ପଲ୍ଲୀରେ ରହିଥିଲେ । ଏଠାରେ ରାମଚନ୍ଦ୍ର ଶିବ ଉପାସନା ବ୍ୟତିରେକ ଜଳସ୍ପର୍ଶ କରିବେ ନାହିଁ ବୋଲି କହିବାରୁ ଜଣେ ଶବର ତାଙ୍କୁ ଗୋଟିଏ ଲାଉ ପ୍ରଦାନ କରିଥିଲେ । ପ୍ରଭୁ ଶ୍ରୀରାମଚନ୍ଦ୍ର ତାହାକୁ ଶିବ ଜ୍ଞାନରେ ପୂଜା କରିଥିବାରୁ ସେହିଦିନଠାରୁ ସେ ଲାଉନାଥ ବା ଶ୍ରୀଲୋକନାଥ ଭାବରେ ଖ୍ୟାତ ହେଲେ ।

# ରଥ ନିର୍ମାଣର ବିଧି ବିଧାନ

ଶ୍ରୀ କୃପାସିନ୍ଧୁ ବିଶ୍ୱାଳ

ଭାରତର ବିଭିନ୍ନ ଧର୍ମମତବାଦ ମଧ୍ୟରେ ଶ୍ରୀଜଗନ୍ନାଥ ଜାତୀୟ ଦେବତା ରୂପେ ପ୍ରତିଷ୍ଠିତ । ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଯୁଗ-ଯୁଗ ଧରି ଓଡ଼ିଆ ଜାତିର ଜାତୀୟ ଚିନ୍ତା ଚେତନା ଓ ସଂସ୍କୃତିର ଆଦି ଉତ୍ସରୂପେ ବହୁଧା ବର୍ଣ୍ଣିତ । ତେଣୁ ଭାରତର ବିଶେଷତଃ ଓଡ଼ିଶାର ଅଧିକାଂଶ ଯାତ୍ରା-ମହୋତ୍ସବ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଅନୁଷ୍ଠିତ ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ବର୍ଷସାରା ବିଭିନ୍ନ ପ୍ରକାର ଯାତ୍ରା-ମହୋତ୍ସବ ପାଳିତ ହୋଇଥାଏ । ତନ୍ମଧ୍ୟରେ ଆଷାଢ଼ ମାସରେ ରଥଯାତ୍ରା ଅନ୍ୟତମ । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ପୁରୁଷୋତ୍ତମ କ୍ଷେତ୍ରରେ ନୁହେଁ, ଭାରତର ସର୍ବତ୍ର ସର୍ବପ୍ରଧାନ ଉତ୍ସବ ରୂପେ ପାଳିତ ହୁଏ । ଏହି ଯାତ୍ରାକୁ ନବଦିନ ଯାତ୍ରା, ଗୁଣ୍ଡିଚା ଯାତ୍ରା, ଘୋଷଯାତ୍ରା, ପତିତପାବନ ଯାତ୍ରା ତଥା ମହାବେଦୀ ଉତ୍ସବ ନାମରେ ନାମିତ କରାଯାଇଛି । ରଥଯାତ୍ରା ଆଷାଢ଼ ମାସ ପୁଷ୍ୟା ନକ୍ଷତ୍ରଯୁକ୍ତ ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ । ଅନବସର ପରେ ଆଷାଢ଼ ଅମାବାସ୍ୟା ଦିନ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ହୁଏ । ନେତ୍ରୋତ୍ସବ ଦିନ ଠାକୁରଙ୍କୁ କେନ୍ଦୁଲି ଶାଢ଼ୀ, ଖଣ୍ଡୁଆ ଓ ପଟୋ ଲାଗିହୁଏ । ନୀଳାଦ୍ରୀ ମହୋଦୟର ଷଷ୍ଠ ଅଧ୍ୟାୟରେ ଉଲ୍ଲେଖ ଅଛି :-



"ଆଷାଢ଼ସ୍ୟ ଚ ମାସସ୍ୟ ସିତେ ପକ୍ଷେ ଗୁରୋର୍ଦିନେ ।
ପୁଷ୍ୟର୍କ୍ଷେ ଚ ଦ୍ୱିତୀୟାୟାଂ ତତ୍ର କୁର୍ଯ୍ୟାଦ୍ରଥୋତ୍ସବମ୍ ॥
ଋକ୍ଷାଭାବେ ତିଥୌ କାର୍ଯ୍ୟଂ ସର୍ବଭାବେନ ଭୂପତେ ।
ଗୁଣ୍ଡିଚାଖ୍ୟୋତ୍ସବଂ କୁର୍ଯ୍ୟାଦତି ପ୍ରୀତିକରଂ ମମ ॥"

ସମସ୍ତ ଭାରତବର୍ଷରେ ଯେତେ ରଥ ଦେବାୟତନମାନଙ୍କରେ ବ୍ୟବହାରରେ ଆସୁଛି, ତାହା ମଧ୍ୟରେ ଶ୍ରୀକ୍ଷେତ୍ରଙ୍କ ତିନିରଥର ନିର୍ମାଣ ଶୈଳୀ ଅତୀବ ରହସ୍ୟମୟ । ଶିଳ୍ପୀ ଶ୍ରୀ ତ୍ରିଲୋଚନ ମହାରଣାଙ୍କ 'ଶିଳ୍ପସାର ସଂଗ୍ରହ' ପୋଥିର ୨ୟ ଖଣ୍ଡରେ ବର୍ଣ୍ଣନା କରାଯାଇଛି : ଶୌରାବତାରଙ୍କ ରଥ ପ୍ରସିଦ୍ଧ । ସେହି ରଥରେ ଯେବେ ତିନିମୂର୍ତ୍ତି ବିଜେ କରିବେ ତେବେ ପୂର୍ବଦ୍ୱାର ସତାର ଛ' ଚଉଠା ଉଠାଇ ରଖିବ । ଏକ ମୂର୍ତ୍ତି ଯେବେ ବିଜେ ହେବେ ତେବେ ଚାରିଦ୍ୱାର ସତା ଚାରି ଚଉଠା ଉଠାଇ ରଖିବ ।

ରଥ ଯେତେ ଉଚ୍ଚ କରିବା ପାଇଁ ଇଚ୍ଛା କରିବ ତାହାକୁ ୨୭ ଭାଗ କରିବ । ଭାଗକୁ 'ଚଉଠା' କହିବ, ଚଉଠାକୁ ତେର ଭାଗକଲେ ଯାହା ହେବ ତାହାକୁ ଅଙ୍ଗୁଳ ବା କଳା କୁହାଯାଏ ।

ରଥର ଚକଡା (ଚଉଡା) ଯେତେ ଉଚ୍ଚ ସେତେ ହେବ । ତଳ ଚକଡାର ବିସ୍ତାର ଓ ଦୀର୍ଘ ୨୭ ଚଉଠା । ଏହି ଚକଡ଼ାକୁ ୯ ଭାଗ କରି ୧୦ ଧାରଣା ପକାଇବ । ପ୍ରଥମ ୬ ଧାରଣାର ଲମ୍ବ ୨୭ ଚଉଠା । ଦ୍ୱିତୀୟ ଧାରଣାର ଲମ୍ବ ୨୧ ଚଉଠା । ତୃତୀୟ ଧାରଣାର ଲମ୍ବ ୧୫ ଚଉଠ । ମୁହାଣର ଲମ୍ବ ୧୫ ଚଉଠା । କୁତୁକାର ଲମ୍ବ ଧାରଣା ମଝାଇକୁ ୩ ଚଉଠା, ଏପରି ଚାରିକୋଣରେ ୮ କୁତୁକା ଦେବ । ବଡ ଦୁଇ ଅଖ ଲମ୍ବ ୩୦ ଚଉଠା, ଛୋଟ ଦୁଇ ଅଖ ଲମ୍ବ ୨୪ ଚଉଠା । ଏକ ଚଉଠାକୁ ୧୨ ଭାଗ କରିବ । ୧୭ ଚଉଠ ୮ ଅଙ୍ଗୁଳରେ ବଡ଼ ଅଖ ଦୁଇଗୋଟି ପୁଡା ତାଇ ହାଣିବ । ସାନ ଅଖ ଦୁଇଗୋଟି ୧୧ ଚଉଠ ୮ ଅଙ୍ଗୁଳରେ ପୁଡା ତାଇ ହାଣିବ । ଗୁଳିର ଉଚ୍ଚ ୫ ଚଉଠ ୮ ଅଙ୍ଗୁଳ, ଗୁଳି ବହଳ ଛାଡି ଅଖରେ କାନ ବିଲା ବିନ୍ଧ କରିବ । ମୁହାଣକୁ ଗୁଳି ନିଶ୍ୱାସ ୮ ଅଙ୍ଗୁଳ ଛାଡି ଧାରଣାରେ ଅଖର କାବିଲା କଣ୍ଟା ବିନ୍ଧ କରିବ । ମୁହାଣ ମଝାଲକୁ ୮ ଚଉଠ ୪ ଅଙ୍ଗୁଳ ଛାଡି ବଡ ଅଖ କାବିଲା ବିନ୍ଧ ଧାରଣାରେ କରିବ ।

୧୦ ବାହି ପ୍ରକାରେ ଗୋଡ ଫୁଲି କରି ଜଳନ୍ତରିଆ ଖୋଳ ବିନ୍ଧ କରିବ । ଧାରଣା ବାହି ଉପରେ ନାଇକା ଜିଆ ୮ ଚଉଠରେ ନାଇକା ବିନ୍ଧ କରିବ । ନାଇକା ପାଖ ଜଳନ୍ତରିଆ ଖୋଳ ୪ ଚଉଠ ୧୨ ଅଙ୍ଗୁଳ ଉଚ୍ଚ ରଖି ଖୁପି କରିବ । ବାହାରି ଜଳନ୍ତରିଆ ଖୋଳ ୪ ଚଉଠ ଉଚ୍ଚ ରଖି ଖୁପି କରିବ । ଏଥି ଉପରେ ଛନ୍ଦା ପକାଇବ । ଚକଡା ଚାରିପାଖ ଧାରଣାକୁ ଛନ୍ଦାକୁ ଟୀକା ମାରିବ । ଧାରଣା ଉପରଠାରୁ ଜିଆ ମିଶି ନାଇକା ୧୪ ଚଉଠ ରଖି ଖୁପି

କରିବ । ସିଂହାସନର ଉଚ୍ଚ ୧୨ ଅଙ୍ଗୁଳ କରିବ । ଡିଆ ବହଳ ୧୨ ଅଙ୍ଗୁଳ କରିବ । ଓସାର ୧ ଚୌଠା ନାଇକା ଉପରେ ୮ ଚଉଠାଇ ଚଉତାଳ କରିବ ।

ପ୍ରଥମେ ଭୂଇଁ ଲଦିବ । ଭୂଇଁ ବହଳ ୫ ଅଙ୍ଗୁଳ ଫୁଲିଠାରୁ ଭୂଇଁ ଅଁଳା ୨ ଚଉଠ ୪ ଅଙ୍ଗୁଳ । ଭୂଇଁ ମଝାଲ ସୂତାଠାରୁ ୨ ଅଙ୍ଗୁଳ ରଖି ଗଇ ହାଣିବ ।

ପାଖୁଡା ୩ ଚଉଠ ୪ ଅଙ୍ଗୁଳ, କୋଣ ପାଖୁଡା ୧ ଚଉଠ ୪ ଅଙ୍ଗୁଳ, ଫୁଲିଠାରୁ ୧ ଚଉଠ ଲେଖା ଛାଡି ଦୁଇ ପାଖୁଡା ବସାଇବ । ଏହିପରି ଚାରିପାଖେ ୧୬ ଗୋଟି ପାଖୁଡା ମାରିବ । ଫୁଲିଠାରୁ ୧ ଚଉଠ ୨ ଅଙ୍ଗୁଳ ଲେଖାରେ ହଂସପାଦି ପକାଇ ୧ ଚଉଠ ଉଚ୍ଚରେ ଚଢେଇ ଖୋଜ ବସାଇବ । ଏଥି ଉପରେ ପାଖୁଡା ହଂସ ପାଦି ମାରିବ । ଚାରିପାଖେ ହାରାମାଳି ମାରିବ । ପ୍ରଥମ ଭୂଇଁ ଉପରେ ୭ ଚଉଠରେ ବିନ୍ଧକରି ଫୁଲିଠାରୁ ୮ ଅଙ୍ଗୁଳ ଛାଡି ଭିତରେ ଓରା ପକାଇବ । ଭୂଇଁ ଉପରଠାରୁ ଓରା ଉଚାଟି କାଟି ୨ ଚଉଠ ଖୋଜ କରିବ । ଏଥି ଉପରେ ୭ ଚଉଠ ଚଉତାଳ କରି ୨ୟ ଭୂଇଁ ଲଦିବ । ୨ୟ ଭୂଇଁ ଚଉତାଳ ଫୁଲିଠାରୁ ଅଲେଖା ଛାଡି ୨ ପାଖୁଡା ମାରିବ । ଏପରି ଚାରିଦିଗେ ୧୨ ପାଖୁଡା ମାରିବ ।

ଭୂଇଁ ଫୁଲିଠାରୁ ୧ ଚଉଠ ଲେଖାରେ ହଂସପାଦି ପକାଇ ୧୪ ଅଙ୍ଗୁଳ ଉଚ୍ଚ ରଖି ଚଢେଇ ଖୋଜ ବସାଇବ । ଏଥି ଉପରେ ପାଖୁଡା ହଂସ ପାଦି ମାରିବ । ଭୂଇଁ ଚାରିପାଖ ହାରାମାଳି ମାରିବ । ଏଥି ଉପରେ ୬ ଚଉଠରେ ବିନ୍ଧ କରି ୮ ଅଙ୍ଗୁଳ ଛାଡି ଓରା ପକାଇବ । ଏଥିରେ ଖୋଜ ଭୂଇଁ ଉପରଠାରୁ ଉଚାଟି କାଟି ୧ ଚଉଠ ୧୪ ଅଙ୍ଗୁଳ କରିବ । ସେହି ଦ୍ୱିତୀୟ ଓରା ୫ ଚଉଠରେ ବିନ୍ଧ କରି ଦ୍ୱିତୀୟ ଭୂଇଁ ଚଉତାଳ ଫୁଲିଠାରୁ ୧ ଚଉଠ ଛାଡି ଓରା ଉପରେ ବସାଇବ । ଏଥିର ଖୋଜ ଭୂଇଁ ଉପରଠାରୁ ଓରା ଉଚାଟି କାଟି ୪ ଚଉଠରେ ବଡ ଖୋଜ ବସାଇବ ।

ଦ୍ୱିତୀୟ ପୁର ଭୂଇଁ ଚଉତାଳ ୬ ଚଉଠରେ କରିବ । ଫୁଲିଠାରୁ ଅଞ୍ଚଳା ୨ ଚଉଠ ୪ ଅଙ୍ଗୁଳ ରଖିବ । ପାଖୁଡା ୩ ଚଉଠ, କୋଣ ପାଖୁଡା ୩ ଚଉଠ (କୋଣ ପାଖୁଡା ୧ ଚଉଠ) ୮ ଅଙ୍ଗୁଳ ଫୁଲିଠାରୁ ୧୪ ଅଙ୍ଗୁଳି ଲେଖା ଛାଡି ୨ ପାଖୁଡା ବସାଇବ । ଏପରି ଚାରିଦିଗରେ ୧୬ ପାଖୁଡା ବସାଇବ । ଫୁଲିଠାରୁ ୧୪ ଅଙ୍ଗୁଳ ଲେଖାରେ ଛାଡି ପାଖୁଡାରେ ହଂସପାଦି ବସାଇ ଫୁଲି କରି ୧୨ ଅଙ୍ଗୁଳ ଉଚ୍ଚରେ ଚଢେଇ ଖୋଜ ବସାଇବ । ଏଥି ଉପରେ ପାଖୁଡା ହଂସପାଦି ବସାଇବ । ଚାରିପାଖେ ହାରାମାଳି ମାରିବ । ଏହି ଚଉତାଳଠାରୁ ଭିତିରି ବାର ଅଙ୍ଗୁଳ ଛାଡି ଚଉତାଳ ପଡିବ । ଭୂଇଁ ଚଉତାଳ ଫୁଲିଠାରୁ ମଝି ଚଉତାଳ ଅଞ୍ଚଳ ୩ ଚଉଠ ରଖିବ ।

ପ୍ରଥମ ପଟଳ ଲମ୍ବ ୮ ଚଉଠ, ରାହା କାଟଣ ଶେଷଠାରୁ ୧୪ ଅଙ୍ଗୁଳ ଉଚ୍ଚ, ୨ୟ ରାହା ମଧ୍ୟ ୧୨ ଅଙ୍ଗୁଳ ଉଚ୍ଚରେ କାଟଣ ହେବ । ଏପରି ଚାରିପାଖ ପଟଳ କରିବ । ପୁର ଛିଡଣ ଲମ୍ବ ୩ ଅଙ୍ଗୁଳ ଲେଖା ୧ମ ସାତପୁର କରିବ । ଉଚ୍ଚ ମଧ୍ୟ ଦ୍ୱିତୀୟ ରାହା ମଧ୍ୟ ଅଙ୍ଗୁଳ ଲେଖାରେ କାଟଣ କରି ସାତପୁର କାଟିବ । ପ୍ରଥମ ସାତପୁର ପଟଳ ଉଚ୍ଚ ୨ ଚଉଠ, ସାତପୁରରେ କୋଣ ଓରା ପକାଇ ପଟଳ ଲଦିବ । ପଟଳ ଭୂଇଁ ଉପରଠାରୁ ବଡ ଖୋଜ ମଧ୍ୟ ଚୌତାଳରେ ୨ ଚଉଠ ୧୨ ଅଙ୍ଗୁଳ ରଖି ବସାଇବ ।

ଏଥି ଉପରେ ପାରାଭାଡି ଭୂଇଁ ୩ ଚଉଠ ୮ ଅଙ୍ଗୁଳରେ ଚଉତାଳ କରି ବସାଇବ । ଅଞ୍ଚଳା ୧ ଚଉଠ ୧୩ ଅଙ୍ଗୁଳ ରଖିବ । ଭୂଇଁ ମଧ୍ୟରେ ଚଉତାଳ ଗୋଟିଏ ପକାଇବ । ଚଉତାଳ ଫୁଲିଠାରୁ ମଝି ଚଉତାଳ ଅଞ୍ଚଳା ୨ ଚଉଠ ୪ ଅଙ୍ଗୁଳ ।

ପ୍ରଥମ ସାତପୁର ପଟଳ ଉପରେ ପଟଳ ଭୂଇଁ ଲଦାହେବ । ଖୋଜକୁ ଝମକ ଓରା ମାରିବ । ଆଠପୁର ପଟଳ ଲମ୍ବ ୬ ଚଉଠ ୨ ଅଙ୍ଗୁଳ ରାହା କାଟଣ ଲମ୍ବ ୯ ଅଙ୍ଗୁଳ ଲେଖାରେ ଦୁଇପାଖ କାଟିବ । ସେହି ପ୍ରକାରେ ୨ୟ ରାହା କାଟଣ ଉଚ୍ଚ ୬ ଅଙ୍ଗୁଳ ରଖିବ । ପୁରକୁ ପୁର ୫ ଅଙ୍ଗୁଳ ଲେଖାରେ ସାତପୁର କାଟଣ । ରାହା ଲମ୍ବପୁରକୁ ପୁର ୩ ଅଙ୍ଗୁଳ ଲେଖା କାଟିବ ।

୨ୟ ରାହା ୨ ଅଙ୍ଗୁଳ ଲେଖାରେ ପୁରକୁପୁର ସାତପୁର କାଟିବ । ଉଚ୍ଚ ମଧ୍ୟ ଦୁଇ ରାହା ଅଧ ଅଙ୍ଗୁଳ ଲେଖାରେ କାଟିବ । ୨ୟ ସାତପୁର ପଟଳ ୨ ଚଉଠ କରିବ । ଏଥି ଉପରେ ୧ ଚଉଠ ଉଚ୍ଚରେ ମାଙ୍କଡ ଛନ୍ଦା ଦୁଇଗୋଟି ଚଉତାଳ କରି ପକାଇବ । ମାଙ୍କଡ ଛନ୍ଦା ଲମ୍ବ ୫ ଚଉଠ, ବଡ କଣ୍ଟା ବିନ୍ଧ ଫୁଲିଠାରୁ ୨ ଚଉଠରେ ବିନ୍ଧ କରିବ । ବଡକଣ୍ଟା ଉପରକୁ ଚାରିପାଖେ ଚାରିକପି ବସାଇବ ।

ଦଧିନଉତି ୨ ଚଉଠ ଉଚ୍ଚରେ ମାଙ୍କଡ ଛନ୍ଦା ଉପରେ କଳସ ଚକ୍ର ପତାକା ଦେବ । କଳଶ ଶିଖାଠାରୁ ପାରା ଭାଡି ଭୂଇଁ ତଳ ପର୍ଯ୍ୟନ୍ତ ଦଧିନଉତି ଖୋଜ ଦେବ ।

ପଟଳ ଭୂଇଁ ଉପରେ ମଗର ପଟା ଦେବ । ମାଙ୍କଡ ଛନ୍ଦାର ବଡ କଣ୍ଟା ପାରାଭାଡିରେ ଡାଇପଟଳ ଭୂଇଁରେ ବସିବ । ୨ୟ ଭୂଇଁ ବଡ ଖୋଜକୁ ୩ୟ ଭୂମି ପଟ ଉପରେ ଝମକ ମାରିବ । ଝମକ ଦୁଇଗୋଟି ନତୁବା ପ୍ରଥମ ଭୂଇଁଠାରୁ ୪ର୍ଥ ଭୂଇଁ ପର୍ଯ୍ୟନ୍ତ ଚାରିକୋଣରେ ୪ ଝମକ ମାରିବ ।

ଦ୍ୱାରଗତାର ଲମ୍ବ ୧୪ ଚଉଠ ୮ ଅଙ୍ଗୁଳରେ ଚାରିପାଖ ଦ୍ୱାରଗତାର ଚଉତାଳ ଡାଇ କରିବ । ଦ୍ୱାରବଡକୁ ବଳକା ରଖି ମଗର ପଟା ଦେବ । ୫ ଚଉଠ ଭିତରେ ଖୁପି କରିବ । ଦ୍ୱାରଗଡ଼ା ତଳ ଆଣ୍ଠୁ ୨ ଚଉଠ ୮ ଅଙ୍ଗୁଳ ପର୍ଯ୍ୟନ୍ତେ ତୋରଣ କାଟିବ । ମଝାଲଠାରୁ ୩ ଚଉଠରେ ଖମ୍ବିରି ଚଣା ବିନ୍ଧ କରିବ । ପୂର୍ବଦ୍ୱାର ଗଡ଼ାରେ ଖମ୍ବର ଉଚ୍ଚ ୩ୟ ଛନ୍ଦାର ଏପରୁ ୭ ଚଉଠ ୩ ଅଙ୍ଗୁଳରେ ଚଣା ବିନ୍ଧ କରିବ । ଦ୍ୱାରଗଡ଼ା ଉପରେ ଖୁଟିରେ ଲଗାଇ ୩ ଚଉଠ ୧୨ ଅଙ୍ଗୁଳରେ ବିନ୍ଧ କରି ୨ୟ ଭୂଇଁ ପଟରେ କଣ୍ଟା ମାରିବ । ଦକ୍ଷିଣ, ପଶ୍ଚିମ, ଉତ୍ତର ତିନି ଦ୍ୱାର ଗଡ଼ାର ମଝାଲଠାରୁ ତିନି ଚଉଠରେ ଖମ୍ବିରି ଚଣା ବିନ୍ଧ କରିବ । ଚାରିପାଖେ ୮ ଗୋଟି ଖମ୍ବି ବସାଇବ ।

ପୂର୍ବଦ୍ୱାରରେ ଫାସି ନାଇକା ଦୁଇଗୋଟି ବସାଇବ । ଅନ୍ୟ ତିନି ଦିଗର ଫାସି ନାଇକା ଚାରିଗୋଟି ଲେଖାରେ ବସାଇବ । ଫାସି ନାଇକା ତଳେ କିମ୍ବା ଦେବ । ଏପରି ଚାରିପାଖ ନାଇକା ୦୪ ଗୋଟି ବଡ଼ ମୂର୍ତ୍ତି ହେବାରୁ ପୂର୍ବରେ ଦୁଇଗୋଟି ଫାସି ନାଇକା ହେଲା, ନୋହିଲେ ୧୬ ଗୋଟି ନାଇକା

ପ୍ରଧାନ । ଫାସି ନାଇକାଙ୍କୁ ଦ୍ୱାରପଡା ଖଣ୍ଡକୁ ଛିକା ମାରିବ । ମଣ୍ଡିର ମଧ୍ୟରେ କନକ ମଣ୍ଡପ କରିବ । ଭୂଇଁତଳେ ଅଣ୍ଟୁଠାରୁ ୧୨ ଅଙ୍ଗୁଳ ଛାଡ଼ି ତଳକୁ ଚାରି ନାଇକାରେ କୋଣକାଣ୍ଡ ବିନ୍ଧ କରିବ । ୨ୟ ଭୂଇଁ ତଳ ଆଣ୍ଟୁରେ ପଣସା ଦେବ । କୋଣକାଣ୍ଡ ୬ ଚଉଠ ୪ ଅଙ୍ଗୁଳ ରଖି ଖୁବି କରିବ । କୋଣ କାଣ୍ଡ ତଳେ ଚାରି ନାଇକା ଭିତରେ ଚୌତାଳ ଦେବ । ନାହକା ମଝାଳଠାରୁ ବରାହିଙ୍କ ମଣ୍ଡପର ଶେଷ ଚୌତାଳ ୧ ଚୌଠ ଚାରି ଅଙ୍ଗୁଳ କରିବ । ଚାରିଦିଗରେ ଚାରିଗୋଟି କାଣ୍ଡ ବସାଇବ । ଚାରିଦିଗରେ ମୁହାଣକୁ ନାଇକାକୁ ୮ ଗୋଟି ଛିକା ମାରିବ । ଚାରିପାଖ ଖୁଣ୍ଟିକି ବାଡ଼ ୧ ଚୌଠ ଆଠ ଅଙ୍ଗୁଳ ଉଚ୍ଚରେ ବସାଇବ । ପୂର୍ବଦ୍ୱାର ଫାସି ନାଇକାରେ ନବଗ୍ରହ ପଟା ଦେବ । ହଂସାଡୁଆଳି ଦେବ । ଅଶ୍ୱ ଦୁଇଗୋଟି ଯୋଚିବ । ବାହି ଉପରଠାରୁ ନାଇକାରେ ୧୦ ଚଉଠ ୪ ଅଙ୍ଗୁଳରେ ସେନାପଟା ବିନ୍ଧ କରିବ ।

ପୂର୍ବରେ ପାଉଛ ଲମ୍ବ ୧୮ ଚଉଠ, ଓସାର ୮ ଚଉଠ, ତଳପାଖ ଭିତରକୁ ଉପରପଟ ବାହାରକୁ ଏପରି ନଅଗୋଟି ପାଉଛ କରିବ ।

ଅଁଳାଶ୍ରୀ ଥାଇ କରିବାକୁ ଭାଗପଟଳର ଉପରକୁ ପୁର ୪ ଅଙ୍ଗୁଳ ଲେଖାରେ କାଟିବ । ସବୁ ପୁର ଏକାପରି କାଟିବ । ଶେଷ ଦୁଇ ପୁର ୧୩ ପୁର ୫ ଅଙ୍ଗୁଳ କାଟିବ । ୧୪ ପୁର ୬ ଅଙ୍ଗୁଳ କାଟିବ । ଏ ଭାଗର ୧ମ ପୁର ପଟଳ ୭ ଚଉଠ ୧୨ ଅଙ୍ଗୁଳ ଅଥବ ୮ ଚଉଠ ମଧ୍ୟ କରିବ । ୧୨ ପୁର ୫ ଅଙ୍ଗୁଳ କାଟିବ । ୧୩ ପୁର ୭ ଅଙ୍ଗୁଳ କାଟିବ । ୧୪ ପୁର ୮ ଅଙ୍ଗୁଳ କାଟିବ ।

ସଂସ୍କୃତ ଗ୍ରନ୍ଥମାନଙ୍କରେ ଅନେକ ପ୍ରକାର ରଥ ବ୍ୟବହାରର ବର୍ଣ୍ଣନା ଦେଖାଯାଏ । ନ୍ୟାୟାଧିକରଣଙ୍କ ପାଇଁ ''ଯୋଗ୍ୟରଥ'', ଭଗବାନଙ୍କୁ ନେବା ଆଣିବା କରିବା ପାଇଁ ''ମରୁତ ରଥ'', ଆମୋଦ ପ୍ରମୋଦ ପାଇଁ 'ପୁଷ୍ପରଥ', ଭ୍ରମଣ ପାଇଁ 'ପରିଘଟିକା', ଯୁଦ୍ଧାଦି କାର୍ଯ୍ୟରେ ବ୍ୟବହାର ପାଇଁ 'କର୍ଣ୍ଣିରଥ', ସ୍ୱର୍ଗଯାତ୍ରା ପାଇଁ 'ରଥଗର୍ଭକ' ବ୍ୟବହୃତ ହୋଇଥାଏ । ଏହା ବ୍ୟତୀତ ସତାଙ୍ଗ, ସ୍ୟନ୍ଦନ ଓ ବୈନାସିକା ରଥର ବ୍ୟବହାର ବିଭିନ୍ନ ଗ୍ରନ୍ଥରେ ପରିଦୃଷ୍ଟ ହୁଏ ।

କିନ୍ତୁ ଜଗନ୍ନାଥଙ୍କ ଦଶାବତାର ଯାତ୍ରା, ନନ୍ଦିଘୋଷ ଯାତ୍ରା, ଘୋଷ ଯାତ୍ରା, ବେଣ୍ଟ ଯାତ୍ରା, ମହାଦେବୀ ଉତ୍ସବ ବା ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ବ୍ୟବହୃତ ତିନିଗୋଟି ରଥର ଗଠନ ପଦ୍ଧତି ଶିଳ୍ପଶାସ୍ତ୍ରାନୁମୋଦିତ । 'ଅପରାଜିତା ପୃଚ୍ଛା' ନାମକ ଏକ ପୁରାତନ ଶିଳ୍ପଶାସ୍ତ୍ରାନୁସାରେ ଏହି ରଥତ୍ରୟ ନିର୍ମିତ ହୋଇଥାଏ ।

ଏହି ରଥମାନଙ୍କର ଉତ୍କର୍ଷ ୩୨ ଭାଗ ଯଥା :-କୁବର, ଭଦ୍ରପୀଠ, ଆଡ଼ଭଦ୍ର, କୀଳକ, ଅରଗମ୍ଭ, ଚକ୍ର, ଚଉତା, ଗର୍ଗରା, ହଂସମୌଳି, କୁର୍ମ, ରଥକରାଣ୍ଡି, ଦୃଷ୍ଟ, ଦେବପୀଠ, କଣ୍ଠାନାହାକା, ବନ୍ଧାନାହାକା, କର୍ଣ୍ଣସ୍ତମ୍ଭ, ନାଟସ୍ତମ୍ଭ, ଛଟକୁବେର, ପକ୍ଷାଦ୍ୱାର, ଦ୍ୱିତୀୟ କୁବେର, ସ୍ତମ୍ଭନେମୀ, ରତ୍ନିପଗ, ପାଟଗୁଣ୍ଡିକା, କପୋତାଳି, ପୋଟଳ, ଭଦ୍ରବଇଠି, ବେକୀ, ଦଧିନଉତି, କଳସ ଓ ଆୟୁଧ ଇତ୍ୟାଦି ।

ପୁରୁଷୋତ୍ତମ ଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ । ଏହାର ଅନ୍ୟନାମ ଚକ୍ରଧ୍ୱଜ ବା ଗରୁଡ଼ଧ୍ୱଜ । ଏହା ଇନ୍ଦ୍ରଙ୍କ ଦ୍ୱାରା ପ୍ରଦତ୍ତ । ଏହାର ଉଚ୍ଚତା ୩୩ ହାତ ୫ ଆଙ୍ଗୁଳ । ମତାନ୍ତରେ ଏହା ୨୩ ହାତ ଉଚ୍ଚତା ବିଶିଷ୍ଟ ହେବା ବିଧେୟ । ଏଥିରେ ବ୍ୟବହୃତ ହୋଇଥାଏ ୭୪୨ ଖଣ୍ଡ କାଠ । ଚକ ସଂଖ୍ୟା ଷୋଡ଼ଶ ସିଦ୍ଧି ଅନୁପାତରେ ୧୬ । ଚକର ପରିଧି ୭ ଫୁଟ । ରଥ ରକ୍ଷକ ଇନ୍ଦ୍ର । ରଥାଧୀପ-ବୈନତେୟ । ଧ୍ୱଜାରେ-ହନୁମାନ, ରଥପାଳ-ଭୈରବ ନରସିଂହ, ରଥ ଆୟୁଧ-ଶଙ୍ଖ ଓ ଚକ୍ର, ରଥ ଦେବତା-ନୃସିଂହ, ରଥାଭରଣ-ପୀତ ଲୋହିତ, ରଥଶିରରେ ଅବସ୍ଥିତ ଦେବତା-କଲ୍ୟାଣ ସୁନ୍ଦର, ରଥଶକ୍ତି-ବିମଳା ଓ ବିରଜା । ରଥରେ ଅଧିଷ୍ଠିତ ନବପାର୍ଶ୍ୱ ଦେବତ-ରାଘବେନ୍ଦ୍ର, ଗରୁଡ଼ଧ୍ୱଜ, ନରସିଂହ, ବରାହ, ବାସୁଦେବ, ଚିନ୍ତାମଣି କୃଷ୍ଣ, ଗୋବର୍ଦ୍ଧନଧାରୀ, ବାନରାସୀନ ରାଘବ ଓ ପଞ୍ଚମୁଖୀ ହନୁମାନ । ରଥାଶ୍ୱ ସଂଖ୍ୟା-ଚାରି, ଏମାନଙ୍କ ବର୍ଣ୍ଣ-ଶୁକ୍ଳ, ଏମାନଙ୍କର ନାମ-ଶଙ୍ଖ, ବଳାହକ, ଶ୍ୱେତ, ହରିଦ୍ୱାଶ, ମତାନ୍ତରେ ଏମାନଙ୍କ ନାମ-ସୈବ୍ୟ, ସୁଗ୍ରୀବ, ମେଘପୁଷ୍ପ, ବଳାହକ, ସାରଥି-ଦାରୁକ, ରଥରଜ୍ଜୁ-ଶଙ୍ଖଚୂଡ଼ ନାମ୍ନୀ ନାଗୁଣୀ, ରଥମୁଖ-ନାନ୍ଦିମୁଖ, ରଥଦେବୀ-ଯୋଗମାୟା, ରଥଭୈରବୀ-ଏକପାଦ, ମତାନ୍ତରେ ଘଣ୍ଟାକର୍ଣ୍ଣ । ରଥଯକ୍ଷ-ହର୍ଯ୍ୟକ୍ଷ, ଗର୍ଭାଧୀଶ୍ୱର-ହିରଣ୍ୟଗର୍ଭା, ଉତ୍କର୍ଷଣୀ-କ୍ରିୟା, ଯୋଗ, ଆଜ୍ଞା, ଅନୁଜ୍ଞା, ପ୍ରଜ୍ଞା ଓ ମେଧା । ରଷିପଟାରେ-ନାରଦ, ଦେବଳ, ବ୍ୟାସ, ଶୁକଦେବ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର ଇତ୍ୟାଦି । ମତାନ୍ତରେ ଏହି ଅଷ୍ଟଋଷିଙ୍କ ନାମ-ଅଘଶୀଶ, ଜୈମିନୀ, ନାରଦ, ଅଙ୍ଗିରା, ପାଣ୍ଡୁ, ମାର୍କଣ୍ଡେୟ, ପୌଲସ୍ତ୍ୟ, ଭାର୍ଗବ । ରଥକୁମ୍ଭ-ହିରଣ୍ମୟ, ଦ୍ୱାରପାଳ-ଜୟ ଓ ବିଜୟ । ରଥାଧୀଶ୍ୱର-ଶ୍ରୀଜଗନ୍ନାଥ ଓ ମଦନମୋହନ । ରଥ ମୂର୍ଦ୍ଧାରେ-ଗରୁଡ଼ । ଚାରଣ-ନଳ ଓ କୁବେର । ରଥ ପୀଠର ନାମ-କନକମଞ୍ଚା, ରଥରେ ବ୍ୟବହୃତ ଚନ୍ଦ୍ରାତପର ନାମ-କନକ ମୁଣ୍ଡାଇ, ରଥାଧିଦୈବତ-ଶିବ ଓ ବିରଞ୍ଚି । ରଥାଧାର-ଭୈରବୀ, ରଥ ଅପସରା-ପୁଲୋମୋଚା, ଉର୍ବଶୀ । ଦଧିନଉତି-ହିରଣ୍ୟଗର୍ଭ, ଦଧିନଉତିର ଉଭୟପାର୍ଶ୍ୱରେ ବ୍ୟବହୃତ ଶୁକଯୁଗଳର ନାମ-ଜୀବ ଓ ପରମ । ଦଧିନଉତି ଉପରିସ୍ଥ କଳସ ତ୍ରୟର ନାମ-ନଭ, ଆକାଶ ଓ ବ୍ୟୋମ, କଳସ ଉପରେ ଥିବା ଶୂନ୍ୟଚକ୍ରର ନାମ-ସୁଦର୍ଶନ, ନେତର ନାମ-ଉନ୍ନୀ, ମତାନ୍ତରେ ଏହାର ନାମ-ତ୍ରୈଲୋକ୍ୟମୋହିନୀ । ରଥକାର-ବିଶ୍ୱକର୍ମା, ରଥଗନ୍ତ-ସ୍ୱସ୍ତିକ । ରଥ ଦର୍ଶନରେ ସାଯୁଜ୍ୟ ମୁକ୍ତି ମିଳେ ।

ବଳଭଦ୍ରଙ୍କ ରଥର ନାମ-ତାଳଧ୍ୱଜ । ଏହାକୁ ମଧ୍ୟ ଲାଙ୍ଗଳଧ୍ୱଜ ବା ହଳଧ୍ୱଜ କୁହାଯାଏ । ଏହାକୁ ଦେବତାମାନେ ତାଳବନରେ ପ୍ରଦାନ କରିଥିଲେ । ଏହି ରଥର ଉଚ୍ଚତା ୩୨ ହାତ ୧୦ ଆଙ୍ଗୁଳ, ମତାନ୍ତରେ ଏହା ୨୨ ହାତ ଉଚ୍ଚ ହେବା ବିଧେୟ । ଏହି ରଥ ୭୩୧ ଖଣ୍ଡ କାଠରେ ନିର୍ମିତ । ଚକସଂଖ୍ୟା-ଚତୁର୍ଦ୍ଦଶ ଭୁବନାନୁପାତରେ ୧୪ । ଚକର ପରିଧି-୬ ଫୁଟ । ରଥ ରକ୍ଷକ-ବାସୁଦେବ ଓ ଭାସ୍କର, ମତାନ୍ତରେ ରୁଦ୍ର ଓ ନୃସିଂହ । ରଥାୟୁଧ-ହଳ ଓ ମୂଷଳ । ରଥାଭରଣ-ନୀଳଲୋହିତ । ରଥଶିରରେ-ଅନନ୍ତ ନାଗ, ରଥଶକ୍ତି-ଜୟଦୁର୍ଗା । ରଥରେ ଅଧିଷ୍ଠିତ ନବପାର୍ଶ୍ୱ ଦେବତ-ହରିହର, ନାଟାମ୍ବର, ଗଜାନ୍ତକ, ତ୍ରିପୁରାରି, ପ୍ରଳୟାରି, ରୁଦ୍ର, ଗଣେଶ, ତ୍ର୍ୟମ୍ବକ ଓ ସ୍କନ୍ଦ । ଏମାନେ ସମସ୍ତେ ରୁଦ୍ର ସମ୍ପ୍ରଦାୟର ଅଟନ୍ତି । ରଥାଶ୍ୱ ସଂଖ୍ୟା-ଚାରି, ଏମାନଙ୍କର ବର୍ଣ୍ଣ-କୃଷ୍ଣ, ନାମ-ତୀବ୍ର, ଘୋର, ଦୀର୍ଘଶ୍ରମ ଓ ସ୍ୱର୍ଣ୍ଣନାଭ । ମତାନ୍ତରେ ଏହି ଅଶ୍ୱମାନଙ୍କର ନାମ-ଶଙ୍ଖ, ସୁଚିତ୍ର, ଅଙ୍ଗଦ ଓ ମେଘନାଦ । ରଥର ସାରଥି-ମାତଳି, ମତାନ୍ତରେ ବଳଭଦ୍ରଙ୍କ ରଥରେ ସାତ୍ୟକୀ ସାରଥି ଅଟନ୍ତି । ରଥରଜ୍ଜୁ-

ଶାଳୁଳୀ, ରଥଦେବୀ-ଜୟଦୁର୍ଗା, ରଥଭୈରବ-କ୍ଷେତ୍ରପାଳ । ରଥର ଗର୍ଭାଧୀଶ୍ୱରୀ ଅଷ୍ଟଶକ୍ତି-ତୁଙ୍ଗା, ତୁଙ୍ଗଭଦ୍ରା, ପ୍ରଭା, ସୁପ୍ରଭା, ଧାତ୍ରୀ, ବିଧାତ୍ରୀ, ନନ୍ଦା ଓ ସୁନନ୍ଦା । ରଥର ଋଷିପଟାରେ-ଅଙ୍ଗିରା, ପୌଲସ୍ତ୍ୟ, ପୁଲହ, ଅଗସ୍ତି, କୃଷ୍ଣ, ମୁଦ୍‌ଗଲ, ଆତ୍ରେୟ ଓ କାଶ୍ୟପ । ରଥକୁମ୍ଭ-ଭୁବନ, ବିଶ୍ୱ, ପୃଥିବୀ । ଦ୍ୱାରପାଳ-ନନ୍ଦ ଓ ସୁନନ୍ଦ । ରଥାଧୀଶ୍ୱର ଦେବତା-ବଳଭଦ୍ରଙ୍କ ସହିତ ସଙ୍କର୍ଷଣ, ରାମକୃଷ୍ଣ ଓ ଗୋପାଳ । ଏହି ରଥର ଉଦ୍ରପୀଠ ଅଷ୍ଟଦଳପଦ୍ମ ନିର୍ମିତ । ରଥମୂର୍ଦ୍ଧାରେ-କେତୁଭଦ୍ରା, ବରଦେବତା-ବ୍ରହ୍ମା ଓ ଶିବ । ରଥଗନ୍ଧର୍ବ-ତୁମ୍ବୁରୁ, ରଥଚାରଣ-ମହାସିଦ୍ଧ ଓ ଉଲେମୀ । ରଥାଧୀପ-ବୃହଦନାସ, ରଥପାଳ-ଅଦିଶେଷ, ରଥପ୍ରତିହାର-ଅତିଶୀଳ ଓ ସୁଶୀଳ । ରଥପୀଠ-ମେରୁକୈଳାସ, ରଥରେ ବ୍ୟବହୃତ ଚନ୍ଦ୍ରାତପ-କନକମେଖଳା । ଦଧିନଉତି-ଭୁବନକୋଷ । ଦଧିନଉତିର ଉଭୟପାର୍ଶ୍ୱରେ ଥିବା ଶୁକଯୁଗଳ-ସୁପର୍ଣ୍ଣ ଦ୍ୱାସୁପର୍ଣ୍ଣ । ଦଧିନଉତି ଉପରିସ୍ଥ କଳସତ୍ରୟ-ଚନ୍ଦ୍ର, ସୂର୍ଯ୍ୟ ଓ ବିଦ୍ୟୁତ୍, ରଥରେ ବ୍ୟବହୃତ ଶୂନ୍ୟଚକ୍ରର ନାମ-କାଳ ସଂହାର ଓ ନେତର ନାମ-ଉନ୍ନନି, ରଥକାର-ମୟ, ରଥରକ୍ଷ-ମର୍ହତ । ରଥ ଦର୍ଶନରେ ସର୍ବବିଘ୍ନନାଶ ଘଟେ ।

ସୁଭଦ୍ରାଙ୍କ ରଥର ନାମ-ଦର୍ପଦଳନ । ଏହାର ଅନ୍ୟନାମ ଦେବଦଳନ ବା ପଦ୍ମଧ୍ୱଜ । ଏହା ଦେବତାଙ୍କ ପ୍ରଦତ୍ତ । ଏହାର ଉଚ୍ଚତା ୩୧ ହାତ , ମତାନ୍ତରେ ଏହା ୨୧ ହାତ ଉଚ୍ଚ ହେବା ବିଧେୟ । ଏଥିରେ ୭୧୧ ଖଣ୍ଡ କାଠ ବ୍ୟବହୃତ ହୋଇଥାଏ । ଚକସଂଖ୍ୟା-୧୨ । ଚକର ପରିଧି-୬ ଫୁଟ । ରଥ ରକ୍ଷିକା-ଜୟଦୁର୍ଗା, ଧ୍ୱଜାରେ-ତ୍ରିପୁରସୁନ୍ଦରୀ । ଆୟୁଧ-ପଦ୍ମକହ୍ଲାର । ରଥାବରଣ-କୃଷ୍ଣଲୋହିତ । ରଥଶିରରେ-ଭକ୍ତିସମେଦ । ରଥଶକ୍ତି-ଚନ୍ଦ୍ରଘଣ୍ଟା ଅଟେ । ରଥର ନବପାର୍ଶ୍ୱ ଦେବୀ-ରାମଚଣ୍ଡୀ, ହରଚଣ୍ଡୀ, କାଳୀ, ଭଦ୍ରକାଳୀ, ବିମଳା, ମଙ୍ଗଳା, ବରାହୀ, ଉମା, କାତ୍ୟାୟନୀ । ରଥରେ ବ୍ୟବହୃତ ଚାରି ଅଶ୍ୱଙ୍କ ବର୍ଣ୍ଣ-ରକ୍ତ, ନାମ-ରୋଚିକା, ମୋଚିକା, ଜିତା, ଅପରାଜିତା । ଅନ୍ୟ କେତେକଙ୍କ ମତରେ ଏମାନଙ୍କ ନାମ-ପ୍ରଜ୍ଞା, ଅନୁଜ୍ଞା, ଘୋରା ଓ ଅଘୋରା । ସାରଥି-ଅର୍ଜୁନ, ମତାନ୍ତରେ ଦେବଦତ୍ତ । ରଥରଜ୍ଜୁ-ସ୍ୱର୍ଣ୍ଣଚୂଡ଼ ନାମକ ନାଗ, ରଥରକ୍ଷି-ଯାଜ୍ଞବଲକ୍ୟ, ରଥମୁଖ-ବ୍ରହ୍ମବର୍ତ୍ତା, ରଥଦେବୀ-ଶ୍ରୀ ଓ ଭୂ, ରଥଯକ୍ଷ-ବିଂହ୍ଳିକା । ରଥ ଗର୍ଭାଧୀଶ୍ୱରୀ ଶକ୍ତି-ଶକ୍ତିସତ୍ତା, ଜୟା, ବିଜୟା, ଘୋରା, ଅଘୋରା, ସୂକ୍ଷ୍ମ ଓ ଜ୍ଞାନା । ରଥର ଋଷିପଟାରେ-ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ, ଉଲୁକ ଓ ପ୍ରବର୍ତ୍ତକ ଋଷିମଣ୍ଡଳ । । ରଥକୁମ୍ଭ-ଅମୃତ, ଜୀବା, କାୟା । । ଦ୍ୱାରପାଳିକା-ଦ୍ୱାଦଶ ବରଣ ଭୁବନେଶ୍ୱରୀ, ଚକ୍ର, ଗଙ୍ଗା ଓ ଯମୁନା । ରଥାଧୀଶ୍ୱରୀ-ସୁଭଦ୍ରିକା, ରଥଶକ୍ତି-ସୁଦର୍ଶନ,ରଥମୂର୍ଦ୍ଧାରେ-ବ୍ରହ୍ମବର୍ତ୍ତା । ରଥଗନ୍ଧର୍ବ-ହାହା, ରଥଚାରଣ-ମହାବ୍ରହ୍ମର, ଚାମରସେବା-ସୁମେଧାଦେବୀ, ରଥରକ୍ଷୟିତ୍ରୀ-ଉଗ୍ରଚଣ୍ଡା, ରଥର ପ୍ରତିହାର-ଗଙ୍ଗା ଓ ଯମୁନା, ରଥାଧୀଶ୍ୱରୀ-ଜୟଦୁର୍ଗା,ରଥପାଳ-ହରିହର, ରଥପୀଠ-କାମଲ୍ୟ । ରଥରେ ବ୍ୟବହୃତ ଚନ୍ଦ୍ରାତପର ନାମ-ବୀରଘଣ୍ଟା । ଦଧିନଉତି-ହିରଣ୍ମୟୀ । ଦଧିନଉତିର ଉଭୟପାର୍ଶ୍ୱରେ ଥିବା ଶୁକଯୁଗଳ-ସୁପର୍ଣ୍ଣ ଓ ଦ୍ୱାସୁପର୍ଣ୍ଣ । ଦଧିନଉତି ଉପରିସ୍ଥ କଳସତ୍ରୟର ନାମ-ପରା, ଅପରା ଓ ବୈଖାରୀ । କଳସ ଉପରେ ଥିବା ଶୂନ୍ୟଚକ୍ର-ଦୀପ୍ତ (ସୁଦର୍ଶନ) ।ଚକ୍ର ଉପରିସ୍ଥ ନେତର ନାମ-ନାଦାମ୍ବିକା । ରଥକାର-କାଳନେମୀ, ରଥରକ୍ଷ-ମାଣିକ୍ୟ, ରଥଦର୍ଶନରେ ରୋଗ ସନ୍ତାପ ନାଶ ହୋଇଥାଏ ।

ଏହି ତିନି ରଥ ନିର୍ମାଣ ନିମନ୍ତେ ଦଶପଲ୍ଲା ଜଙ୍ଗଲରୁ ୮୬୨ ଗୋଟି ଫାସି, ଧଉରା ଓ ରଣପୁର ଜଙ୍ଗଲରୁ ୨୭୪ ଖଣ୍ଡ ମଇ, କିମିଳି ପ୍ରଭୃତି କାଠ ଆସେ । ଦଶପଲ୍ଲାରୁ ଆସୁଥିବା ଶୁଖିଲା କାଠରେ ରଥର ଚକ, ଅଖ, ପହି, ତୁମ୍ବ ଓ ଦଣ୍ଡା ପ୍ରସ୍ତୁତ ହୁଏ । ରଣପୁର ଜଙ୍ଗଲରୁ କଞ୍ଚା କାଠରେ ରଥର ବେଦୀ, ଭୂଇଁ, ପୋଟଲ ଓ ପାରାଭାଡି ପ୍ରସ୍ତୁତ ହୁଏ । ପ୍ରତିବର୍ଷ ବସନ୍ତ ପଞ୍ଚମୀ ଦିନ ଦଶପଲ୍ଲା ଜଙ୍ଗଲରେ ବନଦେବୀଙ୍କ ପୂଜା ପୂର୍ବକ କାଠ କଟା ଅନୁକୂଳ ହୁଏ ଓ ଆଗାମୀ ବର୍ଷ ପାଇଁ କାଠ କଟାଯାଏ । ବସନ୍ତ ପଞ୍ଚମୀ ଦିନକୁ ସେ ବର୍ଷର କାଠ ପୁରୀଠାରେ ପହଞ୍ଚି ସାରିଥାଏ । ପୂର୍ବେ କାଠ ଭେଳାଦ୍ୱାରା ମହାନଦୀରେ ଆସି ଦଣ୍ଡା, ଭାର୍ଗବୀ ଦେଇ ମାଳତୀପାଟପୁରଠାରେ ପହଞ୍ଚୁଥିଲା ଓ ବର୍ଷଦିନ ପରେ ବସନ୍ତ ପଞ୍ଚମୀଠାରୁ ନଈପାଟରୁ ରଥଖଳାକୁ ଶଗଡଦ୍ୱାରା ବୁହାଯାଉଥିଲା । ଏବେ ଅଳ୍ପ କେତେ ବର୍ଷ ହେଲା କାଠ ଭେଳାରେ ନ ଆସି ଟ୍ରକରେ ଆସୁଛି ଓ ଗୁଣ୍ଡିଚା ମନ୍ଦିର ନିକଟରେ ଜମାକରି ରଖାଯାଉଛି । କିନ୍ତୁ ପୂର୍ବ ପରମ୍ପରାକୁ ସ୍ମରଣ ରଖିବା ପାଇଁ ଏବେ ମଧ୍ୟ ପ୍ରତିବର୍ଷ ବସନ୍ତ ପଞ୍ଚମୀ ଦିନ ତିନିଖଣ୍ଡ କାଠ ବଳଦଗାଡିରେ ଆଣି ରଥତିଆରି ସ୍ଥାନ ବା ରଥଖଳାରେ ରଖାଯାଉଛି ।

ଅକ୍ଷୟ ତୃତୀୟା ଦିନ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ । ସେଦିନ ମହାପ୍ରଭୁ ଚନ୍ଦନକୁ ବିଜେ କରନ୍ତି । ଚନ୍ଦନ ଯାତ୍ରା ପଟୁଆର ସହିତ ଆଜ୍ଞାମାଳ ଆସେ । ତିନିଜଣ ପୂଜାପଣ୍ଡା ତିନି ବିଗ୍ରହଙ୍କ ଶ୍ରୀଅଙ୍ଗରୁ ମାଳ ଆଣି ତିନି ରଥର ମହାରଣା ସେବକଙ୍କୁ ପ୍ରଦାନ କରନ୍ତି । ଆଜ୍ଞାମାଳ ଆସିବା ପୂର୍ବରୁ ମନ୍ଦିର ପୁରୋହିତଙ୍କ ଦ୍ୱାରା ରଥଖଳା ପ୍ରତିଷ୍ଠା ହୋଇଥାଏ । ଉପବାସରେ ଥାଇ ମହାରଣା ସେବକ ଆଜ୍ଞାମାଳ ଗ୍ରହଣ କରନ୍ତି । କାଠ ଉପରେ ନଡିଆ ଭାଙ୍ଗି ନୂଆ କୁରାଢୀରେ ଅନୁକୂଳ ଚୋଟ ଦିଅନ୍ତି । ଏହି ସମୟରେ ଦେଉଳକରଣଙ୍କ ଦ୍ୱାରା ବଢେଇ ଭୋଇ, କରତିଆ, ରୂପକାର ଓ ଚିତ୍ରକାରମାନଙ୍କ ମୁଣ୍ଡରେ ଶାଢୀ ବନ୍ଧା ହୁଏ ।

ପ୍ରତି ରଥ ପାଇଁ ଜଣେ ବଡ଼ ମହାରଣା, ଜଣେ ସୁତାର ମହାରଣା ଓ ଜଣେ ତକ୍ଷି ମହାରଣା ନିଯୁକ୍ତ ହୁଅନ୍ତି ଓ ଏମାନେ ଆବଶ୍ୟକ ସଂଖ୍ୟକ ଭାଇ ପୁଅଙ୍କୁ ନେଇ କାର୍ଯ୍ୟ କରନ୍ତି । କିଏ କେଉଁ ରଥରେ ନିଯୁକ୍ତ ହେବେ ତାହା ପୁରୁଷାନୁକ୍ରମେ ନିର୍ଣ୍ଣୟ ହୁଏ । ତିନିରଥର କାମରେ ସମନ୍ୱୟ ଓ କାର୍ଯ୍ୟ ତଦାରଖ ପାଇଁ ଜଣେ ଅମୀନ ମହାରଣା ମଧ୍ୟ ନିଯୁକ୍ତ ହୁଅନ୍ତି । ବଢେଇ ମହାରଣାଙ୍କୁ ସାହାଯ୍ୟ କରନ୍ତି ଭୋଇମାନେ । ପ୍ରତ୍ୟେକ ରଥ ପାଇଁ ଜଣେ ମୁଖ୍ୟ ଭୋଇ ନିଯୁକ୍ତ ହୁଅନ୍ତି ଓ ଆବଶ୍ୟକ ସଂଖ୍ୟକ ଭାଇ ପୁଅଙ୍କୁ ନେଇ କାର୍ଯ୍ୟ କରନ୍ତି । କାମ କରୁଥିବା ବଢେଇମାନଙ୍କର ହତିଆର ପଜେଇବା ପାଇଁ ଓ ଆବଶ୍ୟକ ପରିମାଣର ଲୁହାକଣ୍ଟା ଯୋଗାଇବା ପାଇଁ ଜଣେ ଓଝା, ମହାରଣା (କମାର) ନିଯୁକ୍ତ ହୁଅନ୍ତି । ସେ ମାସାଧିକ କାଳ ଦୋଳବେଦୀ ପରିସର ମଧ୍ୟରେ ଶାଳ କରି ଲୁହାକଣ୍ଟା ପ୍ରସ୍ତୁତ କରନ୍ତି । ରଥରେ ଆଉ ତିନିପ୍ରକାର କାରୀଗର ଲାଗନ୍ତି । ସେମାନେ ହେଲେ ରୂପକାର, ଚିତ୍ରକାର ଓ ଦରଜୀ । ରୂପକାର କାଠରେ ଘୋଡା, [illegible] ଓ ପାର୍ଶ୍ୱଦେବତା ମୂର୍ତ୍ତିମାନ ଗଠନ କରନ୍ତି ଓ ଚିତ୍ରକାର

ମୂର୍ତ୍ତିଗୁଡ଼ିକ ତଥା ରଥର ଅବୟବ ଚିତ୍ର କରନ୍ତି । ଦରଜୀ ରଥ ମଣ୍ଡଣୀ ପାଇଁ କନା ସିଲାଇ କରନ୍ତି । ଅକ୍ଷୟ ତୃତୀୟା ଦିନ କାର୍ଯ୍ୟ ଆରମ୍ଭ ହୋଇ ଭଉଁରୀ ଦିନକୁ ପ୍ରତି ରଥର ଅନ୍ୟୁନ ଦୁଇଟି ଲେଖାଏ ଚକ ପ୍ରସ୍ତୁତ ହୋଇ ସାରିଥାଏ । ଭଉଁରୀ ଦିନ ସକାଳ ଧୂପ ପରେ ଚକ ଡେରିବା ପାଇଁ ଆଜ୍ଞାମାଳ ଆସେ । ପୂର୍ବପରି ତିନିଜଣ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ସହ ଘଣ୍ଟ କାହାଳୀ ପଟୁଆରରେ ରଥ ଖଳାକୁ ଆସନ୍ତି ଓ ପ୍ରତି ରଥର ମୁଖ୍ୟ ମହାରଣାଙ୍କୁ ଦିଅନ୍ତି । ଏହାପରେ ପ୍ରତି ରଥର ଚକ ଡେରାଯାଏ । ଭଉଁରୀଠାରୁ ସ୍ନାନ ପୂର୍ଣ୍ଣିମା ମଧ୍ୟରେ ଅନ୍ୟ ସମସ୍ତ ଚକ, ଅଖ ଓ ଦଣ୍ଡା ନିର୍ମାଣ ଶେଷ ହୁଏ ଓ ସେହିଦିନକୁ ସମସ୍ତ ଚକ ଖଞ୍ଜା ସରି ଚାରି ନାହାକା ଉଠେ । ଅର୍ଥାତ୍ ଉପର କାର୍ଯ୍ୟ ପାଇଁ ଚାରିଗୋଟି ଖୁଣ୍ଟ ପୋତାଯାଏ । ଚାରି ନାହାକା ବା ଚାରିଖୁଣ୍ଟର ବାହାର ପଟେ ଚଉଦ ନାହାକା ବା ଖୁଣ୍ଟ ପୋତାଯାଏ । ଏପରି ୧୮ଟି ଖୁଣ୍ଟ ଉପରେ ରଥର ଉପର ଅବୟବ ଗଢାଯାଏ । ଏସବୁ ଖୁଣ୍ଟ ଉପରେ ଛାତ ଗଢାଯାଏ । ଛାତର ବିଭିନ୍ନ ସ୍ତର ଅଛି ଯଥା-ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ, ପ୍ରଥମ ପୋଟଳ, ପାରାଭାଡି, ଦ୍ୱିତୀୟ ପୋଟଳ, ଖପୁରୀ, ଅଁଳାଶିରୀ ଉପରେ ପିତଳ କଳସ ଓ ଧ୍ୱଜ ।


ରଥଯାତ୍ରାର ପୂର୍ବଦିନ ଆଜ୍ଞାମାଳ ପାଇବା ପରେ ରଥଖଳାରୁ ସିଂହଦ୍ୱାରକୁ ରଥ ନିଆଯାଏ । ପୂର୍ବସୂଚିତ ପ୍ରକାରେ ଯାତ୍ରାର ପୂର୍ବଦିନ ସକାଳ ଧୂପ ପରେ ପୂଜାପଣ୍ଡା ୩ ଜଣ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଧରି ଘଣ୍ଟ କାହାଳୀ ପଟୁଆରରେ ରଥଖଳାକୁ ଆସନ୍ତି । ପ୍ରତିରଥର ବଡୁ ମହାରଣାଙ୍କୁ ଆଜ୍ଞାମାଳ ପ୍ରଦାନ କରନ୍ତି । ମହାରଣା ରଥରେ ଆଜ୍ଞାମାଳ ବାନ୍ଧିଲେ ରଥ ସିଂହଦ୍ୱାରକୁ ପଛୁଆ ଟଣାଯାଏ । ପ୍ରଥମେ ଶ୍ରୀଜଗନ୍ନାଥଙ୍କ ରଥ, ତା'ପରେ ଦେବୀ ସୁଭଦ୍ରାଙ୍କ ରଥ ଓ ତା'ପରେ ବଡଠାକୁରଙ୍କ ରଥ ସିଂହଦ୍ୱାରକୁ ଆସି ଏକାଧାଡିରେ ରହନ୍ତି ।

ଶ୍ରୀଗୁଣ୍ଡିଚା ଦିନ ସକାଳେ ମନ୍ଦିର ପୁରୋହିତଙ୍କ ଦ୍ୱାରା ରଥ ପ୍ରତିଷ୍ଠା ହୁଏ ଓ ପହଣ୍ଡି ବିଜେ ପରେ ରଥ ଟାଣିବାର ପ୍ରସ୍ତୁତି ହୁଏ । ଭୋଇମାନେ ଚାରମାଳ ଖୋଲିବା ପରେ ପ୍ରତି ରଥରେ ଚାରିଗୋଟି ଲେଖାଏ ଦଉଡ଼ି ବାନ୍ଧନ୍ତି । ଦଉଡ଼ିର ଦୈର୍ଘ୍ୟ ଦୁଇଶହ ଫୁଟ । ଏହା କତାରେ ତିଆରି ଓ ପ୍ରତିବର୍ଷ ସ୍ୱତନ୍ତ୍ର ଭାବେ କଲିକତାରୁ ପ୍ରସ୍ତୁତ ହୋଇ ଆସେ । ବିପୁଳ ଉତ୍ସାହ ଉନ୍ମାଦନା ମଧ୍ୟରେ ରଥ ଟଣାଯାଏ । ହିନ୍ଦୁର ବିଶ୍ୱାସ ବାମନରୂପୀ ଜଗନ୍ନାଥଙ୍କୁ ରଥରେ ଦର୍ଶନ କଲେ ପୁନର୍ଜନ୍ମରୁ ମୁକ୍ତି ମିଳେ ।

ଗ୍ରାମ-ଖୋର୍ଦ୍ଧ ବଡ଼ ମଠ,
ପୋ.-ଖୋର୍ଦ୍ଧ, ଜି.-ପୁରୀ,
ପିନ୍-୭୫୨୦୧୭।

## ମହାପ୍ରଭୁଙ୍କ ବିଭିନ୍ନ ବେଶ

| | | |
|---|---|---|
| ସୁନାବେଶ | : | ଆଷାଢ଼ ଶୁକ୍ଳ ଏକାଦଶୀ |
| ବନଭୋଜୀ ବେଶ | : | ଭାଦ୍ର କୃଷ୍ଣ ଦଶମୀ |
| କାଳୀୟଦଳନ ବେଶ | : | ଭାଦ୍ର କୃଷ୍ଣ ଏକାଦଶୀ |
| ପ୍ରଳମ୍ବାସୁର ବଧ ବେଶ | : | ଭାଦ୍ର କୃଷ୍ଣ ଦ୍ୱାଦଶୀ |
| କୃଷ୍ଣ-ବଳରାମ ବେଶ | : | ଭାଦ୍ର କୃଷ୍ଣ ତ୍ରୟୋଦଶୀ |
| ବଳିବାମନ ବେଶ | : | ଭାଦ୍ର ଶୁକ୍ଳ ଦ୍ୱାଦଶୀ |
| ରାଜବେଶ | : | ଆଶ୍ୱିନ ଶୁକ୍ଳ ଦଶମୀ<br>ପୌଷ ପୂର୍ଣ୍ଣିମା ଓ ଫାଲଗୁନ ପୂର୍ଣ୍ଣିମା |
| ରାଧା ଦାମୋଦର ବେଶ | : | ଆଶ୍ୱିନ ଶୁକ୍ଳ ଦଶମୀ<br>ପୌଷ ପୂର୍ଣ୍ଣିମା ଓ ଫାଲଗୁନ ପୂର୍ଣ୍ଣିମା |
| ଲକ୍ଷ୍ମୀନାରାୟଣ (ଠିଆକିଆ) ବେଶ | : | କାର୍ତ୍ତିକ ଶୁକ୍ଳ ଏକାଦଶୀ |
| ବାମନ (ବାଙ୍କଚୂଡ଼) ବେଶ | : | କାର୍ତ୍ତିକ ଶୁକ୍ଳ ଏକାଦଶୀ |
| ନାଗାର୍ଜ୍ଜୁନ ବେଶ | : | ପଞ୍ଚୁକ ମଧ୍ୟରେ |
| ତ୍ରିବିକ୍ରମ (ଅଡ଼କିଆ) ବେଶ | : | କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ |
| ନୃସିଂହ (ଡାଳିକିଆ) ବେଶ | : | କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ |
| ରାଜରାଜେଶ୍ୱର ବେଶ | : | କାର୍ତ୍ତିକ ପୂର୍ଣ୍ଣିମା |
| ଲକ୍ଷ୍ମୀନାରାୟଣ (ପଦ୍ମ) ବେଶ | : | ମାଘ ଶୁକ୍ଳ ଦ୍ୱିତୀୟା |
| ଶ୍ରାଦ୍ଧ ବେଶ | : | ମାଘ କୃଷ୍ଣ ପ୍ରତିପଦାଠାରୁ ତୃତୀୟା ପର୍ଯ୍ୟନ୍ତ |
| ଗଜଉଦ୍ଧାରଣ ବେଶ | : | ମାଘ ପୂର୍ଣ୍ଣିମା |
| ଚାଚେରୀ ବେଶ | : | ଫାଲଗୁନ ଶୁକ୍ଳ ନବମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ |
| ଚନ୍ଦନଲାଗି ବେଶ | : | ଜ୍ୟେଷ୍ଠ କୃଷ୍ଣପକ୍ଷ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ |
| ଗଜାନନ ବେଶ | : | ଦେବସ୍ନାନ ପୂର୍ଣ୍ଣିମା |




ଅଧ୍ୟାପକ ଡକ୍ଟର ଉମେଶ ଚନ୍ଦ୍ର ଚିହ୍ନରା

ପୁରୀର ଶ୍ରୀମନ୍ଦିର ବଡ଼ ଦେଉଳ ନାମରେ ଲୋକ ମୁଖରେ ଅଭିହିତ ହୋଇଥାଏ । ଏହା ଓଡ଼ିଶାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ କଳାର ଅନ୍ୟତମ ଉଜ୍ଜ୍ୱଳ ନିଦର୍ଶନ । ଏହି ମନ୍ଦିର ନିର୍ମାଣର ଇତିବୃତ୍ତକୁ କିମ୍ବଦନ୍ତୀମୂଳକ ଓ ଐତିହାସିକ, ଏହି ଦୁଇଟି ଦିଗରୁ ବିଚାର କରାଯାଇ ପାରେ । କିମ୍ବଦନ୍ତୀରୁ ଜଣାଯାଏ ଅବନ୍ତୀର ବିଷ୍ଣୁଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନ ଏହି ମନ୍ଦିରର ନିର୍ମାଣ କର୍ତ୍ତା । ଇନ୍ଦ୍ରଦ୍ୟୁମ୍ନ ସ୍ୱପ୍ନାଦିଷ୍ଟ ହୋଇ ବିଷ୍ଣୁ ବିଗ୍ରହ ସ୍ଥାପନାର୍ଥେ ଯେଉଁ ଯେଉଁ ଦେଉଳ ନିର୍ମାଣ କରିଥିଲେ ଏବଂ ଯେଉଁଠାରେ ନିର୍ମାଣ କରିଥିଲେ ତାହା ଅଦ୍ୟାବଧି ସେହିପରି ଅବସ୍ଥାରେ ସେ ନାହିଁ ଏହା ଐତିହାସିକ ଅନୁସନ୍ଧାନରୁ ଜଣାଯାଇ ଅଛି । ଶିଶୁ କୃଷ୍ଣ ଦାସଙ୍କ 'ଦେଉଳ ତୋଳା' ଉପାଖ୍ୟାନ ଅନୁସାରେ ରାଜା ଇନ୍ଦ୍ରଦ୍ୟୁମ୍ନ ନିଜର ସେନାପତି ବିଦ୍ୟାପତି କର୍ତ୍ତୃକ ଭାରତ ଭୂମିର ପୂର୍ବସାଗର ଉପକୂଳରେ ବିଷ୍ଣୁ ମୂର୍ତ୍ତିର ସନ୍ଧାନ ପାଇବା ପରେ ସେଠାରେ ଉପସ୍ଥିତ ହୋଇ ବସୁ ଶବର ପତିତ ନୀଳମାଧବଙ୍କ ଦର୍ଶନରୁ ବଞ୍ଚିତ ହେବାରୁ ଧର୍ଣ୍ଣା ପଡ଼ି ସ୍ୱପ୍ନାଦିଷ୍ଟ ହୋଇ। ଏହି ସ୍ୱପ୍ନାଦେଶ ଅନୁସାରେ ବିଷ୍ଣୁମନ୍ଦିର ନିର୍ମାଣ ହେବା ପୂର୍ବରୁ ସେ ଅଶ୍ୱମେଧ ଯଜ୍ଞାନୁଷ୍ଠାନ କରିଥିଲେ । ତା'ପରେ ବିଷ୍ଣୁ ମନ୍ଦିର ନିର୍ମାଣ କରି ଭଗବାନଙ୍କୁ ପ୍ରାର୍ଥନା କରନ୍ତେ ପୁଣି ସ୍ୱପ୍ନାଦିଷ୍ଟ ହୋଇ ବାଙ୍କି ମୁହାଣରେ ଭାସୁଥିବା ଦାରୁ ଆଣି ବୃଦ୍ଧ ବର୍ଦ୍ଧକୀ (ବିଶ୍ୱକର୍ମା) ଦ୍ୱାରା ଚତୁର୍ଦ୍ଧା ମୂର୍ତ୍ତି ନିର୍ମାଣ କରିଥିଲେ । ବର୍ତ୍ତମାନ ଚତୁର୍ଦ୍ଧା ମୂର୍ତ୍ତି ପୂଜା ପାଉଥିବା ଶ୍ରୀମନ୍ଦିର ବହୁ ପରବର୍ତ୍ତୀ କାଳରେ ନିର୍ମିତ ବୋଲି ଐତିହାସିକ ଓ ଆଲୋଚକମାନେ ମତ ପୋଷଣ କରି ଆସନ୍ତି । ଏହି ମନ୍ଦିର ଦ୍ୱାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ନିର୍ମାଣ କରାଯାଇଥିଲା ବୋଲି ମତଦେଇ କେତେକ ଆଲୋଚକ କହିଛନ୍ତି ଯେ, ମନ୍ଦିରର ନିର୍ମାଣ କାର୍ଯ୍ୟ ଅନନ୍ତବର୍ମ ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ୧୧୧୨ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇ ଅନଙ୍ଗଭୀମ ଦେବଙ୍କ ଦ୍ୱାରା ୧୧୯୭ରେ ସମ୍ପୂର୍ଣ୍ଣ ହୋଇଥିଲା ।

ମନ୍ଦିରଗୁଡ଼ିକ ଶିଳ୍ପଶାସ୍ତ୍ର ନିର୍ଦ୍ଦେଶ ଅନୁଯାୟୀ ତ୍ରିରଥ, ପଞ୍ଚରଥ, ସପ୍ତରଥ ଓ ନବରଥ ପ୍ରଣାଳୀରେ ନିର୍ମିତ ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ମନ୍ଦିର ପଞ୍ଚରଥ ପ୍ରଣାଳୀରେ ଗଠନ କରାଯାଇଅଛି । ଏହି ପଞ୍ଚରଥ ପ୍ରଣାଳୀ ଅନୁସାରେ ମନ୍ଦିରର ତିନି ପାର୍ଶ୍ୱର ବହିର୍ଭାଗରେ ତିନୋଟି ପାର୍ଶ୍ୱ ଦେବତାଙ୍କର ବିଗ୍ରହ ସ୍ୱତନ୍ତ୍ର ଭାବରେ ସ୍ଥାପନ କରାଯାଇଥାଏ । ପାର୍ଶ୍ୱ ଦେବତା ବିଗ୍ରହମାନଙ୍କରୁ ମୁଖ୍ୟ ଆରାଧ୍ୟ ଦେବତାଙ୍କ ସମ୍ପର୍କରେ ସ୍ପଷ୍ଟ ଧାରଣା ସୃଷ୍ଟି ହୋଇଥାଏ । ଶ୍ରୀମନ୍ଦିରର ତିନି ପାର୍ଶ୍ୱରେ ଯଥାକ୍ରମେ ନୃସିଂହ ପଶ୍ଚିମ ଦିଗରେ, ବାମନ ଉତ୍ତର ଦିଗରେ ଓ ବରାହ ଦକ୍ଷିଣ ଦିଗରେ ଅଧିଷ୍ଠିତ ହୋଇ ଅଛନ୍ତି । ମନ୍ଦିରଗୁଡ଼ିକୁ ପାର୍ଶ୍ୱ ଦେବତାଙ୍କ ମନ୍ଦିର ବା ନିଶାମନ୍ଦିର କୁହାଯାଏ । ଏହି ନିଶାମନ୍ଦିରଗୁଡ଼ିକ ମୁଖ୍ୟ ମନ୍ଦିରର ଗଣ୍ଡିର ବହିର୍ଭାଗରେ ନିର୍ମିତ ହୋଇଅଛି । ପରବର୍ତ୍ତୀ କାଳରେ ଦର୍ଶନାର୍ଥୀମାନଙ୍କର ସୁବିଧା ପାଇଁ ଏଠାକୁ ଯିବାଲାଗି ପାବଚ୍ଛ ଶ୍ରେଣୀ ନିର୍ମିତ ହୋଇଅଛି । ଏହା ମୁଖ୍ୟମନ୍ଦିରର ମୂଳଦୁଆକୁ ମଜବୁତ କରିବାରେ ସହାୟତା କରୁଥିବା ଅନୁମିତ ହୁଏ । ମୁଖ୍ୟମନ୍ଦିର ଗାତ୍ରରେ ଅଳସ କନ୍ୟା, ମୈଥୁନଚିତ୍ର, ରାଜ ଦରବାର, ଗୁରୁଶିଷ୍ୟ ସଭା, ଅଷ୍ଟଦିଗ ପାଳ ଓ ଦିଗ ପାଳିକା, ପଶୁ ପକ୍ଷୀ ପ୍ରକୃତିର ଚିତ୍ର ଖୋଦନ କରାଯାଇଛି । ବର୍ତ୍ତମାନର ଏହି ଦେଉଳ ତୋଳାଇବା ପାଇଁ ସେ ସମୟରେ ସାଢ଼େ ସାତ କୋଟି ମୁଦ୍ରା ବ୍ୟୟ କରାଯାଇଥିଲା । ମହାପ୍ରଭୁଙ୍କ ନିତ୍ୟମିତ ସେବା ପୂଜା ପାଇଁ ବିସ୍ତର ଭୂ-ସମ୍ପତ୍ତି ମଧ୍ୟ ଦିଆ ଯାଇଥିଲା । ଦେଉଳର ବାହାର ବେଢ଼ା ସମେତ ମନ୍ଦିରର କ୍ଷେତ୍ରଫଳ ଦଶ ଏକର । ନିର୍ମାଣ ଶୈଳୀ ଦୃଷ୍ଟିରୁ ଏହି ଦେଉଳଟି "ରେଖ" ଦେଉଳ । ଏହାକୁ "ଶ୍ରୀବିହ ଖଣ୍ଡଶାଳ" ନାମରେ ମଧ୍ୟ ଅଭିହିତ କରାଯାଇଥାଏ । ମନ ମୋହନ ଗାଙ୍ଗୁଲି ତାଙ୍କର "Orissa and her remains" ପୁସ୍ତକରେ ଏହି ଦେଉଳର ଉଚ୍ଚତା ୨୧୪'୮" ବା ୧୪୩ ହାତ ବୋଲି ଉଲ୍ଲେଖ କରିଛନ୍ତି । ଏହି ଉଚ୍ଚତା ବଡ଼ଦାଣ୍ଡର ପତନଠାରୁ ଗଣନା କରାଯାଇ ଅଛି । ମାତ୍ର କିମ୍ବଦନ୍ତୀ ଅନୁସାରେ ଏହାର ଉଚ୍ଚତା ୨୨୦ ହାତ । ମାଦଳା ପାଞ୍ଜିରେ ଏହା ୮୦ ହାତ ଉଚ୍ଚତା ବିଶିଷ୍ଟ ବୋଲି ଉଲ୍ଲେଖ କରାଯାଇଅଛି (ମାଦଳା ପାଞ୍ଜି-ରାଜଭୋଗ ଇତିହାସ-ପୃ-୩୧ ପ୍ର-୧୯୬୦) । ସମ୍ଭବତଃ ସେହି ମନ୍ଦିରଟି କାଳକ୍ରମେ ବିନଷ୍ଟ ହୋଇ ଯାଇଛି । ସମ୍ପ୍ରତି ବିଦ୍ୟମାନ ମନ୍ଦିରର ଉଚ୍ଚତା ଭୂମି ପତନରୁ ୨୧୪ ଫୁଟ ବା ୧୪୩ ହାତ । ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଏହାର ଉଚ୍ଚତା ମପା ଯାଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହିପରି ଉଲ୍ଲେଖ କରାଯାଇଅଛି । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଅପେକ୍ଷା ଏହି ମନ୍ଦିରର ଉଚ୍ଚତା କମ୍ । ଡଃ: ସତ୍ୟନାରାୟଣ ରାଜଗୁରୁ ଶ୍ରୀମନ୍ଦିରର ନିର୍ମାଣ ସମ୍ପର୍କରେ ମତବ୍ୟକ୍ତ କରି କହିଛନ୍ତି ଯେ ଖ୍ରୀ: ୧୧ଶ ଶତାବ୍ଦୀ ଶେଷରେ ମହାରାଜ ଚୋଡ଼ଗଙ୍ଗ ବୈଷ୍ଣବଧର୍ମରେ ଦୀକ୍ଷିତ ହୋଇ ଉଠିଲ ଉତ୍ସବରେ । ସେତେବେଳେ ପୁରୀକୁ ଏକ ଶ୍ରେଷ୍ଠ ବୈଷ୍ଣବ କ୍ଷେତ୍ରରେ ପରିଣତ କରିବାକୁ ଯାଇ ସେ ଏକାମ୍ର ତୀର୍ଥରେ ସୋମବଂଶୀ ରାଜାମାନଙ୍କ ଗଠିତ ଲିଙ୍ଗରାଜ ମନ୍ଦିର ଅପେକ୍ଷା ଅଧିକ ଉଚ୍ଚ ସୌଷ୍ଠବସମ୍ପନ୍ନ କରି ଶ୍ରୀପୁରୁଷୋତ୍ତମଙ୍କ ବିରାଟ ମନ୍ଦିର ନିର୍ମାଣ କରିଥିଲେ ।

ମନ୍ଦିର ନିର୍ମାଣ ସମ୍ପର୍କରେ ଐତିହାସିକ ଡଃ: ହରେକୃଷ୍ଣ ମହତାବ ମତ ପୋଷଣ କରି କହନ୍ତି ଯେ ବର୍ତ୍ତମାନ ଏହି ମନ୍ଦିର ନିର୍ମିତ ହେବା ପୂର୍ବରୁ ଓ ପରେ ଶ୍ରୀଜଗନ୍ନାଥ ବହୁ ଘାତ ପ୍ରତିଘାତର ସମ୍ମୁଖୀନ ହୋଇଛନ୍ତି। ଗଙ୍ଗବଂଶୀ ଅନଙ୍ଗଭୀମ ଦେବଙ୍କ ନାଗରୀ ତାମ୍ରଶାସନ, ନରସିଂହ ଦେବ (୨ୟ)ଙ୍କର କେନ୍ଦୁପାଟଣା ତାମ୍ର ଶାସନ ଏବଂ ନରସିଂହ ଦେବ (୪ର୍ଥ)ଙ୍କର ପୁରୀ ତାମ୍ର ଶାସନଗୁଡ଼ିକରୁ ଜଣାଯାଏ ଯେ, ବର୍ତ୍ତମାନର ମନ୍ଦିର ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ନିର୍ମିତ ହୋଇ ଥିଲା। H. V. Stiencon ତାଙ୍କର "The Advent of Vaishnavism in Orissa ଗ୍ରନ୍ଥରେ ଏହା ସ୍ୱୀକାର କରିବା ସହିତ ଅନନ୍ତ ବର୍ମନ ଚୋଡ଼ଗଙ୍ଗ ଦେବଙ୍କ ରାଜତ୍ୱକାଳ ଖ୍ରୀ: ୧୦୭୮ ଅବ୍ଦରୁ ଖ୍ରୀ: ୧୧୪୭ ଅବ୍ଦ ମଧ୍ୟରେ ଥିଲା ଓ ଆନୁମାନିକ ଖ୍ରୀ: ୧୧୩୫ ଅବ୍ଦରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାର ମତ ପୋଷଣ କରିଅଛନ୍ତି।

ଏହି ସମସ୍ତ ମଧ୍ୟରେ ବୈଷ୍ଣବଧର୍ମାଚାର୍ଯ୍ୟ ରାମାନୁଜଙ୍କ ପ୍ରଭାବରେ ପ୍ରଭାବିତ ହୋଇ ଶୈବଧର୍ମାବଲମ୍ବୀ ଚୋଡ଼ଗଙ୍ଗ ଦେବ ବୈଷ୍ଣବଧର୍ମ ଗ୍ରହଣ କରିବା ସହିତ ବର୍ତ୍ତମାନର ଅପୂର୍ବ କାରୁକାର୍ଯ୍ୟପୂର୍ଣ୍ଣ ବିଶାଳ ମନ୍ଦିର ନିର୍ମାଣ କରିଥିବା ଜଣାଯାଏ। ଏହି ନୂତନ ମନ୍ଦିର ପ୍ରତିଷ୍ଠିତ ହେବା ପୂର୍ବରୁ ଯଯାତି କେଶରୀଙ୍କ ଦ୍ୱାରା ପୁରାତନ ମନ୍ଦିରଟି ନିର୍ମିତ ହୋଇଥିବା ମାଦଳାପାଞ୍ଜିରୁ ଜଣାଯାଏ। ଯଯାତିଙ୍କର ୧୪୪ ବର୍ଷ ପୂର୍ବେ ଶୋଭନ ଦେବଙ୍କ ସମୟରେ ରକ୍ତବାହୁ ଆକ୍ରମଣରୁ ପରମେଶ୍ୱରଙ୍କୁ ରକ୍ଷା କରିବା ପାଇଁ ସୋନପୁରଠାରେ ବିଗ୍ରହଙ୍କୁ ଗୋପନରେ ରଖାଯାଇଥିଲା। ସୋମବଂଶୀ ରାଜା ଯଯାତି କେଶରୀ ତାଙ୍କ ଶାସନର ତେର ଅଙ୍କ କକଡ଼ା ୨୫ ଦିନ ପ୍ରଥମ ନବକଳେବର କରାଇ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କୁ ପ୍ରତିଷ୍ଠା କରାଇଥିଲେ। ଏଥିପାଇଁ "ଶ୍ରୀପୁରୁଷୋତ୍ତମେ ସଙ୍ଖନାଭି ମଣ୍ଡଳେ ହାତ ୩୮ ଏ କରି ପଟୋଳ ଗୋଟିଏ ତୋଳି ପ୍ରତିଷ୍ଠା କରି ପରମେସରଙ୍କୁ ବିଜେ କରାଇଲେ"। (ମାଦଳା ପାଞ୍ଜି-ପୃ-୭)। ଖ୍ରୀ: ୧୧ଶ ଶତାବ୍ଦୀ ଶେଷରେ ଉତ୍କଳରେ ସୋମବଂଶୀୟ ମହାରାଜା କର୍ଣ୍ଣ କେଶରୀଙ୍କ ସଙ୍ଗେ କଳିଙ୍ଗର ଗଙ୍ଗ ବଂଶୀୟ ମହାରାଜା ଚୋଡ଼ଗଙ୍ଗଙ୍କର ପ୍ରବଳ ଯୁଦ୍ଧ ସଂଘଟିତ ହୋଇ କର୍ଣ୍ଣ କେଶରୀ ପରାସ୍ତ ହେଲେ ଏବଂ ସୋମବଂଶ ବିଲୁପ୍ତ ହେଲା। ସୋମବଂଶୀୟ ରାଜାମାନେ ମୂଳତଃ ଶୈବ ଥିଲେ। ଯାହାର ପ୍ରମାଣ ସ୍ୱରୂପ ଏକାମ୍ର କ୍ଷେତ୍ରରେ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ବିଦ୍ୟମାନ। ଏହି ମନ୍ଦିରର ଶୁଭ ଦେଇଥିଲେ ଯଯାତି କେଶରୀ ଏବଂ ସମାପ୍ତ କରିଥିଲେ ଲଲାଟେନ୍ଦୁକେଶରୀ। ଡଃ: ସତ୍ୟନାରାୟଣ ରାଜଗୁରୁଙ୍କ ମତରେ "ଏମାନେ ପରମମାହେଶ୍ୱର ଉପାଧି ଗ୍ରହଣ କରିଥିଲେ। ଏହି ବଂଶର ରାଣୀ ତ୍ରିଭୁବନ ମହାଦେବୀ ଓରଫ ପୃଥ୍ୱୀ ମହାଦେବୀ (ଯଯାତି କେଶରୀଙ୍କ ଭଉଣୀ) ପରମ ବୈଷ୍ଣବୀ ଉପାଧିରେ ଭୂଷିତ ହେଲେ। ପୃଥ୍ୱୀ ମହାଦେବୀ ଉତ୍କଳରେ ଏକମାତ୍ର ମହାରାଣୀ ଯେକି "ପରମ ବୈଷ୍ଣବୀ" ପଦରେ ଭୂଷିତ ହୋଇଥିଲେ। ପୁରୀକୁ ଏକ ପ୍ରସିଦ୍ଧ ବିଷ୍ଣୁ କ୍ଷେତ୍ରରେ ପରିଣତ କରିବା ତ୍ରିଭୁବନ ମହାଦେବୀ ପ୍ରଥମେ କଳ୍ପନା କରି ଖ୍ରୀ: ୯ମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଆରମ୍ଭ ପୂର୍ବକ ଶ୍ରୀପୁରୁଷୋତ୍ତମଙ୍କ ମନ୍ଦିର ଗଠନର କଳ୍ପନା କରିଥିଲେ ଯାହାକି ବହୁକାଳ ପର୍ଯ୍ୟନ୍ତ ଅବହେଳିତ ହୋଇଥିଲା। ଉତ୍କଳର ରାଜା ଯଯାତିକେଶରୀ ରାଜ୍ୟର ଇଷ୍ଟ ଦେବତା ଜଗନ୍ନାଥଙ୍କୁ ସୋନପୁରରୁ ଉଦ୍ଧାର କରି ନବକଳେବର କରାଇ ଏକ କ୍ଷୁଦ୍ର ମାଟି ଢାଳ ମନ୍ଦିର (ଯେମିତିକି)ରେ ବିଜେ କରାଇ ଥିବା ଯୁକ୍ତିଯୁକ୍ତ ମନେହୁଏ।

ଡଃ ସତ୍ୟ ନାରାୟଣ ରାଜଗୁରୁଙ୍କ ମତରେ ଗଙ୍ଗ ବଂଶର ରାଜା ଚୋଡ଼ଗଙ୍ଗ ରାମାନୁଜଙ୍କ ଦ୍ୱାରା ପ୍ରଭାବିତ ହୋଇ ବୈଷ୍ଣବଧର୍ମ ଗ୍ରହଣ କରିଥିଲେ ହେଁ ତାଙ୍କ ଶୈବ ଗୁରୁଙ୍କୁ ମଧ୍ୟ ସ୍ୱୀକାର କରିଥିଲେ। ସେଥିପାଇଁ ସେ ଉପାଧିତ୍ୟାଗ କଲେ ନାହିଁ। ବୈଦିକ ପନ୍ଥାରେ ତାଙ୍କର ଧର୍ମକାର୍ଯ୍ୟ ସମ୍ପାଦିତ ହେବାରୁ ସେ "ପରମ ବ୍ରାହ୍ମଣ୍ୟ" ରୂପେ ମଧ୍ୟ ପରିଚିତ ହେଉଥିଲେ। ଏଥିପାଇଁ ପୁରୀକୁ ଏକ ଶ୍ରେଷ୍ଠ ବୈଷ୍ଣବ କ୍ଷେତ୍ରରେ ପରିଣତ କରିବାକୁ ମନସ୍ଥ କରି ବର୍ତ୍ତମାନର ଏହି ବିରାଟ ଶ୍ରୀମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଇଥିଲେ। ଗଙ୍ଗ ରାଜାମାନଙ୍କ ଅଭିଲେଖ ମଧ୍ୟରୁ ଆବିଷ୍କୃତ ଦାସଗୋବା ତାମ୍ର ଶାସନରୁ ତୃତୀୟ ରାଜ ରାଜ ଦେବଙ୍କ (୧୧୯୮) ପ୍ରଦତ୍ତ ଲେଖାରୁ ଜଣାଯାଏ ଯେ ତତ୍ କାଳୀନ ପୁରୁଷୋତ୍ତମ ମନ୍ଦିର ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ହିଁ ନିର୍ମିତ ହୋଇଥିଲା।

"ପାଦୌ ଯସ୍ୟ ଧରାନ୍ତରୀକ୍ଷ ମଖିଳଂ
ନାଭିଶ୍ଚ ସର୍ବାଂଦିଶଃ
ଶ୍ରୋତ୍ରେ ନେତ୍ର ଯୁଗର-ବୀନ୍ଦୁ ଯୁଗଳଂ
ମୂର୍ଦ୍ଧାପିଚ ଦୌରପୋ
ପ୍ରସାଦଂ ପୁରୁଷୋତ୍ତମସ୍ୟ ନୃପତେଃ
କୋନାମ କର୍ତ୍ତୁଂ କ୍ଷମଃ
ତଦ୍ୟୋତ୍ୟାଦି ନୃପୈରୁପେକ୍ଷିତ ମସ୍ୟଂ
ଚକ୍ରେଥ ଗଙ୍ଗେଶ୍ୱରଃ।"

ଶ୍ରୀମନ୍ଦିର ନିର୍ମିତ ହେଲାପରେ ଚୋଡ଼ଗଙ୍ଗଙ୍କ ପାଟମହିଷୀ "ଗୋଣ୍ଡ ଚୋଡ଼ୀ ଦେବୀ" ନିଜ ନାମରେ ବର୍ତ୍ତମାନର ଗୁଣ୍ଡିଚା ମନ୍ଦିର ନିର୍ମାଣ କରିଥିଲେ। ଶ୍ରୀମନ୍ଦିର ଗଠନ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସମ୍ପର୍କରେ ଆଲୋଚକଗଣ ନିଜ ନିଜ ଦୃଷ୍ଟିକୋଣରୁ ମତ ମାନ ଉପସ୍ଥାପନ କରିଛନ୍ତି। Inscriptions of Orissa Vol III Pti No. 123 P. 137 ଅନୁଯାୟୀ ୧୨୩୭ ଖ୍ରୀଷ୍ଟାବ୍ଦରେ ଶ୍ରୀପୁରୁଷୋତ୍ତମଙ୍କ ଲାଗି "ଧର୍ମବତୀ" ଜାଳିବା ପାଇଁ ଚୋଡ଼ଗଙ୍ଗ ଭୂମିଦାନ କରିଥିବା କଥା ଉଲ୍ଲେଖ ଅଛି। ସୁତରାଂ ୧୨୩୭ ପୂର୍ବରୁ ଶ୍ରୀମନ୍ଦିର ଗଠନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିବା କଥା ଏଥିରୁ ପ୍ରମାଣିତ ହୁଏ। ମାଦଳାପାଞ୍ଜି ତଥା ଜନଶ୍ରୁତି ବିବରଣୀକୁ ଭିତ୍ତିକରି ଷ୍ଟାର୍ଲିଂ ସାହେବ ତାଙ୍କର ଓଡ଼ିଶା ଇତିହାସରେ ବର୍ତ୍ତମାନ ଜଗନ୍ନାଥ ମନ୍ଦିର ଖ୍ରୀ: ୧୧୯୬ ଅବ୍ଦରେ ଅନଙ୍ଗ ଭୀମ ଦେବଙ୍କ ଦ୍ୱାରା ନିର୍ମିତ ହୋଇଥିବା କଥା କହିଛନ୍ତି। History of Architecture ଗ୍ରନ୍ଥରେ ଫର୍ଗୁସନ ଖ୍ରୀ: ୧୦୯୮ ଅବ୍ଦରେ ନିର୍ମିତ ହୋଇଥିବା କଥା ଉଲ୍ଲେଖ କରି ଅଛନ୍ତି। ମନମୋହନ ଚକ୍ରବର୍ତ୍ତୀ କହନ୍ତି ଯେ ବର୍ତ୍ତମାନର ଶ୍ରୀମନ୍ଦିର ଖ୍ରୀ: ୧୦୮୫-୯୦ ମଧ୍ୟରେ ତିଆରି ହୋଇଥିଲା। ମାଦଳାପାଞ୍ଜିରେ ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ମନ୍ଦିର ନିର୍ମିତ ହୋଇଥିବା କଥା ଉଲ୍ଲେଖ ନାହିଁ। ଅନଙ୍ଗଭୀମ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା କଥା ଏଥିରେ ଉଲ୍ଲେଖ ଅଛି। ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାସ ମାଦଳାପାଞ୍ଜିର ବିବରଣୀ ଉପରେ ମତ ପ୍ରଦାନ କରି ତିନି ବର୍ଷରେ ଦେଉଳ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପ୍ରତିଷ୍ଠା ହେବା କଥା କହିଛନ୍ତି। ମାଦଳାପାଞ୍ଜିର ବର୍ଣ୍ଣନା ଅସଙ୍ଗତି ପୂର୍ଣ୍ଣ। ପୁଣି ସିଂହାସନ ଉପରେ ଖୋଦିତ ଶ୍ଳୋକ–

"ଶାକାବ୍ଦେ ରନ୍ଧ୍ର ଶୁଭ୍ରାଂଶୁ ରୂପ ନକ୍ଷତ୍ର ନାୟକେ
ପ୍ରାସାଦଂ କାରୟା ମାସାନଙ୍ଗ ଭୀମେ ନଧୀମତା।"

ଏବଂ ବାସୁଦେବ ରଥ ସୋମଯାଜୀଙ୍କ କୃତ ତମ୍ପୂଗ୍ରନ୍ଥ "ଗଙ୍ଗ ବଂଶାନୁଚରିତମ୍ ଚମ୍ପୂ" (ଅପ୍ରକାଶିତ)ରେ ଥିବା ଏକ ଶ୍ଳୋକକୁ ଉଦ୍ଧାର କରି ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାସ ୧୧୯୭ ଖ୍ରୀଷ୍ଟାବ୍ଦରେ ଜଗନ୍ନାଥଙ୍କ ବର୍ତ୍ତମାନର ମନ୍ଦିର ନିର୍ମାଣ ହୋଇଛି ବୋଲି ମତ ଦେଇଛନ୍ତି । ଐତିହାସିକ ଗୁରୁଦାସ ଗଙ୍ଗବଂଶ ରାଜା ଚୋଡ଼ଗଙ୍ଗ ଦେବ ସମ୍ଭବତଃ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀର ପ୍ରଥମ ପାଦରେ ବା ଏହାର ଅଳ୍ପ ପୂର୍ବରୁ ବର୍ତ୍ତମାନର ମନ୍ଦିର ପ୍ରତିଷ୍ଠା କରିଥିଲେ ବୋଲି କହି ଅଛନ୍ତି । ଦ୍ୱିତୀୟ ନରସିଂହ ଦେବଙ୍କ ତାମ୍ର ଶାସନରେ ପ୍ରଦତ୍ତ ବିଷୟବସ୍ତୁ ସହିତ ଅନଙ୍ଗଭୀମ ଦେବଙ୍କ ସମୟର ଅଭିଲେଖର ଅଭାବ ଏହିପରି ମତାନୈକ୍ୟ ସୃଷ୍ଟିର ମୂଳ କାରଣ ।

ଦ୍ୱିତୀୟ ନରସିଂହ ତାମ୍ର ଶାସନ ବର୍ଣ୍ଣିତ ବିଷୟବସ୍ତୁ ଅନୁସାରେ ଜଗନ୍ନାଥ ଶ୍ରୀମନ୍ଦିରରେ ନରହି ଲକ୍ଷ୍ମୀଙ୍କ ପିତାଳୟରେ ବାସ କରୁଥିଲେ । ଏହା ଜଗନ୍ନାଥଙ୍କ ପକ୍ଷେ ଅପମାନଜନକ ବୋଧ ହେଉଥିଲା । ପୂର୍ବରୁ କୌଣସି ରାଜା ଜଗନ୍ନାଥଙ୍କ ପାଇଁ ମନ୍ଦିର ନିର୍ମାଣ କରି ନଥିବାରୁ ଚୋଡ଼ଗଙ୍ଗ ଦେବ ମନ୍ଦିରଟି ନିର୍ମାଣ କଲେ । ଏ ସମ୍ପର୍କରେ ନଗେନ୍ଦ୍ରନାଥ ବସୁ ତାମ୍ର ଶାସନକୁ ଭିତ୍ତି କରି କହନ୍ତି ଯେ ଯଯାତି ଯେଉଁ ମନ୍ଦିରର ସଂସ୍କାର କରି ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଉପାଧି ପାଇଥିଲେ, ସମୟକ୍ରମେ ତାହା ବିଧ୍ୱସ୍ତ ହୋଇ ଯାଇଥିଲା । ଯଯାତି ବଂଶୀୟ କୌଣସି ରାଜା ତା'ର ସଂସ୍କାର ଅଥବା ତାହାକୁ ନୂତନ କରି ନିର୍ମାଣ କରି ଦେଇ ନଥିଲେ । ମହାରାଜ ଚୋଡ଼ଗଙ୍ଗ ପୁରୁଷୋତ୍ତମଙ୍କ ମହାମନ୍ଦିର ନିର୍ମାଣ କରି ବୈଷ୍ଣବମାନଙ୍କର ଆନନ୍ଦ ବର୍ଦ୍ଧନ କରିଥିଲେ ।

ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାସ ମନ୍ଦିରର ନିର୍ମାଣ କର୍ତ୍ତା ଭାବରେ ଚୋଡ଼ଗଙ୍ଗଙ୍କୁ ଅସ୍ୱୀକାର ନକଲେ ମଧ୍ୟ ଅନଙ୍ଗଭୀମ ଦେବଙ୍କୁ ସେଥି ସହିତ ସଂଶ୍ଳିଷ୍ଟ କରାଇଛନ୍ତି । ତାଙ୍କ ମତରେ ଚୋଡ଼ଗଙ୍ଗଙ୍କ ନିର୍ମିତ ମନ୍ଦିର କାଳକ୍ରମେ ଜୀର୍ଣ୍ଣ ହୋଇଯିବାରୁ ଅନଙ୍ଗଭୀମ ଦେବ ବଡ ଆକାରରେ ମନ୍ଦିର ନିର୍ମାଣ କରିଥିଲେ । ଏହି ପରିପ୍ରେକ୍ଷୀରେ "ଶକାବ୍ଦେ ରନ୍ଧ୍ର ଶୁଭ୍ରାଂଶୁ" ଶ୍ଳୋକଟିକୁ ସେ ସ୍ୱୀକାର କରିଛନ୍ତି । ଯେ ଭାବରେ ହେଉ ମନ୍ଦିର ନିର୍ମାଣ ସହିତ ଅନଙ୍ଗଭୀମ ଦେବଙ୍କ ସମ୍ପର୍କ ରହିଥିଲା ବୋଲି ଅନୁମାନ କରିବା ଯୁକ୍ତିଯୁକ୍ତ । ସ୍କନ୍ଦ ପୁରାଣାନୁସାରେ ଇନ୍ଦ୍ରଦ୍ୟୁମ୍ନ ସହସ୍ର ଅଶ୍ୱମେଧ ଯଜ୍ଞ କରିବାରୁ ଦାରୁ ବିଗ୍ରହ ଧାରଣ କରି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ରୂପରେ ଆବିର୍ଭୂତ ହୋଇଛନ୍ତି । ଏହି ଆବିର୍ଭାବ ସମୟ ସମ୍ବନ୍ଧରେ ଉଲ୍ଲେଖ ଅଛି ଦାରୁବ୍ରହ୍ମ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରଥମ ଆବିର୍ଭାବ ସ୍ୱାୟଂଭୁବ ମନୁଙ୍କ ଦ୍ୱିତୀୟ ଚତୁର୍ଯୁଗର ପ୍ରଥମ ସତ୍ୟ ଯୁଗରେ ପ୍ରଥମ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନରେ ହୋଇଥିଲା । ଶ୍ରୀମନ୍ଦିରର ଉଚ୍ଚତା ସମ୍ପର୍କରେ ସ୍କନ୍ଦ ପୁରାଣରେ ଅଛି "ସହସ୍ରକର ମୁଚ୍ଛ୍ରିତଂ" (ଉତ୍କଳ ଖଣ୍ଡ) ଅର୍ଥାତ ସହସ୍ରକର ପରିମିତ ଯାହା ଆଜିକାଲିର ୧୫୦୦ ଫୁଟ ହେବ । ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ମତରେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ନିର୍ମିତ ଉକ୍ତ ମନ୍ଦିରର ଉଚ୍ଚତା ୧୫୦୦ ଫୁଟ ହୋଇଥିବ ଏବଂ ତାହା କାଳକ୍ରମେ ଅନେକଥର ସଂସ୍କାର ଓ ପୁନଃ ନିର୍ମାଣ ହୋଇଥିବା ସ୍ୱାଭାବିକ ।

ମନ୍ଦିର ନିର୍ମାଣ ପରଠାରୁ ଓଡ଼ିଶା ମୋଗଲମାନଙ୍କ ଦ୍ୱାରା ଅଧିକୃତ ହେବା ପର୍ଯ୍ୟନ୍ତ ଏହି ମନ୍ଦିରରେ ସେବା ପୂଜା ବିଧିବଦ୍ଧ ଭାବରେ ହେଉଥିଲା ଓ ସମଗ୍ର ଭାରତବର୍ଷର ହିନ୍ଦୁ ସମାଜରେ ଏହା ସୁବିଦିତ ଥିଲା । ୧୫୬୮ ଖ୍ରୀଷ୍ଟାବ୍ଦରେ ଗଜପତି ମୁକୁନ୍ଦ ଦେବଙ୍କ ମୃତ୍ୟୁ ପରେ ଉପଯୁକ୍ତ ପ୍ରତିରୋଧ ଅଭାବରୁ ବଙ୍ଗ ସୁଲତାନଙ୍କ ସେନାପତି କଳା ପାହାଡ଼ର ଜଗନ୍ନାଥ ମନ୍ଦିର ଆକ୍ରମଣ ଥିଲା ପ୍ରବଳ, ଆତଙ୍କପ୍ରଦ ଓ କ୍ଷତିକାରକ ହୋଇଥିଲା । ଏହାର ନିର୍ମମ ସ୍ମୃତି ଆଜି ପର୍ଯ୍ୟନ୍ତ ଓଡ଼ିଆ ଜାତିର ଅବଚେତନରେ ଅଙ୍କିତ ହୋଇ ରହିଅଛି । "Bengal, Past and Present" ଗ୍ରନ୍ଥ ଅନୁସାରେ, ବଙ୍ଗ ନବାବ ସୁଲେମାନ କାରରାନି ଜଗନ୍ନାଥ ମନ୍ଦିର ଭାଙ୍ଗି ପକାଇଥିଲେ ଏବଂ ତାଙ୍କ ଆଦେଶରେ ଶ୍ରୀକୃଷ୍ଣଙ୍କ ବିଗ୍ରହ ଖଣ୍ଡ ବିଖଣ୍ଡ କରାଯାଇ ପାଣି ନାଳରେ ଫିଙ୍ଗା ଯାଇଥିଲା । 'Ain-i-Akbari' ଗ୍ରନ୍ଥରେ ଐତିହାସିକ ଆବୁଲଫାଜଲ ଉଲ୍ଲେଖ କରିଛନ୍ତି ଯେ କଳାପାହାଡ଼ ଦ୍ୱାରା ଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହ ପୋଡ଼ା ହୋଇଥିଲା । ୧୫୬୮ ଖ୍ରୀଷ୍ଟାବ୍ଦରେ ମୁସଲମାନ ସେନା ଭାରତର ପ୍ରଧାନ ହିନ୍ଦୁ ପୀଠ ଜଗନ୍ନାଥ ମନ୍ଦିରରେ ପ୍ରବେଶ କରି ବିଗ୍ରହମାନଙ୍କୁ ଧ୍ୱଂସ କରିବାରୁ ସେମାନଙ୍କର ବହୁଦିନର ଅଭିଳାଷ ପୂର୍ଣ୍ଣ ହେଲା । ହିନ୍ଦୁ ସମାଜ ତଥା ଉତ୍କଳର ଏହି ବିପର୍ଯ୍ୟୟ ସମୟରେ ଭୋଇବଂଶର ରାଜା ରାମଚନ୍ଦ୍ର ଦେବ ପ୍ରଥମେ ଖୋର୍ଦ୍ଧା ଚତୁଃ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଶକ୍ତିଶାଳୀ ରାଜ୍ୟ ପ୍ରତିଷ୍ଠା କରି ଧର୍ମ ସଂସ୍ଥାପନା ନିମିତ୍ତ ସ୍ୱପୀଠରେ ପ୍ରଭୁ ଜଗନ୍ନାଥଙ୍କ ପୁନଃ ପ୍ରତିଷ୍ଠାରେ ବ୍ରତୀ ହେଲେ । ମାଦଳା ପାଞ୍ଜି ଅନୁସାରେ "ଅ ୯ ଙ୍କେ ରାଜା କୁଜଙ୍ଗ ଗଡ଼ରୁ ବ୍ରହ୍ମ ଅଣାଇଲେ । ଖୋର୍ଦ୍ଧା କଟକେ ବନ ଯାଗ କରି ମୂର୍ତ୍ତି କରାଇଲେ । ଅ ୧୧ ଙ୍କ କକଡ଼ା ୯ ଦିନ ଶ୍ରାବଣ ଶୁକ୍ଳ ନବମୀଦିନ ଶ୍ରୀ ପୁରୁଷୋତ୍ତମ ବଡ଼ ଦେଉଳେ ରତ୍ନ ସିଂହାସନେ ବିଜେ କରାଇଲେ । ବ୍ରହ୍ମ ଆଣିଲା ବିଶର ମହାନ୍ତିଙ୍କୁ ପୋଲ ନାଏକ କଲେ । ଏ ଦାରୁ ବ୍ରହ୍ମ ଯେନି ଆଇଲା । ଏ ତାଟି ଭିତରେ ପଶିବ ବୋଲି ଶାଢ଼ୀ ଦେଲେ (ମାଦଳା ପାଞ୍ଜି ପୃ–୬୨, ୬୩) ।

ଏହାପରେ ପୁଣି ଆଉ ଏକ ବିପର୍ଯ୍ୟୟ ଆସି ପହଞ୍ଚିଲା ୧୬୦୯ ଖ୍ରୀଷ୍ଟାବ୍ଦରେ । ଆକବରଙ୍କ ରାଜତ୍ୱ କାଳରେ କେଶୋଦାସ ମାରୁ ନାମକ ଜଣେ ହିନ୍ଦୁ ରାଜପୁତ ଜାଗିରି ଦାର ଜଗନ୍ନାଥଙ୍କ ଦର୍ଶନ ଆଳରେ ଶ୍ରୀମନ୍ଦିର ଆକ୍ରମଣ ପୂର୍ବକ ବହୁଧନରତ୍ନ ଲୁଟି ନେବା ସହିତ ତିନିରଥ ପୋଡ଼ି ଦେଇଥିଲେ । କେବଳ ସେତିକି ନୁହେଁ, ତତ୍କାଳୀନ ଗଜପତି ପୁରୁଷୋତ୍ତମ ଦେବ ତାହାଙ୍କୁ ପ୍ରତିରୋଧ କରିବାକୁ ଅକ୍ଷମ ହୋଇ ତାଙ୍କ ସହ ସନ୍ଧି ସ୍ଥାପନ କରିଥିଲେ ।

ଶ୍ରୀମନ୍ଦିରକୁ ସମୁଦ୍ର ଲୁଣି ପବନ ଜନିତ କ୍ଷୟରୁ ରକ୍ଷା କରିବା ପାଇଁ ଚୁନ ପଲସ୍ତରା ଗଜପତି ନରସିଂହ ଦେବଙ୍କ ରାଜତ୍ୱ କାଳରେ ହୋଇଥିଲା । ଏହି କାର୍ଯ୍ୟ ୨୧–୦୨–୧୬୩୬ ତାରିଖରୁ ଆରମ୍ଭ ହୋଇ ୨୪–୦୨–୧୬୩୭ ତାରିଖ ଅର୍ଥାତ୍ ୩୬୮ ଦିନରେ ଶେଷ ହୋଇଥିଲା (୧୯ ଅଙ୍କ ଧନୁ ୨୨ ଦିନରୁ ୨୧ ଅଙ୍କ ଧନୁ ୨୫ ଦିନ ପର୍ଯ୍ୟନ୍ତ) । ଏଥିରେ ୯୧୬୩୮ କାହାଣ ୨ ପଣ ୧୦ ଗଣ୍ଡା କଉଡ଼ି ଖର୍ଚ୍ଚ ହୋଇଥିଲା । ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ଗୁଣ୍ଡିଚା ମନ୍ଦିର ନିର୍ମାଣ ହେବା ପରେ ଶ୍ରୀଜଗନ୍ନାଥଙ୍କ ପ୍ରାଚୀନ ରଥଯାତ୍ରା "ଗୁଣ୍ଡିଚା ଯାତ୍ରା" ନାମରେ ପରିଣତ ହେଲା ।

ଏହାପରେ ଅନ୍ୟ ଏକ ଆସନ୍ନ ଧ୍ୱଂସ ମୁଖରୁ ଶ୍ରୀମନ୍ଦିର ଦୈବୀ କୃପାରୁ ରକ୍ଷା ପାଇ ଯାଇଥିଲା । ଗଜପତି ମୁକୁନ୍ଦ ଦେବ (୧ମ) (୧୬୫୭–୧୬୮୯)ଙ୍କ ରାଜତ୍ୱ କାଳରେ ସୁବାଦାର ସାୟସ୍ତା ଖାଁଙ୍କ ପୁତ୍ର ଆବୁନସର ଖାଁ ବହୁ ହିନ୍ଦୁ ମନ୍ଦିର ଧ୍ୱଂସ କରି ମସ୍‌ଜିଦ୍‌ମାନ ତୋଳାଇ ଥିଲେ । ସେ ପୁରୀ ଜଗନ୍ନାଥ ମନ୍ଦିର ଆକ୍ରମଣ କରିବାକୁ ଆସି ପିପିଲିଠାରେ ଡେରା ପକାଇ ଥିବା ବେଳେ ଏକ ବଜ୍ରପାତ ହେବାରୁ ଏହାକୁ ପ୍ରଭୁ ଜଗନ୍ନାଥଙ୍କ ମହିମା ଜ୍ଞାନକରି ଭୟରେ କଟକ ଫେରି ଯାଇଥିଲେ । ଗଜପତି ଦିବ୍ୟସିଂହ ଦେବ (୧୬୮୮–୧୭୧୬) ସମୟରେ

ମୋଗଲ ସେନାମାନଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିର ଆକ୍ରମଣ ଅନ୍ୟ ଏକ ବିଶେଷ ଘଟଣା । ନବାବ ଏକରାମ ଖାଁ ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ନିର୍ଦ୍ଦେଶରେ ଜଗନ୍ନାଥ ମନ୍ଦିର ଧ୍ୱଂସ କରିବା ପାଇଁ ଆସିଥିଲେ । ଦିବ୍ୟସିଂହ ଦେବ କୌଣସି ପ୍ରତିରୋଧ କରିନପାରି ବିମଳା ମନ୍ଦିର ପଛପାଖେ ଜଗନ୍ନାଥଙ୍କୁ ଲୁଚାଇ ରଖିଥିଲେ । ପରେ ଜଗନ୍ନାଥଙ୍କୁ ସେଠାରୁ ବାଣପୁରର ଦୁର୍ଭେଦ୍ୟ ବଙ୍କାଗଡ଼ ନିକଟବର୍ତ୍ତୀ ଏକ ସ୍ଥାନରେ ଜଗନ୍ନାଥାଦି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଖି ପୂଜା କରାଗଲା । ୧୬୯୮ ମସିହା ଜୁନ୍ ମାସରେ ଏକରାମ ଖାଁ ସୁବାଦାର ପଦରୁ ବିଦାୟ ନେବା ପରେ ଦିବ୍ୟସିଂହ ଦେବଙ୍କ ୧୧ଶ ଅଙ୍କ (୧୬୯୯–୧୭୦୦)ରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପୁଣି ରତ୍ନସିଂହାସନରେ ସ୍ଥାପନ କରାଯାଇଥିଲା ।

ଏହାଙ୍କ ପରେ ଗଜପତି ହରେକୃଷ୍ଣ ଦେବ (୧୭୧୬–୧୭୨୦) ଧରମୁ ହରିଚନ୍ଦନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବଡ଼ ଦେଉଳ ଚୂନ କରାଇଥିଲେ । ଏହି ରାଜା ଶ୍ରୀମନ୍ଦିରକୁ ସଂସ୍କାର ପୂର୍ବକ ଶ୍ରୀକ୍ଷେତ୍ରର ଲୁପ୍ତ ଗୌରବ ଫେରାଇ ଆଣିଥିଲେ । ପୁଣି ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବ (୧୭୨୭–୧୭୩୬) ତକି ଖାଁଙ୍କ ଦ୍ୱାରା ଖୁରୁଧା ଦୁର୍ଗରେ ନଜରବନ୍ଦୀ ହେବାରୁ ଜଗନ୍ନାଥଙ୍କୁ ଚିଲିକା ପାର କରାଇ ବାଣପୁର ନଈଠାରେ ହରୀଶ୍ୱର ମଣ୍ଡପରେ ବିଜେ କରାଇଥିଲେ । ପରେ ଖଲିକୋଟ ଚିକିଲି ଗଡ଼କୁ ପଠାଇଥିଲେ । ତକି ଖାଁ ମୁର୍ଶିଦାବାଦ ପଳାଇଯିବାରୁ ଏବଂ ପୁତ୍ର ଭାଗୀରଥି କୁମାର ଖୁରୁଧା ଗଡ଼ରେ ରାଜା ହେବାରୁ ୧୭୩୩ ମସିହାରେ ନବକଳେବର ପାଇଁ ଦାରୁ ସଂଗ୍ରହ କରାଯାଇ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେଲା । ବୀର କେଶରୀ ଦେବ (୧୭୩୭–୧୭୯୩)ଙ୍କ ଶାସନ ବେଳକୁ ଓଡ଼ିଶାରୁ ମୁସଲମାନ ଆଧିପତ୍ୟ ପ୍ରାୟ ଲୋପ ପାଇ ଯାଇଥିଲା । ଏଣୁ ବହୁ ନୂତନ ମନ୍ଦିର ସହିତ ପ୍ରାଚୀନ ମନ୍ଦିରମାନଙ୍କର ଜୀର୍ଣ୍ଣ ସଂସ୍କାର କାର୍ଯ୍ୟ ଅବାଧରେ ସମାହିତ ହୋଇଥିଲା । ଏହାଙ୍କ ପରେ ମାଦଳା ପାଞ୍ଜି ବିବରଣୀ ଅନୁସାରେ ଗଜପତି ଦିବ୍ୟସିଂହ ଦେବ (୧୭୯୩–୧୭୯୮)ଙ୍କ ସମୟରେ ବଡ଼ ଦେଉଳ ଚୂନ କରାଇବା ସଙ୍ଗେ ସଙ୍ଗେ କୋଣାର୍କ କ୍ଷେତ୍ରରୁ ଅରୁଣସ୍ତମ୍ଭକୁ ଆଣାଇ ସିଂହଦ୍ୱାର ସମ୍ମୁଖ ଚକଡ଼ାରେ ରଖା ଯାଇଥିଲା । ଏହି ସମୟରେ ବୈଷ୍ଣବମାନଙ୍କ ପ୍ରତିପତ୍ତି ବୃଦ୍ଧି ଯୋଗୁଁ ରତ୍ନସିଂହାସନରେ ସ୍ଥାନ ପାଇଥିବା ଶଙ୍କରାଚାର୍ଯ୍ୟ ଓ ଗୋବର୍ଦ୍ଧନ ପୀଠର ପ୍ରଥମ ପୀଠାଧୀଶଙ୍କ ବିଗ୍ରହ ଦୁଇଟିକୁ ଅପସାରଣ କରାଯାଇଥିଲା । ଏହି ସମୟରୁ ଶ୍ରୀମନ୍ଦିରରେ ଝୁଲଣଯାତ୍ରା ଆରମ୍ଭ କରାଯାଇଥିଲା । ମରହଟ୍ଟା ଓ ଇଂରେଜ ରାଜତ୍ୱ କାଳରେ ଓଡ଼ିଶାର ଜନଜୀବନରେ କ୍ଷତି ଘଟିଥିଲେ ମଧ୍ୟ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ଆକ୍ରମଣର ଶରବ୍ୟ ହୋଇ ନଥିଲେ ।

---

ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ



# ଲୀଳାମୟଙ୍କ ନୀଳାଚଳ

ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି

ଜଗତର ନାଥ ପ୍ରଭୁ ଜଗନ୍ନାଥ ଲୀଳାମୟ। ଲୀଳାବିଗ୍ରହ ତାଙ୍କର କଳେବର। ଲୀଳାପୂର୍ଣ୍ଣ ତାଙ୍କର ଆବାସସ୍ଥଳ-ନୀଳାଚଳ-ଶ୍ରୀକ୍ଷେତ୍ର-ଶ୍ରୀମନ୍ଦିର। ଲୀଳା ରଚନା ତ ତାଙ୍କର ଲୀଳାବତାରର ଲକ୍ଷ୍ୟ। ବିଭିନ୍ନ ରୂପ, ବିଭିନ୍ନ ବେଶ, ବିଭିନ୍ନ ଘଟ ଓ ଘଟନା ମାଧ୍ୟମରେ ପରିବ୍ୟାପ୍ତ ତାଙ୍କର ଲୀଳାଖେଳା। ଭଗବାନଙ୍କର ଲୀଳା ଭକ୍ତ ମଣ୍ଡଳୀରେ। ନୃସିଂହ, ବାମନ, ଶ୍ରୀରାମ, ଶ୍ରୀକୃଷ୍ଣ-ଏ ସବୁ ଅବତାର ତ ସେଇ ଭକ୍ତମାନଙ୍କ ଉଦ୍ଧାର-ପରିତ୍ରାଣ ନିମନ୍ତେ। ବିଧି ନିର୍ଦ୍ଦିଷ୍ଟ ଏ ଲୀଳା-ଭଗବାନ ଓ ଭକ୍ତଙ୍କ ମଧ୍ୟରେ ମିଳନର ସେତୁବନ୍ଧ। ଭକ୍ତ ପାଇଁ ସିନା ତାଙ୍କର ଯାତ୍ରା। ଆଉ ଭକ୍ତମାନଙ୍କର ମେଳା ମଧ୍ୟ ତାଙ୍କରି ଲୀଳା ପାଇଁ।

ବିଭିନ୍ନ ସ୍ଥାନରେ ଯାତ୍ରା ହେଉଛି। ବରଗଡ଼ର ଧନୁଯାତ୍ରା। ଶତ ପଞ୍ଚାଶ ବର୍ଷ ଧରି ଏ ଯାତ୍ରା ଅବାରିତ ଭାବରେ ଚାଲିଛି। ବରଗଡ଼ ମଥୁରା ପୁରୀ। ମଝିରେ ଜିରା ନଈ-ଯମୁନା। ଆର ପାଖରେ ଅମାପାଲି-ଗୋପପୁର। ବରଗଡ଼ ସହର ଓ ଉପକଣ୍ଠ ପାଲଟିଛି ସେଇ ଧନୁଯାତ୍ରାର ମଞ୍ଚ। ମାତ୍ର ନୀଳାଚଳ ପୁରୁଷୋତ୍ତମ ଧାମ ପୁରୀରେ କାହିଁ କେଉଁ କାଳରୁ ପ୍ରଚଳିତ ଅଛି ଶ୍ରୀଜଗନ୍ନାଥଙ୍କ ଲୀଳା କେବଳ ଶ୍ରୀମନ୍ଦିରକୁ କେନ୍ଦ୍ରକରି। ପ୍ରସାରିତ ହୋଇଛି ଶ୍ରୀକ୍ଷେତ୍ରର ଅଧିକାରି ଓ ଓଡ଼ିଶାର ପୁରପଲ୍ଲୀରେ ବିରାଜିତ ମଙ୍ଗଳା, ନିଆଳୀର ମାଧବ, ବିରଜା, ଚର୍ଚ୍ଚିକା ଆଦି ବିଭିନ୍ନ ଦେବଦେବୀଙ୍କ ମନ୍ଦିରକୁ।

ଶ୍ରୀଜଗନ୍ନାଥଙ୍କ ଦୈନିକ ନୀତି ଦ୍ୱାରଫିଟା, ମଙ୍ଗଳ ଆରତି, ମଇଲମ ଅବକାଶ, ସାହାଣମେଳା, ବେଶ ଲାଗି, ରୋଷହୋମ, ସୂର୍ଯ୍ୟ ଓ ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ସକାଳଧୂପ, ମଇଲମ, ଭୋଗମଣ୍ଡପ ଧୂପ, ମଧ୍ୟାହ୍ନ ଧୂପ, ମଧ୍ୟାହ୍ନ ପହୁଡ଼, ସନ୍ଧ୍ୟା ଆଳତୀ, ସନ୍ଧ୍ୟା ଧୂପ, ସାହାଣମେଳା, ମଇଲମ ଓ ଚନ୍ଦନଲାଗି, ବଡ଼ସିଂହାର ବେଶ ଓ ଧୂପ, ପହଡ଼ ଓ ଖଟ ଶେଯଲାଗି-ଦେବଦାସୀ ସେବା ଆଦି ଛତିଶାନିଯୋଗଙ୍କ ଦ୍ୱାରା ଅର୍ପିତ ସେବା।

ଏ ସମସ୍ତ ଦୈନିକ ନୀତି ବ୍ୟତୀତ ବାରମାସର ତେରଯାତ୍ରା ଓ ପର୍ବମାନଙ୍କରେ ମହାପ୍ରଭୁ ନିଜ ଆସ୍ଥାନ ଛାଡ଼ି ସ୍ୱୟଂ ବିରାଜିତ ହୁଅନ୍ତି କେତେବେଳେ ସ୍ନାନ ମଣ୍ଡପରେ ତ କେତେବେଳେ ବଡ଼ ଦାଣ୍ଡରେ। ବିରାଜମାନ କରନ୍ତି ଆଡ଼ପ ମଣ୍ଡପରେ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାରମାସରେ ତେର ଯାତ୍ରା ହେଉଛି-

"ମଣ୍ଡସ୍ନାନ ରଥବର ଗତି ଶୟନ ସ୍ୱପନ ଦ୍ୱୟଂ
ପାର୍ଶ୍ୱାବୃତ୍ତି, ଶୟନ ନିବୃତ୍ତି ପାର୍ବଣ ପୁଷ୍ୟପୂଜା।
ଦୋଲବେଳି ଦମନକମୋହ ରାକ୍ଷିପୂର୍ଣ୍ଣି ତୃତୀୟା,
ଏ ସଂଯାତ୍ରା ଭୁବନବିଦିତା ଦ୍ୱାଦଶେସଂ ନରେନ୍ଦ୍ର।"

ଏହି ଯାତ୍ରାଗୁଡ଼ିକର ଆରମ୍ଭ (୧) ଅକ୍ଷୟ ତୃତୀୟା ତଥା ଚନ୍ଦନ (୨) ନୀଳାଦ୍ରୀ ମହୋଦୟ (୩) ଦେବସ୍ନାନ ପୂର୍ଣ୍ଣିମା (୪) ଶ୍ରୀଗୁଣ୍ଡିଚା (୫) ଶୟନ ଯାତ୍ରା (୬) କର୍କଟ ସଂକ୍ରାନ୍ତି (୭) ପାର୍ଶ୍ୱ ପରିବର୍ତ୍ତନ (୮) ଦେବୋତ୍ଥାପନ (୯) ଓଢ଼ଣ ଷଷ୍ଠୀ (୧୦) ପୁଷ୍ୟାଭିଷେକ (୧୧) ମକରସଂକ୍ରାନ୍ତି (୧୨) ଦୋଳ (୧୩) ଦମନକ ଚତୁର୍ଦ୍ଦଶୀ। ଏହି ଶ୍ଳୋକରେ ପ୍ରସିଦ୍ଧ ନୀଳାଦ୍ରୀ ମହୋଦୟର ଉଲ୍ଲେଖ ନାହିଁ। ଏତଦ୍ ବ୍ୟତୀତ ଅନେକ ଉପଯାତ୍ରା, ଚନ୍ଦ୍ରବିଧି ଓ ବିଶେଷ ଉତ୍ସବମାନ ଅନୁଷ୍ଠିତ ହୋଇଥାଏ।

ମହାପ୍ରଭୁଙ୍କ ସବୁଠୁ ଦର୍ଶନୀୟ ରଥଯାତ୍ରା ଆରମ୍ଭ ହୁଏ ଜ୍ୟେଷ୍ଠ ପୂର୍ଣ୍ଣମୀର ସ୍ନାନଯାତ୍ରାରୁ ଏବଂ ଶେଷ ହୁଏ ଆଷାଢ଼ ପୂର୍ଣିମାରେ। ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ ଅକ୍ଷୟ ତୃତୀୟା ଦିବସରେ ଚନ୍ଦନ ଯାତ୍ରାରେ ଅନୁକୂଳ କରି ନରେନ୍ଦ୍ର ପୁଷ୍କରିଣୀକୁ ସ୍ନାନ ପାଇଁ ବହିର୍ଗତ ଶ୍ରୀଜୀଉଙ୍କ ପ୍ରତିନିଧି ମଦନମୋହନ ଜୀଉଙ୍କ ଆଜ୍ଞାମାଳ ପ୍ରଦାନ ଦ୍ୱାରା।

ଭାଦ୍ରବ କୃଷ୍ଣ ସପ୍ତମୀଠାରୁ କୃଷ୍ଣଲୀଳା ଆରମ୍ଭ ହୋଇ ଭାଦ୍ରବ ପୂର୍ଣ୍ଣିମାରେ ଶେଷ ହୁଏ। ଆଶ୍ୱିନ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ତରଫରୁ ମୁଦିରଥ ଓ ମାଁ ଲକ୍ଷ୍ମୀଙ୍କ ପ୍ରତିନିଧି ମୁଦୁଲି ଲକ୍ଷ୍ମୀଙ୍କ ଜଗମୋହନରେ ଦ୍ୟୁତ କ୍ରୀଡ଼ା ହୁଏ। ହାରି ଯାଆନ୍ତି ମହାପ୍ରଭୁ ଜଗନ୍ନାଥ। ତେଣୁ ନୀଳମାଧବ ସାତଦିନ ବନ୍ଧା ପଡ଼ନ୍ତି ଲକ୍ଷ୍ମୀଙ୍କ ମନ୍ଦିରରେ। କାର୍ତ୍ତିକ ପୂର୍ଣ୍ଣିମାରେ କାର୍ତ୍ତିକ ନୀତି ଉଦ୍‌ଯାପନ ହେବା ନିମନ୍ତେ ବିଗ୍ରହମାନଙ୍କର ରାଜବେଶ (ସୁନାବେଶ)। ମାର୍ଗଶିରର ପଞ୍ଚୁ ପୂର୍ଣ୍ଣିମାରେ ନୃସିଂହ ମହାପ୍ରଭୁ ପଞ୍ଚୁ, ଅଙ୍ଗିରା ଓ ଭୃଗୁ ଆଶ୍ରମକୁ ଯାଆନ୍ତି। ଶ୍ରାବଣ ଶୁକ୍ଳ ନବମୀ ଦିନ ବାଡ଼ି ନୃସିଂହ ଏହି ଋଷି ଆଶ୍ରମକୁ ଯାଇଥାନ୍ତି। ପ୍ରତି ଅମାବାସ୍ୟାରେ ନାରାୟଣ ମୂର୍ତ୍ତି ସାଗରକୁ ବିଜେ କରନ୍ତି।

ଶ୍ରୀପଞ୍ଚମୀ, ଫାଲ୍‌ଗୁନ ଶୁକ୍ଳ ପ୍ରତିପଦା, ଚତୁର୍ଥୀ, ଅଷ୍ଟମୀ ଓ ଦ୍ୱାଦଶୀ ଦିନ ଦୋଳଗୋବିନ୍ଦ ପାଲିକିରେ ଜଗନ୍ନାଥବଲ୍ଲଭକୁ ବେଣ୍ଟ (ଶିକାର) ପାଇଁ ଯାଆନ୍ତି। ପାଞ୍ଚଟି ପରଡ଼ ମୃଗ କାନନରେ ଶିକାର ହୁଏ। ଚୈତ୍ର ଶୁକ୍ଳ ଅଷ୍ଟମୀ (ଅଶୋକାଷ୍ଟମୀ) ଦିନ ଲୋକନାଥ ଦକ୍ଷିଣ ଧୂପ ପରେ ଲୋକେଶ୍ୱରଙ୍କ ମନ୍ଦିରକୁ ବିଜେ କରି ଅମୁଣିଆ ମାଳ ଖଣ୍ଡିଏ ଲାଗି କରାଇ ଜଗନ୍ନାଥ ବଲ୍ଲଭ ମଠକୁ ଯାଇ

ଅଶୋକ ମଞ୍ଜୋଡ଼ି କରନ୍ତି । ଶିବରାତ୍ରି ଦିନ ଲୋକନାଥଙ୍କ ମନ୍ଦିରକୁ ଯାଇ ହରିହର ଭେଟ କରନ୍ତି ।

ଶ୍ରାବଣ ପୂର୍ଣ୍ଣିମା ବଳଭଦ୍ରଙ୍କ ଜନ୍ମୋତ୍ସବ ପାଳିତ ହୁଏ । ଦ୍ୱିପହର ଧୂପ ପରେ ସୁଦର୍ଶନ ମାର୍କଣ୍ଡକୁ ବିଜେ କରନ୍ତି । ଭାଦ୍ରବ ଶୁକ୍ଳ ଅଷ୍ଟମୀ (ରାଧାଷ୍ଟମୀ)ରେ ଓ କୁମାର ପୂର୍ଣ୍ଣିମାରେ ସୁଦର୍ଶନ ଜମ୍ବେଶ୍ୱରଙ୍କ ଜଳି ମୁଣ୍ଡିଆକୁ ଯାଆନ୍ତି ।

ପଣା ସଂକ୍ରାନ୍ତିରେ ହନୁମାନ ଗୁଡ଼ି ଦ୍ୱାରରେ ଥିବା ହନୁମାନ, ବାଡ଼େଇ ହନୁମାନଙ୍କୁ ଓ ବଡ଼ିଆ ମହାବୀରଙ୍କୁ ଯାଇ ଆଜ୍ଞାମାଳ ଦିଅନ୍ତି । ମହାବୀର ଜୟନ୍ତୀରେ ଶ୍ରୀକ୍ଷେତ୍ରର ସମସ୍ତ ମହାବୀର ଅର୍ଚ୍ଚିତ ହୁଅନ୍ତି ।

ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ପବିତ୍ର ରଥଯାତ୍ରା କରି ଶ୍ରୀଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଅବସ୍ଥାନ କରନ୍ତି । ହେରା ପଞ୍ଚମୀରେ ମହାଲକ୍ଷ୍ମୀ ଜେଜରରେ ଯାଇ ରଥରୁ କାଠ ଭାଙ୍ଗି ଆସନ୍ତି । ବାହୁଡ଼ା ଏକାଦଶୀରେ ପ୍ରଭୁ ପହଣ୍ଡି ପାଇଁ ଆସୁଥିବା ବେଳେ ମହାଲକ୍ଷ୍ମୀ ସୁନାଣି ମଣ୍ଡପରୁ ଘୂରି ମନ୍ଦିରକୁ ଆସନ୍ତି ଓ ନୀଳାଦ୍ରୀ ବିଜେ ଭଳାପରେ ଲକ୍ଷ୍ମୀନାରାୟଣ ଭଳି ହେବାପରେ ରସଗୋଲା ଭୋଗ ହୋଇ ରଥଯାତ୍ରା ଲୀଳାର ପରିସମାପ୍ତି ଘଟେ ।

ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଦିନ ପଦ୍ମପାଖୁଡ଼ା ମଣ୍ଡପରେ ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ଲକ୍ଷ୍ମୀ, ଉଗ୍ରସେନ, ବଳଭଦ୍ର, ଗାର୍ଗଋଷି ଓ କୃଷ୍ଣଙ୍କ ମୂର୍ତ୍ତି ଅଙ୍କିତ ହୁଏ । ନବମୀରେ ନନ୍ଦୋତ୍ସବ, ଦଶମୀରେ ବନଭୋଜି ବେଶ ଓ କୋଳିକିଆବେଶ ହୁଏ । ବାଲିସାହିରେ ବକାସୁର ବଧ ଓ ହରଚଣ୍ଡି ସାହିରେ ଅଘାସୁର ବଧ ଲୀଳା କରନ୍ତି ।

ଏକାଦଶୀ ଦିନ କାଳୀୟଦଳନ ବେଶ ହୁଏ । କୁଣ୍ଡାଇବେଣ୍ଟ ସାହିରୁ ଆସିଥିବା ଧେନୁକାର ବଧ ଲୀଳା ହୁଏ । ମାର୍କଣ୍ଡ ପୋଖରୀରେ କାଳୀୟଦଳନ ହୋଇଥାଏ । ମାଟିମଣ୍ଡପ ସାହିରୁ ଜଣେ କାଳୀୟ ହୋଇ ଆସିଥାଏ ।

ଦ୍ୱାଦଶୀରେ ବଳରାମଙ୍କ ଦ୍ୱାରା ପ୍ରଳମ୍ବାସୁର ବଧ । ଦୋଳମଣ୍ଡପ ସାହିର ଜଣେ ବ୍ୟକ୍ତି ପ୍ରଳମ୍ବାସୁର ବେଶରେ ଆସି ଜଗମୋହନରେ ବିଜେ ଥିବା ରାମକୃଷ୍ଣଙ୍କ ସମ୍ମୁଖରେ ବଳରାମ ବେଶୀ ଜନୈକ ବାଳକ ଦ୍ୱାରା ହତ ହୁଏ । ବଳଭଦ୍ର ପ୍ରଳମ୍ବାସୁର ବଧ କରୁଥିବା ବେଶ ହୋଇଥାନ୍ତି ।

ତ୍ରୟୋଦଶୀରେ କୃଷ୍ଣ ବଳରାମ ବେଶ । ଗୌଡ଼ବାଡ଼ ସାହି ଲୋକେ ଅଗ୍ନି ପ୍ରଥା ପ୍ରସ୍ତାବ କରନ୍ତି । ଅମାବାସ୍ୟା ଦିନ ସପ୍ତପୁରି ଭୋଗ । ପୂର୍ବଦିନରୁ ଅଠରନଳା ପାଖରେ ଥିବା ଆଲମଚଣ୍ଡୀ ଠାକୁରାଣୀଙ୍କଠାରୁ କୁମ୍ଭାରମାନେ ବାଦ୍ୟଭୂମିରେ ବାହି ଆସିଥିବା ସାତପୁରୀ ତାଡ଼ରେ ସାତପୁରୀ ଭୋଗ ଲୋକଙ୍କରୁ ଛତ୍ର, ଘଣ୍ଟ, କାହାଳୀ ସହିତ ଆସି ଭୋଗ ହୁଏ । ମଦନମୋହନ ଜଗମୋହନରେ ବିଜେ ହେବା ପରେ କାଳୀକା ଦେବୀ ସାହି ଲୋକଙ୍କ ଦ୍ୱାରା ବସ୍ତ୍ରହରଣ ନୀତି ଆଚରିତ ହୁଏ । ପ୍ରତିପଦାରେ ମାଟିମଣ୍ଡପ ସାହି ଲୋକେ ଦାବାଗ୍ନି ଲୀଳା ଓ ଦ୍ୱିତୀୟାଦିନ ହରଚଣ୍ଡୀ ସାହି ଲୋକଙ୍କ ଦ୍ୱାରା ନିକୁଞ୍ଜ ଲୀଳା ହୁଏ । ତୃତୀୟା ତିଥିରେ କାପେଲି ସାହି ଲୋକେ ଅଘଲୀଳା କରନ୍ତି । ଚତୁର୍ଥୀରେ ଯାତ୍ରାବନ୍ଦ । ପଞ୍ଚମୀରେ ଗୌଡ଼ବାଡ଼ ସାହି ଲୋକଙ୍କର ଦାହଲୀଳା, ଷଷ୍ଠୀରେ ମାର୍କଣ୍ଡେଶ୍ୱର ସାହିର ବିସାସୁର ବଧ ଓ ସପ୍ତମୀରେ ଚାହୀଚାଦେବୀ ସାହି ଲୋକେ କେଶି ବଧ ପ୍ରସ୍ତାବ କରନ୍ତି । ଦଶମୀ ଦିନ ନରେନ୍ଦ୍ରଶିରୁଆଠାରେ ଲବଣି ଭୋଗ ମହାଜନରେ ଅକ୍ରୂର ପ୍ରସ୍ତାବ, ରଜକ ପ୍ରସ୍ତାବ, ଧନୁର୍ଭଙ୍ଗ ପ୍ରସ୍ତାବ, ମଲ୍ଲଯୁଦ୍ଧ ପ୍ରସ୍ତାବ, କୁବ୍ଜା, ମଥୁରାବାସପୁର ଅଦି ଅଭିନୀତ ହେବା ପରେ ସିଂହଦ୍ୱାରରେ ଚୁଡ଼ବୟା ହଳ ବଧ ପ୍ରସ୍ତାବ, କଂସ ବଧ ପ୍ରସ୍ତାବ ହୋଇ ଉଗ୍ରସେନଙ୍କୁ ରାଜ୍ୟ ଦିଆଯାଏ । ଭାଦ୍ରବ ପୂର୍ଣ୍ଣିମାରେ ବଡ଼ଛତା ମଠରେ ରାସ [illegible] ଉପାସନା ହୁଏ । କାପେଲୀ ସାହିରୁ ଆସେ ଚନ୍ଦ୍ରଙ୍କ

ହାତୀ । ପୁରୀର ପ୍ରାଚୀନ ସାହିଗୁଡ଼ିକ ଦୀର୍ଘ କୋଡ଼ିଏ ଦିନର ଏ ଯାତ୍ରାରେ ଅଂଶ ଗ୍ରହଣ କରନ୍ତି । ତେଣୁ ଶ୍ରୀଜୀଉଙ୍କ ଉତ୍ସବ କେବଳ ଶ୍ରୀମନ୍ଦିର ମଧ୍ୟରେ ଆବଦ୍ଧ ନ ରହି ସମଗ୍ର ନୀଳାଚଳ କ୍ଷେତ୍ରକୁ ଲୀଳାର ଅଞ୍ଚଳ ଭାବେ ପ୍ରସାରିତ ହୋଇଥାଏ । କେଉଁ ଦିନ କେଉଁ ସାହିର ପାଳି ପଡ଼ିବ ସେଥିପାଇଁ ସେ ସାହିର ଲୋକେ ପ୍ରସ୍ତୁତ ହୋଇଥାନ୍ତି । ଶ୍ରୀମନ୍ଦିରରେ ୨୬ଶ ହେବାଠାରୁ ବ୍ରାହ୍ମଣ, ପଣ୍ଡା, ପତି, ମୁଦିରଥଙ୍କଠାରୁ ଆରମ୍ଭ କରି ଶୂଦ୍ର ସେବକ କୁମ୍ଭାର, ବିଶୋଇ, ଗଉଡ଼ ମହାଭୋଇ ପର୍ଯ୍ୟନ୍ତ ସମସ୍ତେ ଅଂଶଗ୍ରହଣ କରନ୍ତି । ବିଭିନ୍ନ ଲୀଳାରେ ବିଭିନ୍ନ ସେବାୟତ ଓ ବିଭିନ୍ନ ସାହିର ଅଧିବାସୀ ଭାଗ ନେଉଥିବାରୁ ଶ୍ରୀଜୀଉଙ୍କ ସେବାରେ ସମସ୍ତଙ୍କର ଅଧିକାର ସାବ୍ୟସ୍ତ ହୋଇଥାଏ ।

ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହେଉଥିବା ଚନ୍ଦନଯାତ୍ରା ପ୍ରଥମ ୨୧ ଦିନ ବାହାର ଚନ୍ଦନ ଓ ଆଉ ୨୧ ଦିନ ଭିତର ଚନ୍ଦନ ଏପରି ୪୨ ଦିନ ଯାତ୍ରା ହୋଇଥାଏ । ପ୍ରଥମ ୨୧ ଦିନ ମଦନମୋହନ, ରାମକୃଷ୍ଣ, ଲକ୍ଷ୍ମୀ, ସରସ୍ୱତୀ, ପଞ୍ଚୁପାଣ୍ଡବ (ଯମେଶ୍ୱର, କପାଳମୋଚନ, ଲୋକନାଥ, ନୀଳକଣ୍ଠ, ମାର୍କଣ୍ଡେୟ ଆଦି ପଞ୍ଚ ମହାଦେବ) ନରେନ୍ଦ୍ର ପୁଷ୍କରିଣୀକୁ ଯାଇ ସେଠାରେ ଦିନ ଧୂପ ଥରେ ଓ ରାତି ଧୂପରେ ତିନିଥର ନୌକାରେ ଚାପି ଖେଳନ୍ତି । ଶ୍ରୀଜଗନ୍ନାଥଙ୍କ ରଥ ନୃସିଂହ ମନ୍ତ୍ରରେ ପ୍ରତିଷ୍ଠା ହୋଇଥାଏ । ସ୍କନ୍ଦପୁରାଣ ଅନୁସାରେ ଶ୍ରୀକ୍ଷେତ୍ର ହେଉଛି ନୃସିଂହ କ୍ଷେତ୍ର । ମହାରାଜ ଇନ୍ଦ୍ରଦ୍ୟୁମ୍ନ ଯଜ୍ଞ ନୃସିଂହଙ୍କୁ ପ୍ରତିଷ୍ଠା କରି ତାଙ୍କରି ମଧ୍ୟରେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ତ୍ରିମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ । ଅକ୍ଷୟ ତୃତୀୟାଠାରୁ ମଣ୍ଡସ୍ନାନ (ଦେବସ୍ନାନ ପୂର୍ଣ୍ଣିମା) ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପ୍ରଭୁମାନେ ଆଲଟ ଲାଗି (ଅଙ୍ଗରାଗ କରି ବିଶ୍ରିହେବା) ହୋଇଥାନ୍ତି ।

ଶ୍ରୀରାମଙ୍କ ଜନ୍ମଲୀଳାରେ ମଧ୍ୟ ପୁରୀସ୍ଥିତ ବିଭିନ୍ନ ସାହିର ଲୋକେ ଭାଗ ନିଅନ୍ତି । ଚୈତ୍ର ଶୁକ୍ଳ ଅଷ୍ଟମୀଠାରୁ ଏ ଲୀଳା ଆରମ୍ଭ । ନବମୀ ଦିନ ଦୁଇଜଣ ମହାଜନ ଦଶରଥ ଓ କୌଶଲ୍ୟା ସାଜି ଜନ୍ମବିଧି କରନ୍ତି । ଦଶମୀରେ ହରଚଣ୍ଡୀ ଯଜ୍ଞ ରାସ ଲୀଳା । ଏକାଦଶୀ ଦିନ ହରଚଣ୍ଡୀ ସାହିରୁ ବାହାରନ୍ତି ପର୍ଶୁରାମ । ସୀତା ବିବାହ ଲୀଳା ହୁଏ । ମାର୍କଣ୍ଡେଶ୍ୱର ସାହିରେ ହୁଏ ବନବାସ ଲୀଳା । ଚତୁର୍ଦ୍ଦଶୀ ଦିବସରେ କୁଣ୍ଡାଇବେଣ୍ଟ ସାହି ଲୋକଙ୍କର ମାୟାମୃଗ ଲୀଳା । ପୂର୍ଣ୍ଣିମା ଦିନ ଦୋଳମଣ୍ଡପ ସାହିର ଲଙ୍କାପୋଡ଼ି, ପ୍ରତିପଦ ଦିନ ବାଲିସାହିର ସେତୁବନ୍ଧ ଲୀଳା, ଦ୍ୱିତୀୟାଦୀନ ବାଲିସାହିରେ ରାବଣ ବଧ । ପୁଷ୍ୟାନକ୍ଷତ୍ରଯୁକ୍ତ ଦିବସରେ ତାରାଶୁଦ୍ଧି ହେଲେ ହୁଏ ରାମାଭିଷେକ ନୀତି । ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ନନ୍ଦିଗ୍ରାମକୁ ବିଜେ କରନ୍ତି । ସନ୍ଧ୍ୟା ଧୂପ ବେଳେ ଦୁଇଜଣ ଗୌଡ଼ବାଡ଼ ସାହିରୁ ଭରତ ଓ ଶତ୍ରୁଘ୍ନ ବେଶ ହୋଇ ମନ୍ଦିର ଭଣ୍ଡାରରୁ ପାଦୁକା ନେଇ ସୁବିଦିଆଙ୍କ ସହ ଲକ୍ଷ୍ମୀଙ୍କ ମନ୍ଦିରକୁ ଯାଆନ୍ତି । ସେଠାରେ ଅଭିଷେକ ଭୋଗ ହୋଇ ସାରିବା ପରେ ଫେରିଆନ୍ତି ।

ସୁତରାଂ ଶ୍ରୀଜୀଉଙ୍କର ଶ୍ରୀରାମ ଓ ଶ୍ରୀକୃଷ୍ଣ ଲୀଳାରେ ହରଚଣ୍ଡୀ ସାହି, ମାର୍କଣ୍ଡେଶ୍ୱର ସାହି, କୁଣ୍ଡେଇବେଣ୍ଟ ସାହି, ଦୋଳମଣ୍ଡପ ସାହି, ବାଲିସାହି, ଗୌଡ଼ବାଡ଼ ସାହି, ମାଟିମଣ୍ଡପ ସାହି, କୁମ୍ଭାର ସାହି, କାଳିକା ଦେବୀ ସାହି, କାପେଲୀ ସାହି, ଲବଣିଖିଆ ଛକ, ବଡ଼ଛତା ମଠ ଆଦି ଭାଗ ନେବା ସହିତ ସିଂହଦ୍ୱାର ଓ ବଡ଼ଦାଣ୍ଡ ଆଦି ସ୍ଥାନମାନ ମଧ୍ୟ ପ୍ରଭୁ ଲୀଳାର ଅଞ୍ଚଳ ହୋଇଥାଏ । ଶ୍ରୀକ୍ଷେତ୍ର ବର୍ଷସାରା ବିଭିନ୍ନ ଲୀଳା ଉତ୍ସବର କେନ୍ଦ୍ରବିନ୍ଦୁ ହେଉଥିବାରୁ ଏକ ଲୀଳାମୟ ଧାମ ରୂପେ ଲୀଳାମୟଙ୍କର ଲୀଳାଖେଳାକୁ ବହନ କରି ଆସିଥାଏ ।

---

ନିର୍ମଳ କୁଟୀର,
କୋଳିସାହି, କଟକ

# ଶ୍ରୀରାମାନୁଜ ଓ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ

ଶ୍ରୀ ଉଦୟଚନ୍ଦ୍ର ମିଶ୍ର

ଗୀତାରେ ବର୍ଣ୍ଣିତ ଅଛି, ଯେତେବେଳେ ଧର୍ମର ଗ୍ଳାନି ହୁଏ ଧର୍ମର ପୁନଃ ସଂସ୍ଥାପନ ପାଇଁ ସେତେବେଳେ ସ୍ୱୟଂ ଭଗବାନ ଭାରତରେ ଅବତୀର୍ଣ୍ଣ ହୋଇ ଧର୍ମକୁ ଏବଂ ମାନବ ସମାଜକୁ ରକ୍ଷା କରନ୍ତି। ଉଦାହରଣ ସ୍ୱରୂପ ବୁଦ୍ଧଙ୍କ ପରେ ଶୈବ ଧର୍ମ ଯେତେବେଳେ ଦିଗହରା ହୋଇ ପଡ଼ିଲା ସେତେବେଳେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ପୁଣ୍ୟଭୂମି ଭାରତରେ ଆବିର୍ଭୂତ ହୋଇ ହିନ୍ଦୁଧର୍ମର ପୁନଃ ପ୍ରତିଷ୍ଠା କରିଥିଲେ। କିନ୍ତୁ ଶଙ୍କରଙ୍କ ପରେ ତାଙ୍କ ପ୍ରବର୍ତ୍ତିତ "ଅହଂବ୍ରହ୍ମୋସ୍ମି" ବାକ୍ୟର ଭରସା କରି ଅନେକ ସନ୍ନ୍ୟାସୀ ବେଶଧାରୀ ବ୍ୟକ୍ତି ନିଜର ସ୍ୱାର୍ଥସାଧନ ନିମନ୍ତେ ପୁନର୍ବାର ହିନ୍ଦୁ ଧର୍ମକୁ କଳୁଷିତ କଲେ। ଏଣୁ ସନାତନ ହିନ୍ଦୁ ଧର୍ମର ପୁନଃ ସଂସ୍କାର ପାଇଁ ମହାପୁରୁଷ ରାମାନୁଜ ଏକାଦଶ ଶତାବ୍ଦୀରେ ଧରାପୃଷ୍ଠରେ ଆବିର୍ଭୂତ ହେଲେ।

ଯୋଗଜନ୍ମା ରାମାନୁଜ ଖ୍ରୀ: ୧୦୧୭ରେ ଆଧୁନିକ ତାମିଲନାଡୁର ଶ୍ରୀପେରମ୍ବୁଦୁରଠାରେ ଜନ୍ମ ଗ୍ରହଣ କରିଥିଲେ। ସେ ଅଳ୍ପ ବୟସରେ ତାମିଲି ବେଦ ତିରୁବାଇମୁଡ଼ିର ୪୦୦୦ ଶ୍ଳୋକକୁ ମାତ୍ର ୭ ମାସ ମଧ୍ୟରେ ଆୟତ୍ତ କରି ପାରିଥିଲେ। ଶ୍ରୀରଙ୍ଗମ ସ୍ଥିତ ଶ୍ରୀରଙ୍ଗନାଥଜୀ ମଠର ଆଚାର୍ଯ୍ୟ ଏବଂ ବୈଷ୍ଣବ ସମାଜର ମୁଖ୍ୟ ମଠାଧୀଶ ପଦ ଅଳଙ୍କୃତ କରିବା ପରେ ସେ ବୈଷ୍ଣବ ଧର୍ମର ପ୍ରଚାର ଏବଂ ପ୍ରସାର ନିମନ୍ତେ ନିଜକୁ ଉତ୍ସର୍ଗ କରିଥିଲେ। ତାଙ୍କ ଦ୍ୱାରା ପ୍ରବର୍ତ୍ତିତ ଶ୍ରୀବୈଷ୍ଣବ ମତବାଦ ବିଶିଷ୍ଟ ଦ୍ୱୈତବାଦ ନାମରେ ସୁପରିଚିତ। ଏହି ମତବାଦର ପ୍ରତିଷ୍ଠା ନିମନ୍ତେ ସେ ଭାରତ ଭ୍ରମଣ ବା ଦିଗ୍‌ବିଜୟରେ ବାହାରିଥିଲେ। ଶ୍ରୀରଙ୍ଗମରୁ କୁମ୍ଭକୋଣମ୍, ମଦୁରା, କେରଳ, ଦ୍ୱାରକା, ମଥୁରା, ବଦରିକାଶ୍ରମ, ଶ୍ରୀସାରଦା ପୀଠ, କାଶୀ ଇତ୍ୟାଦି ପରିଦର୍ଶନ କରି ସ୍ୱୀୟ ପାଣ୍ଡିତ୍ୟ ବଳରେ ସେ ବଡ଼ବଡ଼ ପଣ୍ଡିତମାନଙ୍କୁ ଯୁକ୍ତି ବଳରେ ପରାସ୍ତ କରି ଶ୍ରୀବୈଷ୍ଣବ ମତବାଦକୁ ପ୍ରତିଷ୍ଠିତ କରି ପାରିଥିଲେ।

## ପୁରୀରେ ପଦାର୍ପଣ

ହିନ୍ଦୁଧର୍ମର ତିନିଟି ଧାମ ପରିଦର୍ଶନ ପରେ ସର୍ବଶେଷରେ ରାମାନୁଜ ପୁରୁଷୋତ୍ତମ କ୍ଷେତ୍ର ପୁରୀରେ ପଦାର୍ପଣ କରିଥିଲେ। ଏହି ସମୟଟି ଓଡ଼ିଶା ଇତିହାସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ କଳିଙ୍ଗ ନଗରର ଗଙ୍ଗ ବଂଶୀୟ ମହାରାଜା ଅନନ୍ତବର୍ମା ଚୋଡ଼ଗଙ୍ଗଦେବ ଉତ୍କଳ ଅଧିକାର କରିଥିଲେ। ସେ ଓଡ଼ିଶାର ବହୁଳାଞ୍ଚଳ, ଆନ୍ଧ୍ର ପ୍ରଦେଶର କିଛି ଅଂଶକୁ ଜୟ କରି ବୃହତ୍ ସାମ୍ରାଜ୍ୟ ଗଠନ କରିଥିଲେ। ତାଙ୍କ ସମୟରେ ପୁରୀ ଜଗନ୍ନାଥ ମନ୍ଦିରର ପୁନଃ ନିର୍ମାଣ ଏବଂ ରୀତିନୀତିର ପୁନଃ ବିନ୍ୟାସ ଘଟିଥିଲା। ଚୋଡ଼ଗଙ୍ଗଦେବଙ୍କର ଦାକ୍ଷିଣାତ୍ୟ ସହିତ ଘନିଷ୍ଠ ସମ୍ପର୍କ ରହିଥିଲା ଏବଂ ରାମାନୁଜଙ୍କୁ ସେ ସସମ୍ମାନ ପୁରୀକୁ ସ୍ୱାଗତ ଜଣାଇଥିଲେ। ରାମାନୁଜ କିଛିକାଳ ପୁରୀରେ ଅବସ୍ଥାନ କରିଥିଲେ ଏବଂ ଶ୍ରୀବୈଷ୍ଣବବାଦର ଅନେକ ରୀତିନୀତି ଶ୍ରୀମନ୍ଦିରରେ ପ୍ରବେଶ କରାଇବାରେ ସକ୍ଷମ ହୋଇପାରିଥିଲେ।

## ଲକ୍ଷ୍ମୀ ମନ୍ଦିର ସ୍ଥାପନ

ରାମାନୁଜଙ୍କ ସମ୍ପ୍ରଦାୟ ଶ୍ରୀ ସମ୍ପ୍ରଦାୟ ନାମରେ ପରିଚିତ। ଲକ୍ଷ୍ମୀଙ୍କର ଅନ୍ୟ ନାମ "ଶ୍ରୀ" ଏବଂ ଏହି ସମ୍ପ୍ରଦାୟର ଉପାସ୍ୟ ଦେବତା ହେଉଛନ୍ତି ଶ୍ରୀଶ୍ରୀଲକ୍ଷ୍ମୀନାରାୟଣ। ଏଣୁ ଏହି ଗୋଷ୍ଠୀର ଭକ୍ତମାନେ ସୀତାରାମ, କୃଷ୍ଣରୁକ୍ମିଣୀ, ଲକ୍ଷ୍ମୀନୃସିଂହ ପ୍ରଭୃତି ଯୁଗଳ ମୂର୍ତ୍ତିଙ୍କୁ ପୂଜା କରିଥାନ୍ତି। ରାମାନୁଜଙ୍କ ଆଗମନ ପୂର୍ବରୁ ଶ୍ରୀମନ୍ଦିରରେ କେବଳ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା ପୂଜା ପାଉଥିଲେ, କିନ୍ତୁ ଲକ୍ଷ୍ମୀଙ୍କ ମନ୍ଦିର ନଥିଲା। ରାମାନୁଜଙ୍କ ପ୍ରଯତ୍ନରେ ଶ୍ରୀବୈଷ୍ଣବ ମତ ଅନୁଯାୟୀ ଶ୍ରୀମନ୍ଦିରର ବେଢ଼ା ମଧ୍ୟରେ ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ହେଲା। ପୁରୀ ଶ୍ରୀକ୍ଷେତ୍ର ନାମରେ ପରିଚିତ ହେଲା। ଲକ୍ଷ୍ମୀ ମନ୍ଦିରର ପ୍ରବେଶ ପ୍ରକୋଷ୍ଠ ଗାତ୍ରରେ ଏବେବି ଶିଷ୍ୟଗଣ ପରିବେଷ୍ଟିତ ରାମାନୁଜଙ୍କ ରେଖାଚିତ୍ର ଅଙ୍କା ଯାଇଥିବା ଦେଖାଯାଏ। ମନ୍ଦିର ଗାତ୍ରରେ ଲକ୍ଷ୍ମୀନୃସିଂହଙ୍କ ଯୁଗଳ ଚିତ୍ର ମଧ୍ୟ ଶୋଭା ପାଏ।

## ଊର୍ଦ୍ଧ୍ୱ ପୁଣ୍ଡ୍ର ଚିତା

ଦ୍ୱାଦଶ ତିଳକ ବୈଷ୍ଣବମାନଙ୍କର ପରମ କର୍ତ୍ତବ୍ୟ। ରାମାନୁଜୀୟମାନେ ଊର୍ଦ୍ଧ୍ୱ ପୁଣ୍ଡ୍ର ମଧ୍ୟରେ ସାର ଦେଇ ରକ୍ତ ରେଖା ମଧ୍ୟ କରନ୍ତି। ଏହି ରକ୍ତ ବର୍ଣ୍ଣ ମଧ୍ୟ ରେଖା ଲକ୍ଷ୍ମୀ ସ୍ୱରୂପିଣୀ। ତିରୁପତି ଭଳି ଦକ୍ଷିଣ ଭାରତର ସମସ୍ତ ବିଷ୍ଣୁ ମନ୍ଦିରରେ ଏବଂ ବିଷ୍ଣୁ ପୂଜକମାନଙ୍କ କପାଳରେ ଏହି ଚିତା ବିଶିଷ୍ଟ ଆକାରରେ ଅଙ୍କା ଯାଇଥାଏ। ଶ୍ରୀମନ୍ଦିରର ନୀଳଚକ୍ର ତଳେ ବଧ୍ୟନଗତି ଉପରେ ସୁଶୋଭିତ ଊର୍ଦ୍ଧ୍ୱ ପୁଣ୍ଡ୍ର ରକ୍ତ ବର୍ଣ୍ଣ ତିଳକ ଭକ୍ତର ମନକୁ ବହୁ ଦୂରରୁ ଆକର୍ଷିତ କରେ। ଏହି ଚିତା ରାମାନୁଜଙ୍କ ଦ୍ୱାରା ପ୍ରବର୍ତ୍ତିତ।

## ସାର୍ବଜନୀନ ବୈଷ୍ଣବ ଧର୍ମ

ରାମାନୁଜ ବୈଷ୍ଣବ ଧର୍ମକୁ ସାର୍ବଜନୀନ କରିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପଣ୍ଡିତ ପାର୍ଥସାରଥୀଙ୍କ କୃତି ରାମାନୁଜାଚାର୍ଯ୍ୟରେ ଏ

ସମ୍ପର୍କିତ ଏକ ସୁନ୍ଦର କିମ୍ବଦନ୍ତୀର ବର୍ଣ୍ଣନା ଅଛି । ଥରେ ରାମାନୁଜାଚାର୍ଯ୍ୟ ପାଣ୍ଡ୍ୟ ଦେଶ ଦେଇ ଯାତ୍ରା କରୁଥିବା ସମୟରେ ତାଙ୍କର ଜଣେ ଶିଷ୍ୟ ରାସ୍ତାରେ ଠିଆ ହୋଇଥିବା ଜଣେ ଅଛୁଆଁ ନାରୀକୁ ଘୁଞ୍ଚି ଯିବାକୁ କହିଲେ । ନାରୀଟି ପ୍ରଶ୍ନ କଲା, "ସମଗ୍ର ବିଶ୍ୱ ଯଦି ଭଗବାନଙ୍କ ପବିତ୍ର ଆବାସ ସ୍ଥଳୀ ହୁଏ, କହନ୍ତୁ ମୁଁ କେଉଁ ଆଡ଼କୁ ଘୁଞ୍ଚିଗଲେ ଆପଣମାନଙ୍କୁ ଅପବିତ୍ରତା ସ୍ପର୍ଶ କରିବ ନାହିଁ ।" ରାମାନୁଜ ଏହା ଶୁଣି ଶିଷ୍ୟଟିକୁ କହିଲେ, ଦେଖ ବିଶୁଦ୍ଧ ବୈଷ୍ଣବବାଦ କ'ଣ ଏ ନାରୀଟି ତୁମକୁ ଶିକ୍ଷା ଦେଲା । ସେ ତିରୁ ନାରାୟଣ, ମେଲ୍‌କୋଟା ପ୍ରଭୃତିର ବିଷ୍ଣୁ ମନ୍ଦିରମାନଙ୍କରେ ଅସ୍ପୃଶ୍ୟମାନଙ୍କର ପ୍ରବେଶ ପ୍ରଥା ପ୍ରଚଳନ କରିଥିଲେ । ଅଷ୍ଟ ମାତ୍ରାର ମନ୍ତ୍ର "ଓଁ ନମୋ ନାରାୟଣ"କୁ ବ୍ୟାଖ୍ୟା କରି ସେ କହିଥିଲେ ନିତ୍ୟ ନମସ୍କରଣୀୟ ସୂର୍ଯ୍ୟ ନାରାୟଣଙ୍କଠାରୁ ଆରମ୍ଭ କରି ସେବ୍ୟ ଏବଂ ପରିତୋଷ୍ୟ ଦରିଦ୍ର ନାରାୟଣ ଯାଏ ସମଷ୍ଟି ବିଶ୍ୱ ପାଇଁ ବୈଷ୍ଣବ ସଚେତନ ରହିବା ଉଚିତ । ବ୍ରାହ୍ମଣଠାରୁ ଚଣ୍ଡାଳ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସମସ୍ତଙ୍କ ପ୍ରବେଶ, ଦର୍ଶନ ଏବଂ ପ୍ରସାଦ ସେବନର ପରମ୍ପରାକୁ ପ୍ରତିଷ୍ଠିତ କରିବାରେ ରାମାନୁଜଙ୍କ ଏହି ଚିନ୍ତାଧାରାର ଅବଦାନକୁ ଅସ୍ୱୀକାର କରାଯାଇ ପାରେନା । ଦରିଦ୍ର ନାରାୟଣ ଏବଂ ଭକ୍ତଜନଙ୍କ ପାଇଁ ସେ ତିରୁପତି, ଗୋବିନ୍ଦରାଜ ପ୍ରଭୃତି ମନ୍ଦିରରେ ଅନ୍ନ ଭୋଗ ଏବଂ ବିତରଣର ବ୍ୟବସ୍ଥା ପ୍ରଚଳନ କରିଥିଲେ । ଶ୍ରୀମନ୍ଦିରର ବେଢ଼ାରେ ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ସହ ଅନ୍ନ ଭୋଗର ପ୍ରଚଳନ ମଧ୍ୟ ତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ବୋଲି ଜଣାଯାଏ । ସେହିପରି ଜଗନ୍ନାଥଙ୍କ ମହାପ୍ରସାଦ ରନ୍ଧନ ଓ ପରିବେଷଣ ପାତ୍ରକୁ କୁଡୁଆ କୁହାଯାଏ । ଡଃ ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ଏହି ଶବ୍ଦଟି ଦାକ୍ଷିଣାତ୍ୟର ଦ୍ରାବିଡ଼ ଭାଷା "କୁଡୁ" କିମ୍ବା "କାଡ୍ରା" ଶବ୍ଦରୁ ଜାତ (ଓଡ଼ିଆ ଭାଷାର ଉପଭାଷା ପୃ-୧୯) । ଏଣୁ ରାମାନୁଜଙ୍କ ସମୟରୁ ଅନ୍ନ ପ୍ରସାଦ ବା ମହାପ୍ରସାଦର ସାର୍ବଜନୀନ ସେବନ ଏବଂ "ଆନନ୍ଦ ବଜାର"ର ସ୍ଥାପନ ହୋଇଥିବା ସମ୍ଭବ ।

## ସୁଦର୍ଶନଙ୍କ ପୂଜା ପରମ୍ପରା

ପ୍ରବାଦ ଅଛି ରାମାନୁଜ ତିରୁପତିଙ୍କୁ ସୁଦର୍ଶନ ଚକ୍ର ପ୍ରଦାନ କରିଥିଲେ । ଏଥି ସମ୍ପର୍କରେ ଡଃ କ୍ରିଷ୍ଣସ୍ୱାମୀ ଆୟଙ୍ଗାରଙ୍କ "Vaishnava Reformers of India (P-19)"ରେ ବର୍ଣ୍ଣିତ ଘଟଣାଟି ଏଠାରେ ଉପସ୍ଥାପନା କରିବା ଯଥାର୍ଥ ମନେହୁଏ ॥ ବାଲାଜୀଙ୍କ ମୂର୍ତ୍ତିକୁ ଏକଦା ଶୈବମାନେ ଶିବ ମୂର୍ତ୍ତି ଏବଂ ବୈଷ୍ଣବମାନେ ବିଷ୍ଣୁ ମୂର୍ତ୍ତି ବୋଲି ଦାବୀ କରିବାରୁ ଏକ ବିବଦମାନ ପରିସ୍ଥିତି ସୃଷ୍ଟି ହେଲା । ରାମାନୁଜ ଏହି ବିବାଦର ସମାଧାନ କରିଥିଲେ । ତାଙ୍କରି ନିର୍ଦ୍ଦେଶରେ ଉଭୟ ଶିବ ଏବଂ ବିଷ୍ଣୁ ଆୟୁଧଗୁଡ଼ିକୁ ଗର୍ଭ ଗୃହରେ ସ୍ଥାପନ କରି ଦ୍ୱାର ରୁଦ୍ଧ କରି ଦିଆଗଲା । ପରବର୍ତ୍ତୀ ସମୟରେ ମନ୍ଦିର ଦ୍ୱାର ଖୋଲନ୍ତେ ଦେଖାଗଲା ବିଗ୍ରହ ଚକ୍ର ଧାରଣ କରିଛନ୍ତି । ସେହିଦିନଠାରୁ ତିରୁପତି ଏକ ବିଷ୍ଣୁ କ୍ଷେତ୍ର ରୂପେ ସ୍ୱୀକୃତି ପାଇ ଆସିଛି । ବାଲାଜୀଙ୍କ ନବଦିନ ବ୍ୟାପୀ ବିଶିଷ୍ଟ ପର୍ବ "ବ୍ରହ୍ମୋତ୍ସବ" ସମୟରେ ସୁଦର୍ଶନ ଚକ୍ର ମଧ୍ୟ ବାଲାଜୀ, ଶ୍ରୀଦେବୀ ଏବଂ ଭୂଦେବୀଙ୍କ ପାର୍ଶ୍ୱରେ ରହି ସମ ଭାବରେ ପୂଜା ପାଆନ୍ତି । ପୁରୀ ମନ୍ଦିରରେ ମଧ୍ୟ ସୁଦର୍ଶନ ଜୀଉମାନଙ୍କ ସହ ପୂଜା ପାଇବା ସଙ୍ଗେ ସଙ୍ଗେ ରଥଯାତ୍ରା ସମୟରେ ଜଗନ୍ନାଥଙ୍କ ସହ ଘୋଷଯାତ୍ରାରେ ସମ୍ପୃକ୍ତ ହୁଅନ୍ତି । କହିବା ବାହୁଲ୍ୟ ଯେ ଜଗନ୍ନାଥଙ୍କ ଅନେକ ପର୍ବପର୍ବାଣୀରେ ଶ୍ରୀଦେବୀ ଏବଂ ଭୂଦେବୀଙ୍କ ପୂଜା, ଆରାଧନା ରାମାନୁଜଙ୍କ ଶ୍ରୀବୈଷ୍ଣବ ମତବାଦର ପ୍ରଭାବରୁ ଉଦ୍ଭୁତ ।

## ମଠ ସ୍ଥାପନ

ଶଙ୍କରାଚାର୍ଯ୍ୟ ଯେପରି ପୁରୀରେ ଗୋବର୍ଦ୍ଧନ ମଠ ସ୍ଥାପନ କରିଥିଲେ ରାମାନୁଜ ସେହିପରି ପୁରୀରେ ଏମାର ମଠ, ଜୀଅର ମଠ, ତିରୁମଲ ମଠ ସ୍ଥାପନ କରିଥିଲେ । ଏହି ମଠଗୁଡ଼ିକ ଶ୍ରୀବୈଷ୍ଣବ ମତବାଦର ପୃଷ୍ଠପୋଷକତା ଏ ଯାବତ୍ କରି ଆସୁଛନ୍ତି ।

## ପତିତପାବନ

ସାରା ଭାରତର ବିଷ୍ଣୁ କ୍ଷେତ୍ରମାନଙ୍କ ମଧ୍ୟରେ ସମନ୍ୱୟର କଳ୍ପନା ମଧ୍ୟ ରାମାନୁଜ କରିଥିଲେ । ସେ ଶ୍ରୀରଙ୍ଗମ୍‌ର ମଠାଧୀଶ ଥିବା ସମୟରେ କୁବେର ନାମକ ଜଣେ ଯବନ ଶ୍ରୀରଙ୍ଗଙ୍କ ପାଖରେ ଶରଣାପନ୍ନ ହୋଇ ତାଙ୍କୁ ଉଦ୍ଧାର କରିବା ପାଇଁ ପ୍ରାର୍ଥନା ଜଣାଇଥିଲେ । କିନ୍ତୁ ଶ୍ରୀରଙ୍ଗନାଥ ସ୍ୱପ୍ନରେ ତାଙ୍କୁ ଉପଦେଶ ଦେଇ କହିଥିଲେ–

> "ପ୍ରପନ୍ନ ମୋକ୍ଷଦାନେଽହଂ ଦୀକ୍ଷିତୋ ଯବନେଶ୍ୱର
> ପତିତାନାଂ ମୋକ୍ଷ ଦାନେ ଜଗନ୍ନାଥଃ ପ୍ରଦୀକ୍ଷିତଂ ।"

ଅର୍ଥାତ୍ ହେ ଯବନେଶ୍ୱର, ମୁଁ ଶରଣାଗତ ବୈଷ୍ଣବମାନଙ୍କର ମୋକ୍ଷ ଦାନର ଅଧିକାରୀ କିନ୍ତୁ ପତିତମାନଙ୍କର ଉଦ୍ଧାର ପାଇଁ କେବଳ ଜଗନ୍ନାଥ ହିଁ ଅଧିକାରୀ । କୁବେର ପରବର୍ତ୍ତୀ ସମୟରେ ଶ୍ରୀକ୍ଷେତ୍ର ଆସି ଜଗନ୍ନାଥଙ୍କୁ ଦର୍ଶନ କରି ମୋକ୍ଷ ଲାଭ କରିଥିଲେ । ଶ୍ରୀକ୍ଷେତ୍ରକୁ ପତିତପାବନ କ୍ଷେତ୍ର ଭାବେ ସ୍ୱୀକୃତି ଏହି କାଳରୁ ମିଳିଥିଲା ଯାହାକୁ ସାଲବେଗ ଭଳି ଭକ୍ତମାନେ ପରବର୍ତ୍ତୀ ସମୟରେ ପୁନଃ ପ୍ରମାଣିତ କରିଥିଲେ ।


ଶ୍ରୀରାମାନୁଜ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରୁଥିବା ସମୟରେ ଶ୍ରୀମନ୍ଦିରର ନୀତି ବିଷୟରେ ସେବକମାନଙ୍କ ସହିତ ତାଙ୍କର ମତଭେଦ ଘଟିଥିଲା । ବିଶେଷ କରି ଦଇତାପତିମାନଙ୍କର ଏବଂ ବ୍ରାହ୍ମଣମାନଙ୍କର ଜଗନ୍ନାଥଙ୍କ ପୂଜା ପଦ୍ଧତିରେ ରହିଥିବା ସମାନ ଭୂମିକା ତାଙ୍କର ପସନ୍ଦ ଯୋଗ୍ୟ ହୋଇ ନଥିଲା । ଏଣୁ ସେ ଜୀଉମାନଙ୍କର ପୂଜା ପଦ୍ଧତିରେ କିଛି ସଂସ୍କାରର ପ୍ରସ୍ତାବ ଦେଇ ଥିଲେ । ସେବକମାନେ ସେଥି ପ୍ରତି କର୍ଣ୍ଣପାତ ନକରିବାରୁ ସେ ଏହି ବିଷୟ ପ୍ରତି ରାଜାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ସେବକମାନେ ଏଥିରେ ପ୍ରମାଦ ଗଣିଲେ । ସେମାନେ ଜଗନ୍ନାଥଙ୍କର ଶରଣାପନ୍ନ ହୋଇ ସେମାନଙ୍କୁ ରକ୍ଷା କରିବା ପାଇଁ ପ୍ରାର୍ଥନାକଲେ । କିମ୍ବଦନ୍ତୀ କହେ ଜଗନ୍ନାଥ ଗରୁଡ଼ଙ୍କ ସହାୟତାରେ ରାମାନୁଜ ଏବଂ ତାଙ୍କର ଶିଷ୍ୟମାନଙ୍କୁ ରାତିକ ମଧ୍ୟରେ ଶ୍ରୀକ୍ଷେତ୍ରରୁ ଶ୍ରୀକୂର୍ମମ୍‌କୁ ସ୍ଥାନାନ୍ତରିତ କରିଥିଲେ ।

କିମ୍ବଦନ୍ତୀଟିରୁ କିଛି ଐତିହାସିକ ସତ୍ୟର ସନ୍ଧାନ ମଧ୍ୟ ମିଳିଥାଏ । ଏଥିରୁ ଜଣାପଡ଼େ ଯେ ରାମାନୁଜଙ୍କର ଅନେକ ସଂସ୍କାରକୁ ଗ୍ରହଣ କରାଯାଇଥିଲେ ମଧ୍ୟ ଯେତେବେଳେ ସେ ଜଗନ୍ନାଥ ତତ୍ତ୍ୱର ମୂଳ ସ୍ୱରୂପକୁ ସ୍ପର୍ଶ କରିବାକୁ ଚେଷ୍ଟା କରିଥିଲେ ସେତେବେଳେ ତାହା ଗ୍ରହଣଯୋଗ୍ୟ ହୋଇ ପାରି ନଥିଲା ।

ତଥାପି ପୁରୁଷୋତ୍ତମ କ୍ଷେତ୍ରକୁ ଶ୍ରୀକ୍ଷେତ୍ରରେ ପରିଣତ କରିବା ଦିଗରେ ରାମାନୁଜଙ୍କର ଏବଂ ଶ୍ରୀବୈଷ୍ଣବ ମତବାଦର ଉଲ୍ଲେଖନୀୟ ଭୂମିକାକୁ ଅସ୍ୱୀକାର କରାଯାଇ ପାରେନା । ଏହାର ଗଭୀର ପ୍ରଭାବ ବହୁଦିନ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ହୋଇ ରହି ଆସିଥିଲା । ଶ୍ରୀଚୈତନ୍ୟଙ୍କ ଆଗମନ ପରେ ଗୌଡ଼ୀୟ ବୈଷ୍ଣବ ଧର୍ମର ଧାରା ଜଗନ୍ନାଥ ତତ୍ତ୍ୱକୁ କୃଷ୍ଣତତ୍ତ୍ୱ ଏବଂ ଭକ୍ତିମାର୍ଗ ଆଡ଼କୁ ଟାଣି ନେଇଥିଲା ।

---

ସୋମବାର ହାଟ ସାହି,
ଜୟପୁର, ଜି: କୋରାପୁଟ–୭୬୪୦୦୩



# ଶ୍ରୀଜଗନ୍ନାଥ ଓ ଶୈବଧର୍ମ

ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ

ଉତ୍କଳର ଆଧ୍ୟାତ୍ମିକ ତଥା ସାଂସ୍କୃତିକ ଜୀବନର କେନ୍ଦ୍ରବିନ୍ଦୁ ଜଗନ୍ନାଥଙ୍କ ଦର୍ଶନ ଏବେ ମଧ୍ୟ ରହସ୍ୟାବୃତ। ଆଦ୍ୟରେ ଶବର ଉପଜାତିର ଠାକୁର ଭାବେ ପୂଜା ପାଉଥିବା ଶ୍ରୀଜଗନ୍ନାଥ ପରେ ପରେ ଶୈବ, ଶାକ୍ତ, ଜୈନ, ବୌଦ୍ଧ ଇତ୍ୟାଦି ପ୍ରତ୍ୟେକ ସମ୍ପ୍ରଦାୟ ଦ୍ୱାରା ପୂଜିତ ହେଲେ। ଶ୍ରୀଜଗନ୍ନାଥଙ୍କୁ ବୈଷ୍ଣବମାନେ ବିଷ୍ଣୁ, ଶୈବମାନେ ଭୈରବ, ଶାକ୍ତମାନେ ଶକ୍ତି, ବୌଦ୍ଧମାନେ ବୁଦ୍ଧ, ଜୈନମାନେ ଋଷଭଦେବ ରୂପେ ପରିକଳ୍ପନା କରିଛନ୍ତି।

ଶ୍ରୀଜଗନ୍ନାଥ ଏବଂ ଶୈବଧର୍ମ ସମ୍ପର୍କରେ ଆଲୋକପାତ କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ। ଶ୍ରୀମନ୍ଦିର ପୂଜା ପଦ୍ଧତିକୁ ଅନୁଧ୍ୟାନ କଲେ ଶୈବଧର୍ମ କିପରି ଜଗନ୍ନାଥ ଧର୍ମ ଓ ସଂସ୍କୃତିକୁ ପ୍ରଭାବିତ କରିଛି—ତାହା ସ୍ପଷ୍ଟ ରୂପେ ଜଣା ପଡ଼େ।

ଶୈବଧର୍ମ ଭାରତର ଅତି ପ୍ରାଚୀନ ଧର୍ମ। ଓଡ଼ିଶାରେ ଲିଙ୍ଗପୂଜା ଅତି ପ୍ରାଚୀନ ଏବଂ ଏଠାରେ ସର୍ବତ୍ର ହଜାର ହଜାର ଶିବ ମନ୍ଦିର ବିଦ୍ୟମାନ। ଖ୍ରୀ: ୧୩ଶ ଶତାବ୍ଦୀରୁ ଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ସହ ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା। ଏହି ତ୍ରିମୂର୍ତ୍ତି ପୂଜା ପାଇଲେ ଏବଂ ସେମାନେ ପରିଚିତ ହେଲେ ଶିବ (ବଳରାମ), ଦୁର୍ଗା (ସୁଭଦ୍ରା) ଏବଂ ବିଷ୍ଣୁ(ଶ୍ରୀଜଗନ୍ନାଥ) ଭାବେ। ସେ ପୁଣି ପରିକଳ୍ପିତ ହେଲେ ଶିବ, ବ୍ରହ୍ମା ଓ ବିଷ୍ଣୁ ରୂପେ। ଯିଏ ଶ୍ରୀଜଗନ୍ନାଥ, ସେ ପୁଣି ଶିବ। ଉଭୟେ ଏକ ଓ ଅଭିନ୍ନ। ତେଣୁ କୁହାଗଲା—

> "ଯୋ ରୁଦ୍ରଃ ସୋଽସ୍ୱୟଂ ବିଷ୍ଣୁ ଯୋ ବିଷ୍ଣୁ ସୋ ମହେଶ୍ୱରଃ
> ଉଭୟୋରନ୍ତରଂ ନାସ୍ତି ପବନାକାଶ ସୋରିବଃ ।"

ଏହାର ସୁସ୍ପଷ୍ଟ ପ୍ରମାଣ ଆମେ ଲିଙ୍ଗରାଜ ମନ୍ଦିରରେ ପାଇ ପାରିବା। ଲିଙ୍ଗରାଜ ମନ୍ଦିରରେ କୃତିବାସ ଲିଙ୍ଗରାଜଙ୍କୁ'ଓ ନମଃ ଶିବାୟ' ମନ୍ତ୍ରରେ ଭୋଗ ଲଗାଇବା ପରେ ବିଷ୍ଣୁଙ୍କୁ ସମର୍ପଣ କରାଯାଏ। ସୁତରାଂ ଲିଙ୍ଗରାଜ ମନ୍ଦିରର ପ୍ରସାଦକୁ ପ୍ରସାଦ ନକହି ମହାପ୍ରସାଦ କୁହାଯାଏ ଏବଂ ଲିଙ୍ଗରାଜ ହରିହର ମୂର୍ତ୍ତି ରୂପେ ବିବେଚିତ ହୁଅନ୍ତି।

ଐତିହାସିକମାନଙ୍କ ମତରେ ସୋମବଂଶୀ ରାଜତ୍ୱ କାଳରେ ଭୈରବ ଉପାସନା ଆରମ୍ଭ ହେଲା ଏବଂ ଶ୍ରୀଜଗନ୍ନାଥ ଭୈରବ ଓ ବିମଳା ଭୈରବୀ ନାମରେ ପରିକଳ୍ପିତ ହେଲେ। ସୋମବଂଶୀ ରାଜାମାନେ ଉଭୟ ଶୈବ ଓ ଶାକ୍ତ ଧର୍ମର ପୃଷ୍ଠପୋଷକ ଥିଲେ। ସେମାନେ ଭଦ୍ରକାଳିକା ବା ଭଦ୍ରଅମ୍ବିକା ଉପାସକ ଥିଲେ। ସମୟ କ୍ରମେ ଏହି ଭଦ୍ରକାଳିକା ବା ଭଦ୍ରଅମ୍ବିକାଙ୍କ ଉପାସନା ଶ୍ରୀମନ୍ଦିରରେ ପ୍ରବେଶ କଲା ଏବଂ ଏହିଠାରୁ ଦେବୀ ସୁଭଦ୍ରାଙ୍କ ପରିକଳ୍ପନା। ଅନୁମାନ କରାଯାଏ ଯେ ରାମାନୁଜଙ୍କ ପୂର୍ବରୁ ଜଗନ୍ନାଥଙ୍କୁ ଭୈରବ ରୂପେ ଉପାସନା କରାଯାଉଥିଲା। ତେଣୁ ତନ୍ତ୍ରଶାସ୍ତ୍ରରେ ଉଲ୍ଲେଖ ଅଛି—'ଜଗନ୍ନାଥସ୍ତୁ ଭୈରବ'। ଭୈରବ କହିଲେ ଶିବଙ୍କୁ ହିଁ ବୁଝାଯାଏ। ସୁତରାଂ ଯିଏ ବଳଭଦ୍ର ସିଏ ଶ୍ରୀଜଗନ୍ନାଥ। ସ୍କନ୍ଦ ପୁରାଣ ଉତ୍କଳଖଣ୍ଡ ଏହି ମତ ପୋଷଣ କରେ।

ଲିଙ୍ଗ ଶିବଙ୍କର ପ୍ରତୀକ। ଲଗୁଡ଼ (ବାଡ଼ି/ସ୍ତମ୍ଭ) ଲିଙ୍ଗର ପ୍ରତୀକ ରୂପେ ପୂଜିତ ହୁଏ। ଶ୍ରୀମନ୍ଦିରରେ 'ସୁଦର୍ଶନ' ସ୍ତମ୍ଭ ରୂପେ ବିରାଜିତ। ବୋଧହୁଏ ପୁରୀ ମନ୍ଦିରର 'ସୁଦର୍ଶନ' ଏକଦା ଶିବ ରୂପେ ବଳଭଦ୍ରଙ୍କ ଆୟୁଧ ରୂପେ ପୂଜା ପାଉଥିଲେ। ପୁନଶ୍ଚ ଶିବଙ୍କର ଭୂଷଣ ହେଉଛି ନାଗ। ବଳଭଦ୍ରଙ୍କ ମସ୍ତକରେ ସପ୍ତଫଣୀ ନାଗର ମୁକୁଟ ରହିଛି।

କେହି କେହି ଆଲୋଚକ ମତବ୍ୟକ୍ତ କରନ୍ତି ଯେ ଶିବ ହେଉଛନ୍ତି ଅନାର୍ଯ୍ୟ ଦେବତା। ଶବରମାନେ ଶିବଙ୍କୁ ଆରାଧନା କରୁଥିଲେ। ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡରେ ବର୍ଣ୍ଣିତ ନୀଳମାଧବ ହିଁ ହେଉଛନ୍ତି ଯଥାର୍ଥରେ ଶିବ। ନୀଳ+ମା+ଧବ=ନୀଳମାଧବ। ଶିବଙ୍କ ଅନ୍ୟନାମ ହେଉଛି ନୀଳକଣ୍ଠ। ମା ଶବ୍ଦର ତାନ୍ତ୍ରିକ ବାଖ୍ୟା ହେଉଛି ଦୁର୍ଗା। ଦୁର୍ଗାଙ୍କର ଯିଏ ଧବ ବା ସ୍ୱାମୀ ସେ ହେଉଛନ୍ତି ଶିବ। ସୁତରାଂ ଶବରମାନଙ୍କ ଦ୍ୱାରା ପୂଜିତ ନୀଳମାଧବ ଆଉ କେହି ନୁହନ୍ତି—ସ୍ୱୟଂ ଶିବ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ କୋଣାର୍କ ମନ୍ଦିରସ୍ଥ ଏକ ମୂର୍ତ୍ତି ଫଳକରେ ଶିବଲିଙ୍ଗ ଜଗନ୍ନାଥ ଓ ମହିଷାମର୍ଦ୍ଦିନୀ ଦୁର୍ଗାଙ୍କୁ ଦେଖିବାକୁ ମିଳେ। ଏଠାରେ ଶିବଲିଙ୍ଗ ହେଉଛନ୍ତି ବଳଭଦ୍ର ଓ ଦୁର୍ଗା ହେଉଛନ୍ତି ସୁଭଦ୍ରା। ପୁନଶ୍ଚ ଶ୍ରୀମନ୍ଦିରର ଭୋଗମଣ୍ଡପର ଉତ୍ତରପୂର୍ବ କୋଣରେ ଥିବା ଏକ ଛୋଟିଆ ଫଳକରେ ଶିବଲିଙ୍ଗ ଦୁର୍ଗା ଓ ଜଗନ୍ନାଥଙ୍କ ମୂର୍ତ୍ତି ଅଛି। ଏବେ ମଧ୍ୟ ଶ୍ରୀମନ୍ଦିରରେ ଅସଂଖ୍ୟ ଶିବ ମନ୍ଦିର ଅଛି। ଯଥା ଈଶାନେଶ୍ୱର, ଅଗ୍ନୀଶ୍ୱର, ପାତାଳେଶ୍ୱର, ଧବଳେଶ୍ୱର ଇତ୍ୟାଦି। ଶ୍ରୀମନ୍ଦିରରେ ପ୍ରତିଷ୍ଠିତ ପଞ୍ଚପାଣ୍ଡବ, ଯଥା—ଲୋକନାଥ, ମାର୍କଣ୍ଡେଶ୍ୱର, ଜମ୍ବେଶ୍ୱର, କପାଳମୋଚନ ଓ ନୀଳକଣ୍ଠ ଚନ୍ଦନଯାତ୍ରା ସମୟରେ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ସହ ଜଳକ୍ରୀଡ଼ା କରିଥାନ୍ତି। ଏତଦ୍‌ବ୍ୟତୀତ ଶୈବଧର୍ମର ପ୍ରଭାବ ସ୍ୱରୂପ ଶ୍ରୀମନ୍ଦିରରେ ଶିବରାତ୍ରି, ଶୀତଳଷଷ୍ଠୀ, କୁକୁଟୀବ୍ରତ, ଅଶୋକାଷ୍ଟମୀ ଓ ଋଷିପଞ୍ଚମୀ ଇତ୍ୟାଦି ପାଳିତ ହୁଏ। ଶୀତଳଷଷ୍ଠୀ ଦିନ ଶିବ ଓ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୁଏ। ବିବାହ ପରେ ନବ ବିବାହିତ ବର ଓ

ବନ୍ଧୁଙ୍କୁ ଶ୍ରୀଜଗନ୍ନାଥ ନିମନ୍ତ୍ରଣ କରି ଶ୍ରୀମନ୍ଦିରରେ ସେମାନଙ୍କୁ ପଞ୍ଚତ୍ରାମୀ କରାଇଥାନ୍ତି। ଅପରପକ୍ଷରେ ଚୈତ୍ର ଦ୍ୱାଦଶୀ ଦିନ ଶ୍ରୀଜଗନ୍ନାଥଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ପରେ ମହାପ୍ରଭୁ ଜଗେଶ୍ୱର ମନ୍ଦିରକୁ ଯାଇଥାଆନ୍ତି। ଏଠାରେ ଉଲ୍ଲେଖ କଲେ ଅପ୍ରାସଙ୍ଗିକ ହେବ ନାହିଁ ଯେ ଶ୍ରୀମନ୍ଦିରରେ ପ୍ରବେଶ କଲାବେଳେ ପ୍ରଥମେ କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରିବାକୁ ପଡ଼ିଥାଏ।

ସୁଦୂର ବାଲି, ଜାଭା ଇତ୍ୟାଦି ଦ୍ୱୀପପୁଞ୍ଜରୁ ଯେଉଁ ଶିବୋପାସନା ସମ୍ବନ୍ଧୀୟ ବହୁ ସଂସ୍କୃତ ଗ୍ରନ୍ଥ ମିଳୁଛି, ସେଥିରୁ ସୂଚନା ମିଳୁଛି ଯେ "ଶିବ'ଙ୍କର ଅନ୍ୟ ନାମ ହେଉଛି 'ଜଗନ୍ନାଥ' ବା 'ଜଗନାଟ', ଯାହାର ପ୍ରକୃତ ଅର୍ଥ ହେଉଛି ଜଗତର ଈଶ୍ୱର। ପୁଣି ସେହି ବାଲିଦ୍ୱୀପରେ ବିଷ୍ଣୁଙ୍କର ଦଶମ ଅବତାର ମଧ୍ୟରେ ଶଙ୍ଖ ଚକ୍ରଧାରୀ 'ପୁରୁଷୋତ୍ତମ' ଅନ୍ୟତମ ଅବତାର।

ପ୍ରଥମେ ବଳଭଦ୍ର ଶିବଭାବେ ଏବଂ ସୁଭଦ୍ରା ଦୁର୍ଗା ବା ଶକ୍ତି ଭାବେ ପୂଜା ପାଉଥିଲେ। କ୍ରମଶଃ ଶୈବଧର୍ମ ଓ ଶାକ୍ତ ଧର୍ମ ଉପରେ ବୈଷ୍ଣବ ଧର୍ମର ପ୍ରାଧାନ୍ୟ ହେତୁ ଶିବ ଓ ଦୁର୍ଗାଙ୍କୁ ବୈଷ୍ଣବାୟିତ କରିଦିଆଗଲା। ସେ ଯଥାକ୍ରମେ ବଳଭଦ୍ର (ଜଗନ୍ନାଥଙ୍କ ବଡ଼ଭାଇ) ଏବଂ ସୁଭଦ୍ରା (ବଳଭଦ୍ର ଓ ଜଗନ୍ନାଥଙ୍କ ଭଉଣୀ) ରୂପେ ପରିକଳ୍ପିତ ହେଲେ। ଶୈବ-ବୈଷ୍ଣବ ଧର୍ମର ଏକ ମଧୁର ସମନ୍ୱୟ ଜଗନ୍ନାଥ ଧର୍ମରେ ଦେଖିବାକୁ ମିଳେ। କଥିତ ଅଛି ଯେ ପରମ ବୈଷ୍ଣବ ଶ୍ରୀଚୈତନ୍ୟ ପ୍ରତି ବର୍ଷ ଅକ୍ଷୟତୃତୀୟା ଦିନ କୃତ୍ତିବାସ ଲିଙ୍ଗରାଜଙ୍କୁ ଦର୍ଶନ କରି ଜୟଦେବଙ୍କ ଜନ୍ମପୀଠ କେନ୍ଦୁଲୀ ଗ୍ରାମକୁ ଯାଉଥିଲେ।

ଶୈବଧର୍ମ ଦ୍ୱାଦଶ ଶତାବ୍ଦୀ ବେଳକୁ ଏତେ ଲୋକପ୍ରିୟ ହୋଇ ଉଠିଲା ଯେ ବୈଷ୍ଣବ ଧର୍ମର ଅଭ୍ୟୁତ୍ଥାନ ପରେ ଏହାକୁ ପରିତ୍ୟାଗ କରିବା ଏକ ପ୍ରକାର ଅସମ୍ଭବ ହୋଇଗଲା। ଫଳତଃ ଶୈବ ଧର୍ମ ଓ ବୈଷ୍ଣବ ଧର୍ମର ସମନ୍ୱୟରେ ସୃଷ୍ଟି ହେଲା ନୂତନ ଜଗନ୍ନାଥ ଧର୍ମ।

---

ଅତିରିକ୍ତ ବାଣିଜ୍ୟ କର ଅଧିକାରୀ,
କଟକ-୧, କେନ୍ଦ୍ର ମଣ୍ଡଳ, ଯୋବ୍ରା, କଟକ

# ସ୍ୱଗତୋକ୍ତି

ଡଃ ପ୍ରଭାତ ନଳିନୀ ମହାପାତ୍ର

ମୁଁ ତମକୁ କାହିଁକି ବା ଦୋଷ ଦେବି
ସେ'ତ ମୋର ଭାଗ୍ୟଦୋଷ,
ଯାହା କିଛି ପାଇଲି [illegible] ପାଇଲି ସବୁ
ଚାଲିଯାଏ [illegible] ସବୁକାଳ,
ତମ ଦୋଷ [illegible] ଭରସିବ।
ତମେ ତେଣୁ [illegible], ଯାଜନର
[illegible]।

ତମ [illegible] ବେଳାରେ
ଛୋଟ [illegible] ମୁଁ
[illegible] ମୁଁ ଛୋଟ ଧୂଳିକଣା,
କେଉଁ ଅପରାଧ ବଳେ
ତମ କୃପା ହରାଇଛି
ଅନ୍ଧାରରେ ହେଲି ବାଟବଣା।


କେମିତି ସହିବି ଦୁଃଖ
ମନକୁ ପଥର କରି
ଯଦି ମୋତେ ଦେଲ ନାହିଁ କହି,
ତମ ସିଂହଦ୍ୱାର ପାଖୁ
ଫେରିଯିବି ଚୁପ୍‌ଚାପ୍,
ତମପାଇଁ ଆଉ କିଛି
ଆପତ୍ତି ବା ଅଭିଯୋଗ ନାହିଁ।

ତମ ନୀଳଚକ୍ର ବାନା
ଫର ଫର ଉଡୁଥାଉ
ଆକାଶରେ ଉନ୍ନତ ଗର୍ବରେ
ମୁଁ ପଛେ ପଡିଥାଏ
ଫଟା ଦୀପାଳିଟେ ହୋଇ
ତମର ସେ ପାଟ ଅଗଣାରେ।

---

ଅଧ୍ୟାପିକା, ଓଡ଼ିଆ ବିଭାଗ,
ମହିଳା ମହାବିଦ୍ୟାଳୟ,
ଭଦ୍ରକ।

• • • • • • • • • • •



# ରଥେ ତୁ ବାମନଂ ଦୃଷ୍ଟ୍ୱା

ଅଧ୍ୟାପକ ନୀଳମଣି ପରିଡା

ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ି ଉଠିଛି ଓଡ଼ିଆ ଜାତୀୟ ସଂସ୍କୃତି। ଏକ ମହାନ ଧର୍ମ ଓ ସଂସ୍କୃତିର ସେ ପ୍ରତୀକ। ଅବ୍ୟକ୍ତ, ଅଣାକାର, ଇନ୍ଦ୍ରିୟାତୀତ ଏବଂ ଦାରୁବ୍ରହ୍ମ ଭାବରେ ତାଙ୍କର ପ୍ରସିଦ୍ଧି ରହିଅଛି। ବେଦରେ ଶ୍ରୀଜଗନ୍ନାଥଙ୍କୁ ଅପୌରୁଷେୟ ଦାରୁ ଦେବତା ଭାବରେ ବିଚାର କରାଯାଇଅଛି। ପରମ ରହସ୍ୟ ଓ ଗଣଦେବତା ଭାବରେ ଶ୍ରୀଜଗନ୍ନାଥଙ୍କର ଖ୍ୟାତି ବିଶ୍ୱବ୍ୟାପୀ। ସମଗ୍ର ପୃଥିବୀରେ ସମସ୍ତର ବିବର୍ତ୍ତନ ଓ ଅପ୍ରତିହତ ଧାରାରେ



ବହୁ ମତ ଧର୍ମ ଓ ସଂସ୍କୃତିର ବିଲୟ ଘଟୁଥିବା ବେଳେ ନିଜର ମହାନତା ଓ ଉଦାରତା ଯୋଗୁ ପୃଥିବୀର ଇତିହାସ ଅନୁବର୍ତ୍ତନରେ ଶ୍ରୀଜଗନ୍ନାଥଙ୍କର ପ୍ରସିଦ୍ଧି ଓ ମାହାତ୍ମ୍ୟ ରହିଅଛି। ତାଙ୍କର ନିଜସ୍ୱ ଗୌରବ ପାଇଁ ଭାରତବର୍ଷ ଓ ଭାରତବର୍ଷ ବାହାରେ କଳା, ସଂସ୍କୃତିର ଦେଶ ଓଡ଼ିଶାକୁ ଲୋକେ "ଜଗନ୍ନାଥ ଦେଶ" ଭାବରେ ଜାଣନ୍ତି। ଉତ୍କଳ ଓ ଶ୍ରୀଜଗନ୍ନାଥ, ଶ୍ରୀଜଗନ୍ନାଥ ଓ ଉତ୍କଳ ପରସ୍ପର ଏକ ଓ ଅଭିନ୍ନ। ଗୋଟିକୁ ବାଦ୍ ଦେଇ ଅନ୍ୟଟିର ପରିକଳ୍ପନା କରି ହୁଏନା। ଶ୍ରୀଜଗନ୍ନାଥ ଓଡ଼ିଆର ପ୍ରାଣ।

ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ପ୍ରତିମା ରୂପରେ ବିବେଚନା କରାଯାଉଥିଲେ ହେଁ ପ୍ରକୃତରେ ସେ ପ୍ରତିମା ବିଶେଷ ନୁହନ୍ତି। ବସ୍ତୁତଃ ସେ ପ୍ରତୀକ ରୂପ। ଶ୍ରୀଜଗନ୍ନାଥ ବିଗ୍ରହର ପ୍ରତୀକସତ୍ତା ତାଙ୍କୁ ବିଭିନ୍ନ ସମୟରେ ପ୍ରତିଟି ଉତ୍ସବ ମୁଖର ପର୍ବ ପର୍ବାଣୀରେ ବିଭିନ୍ନ ପ୍ରତିମା ରୂପରେ ପ୍ରକଟିତ ହେବାକୁ ଉପଯୋଗୀ କରେ। ପ୍ରକୃତରେ ପ୍ରତିମା ଏକାର୍ଥକ ବୋଧକ। କିନ୍ତୁ ପ୍ରତୀକ ବହୁ ଅର୍ଥ ଅର୍ଥାନ୍ତର ଯୁକ୍ତ। ସେ ହିଁ ଜୈନ, ବୁଦ୍ଧ, ଶୈବ, ଶାକ୍ତ, ସୌର, ଗାଣପତ୍ୟ, ଶାବରୀ ବିଗ୍ରହ, ରଥାରୂଢ଼ ବାମନ, ସୂର୍ଯ୍ୟ, ରାମ, କୃଷ୍ଣ, ମାଧବ, କାଳୀ, ଭୈରବୀ ଓ ଦେବୀ ଦୁର୍ଗା ରୂପରେ ପୂଜିତ। ଜଗନ୍ନାଥ ବିଗ୍ରହଙ୍କ ଏହି ପ୍ରତୀକସତ୍ତା ତାଙ୍କୁ ସାର୍ବଜନୀନରେ ପରିଣତ କରିଅଛି। ସର୍ବୋ ପରି ହିନ୍ଦୁ ଧର୍ମ ଓ ଦର୍ଶନରେ ତେତିଶ କୋଟି ଦେବତାଙ୍କୁ ଆଧ୍ୟାତ୍ମିକ ମାନ୍ୟତା ଦିଆଯାଇ ଥିଲେ ହେଁ ସୃଷ୍ଟି, ସ୍ଥିତି ଓ ପ୍ରଳୟର ଦେବତା ଭାବରେ ଶ୍ରୀମନ୍ଦିରରେ ସୁଭଦ୍ରା, ଜଗନ୍ନାଥ ଓ ବଳଦେବ ପୂଜିତ ହେଉଅଛନ୍ତି। ଏମାନଙ୍କ ସହ ଆଉ ଏକ ମୂର୍ତ୍ତି ମିଶି 'ଚତୁର୍ଦ୍ଧା ମୂରତି' ବିଦେ କରି ଅଛନ୍ତି। ସେ ହେଉଛନ୍ତି ସୁଦର୍ଶନ ଚକ୍ର।

ବାସ୍ତବରେ ଶ୍ରୀଜଗନ୍ନାଥ ରୂପ ହେଲେ ମଧ୍ୟ ଅରୂପ, ରୂପହୀନ, ରୂପାତୀତ ଏବଂ ଅପରୂପ ଲାବଣ୍ୟରେ ସୁଶୋଭିତ। ଯେଉଁ ମାନସ ଆଲେଖ୍ୟରୁ କଳା ଓ କଳ୍ପନାରୁ ଏପରି ରୂପାତୀତର ସୃଷ୍ଟି ସେହି ଅଲୌକିକ ଶିଳ୍ପୀର ଶିଳ୍ପ ପାଟବତା ବନ୍ଦନୀୟ ନିଶ୍ଚୟ ମାତ୍ର ଶ୍ରୀଜଗନ୍ନାଥ ସ୍ୱୟଂ ପରଂବ୍ରହ୍ମ। ସେ ନିର୍ଗୁଣ, ଅଣାକାର, ଅନନ୍ତ ଅସୀମ, ଶୂନ୍ୟଶୂନ୍ୟ ମହାଶୂନ୍ୟ, ସହସ୍ର ପାଦ, ସହସ୍ର ଚକ୍ଷୁ, ସହସ୍ର ବାହୁ ସମ୍ପନ୍ନ ନିଖିଳ ବିଶ୍ୱର ଆଦି ଅନ୍ତଧାଣ କର୍ତ୍ତା ଶ୍ରୀ ପୁରୁଷୋତ୍ତମ।

"ଅନାଦି ମଧ୍ୟାନ୍ତ ମନନ୍ତ ବୀର୍ଯ୍ୟ,  
ମନନ୍ତ ବାହୁ ଶଶି ସୂର୍ଯ୍ୟ ନେତ୍ରମ।  
ପଶ୍ୟାମି ତ୍ୱାଂଦୀପ୍ତ ହୁତାଶ ବକ୍ତ୍ରଂ,  
ସ୍ୱ ତେଜସା ବିଶ୍ୱମିଦଂ ତପନ୍ତମ।

(ଗୀତା ଏକାଦଶ ଅଧ୍ୟାୟ ୧୯ ଶ୍ଳୋକ)

ଗୀତାରେ 'ଆତ୍ମାନଂ ରଥିନଂ ବିଦ୍ଧି' ବୋଲି କୁହାଯାଇଅଛି। ଶାସ୍ତ୍ରମାନେ ଦେହକୁ ରଥ ଓ ଆତ୍ମାକୁ ରଥୀ ଭାବରେ ଗ୍ରହଣ କରିଛନ୍ତି। ଉପନିଷଦରେ ଶରୀରକୁ ରଥ ରୂପରେ ଚିନ୍ତନ କରାଯାଏ। ପୁନଶ୍ଚ ପରମାତ୍ମା ହେଉଛନ୍ତି ରଥ ଓ ଆତ୍ମା ହେଉଛି ସାରଥି। ଏହି କଥାକୁ ସାର୍ଥକ କରିବା ଉଦ୍ଦେଶ୍ୟରେ ପ୍ରତୀକାତ୍ମକ ଭାବରେ ଗଣଦେବତା ଜଗନ୍ନାଥ ଶ୍ରୀମନ୍ଦିର ଛାଡ଼ି ବର୍ଷକୁ ଥରେ [illegible] ବଡ଼ି ଯାଇ ରହନ୍ତି। ପ୍ରତିବର୍ଷ ଆଷାଢ଼ ଦ୍ୱିତୀୟାଦିନ

ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ମଣିଷମାନଙ୍କ ପରି ଦାରୁବିଗ୍ରହ ଭିତରେ ନବକଳେବରରେ ଦାରୁ ବ୍ରହ୍ମ ସଂସ୍ଥାପିତ ହୋଇଥିବା ଜୀଉମାନଙ୍କଠି ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଲାଗିରହେ । ଜୀଉମାନେ ହେଉଛନ୍ତି ଦାରୁବ୍ରହ୍ମ । ଦାରୁବିଗ୍ରହରେ ବ୍ରହ୍ମଯୁକ୍ତ ହୋଇ ଦାରୁବ୍ରହ୍ମ ବୋଲାଯାନ୍ତି । ଦାରୁବ୍ରହ୍ମଙ୍କୁ 'ପୁରୁଷୋତ୍ତମ'ବୋଲି କୁହାଯାଏ ।

ଅଦୋଯଦ୍ଦାରୁ ପ୍ଳବତେ ସିନ୍ଧୋଃ ପାରେ ଅପୁରୁଷମ୍
ତଦା ରଭସ୍ୱ ଦୁର୍ହଣୋ ତେନଗଚ୍ଛ ପରସ୍ତରମ୍ ।

ଜଣେ ବୈଦିକ ଋଷି ଦୁର୍ହଣ, (ଯାହାର ଅର୍ଥ ଦୁର୍ବଚନ) କୁଭାଷାଙ୍କୁ ସମ୍ବୋଧନ କରି କହିଛନ୍ତି, ସିନ୍ଧୁତୀରରେ ଭାସମାନ ଏହି ପୁରୁଷୋତ୍ତମ ଦାରୁକୁ ଛେଦନ କରି ପରମ ପଦ ଲାଭକର । ମହାଭାରତ ଓ ଗୀତାରେ ପୁରୁଷୋତ୍ତମ ଶବ୍ଦ, ରାମାୟଣ ଓ ବିଷ୍ଣୁ ସହସ୍ରନାମରେ ଶ୍ରୀଜଗନ୍ନାଥ ନାମର ପ୍ରଚଳନ ହୋଇଅଛି । 'ଜଗନ୍ନାଥ' ଶବ୍ଦ ମୂଳତଃ ଜୈନ ଓ ଏହା ଜିନେଶ୍ୱର ଅର୍ଥାତ୍ ଆଦିନାଥ ଋଷଭଙ୍କର ନାମାନ୍ତର ବୋଲି ଜୈନ ଗ୍ରନ୍ଥ ତଥା ଅଭିଧାନରୁ ଜଣାପଡ଼ୁଛି । 'ଜଗନ୍ନାଥ' ଶବ୍ଦର ଅର୍ଥ ଜଗତ୍ ରୂପ ନାଥ ବା ପୁରୁଷ । ଜଗତର ସେ ଉପାସ୍ୟ ପୁରୁଷ । ଜୈନମାନେ ତାଙ୍କର ଉପାସ୍ୟ ଦେବତାଙ୍କୁ 'ନାଥ' ଭାବରେ ଗ୍ରହଣ କରିଛନ୍ତି । ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଚୈତ୍ୟ–ନିର୍ମିତ ରଥ ଉପରେ ଜିନଙ୍କର ପ୍ରତିମା ଥୋଇ ନଗର ଓ ଜନପଦ ପରିକ୍ରମା କରାଯାଇଥାଏ । ଜଗନ୍ନାଥ ଜୀନ ହୋଇଥିବାରୁ ସେହି ପ୍ରଥାନୁସରଣ ପୂର୍ବକ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଜଗନ୍ନାଥଙ୍କର ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୁଏ । ବିରାଟ ଜନସମୁଦ୍ର ଭିତରେ ଶ୍ରୀଜଗନ୍ନାଥ ଥାନ୍ତି । ଭକ୍ତମାନେ କେହି ଧନ, ଜନ ମାଗନ୍ତି ନାହିଁ ମାତ୍ର ଶରଧାବାଲିରୁ ହାତ ମାଗିଥାନ୍ତି । ଜୀଉମାନେ ନବଯୌବନ ପ୍ରାପ୍ତ ହୋଇ ରଥଉପରେ ସର୍ବସାଧାରଣଙ୍କୁ ସାକ୍ଷାତ ଦେଇ ନେତ୍ର ପବିତ୍ର କରିବାର ସୁବିଧା କରନ୍ତି । ରଥ ଉପରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ହୁଏ ନାହିଁ ବୋଲି ଯୁଗ ଯୁଗ ଧରି ବିଶ୍ୱାସ ରହିଆସିଅଛି ।

ରଥେ ତୁ ବାମନଂ ଦୃଷ୍ଟ୍ୱା
ପୁନର୍ଜନ୍ମ ନ ବିଦ୍ୟତେ ।

ପୃଥିବୀରେ ଏଭଳି ପ୍ରଥା ଓ ପରମ୍ପରା ଅନ୍ୟ କେଉଁଠି ପ୍ରଚଳିତ ହୁଏ ନାହିଁ ।

---

ଅଧ୍ୟାପକ ଓଡ଼ିଆ ବିଭାଗ,
କେନ୍ଦ୍ରାପଡ଼ା କଲେଜ, କେନ୍ଦ୍ରାପଡ଼ା–୭୫୪୨୧୧

## ଜୀଉଙ୍କ ଯାନି-ଯାତ୍ରା

| | | |
|---|---|---|
| ନବାନ୍ନ ଓ ଧନୁ ସଂକ୍ରାନ୍ତି | : | ପୌଷ (ଡିସେମ୍ବର-ଜାନୁଆରୀ) |
| ମକର ସଂକ୍ରାନ୍ତି ଓ ଶ୍ରୀପଞ୍ଚମୀ | : | ମାଘ (ଜାନୁଆରୀ-ଫେବୃଆରୀ) |
| ଦୋଳ ପୂର୍ଣ୍ଣିମା | : | ଫାଲଗୁନ (ଫେବୃଆରୀ-ମାର୍ଚ୍ଚ) |
| ଚନ୍ଦନ ଯାତ୍ରା | : | ବୈଶାଖ (ଏପ୍ରିଲ-ମେ) |
| ନୃସିଂହ ଜନ୍ମ ଓ ସ୍ନାନ ଯାତ୍ରା | : | ଜ୍ୟେଷ୍ଠ (ମେ-ଜୁନ) |
| ରଥଯାତ୍ରା ଓ ବାହୁଡ଼ା ଯାତ୍ରା | : | ଆଷାଢ଼ (ଜୁନ-ଜୁଲାଇ) |
| ଝୁଲଣ ଯାତ୍ରା | : | ଶ୍ରାବଣ (ଜୁଲାଇ-ଅଗଷ୍ଟ) |
| କୃଷ୍ଣ ଜନ୍ମାଷ୍ଟମୀ ଓ କାଳୀୟ ଦଳନ | : | ଭାଦ୍ରବ (ଅଗଷ୍ଟ-ସେପ୍ଟେମ୍ବର) |
| ଦଶହରା ଓ ଦୁର୍ଗାପୂଜା | : | ଆଶ୍ୱିନ (ସେପ୍ଟେମ୍ବର-ଅକ୍ଟୋବର) |
| ରାସପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା, ପଞ୍ଚୁକ | : | କାର୍ତ୍ତିକ (ଅକ୍ଟୋବର-ନଭେମ୍ବର) |
| ପ୍ରଥମାଷ୍ଟମୀ | : | ମାର୍ଗଶୀର (ନଭେମ୍ବର-ଡିସେମ୍ବର) |



# ଶାରଦୀୟ ରଥଯାତ୍ରା

ଶ୍ରୀ ବନମାଳୀ ସୁଆର

ବିଶ୍ୱ ବିଖ୍ୟାତ ରଥଯାତ୍ରା ପ୍ରତିବର୍ଷ ଆଷାଢ଼ ମାସରେ ଶ୍ରୀକ୍ଷେତ୍ର ପୁରୀରେ ଅନୁଷ୍ଠିତ ହେବା ସର୍ବଜନ ବିଦିତ । ଏହି ରଥ ଯାତ୍ରାରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନା ତଥା ତନ୍ମଧ୍ୟରେ ସର୍ବଧର୍ମର ସମନ୍ୱୟ ଓ ସଂହତି ପ୍ରତିଷ୍ଠା ଅନ୍ୟତମ ଲକ୍ଷ୍ୟ ।

ଆଷାଢ଼ ମାସର ରଥଯାତ୍ରା ବ୍ୟତୀତ ଶ୍ରୀଜଗନ୍ନାଥଙ୍କର ଆଉ ଗୋଟିଏ ରଥଯାତ୍ରା ଶରତଋତୁରେ ଆଶ୍ୱିନ ମାସରେ ଅନୁଷ୍ଠିତ ହୋଇଥାଏ । ଏହାକୁ ଶାରଦୀୟ ରଥଯାତ୍ରା ବା ଶାକ୍ତ ଗୁଣ୍ଡିଚାଯାତ୍ରା ବୋଲି କୁହାଯାଏ । ଶରତ କାଳୀନ ଦୁର୍ଗା ମାଧବ ଯାତ୍ରା ରୂପେ ବିଦିତ । ଶ୍ରୀମନ୍ଦିରରେ ଶକ୍ତିମାତା ବିମଳାଙ୍କର ସହସ୍ର କୁମ୍ଭାଭିଷେକ ଆଶ୍ୱିନ କୃଷ୍ଣ ସପ୍ତମୀଠାରୁ ଆରମ୍ଭ ହୁଏ । ଷୋଡ଼ଶ ପୂଜାର ନବମ ଦିନଠାରୁ ନଅଦିନ ପର୍ଯ୍ୟନ୍ତ ଅର୍ଥାତ୍ ଦଶହରା ପର୍ଯ୍ୟନ୍ତ ଏହି ଶାକ୍ତଗୁଣ୍ଡିଚା ଉତ୍ସବର ମୁଖ୍ୟାଂଶ ପାଳିତ ହୁଏ ।

ରତ୍ନ ସିଂହାସନରେ ସପ୍ତଶକ୍ତି ମଧ୍ୟରୁ ମାଧବ ମୂର୍ତ୍ତି ଶ୍ରୀଜଗନ୍ନାଥଙ୍କ ବାମପାର୍ଶ୍ୱରେ ଅଛନ୍ତି । ଏହାଙ୍କୁ ଶ୍ରୀବାଳପୁରୁଷୋତ୍ତମ ଦେବ କୁହାଯାଇଥାଏ । ପ୍ରାୟ ଦେଢ଼ଫୁଟ ଉଚ୍ଚତା ବିଶିଷ୍ଟ ଛୋଟ ଶ୍ରୀଜଗନ୍ନାଥଙ୍କ କଳେବର । ଅବିକଳ ଶ୍ରୀଜଗନ୍ନାଥଙ୍କ ଆକୃତି । ଏହାଙ୍କର ମଧ୍ୟ ଅଣବସର ହୁଏ ଓ ପ୍ରତିକଳେବରରେ ନୂଆ ଶରୀର ପାଇଥାଆନ୍ତି ।

ସହସ୍ର କୁମ୍ଭାଭିଷେକ ଦିନ ଭଣ୍ଡାର ଘରୁ ଦୁର୍ଗା ଆଜ୍ଞାମାଳ ପାଇ ଶ୍ରୀମନ୍ଦିରସ୍ଥ ସୋମନାଥ ମଣ୍ଡପରେ ବିଜେ ହୁଅନ୍ତି । ଏହି ଆଜ୍ଞାମାଳ ମାଆ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କଠାରୁ ପାଇଥାଆନ୍ତି । ଆଚାର୍ଯ୍ୟ ଓ ବ୍ରହ୍ମା ବରଣ ପରେ ଦୁର୍ଗାଦେବୀଙ୍କୁ ଏକହଜାର ଗରାଜଳ ଲାଗି କରାଯାଏ । ବେଶ ହୁଅନ୍ତି ଓ ଲୁଗା ପିନ୍ଧନ୍ତି । ଶୀତଳ ଭୋଗ ମଣୋହି କରନ୍ତି । ଏହା ପଞ୍ଚୋପଚାରରେ ସମାହିତ ହୁଏ । ଶ୍ରୀବାଳପୁରୁଷୋତ୍ତମ ଦେବ ବା ମାଧବ ଶ୍ରୀଜୀଉଙ୍କ ଆଜ୍ଞାମାଳ ପାଇ ଭଣ୍ଡାର ଘର ଦୁଆରଠାରେ ଦୁର୍ଗାଦେବୀଙ୍କ ସହ ଏକତ୍ର ଲୁଗା ହୋଇ ଭଦ୍ରାସନରେ ଉପବେଶିତ ହୁଅନ୍ତି । ଏହାପରେ ରତ୍ନ ସିଂହାସନ ପାଖକୁ ଯାଇ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପ୍ରାପ୍ତହୋଇ ଜୟ ବିଜୟ ମଧ୍ୟଦେଇ ଝୁଲଣ ମଣ୍ଡପଠାରେ ପାଲିଙ୍କିରେ ଏକତ୍ର ବସନ୍ତି ଓ ବିମଳାଙ୍କ ସ୍ନାନ, ପୂଜା ଓ ମଣୋହୀ ପରେ ଦୁର୍ଗା ଓ ମାଧବ ବିମଳାଙ୍କ ମନ୍ଦିର ଖଟ ଉପରେ ବିଜେ ହୁଅନ୍ତି । ସେଠାରେ ତିନି ଧୂପ ସମାହିତ ହୁଏ ଓ ବନ୍ଦନଲାଗି ପରେ ପୁନର୍ବାର ଭଣ୍ଡାରକୁ ଫେରି ଆସନ୍ତି । ଏହିପରି ଆଠଦିନ ପରେ ନବମଦିବସଠାରୁ ଦୁର୍ଗା ଓ ମାଧବ ଗୋଟିଏ ରଥରେ ଏକତ୍ର ବସି ଶ୍ରୀମନ୍ଦିର ବାହାରେ ଥିବା ଦୋଳମଣ୍ଡପ ସାହି ଦେଇ ଶ୍ରୀନାରାୟଣୀଙ୍କ ମନ୍ଦିରକୁ ବିଜେ କରନ୍ତି । ଏଠାରେ କର୍ପୂର ଜଳ ଲାଗି, ଭୋଗ ଓ ବନ୍ଦାପନା କରାଯାଏ । ଏହା ଦଶହରା ପର୍ଯ୍ୟନ୍ତ ଚାଲେ । ଶେଷଦିନ ନିକଟବର୍ତ୍ତୀ ଜଗନ୍ନାଥ ବଲ୍ଲଭ ମଠଠାରେ ଦଶହରା ସଦାମେହାଳାଜାଙ୍କୁ ବୀରବେଶ ସାଜି ଯାଇଥାଆନ୍ତି । ସେଠାରେ ଭୋଗ ଓ ବନ୍ଦାପନାଦି ଶେଷ ହେଲେ ଶ୍ରୀମନ୍ଦିର ଫେରି ଆସନ୍ତି । ଏହାକୁ ଦୁର୍ଗାମାଧବ ଉତ୍ସବ କୁହାଯାଇଥାଏ ।

ଦୁର୍ଗା ହେଉଛନ୍ତି ଆଦ୍ୟାଶକ୍ତି । ଶାକ୍ତ ଦର୍ଶନ ମତରେ ମାଆ ସୁଭଦ୍ରା, ଦୁର୍ଗା, ଭୁବନେଶ୍ୱରୀ ଓ ବିମଳାଙ୍କ ମଧ୍ୟରେ ପ୍ରଭେଦ ଦେଖା ହୁଏ ନାହିଁ । ସେ ହେଉଛନ୍ତି ମଙ୍ଗଳମୟୀ ।

"ସର୍ବମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ<br>
ଶରଣ୍ୟେ ତ୍ର୍ୟମ୍ବକେ ଗୌରି ନାରାୟଣି ନମୋସ୍ତୁତେ"<br>
ମାୟା ମୋହମୟୀ ଭନୋଦୟକାରୀ ବ୍ରହ୍ମାଣ୍ଡଭଣ୍ଡୋଦରୀ<br>
ପାହୀମାଂ ବିମଳେ ସଦା ସୁଖକରୀ ଶ୍ରୀକ୍ଷେତ୍ରରାଜେଶ୍ୱରୀ"

ଚଣ୍ଡୀ ପୁରାଣମତେ ଦେବତାମାନଙ୍କ ବର ପ୍ରାର୍ଥନାରେ କୁହାଯାଇଛି—

"ସଂସ୍ମୃତା ସଂସ୍ମୃତା ତ୍ୱଂ ନୋ ହିଂ ସେଥାଃ ପରମାପଦଃ,<br>
ଯଶ୍ଚ ମର୍ତ୍ତ୍ୟଃ ସ୍ତବୈରେଭିସ୍ତ୍ୱାଂ ସ୍ତୋଷ୍ୟତ୍ୟମଳାନନେ"

ଅର୍ଥ—ହେ ମାଆ ଦୁର୍ଗାଦେବୀ, ଯେଉଁ ସ୍ତୋତ୍ରରେ ଆପଣ ଆମମାନଙ୍କଠାରେ ପ୍ରୀତ, ସେହି ସ୍ତୋତ୍ର ପଢ଼ି ଯେଉଁ ଲୋକ ଆପଣଙ୍କୁ ସ୍ତୁତି କରିବ, ତାହାର ଧନ ସମ୍ପଦ ଓ ସ୍ତ୍ରୀ ସୁଖାଦି ମିଳିବ ଏହି ବର ଦିଅନ୍ତୁ ।

"ତସ୍ୟ ବିତ୍ତର୍ଦ୍ଧି ବିଭବୈର୍ଧନଦାରାଦି ସମ୍ପଦାଂ<br>
ବୃଦ୍ଧୟେଽସ୍ମତ୍ ପ୍ରସନ୍ନାତ୍ୱଂ ଭବେଥାଃ ସର୍ବ ଦାସ୍ତିକେ"

ଶ୍ରୀମନ୍ଦିରରେ ଦୁର୍ଗା ମାଆ ସୁଭଦ୍ରାଙ୍କ ଆଜ୍ଞାମାଳ ମଧ୍ୟ ପ୍ରାପ୍ତ ହୁଅନ୍ତି ଓ ତାଙ୍କ ପାଖରେ ବିଜେ ହୋଇ ବସନ୍ତି । ସେ ପୁଣି ଏକତ୍ର ଲୁଗା ହୁଅନ୍ତି ମାଧବଙ୍କ ସହ । ପ୍ରଶ୍ନ ଉଠେ ମାଧବ କିଏ ? ଶ୍ରୀଜଗନ୍ନାଥ ହେଉଛନ୍ତି ପୁରୁଷୋତ୍ତମ । ଏହା ଭୀଷ୍ମଙ୍କ ଓ ବ୍ୟାସଙ୍କ ଉକ୍ତି ଓ ରଚନା "ଜଗତ୍ପ୍ରଭୁଂ ଦେବଦେବମନନ୍ତଂ ପୁରୁଷୋତ୍ତମଂ (ଚତୁର୍ଥ ଶ୍ଳୋକ ବିଷ୍ଣୁ ସହସ୍ର ନାମରେ କୁହାଯାଇଛି । ମାଧବଙ୍କୁ ଶ୍ରୀବାଳ ପୁରୁଷୋତ୍ତମ କୁହାଯାଏ । ମାଧବ ଦୁଇଟି ଶବ୍ଦର ସମାଯୁକ୍ତ ଓ ସନ୍ଧି ।

ଗୋଟିଏ ମା" ଓ ଅନ୍ୟଟି "ଧବ", "ମା" ଆଦିଶକ୍ତି ପ୍ରକୃତି । "ଧବ" ସ୍ୱାମୀ ବା "ନାଥ"–ପୁରୁଷୋତ୍ତମ । ସେ ଯେହେତୁ ମାତା ଓ ପିତା ଉଭୟଙ୍କ ସମାହାର ତେଣୁ ମାଧବ । ସେଥିପାଇଁ **କୁହାଯାଇଛି**–"ତ୍ୱମେବ ମାତାଶ୍ଚ ପିତା ତ୍ୱମେବ" ଇତ୍ୟାଦି । ମାଧବ ଜଗନ୍ନାଥଙ୍କ ସହ ଦୁର୍ଗାଙ୍କ ଏହି ଯାତ୍ରା । ଏହାକୁ ଦୁର୍ଗାମାଧବ ଉପାସନା ଓ ସଂସ୍କୃତି କୁହାଯାଏ । ଏହା ହିଁ ଶାକ୍ତ ବୃତ୍ତିସ୍ଥ ବା ଶାରଦୀୟ ରଥଯାତ୍ରା । ଏହାକୁ ଦର୍ଶନ ମାତ୍ରେ ସକଳ ଶୁଭ ହୋଇଥାଏ । ଓଡ଼ିଆମାନେ ସବୁ ଶୁଭ ଓ ମଙ୍ଗଳ କାର୍ଯ୍ୟରେ ତାଙ୍କୁ ସ୍ମରଣ କରିଥାନ୍ତି । ଆମ ସଂସ୍କୃତି ଓ ଜୀବନ ଧାରାରେ ସେ ଓତପ୍ରୋତ ଭାବରେ ଜଡ଼ିତ । ତେଣୁ ଶୁଭ କାର୍ଯ୍ୟରେ ଲୋକେ ଉଚ୍ଚାରଣ କରିଥାଆନ୍ତି–"ଓଁ ମଙ୍ଗଳଂ ଭଗବାନ ବିଷ୍ଣୋ, ମଙ୍ଗଳଂ ଗରୁଡ଼ ଧ୍ୱଜଃ । ମଙ୍ଗଳଂ ପୁଣ୍ଡରୀକାକ୍ଷଃ ମଙ୍ଗଳଂ ପୁରୁଷୋତ୍ତମଃ । ମାଧବୋ ମାଧବୋ ବାଚ୍ୟଂ, ମାଧବୋ ମାଧବୋ ହରିଃ । ସ୍ମରନ୍ତି ସାଧବୋଃ ନିତ୍ୟଂ ସର୍ବ କାର୍ଯ୍ୟେଷୁ ମାଧବଂ"

---

ଆଡ଼ଭୋକେଟ୍,
ଦୋଳମଣ୍ଡପ ସାହି, ପୁରୀ

# ତୁମର ତ ନାହିଁ ପଟାନ୍ତର



ଶ୍ରୀମତୀ ସରୋଜିନୀ ମିଶ୍ର

ସେ ଏକ ଅମୃତ ଲଗ୍ନ
ପିପାସିତ ଅପେକ୍ଷାର ଦିନ
ତୁମେ ଯେବେ ତୁଅ ରଥାରୂଢ଼
ଜ୍ୟୋତିର୍ମୟ ହେ କଳାଠାକୁର
ସହସ୍ର ଆଲୋକ ରେଖା ପିଟି ପଡେ
ସମ୍ମୋହିତ ବିପୁଳ ମୁଦ୍ରାରେ
ଖେଳିଯାଏ ନବ ଉନ୍ମାଦନା
ବଡଦାଣ୍ଡ, ଶରଧାବାଲିରେ ।

ଆକାଶରେ ନୂଆମେଘ ସଞ୍ଚରଣ
କଳା ପରି ରୌଦ୍ରତାପ କ୍ଷଣକେ ହରଣ
ଘୁଞ୍ଚିଯାଏ ଚଲାବାଟୁ ଦୁଃଖ ଅବସାଦ
ତୁମଠାରେ ହୋଇଯାଏ ହୃଦୟ ତଲ୍ଲୀନ
ଥରେ ତୁମ ଆକର୍ଷଣ ଅପୂର୍ବ ଅବ୍ୟୟ ରୂପ
ଦେଖିଦେଲେ କ୍ଷୟ ହୁଏ
ଜନ୍ମ ଜନ୍ମାନ୍ତରର ପାତକ ।

ତ୍ରିତାପ ନାଶକ ତୁମ ଦୁଇ ଚକାଆଖି
ଡାକି ନିଏ ଅସତ୍ୟରୁ, ଅମୋକ୍ଷରୁ,
ପ୍ରବଞ୍ଚିତ ମାୟା-କୁହୁକିରୁ
ଖୋଲିଦିଏ ଶୁଦ୍ଧ ଦୃଷ୍ଟା ଲାଳସାର
ଅଛିଦ୍ରା ବିଛୁରି ଯେତେ
ନିର୍ଭୀ ନିହାରେ ଶଙ୍କା ଅଣ୍ଟିବ ନାହିଁଟୁ ।

କରୁଣାର ଅମିତ ତେଜରେ ପୁଣି
ଟେକିଅଛି ଦୁଇ ମହାବାହୁ
କୋଳାଗ୍ରତ କରିବାକୁ
ଜୀବକୁ ପରମ ଯାଏ
ମୁକ୍ତିଦେଇ ପାପ ଅବଧିରୁ
ଶୁଣିବାକୁ ଆର୍ତ୍ତ ଆବେଦନ ତୁମେ
ଚିରକାଳ ଶ୍ରୀକର୍ଣ୍ଣ ଡେରିଛ
ସମର୍ପିତ କରିଦେଲ ଶ୍ରୀପଦେ ମନକୁ
ସତେ କେତେ ଆପଣାର ଲାଗି ।

ସାରା ବିଶ୍ୱେ ପ୍ରସରି ଯାଇଛି
ପ୍ରଭୁ ତୁମ ସର୍ବଧର୍ମ ମନ୍ତ୍ର ସାମ୍ୟବାଦ ଚେତନାର
ଅନନ୍ୟ ପ୍ରତୀକ ତୁମେ
ଅମାର୍ଗରେ ମାର୍ଗ ପ୍ରଦର୍ଶକ ।

କ୍ଷର ଆଉ ଅକ୍ଷରର
ଶ୍ରେଷ୍ଠ ଅନୁଭବ ତୁମେ
ନିତ୍ୟୁତମ ଭାବ ସନାତନ
ସାହିତ୍ୟ, ସଂସ୍କୃତି, କଳା
ଚିନ୍ମୟ ବିଭୂତି ତୁମ
ପ୍ରଭୁ ! ତୁମ ମହିମାର ନାହିଁ ପଟାନ୍ତର ।

---

ଟାଉନ ହଲ୍ ରୋଡ୍,
କଟକ-୯ ।



# ଓଡ଼ିଶାରେ ନାଥଧର୍ମ ଓ ଶ୍ରୀଜଗନ୍ନାଥ

ଡକ୍ଟର ଉମାକାନ୍ତ ଜେନା

ନାଥଧର୍ମ ସାଧାରଣତଃ ଏକ ଯୋଗଭିତ୍ତିକ ଧର୍ମ । ଭାରତରେ ଅସଂଖ୍ୟ ଯୋଗଭିତ୍ତିକ ଧର୍ମର ସ୍ଥିତି ଥିବା ବେଳେ ଏହି ଧର୍ମକୁ ଏପରି ନାମିତ କରିବାର କାରଣ ହେଉଛି ଏହାର ପ୍ରବର୍ତ୍ତକ ଓ ପ୍ରଚାରକଗଣ ନାଥ ପଦବୀରେ ଭୂଷିତ । ଯେକୌଣସି ବର୍ଣ୍ଣ ବା ଜାତିର ଲୋକ ବୈଷ୍ଣବ ହେଲା ପରେ 'ଦାସ' ସଂଜ୍ଞା ଗ୍ରହଣ କଲା ଭଳି ନାଥଧର୍ମାବଲମ୍ବୀ ସନ୍ନ୍ୟାସୀ ବା ଗୃହସ୍ଥ ସମସ୍ତେ ନିଜର ଗୌଣିକ ଉପାଧି ତ୍ୟାଗ କରି 'ନାଥ' ଉପାଧି ଗ୍ରହଣ କରନ୍ତି । ଶକ୍ତିସଙ୍ଗମ ତନ୍ତ୍ର ଓ ଗାରକ୍ଷଗ୍ରନ୍ଥ ପ୍ରଭୃତି ଗ୍ରନ୍ଥ ପ୍ରଦତ୍ତ ବ୍ୟୁତ୍ପତ୍ତି ଅନୁଯାୟୀ ନାଥ ଶବ୍ଦ ଅନାଦି, ସ୍ୱାମୀ, ପ୍ରଭୁ, ବ୍ରହ୍ମ ଓ ଈଶ୍ୱର ଅର୍ଥରେ ବ୍ୟବହୃତ ହୋଇଥାଏ । (୧) ଧାର୍ମିକ ସମ୍ପ୍ରଦାୟ ଦୃଷ୍ଟିରୁ ବିଚାର କଲେ 'ନାଥ' ଶବ୍ଦ ହେଉଛି ଗୋରକ୍ଷପନ୍ଥୀ ଯୋଗୀମାନଙ୍କର ଏକ ଉପାଧି ଏବଂ ଓଡ଼ିଶାରେ ଏହି ଅର୍ଥରେ 'ନାଥ' ଶବ୍ଦ ଯୋଗୀ ବା ଯୋଗୀ ଜାତିକୁ ସାଧାରଣତଃ ବୁଝାଇଥାଏ । (୨) ବୈଦିକ ସଭ୍ୟତାର ବହୁ ପୂର୍ବରୁ ଭାରତରେ ନାଥ ଧର୍ମର ପ୍ରଚଳନ ଥିଲେ ମଧ୍ୟ ପରବର୍ତ୍ତୀ କାଳରେ ବୌଦ୍ଧ, ଜୈନ ଓ ହିନ୍ଦୁଧର୍ମର ସଂସ୍ପର୍ଶରେ ଆସିବା ଫଳରେ ନାଥଧର୍ମ ଧାରଣାରେ ସମୟୋଚିତ ପରିବର୍ତ୍ତନ ସମ୍ଭବ ହୋଇଥିଲା । (୩) ଏହି ଧର୍ମର ଉତ୍ପତ୍ତି ସମ୍ପର୍କରେ ବିଦ୍ୱାନମାନଙ୍କ ମଧ୍ୟରେ ମତାନୈକ୍ୟ ଦେଖାଯାଏ । ନାଥ ସାହିତ୍ୟରେ କେତେକ ବୌଦ୍ଧସିଦ୍ଧାଚାର୍ଯ୍ୟଙ୍କ ନାମୋଲ୍ଲେଖ ଥିବା କଥାକୁ ଲକ୍ଷ୍ୟ କରି ସମାଲୋଚକ ଶ୍ରୀ ସୁରେନ୍ଦ୍ର ମହାନ୍ତି ନାଥଧର୍ମକୁ ସହଜିଆ ବୌଦ୍ଧଧର୍ମର ଏକ ଶାଖା ରୂପେ ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରନ୍ତି ନାହିଁ । (୪) ଅପର ପକ୍ଷରେ ଅନ୍ୟ କେତେକ ଗବେଷକ ସୁପ୍ରାଚୀନ ବ୍ରାତ୍ୟ ଶୈବମାନଙ୍କର ଯୋଗପନ୍ଥାରୁ ନାଥଧର୍ମର ସୃଷ୍ଟି ସମ୍ଭବ ହୋଇଛି ବୋଲି ମତ ଦେଇଥାନ୍ତି । ନାଥ ଉପାଧିଧାରୀମାନଙ୍କର ପ୍ରଧାନ ସାଧନପନ୍ଥା ଯୋଗ ଏବଂ ଉପାସ୍ୟ ଦେବତା ଯୋଗେଶ୍ୱର ଶିବ ହୋଇ ଥିବାରୁ ବିଶିଷ୍ଟ ଗବେଷକ ଡଃ ହଜାରୀ ପ୍ରସାଦ ଦ୍ୱିବେଦୀ ନାଥଧର୍ମକୁ ଶୈବ ଧର୍ମର ଏକ ଶାଖା ରୂପେ ପ୍ରମାଣିତ କରିବା ପାଇଁ ଦୃଢ଼ ଯୁକ୍ତିର ସାହାଯ୍ୟ ନେଇଛନ୍ତି । (୫) 'The Religions of India' ଗ୍ରନ୍ଥର ପ୍ରଥମ ଭାଗରେ ପ୍ରଫେସର ଏ. ପି. କର୍ମକାର ନାଥଧର୍ମକୁ ଶୈବଧର୍ମର ଏକ ଶାଖା ଭାବେ ମଧ୍ୟ ଗ୍ରହଣ କରିଛନ୍ତି । ସ୍ୱୟଂ ଶିବ ହେଉଛନ୍ତି ନାଥ ସମ୍ପ୍ରଦାୟର ଆଦି ପ୍ରବର୍ତ୍ତକ । ଏଣୁ ଏହି ସମ୍ପ୍ରଦାୟକୁ ଶୈବ ବା କାପାଳିକ ସମ୍ପ୍ରଦାୟ ବୋଲି କୁହାଯାଇଥାଏ । ଅବଧୂତ ସମ୍ପ୍ରଦାୟ ମଧ୍ୟ ଏହି ସମ୍ପ୍ରଦାୟର ନାମାନ୍ତର । (୬) ଯୋଗୀଜାତି ବା ନାଥମାନେ ଶିବଙ୍କଠାରୁ ଉତ୍ପନ୍ନ ହୋଇଛନ୍ତି ବୋଲି କହିଥାନ୍ତି । ବ୍ରହ୍ମବୈବର୍ତ୍ତ ପୁରାଣ ଅନୁସାରେ ଜ୍ୟୋତିର୍ମୟ ପଶୁପତିଙ୍କ କଳାଗ୍ନିରୁ ଯେଉଁ ଏକାଦଶରୁଦ୍ର ଓ ତଦୀୟ ପତ୍ନୀ ଜନ୍ମଗ୍ରହଣ କରିଥିଲେ ସେମାନଙ୍କ ପୁତ୍ରମାନଙ୍କ ମଧ୍ୟରେ ମହାନ୍ ଥିଲେ ମହାଯୋଗୀ । ସେହି ମହାନ୍ ବଂଶଧରଗଣ ଯୋଗୀ ରୂପେ ପରିଚିତ ହୋଇଥିଲେ । (୭) ଅନ୍ୟ ପକ୍ଷରେ ଈଶ୍ୱରଙ୍କ ଏକାଦଶ ଅବତାର ମଧ୍ୟରେ ମହାଯୋଗୀ ପ୍ରଧାନ ଅବତାର ରୂପେ ଗୃହୀତ । ସେହି ମହାଯୋଗୀଙ୍କଠାରୁ ବିନ୍ଦୁନାଥ ଓ ତାଙ୍କଠାରୁ ମୀନନାଥ, ଗୋରକ୍ଷନାଥ, ଛାୟାନାଥ, ସତ୍ୟନାଥ, ପ୍ରଭୃତି ନାଥ ମତବାଦର ମହାସାମାନେ ଜନ୍ମଗ୍ରହଣ କରିଥିଲେ । (୮) ଯୋଗୀବଂଶ ମୋଠାରୁ ଜାତ ଏବଂ ସବୁଜାତିଠାରୁ ଶ୍ରେଷ୍ଠ ବୋଲି ସ୍ୱୟଂ ଶିବ ମହାବିରାଟ ଗ୍ରନ୍ଥରେ ପାର୍ବତୀଙ୍କ ଆଗରେ ପ୍ରକାଶ କରିଛନ୍ତି । (୯) ଗୋରକ୍ଷ ସଂହିତା ଅନୁସାରେ ଗୋରକ୍ଷନାଥ ହେଉଛନ୍ତି ନାଥଧର୍ମର ପ୍ରବର୍ତ୍ତକ ଏବଂ ଯୋଗୀ ଜାତି ସମସ୍ତେ ତାଙ୍କଠାରୁ ଉତ୍ପତ୍ତି ଲାଭ କରିଛନ୍ତି । (୧୦) ଗୋରକ୍ଷପନ୍ଥୀ ଯୋଗୀମାନେ ସାଧାରଣତଃ ବାରଗୋଟି ଶାଖାରେ ବିଭକ୍ତ । ଡଃ ବଂଶୀଧର ମହାନ୍ତି "ଓଡ଼ିଶାର ନାଥ ସମ୍ପ୍ରଦାୟ ଓ ନାଥ ସାହିତ୍ୟ" ପୁସ୍ତକରେ ଏହି ଶାଖାଗୁଡ଼ିକ ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି । ଏକ ସମୟରେ ନାଥଧର୍ମର ଦୁଇ ପ୍ରଧାନ ସିଦ୍ଧାଚାର୍ଯ୍ୟ ମତ୍ସ୍ୟେନ୍ଦ୍ର ନାଥ ଓ ଗୋରକ୍ଷନାଥଙ୍କ ଦ୍ୱାରା ନାଥଧର୍ମ ଦଶମ-ଏକାଦଶ ଶତାବ୍ଦୀରେ ସମଗ୍ର ଭାରତରେ ପ୍ରଚାରିତ ହୋଇଥିଲା । (୧୧) ଏହି ଧର୍ମର ଜନପ୍ରିୟତା ସମ୍ପର୍କରେ ଜଣେକ ଆଲୋଚକ କୁହନ୍ତି-ନାଥଧର୍ମ ଓ ନାଥସିଦ୍ଧମାନଙ୍କର ଅଲୌକିକ ଯୋଗ, ଅସାଧାରଣ ବ୍ୟକ୍ତିତ୍ୱ ତତ୍କାଳୀନ ସମାଜର ଆଧ୍ୟାତ୍ମିକ ଭାବଧାରାକୁ ଏପରି ଭାବରେ ଅନୁପ୍ରାଣିତ କରିଥିଲା ଯେ ସେ ସମୟରେ ବୌଦ୍ଧ, ଜୈନ, ଶୈବ, ତାନ୍ତ୍ରିକ ପ୍ରଭୃତି ସମ୍ପ୍ରଦାୟର ସାଧୁସନ୍ଥମାନେ ଏଥିପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ । ଏପରିକି ନିଜ ନିଜ ନାମ ସହିତ ନାଥ ଶବ୍ଦଟି ଯୋଗ କରିବାକୁ ଗୌରବାନ୍ୱିତ ମନେ କରୁଥିଲେ ।(୧୨)

ଭାରତର ଅନ୍ୟାନ୍ୟ ପ୍ରଦେଶ ପରି ଓଡ଼ିଶାରେ ନାଥ ସମ୍ପ୍ରଦାୟର ସ୍ଥିତି ମଧ୍ୟ ବହୁ ପ୍ରାଚୀନ । (୧୩) ଦ୍ୱାଦଶ ଶତାବ୍ଦୀଠାରୁ ଓଡ଼ିଶାରେ ନାଥଧର୍ମର ପ୍ରଚାର ଓ ପ୍ରସାର ଘଟିଛି ବୋଲି ଆଲୋଚକମାନେ ମତ ପ୍ରକାଶ କରନ୍ତି । (୧୪) ପଞ୍ଚଦଶ ଶତାବ୍ଦୀ ପୂର୍ବରୁ ନାଥଧର୍ମ ଓ ନାଥ ଯୋଗୀମାନେ ଓଡ଼ିଶାର ଜନସାଧାରଣଙ୍କଠାରେ ପ୍ରଚଳିତ ହୋଇଥିବାର ସାରଳା ମହାଭାରତରୁ ଜଣାଯାଏ । [illegible] ଧର୍ମର ଦ୍ୱାଦଶନାଥଙ୍କ ମଧ୍ୟରେ ସତ୍ୟନାଥ ଉତ୍କଳୀୟ ପ୍ରବାହ [illegible] ଶ୍ୱରଙ୍କ ପାଟଳି ମଠ ହିଁ ତାଙ୍କର ଆଦି ସ୍ଥାନ ରୂପେ

ପରିଚିତ। (୨୬) ଏତଦ୍ ବ୍ୟତୀତ ନାଥଧର୍ମର ବାର ସମ୍ପ୍ରଦାୟ ଅନୁସାରେ ଓଡ଼ିଶାର ସିଦ୍ଧମାନଙ୍କ ପାଇଁ ଯେଉଁ ବାରଗୋଟି ପ୍ରଧାନ ପୀଠ ଥିଲା ସେମାନଙ୍କ ମଧ୍ୟରୁ କଟକର କିଆରବାଙ୍କ, ହରିହର ପୁର, ତଡଦକୁନାଟ, ପଦ୍ମପୁର, ବାରସ୍ଵତୀ, ଭୁବନେଶ୍ୱରସ୍ଥ ପାତାଳୀ ମଠ, ପୁରୀ ସହରର ସତ୍ୟନାଥୀ ମଠ ଓ ଢେଙ୍କାନାଳର କପିଳାସ ମଠ ପ୍ରଧାନ। ସମ୍ବଲପୁର, ଗଞ୍ଜାମ, ଆଠମଲ୍ଲିକ ଓ ବୌଦ୍ଧ ପ୍ରଭୃତି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମଧ୍ୟ ନାଥଧର୍ମ ସମ୍ପ୍ରଦାୟର ବହୁ ମଠ ବାଡ଼ି ନିର୍ମିତ ହୋଇଥିଲା। ଆଜିବାଲି ଓଡ଼ିଶାରେ ପ୍ରାୟ ପଞ୍ଚାଶ ହଜାରରୁ ଉର୍ଦ୍ଧ୍ୱ ଯୋଗୀ ବାସ କରୁଛନ୍ତି। (୨୭) ତେଣୁ ଓଡ଼ିଶାର ଧର୍ମପ୍ରବାହ ମଧ୍ୟରେ ନାଥଧର୍ମର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ ଥିଲା, ଏହା ଅନସ୍ୱୀକାର୍ଯ୍ୟ। ଡଃ ମାଧ୍ୱାଧର ମାନସିଂହ ଏହି ପରିପ୍ରେକ୍ଷୀରେ ଯଥାର୍ଥରେ କହିଛନ୍ତି–"ନାଥ ପନ୍ଥୀମାନେ ଉତ୍କଳୀୟ ଜନତାର ଧର୍ମ ଭାବକୁ ଗଭୀର ଭାବେ ଏପରି ପ୍ରଭାବିତ କରିଛନ୍ତି ଯେ ତାହା ନିଜର ସ୍ୱାତନ୍ତ୍ର୍ୟ ହରାଇ ଓଡ଼ିଶାର ଜାତୀୟ ସତ୍ତାରେ ନିଜକୁ ଲୀନ କରି ଦେଇଛି।(୨୮)

ଓଡ଼ିଶାରେ ନାଥଧର୍ମର ଏତାଦୃଶ ପ୍ରଚାର ଓ ପ୍ରସାରକୁ ଦେଖି ଅନେକ ଆଲୋଚକ ଏହାକୁ ଓଡ଼ିଶାର ଧାର୍ମିକ ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥଙ୍କ ସହ ଲିପ୍ତ କରିଥାନ୍ତି। ଡଃ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ଯଥାର୍ଥରେ କହନ୍ତି–ମୂଳ ଶବର ଦେବତା ରୂପେ ଶ୍ରୀଜଗନ୍ନାଥଙ୍କ ବିକାଶଧାରା ଆଲୋଚନା କଲେ ଓଡ଼ିଶାର ମୈତ୍ରୀ ପୀଠରେ ନାଥଧର୍ମ ଶ୍ରୀଜଗନ୍ନାଥଧର୍ମ ମଧ୍ୟରେ ଆସରୋପନ କରି ମିଶି ଯାଇଥିବା ଅଧିକ ସଙ୍ଗତ ବୋଧହୁଏ। (୨୯) ଓଡ଼ିଶାରେ ନାଥ ଶବ୍ଦଟି ଅତି ସାଧାରଣ ଓ ଲୋକପ୍ରିୟ ଶବ୍ଦ କାରଣ ଓଡ଼ିଶାର ଶ୍ରେଷ୍ଠ ଦେବତା 'ଜଗନ୍ନାଥ' ନାମରେ ନାଥ ଶବ୍ଦ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ। (୩୦) କେବଳ ନାଥ ପ୍ରଭାବରେ ହିଁ ପୁରୀର ପୁରୁଷୋତ୍ତମ ଜଗନ୍ନାଥ ରୂପରେ ବିହିତ ହେଲେ। (୩୧) ନାଥ ଧର୍ମର ସୂକ୍ଷ୍ମ ଅଧ୍ୟୟନ ଏବଂ ଗବେଷଣାରୁ ଜଣାଯାଏ ଯେ ଏହା ପ୍ରତ୍ୟକ୍ଷ ତଥା ସ୍ଥଳବିଶେଷରେ ପରୋକ୍ଷ ଭାବରେ ଓଡ଼ିଶାର ଜାତୀୟ ଧର୍ମ ରୂପରେ ଖ୍ୟାତ ଜଗନ୍ନାଥ ଧର୍ମର ପରିପୂରକ ହୋଇ ପାରିଛି। (୩୨) ନାଥ ସିଦ୍ଧମାନଙ୍କ ମଧ୍ୟରୁ ସତ୍ୟନାଥଙ୍କ ପ୍ରଭାବରେ ପୁରୁଷୋତ୍ତମ ଜଗନ୍ନାଥ ନାମରେ ଅଭିହିତ ହୋଇ ପାରିଥାନ୍ତି ବୋଲି ଡଃ ବେଣୀ ମାଧବ ପାଢ଼ୀ ଆଶା ପ୍ରକାଶ କରନ୍ତି। ତାଙ୍କ ମତରେ ନାଥ ସିଦ୍ଧନ୍ତ ମଧ୍ୟରେ ଦେଖିବାକୁ ମିଳେ ସତ୍ୟନାଥୀ ପନ୍ଥାର ମୂଳ ପ୍ରବର୍ତ୍ତକ ହେଉଛନ୍ତି ସତ୍ୟନାଥ। ସତ୍ୟନାଥଙ୍କ ଅପର ନାମ ବ୍ରହ୍ମା। ସ୍କନ୍ଦ ପୁରାଣୋକ୍ତ ପୁରୁଷୋତ୍ତମ ମହାତ୍ମ୍ୟରେ ବୁଝାଯାଇଛି ବ୍ରହ୍ମାହିଁ ଜଗନ୍ନାଥଙ୍କର ପ୍ରାଣ ପ୍ରତିଷ୍ଠା କରିଛନ୍ତି। ଇନ୍ଦ୍ରଦ୍ୟୁମ୍ନ ମହାରାଜା ବ୍ରହ୍ମଲୋକକୁ ଯାଇ ସ୍ୱୟଂ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରି ଆଣିଥିଲେ। ଏଣୁ ମନେହୁଏ ଏହି ସତ୍ୟନାଥଙ୍କ ପ୍ରଭାବରେ ପୁରୁଷୋତ୍ତମ ଜଗନ୍ନାଥ ନାମରେ ଅଭିହିତ ହୋଇ ପାରିଥାନ୍ତି। ସେମାନେ ଜଗନ୍ନାଥଙ୍କୁ ସିଦ୍ଧଯୋଗୀ ରୂପେ ଧାରଣା କରି ସିଦ୍ଧଯୋଗୀଙ୍କ ଆସନେ ନ ହେବା ହେତୁ ପୁରୀକୁ ସିଦ୍ଧାସନ ବା କ୍ଷେତ୍ର ନାମରେ ନାମିତ କରିବା ଅସମ୍ଭବ ନୁହେଁ। (୩୩) ନାଥ ଧର୍ମରେ ଶୂନ୍ୟତତ୍ତ୍ୱର ପ୍ରାଧାନ୍ୟ ଏକ ପ୍ରଧାନ ବିଭାବ। "ଗୋରଖବୋଧ" ଗ୍ରନ୍ଥରେ ପ୍ରଣବ ଓ ଶୂନ୍ୟତତ୍ତ୍ୱର ପାରସ୍ପରିକ ସମ୍ପର୍କ ବର୍ଣ୍ଣିତ। ପୁନଶ୍ଚ ନାଥ ସାହିତ୍ୟ "ଗୋରେକ୍ଷ ସଂହିତା"ରେ ଶ୍ରୀଜଗନ୍ନାଥଙ୍କୁ ଶୂନ୍ୟବାଦୀ ରୂପେ ଅଭିହିତ କରି ଉଲ୍ଲେଖଅଛି–

ଅଲେଖ ପୁରୁଷ ସେ ଗର୍ଭରେ ଛତି ଧରି।
ଶୂନ୍ୟ ବଇକୁଣ୍ଠ ସେ ଅନନ୍ତ ଶଯ୍ୟା କରି॥
ନିରାଲମ୍ବ ପୁରୁଷ ବିହରେ ଯହିଁ କରି।
ମହାଲକ୍ଷ୍ମୀ ଅଛି କରେ ଚାମର ଯେ ଧରି॥

(ଗୋରେକ୍ଷ ସଂହିତା)

ବାସ୍ତବରେ ଶୂନ୍ୟ ବୈକୁଣ୍ଠରେ ଅନନ୍ତଶଯ୍ୟା ରଚନା କରି ନିରାଲମ୍ବ ଶୂନ୍ୟ–ପୁରୁଷଭାବେ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରେ ସତତ ବିଦ୍ୟମାନ।

ବିଭିନ୍ନ ଧର୍ମର ଧର୍ମାଚାର୍ଯ୍ୟ ଶ୍ରୀଜଗନ୍ନାଥଙ୍କ ମହତ୍ତ୍ୱ ଉପଲବ୍ଧି କରି ଶ୍ରୀକ୍ଷେତ୍ରକୁ ଆସିବା ପରି ନାଥଧର୍ମର ମହାନ୍ ପ୍ରବକ୍ତା ଗୋରଖନାଥ ମଧ୍ୟ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରକୁ ଆସିଥିଲେ। ଏ ବିଷୟରେ ଡଃ ଗୋଲୋକବିହାରୀ ଶାସ୍ତ୍ରୀ "ନାଥ ଧର୍ମର କ୍ରମ ବିକାଶ" ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ଜନଶ୍ରୁତିରୁ ଜଣାଯାଏ ପୁରୀର ବଡ଼ଆଖଡ଼ା ମଠ ଗୋରଖନାଥଙ୍କ ଦ୍ୱାରା ପ୍ରଥମେ ସ୍ଥାପିତ ହୋଇଥିଲା। ଗୋରଖନାଥ ଯେତେବେଳେ ଶ୍ରୀକ୍ଷେତ୍ରରେ ଉପସ୍ଥିତ ହୋଇଥିଲେ, ସେତେବେଳେ ତାଙ୍କ ଶିଙ୍ଗା ବାଦନ ଶବ୍ଦରେ ସମୁଦ୍ର ୧୦୦ ହାତ ଦୂରକୁ ଘୁଞ୍ଚିଗଲା। ଜଗନ୍ନାଥଙ୍କ ଆସନ ପ୍ରକମ୍ପିତ ହେବାରୁ ସେ ସିଂହଦ୍ୱାରକୁ ଆସି ଗୋରଖନାଥଙ୍କୁ ଦର୍ଶନ ଦେଲେ ଏବଂ କହିଲେ, "ଲୋକେ ତୁମକୁ ପ୍ରଥମେ ଦର୍ଶନ କରି ପଛେ ମୋତେ ଦର୍ଶନ କରିବେ। ସେହି ସମୟରୁ ପତିତପାବନଙ୍କ ମୂର୍ତ୍ତି ନିକଟରେ ଗୋରଖନାଥଙ୍କ ମୂର୍ତ୍ତି ସ୍ଥାପିତ ହୋଇ ନାଥ ସିଦ୍ଧାଚାର୍ଯ୍ୟଙ୍କୁ ସମୁଚିତ ସମ୍ମାନ ପ୍ରଦତ୍ତ ହୋଇଅଛି। ପୁନଶ୍ଚ ସତ୍ୟନାଥ ହେଉଛନ୍ତି ଗୋରେକ୍ଷନାଥଙ୍କ ପଟ୍ଟଶିଷ୍ୟ। ଏହି ସତ୍ୟନାଥ ଯୋଗୀ ଏକ ସମୟରେ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରୁଥିବା କଥା "ଲକ୍ଷ୍ମୀପୁରାଣ"ରୁ ଜଣାଯାଏ। ମହାଲକ୍ଷ୍ମୀଙ୍କ ଅଭିଶାପ ଯୋଗୁ ଶ୍ରୀଜଗନ୍ନାଥ ଓ ବଳଦେବ ନିରାହାରରେ ଇତସ୍ତତଃ ହୋଇ ଭ୍ରମଣ କରୁଥିବା ଅବସରରେ ମହାଲକ୍ଷ୍ମୀଙ୍କ ନିବାସାନ୍ତକୁ ଯିବା ପାଇଁ ସତ୍ୟନାଥ ଯୋଗୀ ରାସ୍ତା ବତାଇ ଦେବାରୁ ସେମାନେ ପରିଶେଷରେ ମା'ଙ୍କ ସାନ୍ନିଧ୍ୟ ଲାଭ କରିବାକୁ ସକ୍ଷମ ହୋଇ ପାରିଥିଲେ। (୩୪) ଏହି ସତ୍ୟନାଥ ସମ୍ପ୍ରଦାୟର ଏକ ମଠ ଶ୍ରୀକ୍ଷେତ୍ରର ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ପରିତ୍ୟକ୍ତ ଅବସ୍ଥାରେ ଅଦ୍ୟାବଧି ଅବସ୍ଥିତ। ଭର୍ଣ୍ଣ ଷ୍ଟେଫେନ ବ୍ରିଗ୍‌ସ ନାମକ ଜନୈକ ଜର୍ମାନ୍ ଗବେଷକ ୧୯୨୪ରେ ଶ୍ରୀକ୍ଷେତ୍ର ଆଗମନ କରି ମଠର ତଦାନିନ୍ତନ ମହନ୍ତ ନରହରିନାଥଙ୍କୁ ସାକ୍ଷାତ କରି ମଠ ସମ୍ବନ୍ଧରେ ସ୍ୱରଚିତ ଗ୍ରନ୍ଥ (୩୫)ରେ ଲେଖିଛନ୍ତି ଯେ ଏହି ମଠରେ ଶିବଲିଙ୍ଗ ଓ କେତେକ ସମାଧି ସହିତ ଦୁଇଟି କ୍ଷୁଦ୍ର ମନ୍ଦିର ବିଦ୍ୟମାନ। ତନ୍ମଧ୍ୟରୁ ତିନି ଦ୍ୱାର ଓ ଗୋଲାକୃତି ବିଶିଷ୍ଟ ମନ୍ଦିରଟି ମୂର୍ତ୍ତି ବିହୀନ ହୋଇଥିବା ସ୍ଥଳେ ଅନ୍ୟ ମନ୍ଦିରଟିରେ ଭୈରବମୂର୍ତ୍ତି ପୂଜିତ ହେଉଛନ୍ତି। (୩୬) ଶ୍ରୀକ୍ଷେତ୍ରରେ ବିମଳାଙ୍କୁ ଭୈରବୀ ଓ ଜଗନ୍ନାଥଙ୍କୁ ଭୈରବ ବୁଝାଯାଉ ଥିବାରୁ ସତ୍ୟନାଥ ମଠର ଭୈରବ ମୂର୍ତ୍ତି ନାଥଧର୍ମର ଏକ ପ୍ରଧାନ ତନ୍ତ୍ର ସାଧନ ପୀଠ ହିସାବରେ ନୀରବ ସାକ୍ଷ୍ୟ ବହନ କରିଥାଏ।

ନାଥ ସିଦ୍ଧମାନେ ତନ୍ତ୍ର, ଯୋଗ ଓ ଆୟୁର୍ବେଦର ପ୍ରଭୂତ ଉନ୍ନତି ସାଧନ କରିଛନ୍ତି। ଗୋରଖନାଥଙ୍କ ଗୁରୁ ମତ୍ସେନ୍ଦ୍ରନାଥଙ୍କ ଲିଖିତ "କୌଳଜ୍ଞାନ ନିର୍ଣ୍ଣୟ" ତନ୍ତ୍ରଶାସ୍ତ୍ରର ଚରମ ଉତ୍କର୍ଷ ପ୍ରତିପାଦନ କରିଥାଏ। ଆୟୁର୍ବେଦ ପ୍ରତି ନାଥ ସଂପ୍ରଦାୟର ଅବଦାନ ମଧ୍ୟ କମ୍ ନୁହେଁ। ନିତ୍ୟନାଥ, ଧେଣ୍ଟୁବାନାଥ ଓ ଚର୍ମଟୀନାଥ ଆଦି ମହାତ୍ମାମାନେ ନିଜ ନିଜ ନାମରେ ଅନେକ ରସଶାସ୍ତ୍ର ଗ୍ରନ୍ଥମାନ ରଚନା କରିଛନ୍ତି। ନାଥଯୋଗିମାନେ ରସାୟନ ଓ ଚିକିତ୍ସା ବିଦ୍ୟାକୁ ବଂଶ ପରମ୍ପରା କ୍ରମେ ଅଭ୍ୟାସ ଓ ଚର୍ଚ୍ଚାକରି ଆସୁଛନ୍ତି। ଏହା ବ୍ୟତୀତ ଆୟୁର୍ବେଦ ଚିକିତ୍ସାରେ ବ୍ୟବହୃତ ଅନେକ ଫଳପ୍ରଦ ଯୋଗର ପ୍ରବର୍ତ୍ତକ


ରହିଛନ୍ତି ନାଥମାନେ । ଶ୍ରୀଜଗନ୍ନାଥଙ୍କ ସେବାପୂଜା ପାଇଁ ଶ୍ରୀମନ୍ଦିରରେ ଯେଉଁ ଛତିଶ ପ୍ରକାରର ସେବକ ନିଯୁକ୍ତ ହୋଇଛନ୍ତି ନାଥସମ୍ପ୍ରଦାୟକୁ ସେଥିରୁ ବାଦ୍‌ଦିଆଯାଇନାହିଁ । ମାଦଳାପାଞ୍ଜିର ବର୍ଣ୍ଣନା ଅନୁସାରେ ସତ୍ୟନାଥ ମଠର ମହନ୍ତ ଅଣସର ପକ୍ଷରେ ପ୍ରତିଦିନ ଅଣସର ପିଣ୍ଡିକୁ ଯାଇ ମହାପ୍ରଭୁଙ୍କୁ ଦଶମୂଳ, ପଞ୍ଚ ପ୍ରଭୃତି ଦେଇ ଆୟୁର୍ବେଦିକ ଚିକିତ୍ସା କରି ଏହି ସେବା ପୂଜା ନିମିତ୍ତ ଅନେକ ଭୂସମ୍ପତ୍ତି ଭୋଗ କରୁଥିଲେ । ମାତ୍ର ପରବର୍ତ୍ତୀ କାଳରେ ସତ୍ୟନାଥ ମଠର ହିନସ୍ଥ ପରେ ବ୍ରାହ୍ମଣମାନେ ଯୋଗୀମାନଙ୍କୁ ଏହି ସେବାରୁ ବଞ୍ଚିତ କରିଛନ୍ତି ।

ତେଣୁ ଏହିପରି ବିଭିନ୍ନ ଦୃଷ୍ଟିରୁ ଆଲୋଚନା କଲେ ନାଥ ଧର୍ମ ସହିତ ଶ୍ରୀଜଗନ୍ନାଥଙ୍କର ଅନେକ ସାମଞ୍ଜସ୍ୟ ଦେଖିବାକୁ ମିଳେ । ଶ୍ରୀଜଗନ୍ନାଥଙ୍କୁ ସମ୍ପୂର୍ଣ୍ଣ ଭାବରେ ନାଥ ଧର୍ମର ଦେବତା ଭାବେ ଗ୍ରହଣ କରାଯାଇ ନପାରେ, କିନ୍ତୁ ନାଥ ଧର୍ମ ଯେ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତିକୁ ପ୍ରଭାବିତ କରିଛି ଏହା କହିବାରେ ଅସ୍ୱାଭାବିକତା କିଛି ନାହିଁ ।

**ସହାୟକ ଗ୍ରନ୍ଥ ସୂଚୀ**

(୧) (କ) ଶକ୍ତି ସଙ୍ଗମ ତନ୍ତ୍ର-ପୃ ୮୮ (ଖ) ଶାବରଭାଷ୍ୟ-ପୃ-୫
(୨) ଡଃ ବଂଶୀଧର ମହାନ୍ତି-ଓଡ଼ିଶାର ନାଥ ସମ୍ପ୍ରଦାୟ ଓ ନାଥ ସାହିତ୍ୟ-ପୃ-୨ ।
(୩) K. M. Sen-Hinduism P. 69
(୪) ଓଡ଼ିଆ ସାହିତ୍ୟର ଆଦିପର୍ବ-ପୃ-୬୦
(୫) ଡଃ ହଜାରୀ ପ୍ରସାଦ ଦ୍ୱିବେଦୀ-ନାଥ ସମ୍ପ୍ରଦାୟ-ପୃ-୩୦
(୬) ତଦେବ-ନାଥ ସମ୍ପ୍ରଦାୟ-ପୃ-୩
(୭) ବ୍ରହ୍ମ ବୈବର୍ତ୍ତ ପୁରାଣ-୧ମ ଖଣ୍ଡ, ୮ମ ଓ ୯ମ ଅଧ୍ୟାୟ
(୮) ଡଃ ଗୋକୁଳଗୋବିନ୍ଦ ଶାସ୍ତ୍ରୀ-'ନାଥ ଧର୍ମର କ୍ରମବିକାଶ-ପୃ-୨୨
(୯) ନାଥ ଧର୍ମର କ୍ରମ ବିକାଶ-ପୃ-୨
(୧୦) ଗୋକୁଳଗୋବିନ୍ଦ ଶାସ୍ତ୍ରୀ-ନାଥଧର୍ମ ଓ ଦର୍ଶନ-ପୃ-୭
(୧୧) ତଦେବ-[illegible] ପ୍ରକା. ପୃ-୧୯
(୧୨) [illegible]-ଓଡ଼ିଶାରେ ନାଥଧର୍ମ-ପ୍ରସାଦ-[illegible]
(୧୩) ଡଃ [illegible]-ଓଡ଼ିଆ ସାହିତ୍ୟରେ ବିଭିନ୍ନ ଧର୍ମଧାରା-[illegible] ପୃ-?
(୧୪) ଓଡ଼ିଶାର ନାଥ ସମ୍ପ୍ରଦାୟ ଓ ନାଥ ସାହିତ୍ୟ-ପୃ-୬
(୧୫) ସାରଳା ମହାଭାରତ-ସଭାପର୍ବ-ପୃ-୩୫୭
(୧୬) ଓଡ଼ିଶାର ନାଥ ସମ୍ପ୍ରଦାୟ ଓ ନାଥ ସାହିତ୍ୟ-ପି-୨୭
(୧୭) ତଦେବ-ପୃ-୮
(୧୮) ଡଃ ମାୟାଧର ମାନସିଂହ-ଓଡ଼ିଆ ସାହିତ୍ୟର ଇତିହାସ
(୧୯) ଡଃ [illegible] ଚନ୍ଦ୍ର ଆଚାର୍ଯ୍ୟ-ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ-ପୃ-୪୨ ।
(୨୦) ଓଡ଼ିଶାର ନାଥ ସମ୍ପ୍ରଦାୟ ଓ ନାଥ ସାହିତ୍ୟ-ପୃ-୧-୨
(୨୧) ଡଃ ମାୟାଧର ମାନସିଂହ-ଓଡ଼ିଆ ସାହିତ୍ୟର ଇତିହାସ-ପୃ-୩୮
(୨୨) ଡଃ ଘନେଶ୍ୱର ନାଥ-ନାଥଧର୍ମ ଓ ଶ୍ରୀଜଗନ୍ନାଥ-ନିର୍ମାଲ୍ୟ-୩୦ ତମ ସଂଖ୍ୟା-ପୃ-୨୭ ।
(୨୩) ଡଃ ବେଣୀ ମାଧବ ପାଢ଼ୀ-ଦାରୁ ଦେବତା-ପୃ-୧୨୭
(୨୪) ବଳରାମ ଦାସ-ଲକ୍ଷ୍ମୀ ପୁରାଣ
(୨୫) G. W Briggs-Gorakhnath and the Kanphata Yogis.
(୨୬) ଡଃ ଘନେଶ୍ୱର ନାଥ-ସତ୍ୟନାଥ ମଠ-ଶ୍ରୀଜଗନ୍ନାଥ ଜାଗରୀ-୧ମ ବର୍ଷ-୪ର୍ଥ ସଂଖ୍ୟା-୧୯୮୭ ।

ଅଧ୍ୟାପକ ଓଡ଼ିଆ ବିଭାଗ,
କଣିହୋ ପାଟଣା ମହାବିଦ୍ୟାଳୟ,
କଣିହୋ ପାଟଣା, କେନ୍ଦ୍ରାପଡ଼ା



# ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବଡ଼ସିଂହାର ବେଶ

ଶ୍ରୀ ଭାସ୍କର ମିଶ୍ର

ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି ମୁତାବକ ଦୈନନ୍ଦିନ ରତ୍ନସିଂହାସନାଧିଷ୍ଠିତ ଶ୍ରୀବିଗ୍ରହମାନଙ୍କର ବଡ଼ ସିଂହାର ବେଶ ହୋଇଥାଏ । ଶ୍ରୀମନ୍ଦିରରେ ବହୁ ପ୍ରାଚୀନ ସମୟରୁ ଠାକୁରମାନେ ଦୈନନ୍ଦିନ ପ୍ରଥମେ ବସ୍ତ୍ର ଶୃଙ୍ଗାର ବା ବେଶ, ଦ୍ୱିତୀୟରେ ଭୂଷଣ ଶୃଙ୍ଗାର ଓ ଶୟନ କାଳରେ ପୁଷ୍ପ ଶୃଙ୍ଗାରରେ ଭୂଷିତ ହୋଇଥାନ୍ତି । ମୁଖ୍ୟତଃ ବଡ଼ ସିଂହାର ବେଶ ହେଉଛି ପୁଷ୍ପ ବେଶ । ନାନାଦି ପୁଷ୍ପ ଅଳଙ୍କାର ଲାଗି ହୋଇ ଶ୍ରୀଜୀଉମାନଙ୍କ ଏହି ଆକର୍ଷଣୀୟ ବେଶ ସମଗ୍ର ଭାରତରେ ସ୍ୱତନ୍ତ୍ର ତଥା ବିରଳ ଅଟେ । ପୁରୀର ବିଶିଷ୍ଟ ସେବାୟତ ଚନ୍ଦନ ହଜୁରୀ ବଡ଼ ସିଂହାର ବେଶ ସମ୍ପର୍କରେ ଏକ ମର୍ମସ୍ପର୍ଶୀ ଗୀତ ରଚନା କରିଥିଲେ । ଗୀତରୁ କିଛିଅଂଶ ପାଠକଙ୍କ ନିମିତ୍ତ ନିମ୍ନରେ ପ୍ରଦତ୍ତ ହେଲା ।

"ଖଣ୍ଡୁଆ ପଟେ ଗଣ୍ଡି ଏକୁ ଆରେକ ଦେଖି
ନୀଳାଦ୍ରି କେଶରୀ ମଣ୍ଡି
ଶୟନ ସୁଖ ସାର ଏ ବେଶ ମନୋହର
ପିନ୍ଧିବ ସୁଖେ ପହୁଡ଼ନ୍ତି
ରେ ପାପ ନେତ୍ର
ମୋ ନେତ୍ର ପଟେ ଲାଖି ହେଉ ନିରତ ସୁଖୀ
ଚନ୍ଦନ ହଜୁରୀ ଭଣତି
ରେ ପାପ ନେତ୍ର" ।

ଶ୍ରୀକ୍ଷେତ୍ରରେ ଦ୍ୱାଦଶ ଶତାବ୍ଦୀରୁ ଏହି ମନୋରମ ପୁଷ୍ପ ଶୃଙ୍ଗାର ବା ବେଶ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଆସୁଥିବା ଜଣାଯାଏ । କଥିତ ଅଛି ଯେ, ନିଦ୍ରିତ ଭାବରେ ମହାପ୍ରଭୁଙ୍କ ଏହି ବେଶ ଦର୍ଶନକୁ ଦେବତାମାନେ ଦୁର୍ଲଭ କରନ୍ତି । ଏହି ପବିତ୍ର ତଥା ମନୋରମ ପୁଷ୍ପ ବେଶ ପ୍ରତ୍ୟହ ଶ୍ରୀଜୀଉମାନଙ୍କ ରାତ୍ର ଚନ୍ଦନଲାଗି ନୀତି ପରେ ହୋଇଥାଏ । ଶ୍ରୀମନ୍ଦିର ସ୍ୱତ୍ୱଲିପି (Record of Rights)ରେ ଉଲ୍ଲେଖ ହୋଇଛି ଯେ–"ରାତ୍ର ୧୦ଟା ୩୦ ମିନିଟ୍ ସମୟରେ ବଡ଼ସିଂହାର ବେଶ ହେବାର ନିୟମ । ଏହି ବେଶ ପାଇଁ ଶ୍ରୀରାମ ଦାସ ମଠ ଫୁଲର କରପଲ୍ଲବ, କୁଣ୍ଡଳ ଓ ତଡ଼ଗି ଯୋଗାଏ । ଏମାର ମଠ ଫୁଲର ଚନ୍ଦ୍ରିକା ଯୋଗାଏ । ଏହି ଫୁଲ ଅଳଙ୍କାର ଯୋଗାଇବା ସକାଶେ ଉକ୍ତ ଦୁଇ ମଠ ଜମି ଭୋଗ କରନ୍ତି । ସୁଆର୍ଡ଼ା ମେକାପ ବାଉଳାଗି ପାଟ ଯୋଗାଏ । ଏହି ପାଟରେ ଗୀତ ଗୋବିନ୍ଦ ଲେଖା ହୋଇଥାଏ । ବର୍ଷକୁ ୮ ସଡ ପାଟ ଦରକାର ହୁଏ । ଚନ୍ଦନଲାଗି ବଢ଼ିବା ପରେ ସୁଆର୍ଡ଼ା ମେକାପ ମଇଲମ ଲୁଗା ପୁଷ୍ପାଳକମାନଙ୍କୁ ବଢ଼ାନ୍ତି । ପୁଷ୍ପାଳକମାନେ ଠାକୁରମାନଙ୍କୁ ବାଉଳାଗି ପାଟ ପିନ୍ଧାନ୍ତି ଓ ମାଳ ଫୁଲରେ ବେଶ କରନ୍ତି । କରପଲ୍ଲବ, କୁଣ୍ଡଳ, ଚନ୍ଦ୍ରିକା ଦୁଇ ଠାକୁରଙ୍କୁ ଲାଗି ହୁଏ । ତଡ଼ଗି ଓ ଚନ୍ଦ୍ରିକା ସୁଭଦ୍ରା ଠାକୁରାଣୀଙ୍କୁ ଲାଗି ହୁଏ । ଏହି ବେଶରେ ଠାକୁରମାନେ କେବଳ ଫୁଲରେ ବେଶ ହୁଅନ୍ତି । ବେଶ ବଢ଼ାଇ ସାରି ପଶୁପାଳକ (ପୁଷ୍ପାଳକ)ମାନେ ଠାକୁରମାନଙ୍କୁ କର୍ପୂରଲାଗି କରନ୍ତି ଓ ସିଂହାସନରୁ ଓହ୍ଲାଇ ଖୁଲି ଯାଆନ୍ତି । ତହିଁରେ ପାଣି ପଡ଼ି ବଡ଼ ସିଂହାର ଭୋଗର ଆୟୋଜନ ହୁଏ" ।

ଗବେଷକମାନଙ୍କ ମତାନୁଯାୟୀ କବି ଜୟଦେବଙ୍କ ସମୟରେ ଗୀତ ଗୋବିନ୍ଦ ପ୍ରଚଳନ ହୋଇ ପରବର୍ତ୍ତୀ ସମୟରେ ଗୀତ ଗୋବିନ୍ଦ ଖଣ୍ଡୁଆ ବଡ଼ ସିଂହାର (ଶୃଙ୍ଗାର) ବେଶରେ ଠାକୁରମାନଙ୍କୁ ଲାଗି ହେଲା । ଏହି ବେଶରେ ଠାକୁରମାନେ ଖଣ୍ଡୁଆ, ପହରଣ, ତାରାବଳୀ ଖଣ୍ଡୁଆ (ପୂର୍ବେ ଲାଗି ହେଉଥିଲା), ଫୁଟା, ଶିରକପଡ଼ା (ଶ୍ରୀକପଡ଼ା) ଇତ୍ୟାଦି ପାରମ୍ପରିକ ବସ୍ତ୍ରମାନ ପରିଧାନ କରିଥାନ୍ତି । ସୂଚନାଯୋଗ୍ୟ ଯେ କଳାଧଡ଼ିଯୁକ୍ତ ଧଳା ଶିରକପଡ଼ା ବଳଭଦ୍ରଙ୍କୁ, ଲାଲ ରଙ୍ଗ ଧଡ଼ିର ଶିରକପଡ଼ା ପ୍ରଭୁ ଜଗନ୍ନାଥଙ୍କୁ ଓ ନାଲି ଧଡ଼ିଆ ଧଳା ଶିରକପଡ଼ା ମା ସୁଭଦ୍ରାଙ୍କୁ ଲାଗି ହୋଇଥାଏ । ଉକ୍ତ ବେଶରେ ଠାକୁରମାନେ ଲାଗି ହେଉଥିବା ବିଭିନ୍ନ ପୁଷ୍ପାଳଙ୍କାର ମଧ୍ୟରେ ମୁଖ୍ୟତଃ ଗଭା, ଚନ୍ଦ୍ରିକା, ଅଳକା, ତିଳକ, ଝୁମ୍ପା, ନାକୁଆସି, ଦୟଣା, ଅଧରମାଳ, ମକର କୁଣ୍ଡଳ, ଶ୍ରୀପୟରମାଳ, ହୃଦୟପଦକ, କଳି ପଦକ, କୌସ୍ତୁଭ ପଦକ, କରପଲ୍ଲବ ଆଦି ପ୍ରଧାନ ।

ରତ୍ନସିଂହାସନସ୍ଥିତ ଚତୁର୍ଦ୍ଧାମୂର୍ତ୍ତି ଯଥା ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା, ଶ୍ରୀଜଗନ୍ନାଥ ଓ ଶ୍ରୀସୁଦର୍ଶନଙ୍କ ମସ୍ତକରେ ଫୁଲର ଓ ତୁଳସୀରେ ନିର୍ମିତ "ଗଭା" ଲାଗି ହୋଇଥାଏ । ଗଭା ଉପରେ ଚନ୍ଦ୍ରିକା ରହିଥାଏ । ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ କପାଳରେ ତିଳକ ଶୋଭାପାଇଥାଏ । ଏତଦ୍‌ବ୍ୟତୀତ ଠାକୁରମାନଙ୍କର କପାଳଦେଶରେ ଯଥାକ୍ରମେ ବଳଭଦ୍ରଙ୍କର ୧୦ଟି, ସୁଭଦ୍ରାଙ୍କର ୮ଟି ଏବଂ ଜଗନ୍ନାଥଙ୍କର ୧୨ଟି ଅଳକାଲାଗି ହୁଏ । ନାସାରେ ଝୁମ୍ପା ଓ ସୁଣା ତିନି ଠାକୁରଙ୍କୁ ଲାଗି କରାଯାଏ । ସେହିପରି ଠାକୁରମାନଙ୍କ ଗଳାଦେଶରେ ଅଧରମାଳା ଲାଗି ହୁଏ । ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ କର୍ଣ୍ଣ ଦେଶରେ ଦୁଇଟି କରି ପୁଷ୍ପ କୁଣ୍ଡଳ ଏବଂ ସୁଭଦ୍ରାଙ୍କ ଶିରରେ ଦୁଇ ପାର୍ଶ୍ୱରେ ତଡ଼ଗି ଲାଗି ହୁଅନ୍ତି । ବଳଭଦ୍ର ଓ ଜଗନ୍ନାଥଙ୍କ ଶ୍ରୀଭୁଜରେ ୨ଟି ଲେଖାଏଁ କରପଲ୍ଲବ ଲାଗି କରାଯାଏ । ଠାକୁରଙ୍କ ନାଭି ଦେଶରେ ନଖ–ତୁଳସୀ ଏବଂ ଭୁଜରୁ ପାଦଦେଶ ପର୍ଯ୍ୟନ୍ତ ପୁଷ୍ପହାର (ଶ୍ରୀପୟର) ଓ ଚଉସରମାଳରେ ଠାକୁରମାନେ ଭୂଷିତ

ହୋଇଥାନ୍ତି। ଚତୁର୍ଦ୍ଧାମୂର୍ତ୍ତିଙ୍କ ବ୍ୟତୀତ ଶ୍ରୀଦେବୀ ଓ ଭୂଦେବୀ ତୁଳସୀ ବିହୀନ ସୁବାସିତ ପୁଷ୍ପ ଓ ଖଣ୍ଡୁଆ ପାଟରେ ତଥା ମାଧବ ବିଗ୍ରହ ଗଳାରେ ତୁଳସୀ ଓ ଦୟଣରେ ଫୁଲ ମାଳରେ ବେଶ ହୋଇଥାନ୍ତି।

ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟତଃ ଟଗର, ଟଗର, ପଦ୍ମ, ଚମ୍ପା, ଗେଣ୍ଡୁ, ମାଳତୀ, ଗୋଲାପ, ଜୁଇ, ମଲ୍ଲୀ, କୁସୁମ, କୁନ୍ଦ ପ୍ରଭୃତି ସୁଗନ୍ଧି ପୁଷ୍ପ ଓ ତୁଳସୀ, ଦୟଣା, ରଙ୍ଗଣୀରେ ନାନା ପ୍ରକାର ପୁଷ୍ପ ଅଳଙ୍କାର ସମ୍ପୂର୍ଣ୍ଣ ଶୁଦ୍ଧପୂତ ଭାବରେ ନିର୍ମିତ ହୋଇଥାଏ। ଶ୍ରୀମନ୍ଦିରର ଦୁଇ ମୁଖ୍ୟ ଉପବନରୁ ଏହି ଫୁଲ ଦୈନିକ ସଂଗୃହୀତ ହୋଇଥାଏ। ସ୍ୱତନ୍ତ୍ର ଶୈଳୀରେ ପୁଷ୍ପ ଶିଳ୍ପୀମାନଙ୍କ ଦ୍ୱାରା ଆବଶ୍ୟକୀୟ ଉପକରଣ ଯଥା :–କଦଳୀପଟୁକା, ଛୁଞ୍ଚି, ପଣସପତ୍ର, ସୂତା, ଛୁରୀ, ତାଳପତ୍ର ଭୋଗେଇ, ଡ଼ାଳା, ବେତା ଓ ଖୁଣ୍ଟଡ଼ା ଇତ୍ୟାଦି ସାହାଯ୍ୟରେ ପୂର୍ବ ବର୍ଣ୍ଣିତ ପୁଷ୍ପ ଅଳଙ୍କାରଗୁଡ଼ିକ ଶ୍ରୀମନ୍ଦିରସ୍ଥ ନୀଳାଚଳ ଉପବନ, କୋଇଲି ବୈକୁଣ୍ଠ ଓ ଶ୍ରୀମନ୍ଦିର ଭିତର ବେଢ଼ାସ୍ଥ ପାଦପଦ୍ମଠାରେ ପ୍ରସ୍ତୁତ ହୋଇଥାଏ। ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏହି ସବୁ ପୁଷ୍ପ ଅଳଙ୍କାର ତଥା ମାଳ ଯୋଗାଇ ଦିଆଯାଇଥାଏ। ଏତଦ୍‌ବ୍ୟତୀତ ଜଗନ୍ନାଥବଲ୍ଲଭ ମଠ, ଏମାର ମଠ, ଦୁନା ଗୋସାଇଁ ମଠ ତରଫରୁ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ପୁଷ୍ପ ଅଳଙ୍କାର ଶ୍ରୀଜୀଉମାନଙ୍କ ବିଭିନ୍ନ ବେଶ ପାଇଁ ଶ୍ରୀମନ୍ଦିରକୁ ଆସିଥାଏ। ଶ୍ରୀମନ୍ଦିରର ଖୁଣ୍ଟିଆ ସେବକମାନେ ମାଳଫୁଲର ପବିତ୍ରତାକୁ ରକ୍ଷା କରି ନିଷେଧ ଫୁଲ ଯେପରି ଲାଗି ନହୁଏ ତାହା ଯାଞ୍ଚ କରି ବିଭିନ୍ନ ବେଶରେ ଲାଗି ହେବା ପାଇଁ ଫୁଲମାନ, ତୁଳସୀ ଇତ୍ୟାଦି ପୁଷ୍ପାଳକ ସେବକମାନଙ୍କୁ ଯୋଗାଇ ଦିଅନ୍ତି।

ବଡ଼ସିଂହାର ବେଶ ହେଉଛି ବିଶେଷ ମାନସିକତା, ଭାବାବସ୍ଥା ତଥା ପ୍ରକୃତିର ପ୍ରତିଫଳନ। ଜନଶ୍ରୁତି ଅନୁଯାୟୀ ଅତିବଡ଼ୀ ଜଗନ୍ନାଥ ଦାସ ଗୋସ୍ୱାମୀ ପ୍ରତିଦିନ ମହାପ୍ରଭୁଙ୍କ ବଡ଼ ସିଂହାର ବେଶ ଦର୍ଶନ କରିବା ପରେ ଶୟନ କରୁଥିଲେ। ବାସ୍ତବିକ୍ ବଡ଼ସିଂହାର ବେଶ ବୈଷ୍ଣବ କବିମାନଙ୍କର ଅତ୍ୟନ୍ତ ପ୍ରିୟ, ସେଥିପାଇଁ ପୁରୁଷୋତ୍ତମ ଗୀତାରେ ଉଲ୍ଲେଖ ହୋଇଛି :–

"ତୋର ବିବିଧ ବେଶ ଦେଖି
ନିର୍ମଳ ହେଲା ବେନି ଆଖି
ଧନ୍ୟ ତୋ ନୀଳାଦ୍ରୀ ମଣ୍ଡନ
ଉନ୍ନତ ଭାବେ ହେଲୁ ଭୋଳ।"

ବଡ଼ସିଂହାର ବେଶ ପରେ ପରେ ଠାକୁରମାନଙ୍କ ବଡ଼ସିଂହାର ଭୋଗ ହୁଏ। ସୂଚନାଯୋଗ୍ୟଯେ, ଏହି ବେଶରେ ଠାକୁରମାନଙ୍କ ପହୁଡ଼ ବା ଶୟନ ନୀତି ସମ୍ପାଦିତ ହୋଇଥାଏ। ତତ୍‌ପରଦିନ ମଙ୍ଗଳ ଆରତି ପରେ ମଇଲମ (ବେଶ ଓଲାଗି) ହୋଇଥାଏ। ପୁଷ୍ପ ଅଳଙ୍କାରଗୁଡ଼ିକ ମଇଲମ ହେବାପରେ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର କେତେକ ନିର୍ଦ୍ଦିଷ୍ଟ ଦେବ ଦେବୀଙ୍କୁ ଲାଗି କରାଯାଏ। ବିଶେଷ କରି ବଳଭଦ୍ରଙ୍କ ଅଧରମାଳା ମା' ବିମଳାଙ୍କୁ, ଶ୍ରୀଜଗନ୍ନାଥଙ୍କ ଅଧରମାଳା ବେଢ଼ା ଲକ୍ଷ୍ମୀଙ୍କୁ ଏବଂ ସୁଭଦ୍ରାଙ୍କର ଅଧରମାଳା ଉତ୍ତରାୟଣୀଙ୍କୁ ଦିଆଯାଇଥାଏ। ବଳଭଦ୍ର ଓ ଜଗନ୍ନାଥଙ୍କର ଗୋଟିଏ ଲେଖାଏଁ ଝୁମ୍ପା ଗଜପତି ମହାରାଜାଙ୍କ ଗୃହ ଠାକୁରାଣୀ କନକ ଦୁର୍ଗାଙ୍କ ପାଇଁ ପ୍ରତ୍ୟହ ଶ୍ରୀନହରକୁ ପଠାଯାଏ। ଏହା ବ୍ୟତୀତ ବଡ଼ ଠାକୁରଙ୍କ ଚନ୍ଦ୍ରିକା ବଟ ମଙ୍ଗଳା, ଜଗନ୍ନାଥଙ୍କ ଚନ୍ଦ୍ରିକା ଦକ୍ଷିଣକାଳୀ ଓ ସୁଭଦ୍ରାଙ୍କ ଚନ୍ଦ୍ରିକା ସଙ୍କଟ ଯାଗାସ୍ଥ ହରଚଣ୍ଡୀ ଠାକୁରାଣୀଙ୍କ ପାଇଁ ଉଦ୍ଦିଷ୍ଟ। ପୁରୀ ସହରର ପ୍ରତିଷ୍ଠିତ କପାଳମୋଚନ, ଗଣେଶ, ହନୁମାନ, ବାଟମଙ୍ଗଳା ପ୍ରଭୃତି ଅନ୍ୟାନ୍ୟ ଦେବ ଦେବୀଙ୍କୁ କରପଲ୍ଲବ ଲାଗି ଉଦ୍ଦେଶ୍ୟରେ ପଠାଯାଏ। ନିର୍ଦ୍ଦିଷ୍ଟ ଦେବ ଦେବୀଙ୍କୁ ଦିଆଯାଉଥିବା ମାଳ ଫୁଲକୁ ବାଦ୍ ଦେଲେ ବଳକା ମାଳ ଫୁଲକୁ ସେବା କରୁଥିବା ପୁଷ୍ପାଳକ ଅର୍ଦ୍ଧାଂଶ ରଖି ଅବଶିଷ୍ଟ ଅର୍ଦ୍ଧାଂଶ ପାଳିଆ ଖୁଣ୍ଟିଆଙ୍କୁ ଦେଇଥାନ୍ତି। ଶ୍ରୀଜୀଉଙ୍କୁ ଲାଗି ହେଉଥିବା ପୁଷ୍ପ ଅଳଙ୍କାର ତଥା ମାଳଗୁଡ଼ିକ ଶ୍ରୀକ୍ଷେତ୍ରର ଅଧିକାଂଶ ଅଧିବାସୀମାନେ ତାଙ୍କର ନୂତନ ଘର, ଦୋକାନ ପ୍ରତିଷ୍ଠା ଓ ଅନ୍ୟାନ୍ୟ ଶୁଭ କାର୍ଯ୍ୟରେ ବ୍ୟବହାର କରିବା ଉଦ୍ଦେଶ୍ୟରେ ସଂପୃକ୍ତ ସେବାୟତଙ୍କଠାରୁ ଏହି ପ୍ରସାଦ ପୁଷ୍ପାଳଙ୍କାରକୁ ସଂଗ୍ରହ କରିଥାନ୍ତି। କଥିତ ଅଛି ବଡ଼ ସିଂହାର ବେଶ ଏପରି ଆକର୍ଷଣୀୟ ଯେ, ଯାହାକୁ ଦର୍ଶନ କରିବାକୁ ଶ୍ରୀକ୍ଷେତ୍ରର ଦେବଦେବୀମାନେ ମଧ୍ୟ ଗୋପନରେ ପ୍ରତ୍ୟହ ବିଳମ୍ବିତ ରାତ୍ରରେ ଶ୍ରୀମନ୍ଦିରସ୍ଥ ଜଗମୋହନରେ ବିରାଜମାନ କରିଥାନ୍ତି।

---

ସହାୟକ :
"ଶ୍ରୀମନ୍ଦିର" ରଥ ବିଶେଷାଙ୍କ–୧୯୯୫
ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି
ଶ୍ରୀ ମନୋରଞ୍ଜନ ପୁଷ୍ପାଳକ,
ସମ୍ପାଦକ, ପୁଷ୍ପାଳକ ନିଯୋଗ, ଶ୍ରୀମନ୍ଦିର
ଶ୍ରୀ ଚକ୍ରଧର ବାସୁଦେବ ମହାପାତ୍ର,
ପୁଷ୍ପାଳକ ସେବକ, ଶ୍ରୀମନ୍ଦିର
ଶ୍ରୀ ରାଧାନାଥ ପ୍ରତିହାରୀ, ଶ୍ରୀମନ୍ଦିର ସେବକ।

---

ଲୋକ ସମ୍ପର୍କ ଅଧିକାରୀ
ଶ୍ରୀମନ୍ଦିର ପ୍ରଶାସନ, ପୁରୀ





# ଶ୍ରୀଜଗନ୍ନାଥ ଓ ଶଙ୍କରଦେବ

କୁମାରକବି ଅରକ୍ଷିତ ପ୍ରଧାନ

କଠୋର ସାଧନା ଶକ୍ତିରେ ଯେଉଁମାନେ ଭୀଷଣ ଦୁର୍ଗମ ପଥ ପାର ହୋଇ ଅନ୍ୟମାନଙ୍କ ଜୀବନଧାରାକୁ ସହଜ ସରଳ ଶାନ୍ତି ପୂତ ଆନନ୍ଦମୟ କରି ଅସାର ସଂସାର ମଧ୍ୟରେ ସାର ବସ୍ତୁର ସାକ୍ଷାତ ସହିତ ଅନ୍ଧକାରରୁ ଆଲୋକ, ଅଜ୍ଞାନରୁ ଜ୍ଞାନ, ଅସତ୍ୟରୁ ସତ୍ୟ, ମୃତ୍ୟୁରୁ ଅମୃତ ଦାନରେ ସମର୍ଥ ହୁଅନ୍ତି, ସେମାନଙ୍କୁ ପରମ ଗୁରୁ କୁହାଯାଏ । ଦେବାବତରଣ ଭାରତବର୍ଷରେ ଯୁଗଯୁଗ ଧରି ଏପରି ପରମ ଗୁରୁଙ୍କର ଆବିର୍ଭାବ ହୋଇ ଆସିଛି । ପଞ୍ଚଦଶ ଶତକର ମଧ୍ୟାହ୍ନରେ ଆସାମ ରାଜ୍ୟରେ ଏପରି ଜଣେ ପରମ ଗୁରୁଙ୍କର ଆବିର୍ଭାବ ହୋଇଥିଲା । ସେ ହେଉଛନ୍ତି ଶ୍ରୀମନ୍ତ ଶଙ୍କର ଦେବ ।

ରାମାୟଣ ଯୁଗରେ ଆସାମ ରାଜ୍ୟର ନାମ ଥିଲା ପ୍ରାଗ୍ ଜ୍ୟୋତିଷପୁର । ମହାଭାରତ ଯୁଗ ପର୍ଯ୍ୟନ୍ତ ମଧ୍ୟ ଏହି ନାମ ରହିଥିଲା । ପରବର୍ତ୍ତୀ ସମୟରେ ଶାକ୍ତ କବିମାନେ କାମାକ୍ଷାଙ୍କ ନାମାନୁସାରେ ପ୍ରାଗ୍ ଜ୍ୟୋତିଷପୁରକୁ ତନ୍ତ୍ର ଶାସ୍ତ୍ରମାନଙ୍କରେ "କାମରୂପ" ନାମରେ ବର୍ଣ୍ଣନା କରିବା ଫଳରେ ବହୁକାଳ ଧରି ଆସାମ "କାମରୂପ" ନାମରେ ପରିଚିତ ହେଲା । ତ୍ରୟୋଦଶ ଶତକରେ ଆହୋମ ରାଜବଂଶ ଆସାମ ଅଧିକାର କରି ରଙ୍ଗପୁରଠାରେ ରାଜଧାନୀ ପ୍ରତିଷ୍ଠା କରି ନିଜ ବଂଶର ନାମାନୁସାରେ ରାଜ୍ୟର ନାମ ରଖିଲେ ଆସାମ ।

ଆସାମର ଗୁଆହାଟି ନଗରୀ ଉପକଣ୍ଠ ନୀଳାଚଳ ପର୍ବତ ଉପରେ କେଉଁ ଅନାଦିକାଳରୁ ପ୍ରତିଷ୍ଠିତ କାମାକ୍ଷାଙ୍କ ପୀଠ ହେଉଛି ଭାରତବର୍ଷର ସୁପ୍ରାଚୀନ ତଥା ସୁପ୍ରସିଦ୍ଧ ତନ୍ତ୍ର ପୀଠ । କାମାକ୍ଷା ଦେବୀଙ୍କ ଯୋଗୁ ଯୁଗ ଯୁଗ ଧରି ସମଗ୍ର ଆସାମ ରାଜ୍ୟଟି ଥିଲା ମହା ତାନ୍ତ୍ରିକମାନଙ୍କର ସାମ୍ରାଜ୍ୟ । ଦେବୀ ଭାଗବତ ଓ କାଳିକା ପୁରାଣରୁ ଜଣାଯାଏ ଆସାମର ପ୍ରଥମ ରାଜା ନରକାସୁର କାମାକ୍ଷାଙ୍କ ଭକ୍ତ ଓ ମହାନ ତାନ୍ତ୍ରିକ ଥିଲା । ପରବର୍ତ୍ତୀକାଳରେ ଆସାମର ଅନ୍ୟ ଜଣେ ରାଜା ଭଗଦତ୍ତ କାମାକ୍ଷାଙ୍କ ପ୍ରସାଦରୁ ଅଦ୍ଭୁତ ତାନ୍ତ୍ରିକ ଥିଲା । ଏହି ଭଗଦତ୍ତ ଦୁର୍ଯ୍ୟୋଧନ ସପକ୍ଷରେ କୁରୁକ୍ଷେତ୍ର ଯୁଦ୍ଧରେ ଯୋଗ ଦେଇ ମହାଭୟଙ୍କର ତନ୍ତ୍ର ଯୁଦ୍ଧ କରିଥିବା ବିଷୟ ମହାଭାରତରୁ ଜଣାଯାଏ । ତେଣୁ କାମାକ୍ଷାଙ୍କ ଉପାସନା ହେତୁ ଆସାମ ରାଜ୍ୟଟି ଯୁଗ ଯୁଗ ଧରି ତାନ୍ତ୍ରିକମାନଙ୍କ ସାଧନା କ୍ଷେତ୍ର ଥିଲା ।

ଆସାମର ଜନସାଧାରଣ କାଳକାଳ ଧରି ତନ୍ତ୍ର ମତର ବିଷମ ବିପଦମୟ ପଥରେ ଦୁଃଖ ପାଉଥିବା ସମୟରେ ଜଗନ୍ନାଥ କୃଷ୍ଣ ଭକ୍ତିର ପରମ ପାବନ ସହଜ ସରଳ ଅମୃତ ପୂତ ବାର୍ତ୍ତା ନେଇ ୧୪୪୯ ଖ୍ରୀଷ୍ଟାବ୍ଦରେ ଆସାମ ବରଦୁଆ ଗ୍ରାମର ଭୂଞା ଖଣ୍ଡାଧିପତି ପିତା କୁସୁମ ବର ଓ ମାତା ସତ୍ୟସନ୍ଧାଙ୍କ ଔରସରେ ବିଜୟା ଦଶମୀ ତିଥିର ମାହେନ୍ଦ୍ରବେଳାରେ ଜନ୍ମ ଲାଭ କଲେ ଶ୍ରୀମନ୍ତ ଶଙ୍କର ଦେବ ।

ପରମାର୍ଥ ପଥରେ ସମଗ୍ର ଆସାମ ରାଜ୍ୟରେ ଏପର୍ଯ୍ୟନ୍ତ ଅପ୍ରତିଦ୍ୱନ୍ଦ୍ୱୀ ମହାପୁରୁଷ ଶଙ୍କରଦେବ ଜୀବନର ପ୍ରଥମ ଆଲୋକ ବାର୍ତ୍ତା ପାଇଲେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କଠାରୁ । ଶ୍ରୀଜଗନ୍ନାଥ ସ୍ୱାମୀଙ୍କର ଏହି ଅଦ୍ଭୁତ ଆଶିଷ ଶଙ୍କରଦେବଙ୍କ ଭବିଷ୍ୟତ ପଥକୁ ଅପୂର୍ବ ଆଲୋକ ରଶ୍ମିରେ ଉଦ୍ଭାସିତ କରିଦେଲା । ତାଙ୍କୁ ଯେତେବେଳେ ୩୦ ବର୍ଷ ବୟସ, ସେତେବେଳେ ଜଗଦୀଶ ମିଶ୍ର ନାମରେ ବନାରସର ଜଣେ ପ୍ରଚଣ୍ଡ ବେଦାନ୍ତ ପଣ୍ଡିତ ଶଙ୍କର ଦେବଙ୍କୁ ସାକ୍ଷାତ କରି କହିଲେ, ଓଡ଼ିଶାର ଜଗନ୍ନାଥ ମହାପ୍ରଭୁଙ୍କ ସ୍ୱପ୍ନାଦେଶ ପାଇ ମୁଁ ଆପଣଙ୍କ ନିକଟକୁ ଆସିଛି ।

ସ୍ୱପ୍ନ କଥା ଶୁଣାଇ ଜଗଦୀଶ ପଣ୍ଡିତ କହିଲେ, ଗୋଟିଏ ରାତ୍ରର ପଶ୍ଚିମ ଯାମରେ ଶ୍ରୀଜଗନ୍ନାଥଙ୍କ ଦାରୁ ସ୍ୱରୂପ ସ୍ୱପ୍ନରେ ଦର୍ଶନ କଲି । ସେହି ଦିବ୍ୟ ମୂର୍ତ୍ତି ଦର୍ଶନ କରି ମୁଁ ପ୍ରେମ ବିଗଳିତ ହୃଦୟରେ ସାଷ୍ଟାଙ୍ଗ ପ୍ରଣିପାତ କରୁଥିବା ସମୟରେ ସେହି ମୂର୍ତ୍ତି ମୋତେ ସୁମଧୁର କଣ୍ଠରେ କହିଲେ, ଜଗଦୀଶ । ଆସାମର ବରଦୁଆ ଗ୍ରାମରେ ମୋର ଜଣେ ପରମ ଭକ୍ତ ଜନ୍ମଲାଭ କରିଛନ୍ତି । ତାଙ୍କ ନାମ ଶଙ୍କର ଦେବ । ଆସନ୍ତା ପ୍ରଭାତରୁ ତୁମେ ଆସାମ ଯାଇ ମୋ ଆଦେଶ ଦ୍ୱାରା ଶ୍ରୀଧର ସ୍ୱାମୀଙ୍କ ଟୀକା ଅର୍ଥରେ ତାଙ୍କୁ ଭାଗବତ ବୁଝାଇ ଦେବ । ସ୍ୱପ୍ନରେ ମୋତେ ସେ ଆପଣଙ୍କ ଆକୃତି ଓ ବାସସ୍ଥାନ ସମ୍ପର୍କରେ ଯାହା କହିଥିଲେ ସବୁ ମୋର ମନେ ଥିଲା । ସମ୍ପ୍ରତି ସ୍ୱପ୍ନ କଥା ସତ୍ୟ ହେବାରୁ ମୋ ଜୀବନ ଧନ୍ୟ ହେଲା । କୃପା କରି ମୋଠାରୁ ଭାଗବତ ଶୁଣିଲେ କୃତାର୍ଥ ହେବି ।

ଏ ପ୍ରକାର ଅପ୍ରତ୍ୟାଶିତ ଘଟଣାରେ ରୋମାଞ୍ଚିତ ହୋଇ ପରମ ପ୍ରେମପୂର୍ଣ୍ଣ ଚିତ୍ତରେ ଶଙ୍କରଦେବ ଜଗଦୀଶ ମିଶ୍ରଙ୍କଠାରୁ ଭାଗବତ ଶୁଣିଲେ । ଭଗବାନ ବ୍ୟାସଙ୍କ ପ୍ରଣୀତ ୧୮ ହଜାର ଶ୍ଳୋକ ବିଶିଷ୍ଟ ଭାଗବତ ତତ୍ତ୍ୱକୁ ଚବିଶ ହଜାର ଶ୍ଳୋକ ବିଶିଷ୍ଟ ଶ୍ରୀଧର ସ୍ୱାମୀଙ୍କ ଭାବାର୍ଥ ଦୀପିକା ଟୀକାର ଆଧାର ଉପରେ ପ୍ରାଞ୍ଜଳ ଭାବେ ବୁଝାଇ ଦେବା ପରେ ଶଙ୍କର ଦେବଙ୍କ ମନରେ ତାହା ଅବିକୃତ ଲିପିବଦ୍ଧ ହୋଇ ରହି ଗଲା । ଭାଗବତର ସାର ମର୍ମରୁ ସେ ବୁଝିଲେ, ଭଗବାନ କୃଷ୍ଣ ହେଉଛନ୍ତି ପରମ ବ୍ରହ୍ମ ଏବଂ ସେହି ପରମ ବ୍ରହ୍ମ ହେଉଛନ୍ତି

ଶ୍ରୀଜଗନ୍ନାଥ। ବୃକ୍ଷର ମୂଳରେ ଜଳଦେବାଦ୍ୱାରା ପତ୍ର, ପୁଷ୍ପ, ଫଳ, ଶାଖା, ପ୍ରଶାଖାଦି ପରିପୁଷ୍ଟ ହେବା ଭଳି ଏକମାତ୍ର ଜଗନ୍ନାଥ କୃଷ୍ଣଙ୍କୁ ଭକ୍ତି କଲେ ସମସ୍ତ ଦେବ -ଦେବୀ ପ୍ରସନ୍ନ ହୋଇ ପାରିବେ। ଭାଗବତ ଚତୁର୍ଥ ସ୍କନ୍ଧ ଶ୍ଳୋକର ଏହି ମର୍ମକୁ ଲୋକମାନଙ୍କୁ ବୁଝାଇବାରେ ତାଙ୍କୁ ବହୁ ସମର୍ଥନ ମିଳିଲା ଏବଂ ସତର ଜଣ ତାଙ୍କର ଭକ୍ତ ହୋଇ ଗଲେ।

ଏହା ପରେ ଶଙ୍କର ଦେବ ବିଚାର କଲେ ଯୁଗ ଯୁଗ ଧରି ମନୁଷ୍ୟମାନେ ଚଳିଆସିଥିବା ଧର୍ମ ପଥରେ ଗତି କରି ବାସ୍ତବ ଭକ୍ତିରୁ ବଞ୍ଚିତ ହୋଇ ଯାଉଛନ୍ତି। ଭଗବାନଙ୍କ ଭକ୍ତି ପାଇଁ ଅନ୍ୟ ଜଣଙ୍କର ମାଧ୍ୟମ ଆବଶ୍ୟକ ହେଉଛି। ତାହା ପୁଣି ବିନା ଦକ୍ଷିଣାରେ ନୁହେଁ, ଦକ୍ଷିଣା ଦେଇ ମଧ୍ୟ, ଭକ୍ତିର ପରମ ଆସ୍ୱାଦ ପାଇ ପାରୁ ନାହାନ୍ତି। କାରଣ ପଇସା ନେଇ ତାପାଇଁ ଅନ୍ୟ ଜଣେ ଭଗବାନଙ୍କୁ ଡାକୁଛି, ନିଜ ପାଇଁ ପରମାତ୍ମାଙ୍କୁ ନିଜେ ଭକ୍ତି କରିବାରେ ଯେଉଁ ଆନ୍ତରିକତା ପ୍ରକାଶ ହେବ ଅନ୍ୟ ଜଣଙ୍କର ଅର୍ଥ ଚିନ୍ତା ପ୍ରାର୍ଥନା ତାହା ପାରିବ ନାହିଁ। ତେଣୁ ପରମାତ୍ମାଙ୍କ ପ୍ରିୟତମ [illegible] ଅନ୍ୟ କାହାର ମାଧ୍ୟମର ଆବଶ୍ୟକ ନାହିଁ।

ପରମାତ୍ମାଙ୍କ ପ୍ରେମ ରାଜ୍ୟରେ [illegible] ଧର୍ମ, ବିଦ୍ୟା, ବୁଦ୍ଧି, ଅହଙ୍କାର ଭେଦ ନାହିଁ। ପ୍ରାଣୀ ମାତ୍ରେ [illegible] ଅମୃତ ସନ୍ତାନ। ପିତାର ସମ୍ପତ୍ତି ଉପରେ ଯେପରି ପୁତ୍ରମାନଙ୍କର ଅଧିକାର, ସେହିପରି ପରମ ପିତାଙ୍କ ପ୍ରେମ ଭକ୍ତି ସମ୍ପତ୍ତି ଉପରେ ସମସ୍ତ ପ୍ରାଣୀଙ୍କର ସମାନ ଅଧିକାର। ଚାଲିଆସିଥିବା ଧର୍ମରୁ ପ୍ରକୃତ ପ୍ରେମ ଭକ୍ତି ମାର୍ଗକୁ ଆଣିବା ପାଇଁ ଏହି ସିଦ୍ଧାନ୍ତ ପ୍ରକୃଷ୍ଟ ଅବଲମ୍ବନ। ସମ୍ଭବତଃ ମୋ ମନରେ ପରମାର୍ଥ ଚିନ୍ତାର ଅବତାରଣା ହେଉଛି ଶ୍ରୀଜଗନ୍ନାଥ ସ୍ୱାମୀଙ୍କ ଇଚ୍ଛା। ଭାଗବତ ଭାବ ନିହିତ ଏହି ଅମୃତ ଭାବନାକୁ ଜଗଦୀଶ ପଣ୍ଡିତଙ୍କ ମାଧ୍ୟମରେ ସେ ମୋ ଭିତରେ ଜାଗ୍ରତ କରିଛନ୍ତି, ତେଣୁ ସେହି ଜଗନ୍ନାଥ ସ୍ୱାମୀ ହେଉଛନ୍ତି ମୋର ମାର୍ଗ ଦର୍ଶକ, ପରମଗୁରୁ।

ଏହି ଚିନ୍ତା ପ୍ରସୂତ ଏକ ସରଣୀୟା ଧର୍ମ (ଏକମାତ୍ର ଜଗନ୍ନାଥ କୃଷ୍ଣଙ୍କ ଶରଣାଗତ) ମତ ପ୍ରଚାର ପାଇଁ ଶ୍ରୀଜଗନ୍ନାଥଙ୍କ ଆଶିଷ ଲାଭ ନିମନ୍ତେ ଶଙ୍କର ଦେବ ବତିଶି ବର୍ଷ ବୟସରେ ପ୍ରଥମ ସତର ଜଣ ଅନୁଗତଙ୍କ ସହିତ ଶ୍ରୀକ୍ଷେତ୍ର ଜଗନ୍ନାଥ ଧାମରେ ପହଞ୍ଚିଲେ। ସମ୍ଭବତଃ ତାହା ୧୪୮୧ ଖ୍ରୀଷ୍ଟାବ୍ଦ। ପୁରୁଷୋତ୍ତମ ଧାମରେ ଶ୍ରୀଜଗନ୍ନାଥ ସ୍ୱାମୀଙ୍କର ଦର୍ଶନାନନ୍ଦ, ପୁରୀର ସୌନ୍ଦର୍ଯ୍ୟ ତଥା ଓଡ଼ିଆ ଲୋକମାନଙ୍କର ସୌଜନ୍ୟ ତାଙ୍କୁ ଜନ୍ମଭୂମି ଆସାମ କଥା ଚିନ୍ତା କରିବାକୁ ଅବସର ଦେଲା ନାହିଁ। ଶ୍ରୀକ୍ଷେତ୍ରରେ ତାଙ୍କର ତିନିବର୍ଷ ଛଅ ମାସ ଅତିବାହିତ ହୋଇ ଗଲା। ଏହି ସମୟ ମଧ୍ୟରେ ଶଙ୍କର ଦେବ ଓଡ଼ିଆ ଭାଷା ସାହିତ୍ୟ ଶିକ୍ଷା ସହିତ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଅନେକ ଉପାଦେୟ ଗ୍ରନ୍ଥ ଅଧ୍ୟୟନ ପୂର୍ବକ "ଓରେଷା ବର୍ଣ୍ଣନ" ନାମରେ ଏକ କୀର୍ତ୍ତନ ଗ୍ରନ୍ଥ ପ୍ରଣୟନ କଲେ। ଯାହା ଆଜି ଆସାମ ବୈଷ୍ଣବ ସାହିତ୍ୟରେ ଅତି ସମ୍ମାନାସ୍ପଦ ଗ୍ରନ୍ଥ ଏବଂ ଆସାମରେ ତାହା ଆଜି ମଧ୍ୟ ପ୍ରତ୍ୟେକ ସତ୍ର (ନାମଘର)ରେ କୀର୍ତ୍ତନ ହେଉଛି। ଏହି "ଓରେଷା-ବର୍ଣ୍ଣନ" ଗ୍ରନ୍ଥଟି ବ୍ରହ୍ମପୁରାଣ ବର୍ଣ୍ଣିତ ଜଗନ୍ନାଥ ମହାତ୍ମ୍ୟ ଉପରେ ଆଧାରିତ ଆସାମ ଭାଷାରେ ଲିଖିତ ଏକୋଇଶିଟି କୀର୍ତ୍ତନ ଗୀତ।

"ଓରେଷାର କୀର୍ତ୍ତନକ ଶୁନିଯୋ ଲୋକାଇ
ଶଙ୍କରେ ରଚିଲ ବ୍ରହ୍ମ-ପୁରାନକ ଚାଇ"

(ପ୍ରଥମ ଗୀତ)

"ଓରେଷା-ବର୍ଣ୍ଣନ" ଗ୍ରନ୍ଥଟିରେ ଜଗନ୍ନାଥ ମହାତ୍ମ୍ୟ କୀର୍ତ୍ତନ କରାଯାଇଥିଲେ ମଧ୍ୟ ଓଡ଼ିଶା ବର୍ଣ୍ଣନ ନାମଟି ଶଙ୍କର ଦେବଙ୍କର ଜଗନ୍ନାଥ ଭକ୍ତି ଏବଂ ଉତ୍କଳୀୟ ପ୍ରୀତିର ନିଦର୍ଶନ। ଏହା ମଧ୍ୟରେ ମହାନଦୀ, ମହୋଦଧି ତଥା ଓଡ଼ିଆ ନରନାରୀଙ୍କ ବର୍ଣ୍ଣନା ଅତି ମନୋରମ।

ଶଙ୍କର ଦେବଙ୍କର ଏହି ଶ୍ରୀକ୍ଷେତ୍ର ରହଣୀ ସମୟକୁ ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସ ଗୋସ୍ୱାମୀ କିମ୍ବା ପଞ୍ଚସଖାମାନଙ୍କ ମଧ୍ୟରୁ କେହି ଜଣେ ଜନ୍ମ ହୋଇ ନଥିଲେ। ଜଗନ୍ନାଥ ଦାସଙ୍କ ଜନ୍ମ ସମ୍ବନ୍ଧରେ ଓଡ଼ିଆ ଐତିହାସିକମାନଙ୍କ ମଧ୍ୟରେ ନାନାମତ ପ୍ରକାଶ ପାଇଛି। ତାହା ମଧ୍ୟରେ ୧୪୮୬, ୧୪୯୦, ୧୪୯୧ ଓ ୧୪୯୮ ଖ୍ରୀଷ୍ଟାବ୍ଦରେ ଜଗନ୍ନାଥ ଦାସଙ୍କର ଜନ୍ମ ବୋଲି ଭିନ୍ନ ଭିନ୍ନ ଗବେଷକମାନେ କହିଛନ୍ତି। ତଥାପି ଅନେକ ଆଲୋଚନା ଶେଷରେ ୧୪୯୧ ଖ୍ରୀଷ୍ଟାବ୍ଦ ଜଗନ୍ନାଥ ଦାସଙ୍କ ଜନ୍ମ ସ୍ଥିର କରାଯାଇ ଓଡ଼ିଶାରେ ତାଙ୍କ ପଞ୍ଚଶତ ବାର୍ଷିକ ପାଳନ କରାଯାଇଛି। ଏହା ଯଦି ସତ୍ୟ ହୁଏ ତେବେ ପଞ୍ଚସଖାଙ୍କ ମଧ୍ୟରେ ଜ୍ୟେଷ୍ଠ ଏବଂ ଜଗନ୍ନାଥ ଦାସଙ୍କଠାରୁ ଖ୍ରିବର୍ଷ ଜ୍ୟେଷ୍ଠ ବଳରାମ ଦାସ ମଧ୍ୟ ଶଙ୍କର ଦେବଙ୍କ ପୁରୀ ଆଗମନ କାଳକୁ ଜନ୍ମ ହୋଇ ନାହାନ୍ତି। କାରଣ ଖ୍ରୀ ୧୪୪୯ରେ ଶଙ୍କର ଦେବଙ୍କ ଜନ୍ମ। ସେ ୩୨ ବର୍ଷରେ ପୁରୀ ଆସିଥିଲେ। ସମ୍ଭବତଃ ତାହା ୧୪୮୧ ଖ୍ରୀଷ୍ଟାବ୍ଦ।

ଶଙ୍କର ଦେବଙ୍କୁ ଆସାମ ଫେରି ଏକ ସରଣୀୟା ଧର୍ମ ପ୍ରଚାର କରିବା ପାଇଁ ତିନିବର୍ଷ ଛଅ ମାସ ପରେ ଶ୍ରୀଜଗନ୍ନାଥଙ୍କ ଆଦେଶ ମିଳିଲା। ଆସାମ ଫେରି ତାଙ୍କ ସ୍ୱୀୟ ମାର୍ଗଦର୍ଶନର ପ୍ରଚାର ଓ ପ୍ରସାର କର୍ମ ଆରମ୍ଭ କଲେ ଶଙ୍କର ଦେବ। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଗ୍ରହଣ କରି ନେଲା ଶଙ୍କର ଦର୍ଶନ। ସତସଙ୍ଗ, ନାମ କୀର୍ତ୍ତନ ଓ ଭାଗବତ ପାଠ ଏହି ତିନୋଟି ଧାରାର ମୁଖ୍ୟ ପ୍ରକାଶ ହେଲା "ଏକ ସରଣୀୟା"ଧର୍ମରେ। ଜଗନ୍ନାଥଙ୍କ ଦୟାରୁ ଏହା ଜୁଳୁକ ମନ୍ତ୍ର ସଦୃଶ ଆସାମର ଚତୁର୍ଦ୍ଦିଗକୁ ବ୍ୟାପିବାରେ ଲାଗିଲା। ଏହି ଧର୍ମ ପ୍ରଚାର ପାଇଁ ଅନେକ ଖଳଲୋକଙ୍କ ପକ୍ଷରୁ ପ୍ରବଳ ବିରୋଧର ସମ୍ମୁଖୀନ ହେଲେ ଶଙ୍କର ଦେବ। ଏପରିକି ରାଜା ନର ନାରାୟଣଙ୍କ ଦରବାରରେ ଶକ୍ତି ପରୀକ୍ଷା ଦେବାକୁ ତାଙ୍କୁ ପଡ଼ିଲା। ଶଙ୍କର ଦେବଙ୍କର ଅଲୌକିକ ଶକ୍ତି, ଅପୂର୍ବ ବାଗ୍ମୀତାରେ ବିମୁଗ୍ଧ ହୋଇ ରାଜା ନର ନାରାୟଣ ତାଙ୍କର ଭକ୍ତ ହୋଇ ଯିବା ପରେ ଶ୍ରାବଣ ମାସରେ ପ୍ରବଳ ବନ୍ୟା ସଦୃଶ ଏକ ସରଣୀୟା ଧର୍ମ ଆସାମ ଭୂମିରେ ପ୍ଳାବିତ ହେବାରେ ଲାଗିଲା।

ଏକ ସରଣୀୟାର ଅଦ୍ଭୁତ ପ୍ରଗତି ପରମାତ୍ମା ଜଗନ୍ନାଥଙ୍କ ଅପାର କରୁଣା ବୋଲି ପରିପୂର୍ଣ୍ଣ ବିଶ୍ୱାସର ସହ ଦ୍ୱିତୀୟଥର ଅନେକ ଶିଷ୍ୟ ପ୍ରଶିଷ୍ୟଙ୍କ ଗହଣରେ ଶ୍ରୀକ୍ଷେତ୍ରକୁ ଆସିଲେ ଶଙ୍କର ଦେବ। ଏଥର ତାଙ୍କର ପଞ୍ଚସଖାଙ୍କ ସହିତ ସାକ୍ଷାତ ହେଲା-

"ନାଗର ସାଗର ପଞ୍ଚାୟତ ଅଟିବଡ଼ୀ
ଅନନ୍ତ ଅଚ୍ୟୁତ ସଙ୍ଗେ ପ୍ରେମେ ଗଡ଼ାଗଡ଼ି"

(ଶଙ୍କର ଗୋପେରି ଚରିତ)

ପଞ୍ଚସଖାଙ୍କ ମଧ୍ୟରୁ ଜଗନ୍ନାଥ ଦାସଙ୍କ ସହିତ ଶଙ୍କର ଦେବଙ୍କର ଅତ୍ୟନ୍ତ ଆତ୍ମୀୟତା ସୃଷ୍ଟି ହୋଇଥିଲା। କାରଣ ଉଭୟେ ଥିଲେ ସମାନଧର୍ମୀ ବୈଷ୍ଣବ, କୃଷ୍ଣ ଜଗନ୍ନାଥ ଭକ୍ତ। ଭାଗବତ ଶ୍ରୀଧର ସ୍ୱାମୀ ଟୀକା ରସିକ, ଉଭୟେ

ଭକ୍ତିବାଦ ଉପରେ ବିଶ୍ୱାସୀ, ଅନେକ ଭକ୍ତି ଗ୍ରନ୍ଥର ରଚୟିତା। ଗୋଟିଏ ଗୋଟିଏ ମାର୍ଗର ପ୍ରବର୍ତ୍ତକ। ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ଭାଗବତର ପଦ୍ୟାନୁବାଦ କରିଥିବା ସ୍ଥଳେ ଶଙ୍କର ଦେବ ଆସାମ ଭାଷାରେ ଭାଗବତର ପଦ୍ୟାନୁବାଦ କରିଛନ୍ତି। ଉଭୟଙ୍କ ରଚନାର ସର୍ବଶ୍ରେଷ୍ଠ ଓ ସର୍ବଶେଷକୃତି ହେଲା ଭାଗବତ। ଶ୍ରୀଜଗନ୍ନାଥ ଭାବସାଗର ତୀରରେ ସମ୍ମିଳିତ ଏହି ମାନବ ଦ୍ୱୟଙ୍କର ତତ୍ତ୍ୱ ଏବଂ ଭାଗବତ ସମ୍ପର୍କ ଅତି ନିକଟ ହୋଇଥିଲେ ମଧ ଭେଦ ଏତିକି ଯେ ଶଙ୍କର ଦେବଙ୍କ ପରମାୟୁ ୧୨୦ ବର୍ଷ, ଜଗନ୍ନାଥ ଦାସଙ୍କର ମାତ୍ର ୭୦ ବର୍ଷ। ଜଗନ୍ନାଥ ଦାସ ଗୃହ ତ୍ୟାଗୀ, ଶଙ୍କର ଦେବ ଗୃହସ୍ଥ ସନ୍ନ୍ୟାସୀ। ଶଙ୍କର ଦେବଙ୍କର ପ୍ରଥମ ପତ୍ନୀ ଏକମାତ୍ର କନ୍ୟା ପ୍ରସବ କରି ସ୍ୱର୍ଗବାସ କରିବା ପରେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିଲେ ଏବଂ ତାଙ୍କର କେତେକ ପୁତ୍ର କନ୍ୟା ଥିଲେ। ଶଙ୍କର ଦେବ ବୁଝି ଥିଲେ, ଏ ସଂସାର ଆମର ନୁହେଁ ପରମାଙ୍କର। ତାଙ୍କରି ଇଚ୍ଛାରେ ଆମେ ସଂସାରକୁ ଆସିଛୁ। ସଂସାର ମଧ୍ୟରେ ରହି ଯିଏ ପରମାତ୍ମାଙ୍କ ଭକ୍ତିକୁ ଅବିକୃତ ରଖିପାରିଲା, ପ୍ରକୃତରେ ସେହି ହେଉଛି ତାଙ୍କର ପ୍ରିୟ ପୁତ୍ର। ଜଣେ ରସିକ ଭକ୍ତ ପକ୍ଷରେ ମୁକ୍ତି ଚିନ୍ତା ଅତି ତୁଚ୍ଛ। ତେଣୁ "ମୁକ୍ତିତେ ନିସ୍ପୃହ ଯିଟୁ ସେହି ଭକତକୁ ନମୁଁ ରସମୟ ମାଗତ ଭକତି।"

ଏଭଳି ମାତ୍ର ସାମାନ୍ୟ ଭେଦ ମଧ୍ୟରେ ଶଙ୍କର ଦେବ ଓ ଜଗନ୍ନାଥ ଦାସଙ୍କ ଯୋଗୁ ଆସାମ ଓ ଓଡ଼ିଶାର ସାଂସ୍କୃତିକ ସମ୍ପର୍କ ଏପର୍ଯ୍ୟନ୍ତ ଅତୁଟ ରହିଛି। ଓଡ଼ିଶାରେ ଜଗନ୍ନାଥ ଦାସଙ୍କ ଭାଗବତର ସମ୍ମାନ ଭଳି ଆସାମରେ ଶଙ୍କର ଦେବଙ୍କ ଭାଗବତର ସମ୍ମାନ ରହିଛି। ଓଡ଼ିଶାରେ ଭାଗବତ ଘରେ ପ୍ରତିଦିନ ଭାଗବତ ପାଠ ଭଳି ଆସାମର ନାମଘରଗୁଡ଼ିକରେ ଶଙ୍କର ଦେବଙ୍କ ଭାଗବତ ପାଠ ହେଉଛି। ଓଡ଼ିଶାର ଭାଗବତ ଘରମାନଙ୍କରେ ଗ୍ରାମ୍ୟ ବିବାଦର ଆପୋଷ ସମାଧାନ ଭଳି ଆସାମର ନାମଘରମାନଙ୍କରେ ଗ୍ରାମ୍ୟ ବିବାଦର ସମାଧାନ ହେଉଛି। ଦ୍ୱିତୀୟବାର ଶଙ୍କର ଦେବଙ୍କ ଶ୍ରୀକ୍ଷେତ୍ର ନିବାସ ଥିଲା ଛଅ ମାସ। ପୁରରେ ମଧ୍ୟରେ ମୋଟ ଖରିବର୍ଷକାଳ ଶଙ୍କର ଦେବଙ୍କର କ୍ଷେତ୍ରବାସର ସ୍ମାରକୀ ସ୍ୱରୂପ ଆସାମ ଶଙ୍କର ଦେବ ସଂସ୍କୃତି ସମାଜ ପକ୍ଷରୁ ପୁରୀ ଲୋକନାଥ ରୋଡ଼ରେ ଶଙ୍କର ଦେବ ନାମଘର ପ୍ରତିଷ୍ଠା କରାଯାଇ ଆସାମ ଓ ଓଡ଼ିଶାର ସାଂସ୍କୃତିକ ସମ୍ପର୍କକୁ ଦୃଢ଼ତର କରାଯାଇ ପାରିଛି।

ଶଙ୍କର ଦେବଙ୍କର ଜଗନ୍ନାଥ ଭକ୍ତି ପ୍ରସଙ୍ଗକୁ ଅଳ୍ପକରେ କହି ହେବ ନାହିଁ। ସେ ଶ୍ରୀକୃଷ୍ଣ ଭକ୍ତ ଥିଲେ ମଧ ଶ୍ରୀକୃଷ୍ଣଙ୍କ ବଂଶୀ ବିଭୂଷିତ ମୂର୍ତ୍ତି ପୂଜାର ସପକ୍ଷରେ ନଥିଲେ। ସେ ଥିଲେ ନିର୍ଗୁଣ ନିରାକାର କୃଷ୍ଣ ଭକ୍ତ, ମାତ୍ର ସେ ଜଗନ୍ନାଥ ଦାରୁ ବିଗ୍ରହ ଦର୍ଶନ କରୁଥିଲେ। ତା'ର କାରଣ ଥିଲା ସେ ଜଗନ୍ନାଥଙ୍କ ଦାରୁଗଢ଼ା ଦାରୁର ତନୁରେ ସାକାର ଓ ନିରାକାର ଉଭୟ ତତ୍ତ୍ୱକୁ ଦର୍ଶନ କରୁଥିଲେ। ଏ ପରିକି ବେଦସ୍ତୁତି ରଚନା କାଳରେ ସେ ନିର୍ଗୁଣ ବ୍ରହ୍ମଙ୍କ ତତ୍ତ୍ୱ ବ୍ୟାଖ୍ୟା କାଳରେ ଜଗନ୍ନାଥଙ୍କୁ ପ୍ରାର୍ଥନା କରିବା କଥା ଭୁଲି ନଯାଇ ନେହିଁଛନ୍ତି –

"ମୁହିଁଟି ବୃକ୍ଷର ଯେନ
ସ୍ୱର୍ଗରେ ଭିନ୍ନ ମୂର୍ତ୍ତି
ନିଜ ଆତ୍ମ ନିରୂପିତ ଜନ।
ଏକ ଜୀବ ଉଦ୍ଧାରୁ
ତୋମାତ ତୁଲନ ମୂର୍ତ୍ତି
ଭକ୍ତି ଦେଖାଇ ବିହ୍ୱଳ।
ତୋମାର କଟାକ୍ଷ–ଦୃଷ୍ଟି
ପାପ୍ୟା ନୃତ୍ୟ କରେ ମାୟା
ଭଗି ତୁଲି ମର୍ତ୍ତେ ମୋର ମାଥ
ପରମ ଆତୁର ହୁୟା
ତୋମାତ ଶରଣ ଲୈଲୋ
ମାୟାକ ନିବାର ଜଗନ୍ନାଥ"

(ବେଦସ୍ତୁତି ତୃତୀୟ କୀର୍ତ୍ତନ)

ଶଙ୍କର ଦେବଙ୍କ ଶିଷ୍ୟମାନେ କୌଣସି ମୂର୍ତ୍ତି ଦର୍ଶନ, ପ୍ରସାଦ ସେବନ ତଥା କୌଣସି ମନ୍ଦିର ମଧ୍ୟରେ ପ୍ରବେଶ କରନ୍ତି ନାହିଁ। କାରଣ ଭକ୍ତି ଚିନ୍ତାରେ ବ୍ୟଭିଚାରୀ ଭାବ ପ୍ରବେଶ କରିଯିବା ଆଶଙ୍କାରେ ଶିଷ୍ୟମାନଙ୍କୁ ସ୍ୱୟଂ ଶଙ୍କର ଦେବଙ୍କର ଏହା ଥିଲା ଆଦେଶ "ମନ୍ଦିରେ ନପଶିବା ପ୍ରସାଦ ନଖାଇବା ମୂର୍ତ୍ତି ନଗୁଚିବା ଭକ୍ତି ହୈବ ବ୍ୟଭିଚାର" କିନ୍ତୁ ଜଗନ୍ନାଥଙ୍କ କ୍ଷେତ୍ରରେ ଏ ନିଷେଧ ଥିଲା ସମ୍ପୂର୍ଣ୍ଣ ବ୍ୟତିକ୍ରମ। ଅର୍ଥାତ୍ ଶଙ୍କର ଦେବ ଶ୍ରୀମନ୍ଦିରକୁ ଯାଉଥିଲେ, ମହାପ୍ରସାଦ ଖାଉଥିଲେ ଓ ଜଗନ୍ନାଥଙ୍କ ମୂର୍ତ୍ତି ଦର୍ଶନ କରୁଥିଲେ। ଏ ବିଷୟରେ ଏକ ସୁନ୍ଦର ଲୋକକଥା ଆସାମରେ ଏପର୍ଯ୍ୟନ୍ତ ପ୍ରଚଳିତ ଅଛି। ତାହା ହେଲା– ଶଙ୍କର ଦେବ ପ୍ରଥମେ ପ୍ରଥମେ ମହାପ୍ରସାଦ ପାଉ ନଥିଲେ। ଦିନକର କଥା, ଶଙ୍କର ଦେବ ପୁରୀରେ ଥିବା ସମୟରେ କୀର୍ତ୍ତନ ଚାଲିଥାଏ। କୀର୍ତ୍ତନ ସମୟରେ ବାଲଭୋଗ କିଛି ଗୋଟିଏ ପାତ୍ର ମଧ୍ୟରେ କଦଳୀ ପତ୍ର ଘୋଡ଼ା ଯାଇ ଥୁଆ ହୋଇଥାଏ। ଆସାମର ନାମଘରମାନଙ୍କରେ ଏ ପ୍ରଥା ଆଜି ମଧ ପ୍ରଚଳିତ। କିଛି ମୁଗ, ବୁଟ, ଶୋଲା, କଦଳୀ, ସେଓ, ଅଙ୍ଗୁର, କାକୁଡ଼ି, କମଳା, ସହିତ କିଛି କିଛି ଲୁଣ ମିଶା ଯାଇ କୀର୍ତ୍ତନ ପୂର୍ବରୁ ପାତ୍ର ମଧ୍ୟରେ କଦଳୀପତ୍ର ଘୋଡ଼ା ହୋଇ ଥୁଆ ହୁଏ। କୀର୍ତ୍ତନ ଶେଷରେ କୌଣସି ମନ୍ତ୍ର ପଢ଼ା ନଯାଇ ତାହା ବଣ୍ଟା ଯାଏ। ଶଙ୍କରପନ୍ଥୀମାନଙ୍କ କହିବା ଅନୁଯାୟୀ ନାମ କୀର୍ତ୍ତନ ଧ୍ୱନି ହିଁ ପରମ ମନ୍ତ୍ର। ଏହାର ପ୍ରଭାବରେ ତାହା ସ୍ୱତଃ ଭଗବାନଙ୍କୁ ସମର୍ପିତ ହୋଇଯାଏ। ଏହାକୁ ଯେକେହି ଜାତିର କୃଷ୍ଣ ଭକ୍ତ ପ୍ରସ୍ତୁତ କରିପାରିବ। କୀର୍ତ୍ତନ ଶେଷରେ ଜଣେ ଏହାକୁ ଟୁଙ୍ଗି ବାନ୍ଧି (ସୁଆରମାନେ ଗୋଷ ଘରୁ ଭୋଗ କରିବାକୁ ଟୁଙ୍ଗି ବାନ୍ଧି ପ୍ରସାଦ ନେଉଥିବା ଭଳି) ନେଇ ଭକ୍ତମାନଙ୍କ ମଧ୍ୟରେ ବିତରଣ କରିବ। ସେଦିନ ତିନୋଟି ବିରାଡ଼ି କୀର୍ତ୍ତନ ଭିତରେ ପଶି ପ୍ରସାଦ ଖାଇବା ପାଇଁ ପାତ୍ରରେ ମୁହଁ ମାରିବା ମାତ୍ରେ ଭକ୍ତମାନେ ତାଙ୍କୁ ଘଉଡ଼ାଇ ଦେଲେ। ତିନୋଟି ବିରାଡ଼ି ମଧ୍ୟରୁ ଦୁଇଟି ଭୁଆ ଏବଂ ଅନ୍ୟଟି ମାଈ ବିରାଡ଼ି। ଗୋଟିଏ ଧଳା, ଗୋଟିଏ କଳା ଓ ଅନ୍ୟଟି ହଳଦିଆ ବିଲେଇ। ତିନୋଟିଯାକ ବାରମ୍ବାର ପ୍ରସାଦ ଖାଇବା ପାଇଁ ଯିବାବେଳକୁ ଭକ୍ତମାନେ ଘଉଡ଼ାଇ ଦେଲେ। କିଛି ସମୟ ପରେ ବିରାଡ଼ି ତିନୋଟି ନିରାଶ ହୋଇ ଫେରି ଗଲେ।

ସେଦିନ ରାତିରେ ଶଙ୍କର ଦେବ ସ୍ୱପ୍ନରେ ସେ ବିରାଡ଼ି ତିନୋଟି ଦେଖିଲେ ଏବଂ ସେମାନେ ମନୁଷ୍ୟ କଣ୍ଠରେ କହିଲେ ଶଙ୍କର, ତୁମେ ସିନା ଆମ ପ୍ରସାଦ ଖାଅନ, ଆମର କିନ୍ତୁ ତୁମ ପ୍ରସାଦରେ ଅତି ଶ୍ରଦ୍ଧା ଥିଲା, ଆମେ ତୁମ ପ୍ରସାଦ ଖାଇବା ପାଇଁ ଯାଇ ଥାଉଥିଲୁ ମାତ୍ର ଆମକୁ ତୁମେ ପ୍ରସାଦ ଖାଇବାକୁ ଦେଲ ନାହିଁ। ବିରାଡ଼ିମାନେ କୀର୍ତ୍ତନ ମଧ୍ୟକୁ ପ୍ରବେଶ କରିବା ସମୟରେ ଶଙ୍କର ଦେବଙ୍କ ମନରେ କିଛି ସନ୍ଦେହ ସୃଷ୍ଟି ହୋଇ ଥିଲା। ସ୍ୱପ୍ନ ପରେ ପରେ ତାହା ସ୍ପଷ୍ଟ ହୋଇ ଗଲା ଯେ ସେହି ତିନୋଟି ବିରାଡ଼ି ଆଉ କେହି ନୁହନ୍ତି। ସେ ହେଉଛନ୍ତି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା। ସେଦିନଠାରୁ ଶଙ୍କର ଦେବ ମହାପ୍ରସାଦ ଭକ୍ତି ସହକାରେ ଗ୍ରହଣ କଲେ।

ଏକ ସରଣୀୟା ଧର୍ମର କେତେକ ତତ୍ତ୍ୱଜ୍ଞାତା କହନ୍ତି, ଯେଉଁ ପ୍ରସାଦକୁ ଜଣେ ଛୁଇଁ ଦେଲେ ତାହା ମାରା ହୋଇଯାଏ ଏବଂ ସେ ପ୍ରସାଦକୁ ଅନ୍ୟ ଜଣେ ଖାଏ ନାହିଁ, ସେ କଦାପି ଭଗବାନଙ୍କ ପ୍ରସାଦ ହୋଇ ନପାରେ, କିନ୍ତୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ହେଉଛି ପ୍ରକୃତ ପରମାତ୍ମାଙ୍କର ପ୍ରସାଦ, ଯେଉଁଥିରେ ଛୁଆଁ ଅଛୁଆ ଭେଦ ନାହିଁ, ଏବଂ ଯାହା "କୁକୁର ସ୍ୟାଦ୍ ମୁଖାଦ୍ ଭଷ୍ଟଂ ଯଦନ୍ନଂ ପାବନଂମହତ୍' ଅର୍ଥାତ୍ କୁକୁର ମୁଖରୁ ଖସିପଡ଼ିଥିବା ମହାପ୍ରସାଦ ଯଦି ପବିତ୍ର ସେ ପ୍ରସାଦ ପାଇବାରେ ବାରଣ ନାହିଁ। ଶଙ୍କର ଦେବ ଆନନ୍ଦରେ ଗ୍ରହଣ କରିଛନ୍ତି ଏବଂ ଓରେଷା-ବର୍ଣ୍ଣନରେ ସେ ମହାପ୍ରସାଦର ମହାପ୍ରଶସ୍ତି କରିଛନ୍ତି। ଶ୍ରୀମନ୍ତ ଶଙ୍କର ଦେବଙ୍କ ନାମଘରମାନଙ୍କରେ ପ୍ରତିଦିନ କୀର୍ତ୍ତନ ବିଧି ବ୍ୟବସ୍ଥାର ଶେଷ କୀର୍ତ୍ତନ ନାମ ଘୋଷାଟି ହେଲା "ଓଁ ଜଗନ୍ନାଥ। ନିସ୍ତାର କରୋଦାରୁନ ସଂସାର"। ଏଥିରୁ ସହଜରେ ଅନୁମେୟ ଶଙ୍କର ଦେବଙ୍କ ଏକ ସରଣୀୟା ଧର୍ମର ସାର ଆଶ୍ରୟ ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ।

ଶଙ୍କର ଦେବ ଆସାମର ଏକ ପ୍ରସିଦ୍ଧ ଗ୍ରାମରେ ରଥଯାତ୍ରା ପ୍ରଚଳନ କରିଥିଲେ ତାହା ଆଜି ଅମ୍ଳାନ ରହିଛି। ଏହି ଗ୍ରାମଟି ଆସାମ ବଙ୍ଗଳାଦେଶ ସୀମାନ୍ତରେ ଅବସ୍ଥିତ ଧୁବୁରି ଜିଲ୍ଲା ଅନ୍ତର୍ଗତ ନାମ ସତ୍ରସାଲ। ଗ୍ରାମ ଉପକଣ୍ଠରେ ବ୍ରହ୍ମପୁତ୍ର ନଦୀର ଏକ ଶାଖା ନଦୀ ପ୍ରବାହିତ। ଗ୍ରାମ ନିକଟରେ ଭାରତ ଓ ବଙ୍ଗଳାଦେଶର ସୁରକ୍ଷା ବଳୟ ତାର ବାଡ଼। ଏହି ସତ୍ରସାଲ ଗ୍ରାମଟି ଶଙ୍କର ଦେବଙ୍କ ଜାମାତାଙ୍କ ଗ୍ରାମ। ରଥଯାତ୍ରା ପୂର୍ବରୁ ଶଙ୍କର ଦେବ ଝିଅକୁ ଦେଖିବା ପାଇଁ ସତ୍ରସାଲ ଯାଇ ସେଠାରେ ଏକ ସତ୍ର ପ୍ରତିଷ୍ଠା କରିଥିଲେ। ସମ୍ପ୍ରତି ଏହି ସତ୍ରଟି ଏକ ମଧ୍ୟମ ଧରଣର ସତ୍ର। ଗ୍ରାମ ଲୋକମାନେ କହନ୍ତି ଶଙ୍କର ଦେବ ରଥଯାତ୍ରା ସମୟରେ ଆଉଥରେ ଏହି ସତ୍ରକୁ ଆସି ରଥଯାତ୍ରା ଆରମ୍ଭ କରିଥିଲେ, ପୁରୁଷ ପୁରୁଷ ଧରି ଆମ୍ଭେମାନେ ଏହି ଐତିହାସିକ ରଥଯାତ୍ରାକୁ ବଞ୍ଚାଇ ରଖିଛୁ ଏହା ଆମ ଗ୍ରାମର ପରମ ସୌଭାଗ୍ୟ।

ଏଠାରେ ଗୋଟିଏ ରଥଦ୍ୱାରା ରଥଯାତ୍ରା ହୁଏ। ଶ୍ରୀଗୁଣ୍ଡିଚା ଦିନଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ନବଦିନ ବ୍ୟାପି ପୁରୀ ବିଧି ଅନୁଯାୟୀ ରଥଯାତ୍ରା ହୁଏ, ମାତ୍ର ରଥରେ କେବଳ କୃଷ୍ଣ ବଳରାମଙ୍କ ମୂର୍ତ୍ତି ବିଜେ କରାଯାଏ, ସୁଭଦ୍ରା,ସୁଦର୍ଶନ ରଥରେ ବିଜେ କରନ୍ତି ନାହିଁ। ରଥଯାତ୍ରା ସମୟରେ ଏଠାରେ ପ୍ରବଳ ଜନ ସମାବେଶ ହୁଏ। ଯାତ୍ରା ସମୟରେ ଶଙ୍କର ଦେବଙ୍କ ରଚିତ ଓରେଷା-ବର୍ଣ୍ଣନ ଗୀତରେ କୀର୍ତ୍ତନ ଏବଂ ଶ୍ରୀଧର କନ୍ଦଳୀ ରଚିତ "ଘୁନସ୍ତ-କୀର୍ତ୍ତନ" (ଗୁଣ୍ଡିଚା କୀର୍ତ୍ତନ) କରାଯାଏ। ଆନନ୍ଦର କଥା ସୁରକ୍ଷା ବଳୟ ସେପାଖେ ଠିଆ ହୋଇ ବଙ୍ଗଳା ଦେଶର ହଜାର ହଜାର ମୁସଲମାନ ଯାତ୍ରା ଦର୍ଶନ କରନ୍ତି।


ସତ୍ରସାଲର ସତ୍ରାଧିକାରୀ (ମହନ୍ତ ମହାରାଜ)ଙ୍କ ନିମନ୍ତ୍ରଣ କ୍ରମେ ଏ ଲେଖକ ଏହି ସତ୍ରକୁ ପାଞ୍ଚ ଦିନ ପାଇଁ ଜଗନ୍ନାଥଙ୍କ କଥା କହିବାକୁ ଯାଇ ପନ୍ଦର ଦିନ ରହିଗଲା। ଗୋଟିଏ ବିଶାଳ ଗ୍ଲାଜ ଘର ମଧ୍ୟରେ ସଂରକ୍ଷିତ ଏହି ମନୋରମ ରଥଟିକୁ ପ୍ରତିଦିନ ଦର୍ଶନ କରି ଜଗନ୍ନାଥ ଦର୍ଶନର ଭାବ ଅନୁଭବ କରିଥିଲା। ବହୁମୂଲ୍ୟ ଅଷ୍ଟଧାତୁରେ ନିର୍ମିତ ୨୦/୨୫ ଫୁଟ ଉଚ୍ଚତା ବିଶିଷ୍ଟ ଏହି ରଥଟି ପୁରୀ ବଡ଼ଦାଣ୍ଡରେ ଥିବା ପୁରିଆ ରାଣୀମନ୍ଦିର ଚିତ୍ରକୁ ଅବିକଳ ନକଲ କରିଛି। ରଥଟି, ପଞ୍ଚ ରଥ ଶୈଳୀରେ ନିର୍ମିତ ପ୍ରାଚୀନ ଆସାମ ବାସ୍ତୁ ଶିଳ୍ପୀମାନଙ୍କ ଦ୍ୱାରା ଅନେକ କାରୁକାର୍ଯ୍ୟ ମଣ୍ଡିତ। ଏହି ରଥଟି କେବଳ ରଥଯାତ୍ରାକାଳରେ ବାହାରକୁ ଆସିଥାଏ। ଭାରତବର୍ଷର ଅନ୍ୟତ୍ର ଏପରି ଦୁଷ୍ପ୍ରାପ୍ୟ ରଥ ଦେଖା ଯାଏ ନାହିଁ।

ଶ୍ରୀଜଗନ୍ନାଥ ଧର୍ମ, ସଂସ୍କୃତି, ଭକ୍ତି ଓ ପ୍ରୀତିକୁ ସମଗ୍ର ଉତ୍ତର ପୂର୍ବ ଭାରତବର୍ଷ ମଧ୍ୟରେ ପରିବ୍ୟାପ୍ତ କରିଥିବା ମହାମନିଷୀ ଶଙ୍କରଦେବଙ୍କ ଉଦ୍ଦେଶ୍ୟରେ ଆସାମର ଅଗଣିତ ଜନକଣ୍ଠ ଧ୍ୱନିରୁ ପ୍ରତିଦିନ ଉଚ୍ଛୁଳି ଆସୁଛି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି–

"ଶ୍ରୀମନ୍ତ ଶଙ୍କର ହରିଭକତିର
ଜାନାଯେନ କଳ୍ପତରୁ
ତାହାନ୍ତ ବିନାଇଁ ନାଇଁ ନାଇଁ ନାଇଁ
ଆମାର ପରମ ଗୁରୁ"

---

ବିନୋଦ ବିହାର, ଖଣ୍ଡୁଆଳ ପୁର
କୁଞ୍ଜଗିରି, ପୁରୀ





# ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ

ଶ୍ରୀ ସଦାଶିବ ମିଶ୍ର

ଶ୍ରୀକ୍ଷେତ୍ର ବା ପୁରୀ ଭାରତ ତଥା ଦେଶ ବିଦେଶରେ ଏକ ଅତି ପରିଚିତ ନାମ। ଏକ ପଟେ ବଙ୍ଗୋପସାଗରର ବେଳା ଭୂମି ଅନ୍ୟ ତିନି ପଟେ ତିନୋଟି ନଦୀ ଦ୍ୱାରା ବେଷ୍ଟିତ ଏହି ଭୂଖଣ୍ଡର ଭୌଗଳିକ ସ୍ଥିତି ବୈଚିତ୍ର୍ୟମୟ। ବିଶ୍ୱର ଏକ ଐତିହାସିକ, ପୌରାଣିକ, ଧାର୍ମିକ, ପର୍ଯ୍ୟଟନ ଓ ସାଂସ୍କୃତିକ ସହର ଭାବେ ଗଣ୍ୟ। ଭାରତର ୪ ଧାମ ମଧ୍ୟରେ ଏହା ଶ୍ରେଷ୍ଠସ୍ଥାନ। ଶ୍ରୀକ୍ଷେତ୍ରର ପ୍ରଧାନ ଆକର୍ଷଣ ହେଲା ଶ୍ରୀମନ୍ଦିର, ବଙ୍ଗୋପସାଗରର ବେଳାଭୂମି ଓ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଅନୁଷ୍ଠିତ ହେଉଥିବା ପୃଥିବୀ ପ୍ରସିଦ୍ଧ ରଥଯାତ୍ରା।

ଏଠାରେ ଅବସ୍ଥିତ ସମୁଦ୍ର ମହୋଦଧି, ଶ୍ମଶାନ ସ୍ୱର୍ଗଦ୍ୱାର, ଠାକୁର ଶ୍ରୀଜଗନ୍ନାଥ, ମନ୍ଦିର–ଶ୍ରୀମନ୍ଦିର, ଏହାର ଦାଣ୍ଡ ବଡଦାଣ୍ଡ, ମହାପ୍ରଭୁଙ୍କ ସେବାରେ ନିୟୋଜିତ ସେବକ ବଡ଼ପଣ୍ଡା, ମହାପ୍ରଭୁଙ୍କୁ ଭୋଗ ହେଉଥିବା ସଖୁଡ଼ି ପ୍ରସାଦ ମହାପ୍ରସାଦ ନାମରେ ନାମିତ। ଏଠାରେ ବାରମାସରେ ତେରଯାତ୍ରା, ନିତି ଦିବାନିଶି ନୃତ୍ୟ, ସଙ୍ଗୀତ ଉତ୍ସବ ମୁଖର ଏ ସହର। ପୁରାଣ ଓ ଅନ୍ୟାନ୍ୟ ପ୍ରାଚୀନ ଶାସ୍ତ୍ରମାନଙ୍କରେ ଏହି ପବିତ୍ର କ୍ଷେତ୍ରକୁ ନୀଳାଚଳ, ନୀଳଗିରି, ନୀଳାଦ୍ରି, ଶ୍ରୀକ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ର ଓ ଶଙ୍ଖ କ୍ଷେତ୍ର ନାମରେ ନାମିତ କରାଯାଇ ଅଛି। କପିଳ ସଂହିତାରେ ଏହି କ୍ଷେତ୍ରର ପ୍ରଶସ୍ତିଗାନ କରି ଲେଖାଯାଇଅଛି :–

"ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀ ପୁରୁଷୋତ୍ତମଃ
ସର୍ବେଷାଂ ସର୍ବ ଦେବାନାଂ ରାଜଶ୍ରୀ ପୁରୁଷୋତ୍ତମ।"

ଏହି କ୍ଷେତ୍ରରେ ପରମ ପ୍ରଭୁ ଶ୍ରୀପୁରୁଷୋତ୍ତମ ନିତ୍ୟ ବିରାଜମାନ କରୁଥିବାରୁ ଏହା ଏକ ପରମପାବନ କ୍ଷେତ୍ର। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଷାରେ :–

ଯେତେକ ପୁଣ୍ୟସ୍ଥାନ ମହୀ। ଏହି କ୍ଷେତ୍ରରୁ ଜାତ ସେହି॥
ଯେତେକ ତୀର୍ଥ ଏ ସଂସାରେ। ଏହି କ୍ଷେତ୍ରରୁ ସେ ବାହାରେ॥

ଉତ୍କଳମଣି ଗୋପବନ୍ଧୁ ଦାସ ଏହି କ୍ଷେତ୍ରର ମହତ୍ତ୍ୱ ଉପଲବ୍ଧି କରି ମୁକ୍ତ କଣ୍ଠରେ ଗାଇ ଉଠିଥିଲେ :–

"ଜଗତ ସଲିଳେ ଭାରତ କମଳ
ତା' ମଧ୍ୟେ କେଶର ପୁଣ୍ୟ ନୀଳାଚଳ।"

ବିଭିନ୍ନ ପୁରାଣରେ ଏହି କ୍ଷେତ୍ରର ମହିମା ଯେପରି ବର୍ଣ୍ଣିତ, ସେହିପରି ଓଡ଼ିଶାର ଆଦିକବି ସାରଳା ଦାସଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ବହୁ ଯଶସ୍ୱୀ ଓ ତରୁଣ କବିଙ୍କ ଲେଖନୀ ମୁନରେ ଏହି କ୍ଷେତ୍ରର ପ୍ରଶସ୍ତି ଦେଖିବାକୁ ମିଳେ। ଗୁଣ୍ଡିଚା ମନ୍ଦିରଠାରୁ ସିଂହଦ୍ୱାର ଯାଏଁ ଭୋର ସମୟରୁ ବିଳମ୍ବିତ ରାତ ଯାଏଁ ସଦା ଗହଳ ଚହଳ, ଦେଶ ବିଦେଶରୁ ଆଗତ ଯାତ୍ରୀମାନଙ୍କର କୋଳାହଳରେ ମୁଖରିତ ସଦା ବଡଦାଣ୍ଡର ବାୟୁମଣ୍ଡଳ। ଶ୍ରୀମନ୍ଦିରର ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୨.୪ କି.ମି ରାସ୍ତା 'ବଡଦାଣ୍ଡ' ନାମରେ ନାମିତ। ବଡ଼ଦାଣ୍ଡର ଶେଷଭାଗ 'ଶରଧାବାଲି' ନାମରେ ନାମିତ। ବଡ଼ଦାଣ୍ଡର ଉଭୟ କଡ଼ରେ ଅନେକ ଦର୍ଶନୀୟସ୍ଥଳ ଯଥା–ମନ୍ଦିର, ମଠ, ସମାଧିପୀଠ, ଆଶ୍ରମ, ଧର୍ମଶାଳା ଅବସ୍ଥିତ। ଏଥିମଧ୍ୟରୁ କେତେକର ଶ୍ରୀମନ୍ଦିର ସହ ପ୍ରତ୍ୟକ୍ଷ ବା ପରୋକ୍ଷ ସମ୍ପର୍କ ରହିଅଛି।

ଶ୍ରୀମନ୍ଦିର ସିଂହଦ୍ୱାର ନିକଟ ଅରୁଣସ୍ତମ୍ଭ ପଶ୍ଚାତରେ ବାମ ପାର୍ଶ୍ୱରେ ଏମାର ମଠ (ରାମାନୁଜ ସମ୍ପ୍ରଦାୟ) ଓ ମଙ୍ଗୁମଠ ଅବସ୍ଥିତ। ସିଂହଦ୍ୱାରଠାରୁ ଗୁଣ୍ଡିଚାମନ୍ଦିର ଅଭିମୁଖେ ବଡ଼ଦାଣ୍ଡର ବାମପାର୍ଶ୍ୱରେ, ବଡ଼ଛତା ମଠ, ଶ୍ରୀରାମମନ୍ଦିର, ଗୋପବନ୍ଧୁ ମଣ୍ଡପ, ଲଙ୍ଗୁଳି ମଠ, ପଣ୍ଡରାମାନନ୍ଦି ବୈଠକ ତଥା ବଡ଼ଆଖେଡ଼ା ମଠ, ଦୋଳବେଦୀ, ଶ୍ରୀମନ୍ଦିର କାର୍ଯ୍ୟାଳୟ, ପାପୁଡ଼ିଆ ମଠ, ଚୈତନ୍ୟ ଗୌଡ଼ୀୟ ମନ୍ଦିର ଓ ମଠ, ଜଗନ୍ନାଥ ବଲ୍ଲଭ ମଠ, ନରେନ୍ଦ୍ର ସରୋବର (ରାସ୍ତାଠାରୁ ଅଳ୍ପକିଛି ଦୂରରେ), ମାଦଣା ଯାଗା, ବାଘ ଆଖେଡ଼ା ମଠ ପ୍ରମୁଖ ଥିଲା ବେଳେ ଡାହାଣ ପାର୍ଶ୍ୱରେ ରାଧାବଲ୍ଲଭ ମଠ, ପଠାଘର, ଗଜପତିଙ୍କ ଶ୍ରୀନଅର, ରାଣୀ ନଅର, ମଳିକା ଠାକୁରାଣୀ, ପଟିଆ ରାଣୀ ମନ୍ଦିର, ମାଉସୀମା ମନ୍ଦିର, ବଳଗଣ୍ଡିଛତା ମଠ, ସାଲବେଗ ସମାଧିପୀଠ ପ୍ରଧାନ।

ଏତଦ୍ ବ୍ୟତୀତ ଧର୍ମଶାଳାଗୁଡିକ ହେଲା ବାଗାଡ଼ିଆ, ଦୁଦୁୱାଲା, ଗୋୟଙ୍କା, ବଗଲା।

## ଜଗନ୍ନାଥ ବଲ୍ଲଭ ମଠ :–

ଶ୍ରୀମନ୍ଦିରର ରୀତି ନୀତି ସହିତ ଯେଉଁସବୁ ମଠମାନଙ୍କର ସମ୍ପର୍କ ରହିଛି ସେମାନଙ୍କ ମଧ୍ୟରେ ଜଗନ୍ନାଥବଲ୍ଲଭ ମଠ ଅନ୍ୟତମ। ଏହି ମଠର ପୂର୍ବଭାଗରେ ବଡ଼ଦାଣ୍ଡ, ପଶ୍ଚିମରେ ମାର୍କଣ୍ଡେଶ୍ୱର ସାହି, ଉତ୍ତରରେ ରୁଡ଼ଙ୍ଗ ସାହି ଓ ଦକ୍ଷିଣରେ ନରେନ୍ଦ୍ର ସରୋବର ଅବସ୍ଥିତ। ଶ୍ରୀଚୈତନ୍ୟ ମହାପ୍ରଭୁ ଜୀବନର ଶେଷାବସ୍ଥାରେ ଏହି ମଠରେ ଅବସ୍ଥାନ କରୁଥିଲେ। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଏହି ମଠରେ ଶ୍ରୀଚୈତନ୍ୟ ମହାପ୍ରଭୁ ଅବସ୍ଥାନ କରୁଥିବା ବିଷୟ ଚୈତନ୍ୟ ଚରିତାମୃତରେ ଲେଖାଅଛି।

"ଜଗନ୍ନାଥ ବଲ୍ଲଭ ବଡ଼ ପୁଷ୍ପାରାମ
ନବଦିନ କରେନ୍ ପ୍ରଭୁ ତାହାତେ ବିଶ୍ରାମ।"

ଜଗନ୍ନାଥ ବଲ୍ଲଭ ମଠ ଶ୍ରୀଜଗନ୍ନାଥ ମନ୍ଦିରର ବଗିଚାଥିଲା ବୋଲି ବ୍ରିଟିଶ ଅମଳର ଦଲିଲପତ୍ରରେ ଉଲ୍ଲେଖ ରହିଅଛି। ପୁରୀରେ ବିଷ୍ଣୁସ୍ୱାମୀ ସମ୍ପ୍ରଦାୟର ଏକମାତ୍ର ମଠ ଭାବେ ଜଗନ୍ନାଥ ବଲ୍ଲଭ ମଠ ପରିଚିତ। ଶ୍ରୀମନ୍ଦିରର ସେବା ନୀତି ସହିତ ଏହି ମଠର ନିତ୍ୟ ସମ୍ପର୍କ ରହିଛି। ଦୈନିକ ଅବକାଶ ସମୟରେ ମଶାଲ, ସକାଳ ଧୂପ ଗୋପାଳ ବଲ୍ଲଭଭୋଗ ନିମନ୍ତେ ମଠ ତରଫରୁ ପଇଡ଼ ୨ଟା, ଖଇ ୫ ଠେକି, ଶୁଆମଣ୍ଡା ୪ଟା, ମାଖନ ୧ ଓଳି, ଦହି ୧ ଓଳି, ପାଚିଲା କଦଳୀ ଯୋଗାଇ ଦିଆଯାଏ। ଶ୍ରୀଜଗନ୍ନାଥଙ୍କ ବଡସିଂହାର ବେଶ ପାଇଁ ଫୁଲମାଳ, ତୁଳସୀମାଳ ଯୋଗାଇ ଦେବାର ବିଧି ଉଲ୍ଲେଖ ଅଛି। ଶ୍ରୀମନ୍ଦିରର ସ୍ୱତ୍ୱଲିପି ଅନୁଯାୟୀ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ତତ୍‌କାଳୀନ ରାଜାମାନେ କେତେକ ଜୁଲି ଓ ସରଘର ପ୍ରଦାନ କରିଥିବାର ଉଲ୍ଲେଖ ଅଛି।

ଏତଦ୍‌ ବ୍ୟତୀତ ଶ୍ରୀମନ୍ଦିରର ବିଭିନ୍ନ ଦିବସର ନୀତି ଯଥା– ପଣାସଂକ୍ରାନ୍ତି, ଚନ୍ଦନଯାତ୍ରା, ଗୁଣ୍ଡିଚା ଓ ବାହୁଡ଼ାଯାତ୍ରା, ବନଭୋଜୀ ବେଶ, କାଳୀୟଦଳନ ବେଶ, ପ୍ରଲମ୍ବାସୁର ବଧ ବେଶ, କାର୍ତ୍ତିକ ମାସର ବାଲଧୂପ ନୀତି, ଦୋଳପର୍ବ ଶ୍ରୀରାମନବମୀ, ଦୟଣା ଚୋରୀ ନୀତି, ନବକଳେବର ସମୟରେ ବିଭିନ୍ନ ସେବା ଓ ନୀତି ମଠ ତରଫରୁ କରାଯାଇଥାଏ। ୧୯୯୦ ମସିହାରୁ ଏହି ମଠ ପରିସରରେ ଶ୍ରୀମନ୍ଦିରର ପାଠାଗାର ଓ ଗବେଷଣାକେନ୍ଦ୍ର କାର୍ଯ୍ୟ କରି ଆସୁଅଛି।

## ମାଉସୀ ମା' ମନ୍ଦିର :

ସିଂହଦ୍ୱାରଠାରୁ ଗୁଣ୍ଡିଚା ଘର ଅଭିମୁଖେ ଯାଉଥିବା ବେଳେ ବଡ଼ଦାଣ୍ଡର ଡାହାଣ ପାର୍ଶ୍ୱରେ ବାଲିଗଣ୍ଡି ଠିକ୍ ପୂର୍ବରୁ ଯେଉଁ ଛୋଟ ମନ୍ଦିରଟି ସମସ୍ତଙ୍କର ଦୃଷ୍ଟିଗୋଚର ହୁଏ ତାହା ମାଉସୀମା' ମନ୍ଦିର ନାମରେ ଖ୍ୟାତ। ଏହି ମନ୍ଦିରରେ ପୂଜିତ ମୁଖ୍ୟ ଦେବୀ ହେଉଛନ୍ତି ମାଉସୀମା'। ଏହି ଦେବୀଙ୍କ ମୂର୍ତ୍ତି ଦେଖିବାକୁ ଠିକ୍ ସୁଭଦ୍ରାଙ୍କ ପରି। ସ୍କନ୍ଦ ପୁରାଣରେ ଶ୍ରୀକ୍ଷେତ୍ରମାହାତ୍ମ୍ୟ ଶଙ୍ଖକ୍ଷେତ୍ର ବର୍ଣ୍ଣନା ପ୍ରସଙ୍ଗରେ ଦେବୀଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଅଛି– ଅର୍ଦ୍ଧାଶନୀ ତଥା ଲମ୍ବା ଶ୍ମଶାନ ଦିଶି ସଂହିତା ୪/୩୦। ଶ୍ରୀଜଗନ୍ନାଥଙ୍କ ମାଉସୀମା' ନାମରେ ଏହି ଦେବୀ ଭକ୍ତମାନଙ୍କ ମଧ୍ୟରେ ପରିଚିତା ଅଟନ୍ତି। ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରାଙ୍କ ରଥଯାତ୍ରା ସମୟରେ ଦେବ ଦେବୀମାନଙ୍କୁ ମାଉସୀମା'ଙ୍କ ତରଫରୁ ପୋଡ଼ପିଠା ଭୋଗଲାଗି କରାଯାଏ। ପୁରୀକୁ ଆସୁଥିବା ଦର୍ଶନାର୍ଥୀ ଓ ଯାତ୍ରୀମାନେ ଏହି ମନ୍ଦିର ମଧ୍ୟ ପରିଦର୍ଶନ କରିଥାନ୍ତି।

## ସାଲବେଗ ସମାଧିପୀଠ :

ଶ୍ରୀଜଗନ୍ନାଥଙ୍କ ପରମଭକ୍ତ, ଓଡ଼ିଆ ଜାତିର ମହାନ ଗୀତିକବି ସନ୍ଥ ସାଲବେଗ ତାଙ୍କ ଜୀବିତାବସ୍ଥାରେ ଶରଧାବାଲିରେ ଏକ ମଠ ସ୍ଥାପନ କରି ସାଧୁ ସନ୍ଥଙ୍କ ସେବା ପାଇଁ ଦଶଅବତାର ମଠ ନିକଟରେ ତିନିଗୁଣ୍ଠ ଜମି ପାଇଁ ତତ୍‌କାଳୀନ ଗଜପତି ନରସିଂହ ଦେବଙ୍କୁ ପ୍ରାର୍ଥନା କରିଥିଲେ। ମାତ୍ର ଜୀବିତାବସ୍ଥାରେ ସେ ରାଜାଙ୍କଠାରୁ ସହାୟତା ପାଇନଥିଲେ। ସାଲବେଗଙ୍କ ମହାପ୍ରୟାଣ ବୈଶାଖ ଚତୁର୍ଥୀରେ ହୋଇଥିଲା ଓ ବଡ଼ ଦେଉଳରୁ ତାଙ୍କୁ ବୈଷ୍ଣବାଗ୍ନି ମିଳିଥିଲା। ତାଙ୍କ ମୃତ୍ୟୁପରେ ରାଜା ନରସିଂହ ଦେବ ବାଲିଗଣ୍ଡି ଛତା ମଠ ଉତ୍ତରକୁ ସ୍ୱରିଗୁଣ୍ଠ ସାତକଡ଼ି ଭୂମି ତାଙ୍କ ନାମରେ ମଞ୍ଜୁର କରିବା ସହିତ ଭକ୍ତଙ୍କ ସ୍ମୃତିରେ ରଥଯାତ୍ରା ସମୟରେ ନନ୍ଦିଘୋଷ ରଥ ସେଠାରେ ଅଟକିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସେଠାରେ ସାଲବେଗ ପକ୍ଷି ଛପରା ଲାଗି କରିବା ପାଇଁ ବାଲିଗଣ୍ଡି ଛତା ମହନ୍ତଙ୍କୁ ଆଦେଶ ଦେଇଥିଲେ।

"ସେ ବାଲିଗଣ୍ଡି ଛତାକୁ ଆଶ୍ରାକରି ଛତାତଳେ ରହି ତୀର୍ଥ ସେବା କରିଥିବାରୁ ବୈଶାଖ ମାସ ଚତୁର୍ଥୀରେ ୧୦୪୮ ସାଲରେ ହରିଛାଡ଼ି ସ୍ୱର୍ଗଦ୍ୱାରରେ ହରିଛାଡ଼ିଲେ। ତାଙ୍କୁ ବଡ଼ ଦେଉଳୁ ବୈଷ୍ଣବାଗ୍ନି ମଧ୍ୟ ସିଦ୍ଧହ ହୋଇଥିଲା। ଅଦ୍ୟ ଶୁକ୍ଳ ଦ୍ୱିତୀୟାରେ ତେରେନ୍ଦି ଥିବାକୁ ବାଲିଗଣ୍ଡି ଛତାର ଉତ୍ତରକୁ ସ୍ୱରିଗୁଣ୍ଠ ସାତକଡ଼ି ଭୂମି ତାଙ୍କ ନାମେ ହୁକୁମ କରିଲୁ। ସେଠାରେ ସେ ହରିଛାଡ଼ି ଥିବାକୁ ସେଠାରେ ରଥ ରୋକି ପୁରୁଷୋତ୍ତମଙ୍କୁ ୪ ଅଙ୍କେ ଭକ୍ତିପଣ ଦେଖାଇବାକୁ ସେ ସ୍ଥାନରେ ବୈଷ୍ଣବ ରୀତିରେ ଭସ୍ମ ରଖି ସମାଧି ଏକ କରିବ। ସେ ଠାବେ ମହାପ୍ରସାଦ ସମର୍ପଣକୁ ବିମାନବଡୁ ଛତାର ମଦନ ପଣ୍ଡାଙ୍କୁ ଖଇଚୂଳ ଦୁଇ ମୁଠି ମଧ୍ୟ ପଟି ହୁକୁମ ହୋଇଛି। ଏଥକୁ ବାଲିଗଣ୍ଡି ଛତାର ଅଧିକାରୀଙ୍କୁ ରହିବ..... ବୈଶାଖ ମାସରେ ସମାଧି ଲାଗିକୁ କେନ୍ଦୁଲି ପେଟା ମୁରୁଟିଟିଏ ପାଉଥିବେ ଖଟଣି ଆସିଲେ ରୋକ ନହେବ। ବାଲିଗଣ୍ଡି ଛତା ମହନ୍ତଙ୍କୁ ଏମନ୍ତ ଉକ୍ତ ରକ୍ଷଣକୁ ତମର ଖଣ୍ଡରେ ସାତମାଣ ସ୍ୱରିଗୁଣ୍ଠ ଜମି ଖଞ୍ଜା ହେଲା ଜାଣିବ। ବାହୁଡ଼ା ରଥ ସେଠାରେ ହୁଅନ୍ତେ ବାଲିଗଣ୍ଡି ପକ୍ଷିରେ ସାଲବେଗ ପକ୍ଷି ଛପରା ଲାଗିବ। ଏ ସିଦ୍ଧି ଜାଗ୍ରତରେ ଯତ୍ନାମ କରାଇବ।

(ନରସିଂହ ଦେବଙ୍କ ଗଜପତିଙ୍କ ୨୨ ଅଙ୍କ ବୈଶାଖ ୬ ଦିନ ହୁକୁମ ନାମା ଦିଆଇ ତଦ୍‌ଭ ମଧ୍ୟ ସାନ୍ତରା ସନ୍ତକ ୪୪୪ ହୁକୁମ ନାମାର ନକଲର ନକଲ ବାଲିଗଣ୍ଡି ଛତା ମଠରୁ ପ୍ରାପ୍ତ)

ପରବର୍ତ୍ତୀକାଳରେ ବାଲେଶ୍ୱରର ଜନୈକ ଜମିଦାର ଭାସ୍କରପାଣି ଜୀର୍ଣ୍ଣ ସମାଧି ପୀଠର ସଂସ୍କାର କରିଥିଲେ ଯାହାକୁ ଅଧୁନା ବାଲିଗଣ୍ଡି ଛତା ମଠ ପାଖରେ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ଇତିହାସର ମୂକସାକ୍ଷୀ ରୂପେ ଦଣ୍ଡାୟମାନ। ଭକ୍ତକବି ସାଲବେଗଙ୍କ ରଚନାରେ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ଓ ବଡ଼ଦାଣ୍ଡର ବର୍ଣ୍ଣନା ଚମତ୍କାର ହୋଇଅଛି।

ରାମହରି, ପ୍ରଭୁ ବିଜେ କରିଅଛ ନୀଳଗିରିହେ।
ବଡ଼ଦାଣ୍ଡେ ହେଲେ ପରବେଶ ରେଣୁଧୂଳିରେ ପୂରିଲାଗ୍ରାସ
ଦାଣ୍ଡରେ ବସିଛି କୈବଲ୍ୟ ପସରା ଟକ ତୋରାଣିରେ ମନତୋଷ।"
ସିଂହଦ୍ୱାରଠାରେ ବେତବାଡ଼ି ବାଜିଲେ ପାତକ ଯାଏ ଛାଡ଼ି
ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମିତ୍ତ ସାଧୁଜନମାନେ ଠେଲାଠେଲି॥

XX XX XX XX

ସକଳ ସୁନ୍ଦର ବଡ଼ଦାଣ୍ଡ ନବକୋଟି ଲୋକ ତହିଁ ରୁଣ୍ଡ
ଦର୍ଶନ ମାତ୍ରେକେ ପାପକ୍ଷୟ ଯିବ ପାପାପ ଧ୍ୱ ପାତକ ହୋଇ ଖଣ୍ଡ॥
ସିଂହଦ୍ୱାର ଆଗେ ତିନି ରଥ ପାଟପଟନୀରେ ମଣ୍ଡି ନେତ
ଆଗେ ବଳଭଦ୍ର ମଧ୍ୟରେ ସୁଭଦ୍ରା ପଛେ ବିଜେ କଲେ ଜଗନ୍ନାଥ॥

ତେଣୁ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ କହିଲେ କେବଳ ଦାଣ୍ଡକୁ ବୁଝାଏ ନାହିଁ। ଭକ୍ତଜନଙ୍କ ମଧ୍ୟରେ, କବି ଚେତନାରେ ଜଗନ୍ନାଥପ୍ରେମୀ ଭକ୍ତମାନଙ୍କ ଦୃଷ୍ଟିରେ ବଡ଼ଦାଣ୍ଡର ଧୂଳି ମଧ୍ୟ ପବିତ୍ର। ପ୍ରତ୍ୟହ ସହସ୍ର ବ୍ୟକ୍ତି ଅରୁଣସ୍ତମ୍ଭ ପଛରେ ପତିତପାବନଙ୍କୁ ପ୍ରଣତି ଜଣାଇ ବଡ଼ଦାଣ୍ଡର ଧୂଳି ମୁଣ୍ଡରେ ମାରିଥାନ୍ତି।

## ସହାୟକ ଗ୍ରନ୍ଥ :

'ଉତ୍କଳ ପ୍ରସଙ୍ଗ'-ରଥଯାତ୍ରା ସଂଖ୍ୟା ୧୯୮୮, ପ୍ରବନ୍ଧ–ଯବନ ପ୍ରିୟ ନୀଳାଦ୍ରି ଚନ୍ଦ୍ରମା–ଡଃ ରଘୁନାଥ ପାତ୍ର, 'ଶ୍ରୀମନ୍ଦିର' ରଥଯାତ୍ରା ବିଶେଷାଙ୍କ ୧୯୯୪, ପ୍ରବନ୍ଧ–ଜଗନ୍ନାଥ ବଲ୍ଲଭ ମଠ–ଭାସ୍କର ମିଶ୍ର

ମୁଖ୍ୟ ସମ୍ପାଦକ 'ସୁଲେଖା'
ବିମାନବଡୁ ସାହି, ଚଟିଆପଡ଼ା ଲେନ୍, ପୁରୀ–୭୫୨୦୦୧



# ନେତ୍ର ମୋ ସମୁଦ୍ର

ଅଧ୍ୟାପିକା ପ୍ରମୋଦିନୀ ବେହେରା

ପ୍ରଭୋ !
ଲୋଡାନାହିଁ ଭୋଗ ଭାଗ
କିଛି ଦିଲେ ଅଣିମା ଐଶ୍ୱର୍ଯ୍ୟ
ମୁକତି ନିର୍ବାଣ ମୋକ୍ଷ
ସବୁ ଆଜି ଲାଗେ ଅହେତୁକ
ଖାଲି –
ନେତ୍ର ମୋ ସମୁଦ୍ର ହେଉ
ଆଶା ମୋ ଆକାଶ
ବିଶ୍ୱାସରେ ବିସ୍ମୃତ ମୁଁ
ତୋ ଇଚ୍ଛାର ପ୍ରମତ୍ତ ପ୍ରକାଶ ।
କେତେ ଶୋଭାବନରେ ବିଚ୍ଛୁରିତ ନନ୍ଦିଘୋଷ
ପୁଣି ତୋତେ ରନ୍ନସିଂହାସନ
ପତିତର ଦରବାରେ
ହସିହସି ଲୋଟିବାର ମୋହ ।
ଦୁଃଖ ନେଇ ସୁଖ ଦେବୁ
ଆହା କହି ଫେଡିବୁ କଷଣ
ଥପଥପ ଲୁହ ପୋଛି
କୋଟି ମନେ ଖୁଆଇବୁ
ଜୀବନର ଝାଳ ।
ଏଇ କାତିକ୍ରମ ପ୍ରଭୋ !
ହାତଠାରି ଡାକି ନିଏ
ଅନ୍ଧା ମନେ ପତିତ ପାବନ ।
ସୁଦର୍ଶନ !
ଥରେ ଛୁଆଇଁ ଦେ
କମଳ ପଦର ରଜ
ଛଟାଫୁଲ ତୁଳସୀ ଗଭକ
ନିରବଧି ପ୍ରତୀକ୍ଷିତ
କବରେ କାଳିଆ କହ -
କାହାପାଇଁ ମନର ବାଟକ ???

ଯୁଗଭଦ୍ରା ମହାବିଦ୍ୟାଳୟ,
ଭା-ବିରଳା, ଗୋ-ପ୍ରତିପୁର,
ଯାଜପୁର-୭୫୫୦୧୩ ।

ଝୁମର ଗୀତିକା



# ଦରୁବ୍ରହ୍ମ ରୂପୀ ଶ୍ରୀଜଗନ୍ନାଥ

ଅଧ୍ୟାପକ ଲଳିତ ମହାନ୍ତ


ନୀଳାଦ୍ରୀ ବିହାରୀ ଭବତାପହାରୀ, ଚକାଆଖି ମେଲି ବସିଛି,
ତାକୁ ଯେ  ଦେଖିବ ମନ ଲାଖି ଯିବ ଭକ୍ତ ପାଇଁ ଏ ବେଶ ଧରିଛି
କରି ମନ ଥୟ ଲଗାଇଲେ ଲୟ ଲାଗିବ ସେ ବାନ୍ଧି ରଖିଛି ।୧।

କଳି ଯୁଗେ ସେହି ଦାରୁବ୍ରହ୍ମ ହୋଇ ପତିଙ୍କି ମନ୍ତ୍ରର କରିଛି
ଭାବିଲେ ସଂସାର ସୁଦଶା ତାହାର ଜଗତ ଦୁଃଖଭାରେ ମିଶିଛି
ଅମଳ କମଳ ତା' ଚରଣ ତଳ ଜୀବନେ ତ ସେ ସବୁକିଛି ।୨।

ପୀତ ପାଟବାସ ଚନ୍ଦନ ସୁବାସ ତା'ର ଶ୍ରୀଅଙ୍ଗରେ ଲାଗିଛି
ମନ ଛନଛନ ଜଗତ ମୋହନ ତୁଳସୀମାଳ ଗଳେ ପିନ୍ଧିଛି
ସେ ନଟକୁଟିଆ ବଡକପଟିଆ ଦୁଃଖୀରଙ୍କି କଥା ଜାଣିଛି ।୩।

ହସ୍ତା ଭୋଗଖିଆ ଧଣ୍ଡାମାଳଭୁହା ଭାଇଭଉଣୀ ସଙ୍ଗେ ଅଛି
ହେର ବାରମାସେ ନିତି ନବବେଶେ କେତେ ଲଳିତ ରୂପ ଧରିଛି
ବୈକୁଣ୍ଠବିହାରୀ ଶଙ୍ଖଚକ୍ରଧାରୀ ହାତଠାରି କେତେ ଡାକିଛି ।୪।

ଲାଲୁବେରା, ରାଇରଙ୍ଗପୁର,
ମୟୂରଭଞ୍ଜ-୭୫୭୦୪୩ ।



# ଶ୍ରୀମହାପ୍ରସାଦ

ଇଞ୍ଜିନିୟର ରଘୁନାଥ ପାତ୍ର

"ବର୍ଷାଣାମ୍ ଭାରତଃ ଶ୍ରେଷ୍ଠଃ
ଦେଶାନାମ୍ ଉତ୍କଳଂ ସ୍ମୃତମ୍ ।
ଉତ୍କଳସ୍ୟ ସମୋଦେଶଃ
କୁତ୍ର ନାସ୍ତି ମହୀତଳେ ॥"

ବସୁଧାବର ଅନାଚାର ଓ କଳୁଷ ନିବାରଣ ତଥା ଶୁଦ୍ଧାନ୍ତକରଣ ପାଇଁ ଭାରତର ଚତୁର୍ଧାମର ଉନ୍ମେଷ । ଉକ୍ତ ଚତୁର୍ଧାମ ମଧ୍ୟରେ ସର୍ବଶ୍ରେଷ୍ଠ ଧାମ ପୁରୁଷୋତ୍ତମ ଧାମ, ଯେଉଁଠି ସକଳ ଧର୍ମ ଓ ସଂସ୍କୃତିର ସ୍ରୋତ ଅବଲୀଳାକ୍ରମେ ସମ୍ମିଳିତ ହୋଇ ସୃଷ୍ଟି କରିଛି ଏକ ଦିବ୍ୟାତିଦିବ୍ୟ ଅପୂର୍ବ ଧର୍ମୋଦଧି । ଏଠାରେ ସବୁ ବଡ଼, ସକଳ ମହାନ୍ :-ବଡ଼ ଦାଣ୍ଡ, ବଡ଼ ଖଣ୍ଡା, ବଡ଼ ପଣ୍ଡା, ବଡ଼ ନେତ, ମହାବେଦୀ, ମହାପ୍ରଭୁ ଓ ମହାପ୍ରସାଦ ।

ଶ୍ରୀକ୍ଷେତ୍ର ମହାପ୍ରଭୁଙ୍କର ନିତ୍ୟ ନିବାସ ଓ ଭୋଜନସ୍ଥଳୀ ।

"ସର୍ବକାଳ ସେହିସ୍ଥାନେ ଆମାର ବସତି ।
ପ୍ରତିଦିନ ଆମାର ଭୋଜନ ହସ୍ ତିଥି ॥"

(ଶ୍ରୀଚୈତନ୍ୟ ଭାଗବତ)

ଅନ୍ୟ ମନ୍ଦିରରେ ଦେବଦେବୀଙ୍କୁ ଉତ୍ସର୍ଗୀକୃତ ନୈବେଦ୍ୟାନ୍ନ ପ୍ରସାଦ ରୂପେ ମାନ୍ୟତା ପାଇବା ସମୟରେ ଶ୍ରୀମନ୍ଦିରରେ ମହାପ୍ରସାଦ ରୂପେ ସୁବିଦିତ, ପରିକୀର୍ତ୍ତିତ । ଅନ୍ୟ ପ୍ରସାଦରେ ଉଚ୍ଛିଷ୍ଟ ବା ଅନୁଚ୍ଛିଷ୍ଟ, ଧର୍ମାଧର୍ମ, ବର୍ଣ୍ଣବୈଷମ୍ୟ ଦୃଷ୍ଟିଗୋଚର ହେଉଥିଲେ ମଧ୍ୟ ମହାପାତକନାଶନ ମହାପ୍ରସାଦ ସକଳ ବୈଷମ୍ୟଶୂନ୍ୟ ।

"ନାତ୍ରବର୍ଣ୍ଣ ବିଚାରୋଽସ୍ତି ନୋଚ୍ଛିଷ୍ଟାଦି ବିବେଚନମ୍ ।"

(ସ୍କନ୍ଦ ପୁରାଣ)

"ଚଣ୍ଡାଳ ବ୍ରାହ୍ମଣ ଯାଏ ଖୁଆଖୋଇ ହେବେ ।
ସମସ୍ତେ ଖାଇଣ ଜଳେ ହସ୍ତ ନ ଧୋଇବେ ॥
ହାଡ଼ିର ହସ୍ତୁ ବ୍ରାହ୍ମଣ ଛଡ଼ାଇ ଖାଇବେ ।
ବ୍ରାହ୍ମଣ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ ॥"

(ମହାଲକ୍ଷ୍ମୀ ପୁରାଣ)

## ନିର୍ମାଲ୍ୟ, କୈବଲ୍ୟ ଓ ମହାପ୍ରସାଦ

ନିର୍ମାଲ୍ୟ : ନିର୍ମାଲ୍ୟ ଶବ୍ଦର ଅର୍ଥ 'ଦେବ ନିବେଦିତ ପୁଷ୍ପାଦି' । ପୂର୍ବେ ଶୁଷ୍କ ମହାପ୍ରସାଦ, ଫୁଲତୁଳସୀ, ଶିରକାପଡ଼ା, ଶାଢୀ ଶିରିପା, ଜଗନ୍ନାଥଙ୍କ ପଟିକୁ ନିର୍ମାଲ୍ୟ ରୂପେ ଗ୍ରହଣ କରାଯାଉଥିଲା । ଏବେ ନିର୍ମାଲ୍ୟ କହିଲେ ଶୁଷ୍କ ମହାପ୍ରସାଦକୁ ବୁଝାଏ । ଦୂରଯାତ୍ରୀମାନେ ଅନ୍ନ ମହାପ୍ରସାଦ ନେଲେ ନଷ୍ଟ ହେବା ଭୟରେ ଶୁଷ୍କ ମହାପ୍ରସାଦ ଓ ନିର୍ମାଲ୍ୟ ନେଇଯାଆନ୍ତି, ପ୍ରତ୍ୟହ ସ୍ନାନପରେ ବା ପର୍ବପର୍ବାଣିରେ ସେବନ କରିବାକୁ । ନିର୍ମାଲ୍ୟ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ନିର୍ମାଲ୍ୟ ଖଳା ଅଛି ଯେଉଁଠି ମହାପ୍ରସାଦ ଶୁଖାଯାଇ ନିର୍ମାଲ୍ୟ ପ୍ରସ୍ତୁତ କରାଯାଏ । ମୁମୂର୍ଷୁ ଜୀବକୁ ନିର୍ମାଲ୍ୟ ଜଳ ଦେଲେ ଆତ୍ମା ଶୁଦ୍ଧ ହେବା ସଙ୍ଗେ ଅନାୟାସେ ଗତିମୁକ୍ତି ମିଳେ ବୋଲି ହିନ୍ଦୁର ବିଶ୍ୱାସ ।

କୈବଲ୍ୟ : କେତେକ ଐତିହାସିକମାନଙ୍କ ମତରେ କୈବଲ୍ୟ ଶବ୍ଦ ଜୈନଧର୍ମର 'କେବଳି' ଶବ୍ଦର ରୂପାନ୍ତର ମାତ୍ର । କିନ୍ତୁ ତାହା ନୁହେଁ । ବ୍ୟାସକୃତ ଶ୍ରୀମଦ୍ ଭାଗବତରେ ସ୍ୱୟଂ ଭଗବାନ 'କୈବଲ୍ୟ ପତି' ରୂପେ ଆଖ୍ୟାୟିତ ।

"ନମୋଽକିଂଚନ ବିତ୍ତାୟ ନିବୃତ୍ତ ଗୁଣ ବିତ୍ତୟେ ।
ଆତ୍ମାରାମାୟ ଶାନ୍ତାୟ କୈବଲ୍ୟ ପତୟେ ନମଃ ॥"

ସାଧାରଣତଃ ମହାପ୍ରସାଦକୁ ଦୁଇ ଆଙ୍ଗୁଠିରେ ନେଇ ରସନାରେ ରଖିବାକୁ କୈବଲ୍ୟ ସେବନ କହନ୍ତି ।

ମହାପ୍ରସାଦ : ମହାପ୍ରସାଦ ସେବନ କହିଲେ ଶ୍ରୀଜଗନ୍ନାଥଙ୍କ ନୈବେଦ୍ୟାନ୍ନ ଓ ପିଠାପଣାର ଭୂରି ଭୋଜନକୁ ବୁଝାଇଥାଏ । ମହାପ୍ରସାଦ ସେବନ ଅର୍ଥ ନିର୍ମାଲ୍ୟ ବା କୈବଲ୍ୟ ସେବନ ନୁହେଁ । ଅତଏବ ଶୁଷ୍କ ଅନ୍ନ ମହାପ୍ରସାଦକୁ ନିର୍ମାଲ୍ୟ, ଟିପରେ ଦୁଇକଣିକା ନେଇ ସେବା କରିବାକୁ କୈବଲ୍ୟ ସେବନ ଓ ପାଞ୍ଚ ଆଙ୍ଗୁଠିରେ ନେଇ ଭୂରି ଭୋଜନ ବା ପର୍ଯ୍ୟାପ୍ତ ସେବନକୁ ମହାପ୍ରସାଦ ସେବନ କହନ୍ତି ।

ଅନ୍ନବ୍ରହ୍ମ : ଶ୍ରୀକ୍ଷେତ୍ରରେ ତିନୋଟି ଶବ୍ଦ ସହିତ ବ୍ରହ୍ମ ଶବ୍ଦ ପ୍ରୟୋଗ ହୋଇଥାଏ - ଦାରୁବ୍ରହ୍ମ, ଶବ୍ଦବ୍ରହ୍ମ, ଅନ୍ନବ୍ରହ୍ମ । ଦାରୁବ୍ରହ୍ମ ସାକ୍ଷାତ୍ ଶ୍ରୀଜଗନ୍ନାଥ । ଶବ୍ଦବ୍ରହ୍ମ ଓଁକାର ବା ପ୍ରଣବଠାରୁ ଆରମ୍ଭ କରି ମହାପ୍ରଭୁଙ୍କ ସକଳ ନାମକୀର୍ତ୍ତନ । ଅନ୍ନବ୍ରହ୍ମ ହେଉଛି ଶ୍ରୀମହାପ୍ରସାଦ ।

"ଭୁକ୍ତିମୁକ୍ତିଶ୍ଚ ଦ୍ୱେତତ୍ର ଗାହେନ୍ତୁ ଯୁଗପତ୍ ସ୍ଥିତେ ।"

(ସ୍କନ୍ଦ ପୁରାଣ, ୯/୬୭)

ଶ୍ଳୋକରୁ ଏକ ଦିବ୍ୟ ବସ୍ତୁର ସନ୍ଧାନ ମିଳେ ଯାହାକି ଭୁକ୍ତି ମୁକ୍ତି ଉଭୟ ପ୍ରଦାନକାରୀ । ଉକ୍ତ ଦିବ୍ୟାତିଦିବ୍ୟ ବସ୍ତୁ ହିଁ ଆମର ପ୍ରିୟାତିପ୍ରିୟ ଅଭଡ଼ା, କୈବଲ୍ୟ, ନିର୍ମାଲ୍ୟ, ମହାପ୍ରସାଦ (ମାହାର୍ଘ) ।

ଅନ୍ନବ୍ରହ୍ମରୁ ସକଳ ପ୍ରାଣୀଜଗତର ସୃଷ୍ଟି । "ଅନ୍ନାତ୍ ଭବନ୍ତି ଭୂତାନି" । (ଗୀତା ୩/୪) ଯଜ୍ଞାଗ୍ନିଦ୍ୱାରା ପାକସିଦ୍ଧ ଅନ୍ନକୁ ଦେବାର୍ପଣ କରି ସେବନ କଲେ ସେବନକାରୀ ବା ଭୋକ୍ତା, ଅନ୍ନାଦି ହବ୍ୟ, ଅଗ୍ନି, କର୍ତ୍ତା, ଅର୍ପଣ ସକଳ ବ୍ରହ୍ମମୟ ହୋଇଯାଆନ୍ତି ।

"ବ୍ରହ୍ମାର୍ପଣଂ ବ୍ରହ୍ମହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।
ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମ ସମାଧିନା ।"

(ଗୀତା ୪/୨୪)

ତେଣୁ ଯଜ୍ଞାଗ୍ନି ଦ୍ୱାରା ପାକସିଦ୍ଧ ଅନ୍ନ ସଂସ୍କାର ବିଧିରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରାଯିବାରୁ ମହାପ୍ରସାଦ ରୂପେ ବହୁଜନଗୃହୀତ, ସମାଦୃତ ।

**ଛପନ ଭୋଗ :** ନୀଳାଦ୍ରିନାଥଙ୍କୁ ସମର୍ପିତ ଭୋଗକୁ ଛପନ ଭୋଗ କୁହାଯାଏ, ଯେହେତୁ ଏହା ଛପନ ପ୍ରକାର । ମାଦଳାପାଞ୍ଜି ଅନୁସାରେ ୧୯୧୦ ମସିହାରେ ସମୁଦାୟ ଭୋଗ ଥିଲା ୪୩୫ ପ୍ରକାର । କାଳାନ୍ତରେ ସଂଖ୍ୟା ହ୍ରାସ ପାଇ ହେଲା ୧୫୦ ପ୍ରକାର । ପରେ ଅନ୍ନ, ଡାଲି, ଡାଲମା, ମହୁର, ବେସର ଓ ଶାଗ ଛାଡି ପ୍ରଧାନତଃ ମହାପ୍ରସାଦର ସଂଖ୍ୟା ହେଲା ୫୬ ପ୍ରକାର । ଛପନ ପ୍ରକାର ଭୋଗକୁ "ଛପନ ଭୋଗ" କୁହାଯାଏ । ମୂଳ ଅକ୍ଷର କ୍ରମରେ ସଜାଇଲେ ଛପନ ଭୋଗର ନାମକରଣ - ଅଟକାଳି, ଅମାଲୁ, ଅରିସା, ଏଣ୍ଡୁରି, କଦଳ, କାକରା, କାନ୍ତି, କେଳି, କୋରା, କ୍ଷୀରୀ, ଖଇରଚୂଳ, ଖଜା (ଅଲଖ ପୁଲିଆ, କୁତୁଜାଦକ, ପାରିଜାତକ, ମେଣ୍ଢାଶିଙ୍ଗିଆ, ଚକେଇବେଦା), ଖିରିସା, ଖୁରୁମା, ଖେଚେଡି, ଗଇଁଠା, ଗଜା, ଗୋଟାଳି, ଚକଟା, ଚକୁଳି, ଚିତଉ, ଛୁଞ୍ଚିପତ୍ର, ଜଗନ୍ନାଥ ବଲ୍ଲଭ, ଜେନାମଣି, ଝିଲି, ଟାକୁଆ, ଡାଲିମ୍ବ (ଦାନ୍ତଭଙ୍ଗା), ଡାଡିଆ, ତ୍ରିପୁରୀ, ଧଉଳା, ନଡି, ପଣସୁଆ, ପଣା, ପାଚେଡି, ପାପୁଡି, ପାଳୁଅ, ପଖାଳ, ପିଠା (ବଡ, ସାନ, ପୋଡ, କାନ୍ତି, ସାତପୁରି, ସୁଆର ଓ ମହାବୀର), ପୁରୀ, ପୁଳି, ଫେଣି, ବଡ଼ା, ବଳିବାମନ, ଭଜା, ମଣ୍ଡା, ମନୋହରା, ମହାଦେଇ, ମାଣ୍ଡୁଆ, ମୋହନଭୋଗ, ରସାବଳୀ, ରାଧାବଲ୍ଲଭ, ଲଡୁ, ଲହୁଣିଆ, ଲକ୍ଷ୍ମୀବିଳାସ, ସରସ୍ୱତୀଆ, ହଂସବଲ୍ଲଭ ଇତ୍ୟାଦି ।

**ପ୍ରସ୍ତୁତି ପଥେ :** ନୀଳାଦ୍ରି ମହୋଦୟର "ବିଷ୍ଣୋପ୍ରୀତିକରଂ ଦିବ୍ୟଂ ଭୋଜନସ୍ଥାନମେବତତ୍ ।" ଶ୍ଳୋକରୁ ଶ୍ରୀମନ୍ଦିର ଭଗବାନ ବିଷ୍ଣୁଙ୍କର ଭୋଜନସ୍ଥଳୀ ରୂପେ ସୁବିଦିତ । ଶ୍ରୀମନ୍ଦିର ଦକ୍ଷିଣ ପୂର୍ବକୋଣ (ଅଗ୍ନିକୋଣ) ରେ ତାଙ୍କ ରନ୍ଧନଗୃହ 'ରୋଷଘର' ଅବସ୍ଥିତ । ଯେଉଁ ଚୁଲିରେ ମହାପ୍ରସାଦ ରନ୍ଧନ କରାଯାଏ ସେଥିରେ ଛଟି ମୁହଁଥାଏ । କେତେଙ୍କ ମତରେ ଏହା ଷଟ୍‌କୋଣାତ୍ମକ ଅଗ୍ନିଯନ୍ତ୍ର ଓ ଏଥିରେ ଥରକେ ୯ଟି ହାଣ୍ଡି ବସିପାରେ । ଶାରଦା ତିଳକ ମତରେ "ମହନ୍ତଂ ନବଗଣିତମ୍ ।" ଅର୍ଥାତ୍ ୯ ବା ୯ର ଗୁଣିତକ ମହାପ୍ରସାଦ ପ୍ରସ୍ତୁତିର ମହାନତା ପ୍ରତିପାଦନ କରେ ।

ପାଳିଆ ପୁଜାପଣ୍ଡା ମନ୍ତ୍ରାଦ୍ୟ ରୋଷହୋମ କରିବା ପୂର୍ବରୁ ରୋଷଗୃହ ପ୍ରକ୍ଷାଳନ (ଧୋପଖାଳ) କରାଯାଏ । ଚୁଲିରେ ପଞ୍ଚାମୃତ ବା ଗୋମୟ ସିଞ୍ଚନ କରାଯାଏ । "ସୁଧାରସଂ ଗୋମୟଂ ବା ପଞ୍ଚଗବ୍ୟଂ ବିନିକ୍ଷେପତ୍ ।" (ବାମଦେବ ସଂହିତା ୯/୮) । ପାକଶାଳା ଦ୍ୱାରଦେଶରେ ଅବସ୍ଥିତ ଭଣ୍ଡାର ଓ ପାକଶାଳା ରକ୍ଷକ ଗଣେଶଙ୍କୁ ରୋଷକାର୍ଯ୍ୟ ନିର୍ବିଘ୍ନ ବା ନିର୍ଦ୍ୱନ୍ଦ୍ୱରେ ସମାପନ ହେବାପାଇଁ ପ୍ରାର୍ଥନା କରାଯାଏ ।

"ନମାମି ଗଣନାଥ ତ୍ୱଂ ସର୍ବବିଘ୍ନପତିଂ ପ୍ରଭୁଂ ।
ବିଘ୍ନଲେଶୋ ଯଥା ନସ୍ୟାତ୍ ପାକେଽସ୍ମିନ୍ କୁରୁତ ତଥା ।।"

(ନୀଳାଦ୍ରି ମହୋଦୟ)

ତ୍ରିକାଳ ବା ତ୍ରିସନ୍ଧ୍ୟାରେ କିପରି ସୁସ୍ୱାଦୁ ଓ ସୁସିଦ୍ଧ ଖାଦ୍ୟ ପ୍ରସ୍ତୁତ ହେବ, ସେଥିପାଇଁ ଲୋକଜନନୀ ପଦ୍ମାଳୟାଙ୍କୁ ଦେବାଜୀବ ପ୍ରାର୍ଥନା କରନ୍ତି ।

"ହେ ଦେବି ! ଦେବେଶ ଚରୋର୍ବିଭାଗଂ
ଯଦ୍ୱେନ ସୁସ୍ୱାଦୁତରଂସୁସିଦ୍ଧମ୍ ।
କୁରୁ ଦ୍ରୁତଂ ଦେବି ତ୍ରିକାଳ ପୂଜା
ଭବେତ୍ ଯଥା ଯୋଗ୍ୟତମା ତଥୈବ ।।"

(ବାମଦେବ ସଂହିତା, ୧୦/୭-୮)

ସୂପକାରଗଣ ପୂର୍ଣ୍ଣ ସ୍ନାନକରି ରନ୍ଧନକାର୍ଯ୍ୟକୁ ଯାଆନ୍ତି । ପଚାରିଲେ କହନ୍ତି—ପେଟପୂରାଥିଲେ କୌଣସି ଖାଦ୍ୟଦ୍ରବ୍ୟରେ ଆଶା ରହିବନି । ପାକଶାଳାରେ ପ୍ରଥମେ ସୂପକାର (ସୁଆର) ଗଣ ମହାଲକ୍ଷ୍ମୀଙ୍କ ଉପସ୍ଥିତି ଚିନ୍ତା କରି ପାତ୍ର ଚୁଲିରେ ବସାଇଥାଆନ୍ତି । ଅରୁଆ ଚାଉଳ, ଡାଲି, ଦେଶୀ ଆଳୁ, ମୂଳା, ସାରୁ, କଖାରୁ, ବାଇଗଣ, କଦଳୀ, ପୋଟଳ, କାଙ୍କଡ଼ ଓ ଶାଗ (ଲେଉଟିଆ, କୋଶଲା, ବଥୁଆ) ଏବଂ ଜିରା, ଲୁଣ, ଗୋଲମରିଚ, ଡାଲଚିନି, ଲବଙ୍ଗ, ଅଳାଇଚ ଓ ଯୋରିଶର ମସଲା ବ୍ୟବହୃତ ହୁଏ । ଛୋଟ ହାଣ୍ଡିରୁ ନେଇ ବଡହାଣ୍ଡି ବା ବାଇ ହାଣ୍ଡିରେ ରଖାଯାଏ । ପରିବାପତ୍ର ବାହାରେ କଟାଯାଇ କୋଠୁଆରେ ରଖି ଆବଶ୍ୟକୀୟ ନଡ଼ିଆ, ମସଲା, ଲୁଣ, ଦେଇ ରୋଷ ଭିତରକୁ ନିଆଯାଏ । ତା'ପରେ ସୂପକାରଗଣ ଜଳଦେଇ ସିଦ୍ଧ କରନ୍ତି । ଷଡରସ ବ୍ୟଞ୍ଜନ ପ୍ରସ୍ତୁତ ହୁଏ ।

ପ୍ରାଚୀନ ଶାସ୍ତ୍ରରେ ନଥିଲେ ମଧ୍ୟ କେତେକ ପୁସ୍ତକ ଓ ଲୋକମୁଖରେ ଶ୍ରୀମନ୍ଦିରରେ ଚତୁର୍ବିଧ ପାକର ପ୍ରଚଳନ ଶୁଣାଯାଏ, ଯଥା:—ଭୀମପାକ, ନଳପାକ, ଗୌରୀପାକ ଓ ସୌରିପାକ । ଚତୁର୍ବିଧ ପାକ ପ୍ରସ୍ତୁତ ହୋଇ ଜୀଉଙ୍କ ନିକଟକୁ ଯିବା ସମୟରେ ଅଗ୍ନୀଶ୍ୱର ମହାଦେବଙ୍କ ନେତ୍ରପାତ ହୁଏ । ଭଗବାନ ଅଗ୍ନୀଶ୍ୱରଙ୍କ ପବିତ୍ର ନେତ୍ରପାତରେ ଅଶୁଦ୍ଧ ଶୁଦ୍ଧରେ ପରିଣତ ହୁଏ । ପରିମାଣ ଅନୁସାରେ ଶିକା ବା ହସ୍ତରେ ସୂପକାରଗଣଙ୍କ ନିକଟକୁ ନେଇଥାଆନ୍ତି । ଆଘ୍ରାଣ ବା ନିଷ୍ଠୀବନ (ଛେପ ପଡ଼ିବା) ଭୟରେ ମୁହଁରେ ବାଘମୁହଁ (ଗାମୁଛା) ବାନ୍ଧି ଖାଦ୍ୟ ସାମଗ୍ରୀ ନିଅନ୍ତି । ବେଢାବନ୍ଧା ହେବାପରେ ପାଳିଆ ସେବକ ବ୍ୟତୀତ ଅନ୍ୟକେହି ଭୋଗ ପଙ୍କ୍ତି ସ୍ଥାନକୁ ଯାଇପାରନ୍ତି ନାହିଁ ।

ପାକଶାଳାରେ ନିଯୁକ୍ତ ସୁଆର ଓ ମହାସୁଆରଗଣ ବିଭିନ୍ନପାକରେ ନିଯୁକ୍ତ ରହନ୍ତି । ମହାସୁଆର ଖେଚେଡ଼ି, ତୁଳଣ ସୁଆର ତରକାରୀ, ମରିଚି ପାଣି ଓ ପିଠା ସୁଆର ବିବିଧ ପିଠା ପ୍ରସ୍ତୁତ କରନ୍ତି । ପ୍ରତିହାରୀଙ୍କଠାରୁ ଡରୁ ହୋଠା ଶୁଣିବା ପରେ ଶୁଦ୍ଧସ୍ନାତ ଚିତ୍ତରେ ଭଗବାନଙ୍କୁ ସ୍ମରଣ କରନ୍ତି ଓ ସୂପକାରଗଣ ମହାପ୍ରଭୁଙ୍କ ନିକଟକୁ ଭୋଗ ନିଅନ୍ତି ।

**ରନ୍ଧନ ନୀତି :** ରନ୍ଧନ କାର୍ଯ୍ୟରେ ନିମ୍ନୋକ୍ତ ନୀତି ପାଳନ କରିବା ବିଧେୟ ।

୧. ପାକଶାଳାରେ ଗୀତ, ନୃତ୍ୟ, ହାସ୍ୟ, ଶୋକ, କଳହ, ତାମ୍ବୁଳ ସେବନ ଓ ଅସଦଭାଷା ବର୍ଜ୍ଜନୀୟ ।
୨. ପ୍ରଣବ ଉଚ୍ଚାରଣ କରି ମୃଣ୍ମୟ ପାତ୍ର (ହାଣ୍ଡି) ଧୋଇବା ବିଧେୟ ।
୩. କାମବୀଜ ଉଚ୍ଚାରଣ କରି ଜଳପୂର୍ଣ୍ଣ କରିବା ଶାସ୍ତ୍ରାନୁମୋଦିତ ।
୪. ତଣ୍ଡୁଳ ହାଣ୍ଡିରେ ଢାଳିବା ସମୟରେ ଦଶାକ୍ଷର ବା ଅଷ୍ଟାଦଶାକ୍ଷର ମନ୍ତ୍ର ଉଚ୍ଚାରଣ ବିଧେୟ ।

୫. ସୂପକାର, ପୂଜକ, ଓ ଅଧିକାରପ୍ରାପ୍ତ ବ୍ୟକ୍ତି ବ୍ୟତୀତ ଅନ୍ୟ କେହି ରୋଷଗୃହରେ ପ୍ରବେଶ କରିବା ନିଷିଦ୍ଧ ।"

୬. ରନ୍ଧନପରେ ଅମିନ ମହାସୁଆର ସମସ୍ତ ଖାଦ୍ୟଦ୍ରବ୍ୟ ତନଖି କରିବା ବିଧେୟ ।

୭. ଲାଲବର୍ଣ୍ଣ ମୃଣ୍ମୟ ପାତ୍ର (ହାଣ୍ଡି) ବ୍ୟବହୃତ ହେବା ବିଧେୟ କିନ୍ତୁ କୃଷ୍ଣବର୍ଣ୍ଣ ପାତ୍ର ବର୍ଜ୍ଜନୀୟ ।

୮. ନିୟମିତ ତିକ୍ତ ଖାଦ୍ୟ ବର୍ଜ୍ଜନୀୟ କିନ୍ତୁ ମେଥି ପିଠା ପ୍ରଚଳିତ ।

୯. ପାକ ଦ୍ରବ୍ୟରେ ନଖ ବା କେଶ ଦେଖାଗଲେ ବର୍ଜ୍ଜନୀୟ ।

୧୦. ଉଷୁନା ଚାଉଳ, ତେଲ, କୋବି, ବିଲାତି ଆଳୁ, ବିଲାତି ବାଇଗଣ, ଅମୃତଭଣ୍ଡା, ଲଙ୍କାମରିଚ ବର୍ଜ୍ଜନୀୟ ।

୧୧. ବ୍ୟାଧିଗ୍ରସ୍ତ ଓ ଅଙ୍ଗହୀନ ବ୍ୟକ୍ତି ରୋଷକାର୍ଯ୍ୟ -ପାଇଁ ଅନୁପଯୁକ୍ତ ।

୧୨. ଜନ୍ମମୃତ୍ୟୁଜନିତ ଅଶୌଚ କାଳରେ ସୂପକାର ରୋଷକାର୍ଯ୍ୟରେ ନିୟୋଜିତ ହେବା ଅବିଧେୟ ।

କେତେକ ପୁସ୍ତକରେ ନିମ୍ନୋକ୍ତ ଅନ୍ନ ସହିତ ବିବିଧ ତରକାରୀ, ଭଜା ଓ ପିଠାର ପରିବେଷଣ ଦୃଷ୍ଟିଗୋଚର ହୁଏ ।

୧. ଶାଳି ଅନ୍ନ ବା ଶାଲ୍ୟାନ୍ନ : ସୁବାସିତ ଓରିଆ (ପୁରୁଣା ଅରୁଆ ଚାଉଳ) ପାକସିଦ୍ଧ ହେବାପରେ ସେଥିରେ ଗୁଆଘିଅ, ଟଭାରସ ଓ ଲବଣ ମିଶିବ । ମଣୋହି ସମୟରେ ଗୌରୀ ପାକର ମୁଗ ତରକାରୀ, ଭୀମପାକର ବଡ଼ି ତିଅଣ, ସୌରୀ ପାକର ଦୁଧମହୁର, ଦେଶୀଆଳୁ ଭଜା, ନଳପାକର ସାକର ତିଅଣ ମହାପ୍ରଭୁଙ୍କୁ ନୈବେଦ୍ୟ କରାଯାଏ ।

୨. ଦଧିଅନ୍ନ : ସୁବାସିତ ଓରିଆ ଅନ୍ନ ସହିତ ଗୁଆ ବସା ଦହି ମିଶ୍ରିତ । ନଳପାକ ତିଅଣ, ଗୌରୀପାକ ମଧୁରୁଚି (ଫ୍ରୁଟ୍ ସାଲାଡ୍), ସୌରୀପାକ କଦଳୀ ଭଜା, ଭୀମପାକର ଗୁଡ଼ନଡ଼ିଆ ପାକରସ ।

୩. କ୍ଷୀର ଅନ୍ନ : ଗୁଆ ଦୁଧରେ ସୁବାସିତ ଓରିଆ ଅନ୍ନ ପାକ ହେବାପରେ ସେଥିରେ ଗୁଆଘିଅ, ଲବଣ ସାକର, ଗୋଲମରିଚ, କର୍ପୂର ମିଶ୍ରଣ କରାଯାଏ । ଗୌରୀପାକର ଅଥାର ସିଝାପିଠା, ଭୀମପାକର ପୁରପିଠା, ସୌରୀପାକର ଘୃତ ଲବଣ ମିଶ୍ରିତ ପିଠା ଓ ନଳପାକର ପଣା ପରିବେଷଣ କରାଯାଏ ।

୪. ଶୀତଳ ଅନ୍ନ : ସୁବାସିତ ଓରିଆ ଅନ୍ନରେ ଟଭାରସ, ଲବଣ ମିଶେ । ଗୌରୀ ପାକର ଲେଉଟିଆ, କୋଶଲା, ବଥୁଆ ଓ ମଧୁଲଳିତା ଶାଗ, ସୌରୀପାକର ଅଦା ପାଚେଡ଼ି, ଭୀମପାକର ବିରିବରା, ଗୁଡ଼କାଞ୍ଜି, ନଳପାକର ଅଡ଼ଙ୍ଗା ପରଣା ଯାଏ ।

ଅଦ୍ୟାବଧି ସାଦାଅନ୍ନ, ଘିଅ ଅନ୍ନ, ଖେଚେଡ଼ି, କାନିକା, ଦହି ପଖାଳ, ଡାଲି, ଡାଲମା, ମହୁର, ବେସର ଓ ଶାଗର ବହୁଳ ପ୍ରଚଳନ ଦେଖାଯାଏ । କ୍ଷୀରୀ ପିଠା, ଅନ୍ନ, ତରକାରୀ, ରସକୋରା, ପାଚିଲା କଦଳୀ, ପଇଡ଼, ଘଷାଜଳ ଓ ଋତୁକାଳୀନ ଫଳ ଏକତ୍ର ମଣୋହି ହେଲେ ଭୋଗ କୁହାଯାଏ । କ୍ଷୀରୀ, ପିଠା ଗୋଟିକା ପଣା, ପଇଡ଼, ଘଷାଜଳ ମଣୋହିକୁ ସିଂହାର କୁହାଯାଏ । କିନ୍ତୁ ସାଧାରଣତଃ ଲୋକେ ମହାପ୍ରଭୁଙ୍କ ପୁଷ୍ପମାଲ୍ୟ ବିଭୂଷିତ ବେଶକୁ "ସିଂହାର" କହିଥାଆନ୍ତି ।

ଭୋଗ ପୂଜା ବା ଦେବାର୍ପଣ ବିଧାନ : ସାଧାରଣତଃ ଦୁଇପ୍ରକାର ଭୋଗ ଶ୍ରୀମନ୍ଦିରରେ ଦେଖାଯାଏ; (୧) କୋଠଭୋଗ (୨) ଛତ୍ରଭୋଗ ।

## (୧) କୋଠ ଭୋଗ :

ପ୍ରଭାତ, ମଧ୍ୟାହ୍ନ ଓ ସନ୍ଧ୍ୟାଧୂପ ଭୋଗକୁ କୋଠଭୋଗ କୁହାଯାଏ । ଏହା ମହାପ୍ରଭୁଙ୍କ ତ୍ରିସନ୍ଧ୍ୟା ଭୋଗ । ଏହା ଶ୍ରୀମନ୍ଦିର ଗର୍ଭମନ୍ଦିରରେ ଅନୁଷ୍ଠିତ ହୁଏ । କୋଠଭୋଗର ସମସ୍ତ କାର୍ଯ୍ୟ ଶ୍ରୀମନ୍ଦିର ପରିଚାଳନା ସଂସ୍ଥା ବହନ କରନ୍ତି । ପୂର୍ବେ ରାଜା ବହନ କରୁଥିଲେ । କୋଠଭୋଗ ମହାପ୍ରସାଦ ସାଧାରଣତଃ ରାଜା, କେତେକ ପାଳିଆ ସେବକ ପୂଜକ ପାଇଥାଆନ୍ତି । ଅବଶିଷ୍ଟାଂଶ ଆନନ୍ଦବଜାରସ୍ଥିତ କୋଠଭୋଗ ପସରାରେ ବିକ୍ରୟ ହୁଏ ।

ଛାମୁରେ ଟେରା ପଡ଼ିଲେ ଭିତରେ ମହାପ୍ରଭୁଙ୍କ ମଣୋହି ହୁଏ । ବାହାରେ ପୁରାଣ ପଣ୍ଡା କଳାହାଟ ଦୁଆରେ ବସି ମହାପ୍ରଭୁଙ୍କୁ ପୁରାଣ ଶୁଣାନ୍ତି । ଧୂପଭୋଗ ସମୟରେ ଚର୍ମନିର୍ମିତ ଆସୁରୀୟ ବାଦ୍ୟ ବଡ଼କାଠ, ମୃଦଙ୍ଗ, ତେଲିଙ୍ଗି ବାଜା, ଯକ୍ଷଙ୍କର ଫୁଙ୍କା ବାହାଳୀ, କିନ୍ନରଙ୍କର ତାଳ, କଂସାଳ, ଘଣ୍ଟ ଓ ଦେବତାଙ୍କର ବୀଣାବାଦ୍ୟ ହେବା ବିଧେୟ । କିନ୍ତୁ ଏବେ କେବଳ ଘଣ୍ଟ ବାଜୁଛି । ଟେରା ପଡ଼ିଲେ ଖାଞ୍ଜି ବାଜେ ।

ଧୂପପୂଜା ସମୟରେ ପୂଜାସ୍ଥାନ ନିକଟରେ ତଣ୍ଡୁଳ ଚୂର୍ଣ୍ଣରେ ଚାରୋଟି ମେଖଳା କରାଯାଏ । ସୁବର୍ଣ୍ଣ ବା ରୌପ୍ୟ ବା ପିତ୍ତଳ ନିର୍ମିତ ପାତ୍ର ମେଖଳାରେ ରଖାଗଲେ ପୂଜାପଣ୍ଡା ପ୍ରତିହାରୀଙ୍କୁ ପୂଜା ନୈବେଦ୍ୟ ଆଣିବାକୁ କହନ୍ତି । ଅବିବାହିତ, ବ୍ୟାଧିଗ୍ରସ୍ତ, ପତ୍ନୀହୀନ, ଅଙ୍ଗହୀନ, ଦଗ୍ଧଦାଗଯୁକ୍ତ ବ୍ୟକ୍ତି ମହାପ୍ରଭୁଙ୍କ ସେବା କରିପାରିବେ ନାହିଁ । (ପୂଜାପଣ୍ଡାଗଣ ବ୍ରତ ଓ ବିବାହ ପରେ ସେବାରେ ନିୟୋଜିତ ହୁଅନ୍ତି କିନ୍ତୁ ଅନ୍ୟସେବକମାନେ ବ୍ରତପରେ ସେବା କରିପାରିବେ ।) ଜନ୍ମମୃତ୍ୟୁଜନିତ ଅଶୌଚ କାଳରେ ମଧ୍ୟ ପୂଜା କରିବା ଅବିଧେୟ ।

ଥାଳିରେ ଅନ୍ନ କୁଡ଼ାହୋଇ ଘୃତ ମିଶ୍ରଣ କରାଯାଏ । ପୂଜାପଣ୍ଡା ମାନସପଟରେ ନୈବେଦ୍ୟ ସାମଗ୍ରୀର ସମାହାରକୁ ପର୍ବତ କଳ୍ପନା କରନ୍ତି । ଏଣ୍ଡୁରି ପର୍ବତର ପଥର; ଅନ୍ନ କାନିକା କୁଡ଼ିଆ ବୃକ୍ଷ; ଦେଶୀଆଳୁ ଭଜା ପର୍ବତର ଶୃଙ୍ଗ; କାକରା, ଆରିସା, ପୁଳି, ଅମାଲୁ ଓ ନାଡ଼ି ବୃକ୍ଷର ଶାଖା ଓ ପତ୍ରାବଳି । କଦଳୀଭଜା ଓ ରସକୋରା ପୁଷ୍ପ । ଖଇରଚୁଲ, ବଡ଼କେଇ ନେଦା, ଛେନାମଣ୍ଡା, ପାଚିଲା କଦଳୀ ବୃକ୍ଷର ଫଳ । କ୍ଷୀରୀ, କ୍ଷୀରୀସା, ତରକାରୀ, ସର, ଦହି, ବସାଦହି ବୃକ୍ଷର ରସ । ପଣା ଓ ଘଷାଜଳ ପର୍ବତ ନଦୀର ଜଳ । ଛାମୁରେ ଟେରା ପଡ଼ିଲେ ମଣୋହି ହୁଏ । ତିନିବାଡ଼ରେ ତିନିଜଣ ପୂଜାପଣ୍ଡା ଉତ୍ତରାଭିମୁଖୀ ହୋଇ ପୂଜା କରନ୍ତି । ମହାପ୍ରଭୁଙ୍କ ବାଡ଼ର ପୂଜାପଣ୍ଡା ସାଧାରଣତଃ ବୟୋଜ୍ୟେଷ୍ଠ ବ୍ୟକ୍ତି । ସେ ଆଗରେ ବସନ୍ତି ଓ ତାଙ୍କ ପଛରେ ସୁଭଦ୍ରା ବାଡ଼ରେ ପୂଜାପଣ୍ଡା ଓ ଶେଷରେ ବଳଦେବ ବାଡ଼ର ପୂଜାପଣ୍ଡା ମହାସୁଆର ବସରେ ବିଅଁ ଅଣ୍ଟା କରନ୍ତି । ବାହାରେ କଳା ପାବଛରେ ପୁରାଣପଣ୍ଡା ପୁରାଣ ଶୁଣାନ୍ତି ।

୧. ସକାଳ ଧୂପ ବା ରାଜଭୋଗ : ଖେଚେଡି, ବିରି ପ୍ରସ୍ତୁତ ବଡ଼କାନ୍ତି, ସାନକାନ୍ତି, ଏଣ୍ଡୁରି, ମାଠପୁଳି, ହଂସକେଳି, କାକତୁଆ, ଝିଲି, ଅଦାପାଚେଡି, ଶାଗ, ପିଠା, ପୁଳି, ବୁନ୍ଦିଆ କ୍ଷୀରୀ ଦିଆଯାଏ ।

୨. ମଧ୍ୟାହ୍ନ ବା ଦ୍ୱିପ୍ରହର ଧୂପ : ବିବିଧ ଅନ୍ନ, ସାକର, କଦମ୍ବା, ମାଠପୁଳି, ଆରିସା, ଧଉଳା, ନାଡି, ବରା, ତ୍ରିପୁରୀ, କାକରା, ମନୋହର, ପିଠା, ମରିଚି

ଲଡୁ, ସର, ପଣା, ବଡି, କ୍ଷୀରୀସା, ଦୁଧ ଓ ଗଜା ପରିବେଷଣ ହୁଏ । ୧୯୧୦ ମସିହାରେ ଓ ଭୋଗର ସଂଖ୍ୟା ୪୭୩ ଥିଲା । ଏବେ ଏହା ଅଳ୍ପ ସଂଖ୍ୟକ ।

୩. ସନ୍ଧ୍ୟାଧୂପ : ପୂର୍ବେ ଏ ଭୋଗରେ ଅନ୍ନଭୋଗ ହେଉନଥିଲା । କିନ୍ତୁ ଆଜିକାଲି ଅନ୍ନ, ଖେଚେଡି ଓ ମିଷ୍ଟାନ୍ନ ହେଉଛି । କର୍ପୂରପୁଳି, ଟାକୁଆ, ମାଠପୁଳି, ଭୋଗପିଠା, ଗୋଟାଳି, କାକରା, ଖୁରୁମା, ଅମାଲୁ, ଚଢେଇନେଦା, କଦମ୍ବ ଓ ସୁବାସିତ ପଖାଳ ଭୋଗ ହୋଇଥାଏ ।

୪. ଗୋପାଳବଲ୍ଲଭ ଭୋଗ : ଦହି, ଲହୁଣି, ଖୁଆମଣ୍ଡା, ନଡିଆକୋରା, କଦଳୀ, ନଡିଆ ଉତ୍ସର୍ଗ କରାଯାଏ । ଏହା ଦିବସର ସର୍ବପ୍ରଥମ ଭୋଗ ।

୫. ବଡ଼ସିଂହାର ଭୋଗ : ମହାପ୍ରଭୁଙ୍କ ରାତି ପହଡ଼ ପୂର୍ବରୁ ଏହି ଭୋଗ ହୋଇଥାଏ । ଏଥିରେ ପିଠା, କ୍ଷୀରୀ, ବଡ଼ା, କାଞ୍ଜି, କଦଳୀ, ପାକରା ଭୋଗ କରାଯାଏ । ଧୂପପୂଜା ଷୋଡ଼ଶ ଉପଚାରରେ ଅନୁଷ୍ଠିତ ହୁଏ । ଆସନ, ସ୍ୱାଗତ, ସମ୍ଭାଷଣ, ପାଦ୍ୟ, ଅର୍ଘ୍ୟ, ଆଚମନ, ମଧୁପର୍କ (ମହୁ, ଦୁଧ, ଦହି, ଶର୍କରା ମିଶ୍ରଣ), ସ୍ନାନ, ବସନ, ଭୂଷଣ, ସୁଗନ୍ଧ, ସୁମନ, ଧୂପ, ଦୀପ, ନୈବେଦ୍ୟ ଓ ବନ୍ଦନା ଷୋଡ଼ଶୋପଚାର ଅନ୍ତର୍ଭୁକ୍ତ ।

''ଆସନଂ ସ୍ୱାଗତଂ ପାଦ୍ୟଂ ଅର୍ଘ୍ୟମାଚମନୀୟକଂ
ମଧୁପର୍କଂ ଚମସ୍ନାନଂ ବସନାଭରଣାନିଚ
ସୁଗନ୍ଧ ସୁମନଂ ଧୂପଂ ଦୀପଂ ନୈବେଦ୍ୟଂ ବନ୍ଦନଂ ।''

ଗୋପାଳବଲ୍ଲଭ ଭୋଗ ଓ ବଡ଼ସିଂହାର ଭୋଗ ପଞ୍ଚୋପଚାରରେ ଅନୁଷ୍ଠିତ ହୁଏ । ଗୁଣ୍ଡିଚା ମନ୍ଦିରରେ ଗୋପାଳବଲ୍ଲଭ ଭୋଗ ସର୍ପାମଣୋହି (କେବଳ ସମର୍ପଣ) ହୋଇଥାଏ ।

ଦେବାର୍ପଣ ମନ୍ତ୍ର : ବଳଭଦ୍ରଙ୍କୁ ଦ୍ୱାଦଶାକ୍ଷର ମନ୍ତ୍ର, ଦଶାକ୍ଷର ବା ଅଷ୍ଟାଦଶାକ୍ଷର ମନ୍ତ୍ରରେ ଜଗନ୍ନାଥ, ଭୁବନେଶ୍ୱରୀ ମନ୍ତ୍ରରେ ସୁଭଦ୍ରା ଓ ସୁଦର୍ଶନଙ୍କୁ ଚକ୍ରରାଜ ମନ୍ତ୍ରରେ ପରିତୃପ୍ତ କରାଯାଏ ।

''ଦ୍ୱାଦଶାକ୍ଷର ମନ୍ତ୍ରେଣ ସୀର ପାଣେଶ୍ଚ ବୀକ୍ଷଣମ୍ ।
ଦଶାକ୍ଷରେଣ ଗୋପାଳ ମନ୍ତ୍ରେଣ ଜଗଦୀଶିତୁଃ ॥
ମନ୍ତ୍ରେଣ ଭୁବନେଶ୍ୱର୍ଯ୍ୟାଃ ଭଦ୍ରାୟାଃ ବୀକ୍ଷଣାଦିକମ୍ ।
ସୌଦର୍ଶନେନ ମନ୍ତ୍ରେଣ ଚକ୍ରସ୍ୟ ପରିକୀର୍ତ୍ତିତାମ୍ ॥''

(ବାମଦେବ ସଂହିତା, ୧୦/୪୦, ୪୧)

୧. ବଳଦେବଙ୍କ ମନ୍ତ୍ର : ଓଁ ନମୋ ଭଗବତେ ବାସୁଦେବାୟ ।

୨. ଜଗନ୍ନାଥଙ୍କ ମନ୍ତ୍ର : (କ) ଅଷ୍ଟାଦଶାକ୍ଷର ଗୋପାଳ ମନ୍ତ୍ର :
କ୍ଳୀଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନବଲ୍ଲଭାୟ ସ୍ୱାହା ।
(ଖ) ଦଶାକ୍ଷର ଗୋପାଳ ମନ୍ତ୍ର : ଗୋପୀଜନ ବଲ୍ଲଭାୟ ସ୍ୱାହା ।

୩. ସୁଭଦ୍ରାଙ୍କ ମନ୍ତ୍ର : ଭୁବନେଶ୍ୱରୀଙ୍କ ଏକାକ୍ଷର ମନ୍ତ୍ର 'ହ୍ରୀଂ' (ବୀଜମନ୍ତ୍ର)

୪. ସୁଦର୍ଶନଙ୍କ ମନ୍ତ୍ର : ଚକ୍ରରାଜ ମନ୍ତ୍ର (ସପ୍ତାକ୍ଷର) ଓଁ ସହସ୍ରାର ହୁଁ ଫଟ୍ ।

୫. ଶ୍ରୀଦେବୀଙ୍କ ମନ୍ତ୍ର : ଏକାକ୍ଷର ବୀଜମନ୍ତ୍ର ''ଶ୍ରୀଂ''

୬. ଭୂଦେବୀଙ୍କ ମନ୍ତ୍ର : ଓଁ ନମୋ ଭଗବତୀ ଧରଣୀ ଧରେ ଧରେ ଧନୁଧାଂ ସ୍ୱାହା ।

୭. ମାଧବପୂଜନରେ ସ୍ୱତନ୍ତ୍ର ମନ୍ତ୍ର କିଛି ନାହିଁ, କାରଣ ଶ୍ରୀଜଗନ୍ନାଥଙ୍କ ପୂଜନରେ ମାଧବଙ୍କ ପୂଜନ ହୋଇଥାଏ ।

ତ୍ରିସନ୍ଧ୍ୟା ବା ତିନିଧୂପରେ ଭଗବାନ ଶ୍ରୀକୃଷ୍ଣଙ୍କର ବାଲ, କୈଶୋର ଓ ଯୌବନଲୀଳା ଦେବାଜୀବ ମହାଶୟ ଚିନ୍ତନ ମନନ କରିଥାଆନ୍ତି –

''ପ୍ରାତଃକାଳେ ପ୍ରଥମତଃ ଶ୍ରୀବୃନ୍ଦାବନ ଭାବନାଂ
ତତ୍ରସ୍ଥ କେଶବଂ ଧ୍ୟାୟେଦ୍ ବାଲରୂପିଣମବ୍ୟୟଂ ।
ମଧ୍ୟାହ୍ନ ପୂଜନେ ବିଷ୍ଣୁଂ କୈଶୋର ଦଶୟାନ୍ୱିତଂ
ଶ୍ରୀବୃନ୍ଦାବନଗଂ ଧ୍ୟାୟେଦ୍ କୋଟି କନ୍ଦର୍ପ ସୁନ୍ଦରଂ ।
ସାୟାହ୍ନେ ଦ୍ୱାରବତ୍ୟାଂଚ ସ୍ଥିତଂ ବୈ ମୁରବୈରିଣଂ
ରୁକ୍ମିଣୀ ସତ୍ୟଭାମାଦି ପ୍ରେମୋଲ୍ଲାସକରଂ ହରିଂ
ଧ୍ୟାୟେତ୍ତଥା ପୂଜକୋଽସୌ ତ୍ରିଷୁକାଳେଷୁ ସତ୍ତମ ।

(ନୀଳାଦ୍ରୀ ମହୋଦୟ)

ମହାପ୍ରସାଦ ହେବା ପରେ ପୁଣ୍ୟଶ୍ଳୋକ ବଳି, ବିଭୀଷଣ, ଭୀଷ୍ମ, କପିଳ, ନାରଦ, ଅର୍ଜୁନ, ପ୍ରହ୍ଲାଦ, ଅମ୍ବରୀଷ, ବସୁ, ହନୁମାନ, ଶୁକ, ବିଶ୍ୱକ୍‌ସେନ୍, ଉଦ୍ଧବ, ଅକ୍ରୁର, ସନକାଦି ଋଷିଗଣଙ୍କୁ ଉତ୍ସର୍ଗ କରାଯାଏ ।

''ବଳି ବିଭୀଷଣ ଭୀଷ୍ମ
କପିଳୋ ନାରଦୋଽର୍ଜୁନ ।
ପ୍ରହ୍ଲାଦାମ୍ବରୀଷାଶ୍ଚ
ବସୁ ବାୟୁସୁତ ଶୁକ ॥
ବିଶ୍ୱକ୍ ସେନ୍ ଉଦ୍ଧବାକ୍ରୁର
ସନକାଦ୍ୟା ତଥା ଋଷୟଃ
ପ୍ରସାଦ ବାସୁଦେବସ୍ୟ
ସର୍ବେ ଗୃହ୍ଣନ୍ତୁ ବୈଷ୍ଣବାଃ ॥''

## (୨) ଛତ୍ରଭୋଗ :

ପୁରୀର ବିଭିନ୍ନମଠ ଓ ବ୍ୟକ୍ତି ବିଶେଷଙ୍କ ଅର୍ଥରୁ ଯାତ୍ରୀ ବା ଭକ୍ତ ସମାଗମ ନେଇ ଅଳ୍ପ କିମ୍ବା ବେଶୀ ଛତ୍ରଭୋଗ ହୋଇଥାଏ । ଧୂପଭୋଗ ତ୍ରିସନ୍ଧ୍ୟାରେ ତିନିଥର ହେବା ବିଧେୟ କିନ୍ତୁ ଛତ୍ରଭୋଗ ଆବଶ୍ୟକତା ନେଇ ଯେତେଥର ହୋଇପାରେ । ଭୋଗମଣ୍ଡପରେ ଛତ୍ରଭୋଗ ଅନୁଷ୍ଠିତ ହୁଏ । ଏହାକୁ 'ଭଣ୍ଡ' ଭୋଗ କହନ୍ତି । 'ଭୋଗମଣ୍ଡପ' ଶବ୍ଦରୁ 'ଭଣ୍ଡ' ଶବ୍ଦ ଆସିଥିବା ଅନୁମେୟ । ଧୂପଭୋଗରେ ମହାପ୍ରସାଦର ପରିମାଣ ବେଶୀ । ଏହା ପଞ୍ଚୋପଚାରରେ ଅନୁଷ୍ଠିତ ହୁଏ । ତିନିବାଡ ପାଇଁ ଭୋଗମଣ୍ଡପରେ ତିନିଜଣ ପୂଜାପଣ୍ଡା ଉତ୍ତରାଭିମୁଖୀ ହୋଇ ପଛକୁପଛ ବସନ୍ତି । ମହାପ୍ରଭୁଙ୍କ ବାଡରେ ପୂଜାପଣ୍ଡା ଆଗରେ, ତାଙ୍କ ପଛରେ ସୁଭଦ୍ରା ବାଡରେ ପୂଜାପଣ୍ଡା ଓ ତାଙ୍କ ପଛରେ ବଳଭଦ୍ରଙ୍କ ପୂଜାପଣ୍ଡା ବସି ପୂଜା କରନ୍ତି ।

ଧୂପ ବା କୋଠ ଭୋଗ : ଛତ୍ର ଭୋଗ :

୧. ଧୂପଭୋଗ ବୀରଙ୍କ ଗର୍ଭ ମନ୍ଦିରରେ ଅନୁଷ୍ଠିତ ହୁଏ । ଛତ୍ରଭୋଗ ଭୋଗମଣ୍ଡପରେ, ଗରୁଡ ସ୍ତମ୍ଭ ପଛରେ ।

୨. ଧୂପଭୋଗ ଷୋଡଶୋପଚାରରେ ହୁଏ କିନ୍ତୁ ଛତ୍ରଭୋଗ ପଞ୍ଚ ଉପଚାରରେ ।

୩. ଧୂପ ସମୟରେ ଟେରାବନ୍ଧା ଯାଏ ଓ ଜୀଉଙ୍କ ଦ୍ୱାର ବନ୍ଦ ହୋଇ ମଣୋହି ହୁଏ କିନ୍ତୁ ଛତ୍ରଭୋଗ ସମୟରେ ଟେରାବନ୍ଧା ନ ହୋଇ ଦ୍ୱାର ଉନ୍ମୁକ୍ତ ରହେ । ଛତ୍ରଭୋଗ ସମୟରେ ଭକ୍ତଗଣ ଗରୁଡ ସ୍ତମ୍ଭଠାରୁ ବାହାର କାଠ ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀ ସ୍ଥାନଛାଡି ଦୁଇପଟେ ଦୁଇଧାଡି କରି ଛିଡା ହୁଅନ୍ତି । ପୂଜା ସମୟରେ ପୂଜକଗଣ ମଧ୍ୟ ମଝିରେ ଯାତାୟାତ କରିପାରନ୍ତି ନାହିଁ । ତେଣୁ ମହାପ୍ରଭୁଙ୍କ ଦିବ୍ୟନେତ୍ରପାତରେ ବାଧା ସୃଷ୍ଟି ହୁଏନି ।

୪. ଧୂପପୂଜା ସମୟରେ ଘଣ୍ଟାଦି ବାଦ୍ୟ ବାଜେ କିନ୍ତୁ ଛତ୍ରଭୋଗ ସମୟରେ ନୁହେଁ ।

୫. ଧୂପପୂଜାରେ ଜୀଉଙ୍କ ଦ୍ୱାରଦେଶରେ ପୁରାଣପଣ୍ଡା ପୁରାଣ ପଢନ୍ତି କିନ୍ତୁ ଛତ୍ରଭୋଗ ସମୟରେ ନୁହେଁ ।

୬. ଧୂପଭୋଗ ସୀମିତ ଥିବାବେଳେ ଛତ୍ରଭୋଗ ପର୍ଯ୍ୟାପ୍ତ ।

୭. ଧୂପଭୋଗ ଶ୍ରୀମନ୍ଦିର ପରିଚାଳନା କମିଟି (ପୂର୍ବେ ରାଜା)ଙ୍କ ଦ୍ୱାରା ଆୟୋଜିତ । ଛତ୍ରଭୋଗ ବିଭିନ୍ନ ମଠ ଓ ବ୍ୟକ୍ତିବିଶେଷଙ୍କ ଅର୍ଥରେ ଆୟୋଜିତ ହୋଇଥାଏ ।

ଶ୍ରୀମନ୍ଦିର ପରି ଗୁଣ୍ଡିଚା ମନ୍ଦିରରେ ଧୂପ ଓ ଛତ୍ରଭୋଗ ପ୍ରଚଳିତ ।

## ପ୍ରସାଦ ନ ହୋଇ ମହାପ୍ରସାଦ କାହିଁକି ?

(କ) କେତେକଙ୍କ ମତରେ ନିମ୍ନୋକ୍ତ ସଂସ୍କାର ଦ୍ୱାରା ଅନ୍ନତ୍ୱ ଲୋପ ହୋଇ ବ୍ରହ୍ମତ୍ୱର ପରିପ୍ରକାଶ ହୁଏ । ତେଣୁ ପ୍ରସାଦ ନ ହୋଇ ହୁଏ ମହାପ୍ରସାଦ ।

୧. ମହାଲକ୍ଷ୍ମୀଙ୍କ ଦ୍ୱାରା ବୈଷ୍ଣବାଗ୍ନିରେ ତଣ୍ଡୁଳ ଓ ଶାକାଦି ଦ୍ରବ୍ୟର ପାକ ସାଧନ ଓ ପରିବେଷଣ ।

"ଯତ୍ରାନ୍ନ ପାଚିକା ଲକ୍ଷ୍ମୀର୍ଭୁଂକ୍ତେ ଯତ୍ର ଜଗତ୍‌ପତିଃ ।"

(ନୀଳାଦ୍ରୀ ମହୋଦୟ)

୨. ଶ୍ରୀଯନ୍ତ୍ର ରୂପକ ଠିଆ ମୁରୁଜରେ ସ୍ୱର୍ଣ୍ଣାଭ ପାତ୍ରରେ ପରିବେଷଣ ।

୩. ଅଷ୍ଟଦଶାକ୍ଷର/ଗୋପାଳ ମନ୍ତ୍ରରେ ଜଗନ୍ନାଥଙ୍କୁ, ବାସୁଦେବ ମନ୍ତ୍ରରେ ବଳଭଦ୍ର, ଭୁବନେଶ୍ୱରୀ ମନ୍ତ୍ରରେ ସୁଭଦ୍ରାଙ୍କୁ ଓ ଚକ୍ରରାଜ ମନ୍ତ୍ରରେ ସୁଦର୍ଶନଙ୍କର ଏକତ୍ର ଭୋଗ ହୁଏ ।

୪. ଭୈରବୀ ଚକ୍ରରେ ଉଚ୍ଛିଷ୍ଟ ଭୈରବୀ ବିମଳାଙ୍କୁ ସମର୍ପଣ ।

୫. ବଳି, ବିଭୀଷଣ, ଭୀଷ୍ମ, କପିଳ, ନାରଦାଦି ପରମ ବୈଷ୍ଣବଗଣଙ୍କୁ ଅନ୍ନଚରୁ ପ୍ରଦାନ ।

(ଖ) ଶ୍ରୀ ଦିବାକର ଦାଶଙ୍କ ମତରେ ଅମୋଣିହା ପ୍ରଥମେ ବଳଦେବ ଗ୍ରହଣ କରି ସୁଭଦ୍ରାଙ୍କୁ ଦିଅନ୍ତି । ସୁଭଦ୍ରା ଜଗନ୍ନାଥଙ୍କ ମୁଖରେ ଦେବାରୁ ମହାପ୍ରଭୁ ଆନନ୍ଦରେ ଆସ୍ୱାଦନ କରନ୍ତି ଓ ମହାପ୍ରସାଦ ହୁଏ ।

"ଯେ ଦ୍ରବ୍ୟ ଅମଣିହା ହେବ । ତା ବଳଦେବେ ସମର୍ପିବ ॥
ସେ ଦେବେ ସୁଭଦ୍ରାଙ୍କ ପାଖେ । ସେ ଦେବେ ଜଗନ୍ନାଥ ମୁଖେ ॥

(ଶ୍ରୀଜଗନ୍ନାଥ ଚରିତାମୃତ)

"ଅମଣିହାହାର ଦ୍ରବ୍ୟଂ ବଳଦେବ ନିଯୋଜୟେତ୍ ।
ତେନୈବ ସୁଭଦ୍ରାଦେବ୍ୟା ତସ୍ମାତ କୃଷ୍ଣ ବ୍ରହ୍ମଣେ ॥"

(ଗ) ଅପରାପର କେତେକଙ୍କ ମତରେ ମହାପ୍ରଭୁଙ୍କ ନୈବେଦ୍ୟାନ୍ନ ବିମଳାଙ୍କୁ ସମର୍ପଣ ହେବାପରେ ମହାପ୍ରସାଦରେ ରୂପାନ୍ତରିତ ହୁଏ । ମା' ପ୍ରସାଦରୁ ମହାପ୍ରସାଦ ଶବ୍ଦର ସୃଷ୍ଟି ବୋଲି କେତେକେ ମତ ବ୍ୟକ୍ତ କରନ୍ତି । ତତ୍ ସମ୍ବନ୍ଧୀୟ କେତେକ ଲୋକପ୍ରିୟ ଆଖ୍ୟାୟିକା ନିମ୍ନରେ ପ୍ରଦତ୍ତ :–

୧. ସୁରମ୍ୟ ବୃନ୍ଦାବନରେ ବ୍ରଜରାଜ ନନ୍ଦନ ଶ୍ରୀକୃଷ୍ଣ ବୃଷଭାନୁ ସୁତା ରାଇକିଶୋରୀଙ୍କ ସ୍ୱହସ୍ତ ବ୍ୟଞ୍ଜନ ପ୍ରତ୍ୟହ ଭୋଜନ କରନ୍ତି । ଦିନେ ଦେବର୍ଷି ନାରଦ ଭୋଜନ ସମୟରେ ପହଞ୍ଚି ଶ୍ରୀକୃଷ୍ଣ ନୈବେଦ୍ୟାନ୍ନ ସେବନ କରି ମହାନନ୍ଦେ କୈଳାସ ଗମନ କଲେ । ସେଠାରେ ଭଗବାନ ଚନ୍ଦ୍ରଶେଖର ନାରଦଙ୍କ ମୁଖରେ ଲାଗିଥିବା କଣିକାଏ ପ୍ରସାଦ ଭକ୍ଷଣ କରି ଉତ୍‌ଫୁଲ୍ଲିତ ହେଲେ କିନ୍ତୁ ପାର୍ବତୀ ନ ପାଇ ଦୁଃଖ ପ୍ରକାଶ କଲେ । ସର୍ବାନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣ ଦେବୀଙ୍କ ମନୋଭାବ ଜାଣିପାରିଲେ । ପୂର୍ବୋକ୍ତ ମନବାଞ୍ଛାର ପରିପୂର୍ତ୍ତି ପାଇଁ ପାର୍ବତୀ ବିମଳା ରୂପରେ ଶ୍ରୀମନ୍ଦିରରେ ପ୍ରତ୍ୟହ ହରି କୈବଲ୍ୟ ଭକ୍ଷଣ କଲେ । ତେଣୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦ, ପ୍ରସାଦ ନ ହୋଇ ହେଲା ମହାପ୍ରସାଦ ।

୨. ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ପିତାମହ ଭୀଷ୍ମ, ଶ୍ରୀକୃଷ୍ଣ ଓ ଶଙ୍କର ଭଗବାନ ଉପସ୍ଥିତ ଥିଲେ । ଯଜ୍ଞଚରୁ ଉତ୍କୃଷ୍ଟ ବୟୋଜ୍ୟେଷ୍ଠ ପୁରୁଷ ଭୀଷ୍ମଦେବଙ୍କୁ ଦିଆଯିବାରୁ ସେ ଭାବିଲେ ମୋଠାରୁ ଉତ୍କୃଷ୍ଟ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣ । ଭୀଷ୍ମଦେବ ଶ୍ରୀକୃଷ୍ଣଙ୍କୁ ପ୍ରଦାନ କଲେ । ଶ୍ରୀକୃଷ୍ଣ ଦେଖିଲେ ମୋଠାରୁ ଉତ୍କୃଷ୍ଟ ହେଉଛନ୍ତି ଦେବଦେବ ମହାଦେବ । ତେଣୁ ସେ ଯଜ୍ଞଚରୁକୁ ଗଙ୍ଗାଧର ଭଗବାନ ଶଙ୍କରଙ୍କୁ ପ୍ରଦାନ କଲେ । ମହାଦେବ ଭକ୍ଷଣ କରି ମହାନନ୍ଦରେ କୈଳାସ ଫେରିଲେ । ଭବାନୀ ଶଙ୍କରଙ୍କର ଦିବ୍ୟୋନ୍ମାଦର କାରଣ ଶ୍ରବଣ କରି ଦୁଃଖ ପ୍ରକାଶ କଲେ କାରଣ ଶ୍ରୀକୃଷ୍ଣ ତାଙ୍କ ପାଇଁ କିଛି ପଠାଇନାହାନ୍ତି । ଅନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣ ବୁଝିପାରିଲେ ଦେବୀଙ୍କ ଭକ୍ତିଦୃଷ୍ଟ ହୃଦୟ । ଉକ୍ତ ମନବାଞ୍ଛାର ପରିପୂର୍ତ୍ତି ପାଇଁ ହୈମବତୀ ବିମଳା ରୂପରେ ଶ୍ରୀମନ୍ଦିରରେ ପ୍ରତ୍ୟହ ମହାପ୍ରସାଦ ସେବନ କରି ଭକ୍ତମାନଙ୍କୁ ବିଷ୍ଣୁଭକ୍ତି ପ୍ରଦାନ କରନ୍ତି । "କୈବଲ୍ୟ ଭୋଜିନୀ ଦେବୀ ବିଷ୍ଣୁଭକ୍ତି ପ୍ରଦାୟିନୀ ।" ତେଣୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦ, ପ୍ରସାଦ ନ ହୋଇ ହେଲା ମହାପ୍ରସାଦ ।

୩. ଦକ୍ଷପ୍ରଜାପତିଙ୍କ କନ୍ୟା ସତୀଙ୍କ ସହିତ ଭଗବାନ ଶଙ୍କର ମହାନନ୍ଦେ କାଳାତିପାତ କରୁଛନ୍ତି । ଏକଦା ଦେବର୍ଷି ନାରଦ ଶ୍ରୀକ୍ଷେତ୍ରରୁ କିଛି ବିଷ୍ଣୁ ନିର୍ମାଲ୍ୟ ଆଣି ଭଗବାନ ଶଙ୍କରଙ୍କ ମୁଖରେ ଦେଲେ । ଶଙ୍କର ଭଗବାନ ଆନନ୍ଦରେ ଭକ୍ଷଣ କଲେ । ସତୀଙ୍କ ମନରେ ଦୁଃଖ ହେଲା–"ମତେ କଣିକାଏ ମିଳିଲାନି ।" କାଳାନ୍ତେ ଦକ୍ଷପ୍ରଜାପତିଙ୍କ ଯଜ୍ଞକୁଣ୍ଡରେ ସତୀ ଝାସ ଦେଲେ । ସତୀଙ୍କ ଅର୍ଦ୍ଧଦଗ୍ଧ ଶରୀର ଶଙ୍କର ଭଗବାନ ସ୍କନ୍ଧରେ ଧାରଣ କରି ଚତୁର୍ଦ୍ଦିଗ ଭ୍ରମଣ କଲେ । ଶଙ୍ଖକ୍ଷେତ୍ରରେ ରୋହିଣୀ କୁଣ୍ଡ ନିକଟରେ ଦେବୀଙ୍କ ଶରୀରାଂଶ

ପତନ ହେଲା । ଦେବୀ ବିମଳା କୂପରେ ପ୍ରତିଷ୍ଠିତା ହୋଇ ପ୍ରତ୍ୟହ ପୁରୁଷୋତ୍ତମଙ୍କ ଅନ୍ନପ୍ରସାଦ ଭକ୍ଷଣ କଲେ ।

''ରୋହିଣୀ କୁଣ୍ଡ ପାର୍ଶ୍ୱେଽପି ବିମଳା ନାମ ନାମତଃ ।
ଶ୍ରୀପ୍ରସାଦଂ ପ୍ରତିଦିନଂ ଭକ୍ଷିତା ତତ୍ର କେବଳା ।''
(ବାମଦେବ ସଂହିତା ୧/୩୩-୩୪)

ସେହିଦିନଠାରୁ ପୁରୁଷୋତ୍ତମଙ୍କ ପ୍ରସାଦ, ପ୍ରସାଦ ନ ହୋଇ ହେଲା ମହାପ୍ରସାଦ ।

(ଘ) କେତେକଙ୍କ ମତରେ ରତ୍ନସିଂହାସନରେ ବିଶାଖା ଯନ୍ତ୍ର ବା ଶାକ୍ତ ଯନ୍ତ୍ର ଥିବାରୁ ମହାପ୍ରସାଦ ହେଉଛି ।

(ଙ) ଅଧୁନାତନ କେତେକଙ୍କ ମତରେ ଜୈନମାନଙ୍କ 'କେବଳି' ଶବ୍ଦରୁ 'କୈବଲ୍ୟ' ଶବ୍ଦର ସୃଷ୍ଟି । ଅନ୍ୟ କେତେକଙ୍କ ମତରେ ବୌଦ୍ଧ ପ୍ରଭାବରେ ବା ଶ୍ରୀଜଗନ୍ନାଥ ବୁଦ୍ଧ ହୋଇଥିବାରୁ ତାଙ୍କର ନୈବେଦ୍ୟାନ୍ନ ଭକ୍ଷଣରେ ଜାତିଧର୍ମ ଭେଦଭାବ ନାହିଁ । ତେଣୁ ତାହା ପ୍ରସାଦ ନ ହୋଇ ମହାପ୍ରସାଦ ହୋଇଛି ।

କିନ୍ତୁ ଶ୍ରୀଜଗନ୍ନାଥ ଗୌତମବୁଦ୍ଧ ନୁହନ୍ତି । ଗୌତମବୁଦ୍ଧ ଅବତାରୀ ଶ୍ରୀଜଗନ୍ନାଥଙ୍କର ଏକ ଅବତାର । ବୌଦ୍ଧଧର୍ମ ହିନ୍ଦୁଧର୍ମର ଏକ ଅଂଶବିଶେଷ । ''ସାଗରସ୍ୟ ତରଙ୍ଗମ୍'' କହିବା ଶ୍ରେୟ କିନ୍ତୁ ''ତରଙ୍ଗସ୍ୟ ସାଗରଂ'' କହିବା ଅସମୀଚୀନ । ବୌଦ୍ଧ ପ୍ରଭାବରୁ ଶ୍ରୀମହାପ୍ରସାଦ ଭକ୍ଷଣରେ ଜାତିଭେଦ ନାହିଁ —ଯଦି ଏହା ଠିକ୍, ତେବେ ବୌଦ୍ଧ ବିରୋଧୀ ଶଙ୍କର ଓ ରାମାନୁଜ ଏ ପଦ୍ଧତିକୁ ଉଠାଇ ଦେଇଥାଆନ୍ତେ । 'କୈବଲ୍ୟ' ଶବ୍ଦ ଶ୍ରୀମଦ୍ ଭାଗବତରେ ଥିବାରୁ ତାହା ଜୈନ 'କେବଳି' ଶବ୍ଦରୁ ସୃଷ୍ଟି ବୋଲି କହିବା ମଧ୍ୟ ଅସମୀଚୀନ । ତେଣୁ ଜୈନ ବା ବୌଦ୍ଧ ପ୍ରଭାବରୁ ମହାପ୍ରଭୁଙ୍କ ନୈବେଦ୍ୟାନ୍ନ ମହାପ୍ରସାଦ ହୋଇଛି କହିବା ନିରର୍ଥକ, ନିରୁପାଖ୍ୟ, ଖାଳଗଳ୍ପ ।

କେତେକଙ୍କ ମତରେ ମହାଲକ୍ଷ୍ମୀଙ୍କର ପାକଶାଳାରେ ନିଯୁକ୍ତି ଓ ପରିବେଷଣ ଦ୍ୱାରା ପ୍ରସାଦ ନ ହୋଇ ମହାପ୍ରସାଦ ହେଉଛି । ଶ୍ରୀଦେବୀ ଓ ଭୂଦେବୀତ ଶ୍ରୀମନ୍ଦିରରେ ରହିଲେ, ଗୁଣ୍ଡିଚା ମନ୍ଦିରରେ ନୈବେଦ୍ୟାନ୍ନ ମହାପ୍ରସାଦ କିପରି ହେଲା ? କେବଳ ଆମେ ସେଠାରେ ଭକ୍ଷଣ କରୁନେ, ସ୍ୱର୍ଗତ ପିତୃପିତାମହଙ୍କ ଉଦ୍ଦେଶ୍ୟରେ ଅନ୍ନଦାନ କରୁଛେ ବ୍ରାହ୍ମଣଙ୍କୁ । ସେପରି କେତେକଙ୍କ ମତରେ ବିମଳାଙ୍କୁ ସମର୍ପଣ ହେବାରୁ ମା' ପ୍ରସାଦରୁ ମହାପ୍ରସାଦର ସୃଷ୍ଟି । ତେବେ ଗୁଣ୍ଡିଚା ମନ୍ଦିରରେ ବିମଳା ଆସିଲେ କେଉଁଠୁ ? ଅନ୍ୟ ମତରେ ରତ୍ନସିଂହାସନରେ ବିଶାଖା ଯନ୍ତ୍ର ବା ଶାକ୍ତ ଯନ୍ତ୍ରଥିବାରୁ ମହାପ୍ରସାଦ ହେଉଛି । ଶାକ୍ତ କ'ଣ ସ୍ନାନବେଦୀ ମଣ୍ଡପରେ ଅଛି, ନାଁ ଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ଅଛି ?

ତେବେ ବର୍ଷୀୟାନ୍ ପୂଜାପଣ୍ଡାଙ୍କ ଶ୍ରୀମୁଖରୁ ଶୁଣାଯାଏ ଯେ, ଗୁଣ୍ଡିଚା ମନ୍ଦିରରେ ହୋଷହୋମ ସମୟରେ ଅଗ୍ରବନ୍ଦ୍ୟ ଗଣେଶଙ୍କୁ ପ୍ରାର୍ଥନା କରିବା ସଙ୍ଗେ ପଦ୍ମାଳୟା ଲକ୍ଷ୍ମୀଦେବୀଙ୍କୁ ଆବାହନ କରାଯାଏ । ବୋଧହୁଏ ଗୁଣ୍ଡିଚା ମନ୍ଦିର ପାଇଁ ସ୍ୱତନ୍ତ୍ର ହୋଷ ହୋମ ପୂଜାପଦ୍ଧତି ନଥିବାରୁ ଶ୍ରୀମନ୍ଦିର ପଦ୍ଧତିହିଁ ଅନୁସୃତ ହୋଇଥାଏ । କିମ୍ବା ପ୍ରତ୍ୟେକ ହୋମ ବା ଯଜ୍ଞରେ ଲକ୍ଷ୍ମୀଦେବୀଙ୍କ ଉପସ୍ଥିତି ଅପରିହାର୍ଯ୍ୟ । ବିମଳା ହେଉଛନ୍ତି ''କୈବଲ୍ୟ ଭୋଜିନୀ ଦେବୀ ବିଷ୍ଣୁଭକ୍ତି ପ୍ରଦାୟିନୀ ।'' ଜଗନ୍ନାଥୀ ହରି କୈବଲ୍ୟ ଭୋଜନ କରନ୍ତି ଓ ଜୀବକୁ ବିଷ୍ଣୁଭକ୍ତି ପ୍ରଦାନ କରନ୍ତି । ବିମଳାଙ୍କର ଶ୍ରୀମନ୍ଦିରରେ ବାହାର ଦେଉଳି ଭୋଗ ନାହିଁ । ତେଣୁ ମହାପ୍ରସାଦ ସମର୍ପଣ ବିମଳାଦେବୀଙ୍କଠାରୁ ଆରମ୍ଭ ହୋଇଥାଏ । ଦ୍ୱିତୀୟତଃ ନିଜେ ସୁଭଦ୍ରା ହେଉଛନ୍ତି ସର୍ବ ଶକ୍ତିର ପରାର୍ଦ୍ଧ । ସେ ନିଜେ ଲକ୍ଷ୍ମୀ, ନିଜେ ଭବାନୀ । ତାଙ୍କ ରଥର ପାର୍ଶ୍ୱଦେବୀ ହେଉଛନ୍ତି ବିମଳା । ତେଣୁ ଚତୁର୍ଦ୍ଧା ବା ସପ୍ତାବରଣ ମୂର୍ତ୍ତିଙ୍କୁ ଉତ୍ସର୍ଗୀକୃତ ନୈବେଦ୍ୟାନ୍ନ ମହାପ୍ରସାଦ ରୂପେ ପରିଗୃହୀତ ।

ପ୍ରଥମେ 'ଜଗନ୍ନାଥ' ଶବ୍ଦ ଉପରେ ଆଲୋଚନା କରାଯାଉ । ରତ୍ନ ସିଂହାସନ ବା ଆଡପମଣ୍ଡପସ୍ଥ ସପ୍ତାବରଣ ବା ଚତୁର୍ଦ୍ଧା ମୂର୍ତ୍ତିଭିତରେ ଜଗନ୍ନାଥ କିଏ ? ସମସ୍ତେ ସମସ୍ୱରରେ କହିବେ, କୃଷ୍ଣକାୟ କଳେବର ହିଁ ଶ୍ରୀଜଗନ୍ନାଥ। ତେବେ ଆମେ ଯଦି ଅନ୍ୟ ଛଅଟି (ବା ତିନୋଟି) ବିଗ୍ରହକୁ ସିଂହାସନରୁ ନେଇ ଆସିବା, ତେବେ କାଳିଆ ନାମ ଜଗନ୍ନାଥ ହେବ କି ? ନାଁ ତାଙ୍କ ନାମ ହେବ ମାଧବ, ଦଧିବାମନ, ପତିତପାବନ ଇତ୍ୟାଦି । ତେଣୁ ଶ୍ରୀଜଗନ୍ନାଥ ଏକ ସମଷ୍ଟି ବାଚକ ଶବ୍ଦ ଓ ସପ୍ତାବରଣ (ବା ଚତୁର୍ଦ୍ଧା) ମୂର୍ତ୍ତିର ସମାହାର । ଶ୍ରୀଜଗନ୍ନାଥ ଏକ ପୁଷ୍ପହେଲେ ସକଳ ବିଗ୍ରହ ଉକ୍ତ ଦିବ୍ୟପୁଷ୍ପର ପାଖୁଡା ବା ଦଳବିଶେଷ ।

ଚତୁର୍ଦ୍ଧାମୂର୍ତ୍ତି ବା ସପ୍ତାବରଣ ମୂର୍ତ୍ତି ଉପାସନାରେ ଭାରତର ପଞ୍ଚଦେବ ଉପାସନା ଅନୁଷ୍ଠିତ ହୋଇଥାଏ । ବଳଭଦ୍ର ଶିବ, ସୁଭଦ୍ରା ଦୁର୍ଗା, ଜଗନ୍ନାଥ ବିଷ୍ଣୁ, ସୁଦର୍ଶନ ସୂର୍ଯ୍ୟ ଓ ଗଣେଶ । ତେଣୁ ବିଭିନ୍ନ ସମ୍ପ୍ରଦାୟର ଉପାସକଗଣ ଶ୍ରୀଜଗନ୍ନାଥଙ୍କ ନୈବେଦ୍ୟାନ୍ନକୁ ସର୍ବସମ୍ମତକ୍ରମେ ନିଜର ଇଷ୍ଟଦେବଙ୍କ ପ୍ରସାଦରୂପେ ଗ୍ରହଣ କରିଥାଆନ୍ତି । ସକଳ ଧର୍ମ ଓ ସମ୍ପ୍ରଦାୟ ବୈଷମ୍ୟ ଦୂର ହୋଇଯିବାରୁ ପ୍ରସାଦ ନ ହୋଇ ହୁଏ ମହାପ୍ରସାଦ । ସେଥିପାଇଁ କେତେକ ଭୁବନେଶ୍ୱରର ଅନନ୍ତ ବାସୁଦେବ ଓ ଲିଙ୍ଗରାଜ ମନ୍ଦିରର ପ୍ରସାଦକୁ ମହାପ୍ରସାଦରୂପେ ଗ୍ରହଣ କରିଥାଆନ୍ତି କାରଣ ଏକତ୍ର ଶିବ, ଶିବା ଓ ବିଷ୍ଣୁଙ୍କୁ ଉତ୍ସର୍ଗୀକୃତ ହୋଇଥାଏ । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପୂଜାପଦ୍ଧତି ହରିହରାତ୍ମକ । ଅନନ୍ତ ବାସୁଦେବ ମନ୍ଦିରରେ ଅନନ୍ତ, ଭୁବନେଶ୍ୱରୀ ଓ ବାସୁଦେବ ଏକତ୍ର ପୂଜା ପାଉଛନ୍ତି । ତେଣୁ ଶୈବ, ଶାକ୍ତ ଓ ବୈଷ୍ଣବ ସମ୍ପ୍ରଦାୟ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇ, ହୋଇଛି ମହାପ୍ରସାଦ । ଏସବୁ ସତ୍ତ୍ୱେ, ସାଧାରଣତଃ ଶ୍ରୀଜଗନ୍ନାଥଙ୍କ ନୈବେଦ୍ୟାନ୍ନ ସର୍ବସମ୍ମତିକ୍ରମେ ମହାପ୍ରସାଦରୂପେ ପରିଗୃହୀତ, ପରିକୀର୍ତ୍ତିତ ।

ସେଥିପାଇଁ ଶ୍ରୀମନ୍ଦିର ପୂଜକଗଣ ଶ୍ରୀଜଗନ୍ନାଥଙ୍କୁ ଭଗବାନ ବିଷ୍ଣୁରୂପେ ପୂଜା କଲେ ମଧ ସେମାନେ ନିଜକୁ ବୈଷ୍ଣବ ବୋଲି ପରିଚୟ ନ ଦେଇ 'ସ୍ମାର୍ତ୍ତ' ବୋଲି ପରିଚୟ ଦିଅନ୍ତି । ତନ୍ତ୍ର ମତରେ କୁଳାଚାରୀ । ବ୍ରତ ସମୟରେ ଏମାନେ କପାଳରେ ଶୈବ, ଶାକ୍ତ ଓ ହରିତିଳକ ଏକତ୍ର ଗ୍ରହଣ କରନ୍ତି । ରତ୍ନସିଂହାସନରେ ପୂଜାପାଇଁ ଯୋଗ୍ୟତା ହାସଲ କରିବା ପରେ ପ୍ରଥମେ ବଳଭଦ୍ରଙ୍କ ବାଡରେ, କିଛିଦିନ ପରେ ସୁଭଦ୍ରାଙ୍କ ବାଡରେ ଓ ବୟସ୍କ ବା ଅଭିଜ୍ଞ ହେବାପରେ ମହାପ୍ରଭୁଙ୍କ ବାଡରେ ପୂଜାକାର୍ଯ୍ୟ କରନ୍ତି । ଶ୍ରୀମନ୍ଦିରର ପୂଜାପଣ୍ଡା ହେଉଛନ୍ତି ସ୍ମାର୍ତ୍ତ, ପଞ୍ଚଦେବ ଉପାସକ । ଶ୍ରୀମନ୍ଦିରରେ ପଞ୍ଚଦେବ ପୂଜନ ଏକତ୍ର ହେଉଥିବାରୁ ସର୍ବସମ୍ପ୍ରଦାୟର ପ୍ରିୟ ମନ୍ଦିର ଓ ଭାରତର ଚତୁର୍ଦ୍ଧାମ ମଧ୍ୟରେ ସର୍ବଶ୍ରେଷ୍ଠ

ଧାମ । ଶୈବ, ଶାକ୍ତ, ବୈଷ୍ଣବ, ସୌର, ଗାଣପତ୍ୟ ସକଳ ଧର୍ମ ସ୍ରୋତ ସମ୍ମିଳିତ ହୋଇ ସୃଷ୍ଟି କରିଛି ଏକ ଅପୂର୍ବ ଜଗନ୍ନାଥ ଧର୍ମୋଦଧି । ତେଣୁ ଶ୍ରୀଜଗନ୍ନାଥଙ୍କ ନୈବେଦ୍ୟାନ୍ନ ସାମ୍ପ୍ରଦାୟିକ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଯାଇ ମହାପ୍ରସାଦ ରୂପେ ସର୍ବଜନବିଦିତ ।

ରୋଷଗୃହ : ଶ୍ରୀମନ୍ଦିର ଦକ୍ଷିଣପୂର୍ବ ବା ଅଗ୍ନିକୋଣରେ ମହାପ୍ରଭୁଙ୍କର ରନ୍ଧନଶାଳା ବା ରୋଷଗୃହ । ଜଣାଯାଏ, ଖୋର୍ଦ୍ଧାରାଜା ଦିବ୍ୟସିଂହ ଦେବ (ଖ୍ରୀ:୧୬୮୮–୧୭୧୩) ଙ୍କ ସମୟରେ ପ୍ରାଚୀନ ପାକଶାଳା ନିର୍ମିତ ହୋଇଥିଲା । ବର୍ତ୍ତମାନର ପାକଶାଳା ବହୁ ପରବର୍ତ୍ତୀକାଳୀନ । ରୋଷଗୃହ ଦ୍ୱାରଦେଶରେ ଭଣ୍ଡାର ଓ ପାକଶାଳା ରକ୍ଷକ ଗଣେଶ ଭଗବାନ ଓ ଦ୍ୱାରଦେଶ ଉର୍ଦ୍ଧ୍ୱରେ ଭଗବତୀ ପଦ୍ମାଳୟା ।

ଚୁଲିଗୁଡିକ ଗୋଟିକିଆ ନ ହୋଇ ବହୁ ଚୁଲିର ସମାହାର । କାଷ୍ଠ ବା ଇନ୍ଧନ ଗୋଟିଏ ମୁହଁରେ ଦେଲେ ମଧ୍ୟ ଅଗ୍ନିଶିଖା ଛୋଟବଡ ସବୁ ଚୁଲିକୁ ବାଣ୍ଟି ହୋଇଯାଏ ଓ ଏକ ସମୟରେ ବିବିଧ ପ୍ରକାର ରୋଷେଇ ହୋଇପାରେ । ରନ୍ଧନ ଖର୍ଚ୍ଚ କମ୍ । କୌଣସି ଗ୍ୟାସ୍ ବ୍ୟବହୃତ ନ ହୋଇ କାଷ୍ଠ ବ୍ୟବହୃତ ହେଉଥିବାରୁ ସ୍ୱାସ୍ଥ୍ୟପ୍ରଦ ।

ଆନନ୍ଦ ବଜାର : ଶ୍ରୀମନ୍ଦିର ବାହାର ବେଢାର ଉତ୍ତର ପୂର୍ବକୋଣରେ ମହାପ୍ରସାଦ ବିପଣି ବା ହାଟ "ଆନନ୍ଦ ବଜାର" । ଏଠାରେ ସଙ୍କୁଡି ବା ଅନ୍ନ ମହାପ୍ରସାଦ ଓ ନିସଙ୍କୁଡି ବା ଶୁଖିଲା ମହାପ୍ରସାଦ ଉଭୟ ବିକ୍ରୟ ହୁଏ । ସଙ୍କୁଡି ଭୋଗରେ ସାଧା ଅନ୍ନ, ଘିଅ ଅନ୍ନ, କାନିକା, ଖେଚେଡି, ଡାଲି. ଡାଲମା, ମହୁର, ବେସର, ଶାଗ ଇତ୍ୟାଦି ବିକ୍ରୟ ହୁଏ ଓ ନିସଙ୍କୁଡି ଭୋଗରେ ବିଭିନ୍ନ ପିଠା–ଖଜା, ନାଡି, ଗଜା, ଅମାଲୁ, ଆରିସା, କାକରା, କାନ୍ତି, ବଡା, ବଡେଇନେଦା ଇତ୍ୟାଦି ଛପନଭୋଗ ବିକ୍ରୟ ହୁଏ । ରାଜଭୋଗ ପ୍ରସାଦ ବିକ୍ରୟ ପାଇଁ ଗୋଟିଏ ପୃଥକ୍ ଦୋକାନ ଅଛି । ଆନନ୍ଦବଜାରରେ ଶ୍ରୀମହାପ୍ରସାଦ ସେବନରେ ସ୍ପର୍ଶଦୋଷ ବା ଉଚ୍ଛିଷ୍ଟ ବିଚାର ନାହିଁ । ଜନୈକ ଭକ୍ତ ଗାଇଛନ୍ତି–

"ବନ୍ଦି ଠାକୁର ଜଗନ୍ନାଥ
ଭେଦ ନାହିଁ, ବିଚାର ନାହିଁ
ବଜାରେ ବିକାଏ ଭାତ ।"

ଆନନ୍ଦବଜାର ହେବା ପୂର୍ବରୁ ମହାପ୍ରସାଦ ସିଂହଦ୍ୱାର ବା ବାଇଶପାହାଚରେ ବିକ୍ରୀହେବା ଜଣାଯାଏ । ଚୈତନ୍ୟ ମହାପ୍ରଭୁଙ୍କ ସମୟରେ ମହାପ୍ରସାଦ ସିଂହଦ୍ୱାରରେ ବିକ୍ରୀ ହେଉଥିଲା । ଠାକୁର ହରିଦାସଙ୍କ ମହାପ୍ରୟାଣ ପରେ ଦୁଃଖାଭିଭୂତ ମହାପ୍ରଭୁ ଗୌରଚନ୍ଦ୍ରମା ବିରହ ମହୋତ୍ସବାର୍ଥେ ସିଂହଦ୍ୱାରରେ ଅଞ୍ଚଳପାତି ମହାପ୍ରସାଦ ଭିକ୍ଷା କରିଥିଲେ ।

"ସିଂହଦ୍ୱାରେ ଆସି ପ୍ରଭୁ ପସାରିଲ ଠାଇଁ ।
ଅଁଚଲ ପାତିଣ୍ଟା ପ୍ରସାଦ ମାଗିଲା ତଥାଇ ॥
ହରିଦାସ ଠାକୁରେର ମହୋତ୍ସବେର ତରେ ।
ପ୍ରସାଦ ମାଗିସ୍ୱେ, ଭିକ୍ଷା ଦେହ ତ' ଆମାରେ ॥"

(ଶ୍ରୀଚୈତନ୍ୟ ଚରିତାମୃତ)

କିଛିଦିନ ମଧ ବାଇଶ ପାହାଚରେ ମହାପ୍ରସାଦ ବିକ୍ରୀ ହେଉଥିଲା । ଭକ୍ତ "ସାରିଆ ଭିକ"ଙ୍କର ନିମ୍ନୋକ୍ତ ପଦାବଳୀରୁ ସୁସ୍ପଷ୍ଟ ।

ଅବାମନ ଚାଲି ଯିବା
ଚକା ନୟନ ଦେଖିବା ।

xx xx xx

ବାଇଶି ପାବଛେ ବିକା
ହେଉଛି କୈବଲ୍ୟ ଚୋଖା ।
ହାତ୍ତିକ ପଢ଼େ ସିଡବା
ମନରଙ୍କା ଛଡାଇବା ।"

ଶେଠ୍ ରାମକୁମାର ବାଙ୍ଗର୍ ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରୟ ପାଇଁ ଉଚ୍ଚ ବାରଣ୍ଡା, ମଣ୍ଡପ କରିଥିବା କେତେକ ପୁସ୍ତକରୁ ଜଣାଯାଏ । କେବଳ ବର୍ଷା ସମୟରେ ମଣ୍ଡପରେ ମହାପ୍ରସାଦ ବିକ୍ରୀ ହେଉଥିଲା ଓ ଅନ୍ୟ ସମୟରେ ବାହାରେ । ପରବର୍ତ୍ତୀ ସମୟରେ ସରକାରଙ୍କ ତତ୍ତ୍ୱାବଧାନରେ ଆନନ୍ଦବଜାରର ବହୁ ଉନ୍ନତି ଘଟିଛି । ଏବେ ବର୍ଷା ଦିନରେ ମଧ୍ୟ କେହି ବାରଣ୍ଡାରେ ବା ମଣ୍ଡପରେ ବିକ୍ରୀ ନ କରି ପାଲଟାଣି ବାହାରେ ବିକ୍ରୀ କରୁଛନ୍ତି । ବିଭିନ୍ନ ଯାନିଯାତ୍ରା ସମୟରେ ଲକ୍ଷଲକ୍ଷ ଭକ୍ତଙ୍କ ସମାଗମରେ ଆନନ୍ଦବଜାର ମୁଖରିତ । ସମସ୍ତେ ପେଟପୂରାଇ ମହାପ୍ରସାଦ ଭକ୍ଷଣ କରନ୍ତି । କ୍ରେତା, ବିକ୍ରେତା ସମସ୍ତେ ଉଲ୍ଲସିତ, ଆହ୍ଲାଦିତ ସର୍ବତ୍ର ଆନନ୍ଦର ଉଲ୍ଲୋଳ ।

## ଆନନ୍ଦ ବଜାରର କେତେକ ପ୍ରାଚୀନ ବୋଲି

୧. ଆସରେ, ଅନ୍ତ ମହକା ଖଟେଇ । କାହାକୁ ଦେବା ବଟେଇ (ପାଣିକଖାରୁ ଖଟା)

୨. ଦେବତା ପ୍ରସନ୍ନ ଡାଲି କିଏ ନେବରେ ! (ମିଠା ଡାଲି)

୩. ବଳିବାମନ ମୁଗ କିଏ ଖାଇବରେ ! (ଗୋଟାମୁଗ ଡାଲି)

୪. ପଇସାକୁ ପେଟେ । ଭାତ ନ ଖାଇବ ମୋଟେ ! (ବାସି ତରକାରୀ)

୫. ଚାରି ଜଣିଆ ଗୋଟିକିଆ, କିଏ ନେବରେ ! (ବଉଳା ଅନ୍ନ–ପୂର୍ବେ ମିଳୁଥିଲା)

୬. ଏମନ୍ତ ଡାଲି ବଜାରେ ନଥିବରେ ! (କନ୍ଦମୂଳ ମିଶା ଡାଲି)

୭. କୋଠ ଓରିଆ କିଏ ନେବରେ ! (ଗୋଟିକିଆଁ ଉପରେ ଘୃତ ପ୍ରଲେପ)

୮. ଅସଲ ଜିରି ଅନ୍ନ କୃଷ୍ଣଭୋଗ କାହା କପାଳେ ଅଛିରେ ! (ଗୋଟିକିଆ ଭିତରେ ମଠ ବଉଳା ଅନ୍ନ–ପୂର୍ବେ ମିଳୁଥିଲା)

୯. କାନପୁରୀ ହରଡ ବାଣପୁରୀ ମୁଗ କିଏ ନେବରେ ! (ଚଣାମିଶ୍ରିତ ହରଡ ଓ ଚୋପା ମୁଗ ଡାଲି)

୧୦. ନଡିଆ ମହୁର ଗୋଟି ବାଇଗଣ ବେସର ଆଉ ପାଇବନି ! (ସାରୁ, ମଞ୍ଜା, ମୂଳା, ବେସର)

୧୧. କାହାକୁ ଦେବାରେ ନିଦା, ବିଧା, ଖୁନ୍ଦାଟାଏ ! କାହାକୁ ଦେବାରେ କାଉଁଶ ଖିଆଟେ ! ଚାରିଛଅ ଜଣିଆଟାକୁ କିଏ ନେବରେ ! (୧୪ କିଲୋ, ୨ କିଲୋ ଅଭଡା କୁଡିଆ/ଭୁଜା ନହୋଇ ନିଜା । କୁଡିଆର ପଞ୍ଚ ପର୍ଯ୍ୟନ୍ତ ଅବଡା ଥିବ । ଚାରି ଛଅଜଣ ପାଇଁ ଯଥେଷ୍ଟ ।)

## ସ୍ୱାସ୍ଥ୍ୟ ଓ ସୁବିଧା

**(କ) ମୃଣ୍ମୟ ପାତ୍ର ରନ୍ଧନ :**

୧. ଧାତୁ ପାତ୍ରରେ ରୋଷେଇ ହେଲେ ଉକ୍ତ ଧାତୁ କିଂବା ଅଂଶ ଖାଦ୍ୟରେ ମିଶିବା ସ୍ୱାଭାବିକ ଓ ଶରୀରର ପ୍ରତି କ୍ଷତିକାରକ ହୋଇପାରେ । ଆଲୁମିନିୟମ୍ ପାତ୍ରରେ ରୋଷେଇ କରି ଖାଇବାକୁ କେତେକ ବାରଣ କରିଥାଆନ୍ତି । ସେଥିପାଇଁ ମୃଣ୍ମୟପାତ୍ର ସୁଲଭ ଓ ପ୍ରଶସ୍ତ ।

୨. ଧାତୁପାତ୍ରରେ ରୋଷେଇ ହେଲେ ପ୍ରତ୍ୟହ ମାଜିବା ଆବଶ୍ୟକ କିନ୍ତୁ ମାଟି କୁଡ଼ିଆ ଧୋଇଦେଲେ ଗଲା । ଭକ୍ତମାନଙ୍କୁ ନିଜଗୃହରୁ ପାତ୍ର ଆଣିବାକୁ ପଡ଼େନି ।

୩. ମାଟିପାତ୍ରରେ ରୋଷେଇ ହେଲେ, ବିକ୍ରୀ କରିବାକୁ ଯେପରି ସୁବିଧା, କିଣିବାକୁ ସେହିପରି ।

"ବିକ୍ରୟେଷ୍ଣ କ୍ରୟେଽପି ପ୍ରଶସ୍ତାସ୍ୟ ଭୋ ଦ୍ୱିଜାଃ ।"

(ସ୍କନ୍ଦ ପୁରାଣ)

୪. ଯେତେ ପରିମାଣରେ ମହାପ୍ରସାଦ ଦିନକୁ ହୁଏ, ମୃଣ୍ମୟ ପାତ୍ର ବ୍ୟତୀତ ଅନ୍ୟପାତ୍ରରେ ହେବା ଅସମ୍ଭବ ।

୫. ରୋଷେଇ ପରେ କୁଡ଼ିଆକୁ ଢଙ୍କାରେ ବଣା କରି ଅତ୍ୟଧିକ ନିସ୍ରବ (ପେଜ) କାଢ଼ି ନିଆଯାଏ । ଆବଶ୍ୟକୀୟ ପେଜ ଅନ୍ନ ସହିତ ମିଶି କରି ରହେ ଯାହାକି ସ୍ୱାଦ ଓ ସ୍ୱାସ୍ଥ୍ୟବର୍ଦ୍ଧକ ।

୬. ପ୍ରତ୍ୟେକ ମୃଣ୍ମୟ ପାତ୍ର ବା କୁଡ଼ିଆ କୁପରିବାହୀ (Non-conductor)। ତେଣୁ ଉତ୍ତାପ ବହୁ ସମୟ ଧରି ରହେ, ଶୀଘ୍ର ଥଣ୍ଡା ହୁଏନି । ଉପରେ କୁଡ଼ିଆ ଅନ୍ନ ଥଣ୍ଡା ହେଲେ ମଧ୍ୟ ତଳକୁଡ଼ିଆ ଅନ୍ନ ଗରମ ରହେ ।

**(ଖ) ରନ୍ଧନ ପରିବହନରେ ମୌଳିକତା :**

୧. ଦୂର ବା ବିଦେଶାଗତ ପନିପରିବା ମନ୍ଦିରରେ ପ୍ରବେଶ କରେନି, ଯଥା :—ବିଲାତି ଆଳୁ, ବିଲାତି ବାଇଗଣ, କୋବି, ଗାଜର, ବିନ୍ ଓ ଅମୃତଭଣ୍ଡା ଇତ୍ୟାଦି ।

୨. ଶ୍ରୀମନ୍ଦିରରେ ପିଆଜ, ରସୁଣ, ତେଲ ଓ ଲଙ୍କା ମରିଚର ପ୍ରଚଳନ ନାହିଁ । ମସଲା ମଧ୍ୟରେ ସୋରିଷ, ଜିରା, ଅଦା, ହେଙ୍ଗୁ, ଗୋଲମରିଚ, ଡାଲଚିନି, ଅଳେଇଚ, ଲବଙ୍ଗ ପ୍ରଚଳନ ହୁଏ ଯାହାକି ସ୍ୱାଦ ଓ ସୁଗନ୍ଧ ବର୍ଦ୍ଧକ, ଜୀର୍ଣ୍ଣ କାରକ ।

୩. ସୁପକାରଗଣ ରୋଷଗୃହକୁ ଯିବା ପୂର୍ବରୁ ପୂର୍ଣ୍ଣଗ୍ରାସ କରିଯାଆନ୍ତି । ପଚାରିଲେ କହନ୍ତି —ପେଟ ପୂରିଥିଲେ ଖାଦ୍ୟପ୍ରତି ଲାଳସା ସୃଷ୍ଟି ହେବନି । ଆଘ୍ରାଣ ଓ ନିଷ୍ଠୀବନ (ଛେପ ପଡ଼ିଯିବା) ଭୟରେ ତାଙ୍କ ନିକଟକୁ ନେବା ସମୟରେ ମୁହଁରେ କାପଡ଼ମୁହାଁ (ଗାମୁଛା ଗୁଡ଼ାଇ) ଦେଇ ଯାଆନ୍ତି ଯାହାକି ପବିତ୍ରତା ସୃଷ୍ଟି କରେ । ଏ ପ୍ରକାର ନୀତି ଅନ୍ୟତ୍ର ଦୁର୍ଲ୍ଲଭ ।

**(ଗ) ରୁଚି ଓ ଖାଦ୍ୟପ୍ରାଣ :**

ଭାରତର ବିଭିନ୍ନ ପ୍ରାନ୍ତରୁ ଯାତ୍ରୀ ଆସୁଥିବାରୁ ସମସ୍ତଙ୍କ ରୁଚିପାଇଁ ବହୁବିଧ ସଙ୍ଖୁଡ଼ି ବା ନିସଙ୍ଖୁଡ଼ି ଭୋଗ ଆନନ୍ଦ ବଜାରରେ ମିଳିଥାଏ । ସଙ୍ଖୁଡ଼ି ଭୋଗ ମନ୍ଦିରରେ ସାରି ନିସଙ୍ଖୁଡ଼ି ଭୋଗ ତାଳପତ୍ର ପେଡ଼ିରେ ନିଅନ୍ତି । ସ୍ୱାସ୍ଥ୍ୟ ଦୃଷ୍ଟିରୁ ସବୁପ୍ରକାର ଖାଦ୍ୟସଙ୍ଗେ ସର୍ବବିଧ ଖାଦ୍ୟପ୍ରାଣ ମିଳିଥାଏ– କାର୍ବୋହାଇଡ୍ରେଟ୍, ପ୍ରୋଟିନ୍ ଫ୍ୟାଟ୍ ଓ ସମସ୍ତ ଭିଟାମିନ୍ ।

## ମହାପ୍ରସାଦର ଐତିହ୍ୟ

ସ୍କନ୍ଦପୁରାଣରୁ ମହାପ୍ରସାଦର ପ୍ରଚଳନ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ସମୟରେ ହୋଇଥିବା ଜଣାଯାଏ । ତେବେ ବହୁ ବିଧର୍ମୀ ଅବିମୃଶ୍ୟକାରୀ ବ୍ୟକ୍ତିଙ୍କ ଦ୍ୱାରା ଶ୍ରୀମନ୍ଦିର ବାରମ୍ବାର ଲୁଣ୍ଠିତ ଓ ବିପର୍ଯ୍ୟସ୍ତ । ମହାପ୍ରଭୁଙ୍କ ସେବକ ଓ ପ୍ରିୟଭକ୍ତଗଣ ବହୁବାର ମହାପ୍ରଭୁଙ୍କୁ ଶ୍ରୀମନ୍ଦିରରୁ ନେଇ ବିଭିନ୍ନ ସ୍ଥାନରେ ଲୁଚ୍ଛାୟିତ କରି ରଖିଛନ୍ତି । ଭୌମକର ବଂଶର ଶୁଭକର ଦେବ-୧ (ଖ୍ରୀ ୭୯୦)ଙ୍କ ସମୟରେ ଦୁରନ୍ତ ରକ୍ତବାହୁର ଆକ୍ରମଣରୁ ରକ୍ଷା କରିବାକୁ ଯାଇ ଭକ୍ତଗଣ ମହାପ୍ରଭୁଙ୍କୁ ସୋନପୁର ନିକଟସ୍ଥ ଗୋପାଳି (ସ୍ଥାନୀୟ ନାମ ରହେଲା)ରେ ଭୂଗର୍ଭରେ ପାତାଳି କରି ରଖିଥିଲେ ୧୪୬ ବର୍ଷ । ପରେ ଯଯାତିକେଶରୀ ମହାପ୍ରଭୁଙ୍କୁ ଉଦ୍ଧାର କରି ନୂତନ ମନ୍ଦିର ନିର୍ମାଣ କରି ମହାପ୍ରସାଦ ପ୍ରଚଳନ କରିଥିଲେ । ବର୍ତ୍ତମାନ ବଡ଼ମନ୍ଦିର ଚୋଡ଼ଗଙ୍ଗ ଦେବ (ଖ୍ରୀ.୧୧୧୨–୧୧୪୭) ଙ୍କ ଦ୍ୱାରା ନିର୍ମିତ । ଏଥିପୂର୍ବରୁ ଯଯାତିଙ୍କ ମନ୍ଦିର (କେତେକଙ୍କ ମତରେ ମୁକ୍ତିମଣ୍ଡପ ପାର୍ଶ୍ୱବର୍ତ୍ତୀ ନୃସିଂହ ମନ୍ଦିର)ରେ ମହାପ୍ରଭୁ ପୂଜା ପାଉଥିଲେ ଓ ମହାପ୍ରସାଦ ପ୍ରଚଳନ ଥିଲା । ଇତିହାସରୁ ଜଣାଯାଏ ୧୫୦୯ ମସିହାରେ ହୁସେନ୍ ସାହା ଆକ୍ରମଣ କରିଥିଲେ । ପୁରୁଷୋତ୍ତମ ଦେବ (ଖ୍ରୀ:୧୫୯୮–୧୬୨୧)ଙ୍କ ସମୟରେ ଚାରି ଥର, ମୁକୁନ୍ଦଦେବ (ଖ୍ରୀ:୧୬୨୧–୧୬୪୪)ଙ୍କ ରାଜତ୍ୱରେ ଦୁଇଥର, ଦିବ୍ୟସିଂହ ଦେବ (ଖ୍ରୀ:୧୬୯୨–୧୭୧୯) ଙ୍କ ରାଜତ୍ୱରେ ଥରେ ଏବଂ ରାମଚନ୍ଦ୍ର ଦେବ (ଖ୍ରୀ: ୧୭୩୧–୧୭୪୨)ଙ୍କ ରାଜତ୍ୱରେ ଦୁଇଥର ଶ୍ରୀମନ୍ଦିର କଦାକାର ବିଧର୍ମୀଗଣଙ୍କ ଦ୍ୱାରା ଆକ୍ରାନ୍ତ । ମହାପ୍ରଭୁ ବହୁବାର ଶ୍ରୀମନ୍ଦିର ଛାଡ଼ି ଆତ୍ମଗୋପନ କରିଛନ୍ତି । ସେସମୟରେ ମହାପ୍ରସାଦ ବନ୍ଦ ରହେ । ଭକ୍ତ ସାଲବେଗଙ୍କ ସମୟରେ ଏପରି ଘଟିଥିଲା । ଯଦ୍ଦ୍ୱାରାକି ଭକ୍ତ ବ୍ୟାକୁଳତା ପ୍ରକାଶ କରିଛନ୍ତି ତାଙ୍କ ଭଜନରେ—

"କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ
ଆମ୍ଭେ ଦର୍ଶନ କରିବୁ କାହାକୁ ?
ଖୁଣ୍ଟିଆ ଡାକଦେଲେ          ପହଣ୍ଡି ବିଜେକଲେ
ବିଜୟ କର ପ୍ରଭୁ ଚାପକୁ ।
କୁଳବଧୂଙ୍କ ରଡ଼ି          ପଣ୍ଡାଏ ଗଡ଼ାଗଡ଼ି
ବିଧାତା ବାମ ହେଲା ଓଡ଼ିଶାକୁ ।
ବଡ଼ଦେଉଳୁ ବାହାରି          ଶଗଡ଼ରେ ବିଜେ କରି
ରେଣୁ ଯେ ପଡ଼ୁଥିବ ଶ୍ରୀମୁଖକୁ ।

କହନ୍ତି ସାଲବେଗ

ନିର୍ମାଲ୍ୟ ଖାଉଁ ହେବ
ଧିକ୍‌ଧିକ୍ ଆମ ଜୀବନକୁ !''

ମାଦଳାପାଞ୍ଜିରୁ ଜଣାଯାଏ, ଭୋଇବଂଶର ରାଜା ରାମଚନ୍ଦ୍ର ଦେବ (ଖ୍ରୀ ୧୫୬୮–୧୬୦୦) ସେବକଙ୍କ ସହାୟତାରେ ଶ୍ରୀମନ୍ଦିରରେ ସଖୁଡି ଭୋଗର ପ୍ରଚଳନ କରିଥିଲେ । ନରସିଂହ ଦେବ (ଖ୍ରୀ ୧୬୨୧–୧୬୪୭) ଉତ୍ତମାଣିତ୍ରାରୁ ବୃନ୍ଦକୁ ଆଣି ସଖୁଡି ଭୋଗ କରିଥିଲେ । ଅନଙ୍ଗଭୀମଦେବ (ଖ୍ରୀ ୧୧୮୯–୧୨୧୩)ଙ୍କ ସମୟରେ ମହାପ୍ରଭୁଙ୍କର ବହୁପ୍ରକାର ଭୋଗ ଖଞ୍ଜା ହୋଇଥିଲା । ଅନଙ୍ଗଭୀମଦେବ ଜଗନ୍ନାଥଙ୍କ ନାମରେ ବହୁ ଧନରତ୍ନ ଓ ଭୂସମ୍ପତ୍ତି ଖଞ୍ଜି ପରମହଂସ ବାଜପେୟୀଙ୍କୁ ମହାପ୍ରଭୁଙ୍କର ଭୋଗ ନିଯୋଗ କରି ସମସ୍ତ ଧୂପ ପୂଜା କରିବାର ଆଦେଶ ଦେଇଥିଲେ । ନିଶଙ୍କ ଭାନୁଦେବ (ଖ୍ରୀ ୧୩୩୭) ଙ୍କ ସମୟରେ ଜଗନ୍ନାଥଙ୍କ ଖଟ୍ଟା ଓ ଫୁଲକୁ ମହାପ୍ରସାଦ କୁହାଯାଉଥିଲା । ଏବେ ସରକାରଙ୍କ ତତ୍ତ୍ୱାବଧାନରେ ସଖୁଡି ଓ ନିସଖୁଡି ମହାପ୍ରସାଦ ପ୍ରଚଳିତ ।

## ମହାପ୍ରସାଦର ପ୍ରଶସ୍ତି

ମହାପ୍ରସାଦର ଚିନ୍ମୟ ମାହାତ୍ମ୍ୟ ସ୍କନ୍ଦପୁରାଣ, ନୀଳାଦ୍ରି ମହୋଦୟ, ବାମଦେବ ସଂହିତା, ଗରୁଡ ପୁରାଣ, କୂର୍ମ ପୁରାଣ, ବାୟୁ ପୁରାଣ, ଭବିଷ୍ୟ ପୁରାଣ, ବ୍ରହ୍ମ ପୁରାଣ, ପଦ୍ମ ପୁରାଣ, ରୁଦ୍ରଯାମଳ, ମହାନିର୍ବାଣ ତନ୍ତ୍ରରେ ଦୃଷ୍ଟିଗୋଚର ହୁଏ । ମହାପ୍ରସାଦ ସେବନରେ ଉଚ୍ଚନୀଚ, ଜାତିବର୍ଣ୍ଣ, ଶୁଚି ଅଶୁଚି, ସ୍ଥାନକାଳପାତ୍ର ବିଚାର ନଥାଏ । ଏପରିକି ଶୁଷ୍କ ପଚାସଢ଼ା, ପରିତ୍ୟକ୍ତ ବା ଉଚ୍ଛିଷ୍ଟ ବିଚାର ଭେଦନଥାଏ । ଏହାକୁ ପାପାଚାରୀ, ଅନାଚାରୀ ମଧ୍ୟ ବ୍ୟବହାର କରିପାରିବେ । ଏପରିକି ଶ୍ୱାନମୁଖଭ୍ରଷ୍ଟାନ୍ନ ଇନ୍ଦ୍ରାଦି ଦେବତା ଭକ୍ଷଣ କରିବାକୁ ଲାଳାୟିତ । ଅଗ୍ନିହୋତ୍ରୀ, ବିଧବା, ବ୍ରତଚାରୀ, ମନ୍ତ୍ରଦୀକ୍ଷିତ ବ୍ୟକ୍ତି, ଏକାଦଶୀ ବ୍ରତଚାରୀ ସମସ୍ତେ ଗ୍ରହଣ କରିପାରିବେ । ଏହା ଜୀବର ଜନ୍ମଜନ୍ମାନ୍ତର, କଳ୍ପକଳ୍ପାନ୍ତର ପାପଧୌତ କରି ଅମୃତର ଅଧିକାରୀ କରିଥାଏ । ଭକ୍ତି ସହକାରେ ଗ୍ରହଣ କଲେ ସର୍ବରୋଗ ନିବାରକ, ପୁତ୍ରପୌତ୍ରାଦି ଦାୟକ, ଦାରିଦ୍ର୍ୟ ନିବାରକ ଓ ଭକ୍ତ ମନବାଞ୍ଛା ପୂର୍ଣ୍ଣକାରୀ । ଶ୍ରୀଜଗନ୍ନାଥଙ୍କ ଦର୍ଶନ ଯେପରି ମୁକ୍ତିପ୍ରଦ, ସେହିପରି ମହାପ୍ରସାଦ ସେବନ । ଶାସ୍ତ୍ରରେ ଅଛି, ଏହା ଅଶ୍ୱମେଧ, ରାଜସୂୟ ଯଜ୍ଞର ଫଳପ୍ରଦାନ କରେ । ବ୍ରାହ୍ମଣଙ୍କୁ ଦାନକରି ସ୍ୱର୍ଗତ ପିତୃପିତାମହଙ୍କ ଊର୍ଦ୍ଧ୍ୱଗତି କାମନା କରାଯାଏ ।

## ପୌରାଣିକ ଆଖ୍ୟାୟିକା

୧. ପୁଣ୍ୟଶ୍ଳୋକ ଶ୍ୱେତରାଜ ତ୍ରେତୟା ଯୁଗର ରାଜା । ସେ ଥିଲେ ପୁରୁଷୋତ୍ତମ ଜଗନ୍ନାଥଙ୍କ ଭକ୍ତ । ଦିନେ ଶ୍ରୀମନ୍ଦିର ଆସି ଦେଖିଲେ, ଭଗବାନ ବିଷ୍ଣୁ, ଶିବ ଓ ବ୍ରହ୍ମାଙ୍କ ଗହଣରେ ଏକାନ୍ତ ଭୋଜନ କରୁଛନ୍ତି ଓ ସ୍ୱୟଂ ଲୋକଜନନୀ ସୁବର୍ଣ୍ଣଥାଳିରେ ଅକୁଣ୍ଠ ଚିତ୍ତରେ ପରିବେଷଣ କରୁଛନ୍ତି । ଶ୍ୱେତରାଜ କୃତ୍ୟକୃତ୍ୟ ହେଲେ । ସେ ବିଷୟାସକ୍ତି ବର୍ଜ୍ଜନ କରି କଠୋର ତପସ୍ୟାଚରଣ କଲେ । ଭଗବାନ ନୃସିଂହ ଅଚିନ୍ତନୀୟ ଦିବ୍ୟ ଦର୍ଶନ ଦେଇ ବର ପ୍ରଦାନ କଲେ–ଶ୍ୱେତରାଜାଙ୍କ ରାଜ୍ୟରେ କୌଣସି ପ୍ରକାର ଅକାଳ ମୃତ୍ୟୁ ହେବନି ଓ ଦେହାନ୍ତେ ସମସ୍ତଙ୍କର ଗତି ମୁକ୍ତି ହେବ । ଶ୍ୱେତରାଜ ଶ୍ୱେତମାଧବରୂପରେ କଳ୍ପବଟ ଓ ସାଗର ମଧ୍ୟବର୍ତ୍ତୀ ପରମ ପବିତ୍ର ଅଞ୍ଚଳରେ ବାସ କରିବେ । ରାଜା ଆନନ୍ଦରେ ପ୍ରଜାଗଣଙ୍କୁ ମହାପ୍ରସାଦ ବିତରଣ କଲେ । ଅଦ୍ୟାବଧି ଶ୍ୱେତଗଙ୍ଗା ତୀର୍ଥ ପାର୍ଶ୍ୱରେ ମତ୍ସ୍ୟମାଧବ ଓ ଶ୍ୱେତମାଧବଙ୍କ ମନ୍ଦିର ଶ୍ୱେତରାଜାଙ୍କର ଉତ୍ତୁଙ୍ଗ ଭକ୍ତି ଉଦାତ୍ତ କଣ୍ଠରେ ଘୋଷଣା କରେ ।

୨. ବେଦୋକ୍ତ ''ତୀର୍ଥୈଷ୍ଟରନ୍ତି'' ଉପଦେଶକୁ ଗ୍ରହଣ କରି କୃତବିଦ୍ୟ ବସୁଦେବ ତୀର୍ଥ ପର୍ଯ୍ୟଟନରେ ବାହାରିଲେ । ଅନ୍ତରଙ୍ଗ ବନ୍ଧୁ ବ୍ରଜରାଜ ନନ୍ଦଙ୍କୁ ଅନୁରୋଧ କଲେ ତୀର୍ଥାଟନ ପାଇଁ । କିନ୍ତୁ କେତେକ ପାରିବାରିକ ଅସୁବିଧା ନେଇ ନନ୍ଦ ବସୁଦେବଙ୍କ ସହଯାତ୍ରୀ ହୋଇପାରିଲେ ନାହିଁ । କିନ୍ତୁ ବସୁଦେବଙ୍କୁ ବିଦାୟ ଦେବା ସମୟରେ ବ୍ୟାକୁଳତା ପ୍ରକାଶ କଲେ । ପୁଣ୍ୟଶ୍ଳୋକ ବସୁଦେବ ସାନ୍ତ୍ୱନା ଦେଇ ଧର୍ମକୁ ସାକ୍ଷୀ ରଖି କହିଲେ ''ମୁଁ ତୀର୍ଥାଟନରେ ଯେଉଁ ପୁଣ୍ୟ ଅର୍ଜ୍ଜନ କରିବି, ଅର୍ଦ୍ଧେକ ତୁମର ଓ ଅର୍ଦ୍ଧେକ ମୋର'' । ଅକୁତୋଭୟ ବସୁଦେବ ଏକାକୀ ଭାରତର ସକଳତୀର୍ଥ ପର୍ଯ୍ୟଟନ କରି ଶେଷରେ ପହଞ୍ଚିଲେ ପରମ ପୁଣ୍ୟପ୍ରଦ ଶ୍ରୀକ୍ଷେତ୍ରରେ । ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଚତୁର୍ମାସ୍ୟା ବ୍ରତ ପାଳନ କଲେ ବସୁଦେବ ।

କାର୍ତ୍ତିକ ମାସ ହରି ଉତ୍ଥାନ ଏକାଦଶୀ । ବସୁଦେବ କଳ୍ପଦ୍ରୁମ ମୂଳରେ ବସି ନିର୍ଜ୍ଜଳ ଏକାଦଶୀ ବ୍ରତ ପାଳନପୂର୍ବକ ତ୍ରୈଲୋକ୍ୟ ଚିନ୍ତାମଣି ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରୁଥାଆନ୍ତି । ଜନୈକ ସେବକ କିଛି ମହାପ୍ରସାଦ ଆଣି ବସୁଦେବଙ୍କ ହସ୍ତରେ ପ୍ରଦାନ କଲେ । ନିର୍ଜ୍ଜଳ ଏକାଦଶୀ ବ୍ରତ ପାଳନ କରୁଥିବାରୁ ବସୁଦେବ ଉଭୟ ଏକାଦଶୀ ବ୍ରତ ଓ ମହାପ୍ରସାଦ ମହାତ୍ମ୍ୟକୁ ସମ୍ମାନ ଦେଇ କଣିକାଏ ମହାପ୍ରସାଦ ଗ୍ରହଣ କଲେ ଯାହା କଣ୍ଠ ସ୍ପର୍ଶ କଲାନି । ନିଶାର୍ଦ୍ଧରେ ମହାପ୍ରଭୁ ଲକ୍ଷ୍ମୀଙ୍କ ସହିତ ଆସି ବସୁଦେବଙ୍କୁ ଦେବଦୁର୍ଲ୍ଲଭ ଦର୍ଶନ ଦେଇ କହିଲେ, ''ବସୁଦେବ ! ତୁମେ ଆଜି ଏକାଦଶୀ ମାହାତ୍ମ୍ୟ ତଥା ମହାପ୍ରସାଦ ମାହାତ୍ମ୍ୟ ଉଭୟକୁ ସମ୍ମାନ ଦେଇଥିବାରୁ ମୁଁ ପରମ ପ୍ରୀତ । କି ବର ମାଗୁଛ ମାଗ । ଇନ୍ଦ୍ରପଦ ମାଗିଲେ ମଧ୍ୟ ଦେବି ।''

ବସୁଦେବ ମହାପ୍ରଭୁଙ୍କ କୋଟି କନ୍ଦର୍ପଜିତ ରୂପଲାବଣ୍ୟରେ ବିମୋହିତ ହୋଇ କହିଲେ, ''ତତେ ଦେଖିଲେ ମତେ ପୁତ୍ର ପରି ଲାଗୁଛି !'' କରୁଣାନିଧାନ ସର୍ବାନ୍ତର୍ଯ୍ୟାମୀ ଶ୍ରୀଜଗନ୍ନାଥ ଐକାନ୍ତିକ ବାତ୍ସଲ୍ୟ ସ୍ନେହରେ ଅଭିଭୂତ ହୋଇ କହିଲେ, ''ଜନ୍ମଜନ୍ମାନ୍ତର ତୁମେ ମୋର ପିତା ଓ ମୁଁ ତୁମର ପୁତ୍ର । ତୁମେହିଁ ଦିନେ ଥିଲ–ମନୁ, ସୁତପା, କଶ୍ୟପ, ଦଶରଥ । ଯେତେବେଳେ ମୁଁ ଧର୍ମ ସଂସ୍ଥାପନ ଓ ଦିବ୍ୟଲୀଳା ପ୍ରକାଶନ ପାଇଁ ମର୍ତ୍ତ୍ୟରେ ଅବତରଣ କରେ, ତୁମେ ମୋର ଜନ୍ମଦାତା ହୁଅ । ତୁମର ମୋର ସମ୍ପର୍କ ଜନ୍ମଜନ୍ମାନ୍ତର, କଳ୍ପକଳ୍ପାନ୍ତର, ଅବିଚ୍ଛିନ୍ନ, ଅବିଚ୍ଛେଦ୍ୟ ।'' ସେତେବେଳେ ବସୁଦେବ ଥିଲେ ଅନପତ୍ୟ । ସେ ମହାପ୍ରଭୁଙ୍କୁ ପଚାରିଲେ, ''ବାବା ! ଏ ଜନ୍ମରେ !'' ମହାପ୍ରଭୁ ସହାସ୍ୟ ବଦନରେ କହିଲେ, ''ଆମେ ଦୁଇଭାଗ ହୋଇଯିବୁ । ନାମ ହେବ ବଳରାମ, କୃଷ୍ଣ ।'' ଏତିକି କହି ଅନ୍ତର୍ଦ୍ଧାନ ହେଲେ ବାଞ୍ଛା କଳ୍ପତରୁ ନୀଳାଦ୍ରି ଚନ୍ଦ୍ରମା । ଅନୁଗୃହୀତ ବସୁଦେବ କୃତ୍ୟକୃତ୍ୟ ହେଲେ ମହାପ୍ରଭୁଙ୍କ ଇୟତ୍ତାତୀତ ଔଦାର୍ଯ୍ୟରେ ।

ବସୁଦେବ ତୀର୍ଥାଟନରୁ ଫେରି ପ୍ରଥମେ ଗଲେ ନନ୍ଦାଳୟ । ବ୍ରଜରାଜଙ୍କ ଅମାୟିକ ଅନୁରୋଧ କ୍ରମେ ସକଳ ତୀର୍ଥାଟନ ତଥା ପୁରୁଷୋତ୍ତମ ମାହାତ୍ମ୍ୟର ଦିବ୍ୟାନୁଭୂତି ବର୍ଣ୍ଣନା କଲେ । ନନ୍ଦ ଦୁଃଖପ୍ରକାଶ କରି କହିଲେ, ''ମୁଁ ବଡ

ଭାଗ୍ୟହୀନ ! ଅଳୀକ ଐହିକ ବନ୍ଧନ ହିଁ କାଳ ହେଲା । ସାଥିରେ ଥିଲେ ଚର୍ମଚକ୍ଷୁରେ ମହାପ୍ରଭୁଙ୍କ ଦର୍ଶନ ପାଇଥାଆନ୍ତି । ଭାଗ୍ୟରେ ନାହିଁ !'' ନିର୍ଲୁଠ ବସୁଦେବ ସାନ୍ତ୍ୱନା ଦେଇ କହିଲେ, ''ହେ ମିତ୍ର ! ତୁମେ ମଧ୍ୟ ଭାଗ୍ୟବାନ୍ ! ମୁଁ ଯିବା ସମୟରେ ଶପଥ କରି କହିଥିଲି—ତୀର୍ଥାଟନରେ ଯାହା ପୁଣ୍ୟାର୍ଜନ କରିବି ଅର୍ଦ୍ଧେକ ତୁମର ଓ ଅର୍ଦ୍ଧେକ ମୋର । ଏହାର ଫଳ ସ୍ୱରୂପ ଯଦି ଭଗବାନ ଦୀନଦୟାଳୁ ନୀଳାଦ୍ରୀନାଥ ମୋର ପୁତ୍ର ହୋଇ ଆସିବେ, ତେବେ ଅର୍ଦ୍ଧେକ ଦିନ ତୁମ ଘରେ ରହିବେ ଓ ଅର୍ଦ୍ଧେକ ଦିନ ମୋ ଘରେ ।'' ଶ୍ରୀଜଗନ୍ନାଥଙ୍କର ବର ଓ ବସୁଦେବଙ୍କ ଅଙ୍ଗୀକାରର ପରିପୂର୍ତ୍ତି ପାଇଁ ଶ୍ରୀକୃଷ୍ଣ ଓ ବଳରାମ ନନ୍ଦାଳୟରେ ବାଲ୍ୟାବସ୍ଥା କଟାଇଲେ ଓ ବୟୋପ୍ରାପ୍ତି କ୍ରମେ ଆସିଲେ ଜନ୍ମଦାତା ବସୁଦେବଙ୍କ ନିକଟକୁ ।

୩. ମହର୍ଷି ଶାଣ୍ଡିଲ୍ୟ ଶିଷ୍ୟମାନଙ୍କ ଗହଣରେ ପଦବ୍ରଜରେ ଆସିଲେ ଶ୍ରୀକ୍ଷେତ୍ର । ଶ୍ରୀମନ୍ଦିର ରତ୍ନସିଂହାସନରେ ସପ୍ତାବରଣ ମୂର୍ତ୍ତିଙ୍କୁ ଦର୍ଶନ କରି ଆତ୍ମହରା ହେଲେ । କିନ୍ତୁ ନିଷ୍ଠାପର, ସ୍ୱପାକ ଅନ୍ନପ୍ରିୟ ଶାଣ୍ଡିଲ୍ୟଙ୍କର ମହାପ୍ରସାଦ ପ୍ରତି ଅଶ୍ରଦ୍ଧା ଆସିଲା । ମୃଣ୍ମୟ ପାତ୍ରରେ ରନ୍ଧନ, ଇତର ଜନ ସ୍ପର୍ଶ, ଜାତିବର୍ଣ୍ଣ ନିର୍ବିଶେଷରେ ଏକତ୍ର ସେବନ, ଉଚ୍ଛିଷ୍ଟ ଓ ଅନୁଚ୍ଛିଷ୍ଟ ଭାବ ବର୍ଜନ ପୁଣ୍ୟଶ୍ଳୋକ ମାହାତ୍ମ୍ୟଙ୍କ ମନରେ କ୍ଷୋଭ ସୃଷ୍ଟି କଲା । ମହାପ୍ରସାଦ ଅପ୍ରାସଙ୍ଗିକ ଦୂଷିତାନ୍ନ ଭାବି ଭକ୍ଷଣ ନକରି ଶିଷ୍ୟମାନଙ୍କ ସହିତ ପ୍ରତ୍ୟାବର୍ତ୍ତନ କଲେ ଶ୍ରୀମନ୍ଦିରରୁ । ସେଦିନ ଶ୍ରୀକ୍ଷେତ୍ରରେ କୌଣସି ଏକ ମଠରେ ଆଶ୍ରୟ ନେଲେ ମାହାତ୍ମା । ମହାପ୍ରସାଦ ଅବମାନନା କରିଥିବାରୁ ଶାଣ୍ଡିଲ୍ୟଙ୍କ ଦିବ୍ୟ ଅପଘନରେ ସୃଷ୍ଟି ହେଲା ଦୁରାରୋଗ୍ୟ ବ୍ୟାଧି ଓ ଦୁର୍ବିସହ ଯନ୍ତ୍ରଣା । ତିନିଦିନ ତିନିରାତି କଟିଗଲା । ପରିଶେଷରେ ନିରବଲମ୍ବନ ଶାଣ୍ଡିଲ୍ୟ ଶରଣାଗତ ବତ୍ସଳ ଦୀନଦୟାଳୁ ନୀଳାଦ୍ରୀନାଥଙ୍କୁ ପ୍ରାର୍ଥନା କଲେ ରୋଗମୁକ୍ତି ପାଇଁ । ନିଶାର୍ଦ୍ଧରେ ଦେଖିଲେ ଅପୂର୍ବ ସ୍ୱପ୍ନ । ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ଦେବୀ ପଦ୍ମାଳୟା ସ୍ୱହସ୍ତରେ ମୃଣ୍ମୟ ପାତ୍ରରୁ ପରଶି ଦେଉଛନ୍ତି ମହାପ୍ରସାଦ । ମହାପ୍ରଭୁ ସାନନ୍ଦରେ ଭକ୍ଷଣ କରି ଅଧରାମୃତ ଭକ୍ତମାନଙ୍କୁ ଖୁଆଇ ଦେଉଛନ୍ତି ଶ୍ରୀହସ୍ତରେ । ମହାପ୍ରଭୁ ବିଶାଳ ଭୁଜ ବିସ୍ତାର କରି ଶାଣ୍ଡିଲ୍ୟଙ୍କ ସର୍ବାଙ୍ଗରେ ଲେପନ କଲେ ମହାପ୍ରସାଦ । ନିଦ୍ରାଭଙ୍ଗ ପରେ ମହର୍ଷି ଦେଖନ୍ତି ତ ତାଙ୍କ ସର୍ବାଙ୍ଗରେ ମହାପ୍ରସାଦର ପ୍ରଲେପ । ସେ ନିରାମୟ, ସମ୍ପୂର୍ଣ୍ଣ ରୋଗମୁକ୍ତ । ସମୁଦାୟ ପ୍ରକୋଷ୍ଠ ଅଗୁରୁ, ଗନ୍ଧସାର, ଘନସାର ସୁଗନ୍ଧରେ ଭରପୁର । ଦକ୍ଷିଣା, ତୁଳସୀ. ମହାପ୍ରସାଦ ଇତସ୍ତତ ହୋଇ ପଡ଼ିଛି କଟାଣରେ । ତପସ୍ୱୀନ ଶାଣ୍ଡିଲ୍ୟ ବୁଝିପାରିଲେ ନୀଳାଦ୍ରୀନାଥଙ୍କ ଅପାର କରୁଣା ଓ ଶ୍ରୀମହାପ୍ରସାଦର ମାହାତ୍ମ୍ୟ, କାଞ୍ଚନଲତା । ତହିଁ ଆରଦିନ ପ୍ରଭାତରେ ନିତ୍ୟକର୍ମ ସାରି ଶିଷ୍ୟମାନଙ୍କ ଗହଣରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କଲେ । ଦୁର୍ବାସନା ପାଇଁ ଉପର୍ଯ୍ୟୁପରି କ୍ଷମା ମାଗିଲେ ସନ୍ଥ ମହାତ୍ମା । ଆନନ୍ଦବଜାରରେ ଦେଖିଲେ କ୍ରେତାବିକ୍ରେତା ସକଳ ଜଗନ୍ନାଥମୟ । ଏଠାରେ ଉଚ୍ଚନୀଚ, ବ୍ରାହ୍ମଣ ଅନ୍ତ୍ୟଜ, ଗୁରୁଶିଷ୍ୟ କିଛି ଭେଦଭାବ ନାହିଁ । ଆନନ୍ଦର ଅବଧି ଉନ୍ମୀଳିତ । ଶାଣ୍ଡିଲ୍ୟ ନିଜେ ମହାନନ୍ଦରେ ମହାପ୍ରସାଦ ଭକ୍ଷଣ କରିବା-ସଙ୍ଗେ ଶିଷ୍ୟମାନଙ୍କୁ ଖୁଆଇ ଦେଲେ । ଏହିପରି ବହୁ ଆଖ୍ୟାୟିକା ମାଧ୍ୟମରେ ମହାପ୍ରସାଦର ଔଜ୍ଜଲ୍ୟ ସ୍ୱୀକୃତ, ପରିକୀର୍ତ୍ତିତ ।

**ଅଷ୍ଟପ୍ରହର ସେବା :** ନିଶି ନ ପାହୁଣୁ ନିଶୀଥ ପର୍ଯ୍ୟନ୍ତ, ଏପରିକି ବିଭିନ୍ନ ପର୍ବପର୍ବାଣୀରେ ନିଶି ପାହିବା ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଗୋଟିକ ପରେ ଗୋଟିଏ ନୀତି ଚାଲିଥିବ । ରାତି ପାହିଯାଏ ଶେଷ ହୁଏନି । ମହାପ୍ରଭୁ ଦିନେ ବିନେ ଉନ୍ନିଦ୍ର ରହନ୍ତି, ଠିଆ ପହଡ଼ । ସକାଳୁ ସନ୍ଧ୍ୟାଯାଏ ସୂପକାରମାନଙ୍କୁ ବିଶ୍ରାମ ନାହିଁ ।  ମଙ୍ଗଳ ଆରତିଠାରୁ ପହଡ଼ ପର୍ଯ୍ୟନ୍ତ ଗୋପାଳବଲ୍ଲଭ, ତିନିଧୂପ, ଛତ୍ରଭୋଗ, ବଡ଼ ସିଂହାର ଭୋଗ କ୍ରମାଗତ ଚାଲିଥିବ । ଶୁଦ୍ରଠାରୁ ବ୍ରାହ୍ମଣ ପର୍ଯ୍ୟନ୍ତ ସମସ୍ତେ ସେବାରତ । ଏପରି ସର୍ବକାଳୀନ, ଅଷ୍ଟପ୍ରହର ବା ଅଷ୍ଟଯାମ ସେବା ଅନ୍ୟତ୍ର ଦୁର୍ଲ୍ଲଭ । ବିଭିନ୍ନ ସମୟରେ ଜୀଉଙ୍କ ବିବିଧ ବେଶ ଓ ଅଳଙ୍କରଣ ଏବଂ ବହୁବାର ଭୋଜନ ଶ୍ରୀମନ୍ଦିର ପୂଜାପଦ୍ଧତିର ବୈଶିଷ୍ଟ୍ୟ । ପୁଣ୍ୟଶ୍ଳୋକ ଇନ୍ଦ୍ରଦ୍ୟୁମ୍ନ ଏହାହିଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ ।

''ରାତ୍ର ଅର୍ଦ୍ଧମାନେ ତୋ କବାଟ ପଡ଼ିଥିବ ।
ରାତ୍ର ପାଞ୍ଚ ଘଡ଼ି ଥାଇ କବାଟ ଫିଟିବ ॥
ସବୁ ହୋଇ ତିନି ଘଡ଼ି ଶୟନ କରିବ ।
ଖାଇ ଭୁଞ୍ଜୁ ଜଗନ୍ନାଥ ହାତ ନ ଶୁଖିବ ॥''

**ଉପସଂହାର :** ତ୍ରୈଲୋକ୍ୟ ଚିନ୍ତାମଣି ନୀଳାଦ୍ରୀ ଚନ୍ଦ୍ରମା ସକଳ ଅବତାରର ଉତ୍ସ । ସର୍ବତୀର୍ଥ ପ୍ରବର୍ତ୍ତକ ଓ ଭବତାପହାରୀ । ଜଗବନ୍ଧୁଙ୍କର ଦର୍ଶନ ଯେପରି ଦିବ୍ୟ ସେହିପରି ମହାପ୍ରସାଦ । ସୀମାତୀତ ପ୍ରୀତିମୈତ୍ରୀ ସୂତ୍ରରେ ବିଶାଳ ମାନବ ସମାଜକୁ ବାନ୍ଧି ରଖିଛି ମହାପ୍ରସାଦ । କୈବଲ୍ୟ କଣିକାଏ ପାଇବାକୁ ଭକ୍ତ ମନରେ କି ଉତ୍କଣ୍ଠା, କି ଉଦ୍‌ବେଗ ! ସେଥିପାଇଁ ସେ ଦୂରାତି ଦୂରରୁ ଧାଇଁ ଆସେ ଆନନ୍ଦ ବଜାରକୁ ଯେଉଁଠି ବିକାର, ବିରକ୍ତି, ଭେଦାଭେଦ, ଉଚ୍ଚନୀଚ, ଦୁଃଖଶୋକର ସ୍ରୋତ ଆନନ୍ଦ ଉଦଧିରେ ମିଶି ହୁଏ ଉଦ୍‌ବୁଦ୍ଧ, ଆନନ୍ଦମୟ । କ୍ରେତା ଖୁସି, ବିକ୍ରେତା ଖୁସି । କରୁଣାନିଧାନ ନୀଳାଦ୍ରୀନାଥଙ୍କ ଅହେତୁକି କୃପା ବ୍ୟତୀତ ଦିବ୍ୟାତିଦିବ୍ୟ ଦର୍ଶନ ଓ ମହାପ୍ରସାଦ ସେବନ ବୃଥା ଆସ୍ଫାଳନ ମାତ୍ର । କାଣିକାଏ ମହାପ୍ରସାଦ ପାଇଁ ଜୀବ ସର୍ବଦା ଉଦ୍‌ଗ୍ରୀବ । ମୃତ୍ୟୁ ଶଯ୍ୟାରେ ଏକମାତ୍ର ଇପ୍ସିତ ଆଲୟ । ଏସବୁ ଦୃଷ୍ଟିରୁ ଶ୍ରୀକ୍ଷେତ୍ରବାସୀ ଯେ କେତେ ପୁଣ୍ୟାତ୍ମା, ପୁଣ୍ୟଶ୍ଳୋକ ତାହା ଲେଖନୀରେ ପ୍ରକାଶ କରିବା କଷ୍ଟ ।

ବୃନ୍ଦାବନ ଧାମ,
ଲୋକନାଥ ରୋଡ୍, ପୁରୀ-୧ ।

# ଓଡ଼ିଆ ଲୋକଗୀତରେ ଶ୍ରୀଜଗନ୍ନାଥ

*ଅଧ୍ୟାପକ ଡକ୍ଟର ଶରତ ଚନ୍ଦ୍ର ରଥ*

ସାଗରରେ ଜାଲ ପକାଇ କିଛି ଜଳଚର ଜୀବଙ୍କୁ ଧରିହୁଏ । ମାତ୍ର ସାଗରକୁ ଧରାଯାଇ ପାରେ ନାହିଁ । ସାଗର ଜଳରେ ସିକ୍ତ ହୋଇପାରେ ଜାଲ, ମାତ୍ର ସାଗରର ସମଗ୍ର ସିକ୍ତତାକୁ ଜାଲ ମାଧ୍ୟମରେ ଧରି ରଖିହୁଏ ନାହିଁ । ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ମହାସାଗର ପରି ପ୍ରଶସ୍ତ ଓ ସୁଗଭୀର । ତାଙ୍କର ଆନନ୍ତ୍ୟ ଓ ଅସୀମତାକୁ ଅନୁମାନର ବଳୟଭୁକ୍ତ କରିବା କଷ୍ଟକର ବ୍ୟାପାର । ତାଙ୍କୁ ବୁଝିବା ଯେତିକି କଷ୍ଟ ସାଧ୍ୟ । ତାଙ୍କ କଥା ଅନ୍ୟକୁ ବୁଝାଇବା ତଦପେକ୍ଷା ଅଧିକ କଷ୍ଟସାଧ୍ୟ ତାଙ୍କୁ ଭକ୍ତିରେ ଖୋଜି ବସିଲେ, ସେ ଦିଶନ୍ତି ଯୁକ୍ତିରେ, ପୁଣି ଯୁକ୍ତିରେ ଖୋଜିଲେ ସେ ଦିଶନ୍ତି ଭକ୍ତିରେ । ଦାରୁରେ ଖୋଜିଲେ ସେ ବ୍ରହ୍ମରେ ସୁଲଭ, ବ୍ରହ୍ମରେ ଖୋଜିଲେ ସେ ଦାରୁରେ ଆବିର୍ଭୁତ । ଅର୍ଥାତ୍ ସେ ଦାରୁ ଓ ବ୍ରହ୍ମ ଉଭୟରେ ଏକ ସମୟରେ ସ୍ୱଇଚ୍ଛାରେ ବିରାଜିତ । ଯେ ତାଙ୍କୁ ଯେଉଁ ଦିଗରୁ ଦେଖିଥାନ୍ତି, ସେ ତାଙ୍କ କଥା ସେତିକି ମାତ୍ର କହିଥାନ୍ତି । ତାଙ୍କ ସମଗ୍ରତାର ଆକଳନ କଳ୍ପନାର ଅତୀତ । ସେ କ୍ଷର ପୁଣି ଅକ୍ଷର ଏବଂ ଉଭୟର ଊର୍ଦ୍ଧ୍ୱରେ ସ୍ଥିତ ସ୍ୱୟଂ ପୁରୁଷୋତ୍ତମ । ସେ ସଗୁଣ ଓ ନିର୍ଗୁଣ । ପୁଣି ଉଭୟର ସ୍ରଷ୍ଟା ପୁରୁଷ ଜଗତପିତା । ସେ ରୂପୀ ପୁଣି ଅରୂପ । ସେ ପ୍ରତିମା ପୁଣି ପ୍ରତୀକ । ସେ ଏକାଧାରରେ ବିଶ୍ୱାତୀତ ଓ ବିଶ୍ୱଗତ । ଭାବନାର ଅତୀତ ପୁଣି ସେ ଭାବରେ ସୁଲଭ । ସ୍ରଷ୍ଟାତ୍ତ୍ୱ ଓ ସୃଷ୍ଟିତତ୍ତ୍ୱ ପୁଣି ସୃଷ୍ଟି ଯେଉଁଠାରେ ଏକ ବିନ୍ଦୁରେ ମିଳିତ ଓ ଆତ୍ମ ପ୍ରକାଶିତ ସେହି ଶ୍ରୀଜଗନ୍ନାଥ, ପ୍ରଭୁ ଜଗନ୍ନାଥ ।

ସବୁ ଭାଷା ତାଙ୍କର, ସବୁ ଦେଶ ତାଙ୍କର, ସବୁ ମାଟି ତାଙ୍କର, ସବୁ ସଂସ୍କୃତି ତାଙ୍କର । ଆମେ ଆତ୍ମୀୟତାର ଡୋରରେ ବାନ୍ଧି ଦେବା ପାଇଁ ବନ୍ଧୁ ସେ ଆମର । ଏକଥାରେ ସେ କେତେ ପୂଜ୍ୟ କି ନୁହେଁ ଆମେ ଜାଣୁନାହିଁ । ଆମେ ଭାବୁ ସେ ଆମଘରର ମୁରବୀ, ଆମର ପରମ ପ୍ରଭୁ, ଆମର ଗୁରୁଦେବ । ସେ ଆମ ପାଇଁ ରାମ, ଶ୍ୟାମ, ଗଣେଶ, ସୂର୍ଯ୍ୟ, ନାରାୟଣ, ଓଁକାର, ଶୂନ୍ୟ, ମହାଶୂନ୍ୟ, ନିରଞ୍ଜନ, ଅଲେଖ, ନିର୍ଗୁଣ ପୁରୁଷ ଇତ୍ୟାଦି ଇତ୍ୟାଦି ।

ଆମ ସାହିତ୍ୟରେ, ଆମ ସଂସ୍କୃତି ରେ ତାଙ୍କ ମହିମା ବସନ୍ତ ଫୁଲ ପରି ଶୋଭନୀୟ ଓ ଲୋଭନୀୟ । ତାଙ୍କୁ ଯିଏ ସର୍ବକାତର ଚିତ୍ତ ନେଇ ଥରେ ଦେଖିଛି ସେ ଭାବମୁଗ୍ଧ ହୋଇଛି । ନୟନରୁ ତାର ଝରିଯାଇଛି ଅଶ୍ରୁଧାରା, ଭିନ୍ନ ଏକ ରାଜ୍ୟକୁ ଚାଲିଯାଇଛି ତାର ଚେତନା । ଚିତ୍ରକାର ହୋଇଥିଲେ ଚିତ୍ରରେ; ସ୍ଥପତି ହୋଇଥିଲେ ଶିଳାଶିଳ୍ପରେ, କବି ହୋଇଥିଲେ ଲିପିଶିଳ୍ପରେ ଏହି ଭାବାବେଶର କେତେକାଂଶ ରୂପାୟିତ ହୋଇଛି । ଲୋକକବିର ଭାବାବେଶ ଫୁଟି ପଡିଛି ତୁଣ୍ଡରେ ଏବଂ ତାହା ଆଉ ଏକ ତୁଣ୍ଡକୁ ପ୍ରସରି ଯାଇଛି । କବିର ନାମ ନାହିଁ, ମାତ୍ର ତାଙ୍କର ରମଣୀୟ କବିତା ଚିରଞ୍ଜୀବୀ ହୋଇ ରହିଯାଇଛି । ସର୍ବସାଧାରଣଙ୍କ ଚିତ୍ତ ବୃତ୍ତିକୁ ବି ମୋହିତ କରି ତାହା ହୋଇଛି କାଳଜୟୀ । ଅଲିଖିତ କେବଳ ତୁଣ୍ଡରୁ ତୁଣ୍ଡକୁ ପ୍ରସରି ଯାଉଥିବା ଏହି ଗୀତକୁ ଲୋକଗୀତ କୁହାଯାଏ । ସମୟ ତାକୁ ବାନ୍ଧି ପାରେ ନାହିଁ, ବରଂ ବନ୍ଧା ପଡିଯାଏ । ତେଣୁ ତ କୁହାଯାଏ 'A folk song composes itself''. ସ୍ୱତଃ ସୃଷ୍ଟ ଏହି ଲୋକଗୀତ ଶାଶ୍ୱତ ଲାବଣ୍ୟର ଅଧିକାରୀ । ନୂଆ ପୁରୁଣାର ବଳୟର ଊର୍ଦ୍ଧ୍ୱରେ ଏହାର ସ୍ଥିତି । Ralph V. Williams ଙ୍କ ମତରେ, A folk song is neither new or old. It is like a forest tree with its roots deeply burried in the past, but which continually puts forth new branches, new leaves, new fruits" ଲୋକଗୀତରେ ବିଦଗ୍ଧ ସାହିତ୍ୟ ପରି ଗଭୀର ମନନଶୀଳତା ମଧ୍ୟ ସୁଲଭ । ଆଲୋଚ୍ୟ ପ୍ରବନ୍ଧରେ ଶ୍ରୀଜଗନ୍ନାଥଙ୍କ ମହିମା ବର୍ଣ୍ଣନା ଓ ଚରଣ ବନ୍ଦନା ଭିତ୍ତିକ କେତେକ ଲୋକଗୀତର ଚର୍ଚ୍ଚା କରାଯାଇଛି ।

ନିଜର ପ୍ରତ୍ୟେକ କୋଷାଣୁରେ ଜଗନ୍ନାଥଙ୍କ ଚେତନା ବା ଭଗବତ ଚେତନାକୁ ଉପଲବ୍ଧି କରିବା ହିଁ ଯଥାର୍ଥ ଆଧ୍ୟାତ୍ମିକତା । ଆତ୍ମାକୁ ପରମାତ୍ମାଙ୍କ ସହ ଯୋଗମାର୍ଗରେ ଯାଇ ମିଳାଇ ଦେବା ଏକ ପଥ, ସମଗ୍ର ଶରୀରରେ ତାଙ୍କୁ ଅନୁଭବ କରିବା ଆଉ ଏକ ପଥ । ପ୍ରତ୍ୟେକ ପଥ ନିଜ ନିଜ ସ୍ଥିତିରେ ମହତ୍ତ୍ୱପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ । ବ୍ୟକ୍ତି ଭିତରେ ଏକ ସମୟରେ ବହୁ ଇଚ୍ଛା କ୍ରିୟାଶୀଳ । ଏକ ସମୟରେ ବହୁ ସତ୍ତା କର୍ମଚଞ୍ଚଳ । ଗୋଟିଏ ସତ୍ତା ଈଶ୍ୱର-ଚେତନା ଆଡକୁ ଉନ୍ମୁଖ ହେଲାବେଳେ, ଅନ୍ୟ ସତ୍ତାମାନେ ତା'ସହ ଅସହଯୋଗ କରିଥାନ୍ତି, ଏପରିକି ଅନେକ ସମୟରେ ବିଦ୍ରୋହ ମଧ୍ୟ କରିଥାନ୍ତି । ଫଳତଃ ସଂହତି ରହିପାରେ ନାହିଁ ସତ୍ତାଭିତରେ । ତେଣୁ ବିଷ୍ଣୁକୃପା ଯେତେ କ୍ରିୟାଶୀଳ ହେବା କଥା ହୋଇପାରେ ନାହିଁ । ପ୍ରତ୍ୟେକ ଅଂଶ ଓ ଅଂଗ ସହଯୋଗ କଲେ ସମର୍ପଣ ହୁଏ ସରଳ ଓ ସ୍ୱତଃସ୍ଫୁର୍ତ୍ତ । ସମର୍ପଣର ଭିତ୍ତିରେ ଗଢିଉଠେ ପ୍ରୀତିର ସୁରମ୍ୟ ସୌଧ । କେବଳ ଆଖିରେ ଭଗବାନଙ୍କୁ ଦେଖିବା ଯଥେଷ୍ଟ ନୁହେଁ, କାନ ମଧ୍ୟ ପ୍ରଭୁଙ୍କ ମହିମା ଓ ନାମ ଶୁଣିବାକୁ ଉତ୍କଣ୍ଠିତ ହେବା ଉଚିତ । ତୁଣ୍ଡଗାନ କରୁଥିବ ପ୍ରଭୁଙ୍କ ନାମ ଓ ପାଦ ପ୍ରଦକ୍ଷିଣ କରୁଥିବ ପ୍ରଭୁଙ୍କ ତୀର୍ଥ । ମହାପ୍ରଭୁଙ୍କ ମହାପ୍ରସାଦ ସେବନରେ ତୁଣ୍ଡର ତୃପ୍ତି । ମହାପ୍ରସାଦର ବାସନା ଆଘ୍ରାଣରେ ନାସାର ତୃପ୍ତି ଏବଂ ଶ୍ରୀଜଗନ୍ନାଥଙ୍କର ଘଣ୍ଟାନାଦ ଶୁଣିବା ପରେ ଶ୍ରୁତିର ତୃପ୍ତି ବିଧାନ ସମ୍ଭବ ହେବ । ଲୋକଗୀତରେ କୁହାଯାଇଛି :

''ନାକ ଗୋଟି ଥାଇ ବୋଇଲା
ସତ ମୋ ବଚନ ରାମା
ସତ ମୋ ବଚନ
ଜଗନ୍ନାଥଙ୍କର ବାସନା ଭୋଗ
ଶୁଙ୍ଘିବାରେ ମନ ।

XX XX XX

କାନ ଯୋଡିବ ଆଉ ବୋଲିଲେ
ସତ ମୋ ବଚନ ରାମା
ସତ ମୋ ବଚନ
ଜଗନ୍ନାଥଙ୍କର ଘଣ୍ଟାନାଦ
ଶୁଣିବାରେ ମନ ।''

ଈଶ୍ୱର ସର୍ବଦା ମଙ୍ଗଳମୟ, ସମସ୍ତେ ତାଙ୍କର ସନ୍ତାନ, ଆଦରର ଧନ । ଏପରିକି ଅସୁର, ରାକ୍ଷସ ଓ ପିଶାଚ ମଧ ତାଙ୍କର ଅତି ଆପଣାର । ସମସ୍ତଙ୍କ ପାଇଁ ତାଙ୍କ ପ୍ରେମ ଓ କୃପା ଅପରିସୀମ । ବ୍ୟକ୍ତିର ଗ୍ରହଣଶୀଳତା ଉପରେ ତାଙ୍କ କୃପାର କ୍ରିୟାଶୀଳତାର ବେଗ ନିର୍ଭରଶୀଳ । ସେ କାହାକୁ ଦଣ୍ଡ ଦିଅନ୍ତି ନାହିଁ, ବରଂ କର୍ମାନୁସାରୀ ଫଳଭୋଗ କରିବାକୁ ଛାଡିଦିଅନ୍ତି, ତଦ୍ୱାରା ବ୍ୟକ୍ତିର ଅଗ୍ରଗତି ହୁଏ, ଅପୂର୍ଣ୍ଣତାର ପରିପୂର୍ତ୍ତି ଘଟେ । ତେଣୁ ତାଙ୍କର ବିଳମ୍ବନ ମଧ ତାଙ୍କର ପ୍ରସାଦ । ବିପଦ, ଯନ୍ତ୍ରଣା, ଦୁଃଖ ବାଟ ଦେଇ ମନୁଷ୍ୟର ପ୍ରକୃତିକୁ ସେ ସଜାଡି ଦିଅନ୍ତି । ଯାହା ପାଇଁ ଯାହା ଦରକାର ତାହା ସେ ଭଲଭାବେ ଜାଣନ୍ତି । ଓଡିଆ ଢଗଢମାଳିରେ ଅଛି :

''ଜଗନ୍ନାଥଙ୍କର ବଡେଇ
କାହାକୁ ଦିଅନ୍ତି ପାଟପୀତାମ୍ବରୀ
କାହାକୁ ଦିଅନ୍ତି ଗଡେଇ''

ବଡବଣା ଅଞ୍ଚଳରୁ ପ୍ରାପ୍ତ ଏକ ଲୋକଗୀତରେ ଶ୍ରୀଜଗନ୍ନାଥଙ୍କର ଘୋଷଯାତ୍ରା ପ୍ରସଙ୍ଗ ଉପସ୍ଥାପିତ । ସରଳଭାଷାରେ, ମଧୁରଛନ୍ଦରେ ପ୍ରଭୁଙ୍କର ରଥାରୋହଣ କଥା ଏଥିରେ ରହିଛି ।

''ଆଷାଢ ମାସେ ସଖି ମେଘ ଘଡଘଡି
ବାହାରିଲେ ପ୍ରଭୁ ଯେ ନନ୍ଦିଘୋଷ ଚଢି
ନନ୍ଦିଘୋଷ ରଥେ ଯେ ନନ୍ଦର ନନ୍ଦନ
ତାଳଧ୍ୱଜ ରଥେ ବିଜେ ଭାଇ ତ ବଳରାମ ।
ଦେବୀ ରଥେ ଚଢିଣ ସୁଭଦ୍ରା
ଗୁଣ୍ଡିଚା ଗମନ ହୋ'' ।

ନନ୍ଦିଘୋଷ ରଥ ବଡଦାଣ୍ଡରେ ଗଡିଲେ ସେହି ଘର୍ଘର ନାଦରେ ସମସ୍ତ ଅପଶକ୍ତି ବିନଷ୍ଟ ହୁଅନ୍ତି । ଓଡିଶାର ଗୌରବର ସୁବର୍ଣ୍ଣ ସ୍ମାରକୀ ହେଉଛି ନନ୍ଦିଘୋଷ ରଥ । ସେ ରଥର ଚକତଳେ ସବୁ ଦୁଃଖ, ଅଶାନ୍ତି, ଅସନ୍ତୋଷ , ପେଷି ହୋଇ ଧ୍ୱଂସ ପ୍ରାପ୍ତ ହୁଅନ୍ତି । ଏ ଲୋକ ବିଶ୍ୱାସ ଏବେ ମଧ ଓଡିଶାରେ ଜୀବନ୍ତ ହୋଇ ରହିଛି । ଅତଏବ ନନ୍ଦିଘୋଷ ରଥ ହେଉଛି ଓଡ଼ିଶାର ଅଗ୍ରଗତି, ସଫଳତା ତଥା ମହନୀୟତାର ମୂର୍ତ୍ତ ପ୍ରତୀକ ।

''ବଡ ଦେଉଳରେ କିଏ ସେ
ବାନ୍ଧେ ନେତ
ଓଡିଶାକୁ ଦିଗବାରେଣୀ
ନନ୍ଦିଘୋଷ ରଥ ଯେ ।''

ଲକ୍ଷ୍ମୀନାରାୟଣ ଭେଟ ପ୍ରସଙ୍ଗକୁ ନେଇ ପ୍ରଚଳିତ ରହିଛି କେତେ ଲୋକଗୀତ । ଗୁଣ୍ଡିଚାଘରୁ ଫେରି ରଥ ଲାଗେ ସିଂହଦୁଆରରେ । ସବୁ ବିଧିବିଧାନ ସାରି ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଶ୍ରୀମନ୍ଦିରକୁ ବିଜେ କରନ୍ତି, ମାତ୍ର ଶ୍ରୀଜଗନ୍ନାଥ ଅଟକି ରହନ୍ତି ସିଂହଦ୍ୱାରରେ, ଭିତରକୁ ଯାଇପାରନ୍ତି ନାହିଁ । ଲକ୍ଷ୍ମୀଙ୍କର ଏ କାରଣ ଅତି ଚମତ୍କାର ରୀତିରେ ପ୍ରକାଶିତ ହୁଏ ଗୀତରେ ।

''ଆସନ୍ତୁ ଦେଉଳରେ ପଶନ୍ତୁ ଘରେ
କାଳିଆ ପଡିଥାଉ ପାଚେରୀ ମୂଳେ ।''

ଶ୍ରୀଜଗନ୍ନାଥ ଗୁଣ୍ଡିଚା ଯାତ୍ରାରେ ମହାଲକ୍ଷ୍ମୀଙ୍କୁ ଗୁଣ୍ଡିଚା ଘରକୁ ନେଇନଥିବାରୁ ମହାଲକ୍ଷ୍ମୀଙ୍କର କ୍ରୋଧ ପ୍ରକଟିତ ହୋଇଛି ଏହିପରି କେତେକ ପଦରେ । ନରସିଂହପୁର ଅଞ୍ଚଳରେ ଏହି ପ୍ରସଙ୍ଗ ଭିତ୍ତିକ ଆଉ ଏକ ଲୋକଗୀତ ଶୁଣିବାକୁ ମିଳେ । ଏଥିରେ କୁହାଯାଏ ଯେ ବଳଦେବ ଓ ସୁଭଦ୍ରା ଆସି ରତ୍ନ ସିଂହାସନରେ ବିଜେ କଲେ ହେଁ ଶ୍ରୀଜଗନ୍ନାଥ ଅଟକି ରହିଲେ କିଛି ସମୟ ପାଇଁ ସିଂହଦୁଆରରେ ।

''ଆସି ବଳଦେବ ପଶିଲେ ଝାସି
ପଛେ ସୁଭଦ୍ରା ତରେ - ଲୁଚି ପଶି
ଦୁହେଁ ରତ୍ନ ସିଂହାସନେ ବିଜେ କଲେ
ଦାସୀ ଦୁଆରେ ଯନ୍ତ୍ର କିଳିଣି ମୁଦିଲେ
ଶୁଭୁଅଛି ଗୋଳ
ସମସ୍ତ ଦାସୀ ହୋଇଛନ୍ତି ମେଳ ।''

ଓଡିଶାର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଲୋକଗୀତରେ ମହାପ୍ରଭୁଙ୍କ ଲୀଳା ଓ ମହାମହିମା ପ୍ରକଟିତ । ପଶ୍ଚିମ ଓଡିଶାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ବହୁ ଲୋକଗୀତର ପ୍ରଚାର ଓ ପ୍ରସାର ଦେଖାଯାଏ । ପହଣ୍ଡି ବିଜେର ଚିତ୍ରକୁ ଉପସ୍ଥାପନା କରାଯାଇ କୁହାଯାଇଛି -

''ଚାଲ ଦେଖିବା ଗୋ ସଖୀ ପହଣ୍ଡି ବିଜଏ
ବଡ ଦେଉଳରୁ ବାହାର କାଳିଆ
ବଡ ଦେଉଳରୁ
ଅଙ୍ଗୁ ଶ୍ରମ ଝାଳ ବୁହେ ।''

ପୁନଶ୍ଚ ବାହୁଡା ବିଜେ ସମ୍ପର୍କରେ ଅନ୍ୟ ଏକ ଗୀତରେ କୁହାଯାଇଛି -

''ପଛେଁ ନନ୍ଦିଘୁଷ ରଥରେ ବଉଳ
ପଛେଁ ନନ୍ଦିଘୁଷ ରଥ
ତହିଁରେ ବିଜୟ ଶ୍ରୀଜଗନ୍ନାଥ, ବଉଳରେ
ଶିରେ ଉଡେ କେତେ ପାଟ ଛତ୍ର ।''

ଲୋକଗୀତ 'ଡାଲଖାଇ ରେ ରଥଯାତ୍ରା ପ୍ରସଙ୍ଗରେ କୁହାଯାଇଛି -

''ଆଷାଢ ମାସରେ ଗୁନଚା ରଥ
ରଥେ ବିଜେ କଲେ ଜଗତନାଥ
ଆଗେ ବଳଭଦ୍ର ପଛେ ଭବାନୀ
ପଛେ କୁ ଜାଇଲେ ଦୁତିଲୋ, ସାରଙ୍ଗପାନି ।''

ଦେବୀ ସୁଭଦ୍ରାଙ୍କୁ ଏଥିରେ ଭବାନୀ ବୋଲି କୁହାଯାଇଛି ।

ଶ୍ରୀଜଗନ୍ନାଥଙ୍କ ମହିମା ବିଭିନ୍ନ ଧାରାରେ ଲୋକଗୀତରେ ସ୍ଥାନ ପାଇଛି । ଭକ୍ତ ହୃଦୟର ସ୍ୱତଃସ୍ଫୂର୍ତ୍ତ ପ୍ରୀତିପ୍ରବଣ ଅଭିବ୍ୟକ୍ତି ଏଥିରେ ଥିବାରୁ ଏସବୁ ଶ୍ରୋତାମହଲରେ ଆଦୃତ ହୋଇଛି । ଶିକ୍ଷିତ ଅଶିକ୍ଷିତ, ସାକ୍ଷର ନିରକ୍ଷର ପ୍ରତ୍ୟେକ ବ୍ୟକ୍ତି ପାଇଁ ଏହା ହୋଇଛି ଆକର୍ଷଣୀୟ । ବ୍ୟକ୍ତି ଚେତନାକୁ ସମୃଦ୍ଧ ଓ ବିକଶିତ କରିବା ଦିଗରେ ବିଦଗ୍ଧସାହିତ୍ୟରେ ଉପସ୍ଥାପିତ ଧାର୍ମିକ ଚେତନା ମଧ ବିଶେଷ ମୂଲ୍ୟବାନ ଭୂମିକାର ଅଧିକାରୀ । ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ପରଂବ୍ରହ୍ମ । ତାଙ୍କ ମହିମା ଅଶେଷ ଓ ଅନନ୍ତ ।

ଓଡିଆ ବିଭାଗ,
ବାଣୀବିହାର, ଭୁବନେଶ୍ୱର ।

# ଶ୍ରୀଜଗନ୍ନାଥଙ୍କ ନୈବେଦ୍ୟରେ ଆୟୁର୍ବେଦ

ଡାକ୍ତର ଦୀନବନ୍ଧୁ ମହାରଣା

ସବୁ ଲୌକିକତା ଭିତରେ ସେ ଅଲୌକିକ । ବିଶ୍ୱନିୟନ୍ତା ହୋଇଥିଲେ ମଧ୍ୟ ଆମର ନିକଟତମ, ଅସାଧାରଣ ହୋଇ ବି ସାଧାରଣ । ଓଡିଶାର ଜନଜୀବନ ତଥା ଇତିହାସରେ ସେ ଯେପରି ମୁଖ୍ୟ ଭୂମିକା ଗ୍ରହଣ କରି ଆସିଛନ୍ତି, ଗଣଙ୍କ ଭିତରେ ଜଣେ ହେବା ପାଇଁ ସେହିପରି ଆବୋରି ନେଇଛନ୍ତି ସମସ୍ତ ଲୌକିକ ଓ ସାମାଜିକ ଆଚରଣ । ମନୁଷ୍ୟରକ୍ତ ମାଂସରେ ଦେହଧାରଣ କରି ଯେଉଁ ଜୀବନଚର୍ଯ୍ୟା ଓ ପ୍ରାକୃତିକ ପ୍ରକ୍ରିୟା ମଧ ଦେଇ ଜୀବନ ନିର୍ବାହ କରେ, ଶ୍ରୀଜଗନ୍ନାଥ ମଧ୍ୟ ସେହିସବୁ ମାନବସୁଲଭ ଜୀବନ ପ୍ରବାହ ଭିତରେ ସାକାର ଶରୀର ରକ୍ଷା କରନ୍ତି । ସେ ତ୍ରିତାପ ହରଣକାରୀ । ତାଙ୍କ ନାମ ଉଚ୍ଚାରଣ ମାତ୍ରେ ସବୁ ଦୁରୀତ ଦୂରୀଭୂତ ହୁଏ । ତଥାପି ସାଧାରଣ ଲୋକ ପରି ସେ ରୋଗାକ୍ରାନ୍ତ ହୁଅନ୍ତି । ରୋଗର ଉପଶମ ପାଇଁ ତଥା ସ୍ୱାସ୍ଥ୍ୟ ରକ୍ଷା ପାଇଁ ପ୍ରାଚୀନ ଆୟୁର୍ବେଦ ଚିକିତ୍ସାଶାସ୍ତ୍ର ଅନୁଯାୟୀ ତାଙ୍କ ପରିଚର୍ଯ୍ୟାରେ ବହୁ ବ୍ୟବସ୍ଥା କରାଯାଇଛି ।

ଆୟୁର୍ବେଦ ଚିକିତ୍ସା ପଦ୍ଧତି ବହୁ ପୁରାତନ । ଏହି ସୃଷ୍ଟି ତ୍ରିଗୁଣରୁ ହିଁ ସୃଷ୍ଟି- ସତ୍ତ୍ୱ, ରଜ ଓ ତମ । ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏହି ତ୍ରିଗୁଣର ପ୍ରତୀକ । ତ୍ରିଗୁଣର ପ୍ରତୀକାତ୍ମକ ରଙ୍ଗକୁ ବିଚାର କଲେ ତ୍ରିମୂର୍ତ୍ତୀକଳ୍ପନା ଏହାରି ଉପରେ ଆଧାରିତ ହୋଇଥିବା ଜଣାଯାଏ । ଏହି ତିନିଗୁଣକୁ ନେଇ ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠିତ । ଏହି ତିନିଗୁଣ କୁ ଦୈହିକ ବା ସ୍ଥୂଳଗୁଣ ଭୌତିକ ବା ସୂକ୍ଷ୍ମଗୁଣଗୁଡିକ ଆୟୁର୍ବେଦ ଚିକିତ୍ସାରେ ବାତ, ପିତ୍ତ ଓ କଫଭାବେ ବିଚାର କରାଯାଇଛି ତଥା ତା ମଧ୍ୟରେ ସୃଷ୍ଟିର ସମସ୍ତ କାର୍ଯ୍ୟକାରିତା ଶକ୍ତିକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହାହିଁ ହେଉଛି ତ୍ରିଦୋଷ । "ଶରୀରମାଦ୍ୟଂ ଖଳୁ ଧର୍ମ ସାଧନମ୍"- ଧର୍ମ ସାଧନା ପାଇଁ ପ୍ରଥମେ ଶରୀରକୁ ରକ୍ଷାକରିବାକୁ ପଡିବ ଅର୍ଥାତ୍ ଶରୀରକୁ ନିରୋଗ ରଖିବାକୁ ପଡିବ । ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ବ୍ୟତୀତ ଅନ୍ୟାନ୍ୟ ଚିକିତ୍ସା ପ୍ରଣାଳୀର ଲକ୍ଷ୍ୟ ହେଉଛି ରୋଗକୁ ଉପଶମ କରିବା । କିନ୍ତୁ ପ୍ରାଚୀନ ଭାରତୀୟ ଚିକିତ୍ସା ବିଜ୍ଞାନ ଆୟୁର୍ବେଦର ମୂଳ ଲକ୍ଷ୍ୟ ହେଉଛି - ସୁସ୍ଥଲୋକର ସ୍ୱାସ୍ଥ୍ୟରକ୍ଷା କରିବା । ଶରୀର ନିରାମୟକରଣ ଓ ଆୟୁଷ୍ଯବର୍ଦ୍ଧନ ପାଇଁ ଆୟୁର୍ବେଦ ଶାସ୍ତ୍ରରେ ବ୍ୟବସ୍ଥା ଅଛି । ଏଥିପାଇଁ ଦିନଚର୍ଯ୍ୟା ଓ ଋତୁଚର୍ଯ୍ୟା ଭେଦରେ ବିଭିନ୍ନ ମୌଳିକ ସିଦ୍ଧାନ୍ତର ବର୍ଣ୍ଣନା କରାଯାଇଛି । ସକାଳେ ଶଯ୍ୟାତ୍ୟାଗ କରିବାଠାରୁ ଆରମ୍ଭ କରି ରାତ୍ରି ଶୟନ ପର୍ଯ୍ୟନ୍ତ ବିଭିନ୍ନ କର୍ମ ସମାପନ ଭିତରେ ଆୟୁର୍ବେଦମତେ ଦିନଚର୍ଯ୍ୟା ଓ ବିଭିନ୍ନ ଋତୁମାନଙ୍କର ପ୍ରାକୃତିକ ପରିସ୍ଥିତି ଅନୁସାରେ ଆହାର ବିହାର ମତେ ଋତୁଚର୍ଯ୍ୟାର ବ୍ୟବସ୍ଥା ଅଛି ।

ଶ୍ରୀଜଗନ୍ନାଥ ଓଡିଆ ଜାତିର ପ୍ରାଣପ୍ରବାହର କେନ୍ଦ୍ରବିନ୍ଦୁ । ଏ ଦେଶର ଜନଜୀବନ ସହିତ ସେ ଏପରି ଭାବରେ ସଂଶ୍ଳିଷ୍ଟ ଯେ ତାଙ୍କୁ ଆମ ଭିତରେ ଜଣେ ବୋଲି ବିଚାର କରାଯାଏ । ଜଗନ୍ନାଥ ଧାରଣାର ଏହି ବିଭାଗଟି ମହାନ୍ । ସେଥିପାଇଁ ସାଧାରଣ ମଣିଷ ଜୀବନରେ ଯେଉଁ ସ୍ୱାଭାବିକ କ୍ରିୟାପ୍ରକ୍ରିୟା ଦେଖାଯାଏ, ତାହା ଜଗନ୍ନାଥଙ୍କଠାରେ ମିଳେ । ମରଣଶୀଳ ଶରୀର ଧାରଣ କରି ଯେପରି ମଣିଷ ରୋଗାକ୍ରାନ୍ତ ହୁଏ, ଜଗତର ନାଥ ହୋଇ ମଧ ଶ୍ରୀଜଗନ୍ନାଥ ସେଥିରେ ବାଦ୍ ଯାଇନାହାନ୍ତି । ସାଧାରଣ ମଣିଷକୁ ଯେପରି ଜ୍ୱରହୁଏ, ଶ୍ରୀ ଜଗନ୍ନାଥ ସେହିପରି ପ୍ରତିବର୍ଷ ଆଷାଢମାସ ପ୍ରତିପଦାଠାରୁ ନେତ୍ରଉତ୍ସବ ପର୍ଯ୍ୟନ୍ତ ୧୫ ଦିନ ଧରି ଜ୍ୱରାକ୍ରାନ୍ତ ହୋଇଥାନ୍ତି । ଜ୍ୱରହେଲେ ରୋଗୀକୁ ଯେପରି ଭାତ ଖାଇବାକୁ ମନା କରାଯାଏ, ସେହିପରି ଶ୍ରୀଜଗନ୍ନାଥଙ୍କୁ ତାଙ୍କର ନିତ୍ୟନୈମିତ୍ତିକ ପ୍ରସାଦରୁ ବଞ୍ଚିତ କରାଯାଇ କେବଳ ଦୁଗ୍ଧସର, ଫଳମୂଳ ଆଦି ଭୋଗ ଲଗାଯାଏ । ଅନ୍ନପ୍ରସାଦ ଏହି ସମୟରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ପାଖରେ ପୂଜା କରାଯାଏ । ଏହି ଜ୍ୱରରୁ ଆରୋଗ୍ୟ ହେବାପାଇଁ ଶ୍ରୀଜଗନ୍ନାଥଙ୍କୁ ଆୟୁର୍ବେଦ ଚିକିତ୍ସାଶାସ୍ତ୍ର ଅନୁଯାୟୀ ଦଶମୂଳମୋଦକ ବୃହତ୍ ପଞ୍ଚମୂଳ ଯଥା ବିଲ୍ୱ, ଗମ୍ଭାରୀ, ଶ୍ୟୋନାକ, ପାଟଳା ଓ ଅଗ୍ନିମନ୍ଥ ଏବଂ ଲଘୁପଞ୍ଚମୂଳ ଯଥା ଶାଳପର୍ଣ୍ଣୀ, ପୃଷ୍ଣପର୍ଣ୍ଣୀ, ବୃହତୀଦ୍ୱୟ ଓ ଗୋକ୍ଷୁରାରେ ପ୍ରସ୍ତୁତ କରାଯାଏ । ଏହା ତ୍ରିଦୋଷ ନାଶକ । ଏହି ୧୦ମୂଳ ମୋଦକ ଖାଇବାପରେ ଶ୍ରୀଜଗନ୍ନାଥ ସମ୍ପୂର୍ଣ୍ଣ ଆରୋଗ୍ୟଲାଭ କରି ରଥଯାତ୍ରା ପାଇଁ ପ୍ରସ୍ତୁତ ହୁଅନ୍ତି ।

ଶ୍ରୀଜଗନ୍ନାଥ ବିଗ୍ରହର ଶ୍ରୀମୁଖରେ ବହୁ ପ୍ରକାର ରଙ୍ଗ ପ୍ରଲେପ ଦିଆଯାଏ । ହିଙ୍ଗୁଳ, ହରିତାଳ, ଶଙ୍ଖ ଓ କଳାସହ କସ୍ତୁରୀ ଓ କର୍ପୂର ମିଶ୍ରିତ କରି ଏହି ରଙ୍ଗ ପ୍ରସ୍ତୁତ କରାଯାଏ । କସ୍ତୁରୀ ଓ କର୍ପୁରରେ ବହୁ ଔଷଧୀୟ ଗୁଣ ଭରପୁର ହୋଇ ରହିଥିବାରୁ ଏଥିରେ ଆୟୁର୍ବେଦର ବହୁ ମୂଲ୍ୟବାନ ଔଷଧ ପ୍ରସ୍ତୁତ କରାଯାଇ ପାରୁଛି । ପ୍ରତ୍ୟେକ ଉତ୍କଳୀୟ ପରି ଶ୍ରୀଜଗନ୍ନାଥ ମଧ ସକାଳୁ ଉଠିବା ପରଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଦାନ୍ତ ଘଷିବା, ସ୍ନାନ କରିବା ଓ ଭୋଜନାଦି କରିଥାନ୍ତି । ଶ୍ରୀଜଗନ୍ନାଥଙ୍କୁ ପ୍ରତି ସକାଳର ମଙ୍ଗଳ ଆରତି ପରେ ଅବକାଶ ବା ସ୍ନାନ କରାଯାଇଥାଏ । ଏହି ସ୍ନାନ ଜଳ କର୍ପୁର,ଦହି, ଅଁଳା, ଚନ୍ଦନ ଓ ସୁବାସିତ ଫୁଲର ମିଶ୍ରଣରେ ପ୍ରସ୍ତୁତ ହୋଇଥାଏ । ଦହିର ପାଞ୍ଚପ୍ରକାର ଭେଦ ମଧ୍ୟରେ ମଧୁର ଦହି ବୀର୍ଯ୍ୟବର୍ଦ୍ଧକ, ବାତନାଶକ । ଅଁଳା ହେଉଛି ଦେହର ସୌନ୍ଦର୍ଯ୍ୟ ବୃଦ୍ଧିକାରକ, ଚକ୍ଷୁ ନିର୍ମଳ କାରକ, ଚନ୍ଦନ ହେଉଛି ପିତ୍ତବିକାର, ଭ୍ରମ, ବାନ୍ତି, ଜ୍ୱର, ତୃଷା, ଦାହ, କ୍ରୁମି, ମୁଖରୋଗ, ରକ୍ତପିତ୍ତ,

ପାଣ୍ଡୁ, ଶ୍ୱାସ, କାଶ, ପ୍ରଶାମକ ଅଟେ । ଏହି ଅବକାଶ ବା ସ୍ନାନ ଜଳରେ ଏପରି ଔଷଧୀୟ ଗୁଣ ରହିଛି ଯେ ଯଦି କୌଣସି ବ୍ୟକ୍ତିର ଅଜୀର୍ଣ୍ଣ ବା ବାତବୃଦ୍ଧି ହୋଇଥାଏ, ତେବେ ତାହା ପାନକଲେ ଶୀଘ୍ର ଆରୋଗ୍ୟ ହୋଇଥାଏ । ଆହୁରି ମଧ୍ୟ କୌଣସି ଖାତା ରୋଗୀକୁ ଦିଆଗଲେ ଔଷଧ ସଦୃଶ କାମ କରିଥାଏ । ତାଙ୍କ ଦେହରୁ ବାହାରୁଥିବା କରାଳ ଗୁଣ, ରାଶି ତେଲ ଓ ପାଣିଦ୍ୱାରା ପ୍ରସ୍ତୁତ ହୋଇଥାଏ । ଏଥିରେ କୌଣସି ମନ୍ତ୍ର ମହୌଷଧିର ବ୍ୟବସ୍ଥା ନଥାଏ । କେବଳ ବିଶ୍ୱାସ ହିଁ ମୂଳକଥା ।

ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରର ବନୌଷଧିଗୁଡିକ ସହ ଜଗତର ନାଥ ଜଗନ୍ନାଥଙ୍କର ରହିଛି ନିବିଡ ସମ୍ପର୍କ । ସେଥିପାଇଁ ଶ୍ରୀମନ୍ଦିରର ବହୁ କାର୍ଯ୍ୟରେ ଏହି ଆୟୁର୍ବେଦ ଔଷଧ ବୃକ୍ଷର ଉପଯୋଗ ହୋଇ ଆସୁଅଛି । ସେହି ବନୌଷଧିଗୁଡିକ ମଧ୍ୟରେ ନିମ୍ବ, ତୁଳସୀ, ଚନ୍ଦନ, ତ୍ରିଫଳା, କର୍ପୁର ଓ ଜାଇଫଳାଦି ଅନ୍ୟତମ । ଏହି ନିମ୍ବ ସମ୍ପର୍କରେ ଧନ୍ୱନ୍ତରୀ ନିର୍ଘଣ୍ଟୁରେ ବର୍ଣ୍ଣନା ରହିଛି ଯେ :

"ନିମ୍ବସ୍ତିକ୍ତରସଃ ଶୀତୋଲଘୁ ଶ୍ଳେଷ୍ମାସ୍ରପିତ୍ତନୁତ ।
କୃଷ୍ଣକୁଷ୍ଟ ବ୍ରଣାନ୍ ହନ୍ତି ଲେ ପାହାରାଜ ଶୀନିଦଃ ।
ଅପକ୍ବଂ ପାଚୟେଚ୍ଛୋଥଂ ବ୍ରଣଂ ପକ୍ବଂ ବିଶୋଧୟେତ୍ ।"

ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ ନିମ୍ବ ଲଘୁଗୁଣଯୁକ୍ତ ବିପାକରେ କଟୁରସରେ ତିକ୍ତ ଓ କଷାୟ ଅଟେ ଏବଂ ଏହା ଶୀତବୀର୍ଯ୍ୟ ଜଗନ୍ନାଥ ମହାପ୍ରଭୁଙ୍କର ତ୍ରିଗୁଣରୁ ସତ୍ତ୍ୱଗୁଣ ଲଘୁ । ଯାହା ଉଦାରମଧୁର ରସ - ମହାଭାବ ରସ, ଯାହା ସାମାନ୍ୟ ସାଧନାରେ ପ୍ରାପ୍ତ ହୁଏନା, ଏଣୁ ସବୁଠାରୁ ସାଧନା କଲେ ମହାଭାବର ପ୍ରାପ୍ତ ହୋଇପାରିବ । ବିପାକ କଟୁ ଏହା ବଡସିଂହାରର ଡାହିଆ ଭୋଗପ୍ରମାଣ ଦିଏ । ପୁନଶ୍ଚ କଟୁ ଶବ୍ଦର ଅର୍ଥ ହେଲା - ଯାହାକୁ କୀଟମାନେ ନଷ୍ଟ କରିପାରନ୍ତି ନାହିଁ । ସେଥିପାଇଁ ଜଗନ୍ନାଥଙ୍କ ଆବିର୍ଭାବ ଅନ୍ୟ କୌଣସି ଦ୍ରବ୍ୟରେ ନହୋଇ ହୁଏ ନିମ୍ବଦାରୁରେ । ଏ ସମ୍ପର୍କରେ ତୁଳସୀ ରାମାୟଣରେ ବର୍ଣ୍ଣନା ରହିଛି ଯେ :

"ଉମାଦାରୁ ଯୋ ସିକତେ ନାହିଁ
ସ କହି ନ ଚାବତ୍ ରାମ ଗୋସାଇଁ"

ଅର୍ଥାତ୍ ଏଠାରେ ନିମ୍ବକୁ ଦାରୁ ବୋଲି କୁହାଯାଇଛି । ଯାହାର ବୀର୍ଯ୍ୟ ଅର୍ଥାତ୍ ଆଧାର ହେଲା ଶୀତଳ ବା ଶୀତ । ପୁନଶ୍ଚ ଏହା ମୂତ୍ରଗତ କଫ, ପିତ୍ତ ଦୋଷକୁ ଦୂର କରିଥାଏ । ଏହାର ବୀର୍ଯ୍ୟ ଗର୍ଭାଶୟ ଉତ୍ତେଜକ । ଆମ ପାଚକ ଜ୍ୱରଘ୍ନ ଓ ବିଷମଜ୍ୱର ପ୍ରତିବିଧକ ହୋଇଥିବାରୁ ଏହାକୁ ଜଗନ୍ନାଥଙ୍କର କଳେବର ରୂପେ ବ୍ୟବହାର କରାଯାଇଛି । ନୃସିଂହ ଅବତାରରେ ଭଗବାନସ୍ତମ୍ଭଠାରୁ ନୃସିଂହରୂପ ଧାରଣ କରି ହିରଣ୍ୟକଶିପୁକୁ ମାରିବା ପରେ ଚିନ୍ତା କଲେ ଯେ ସର୍ବବୃକ୍ଷ ଅପେକ୍ଷା ନିମ୍ବବୃକ୍ଷରେ ସମାବିଷ୍ଟ ହେବା ସର୍ବୋତ୍ତମ ।

"ନିମ୍ବ ପ୍ରଧାନତମ ତେଷାଂ ପ୍ରତିମାନ୍ୟଂ ବିନିର୍ମିତେଃ ।"

ଅର୍ଥାତ୍ ନିମ୍ବବୃକ୍ଷ ପୁରାତନ ହେଲେ ମଳୟବର୍ଣ୍ଣରେ ଆସି ତାହା ଚନ୍ଦନବୃକ୍ଷରେ ପରିଣତ ହୋଇଥାଏ । ଶାସ୍ତ୍ରାନୁସାରେ ବୃକ୍ଷ ପୁରୁଷ, ସ୍ତ୍ରୀ ଓ କ୍ଳୀବଭାବରେ ଶକ୍ତି ଓ ଶ୍ରେଷ୍ଠ ବିଷ୍ଣୁବିଗ୍ରହ ନିର୍ମାଣ ପାଇଁ ଉପଯୋଗୀ ଅଟେ ।ଜଗନ୍ନାଥଙ୍କର ଅଙ୍ଗ ଲାଗି ହୋଇଥିବା ଚନ୍ଦନ ଏକ ଆଧ୍ୟାତ୍ମିକ ବୃକ୍ଷଭାବେ ପରିଗଣିତ । ମହର୍ଷି ଚରକ ତାଙ୍କ ଗ୍ରନ୍ଥରେ ୨୫ ଅଧ୍ୟାୟରେ କହିଛନ୍ତି ଯେ -

"ଚନ୍ଦନ ଦୁର୍ଗନ୍ଧେ ହରଦାହ ନିର୍ବାପଣ ଲୋପନା ନାମ"

ଅର୍ଥାତ୍ ସମସ୍ତପ୍ରକାର ଦୁର୍ଗନ୍ଧକୁ ହରଣ କରୁଥିବା ଏହି ଚନ୍ଦନ ବୃକ୍ଷ ସର୍ବରୋଗ ନାଶକ ଅଟେ । ଏହା ପିତ୍ତ ବିକାର, ଭ୍ରମ, ବାନ୍ତି, ଜ୍ୱର, ତୃଷ୍ଣା, ଦାହ, କୃମି, ମୁଖରୋଗ, ରକ୍ତପିତ୍ତ, ପାଣ୍ଡୁ, ଶ୍ୱାସ, କାଶ ପ୍ରଶାମକ ଅଟେ । ଚନ୍ଦନ ବୃକ୍ଷର ଉତ୍ପତ୍ତି ସମ୍ବନ୍ଧରେ ପୌରାଣିକ ତଥ୍ୟରୁ ପ୍ରମାଣ ମିଳେ ଯେ, ପୁରୁଷୋତ୍ତମ ନୀଳମାଧବ ରୂପେ ୮୪ ଅଙ୍ଗୁଳ ବିଶିଷ୍ଟ ଇନ୍ଦ୍ରନୀଳମଣି ପ୍ରତିମାରୂପେ କୃଷ୍ଣାଗୁରୁ ବୃକ୍ଷମୂଳେ ବିରାଜମାନ କରିଥିଲେ ।

ଏହି କୃଷ୍ଣାଗୁରୁ ବୃକ୍ଷ ହେଉଛି କଳାରଙ୍ଗର ଚନ୍ଦନବୃକ୍ଷ । ଆୟୁର୍ବେଦ ବିଶେଷଜ୍ଞମାନେ ଏହିବୃକ୍ଷକୁ ହରିଚନ୍ଦନ ବୃକ୍ଷ ବୋଲି କହିଥାନ୍ତି । ଚନ୍ଦନ ଓ ଚକାଡୋଳା ପରସ୍ପର ପରିପୂରକ । ବର୍ଷସାରା ଠିନିଠାକୁରଙ୍କୁ ଚନ୍ଦନଚର୍ଚ୍ଚିତ କରାଯାଏ । ବିଶେଷ କରି ଅକ୍ଷୟ ତୃତୀୟାଠାରୁ ବେଶି ଚନ୍ଦନ ଲାଗି ହୋଇଥାନ୍ତି । ଚନ୍ଦନ ଶ୍ରୀଜଗନ୍ନାଥଙ୍କର କୃଷ୍ଣଶରୀରକୁ ଅଧିକ ଶୁଦ୍ଧପୂତ କରିଥାଏ । ଏବେ ବି ଶ୍ରୀମନ୍ଦିରରେ ଚନ୍ଦନ ଗୃହ ରହିଛି । ସେହି ଗୃହରେ କୃଷ୍ଣାଗୁରୁ ବୃକ୍ଷ ଥିଲା । ସେହିଠାରୁ ଆଜି ପର୍ଯ୍ୟନ୍ତ ଧୂପ ଆରତି ଅବକାଶ ପାଇଁ ଚନ୍ଦନ ଘଟୁଆରୀ ଯୋଗାଇ ଆସୁଛନ୍ତି । ଅଣସର ପିଣ୍ଡିରେ ଚନ୍ଦନ ଶ୍ରୀମୁଖପ୍ରକ୍ଷାଳନରେ ଚନ୍ଦନ କନକ ଲାଗିଲେ ଚନ୍ଦନ ଓ ସର୍ବଦା ଶ୍ରୀଜଗନ୍ନାଥଙ୍କୁ ଚନ୍ଦନଚର୍ଚ୍ଚିତ କଳେବରର ଅଙ୍ଗପ୍ରତ୍ୟଙ୍ଗ ଗୁଡିକ ସୁଗନ୍ଧିଯୁକ୍ତ କରିବା ପାଇଁ ପୁଷ୍ପାଳକମାନେ ଶ୍ରୀମନ୍ଦିରରେ ଯଥାସମ୍ଭବ ଯତ୍ନବାନ୍ ହୋଇଥାନ୍ତି । ଆୟୁର୍ବେଦରେ ଶ୍ରୀଚନ୍ଦନ, ଶ୍ରୀଖଣ୍ଡଚନ୍ଦନ, ହରିଚନ୍ଦନ, ରକ୍ତଚନ୍ଦନ, କୃଷ୍ଣଗୁରୁ ଚନ୍ଦନ ଆୟୁର୍ବେଦ ଔଷଧ ନିର୍ମାଣ ପାଇଁ ଯେତେକ ଉପଯୋଗୀ ହୋଇଥାଏ, ଶ୍ରୀଜଗନ୍ନାଥଙ୍କ ଉପାସନା ପାଇଁ ମଧ୍ୟ ସେତିକି ଉପଯୋଗୀ ହୋଇଥାଏ । ସଂସ୍କୃତିର ପ୍ରତୀକ ତୁଳସୀ ଶ୍ରୀମନ୍ଦିରରେ ବ୍ୟବହୃତ ହେଉଥିବା ଏକ ପ୍ରଧାନ ଦ୍ରବ୍ୟ । ଏହା ମହାପ୍ରଭୁଙ୍କ ତିନିବାଡରେ ଦିନର ସବୁ ସମୟରେ ଲାଗିହୋଇଥାଏ । ଶ୍ରୀଜଗନ୍ନାଥଙ୍କ ଛଡା ତୁଳସୀ ସେବକ, ସୁଆର କିମ୍ବା ସାଧାରଣ ଭକ୍ତଙ୍କ ପାଇଁ ଏକ ଅମୂଲ୍ୟ ପଦାର୍ଥ । ଦ୍ରବ୍ୟଗୁଣ ଦୃଷ୍ଟିରୁ ତୁଳସୀ ବହୁ ହିତକାରୀ ଓ ବହୁରୋଗ ଆଶ୍ଚର୍ଯ୍ୟଜନକ ଭାବେ ଆରୋଗ୍ୟ କରିଥାଏ । ଆୟୁର୍ବେଦ ଔଷଧ ସହିତ ଏହା ଅନୁପାନରୂପେ ବ୍ୟବହୃତ ହୋଇଥାଏ । ଦ୍ୱାପର ଯୁଗରେ ସତୀ ତୁଳସୀର ଅଭିଶାପ ଥିଲା ତୁଳସୀ ଶ୍ରୀକୃଷ୍ଣଙ୍କର ମୁଣ୍ଡଉପରେ ରହିବା ପାଇଁ ତେଣୁ ଏ ଯୁଗରେ ତୁଳସୀ ଶ୍ରୀଜଗନ୍ନାଥଙ୍କର ଶିରମଣ୍ଡନ କରିବା ସହିତ ଭୋଗରେ ଲାଗି ହୋଇଥାଏ ।

ସ୍ୱଦେଶୀ ଚିକିତ୍ସା ପଦ୍ଧତି ଆୟୁର୍ବେଦର ମୌଳିକ ଉପାଦାନ ନିମ୍ବ, ତୁଳସୀ, ହରିଡା, ବାହାଡା, ଅଁଳା, କର୍ପୁର, ଚନ୍ଦନ ଓ ଜାଇଫଳ ବୃକ୍ଷ ସହ ଶ୍ରୀଜଗନ୍ନାଥ ନିଜକୁ ଯେପରିଭାବରେ ସମ୍ପୃକ୍ତ କରିଛନ୍ତି ତାହା ଚିକିତ୍ସା ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ ଏକ ସୁନ୍ଦର ସେତୁ ନିର୍ମାଣ କରେ ।

ଓଡିଶା ଆୟୁର୍ବେଦ ସେବା ସଦନ,
ଓ.ଏମ୍.ପି. ମାର୍କେଟ୍ କମ୍ପ୍ଲେକ୍ସ,
ଓ.ଏମ୍.ପି. ଛକ, କଟକ ।



# କେରଡ଼ାଗଡର ଶ୍ରୀଜଗନ୍ନାଥ

ଶ୍ରୀ ଅଜୟଧର ପଣ୍ଡା

ପୁଣ୍ୟଧାମ ଉତ୍କଳ ପୀଠରେ ଶ୍ରୀକ୍ଷେତ୍ର ବ୍ୟତୀତ ଅସଂଖ୍ୟ ଜଗନ୍ନାଥ ମନ୍ଦିର କେଉଁ ଅବଧିକାଳରୁ ବିଭିନ୍ନ ସ୍ଥାନରେ ଐତିହାସିକ ମର୍ଯ୍ୟାଦା ନେଇ ଶୋଭା ପାଇ ଆସୁଅଛି ତା'ର କଳନା ନାହିଁ । ଏହି ମନ୍ଦିରମାନଙ୍କରେ ବିରାଜିତ ଦେବତା ଶ୍ରୀଜଗନ୍ନାଥ ବିଭିନ୍ନ ରୂପରେ ବିଭିନ୍ନ ନାମରେ ପୂଜିତ । ଏହି ମନ୍ଦିରମାନଙ୍କ ମଧ୍ୟରେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ କେରଡାଗଡ ଗ୍ରାମରେ ଶ୍ରୀଜଗନ୍ନାଥ ମନ୍ଦିର ଅନ୍ୟତମ, ଯହିଁରେ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ । ଏଥିରେ ପ୍ରଥମେ ଜଗନ୍ନାଥ ଦଧିବାମନ ରୂପରେ ପୂଜା ପାଉଥିଲେ । ସ୍ଥାନଟି ଗୁପ୍ତ ଶ୍ରୀକ୍ଷେତ୍ର ନାମରେ ଅଭିହିତ । ପୁରୀର ଶ୍ରୀକ୍ଷେତ୍ର ଭଳି ଏହି ଗୁପ୍ତ ଶ୍ରୀକ୍ଷେତ୍ରର ଅବଧିକାଳ ଦୀର୍ଘ ସାତଶହ ବର୍ଷରୁ ଅଧିକ ।

ଏହି ମନ୍ଦିରଟି ସାତଶହ ବର୍ଷ ପୂର୍ବେ ନାଗବଂଶର ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଏହି ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିକୁ ଦଧିବାମନ ନାମରେ ପ୍ରତିଷ୍ଠା କରି ସେବା ପୂଜାର ବିଧି ବିଧାନ ଖଞ୍ଜାଯାଇଥିଲା । ନାଗବଂଶର ରାଜାମାନେ ଦୀର୍ଘ ଚାରିଶହ ବର୍ଷ ରାଜୁତି କରିଥିଲେ । ଛତିଶଗଡ ବିଶିଷ୍ଟ ଓଡିଶାର ବିଭିନ୍ନ ଗଡରେ ସେତେବେଳେ ରାଜାମାନେ ରାଜତ୍ୱ କରୁଥିଲେ । ନାଗବଂଶର ରାଜାମାନେ ଏହି କେରଡାଗଡରେ ରାଜତ୍ୱ କରୁଥିଲେ । ସେହି ସମୟରେ କନିକାର ରାଜା ରାଜପୁରୁଷ ଭୁଜବଳ ଭଞ୍ଜଙ୍କର କେରଡାଗଡ ଉପରେ ଦୃଷ୍ଟି ପଡିଲା । ଏହାକୁ ଜୟ କରିବା ନିମନ୍ତେ ସୈନ୍ୟ ସାମନ୍ତ ଧରି ଯୁଦ୍ଧଯାତ୍ରା କରିଥିଲେ । କେରଡାଗଡର ଏକ ମାଇଲ ଦୂରରେ ବ୍ରାହ୍ମଣୀ ନଦୀ ତଟରେ ଡେରା ପକାଇଥିଲେ । ଶେଷରେ ଘୋର ଯୁଦ୍ଧରେ ଜୟଯୁକ୍ତ ହେଲେ ଓ ନାଗବଂଶ ରାଜାଙ୍କ କର୍ତ୍ତୃତ୍ୱ କେରଡାଗଡ ଉପରୁ ସବୁଦିନ ପାଇଁ ଲୋପ ହେଲା ।

କେରଡାଗଡ ଜୟ କରି ସାରିଲା ପରେ ସେଠିକାର ଜଗନ୍ନାଥ ମନ୍ଦିରକୁ ହାତକୁ ନେଇ ଯଥାରୀତି ପୂଜାର୍ଚ୍ଚନା ଚାଲିବାର ବନ୍ଦୋବସ୍ତ କରିଥିଲେ । ଦେଉଳର ଯିଏଁ ଶ୍ରୀଜଗନ୍ନାଥ ଦଧିବାମନ ରୂପରେ ଗୋଟିକିଆ ବିଗ୍ରହ ରୂପେ ପୂଜା ପାଉଥିଲେ । ରାଜପୁରୁଷ ଭୁଜବଳ ଭଞ୍ଜଦେଓ ଦେଉଳର ବେଢା ଇତ୍ୟାଦି ନିର୍ମାଣ କରାଇ ସାରିବା ପରେ ତାଙ୍କ ମନରେ ଅସନ୍ତୋଷ ସୃଷ୍ଟି ହେଲା । କାରଣ ଗୋଟିକିଆ ବିଗ୍ରହ ସର୍ବଦା ଭୀମ ଭୟଙ୍କର ରୂପ ପ୍ରକାଶ କରୁଥିଲେ । ରାଜା ଚିନ୍ତାକଲେ ଏତେବଡ ମନ୍ଦିରରେ ଏତେ ଛୋଟ ମୂର୍ତ୍ତି ଶୋଭା ପାଉନାହିଁ । ପୁନଶ୍ଚ ଉକ୍ତ ମୂର୍ତ୍ତିଙ୍କୁ ପୂଜା କରି ସଦା ସର୍ବଦା ଅଯଥାରେ ତାଙ୍କ କୋପ ଭାଜନ ହେବାକୁ ପୂଜକମାନେ ଭୟ କରୁଛନ୍ତି । କି ଉପାୟରେ ଉକ୍ତ ମନ୍ଦିରରେ ଶ୍ରୀଜଗନ୍ନାଥ ବିଗ୍ରହଙ୍କର ବଡମୂର୍ତ୍ତି ସ୍ଥାପନ କରିବେ ବୋଲି ସଦା ସର୍ବଦା ଭାବିଥାନ୍ତି ।

ଭଗବାନ ଭାବଗ୍ରାହୀ । ଭକ୍ତ ଭୁଜବଳ ଭଞ୍ଜଦେଓଙ୍କ ମନ ବିଷାଦର କାରଣ ଜାଣିପାରି ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ଏକ ବ୍ରାହ୍ମଣ ବେଶରେ ଯାଇ ରାଜାଙ୍କୁ ଜଣାଇଲେ ଯେ ପଟ୍ଟାମୁଣ୍ଡାଇଠାରୁ ମାତ୍ର ଚାରି କିଲୋମିଟର ଦୂର କଖାରୁଣୀ ଗ୍ରାମରେ ଶ୍ରୀଜଗନ୍ନାଥଙ୍କର ଏକ ବିରାଟ ମୂର୍ତ୍ତି ବିରାଜମାନ କରିଛନ୍ତି ଓ ତାଙ୍କର ସେବା, ପୂଜା, ଅର୍ଚ୍ଚନା ଯଥାବିଧି ଚାଲିଛି । ଖବର ପାଇବା ମାତ୍ରେ କାଳବିଳମ୍ବ ନକରି ଭକ୍ତ ରାଜପୁରୁଷ ଭୁଜବଳ ଭଞ୍ଜଦେଓ ନିଜେ ଘୋଡାରେ ଯାଇ କଖାରୁଣୀ ଗ୍ରାମରେ ପହଞ୍ଚିଲେ । ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଦେଖି ସେ ତନ୍ମୟ ହୋଇଗଲେ । କିପରି ଉକ୍ତ ବିଗ୍ରହଙ୍କୁ କେରଡାଗଡ ମନ୍ଦିରକୁ ନେବେ, ଚିନ୍ତା କରି ମନେମନେ ପ୍ରଭୁଙ୍କ ପାଦରେ ନିବେଦନ କରିବାକୁ ଲାଗିଲେ । ଧାରଣା ବ୍ୟତିରେକେ ଏ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ବିଶ୍ୱାସ କରି ରାଜା ନିଜେ ଠାକୁରଙ୍କ ନିକଟରେ ଅଖିଆ ଅପିଆ ଧାରଣା ପଡିଲେ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶ ପାଇଲେ ଯେ ରାଜା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହକୁ ଯଥାସମ୍ଭବ ତାଙ୍କର ଅଭୀଷ୍ଟ ମନ୍ଦିରରେ ନେଇ ସ୍ଥାପନ କରନ୍ତୁ ।

ରାଜା ଏହାଶୁଣି ମହାପ୍ରଭୁଙ୍କୁ ଜଣାଇଲେ "ପ୍ରଭୁ ! ଆପଣଙ୍କ ଏତେବଡ ବିଗ୍ରହ ମୁଁ କିପରି ନେବାକୁ ସମର୍ଥ ହେବି ମୋତେ ଆଦେଶ କରନ୍ତୁ ।" ଠାକୁର କହିଲେ, ଗୋଟିଏ ନୌକାଆଣି ତହିଁରେ ବାଇଶିଟି ହାଲିସା ଲଗାଇ ବାଇଶି ଜଣ ଲୋକ ସହ ଆସି ଅଳଭା ଗ୍ରାମ ପାଖ ବ୍ରାହ୍ମଣୀ ନଦୀ ତଟରେ ରଖିବୁ ଏବଂ ଏକାକୀ ମୋ ନିକଟକୁ ଆସି ରାତିର ଦ୍ୱିତୀୟ ପ୍ରହରରେ ପହଞ୍ଚିବୁ । ମୋତେ ପିଠିରେ ଲାଉ କରିନେଇ ନୌକା ପାଖରେ ପହଞ୍ଚିବୁ । ତା'ପରେ ମୋତେ ନୌକାରେ ବସାଇ ରାତି ପାହିବା ପୂର୍ବରୁ କେରଡାଗଡରେ ପହଞ୍ଚି ଶ୍ରୀମନ୍ଦିରରେ ମୋତେ ପ୍ରତିଷ୍ଠା କରିବୁ । ରାଜା ଭୁଜବଳ ଭଞ୍ଜଙ୍କ ନିଦ୍ରାଭଙ୍ଗ ହେଲା । ମନରେ ଅସରନ୍ତି ଆନନ୍ଦର ଲହରି । ମହାପ୍ରଭୁ ଶ୍ରୀଜଗନ୍ନାଥ କେରଡାଗଡ ଆସିବେ । ପୁନଶ୍ଚ ରାଜାଙ୍କ ପିଠିରେ ବିଜେ ହୋଇ କଖାରୁଣୀରୁ ଅଳଭାପାଖ ନଦୀ ମୁହାଁଣ ଆଉ ନଦୀ ପାରି ହୋଇ ମନ୍ଦିର ପର୍ଯ୍ୟନ୍ତ ଯିବେ । ଏତେ ବଡ ସୌଭାଗ୍ୟ । ନିଜକୁ କୃତ୍ୟକୃତ୍ୟ ମନେ କରି ରାଜା ଫେରି ଆସିଲେ । କେରଡାଗଡକୁ ପ୍ରଭୁଙ୍କ ନିର୍ଦ୍ଦେଶାନୁସାରେ ଯଥାରୀତି ଆୟୋଜନ କରି ବାଇଶି ହାଲିସାଯୁକ୍ତ ବାଇଶି ଜଣ ଲୋକଙ୍କ ସହିତ ନୌକା ବାହି ଯଥାସ୍ଥାନରେ ପହଞ୍ଚିଲେ । ରାଜା ରାତ୍ରର ଦ୍ୱିତୀୟ ପ୍ରହର ବେଳକୁ ବିଗ୍ରହଙ୍କ ନିକଟରେ ଯୋଡହସ୍ତରେ ପହଞ୍ଚିଲା ବେଳକୁ ଦ୍ୱାର ଆପେଆପେ ଖୋଲିଗଲା । ଠାକୁରଙ୍କୁ ନିଜ ପିଠିରେ ବହନ କରି ନୌକାରେ ବସାଇଲେ ।

ରାଜା ଭାବିଥିଲେ ଏତେବଡ ବିଶାଳକାୟ ଠାକୁର । ତାଙ୍କୁ ପିଠିରେ ବୁହାଇ ନୌକା ପର୍ଯ୍ୟନ୍ତ ନେବେ କିପରି ? କିନ୍ତୁ ଶ୍ରୀଜଗନ୍ନାଥ ଭକ୍ତର ମନକଥା ଜାଣି ରାଜାଙ୍କୁ ଖୁବ୍ ହାଲୁକା ବାଳକଟିକୁ ପିଠିରେ ଲାଉକରି ନେଲା ଭଳି ଓଜନ

ଲାଗିଲେ । ଠାକୁରଙ୍କ କଳେବର ରାଜାଙ୍କ ପିଠିରେ ଲାଗିବାମାତ୍ରେ ରାଜା ଅତିଶସ୍ ଆନନ୍ଦରେ ଉଦବେଳିତ ହୋଇ ଉଠିଲେ । ରାତ୍ର ଶେଷହେବାର ଅଳ୍ପ ସମସ୍ ପୂର୍ବରୁ ଠାକୁର କୋରଡାଗଡ ଜଗନ୍ନାଥ ମନ୍ଦିରରେ ପହଞ୍ଚିଲେ । ପୁରୀ ଶ୍ରୀମନ୍ଦିର ପଣ୍ଡିତମାନଙ୍କ ସ୍ୱୀକୃତି ଅନୁଯାଯୀ କେବଳ ଯେ ବିଗ୍ରହଙ୍କର ପ୍ରତିଷ୍ଠା ପର୍ବ ପାଳିତ ହେଲା ତାହା ନୁହେଁ ବରଂ ସବୁଦିନ ପାଇଁ ନୀତି, ପୂଜା, ବିଧି, ପ୍ରସାଦ ବ୍ୟବସ୍ଥା ସାଙ୍ଗକୁ, ବେଶ, ସେବକ, ନିଯୋଗ ଖଞ୍ଜା ହେବାର ସୁବନ୍ଦୋବସ୍ତ ହେଲା । ରାଜପୁରୁଷ ଭୁଜବଳ ଭଞ୍ଜ ନିଜେ ପୁରୀକୁ ଯାଇ ନୀତି, ନିୟମ ଓ ନୀଳାଦ୍ରୀ ମହୋଦସ୍ କାରିକା, ପର୍ବପର୍ବାଣୀ ଓ ଷୋଡଶ ଉପଚାରର କାରିକା ଧରି କେରଡାଗଡରେ ପହଞ୍ଚି ତଦନୁସାରେ ସମସ୍ତ ବନ୍ଦୋବସ୍ତ କରି ନିଜେ ତତ୍ତ୍ୱାବଧାନ କରିବାକୁ ଲାଗିଲେ ।

ତୁଳସୀ ବଗିଚା, କୋଇଲି ବୈକୁଣ୍ଠ, ନୀଳାଦ୍ରୀବିହାର, ଚନ୍ଦନ ପୁଷ୍କରିଣୀ, ଫୁଲ ବଗିଚା, ଫଳ ବଗିଚା, ସ୍ନାନମଣ୍ଡପ ପ୍ରଭୃତି ଯଥାରୀତି ତିଆରି କରାଗଲା । ଶ୍ରୀଜଗନ୍ନାଥଙ୍କ ସେବାପାଇଁ ଶ୍ରୀଜଗନ୍ନାଥପୁର ନାମକ ଏକ ବ୍ରାହ୍ମଣ ଶାସନ ବସାଗଲା । ପଣ୍ଡିତମାନଙ୍କୁ ପଠାଇ ପୁରୀରୁ ତାଲିମ ଦେଇ ପୁରୀ ନିୟମାନୁଯାୟୀ ଠାକୁରଙ୍କ ସେବାପୂଜା ଓ ପର୍ବପର୍ବାଣୀ, ବାରମାସରେ ତେର ପରବର ଆୟୋଜନ ଖଞ୍ଜି ଦିଆଗଲା । ଏହା ଅଦ୍ୟାବଧି ଚାଲିଛି । ବଡପଣ୍ଡାମାନେ ସିଂହାସନରେ ବସି ପୂଜା କରୁଛନ୍ତି । ଦିନିଧୂପ, ପାଞ୍ଚ ଅବକାଶ ନେଇ, ଠାକୁରଙ୍କ ସେବା ଦୀର୍ଘ ସାତଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ଚାଲି ଆସୁଅଛି ।

ରଥଯାତ୍ରା ଉପଲକ୍ଷେ ପ୍ରତିବର୍ଷ ଏଠାରେ ବଡଧରଣର ଆଠଚକ ବିଶିଷ୍ଟ ରଥଟିଏ ହୁଏ । ପୁରୀ ଭଳି ଏହି ଜଗନ୍ନାଥ ଚାହିଆ ପିନ୍ଧି ହଲିହଲି ରଥକୁ ପହଣ୍ଡିବିଜେ କରିଥାନ୍ତି । ଆଖପାଖ ପ୍ରାୟ ପଚାଶ, ଷାଠିଏ ଗ୍ରାମରୁ ଭକ୍ତମାନେ ରଥ ଟାଣିବାକୁ ଆସିଥାନ୍ତି । ମାଉସୀ ମା' ମନ୍ଦିରରେ ନଅଦିନ ଅବସ୍ଥାନ ପରେ ଦଶମୀ ଦିନ ଫେରିଆସନ୍ତି ନିଜ ମନ୍ଦିରକୁ । ଖୁବ୍ ସୁନ୍ଦର ଓ ଓସାରିଆ ଏହି ରଥଦାଣ୍ଡ । ଖୁବ୍ ମନୋରମ ରଥଟଣା ଦୃଶ୍ୟ । ଡାହୁକ ଘୋଡା ଉପରେ ବସି ନିର୍ଦ୍ଦେଶ ଦିଏ । ରଥଟଣା ହୁଏ । ଏହା ବ୍ୟତୀତ ଶ୍ରୀକ୍ଷେତ୍ର ଭଳି ଏଠାରେ ଚନ୍ଦନ ଯାତ୍ରା, ଝୁଲଣ ଯାତ୍ରା, ଦୋଳ ଉତ୍ସବ ଓ ସ୍ନାନ ଉତ୍ସବ ପ୍ରଭୃତି ବଡ ସମାରୋହରେ ପାଳିତ ହୁଏ ।

୧୯୬୯ ମସିହାରେ ଠାକୁରଙ୍କ ନବକଳେବର ପାଇଁ ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ ସ୍ୱପ୍ନାଦିଷ୍ଟ ହେବାରୁ ବେଲପାଳ ଗ୍ରାମରେ ଦାରୁର ସନ୍ଧାନ ମିଳିଥିଲା । ଏହି ଦାରୁକୁ କଟାଯାଇ କେରଡାଗଡ ମନ୍ଦିରରେ ରଖାଯାଇଥିଲା । କିନ୍ତୁ ସେବର୍ଷ ନବକଳେବର କାର୍ଯ୍ୟ ହୋଇ ନ ପାରିବାରୁ ୧୯୭୭ ମସିହାରେ ଏହା ଠିକ୍ ପୁରୀ ଢାଞ୍ଚାରେ ସମ୍ପୂର୍ଣ୍ଣ ହୋଇଥିଲା । ଶ୍ରୀଜୀଉଙ୍କ ସ୍ଥାପନର ଦୀର୍ଘ ସାତଶହ ବର୍ଷ ପରେ ଏହି ନବକଳେବର କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।

କେରଡାଗଡ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଯେଉଁଠି ବିରାଜମାନ, ତାହା ଗୁପ୍ତ କ୍ଷେତ୍ର ନାମରେ ଅଭିହିତ । ସାଧୁ ସନ୍ଥମାନଙ୍କର ଆଗମନ ସାଙ୍ଗକୁ ଚତୁର୍ମାସ୍ୟା ବ୍ରତ ଉଦ୍ଦେଶ୍ୟରେ ଓଟ, ହାତୀ, ଘୋଡା ନେଇ ଆସି ଏହି ମନ୍ଦିରରେ ରହୁଥିଲେ । ସାଧୁ, ସନ୍ଥ ଅତିଥି ଓ ଚାତୁର୍ମାସ୍ୟ ବ୍ରତ ନିମନ୍ତେ ଆସିଥିବା ଲୋକମାନଙ୍କର ତତ୍ତ୍ୱାବଧାନ ରାଜା ନିଜେ କରୁଥିଲେ । ଏବେ ମଧ୍ୟ ଏହି ପ୍ରଥା ରହିଛି । ଏହା ଏକ ପୁଣ୍ୟପୀଠ ରୂପେ ବିଦ୍ୟମାନ । ମନ୍ଦିର ସାମ୍ନାରେ ଗୋଟିଏ ଯଜ୍ଞ ବଗିଚା ଅଛି । ଏହି ବଗିଚାରେ ସାଧୁ ସନ୍ଥମାନେ ଆସି ଯଜ୍ଞ କରୁଥିଲେ ଓ ଧୂନି ଜାଳୁଥିଲେ । ଓଁକାର ଶବ୍ଦ ସାଙ୍ଗକୁ ଘୃତାହୁତିର ସୁରଭ ସ୍ଥାନକୁ ପୂତମସ୍ କରିଥାଏ ।


ଏହି ମନ୍ଦିରର ଚତୁଃପାର୍ଶ୍ୱରେ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ବିରାଜମାନ । ଉତ୍ତର ଦିଗରେ ବଳିବାମନ ମୂର୍ତ୍ତି, ଶୈଳେଶ୍ୱର ମହାଦେବ, ଜଟାଧାରିଣୀ, ଦେବସ୍ନାନ ମଣ୍ଡପ, ଦକ୍ଷିଣ ଦିଗରେ ବରାହ ମୂର୍ତ୍ତି, ବୃନ୍ଦାବତୀ ଓ ଦଶାବତାର ମୂର୍ତ୍ତି, ପୂର୍ବ ଦିଗରେ ଠିକ୍ ମନ୍ଦିର ସାମ୍ନାରେ ଗରୁଡସ୍ତମ୍ଭ, ଭେଟମଣ୍ଡପ, ପଶ୍ଚିମ ପଟେ ଚନ୍ଦନ ପୁଷ୍କରିଣୀ ବିଦ୍ୟମାନ । ଠାକୁରଙ୍କ ବାମପଟେ ଦଶଭୁଜା ମୂର୍ତ୍ତି ବିମଳା ରୂପେ ବିରାଜିତ । ମନ୍ଦିର ତିନିଭାଗରେ ବିଭକ୍ତ - ମୁଖଶାଳା, ନାଟମନ୍ଦିର ଓ ଗର୍ଭଗୃହ ଏବଂ ମନ୍ଦିର ଭିତରେ ଥିବା ଅସଂଖ୍ୟ ମୂର୍ତ୍ତି ମଧ୍ୟରୁ ଦଧିବାମନ, ଅଧିକାରୀ, ମଦନମୋହନ, ଦୋଳଗୋବିନ୍ଦ, ନୀଳମାଧବ, ରାମଲକ୍ଷ୍ମଣ, ସୀତା ଓ ହନୁମାନ ଓ ଶାଳଗ୍ରାମ ପ୍ରସିଦ୍ଧ ଅଟନ୍ତି । ମନ୍ଦିରର ପୂର୍ବପଟରେ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀ ପ୍ରବାହିତ, ଯାହାର ତରଙ୍ଗ ହିଲ୍ଲୋଳରେ ଦୋଳାୟିତ ହୁଏ ମନ୍ଦିର ଶିଖର ଶୋଭା ପାଉଥିବା ପତିତପାବନ ବାନା । ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀମନ୍ଦିର ଜୀଉମାନଙ୍କର ବର୍ଷସାରା ଯେଉଁଯେଉଁ ବେଶମାନ ହୋଇଥାଏ ଠିକ୍ ସେହି ଢାଞ୍ଚାରେ ଚନ୍ଦନ ଲାଗି ବେଶ, ଗଣେଶ ବା ହାତୀବେଶ, ବନଭୋଜୀ ବେଶ, କାଳୀୟଦଳନ ବେଶ, ରାଜାବେଶ, ରାଧାଦାମୋଦରବେଶ ଓ ଚାଚେରୀ ବେଶ ପ୍ରଭୃତି ହୋଇଥାଏ ।

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କର ବାରମାସରେ ତେରଯାତ୍ରା ପାଳିତ ହେଲାଭଳି କେରଡାଗଡ ଶ୍ରୀଜଗନ୍ନାଥଙ୍କର ଅଶେଷ ଯାତ୍ରାମାନ ପାଳନ କରାଯାଇଥାଏ । ବୈଶାଖ ଶୁକ୍ଳ ଅଷ୍ଟମୀରେ ନୀଳାଦ୍ରୀ ମହୋଦସ୍ ଯାତ୍ରା, ଜ୍ୟେଷ୍ଠ ପୂର୍ଣ୍ଣମୀ ଦିନ ସ୍ନାହାନ ଯାତ୍ରା, ଆଷାଢ ଶୁକ୍ଳ ଦ୍ୱିତୀୟାରେ ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡା ଏକାଦଶୀ ଦିନ ଶ୍ରୀ ହରିଶୟନୋତ୍ସବ, କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଉତ୍ଥାପନ ଯାତ୍ରା, ପୌଷ ପୂର୍ଣ୍ଣମୀ ଦିନ ପୁଷ୍ୟାଭିଷେକ, ବାସନ୍ତିକ ଦୋଳଉତ୍ସବ ଓ ଅକ୍ଷୟ ତୃତୀୟାଠାରୁ ଚନ୍ଦନଯାତ୍ରା ଆରମ୍ଭ ହୋଇଥାଏ ।

ପ୍ରତିଦିନ ବିଗ୍ରହଙ୍କ ପାଖରେ ତିନିଧୂପ, ପଞ୍ଚ ଅବକାଶ ସାଙ୍ଗକୁ ସନ୍ଧ୍ୟା ଧୂପରେ ମଣୋହି ହେଉଥିବା ପୁର କାକରା ବଡ ପ୍ରସିଦ୍ଧ । ଏହି ଭୋଗର ବିଶେଷତ୍ୱ ହେଲା ଏହାର ଆସ୍ୱାଦନତା । ବନିକାରାଜା ନିଜେ ଏହି ପୁରକାକରା ପିଠା ଉପରେ ଖୁବ୍ ନଜର ରଖିଥାନ୍ତି । ସନ୍ଧ୍ୟା ଆଳତି ପରେ ଭକ୍ତିଗୀତ ପରିବେଷଣ କରାଯାଇଥାଏ । ରାତି ମଣୋହି ପରେ ବଡସିଂହାର ବେଶ ହୁଏ ଓ ଛାମୁ ଶୟନ କରନ୍ତି ।

ଏହି ଜଗନ୍ନାଥ ନିଜେ ନିଜେ ରାଜା ଭୁଜବଳ ଭଞ୍ଜଙ୍କ ଦ୍ୱାରା କେରଡାଗଡ ଆନୀତ ହୋଇ ମନ୍ଦିରରେ ବିଜେ ହୋଇଥିବାରୁ ଏହି କେରଡାଗଡର ପବିତ୍ରତା, ଶୁଦ୍ଧତା, ଜଗନ୍ନାଥମସ୍ ବାତାବରଣ ଆଖପାଖ ଶହଶହ ଗ୍ରାମକୁ ପ୍ରଭାବିତ କରୁଛି ଓ କରୁଥିବ ।

ଶାନ୍ତପିଠା ମଠ,
ପୁରୀ ।



# ବରିଷ୍ଠର ଶ୍ରେଷ୍ଠତାରେ କନିଷ୍ଠର ପ୍ରତିଷ୍ଠା

ଡକ୍ଟର ନୀଳକଣ୍ଠ ମିଶ୍ର

ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ତତ୍ତ୍ୱ, ତଥ୍ୟ, ବୈଚିତ୍ର୍ୟ ତଥା ବୈଭବ ଯେତିକି ଗହଘନ, ତା ଠାରୁ ଅଧିକ ଘନୀଭୂତ ରହସ୍ୟମୟ । ଏହି ପଥର ପଥରାଟିକି ଶ୍ରୀଜଗନ୍ନାଥଙ୍କଠାରେ ଯୁଗଯୁଗ ଧରି ଆରୋପିତ ଓ ପ୍ରଲିପ୍ତ ଅନେକ ତତ୍ତ୍ୱର ରଙ୍ଗ ଉଖାରି ମହାପ୍ରଭୁଙ୍କ ଅସଲତତ୍ତ୍ୱଟି ଆବିଷ୍କାର କରିବାର ଆପ୍ରାଣ ପ୍ରଚେଷ୍ଟା କଲାବେଳେ ତାଁର ସୃଷ୍ଟି ଓ ଦୃଷ୍ଟି ଉଭୟ ଧୂମାୟିତ ହୋଇଥାଏ । ଯେତେ ଗବେଷଣା, ଅଧ୍ୟୟନ, ବିଶ୍ଳେଷଣ କଲେ ମଧ୍ୟ ତାଁର ମନେହୁଏ ଯେ ତାଁର ସ୍ଥିତି ଯେମିତି ଏକ ଅପହଞ୍ଚ ଇଲାକାର ଶତକୋଟି ଯୋଜନାରେ ।

ତେବେ ତତ୍ତ୍ୱର ରହସ୍ୟଘନ ଅଛୁଆଁ ସୁତା ଆଡଉ ଆଡଉ ସେ ଅନୁଭବ କରେ ଏହି ମହାଭୂମିର ଅଣୁ ପରମାଣୁରେ ବିଶ୍ୱର ସମସ୍ତ ତୃଷାର୍ତ୍ତ ବେଦନାଗ୍ରସ୍ତ ସ୍ଥାବର ଜଙ୍ଗମ ଆଦି ଅଧିବାସୀମାନଙ୍କ ପାଇଁ ସୁରକ୍ଷିତ ହୋଇ ରହିଥିବା ଆଦ୍ୟ ଆର୍ଦ୍ର ବର୍ଷାର ଏକ ପୁଲକିତ ଶୀତଳତା ।

ସମ୍ବେଦନଶୀଳର ଚନ୍ଦନରେ ଅନୁଗାମୀ ତଥା ଇତରମାନଙ୍କ ପ୍ରତି ଅହେତୁକ କରୁଣାର କସ୍ତୁରୀରେ ସଦା ମୂର୍ଚ୍ଛିତ ଓ ସୁରଭିତ ଶ୍ରୀମନ୍ଦିରର ପରମ୍ପରା ଓ ପ୍ରଚଳିତ ଆଚରଣ । ଜ୍ୟେଷ୍ଠ ଅପେକ୍ଷା କନିଷ୍ଠମାନଙ୍କୁ ପ୍ରତିଷ୍ଠା ଦେଇ ମହାପ୍ରଭୁ ଗରିଷ୍ଠ ମଧ୍ୟରେ ବରିଷ୍ଠ ।

ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରବର ପୁରୁଷୋତ୍ତମର ନାମ ଶ୍ରୀକ୍ଷେତ୍ର । ଏହା ଶ୍ରୀ ବା ଲକ୍ଷ୍ମୀଙ୍କର କ୍ଷେତ୍ର । ନିଜେ ଶ୍ରୀରାମ ଅବତାରରେ ମର୍ଯ୍ୟାଦା ପୁରୁଷୋତ୍ତମ ହେଲେ ମଧ୍ୟ ଏଠି ଏହି ଭୌଗୋଳିକ ଭୂଖଣ୍ଡର ନାମ ପୁରୁଷୋତ୍ତମ କ୍ଷେତ୍ର । ଏଠାରେ ପ୍ରଭୁଙ୍କ ଆବାସସ୍ଥଳୀ ଶ୍ରୀମନ୍ଦିର ମଧ୍ୟ ଶ୍ରୀ (ଲକ୍ଷ୍ମୀ) ଙ୍କର ମନ୍ଦିର । ମନ୍ଦିର ରତ୍ନସିଂହାସନରେ ପ୍ରତିଷ୍ଠିତ ସପ୍ତାବରଣ ଉପାସନା ମଧ୍ୟରୁ ଅଗ୍ର ଉପାସ୍ୟ ବଳଭଦ୍ର । ସେ ପୁଣି ବଡଠାକୁର । ଯଦିଓ ଭାଗବତ ବର୍ଣ୍ଣନା ଅନୁଯାୟୀ ସେ ମହାପ୍ରଭୁଙ୍କର ଅନନ୍ତ ଶଯ୍ୟା ।

ଶ୍ରୀଜଗନ୍ନାଥଙ୍କର ଆଦ୍ୟ ସେବକ ସ୍ୱୟଂ ଗଜପତି । କିନ୍ତୁ ବରିଷ୍ଠତମ ଶ୍ରୀଜଗନ୍ନାଥଙ୍କ ସେବାରେ ଶ୍ରୀମ[illegible]ର [illegible]ସର ଭିତରେ ଭିତରଛ ମହାପାତ୍ର (ସମ୍ଭବତଃ ଭିତରସ୍ଥ ଶବ୍ଦର ଅ[illegible]ଭ୍ରଂଶ) । ସେବା ନୀତି ଅନୁଯାୟୀ ଭିତରଛ ମହାପାତ୍ର ସିଂହଦ୍ୱାର ନିକଟସ୍ଥ ଜଳଘଡି ଦେଖି (ଏବେ କଳଘଡି ଦେଖି) ସିଂହଦ୍ୱାର ଖୋଲିବାକୁ ପ୍ରତିହାରୀଙ୍କୁ ନିର୍ଦ୍ଦେଶ ଦିଅନ୍ତି । ଭିତରଛ ମହାପାତ୍ର ବ୍ରାହ୍ମ ମୁହୂର୍ତ୍ତରେ ଆସିଲେ ସିଂହଦ୍ୱାର ଖୋଲାହୁଏ । ଅବଶ୍ୟ ତାଁ ପୂର୍ବରୁ ମନ୍ଦିର ପରିଷ୍କାର କରିବା ପାଇଁ ଆବଶ୍ୟକ ହେଲେ ସିଂହଦ୍ୱାରରେ ସଂଯୁକ୍ତ ଚୋରାଦ୍ୱାର ଖୋଲାଯାଇ ସଫେଇଟିକାରମାନେ ଯିବା ଆସିବା କରିଥାନ୍ତି । ସିଂହଦ୍ୱାର ଗୁମୁଟ ଭିତରେ ଶ୍ରୀ ଶ୍ରୀ ପତିତପାବନ । ରତ୍ନସିଂହାସନରେ ଶ୍ରୀ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ । ପୁରୁଷୋତ୍ତମ ହେବାପାଇଁ ମଣିଷର ଆପ୍ରାଣ ଚେଷ୍ଟା । ପତିତରୁ ପତିତପାବନ ହେବା ପାଇଁ ସାଧନାର ବାଇଶି ପାବଚ୍ଛ ଡେଇଁ କୂର୍ମ ବେଢା (କୂର୍ମ ଭଳି ସବୁ କାମନା ବାସନାକୁ ଆମ୍ଭେ କରିବାର ପ୍ରତୀକ) ଡେଇଁ ପୁରୁଷୋତ୍ତମଙ୍କ ପାଖେ ପହଞ୍ଚିବା ଦରକାର । ତେବେ ଏଭଳି ସାଧକଙ୍କ ସଂଖ୍ୟା ଅତି ନଗଣ୍ୟ । ବଡଦାଣ୍ଡରେ ବହୁ ହାଫିଜ୍ କାଦାର୍, ସାଲବେଗମାନଙ୍କୁ ପତିତର ନିର୍ମୋକ ଭିତରୁ ମୁକ୍ତି ଦେବା ପାଇଁ ପରମ ପାବନ ରଥଯାତ୍ରାର ସୃଷ୍ଟି । ରତ୍ନ ସିଂହାସନ, ଛପନକୋଟି ଭୋଗର ଐଶ୍ୱର୍ଯ୍ୟ ଲୀଳା ଛାଡି ପତିତତାରଣ ପାଇଁ ଗୁମୁଟ ଭିତରେ ସେ ପତିତପାବନଭାବେ ବିରାଜିତ । ଏହାହିଁ ତାଙ୍କର ବୈଶିଷ୍ଟ୍ୟ ।

ବ୍ରାହ୍ମ ମୁହୂର୍ତ୍ତରେ ଭିତରଛୁ ମହାପାତ୍ର ମଙ୍ଗଳାଙ୍କ ଆଗ ସାମ୍ନାରେ ଥିବା ପଞ୍ଚା ଦୁଆର ଦେଇ ଜଗମୋହନ ଶେଷରେ ଥିବା ଜୟବିଜୟ ଦ୍ୱାର ପାଖକୁ ଅଖଣ୍ଡ, ଖୁଣ୍ଟିଆ, ପ୍ରତିହାରୀ, ଭଣ୍ଡାର ମେକାପ, ମୁଦୁଲି ଆଦିଙ୍କ ସହିତ ଯାଆନ୍ତି । ଜୟବିଜୟ ଦ୍ୱାରରେ ପୂର୍ବରାତିରେ ପଡିଥିବା କୋଲପ ଉପରେ ବନମାଟିରେ ରାଧାକୃଷ୍ଣ ଛାପ ଅବିକୃତ ଥିବାର ମୁଦୁଲି ଦେଖାଇବା ପରେ ଭିତରଛ ମହାପାତ୍ରଙ୍କ ସମ୍ମତିରେ ପ୍ରତିହାରୀ ଜୟବିଜୟ ଦ୍ୱାର ଖୋଲି ଦିଅନ୍ତି । ଏହି ସମୟରେ ଜଗମୋହନରେ ମହାପ୍ରଭୁଙ୍କୁ ଶୟନରୁ ଜଗାଇବା ପାଇଁ ବ୍ରାହ୍ମ ମୁହୂର୍ତ୍ତରୁ ଆଳତିର ବାଜା ବାଜୁଥାଏ । ଲୋକ ବିଶ୍ୱାସରେ ପ୍ରଥମ ବାଜା ଦେବାଧିଦେବ ଶ୍ରୀଜଗନ୍ନାଥଙ୍କୁ ନିଦ୍ରାଭଙ୍ଗ କରି ଦର୍ଶନ ପାଇବାକୁ ଦେବତାମାନେ ବଜାଇଥାଆନ୍ତି । ମାତ୍ର ଦେବତାମାନଙ୍କର ଏଇ ଅଭିଳାଷ ପ୍ରଭୁଙ୍କୁ ଜାଗ୍ରତ କରିପାରେ ନାହିଁ । ଏହାପରେ ଦ୍ୱିତୀୟ ବାଜା ବାଜେ । ବିଭିନ୍ନ ଯୁଗରେ ମା ଦେବହୂତି, କୌଶଲ୍ୟା, ଦେବକୀ, ଯଶୋମତୀ ପ୍ରଭୃତିଙ୍କ ଅଲିଅଳୀ ବଳା ବିଶ୍ୱବ୍ରହ୍ମାଣ୍ଡ ନାଥଙ୍କୁ ନିଦ୍ରାରୁ ଜାଗ୍ରତ କରିବା ପାଇଁ ଏଇ ଦ୍ୱିତୀୟ ବାଜାର ଅଭିବ୍ୟକ୍ତି । ପ୍ରଭୁଙ୍କର ଏଥିରେ ନିଦ୍ରାଭଙ୍ଗ ହେଲେ ମଧ୍ୟ ଆଳସ୍ୟ ବଶରେ ପ୍ରଭୁ ଶଯ୍ୟାତ୍ୟାଗ କରନ୍ତି ନାହିଁ ।

ଭିତରଛ ମହାପାତ୍ର, ଭଣ୍ଡାର ମେକାପ, ଖୁଣ୍ଟିଆ, ପ୍ରତିହାରୀ, ଅଖଣ୍ଡ ମୁଦୁଲି ଆଦି ସେବକ ଏଇ ସମୟରେ ଜୟବିଜୟ ଦ୍ୱାର ଖୋଲି ଅଣସର ପିଣ୍ଡି ଦେଇ

କଳାହାଟ ଦ୍ୱାର ପାଖକୁ ଯାଆନ୍ତି । କଳାହାଟ ଦ୍ୱାର ବାଡି ପଡେ ନାହିଁ । କଳାହାଟ ଦ୍ୱାର ପାଖରେ ଖୁଣ୍ଟିଆ ପ୍ରଭୁଙ୍କୁ ନିଦ୍ରାରୁ ଉଠାଇବା ପାଇଁ ଯୋଡ ହସ୍ତରେ ଡାକ ଦିଅନ୍ତି ।

"ଦେବାଧି ଦେବେଶ୍ୱର ଠାକୁର ମହିମା
ମହିମା ହେ ମହିମା
ରାଜାଧିରାଜରାଜେଶ୍ୱର ଠାକୁର ମହିମା
ଅଖିଳ କୋଟି ବ୍ରହ୍ମାଣ୍ଡେଶ୍ୱର ଠାକୁର ମହିମା
ତ୍ରୈଲୋକ୍ୟନାଥ ଠାକୁର ମହିମା
ମହିମା ଗୋସାଇଁ ମହିମା
ମହିମା ଶ୍ରୀଅଙ୍ଗକୁ ସାବଧାନ ମହିମା ।

ଏହିପରି ମହିମାଙ୍କୁ ଅବଧାନ କରାଇ କଳାହାଟ ଦ୍ୱାର ଖୋଲି ଭିତରଛ ମହାପାତ୍ର, ଅଖଣ୍ଡ ମେକାପ, ଖୁଣ୍ଟିଆ, ଭଣ୍ଡାର ମେକାପ, ପୁଷ୍ପାଳକ, ଗରାବଡୁ ଗର୍ଭଗୃହ ଭିତରକୁ ଯାଆନ୍ତି । ଖୁଣ୍ଟିଆ ସିଂହାସନ ତଳେ ରହି ସିଂହାସନ ଉପରେ ପଡିଥିବା ଫୁଲକୁ ସଂଗ୍ରହ କଲାବେଳେ ଭିତରଛ ମହାପାତ୍ର ଓ ପୁଷ୍ପାଳକମାନେ ସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀଅଙ୍ଗରୁ ଖସି ଆସିଥିବା ମାଳଫୁଲକୁ ସଜାଡି ଦିଅନ୍ତି । ଅଖଣ୍ଡ ପ୍ରଦୀପ ଜାଳି ଗର୍ଭଗୃହକୁ ଆଲୋକିତ କଲାବେଳେ ଭଣ୍ଡାର ମେକାପ ଶ୍ରୀଅଙ୍ଗରେ ଲାଗିଥିବା ସୁନାରୂପାର ଆଭୂଷଣ ଠିକ୍ ଅଛି ନା ନାହିଁ ମଣଡି କରନ୍ତି । ପାଳିଆ ମେକାପ ମଙ୍ଗଳ ଆଳତି ବେଳେ କର୍ପୁର ଆଳତି ସଜାଡିବା ସେବା କରନ୍ତି ।

ଏହି କାର୍ଯ୍ୟ ଗର୍ଭଗୃହରେ ଚାଲିଥିବାବେଳେ ବାହାରେ ଜଗମୋହନରେ ତୃତୀୟ ବାଜା ବାଜେ । ଲୋକ ବିଶ୍ୱାସରେ ସମାଗତ ଭକ୍ତ ଜଗନ୍ନାଥଙ୍କୁ ନିଦ୍ରାରୁ ଉଠାଇବାର ଏହା ଏକ ଅଭିବ୍ୟକ୍ତି ! ସେଥିପାଇଁ ଭଗବାନଙ୍କ ନାମ ଧରି ଜୟଗୋବିନ୍ଦ, ଜୟଗୋପାଳ, ଜୟଦେବ ପ୍ରଭୁ ନନ୍ଦଲାଲ ଧ୍ୱନିରେ ଗର୍ଭଗୃହ ଦରଜା ଖୋଲିବା ପର୍ଯ୍ୟନ୍ତ ଭକ୍ତମାନେ ପ୍ରାର୍ଥନା କରିଚାଲିଥାନ୍ତି । ଦେବାଧିଦେବରାଜ ଅମରଗଣଙ୍କ ପ୍ରାର୍ଥନା, ମା'ଙ୍କ ସ୍ନେହମିଶା ତାଡନାକୁ ଟାଳାଇଦେଲେ ମଧ୍ୟ ଭକ୍ତମାନଙ୍କ ପ୍ରାର୍ଥନାକୁ ଅସ୍ୱୀକାର କରି ପାରନ୍ତି ନାହିଁ ।

ଗର୍ଭଗୃହ ଭିତରେ ପୂଜାପଣ୍ଡା ପୁଷ୍ପାଳକ (ସିଂହାରୀକର ଆଦି ସାଙ୍ଗିଆ ବିଶିଷ୍ଟ ସେବକ) ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଛୁଇଁ ସେବାକଲେ ମଧ୍ୟ ପ୍ରତିହାରୀ (ଇନ୍ଦ୍ରଙ୍କ ସେବା ବା ଦ୍ୱାରପାଳ ସେବା । କାରଣ ଦେବରାଜ ଇନ୍ଦ୍ର ଶ୍ରୀଜଗନ୍ନାଥଙ୍କ ଦ୍ୱାରରେ ଦ୍ୱାରପାଳ), ମୁଦିରଥ (ସମ୍ଭବତଃ ମୁଦ୍ରାହସ୍ତ ଶବ୍ଦର ଅପଭ୍ରଂଶ), ଖୁଣ୍ଟିଆ, ପତିମହାପାତ୍ର ଆଦି ସେବକମାନେ କେତେକ ନିର୍ଦ୍ଦିଷ୍ଟ ତିଥି, ନୀତି ତଥା ସେବା ସମୟରେ ଠାକୁରମାନଙ୍କ ଶ୍ରୀଅଙ୍ଗ ସ୍ପର୍ଶ କରିପାରନ୍ତି । ଖୁଣ୍ଟିଆ ମେକାପ ଶ୍ରୀଅଙ୍ଗ ରକ୍ଷା ଦାୟିତ୍ୱରେ ଥିଲେ ମଧ୍ୟ ଶ୍ରୀଅଙ୍ଗ ସ୍ପର୍ଶ କରିପାରିନଥାନ୍ତି । ଅବଶ୍ୟ ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀଠାରୁ ପାବନଯାତ୍ରା ଶେଷ କରି ନୀଳାଦ୍ରି ବିଜୟ (ପ୍ରାୟ ଆଷାଢ ପୂର୍ଣ୍ଣିମା) ଯାଏ ଦଇତାପତିମାନେ ଠାକୁରମାନଙ୍କ ଶ୍ରୀଅଙ୍ଗ ରକ୍ଷା ଦାୟିତ୍ୱ ବହନ କରିଥାଆନ୍ତି ।

ଏହାପରେ ମଙ୍ଗଳଆଳତି ହୁଏ । ଏଥିରେ ଦୁଇଜଣ ପୁଷ୍ପାଳକ ବଳଭଦ୍ର, ସୁଭଦ୍ରାଙ୍କ ଭିତରଛ ମହାପାତ୍ର ( ତାଙ୍କ ଅନୁପସ୍ଥିତିରେ ତଳିଛ ମହାପାତ୍ର) ଶ୍ରୀଜଗନ୍ନାଥ, ସୁଦର୍ଶନ, ଶ୍ରୀଦେବୀ (ଲକ୍ଷ୍ମୀ), ଭୂଦେବୀ (ସରସ୍ୱତୀ), ମାଧବଙ୍କ ଆଳତି ଏକତ୍ର ସମ୍ପାଦିତ କରିଥାନ୍ତି । ମଙ୍ଗଳଆଳତିରେ ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନ, ଖୁଣ୍ଟିଆ ମେକାପ କର୍ପୁର ଆଳତି ସେବା, ସୁଆରବଡୁ ଏକୋଇଶ ବତୀ ଆଳତି ଓ ସଞ୍ଜ କାହାଳୀ ଆଳତି ପ୍ରସ୍ତୁତ ସେବା, ଗରାବଡୁ ଆଳତି ଅବସରରେ ହାତୁଆଣି ବା ଜଳ (ଶ୍ରୀମନ୍ଦିର ସେବା ନୀତିରେ ଜଳ ଶବ୍ଦ ଗ୍ରହଣୀୟ । ଜଳ ପରିବର୍ତ୍ତେ ପାଣି କହିଲେ ତାହା ମାରା ହୋଇଯାଇ ପୂଜା ଯୋଗ୍ୟ ହୁଏ ନାହିଁ ।) ଦେବାସେବା କରିଥାନ୍ତି । ଶୁଦ୍ର ସେବକ ପାଣିଆ ଆପଟ କୂପରୁ ଜଳ ଆଣିଲେ ତାହା ମନ୍ଦିରରେ ସେବାରେ ଲାଗେ । କିନ୍ତୁ ଯଦି ଜଣେ ବ୍ରାହ୍ମଣ ଶୁଦ୍ଧପୂତ ହୋଇ ଜଳ ଆଣେ ତାହା ମନ୍ଦିର ସେବାରେ ଗ୍ରହଣୀୟ ହୁଏ ନାହିଁ । ବର୍ଣ୍ଣ ଯା ହେଉ ନା କାହିଁକି ସ୍ୱସ୍ୱ ସେବା ସଂସ୍କୃତ ଓ ମାର୍ଜିତ ହୋଇ କରିବା ହିଁ ଶ୍ରୀମନ୍ଦିରର ପରମ୍ପରା । ଅନ୍ୟ ଏକ ଉଦାହରଣ ଦର୍ପଣିଆ ସେବକର ସେବା । ବର୍ଣ୍ଣ ଦୃଷ୍ଟିରୁ ସେ ଭଣ୍ଡାରୀ । ସ୍ନାନ, ରଥଯାତ୍ରା ଅଭିଷେକ ଠାକୁରମାନଙ୍କ ରୁନ୍ଧା (ଠାକୁରମାନଙ୍କୁ ସିଂହାସନରେ ସ୍ଥିରକରି ରଖିବାକୁ ହୋଇଥିବା ପାଟଦଉଡିର ବନ୍ଧା) ଖୋଲିବା ତାଙ୍କର ଦାୟିତ୍ୱ । ଏହି ସେବା ଦର୍ପଣିଆ ସେବକ ବ୍ୟତୀତ ସ୍ୱୟଂ ଭିତରଛ ବା ଗଜପତିଙ୍କ ପରେ ଆଦ୍ୟ ସେବକ ଶ୍ରୀପଟ୍ଟଯୋଷୀ ମହାପାତ୍ର (ଯେ ଅନ୍ୟ ସେବକମାନଙ୍କୁ ସେବା ଅଧିକାର ଦେବାକୁ ଶାଢୀ ବନ୍ଧାଇଥାନ୍ତି ।) ଦର୍ପଣିଆର ସେବା କରିବାକୁ ସମର୍ଥ ହୁଅନ୍ତି ନାହିଁ । ଯେଉଁ ଜାତିର, ଯେତେ କନିଷ୍ଠ ଅଧିକାର ସେମାନେ ପାଆନ୍ତୁ ନା କାହିଁକି, ସ୍ୱସ୍ୱ ସ୍ଥାନରେ ସ୍ୱ ମହିମାରେ ସେମାନେ ପ୍ରତିଷ୍ଠିତ ଓ ସମ୍ମାନିତ ।

ମଙ୍ଗଳ ଆଳତିରେ ପ୍ରଥମେ କର୍ପୁର ଆଳତି ଓ ପରେ ଏକୋଇଶି ବତୀ ଆଳତି ହୁଏ । ଏକୋଇଶି ବତୀ ଆଳତି ମନୁଷ୍ୟର ଏକୋଇଶି ଗୋଟି ପ୍ରବୃତ୍ତିକୁ ଜାଳି ଦେଇ ଅହଙ୍କାର ଶୂନ୍ୟ ହୋଇ ପତିତରୁ ପୁରୁଷୋତ୍ତମ ହେବାର ଏହା ପ୍ରତୀକାତ୍ମକ ଅଭିବ୍ୟକ୍ତି । ଏହାପରେ ସଞ୍ଜକାହାଳୀ ବା ପିଷ୍ଟକ ଆଳତି ହୁଏ । ଏଥିରେ ରୂପା ଥାଳିଆରେ ଚାଉଳଗୁଣ୍ଡ ଦହି ମିଶ୍ରିତ ପିଷ୍ଟକରେ ବଳିତା ସଂଯୁକ୍ତ ହୋଇ ଆଳତି ହୁଏ । ଏଥିରେ ଅନ୍ନବ୍ରହ୍ମର ମହତ୍ତ୍ୱ ପ୍ରତିପାଦିତ ହୋଇଥାଏ ।

ମଙ୍ଗଳ ଆଳତି ପରେ ଠାକୁରମାନେ ମଇଲମ୍ ହୁଅନ୍ତି । ଶ୍ରୀଅଙ୍ଗରୁ ଉଚ୍ଛାରି ହୋଇଥିବା ପୁଷ୍ପଭୂଷଣ ଅନ୍ୟ ଦେବଦେବୀଙ୍କୁ ଅର୍ପିତ ହୁଏ । ସୁନ୍ଦର ବସ୍ତୁରେ ବରିଷ୍ଠର ଯେତିକି ଅଧିକାର କନିଷ୍ଠର ସେତିକି ପ୍ରଲୋଭନ ।

ଏହାପରେ ଠାକୁରମାନେ ତଡପ ଉତ୍ତରୀବେଶ (ଦୁଇଖଣ୍ଡ ସାଧାରଣ ଗାମୁଛା) ଧାରଣ କରି ଅବକାଶ ହୁଅନ୍ତି । ଅବକାଶରେ ଭିତରଛ ମହାପାତ୍ର ଜଗନ୍ନାଥଙ୍କ ବାଡରେ, ଦୁଇଜଣ ପୁଷ୍ପାଳକ ବଳଭଦ୍ର ଓ ସୁଭଦ୍ରାଙ୍କ ବାଡରେ ଅବକାଶ ନୀତି କରାନ୍ତି । ଏ ସମୟରେ ହାତୁଆଣି ସେବା ତଥା ମୁତୁରି ଦାନ୍ତକାଠି ଯୋଗାଇବା ସେବାରେ ଜଣେ ଗରାବଡୁ ସେବକ, ଦହି ଯୋଗାଇବା ପାଇଁ ମହାଭୋଇ (ଗଉଡ) ସେବକ, ତଥା ଖୁଣ୍ଟିଆ ଫୁଲଦେବା ସେବା କରିଥାନ୍ତି । ଏଇ ପୂଜା ପଞ୍ଚୋପଚାରରେ ହୁଏ ।

ଅବକାଶ ପରେ ସାହାଣ ମେଲାରେ ଉଚ୍ଚନୀଚ, ଧନୀ ଗରୀବ, ସମସ୍ତ ଭକ୍ତ ସିଂହାସନ ପାଖକୁ ଯାଇ ମହାପ୍ରଭୁଙ୍କୁ ସ୍ୱସ୍ୱ ଦୁଃଖ ଜଣାଇଥାନ୍ତି । ମହାପ୍ରଭୁ ମଧ ଭକ୍ତମାନଙ୍କ ଦୁଃଖ ଶୁଣିବା ପାଇଁ ସ୍ନାନପରେ କୌଣସି ଭୋଜନ ବା

ବିଶେଷ ବେଶଭୂଷଣ ନହୋଇ ଭକ୍ତମାନଙ୍କୁ ଅପେକ୍ଷା କରିଥାଆନ୍ତି । ଏ ସାହାଣମେଲା ନୀତି କାର୍ତ୍ତିକରେ ବାଲଧୂପ ଯୋଗୁଁ, ପୌଷରେ ଗୋପାଳବଲ୍ଲଭ ସହିତ ପହିଲିଭୋଗ ନାମକ ଏକ ଅତିରିକ୍ତ ଭୋଗ ହେବା ଯୋଗୁଁ ସମ୍ଭବ ହୋଇନଥାଏ । ଯଦି କୌଣସି କାରଣରୁ ସକାଳ ବେଳା ଏ ସାହାଣମେଲା ହୋଇନଥାଏ ତେବେ କେବଳ କାର୍ତ୍ତିକମାସରେ ମନ୍ଦିର କର୍ତ୍ତୃପକ୍ଷ ଚାହିଁଲେ ସନ୍ଧ୍ୟା ଧୂପ ପରେ ସାହାଣମେଲାର ବ୍ୟବସ୍ଥା ହୋଇଥାଏ । ଅନ୍ୟ ସମୟରେ ପରମାଣିକ ଫିସ୍ ଦେଇ ଭକ୍ତମାନେ ସିଂହାସନ ପାଖକୁ ଯାଇ ଦର୍ଶନ କରିଥାଆନ୍ତି । ସାମାନ୍ୟ ପ୍ରୁଭିରେ ପରମାତ୍ମାଙ୍କ ଦର୍ଶନ ଏହାହିଁ ବୈଶିଷ୍ଟ୍ୟ । ତେବେ ସାହାଣମେଲା ବା ଅନ୍ୟ କୌଣସି ସମୟରେ ସିଂହାସନ ପାଖକୁ ଯାଇ ଯଦି କେହି ଠାକୁରମାନଙ୍କୁ ଛୁଇଁଦେଲା ତେବେ ଠାକୁରମାନେ ମହାସ୍ନାନ ହୁଅନ୍ତି ।

ସାହାଣମେଲା ପରେ ପୋଖରୀଆଠାରୁ ଧୋକତି ଦୁଆର ପର୍ଯ୍ୟନ୍ତ ପାଣି ପଡ଼ି ସଫା ହୁଏ । ଠାକୁରମାନଙ୍କୁ ପୁଷ୍ପାଳକମାନେ ରାଜବେଶ କରନ୍ତି । ରାଜବେଶରେ ଠାକୁରମାନେ ବସ୍ତ୍ର, ଅଳଙ୍କାର ଓ ପୁଷ୍ପଭୂଷଣ ପିନ୍ଧନ୍ତି । ଠାକୁରମାନେ ପାଟପୀତାମ୍ବର ଉପରେ ଏକ କମରପଟି ହାତରେ ସ୍ୱର୍ଣ୍ଣ ଆଭରଣ (ବଳଭଦ୍ରଙ୍କ ସ୍ୱର୍ଣ୍ଣ ଆଭରଣରେ ହଳ ମୁଷଳ ଚିହ୍ନ, ଶ୍ରୀଜଗନ୍ନାଥଙ୍କର ଶଙ୍ଖ ଚକ୍ର ଚିହ୍ନ ଥାଏ), ହୃଦୟରେ ସ୍ୱର୍ଣ୍ଣପଦକ, କାନ୍ଧ ପାଖରେ ସୁନା ମଗର ଆଦି ଅଳଙ୍କାର ସହିତ ଠାକୁରମାନଙ୍କ ବକ୍ଷ ଉପର ଭାଗରେ ବେକକୁ ଲାଗିପ୍ରାୟ ଆଠହାତ ଲମ୍ବା ଓ ଆନୁପାତିକ ମୋଟେଇର ଅଧରମାଳ ନାମକ ଏକ ଫୁଲମାଳ ଲାଗି ହୋଇଥାଏ । ଏଇ ମାଳାର ପ୍ରାନ୍ତଭାଗ ଦୁଇଭୂଜ ଉପରେ ପଡ଼ି ତଳକୁ ଝୁଲି ରହିଥାଏ । ଏହି ମାଳାର ମଝିଅଂଶ ଅପେକ୍ଷାକୃତ ଚଉଡ଼ା ହୋଇ ରଙ୍ଗୀନ ଫୁଲରେ ଗୁନ୍ଥା ହେବା ବେଳେ ଦୁଇପ୍ରାନ୍ତ କ୍ରମଶଃ ସରୁ ହୋଇ ଧଳାଫୁଲରେ ଗୁନ୍ଥା ହୋଇଥାଏ । ଏହା ବ୍ୟତୀତ ପ୍ରାୟ ଛଅ ଇଞ୍ଚ ଲମ୍ବା ଓ ଆନୁପାତିକ ବାରହାତ ଲମ୍ବା ଶ୍ରୀପୟର ନାମକ ମାଳ ଠାକୁରମାନଙ୍କ ବକ୍ଷ ଉପରେ ପଡ଼ି ଯୁକ୍ତଭୁଜ ଦେଇ ଶ୍ରୀପୟର ପର୍ଯ୍ୟନ୍ତ ଲମ୍ବିଥାଏ । ଶ୍ରୀବଳଭଦ୍ରଙ୍କ ନୀଳଚିତା, ଶ୍ରୀଜଗନ୍ନାଥଙ୍କ ହୀରା ଚିତା, ମା ସୁଭଦ୍ରାଙ୍କ ପାନ୍ନା ଚିତା ପାଖରେ ପ୍ରାୟ ଛ ଇଞ୍ଚ ଲମ୍ବର ତିଳକ ନାମରେ ଖଣ୍ଡିଏ ଖଣ୍ଡିଏ ମାଳ ଲାଗିଥାଏ । ଠାକୁରମାନଙ୍କ ମାଳରେ ଗଣ୍ଠି ପଡ଼େ ନାହିଁ । କାରଣ ସମଗ୍ର ସୃଷ୍ଟି ଯାହାର ଗଣ୍ଠିରେ ବନ୍ଧା, ତାଙ୍କ ମାଳରେ ପୁଣି ଗଣ୍ଠି ପଡ଼ିବ କିଭଳି ? ମହାପ୍ରଭୁ ଶ୍ରୀଚୈତନ୍ୟ ଓ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ମାନସ ପୂଜା ଉପାଖ୍ୟାନ ଏ ଦିଗରେ ସ୍ମରଣୀୟ । ଏହି ବେଶରେ ଠାକୁରମାନେ ଗୋପାଳବଲ୍ଲଭ, ଧୂପ ଭୋଗ ତଥା କାର୍ତ୍ତିକ ମାସରେ ବାଲଭୋଗ ଗ୍ରହଣ କରିଥାନ୍ତି ।

ସିଂହାସନସ୍ଥ ଠାକୁରମାନଙ୍କର ଏହି ବେଶ ପ୍ରକ୍ରିୟା ଚାଲିଥିବା ବେଳେ ରୋଷହୋମ ହୁଏ । ସାହାଣ ମେଲା ସମୟରେ ଆସିଥିବା ଅଗଣିତ ଭକ୍ତଙ୍କ ପାଇଁ ଅନ୍ନବ୍ରହ୍ମର ବ୍ୟବସ୍ଥା ଦାରୁବ୍ରହ୍ମ କରିଥାନ୍ତି । ରୋଷପାଇକ ହୋମସ୍ଥାନ ପରିଷ୍କାର କଲାପରେ ପତ୍ରିବଡୁ ହୋମ ସାମଗ୍ରୀ ସଜାଡନ୍ତି ଓ ଜଣେ ପୂଜାପଣ୍ଡା ବୈଷ୍ଣବାଗ୍ନିରେ ରୋଷହୋମ କରନ୍ତି । ଏହି ଅଗ୍ନିରୁ ରୋଷ ଚୁଲୀ ଲାଗେ ।

ସ୍ଥୂଳଲୋକର ଅନ୍ନ ବ୍ୟବସ୍ଥା ପରେ ଅନ୍ନ ଓ ସ୍ଥୂଳ ସୃଷ୍ଟିର କାରଣ ସୂର୍ଯ୍ୟନାରାୟଣଙ୍କ ଅର୍ଚ୍ଚନା ଶ୍ରୀମନ୍ଦିରରେ ହୁଏ । କାରଣ ସୂର୍ଯ୍ୟ ସଦା ନମସ୍ୟ :-

ନମଃ ସର୍ବତ୍ରେ ଜଗଦେକ ଚକ୍ଷୁଷେ
ଜଗତ ପ୍ରସୂତସ୍ଥିତି ନାଶ ହେତବେ
ତ୍ରୟୀ ମୟାୟ ତ୍ରିଗୁଣାତ୍ମଧାରିଣେ
ବିରଞ୍ଚି ନାରାୟଣ ଶଙ୍କରାତ୍ମନେ ।

ରୋଷହୋମ କରିଥିବା ପୂଜାପଣ୍ଡାଙ୍କୁ ପ୍ରଧାନୀ ସୂର୍ଯ୍ୟପୂଜା କରିବାକୁ ଅନୁରୋଧ କରନ୍ତି । ଶ୍ରୀମନ୍ଦିରରେ ପ୍ରଧାନୀଙ୍କର ଷୋହଳ ପ୍ରକାର ସେବା ମଧ୍ୟରୁ ଏ ଏକ ପ୍ରକାର ସେବା । ପୂଜାପଣ୍ଡା ମୁକ୍ତିମଣ୍ଡପ ନିକଟସ୍ଥ ସୂର୍ଯ୍ୟ ପିଣ୍ଡିରେ ପଞ୍ଚୋପଚାରରେ (ଆସନ, ସ୍ୱାଗତ, ଧୂପ, ଦୀପ, ନୈବେଦ୍ୟ ମତାନ୍ତରରେ ପୁଷ୍ପ, ଦୀପ, ଧୂପ, ଗନ୍ଧ, ନୈବେଦ୍ୟ) କୋରାଖାଇ ଭୋଗ କରି ପୂଜା ସମାପନ କରନ୍ତି । ପୂଜାରେ ଗରାବଡୁ ହାତୁଆଣି ସେବା ଓ ପତ୍ରୀବଡୁ ପୂଜା ଠା ସଜାଡନ୍ତି ।

ସୂର୍ଯ୍ୟପୂଜା ପରବର୍ତ୍ତୀ ନୀତି ଦ୍ୱାରପାଳ ପୂଜା । ଏଥିରେ ପତ୍ରୀବଡୁ ପୂଜା ସରଞ୍ଜାମ ସଜାଡନ୍ତି । ଗରାବଡୁ ହାତୁଆଣି ସେବା ଓ ସୂର୍ଯ୍ୟପୂଜା କରିଥିବା ପୂଜାପଣ୍ଡା ପଞ୍ଚୋପଚାରରେ ଜୟବିଜୟ ଦ୍ୱାରରେ ପୂଜା କରନ୍ତି । ପୌରାଣିକ ମତରେ ଜୟବିଜୟ ବୈକୁଣ୍ଠର ଦ୍ୱାରପାଳ ଥିବାବେଳେ ସନକ, ସନତ, ସନନ୍ଦନ, ସନାତନ ଆଦି ବ୍ରହ୍ମାଙ୍କର ଚାରିକୁମାରଙ୍କୁ ରାକ୍ଷସ ସୁଲଭ ଉଗ୍ର ଆଚରଣ ଦେଖାଇ ବିଷ୍ଣୁ ଦର୍ଶନରୁ ଡିନିଷଣ ଅଟକାଇ ଥିବାରୁ ମର୍ତ୍ତ୍ୟରେ ତିନିଯୁଗ (ସତ୍ୟରେ ହିରଣାକ୍ଷ ହିରଣ୍ୟ କଶିପୁ, ତ୍ରେତାରେ ରାବଣ, କୁମ୍ଭକର୍ଣ୍ଣ, ଦ୍ୱାପରରେ ଶିଶୁପାଳ, ଦନ୍ତବକ୍ର) ଭାବେ ଜନ୍ମି ବିଷ୍ଣୁଙ୍କ ହାତରେ ନିଧନ ହୋଇ ସ୍ୱସ୍ଥାନ ପ୍ରାପ୍ତ ହୋଇଥିଲେ । ଶ୍ରୀମନ୍ଦିର ନୀତିର ବୈଶିଷ୍ଟ୍ୟ ହେଉଛି ଭକ୍ତ ତଥା ବିଶ୍ୱବାସୀଙ୍କ ପାଇଁ ବିଭିନ୍ନ ବ୍ୟବସ୍ଥା ସହିତ ଅନ୍ନର କାରଣ ସୂର୍ଯ୍ୟ ତଥା ଦ୍ୱାରପାଳ ଆଦି ସେବକମାନଙ୍କ ପୂଜା ଉପରେ ଉପାସନାର ବ୍ୟବସ୍ଥା ପ୍ରଥମେ କଲାପରେ ସ୍ୱ ଅର୍ଚ୍ଚନାର ବ୍ୟବସ୍ଥାକୁ ପ୍ରଭୁ ସ୍ୱୀକୃତି ଦେଇଥାନ୍ତି । ବରିଷ୍ଠତମ ହୋଇ ମଧ୍ୟ କନିଷ୍ଠର ଅଗ୍ର ଉପାସନା ତାଙ୍କ ମହତ୍ତ୍ୱକୁ ପ୍ରତିଷ୍ଠା କରେ । ଯଥାର୍ଥରେ କୁହାଯାଇଛି

ଚିହ୍ନିବାକୁ ଶିଖ୍-ନାହିଁ ପରମନ
ସେବି କେବେ ପ୍ରଭୁ ପଣକୁ ଭାଜନ ।

ସମସ୍ତଙ୍କର ଅର୍ଚ୍ଚନା, ଭୋଜନ ପର୍ବ ପରେ ମହାପ୍ରଭୁଙ୍କର ଗୋପାଳବଲ୍ଲଭ (ପ୍ରାତଃଭୋଜନ) ନୀତି ଆରମ୍ଭ ହୁଏ । ଏଥିରେ ଦହି , ଖୁଆମଣ୍ଡା, ଫଳ, ନଡ଼ିଆପାଚି , ପାପୁଡ଼ି, କୋରା, ବଲ୍ଲଭ ଖଇ ଇତ୍ୟାଦି ସରକାରୀ ପ୍ରଦତ୍ତ ଭୋଗ ଡାକି ସଲାପରେ ଶବର ବଂଶଜ ଦଇତାପତି ସେବାୟତ ଗୋଷ୍ଠୀର ସୁଦୁସୁଆର ଭୋଗ ନେଇ ମହାସୁଆରଙ୍କୁ ଦିଅନ୍ତି । ପତ୍ରୀବଡୁ ପିଣ୍ଡା ଉପରେ ଜଳପୂର୍ଣ୍ଣଶଙ୍ଖ ଇତ୍ୟାଦି ରଖିଲା ପରେ ପୂଜାପଣ୍ଡା ଯଦି ମହାଲକ୍ଷ୍ମୀ ରତ୍ନସିଂହାସନରେ ଥାଆନ୍ତି ତେବେ ଶ୍ରୀଜଗନ୍ନାଥଙ୍କ ପଂକ୍ତି ପାଖରେ ଏକ ଅଷ୍ଟଦଳ ପଦ୍ମ କାଟନ୍ତି । ମହାସୁଆର ତୁନ୍ଦବାର ନିଯୋଗ ପକ୍ଷରୁ ପ୍ରଦତ୍ତ ସରାରେ ଭୋଗ ବାଢନ୍ତି । ଗୋପାଳବଲ୍ଲଭ ପୂଜା ପଞ୍ଚୋପଚାର ହୁଏ । ପୂଜାପଣ୍ଡାମାନେ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନଙ୍କର ଚାରିସ୍ଥାନରେ ପଦ୍ମ ବାଢନ୍ତି । ଯଦି ମହାଲକ୍ଷ୍ମୀ ରତ୍ନସିଂହାସନରେ ଥାଆନ୍ତି ତେବେ ଶ୍ରୀଜଗନ୍ନାଥଙ୍କ

ଭୋଗପାଖରେ ମୁରୁଜରେ ଅଷ୍ଟଦଳ ପଦ୍ମ କଟାଯାଇ ମହାଲକ୍ଷ୍ମୀ (ଶ୍ରୀଦେବୀ) ଓ ଭୂଦେବୀ (ସରସ୍ୱତୀଙ୍କର) ସ୍ୱତନ୍ତ୍ର ପଂକ୍ତି ବଢାଯାଏ । ଏହି ଭୋଗ ବିମଳାଙ୍କୁ ସମର୍ପଣ ହୁଏ । ଗୋପାଳବଲ୍ଲଭର ଭୋଗ ପରେ ଆଳତି ହୁଏ ନାହିଁ । ଗୋପାଳବଲ୍ଲଭ ଭୋଗ ମହାପ୍ରଭୁଙ୍କର ଆଦ୍ୟ ଆହାର । ଏହା ପରିବେଷିତ ହୁଏ ଶବର ସେବକଙ୍କ ଦ୍ୱାରା । ଏଠାରେ ସୁଦ୍ରସୁଆର ଦଇତାପତି ଆରଣ୍ୟକ ଜାତିର ହେଲେ ମଧ୍ୟ ଭକ୍ତିର ତୀବ୍ର ଝୁଣା ସୁଗନ୍ଧ ସୌରଭ ଯୋଗୁଁ ତାଙ୍କ ନୈବେଦ୍ୟ ଆଦରଣୀୟ ହୁଏ ପରମ ଆରାଧକଙ୍କର ।

ଗୋପାଳବଲ୍ଲଭ ନୀତିପରେ ପୋଖରିଆ, ଧୋଇତି ଦୁଆର ଧୁଆ ହୋଇ ସକାଳଧୂପ ପୂଜା ଡାକିବାକୁ ପ୍ରତିହାରୀ ଯାଆନ୍ତି ।

ଶ୍ରୀଜଗନ୍ନାଥ ଓଡ଼ିଶାର ରାଷ୍ଟ୍ରଦେବ ଓ ଗଜପତିଙ୍କର ଇଷ୍ଟଦେବ । ଓଡ଼ିଶା ସଂସ୍କୃତିରେ ଗଜପତି ସାର୍ବଭୌମ ସମ୍ରାଟ ଶ୍ରୀଜଗନ୍ନାଥଙ୍କର ରାଉତ (ଜୟ ବିଜୟ ଦ୍ୱାର ଶିଳାଲେଖ)

"ସେ କାଳିଆ ରାଉତର ଦାସର ମୁଁ ଦାସ
ବରୁଣ ଦାସ ନାତି ମୁଁ ଭାଗୀରଥ ଶିଷ୍ୟ
ଜଗନ୍ନାଥ ବଳଭଦ୍ର ସୁଭଦ୍ରା ସୁଦର୍ଶନ
ଏହି ଚାରି ସାମନ୍ତଙ୍କୁ ନ ଜାଣଇ ଆନ ।

(କାଞ୍ଚିକାବେରୀ-ପୁରୁଷୋତ୍ତମ ଦାସ)

ପୂର୍ବେ ଗଜପତିଙ୍କ ଉଆସରେ ସ୍ୱତନ୍ତ୍ର ରୋଷେଇ ବ୍ୟବସ୍ଥା ନଥିଲା । ଶ୍ରୀମନ୍ଦିରରେ ସକାଳ ଧୂପ ଉଠିଲା ପରେ ଗଜପତି ଏହି ପ୍ରସାଦ ସେବନ କରୁଥିଲେ । ଏବେ ମଧ୍ୟ କେତେକ ମଠ ମହନ୍ତ ସକାଳଧୂପ ଉଠିବା ପରେ ହିଁ ଏହି ପ୍ରସାଦ ସେବନ କରିଥାନ୍ତି । ସକାଳଧୂପ ଟେରା ବନ୍ଧାଯାଇ ପୂଜାପଣ୍ଡାଙ୍କ ଦ୍ୱାରା ମୁରୁଜ ପଡିଥିବା ସୀମା ଭିତରେ ନୈବେଦ୍ୟ ନ ରହିଲେ ନୈବେଦ୍ୟ ମାରାହୋଇଯାଏ । ପୂଜା ପୂର୍ବରୁ ଫୁଲ ଖୁଣ୍ଟିଆ ଫୁଲ ଓ ମାଳ ଠାକୁରଙ୍କ ଲାଗି କରନ୍ତି । ପୂଜା ଆରମ୍ଭରେ ଖାଞ୍ଜିପିଟା ମଠରେ ବାବାଜୀ ଓ 'ଭଜନିଯୋଗ'ର ସେବାୟତମାନେ ଖାଞ୍ଜ ବଜାଇ ଭିତରେ ବେଢାର ମନ୍ଦିର ଚାରିପଟେ ବୁଲି ମହାପ୍ରଭୁଙ୍କ ସହିତ ଅନ୍ୟ ଦେବଦେବୀଙ୍କୁ ମଣୋହି କରିବାକୁ ନିମନ୍ତ୍ରଣ ଦିଅନ୍ତି । । ଭଜ ନିଯୋଗଙ୍କ ସେବା ବିଷୟରେ ମନ୍ଦିର କର୍ମାଙ୍ଗୀ ଅନୁସାରେ-

"ଏହି ନିଯୋଗ ଧୂପକାଳେ କରଟା ଖାଞ୍ଜ ଧରି ସକଳ"

ପାର୍ଶ୍ୱ ଦେବତାଙ୍କୁ ଜାଣୁଆର ଦେବେ.... । ପରମେଶ୍ୱରଙ୍କ ବିଜେ କାଳେ ପହଡ ଫିଟନ୍ତେ ଆପଣା ଖାଞ୍ଜ ବଜାଉଥିବ । ବଡ ସିଂହାରବେଳେ ଗୀତ ଗୋବିନ୍ଦ ଜୟବିଜୟ ଦ୍ୱାରରେ ବୋଲିବ ।

ଏହି ଖାଞ୍ଜ ବଜାଇ ଅନ୍ୟଠାକୁରମାନଙ୍କୁ ପଂକ୍ତି ଭୋଜନରେ ଯୋଗଦେବାକୁ ଡାକିବା ଏକ ମହତ୍ତର ଘଟଣା । କାରଣ ବଡଦେଉଳରେ ମହାପ୍ରଭୁଙ୍କ ବ୍ୟତୀତ ଅନ୍ୟ ଦେବଦେବୀଙ୍କର ପାକଶାଳା ନାହିଁ । ଅବଶ୍ୟ ଷୋଳ ପୂଜା ବେଳେ ବିମଳାଙ୍କ ପାଇଁ ସ୍ୱତନ୍ତ୍ର ପାକଶାଳା ହୋଇ ଭୋଗ ରନ୍ଧାଯାଏ । ଏହାଛଡା ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କର ଗୋପାଳବଲ୍ଲଭ ଭୋଗ ପରେ ଓ ଦ୍ୱିପହର ଧୂପ ପରେ ମହାଲକ୍ଷ୍ମୀଙ୍କ ପାକଶାଳାରେ ଯଥାକ୍ରମେ ସର୍ପାମଣୋହି ଓ କାକରା ଖଇରୁଟି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇ ମହାଲକ୍ଷ୍ମୀଙ୍କ ଭୋଗ ହୁଏ ।

ସକାଳଧୂପ ପ୍ରତିହାରୀ ଡାକିବାକୁ ଗଲାପରେ ପତ୍ରୀସେବକ, ପାଳିଆ ମେକାପ, ପାଳିଆ ଖୁଣ୍ଟିଆ, ପରୀକ୍ଷା ସେବକ, ଗରାବଡୁ, ଭଣ୍ଡାର ମେକାପ ପ୍ରଭୃତିଙ୍କୁ ଡାକି ଷୋଡଶ ଉପଚାରରେ (ଆସନ, ସ୍ୱାଗତ, ପାଦ୍ୟ, ଅର୍ଘ୍ୟ, ଆଚମନୀୟ, ମଧୁପର୍କ, ପୁନରାଚମନ, ସ୍ନାନ, ବସନ, ଆଭରଣ, ଯଜ୍ଞୋପବୀତ, ସୁଗନ୍ଧ, ସୁମନ, ଧୂପ, ଦୀପ, ନୈବେଦ୍ୟ) ପୂଜା ବ୍ୟବସ୍ଥା କରନ୍ତି । ସୁଆରମାନେ ଅବିନ୍ତା ପହଣ୍ଡ ବାଟ ଦେଇ ଭୋଗ ଗର୍ଭଗୃହକୁ ନିଅନ୍ତି । ସିଂହାସନ ଉପରେ ତିନିଗଡରେ ତିନି ଜଣ ପୂଜାପଣ୍ଡା ବସି ନୈବେଦ୍ୟ ସମର୍ପଣ କରନ୍ତି । ଭୋଗରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ଚାରିଠାକୁରଙ୍କ ପାଇଁ ପନ୍ତି ବଢାହୁଏ । ସୁଦର୍ଶନଙ୍କ ପନ୍ତି ଜଗନ୍ନାଥଙ୍କ ବାଡର ପୂଜାପଣ୍ଡା କରନ୍ତି ।

ସକାଳଧୂପରେ ଶ୍ରୀଦେବୀ ଓ ଭୂଦେବୀଙ୍କ ପାଇଁ ସ୍ୱତନ୍ତ୍ର ଅଷ୍ଟଦଳ ପଦ୍ମ କଟାଯାଇ ପନ୍ତି ବଢାହୁଏ । ଜଗନ୍ନାଥଙ୍କ ଗଡରେ ପୂଜା କରୁଥିବା ପୂଜାପଣ୍ଡା ଏହି ନୈବେଦ୍ୟ ସମର୍ପଣ କରିଥାନ୍ତି । ସକାଳଧୂପରେ ପତ୍ରୀବଡୁ ଦୀପ ପ୍ରଭୃତି, ସୁଆରବଡୁ ଧୂପ ପ୍ରଭୃତି, ଗରାବଡୁ ହାତୁଆଣି ସେବା, ଭଣ୍ଡାର ମେକାପ ପୂଜା ମଧ୍ୟରେ ସ୍ୱର୍ଣ୍ଣ ଅଳଙ୍କାର ଯୋଗାଇବା ସେବା, ପୂଜାପଣ୍ଡା ନୈବେଦ୍ୟ ସମର୍ପଣ ସେବା ଆଦି କରନ୍ତି । ଭୋଗ ଶେଷ ପର୍ଯ୍ୟାୟରେ ଧୂପ, ଦୀପ ପ୍ରଦାନ ପରେ ନୈବେଦ୍ୟ ସମର୍ପଣ ମୁହୂର୍ତ୍ତରେ ପ୍ରତିହାରୀ ଲଣ୍ଡାବର୍ତ୍ତ (ବୋଧହୁଏ ଆନନ୍ଦାବର୍ତ୍ତ ଶବ୍ଦର ଅପଭ୍ରଂଶ-ଏହି ଅଞ୍ଚଳ କଳାହାଟ ଦ୍ୱାର ପାଖରେ ଏକୁଟି ବନ୍ଧ ଭଳି ସାମାନ୍ୟ ଉଚ୍ଚାଥିବା ସ୍ଥାନ) ଉପରକୁ ନ ଉଠି (ଲଣ୍ଡାବର୍ତ୍ତ ଉପରକୁ ପ୍ରତିହାରୀ ଉଠିଲେ ଭୋଗ ମାରାହୁଏ) କଳାହାଟ ଦ୍ୱାର ଆଉଜାଇ ଥାଆନ୍ତି ଓ ଭୋଗପରେ ଦ୍ୱାର ଖୋଲେ । ହଡପ ନାୟକ ପ୍ରଦତ୍ତ ବିଡିଆ ପୂଜାପଣ୍ଡା ଲାଗି କରନ୍ତି । ଏହାପରେ ପୁଷ୍ପାଳକ କର୍ପୂର ଆଳତି, ଏକୋଇଶ ବତୀ ଆଳତୀ କରନ୍ତି । ସକାଳ ଧୂପରେ କୋଠ ଭୋଗରେ ଖେଚେଡୀ, କାନିକା, ଡାଲି, ମହୁର, ବେସର, ଶାଗ, ପିଠାପଣା ଆଦି ଭୋଗହୁଏ । ସର୍ବସାଧାରଣ ମଧ୍ୟ ଏହି ଭୋଗରେ ଅନ୍ୟାନ୍ୟ ଭୋଗ କରିଥାନ୍ତି ।

ତେବେ ବୈଶିଷ୍ଟ୍ୟ ହେଉଛି ମହାପ୍ରଭୁଙ୍କର ଏକ ନାୟକତ୍ୱ । ବିଭିନ୍ନ ପାର୍ଶ୍ୱ ଦେବତା ଏକ ପାକଶାଳାରେ ପ୍ରସ୍ତୁତ ନୈବେଦ୍ୟରେ ବରିଷ୍ଠଙ୍କ ସହିତ କନିଷ୍ଠଙ୍କ ଭୋଜନ ଏହି ମହତ୍ତର ପରମ୍ପରା ପ୍ରତିଷ୍ଠା କରେ ।

ଗର୍ଭଗୃହରେ ନୈବେଦ୍ୟ ସମର୍ପଣ ପରେ ବଡଠାକୁରଙ୍କ ଥାଳି ବିମଳାଙ୍କୁ ସମର୍ପଣ ହେବାକୁ ଯାଏ । କାର୍ତ୍ତିକ ମାସରେ ସକାଳ ଧୂପ ପରେ ଦୋଳକ ଲିଆରେ ଅଦା ପ୍ରଭୃତି ପଡି ବାଲଭୋଗ ନାମରେ ଆଉ ଏକ ଭୋଗହୁଏ । କାର୍ତ୍ତିକ ମାସର ପ୍ରଥମ ପନ୍ଦର ଦିନ ଠାକୁରମାନେ ରାଇ ଦାମୋଦର ବେଶ ହୁଅନ୍ତି । ସକାଳଧୂପ ପରେ ଠାକୁରମାନେ ମଇଲମ ଓ ସାଧାରଣ ବେଶ ହୁଅନ୍ତି । ଗର୍ଭଗୃହ ପାଣି ପଡି ସଫାହୁଏ । ଭୋଗମଣ୍ଡପରେ (ଜଗମୋହନ ଶେଷରେ, ଗରୁଡ ଖମ୍ବ ପଛରେ) ଭୋଗମଣ୍ଡପ ଭୋଗ ବା ଭଣ୍ଡ ଭୋଗ ହୁଏ । ଏହି ଭୋଗ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରେ ନ ହୋଇ ପରୋକ୍ଷ ଦୃଷ୍ଟିରେ ପଞ୍ଚୋପଚାରରେ ହୁଏ । ମୁରୁଜ ପଡେ ନାହିଁ । ଖାଞ୍ଜ ବାଜେ ନାହିଁ । ଟେରା ବନ୍ଧାଯାଏ ନାହିଁ । ପ୍ରତିହାରୀ କେବଳ ଅବିନ୍ତା ପହଣ୍ଡ ପାଖରେ ଥିବା ଦ୍ୱାର ବନ୍ଦକରି ଜଗିଥାଆନ୍ତି । ଏ ଭୋଗରେ କୋଠଭୋଗ ନାହିଁ ମାତ୍ର ପ୍ରତିହାରୀଙ୍କ

ଖେଚ (ପ୍ରାୟ) ପାଇଁ ଚୁଳିଆ ଅରତା କୁଡିଆ ଭୋଗ ହୁଏ । ଭଅଣ୍ଡ ଭୋଗରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କ ଭୋଗ ହୁଏ । ସୁଦର୍ଶନ ବା ଭୂଦେବୀ, ଶ୍ରୀଦେବୀ, ମାଧବଙ୍କ ଭୋଗ ସ୍ୱତନ୍ତ୍ର ହୁଏ ନାହିଁ । ଏଥିରେ ନୈବେଦ୍ୟ ବିମଳାଙ୍କୁ ସମର୍ପିତ ହୁଏ ନାହିଁ । ଭୋଗବେଳେ ଗରାବଡୁ ହାତୁଆଣି (ଜଳଯୋଗାଣ) ସେବା, ସୁଆରବଡୁ ଧୂପ ପ୍ରସ୍ତୁତ କରିବା ସେବା, ପତ୍ରୀବଡୁ ପୂଜା ଠା ପ୍ରସ୍ତୁତ ଓ ଦୀପ ପ୍ରସ୍ତୁତ କରିବା ସହିତ ପୂଜାପଣ୍ଡା ନୈବେଦ୍ୟ ସମର୍ପଣ କରନ୍ତି । ପୂଜାପଣ୍ଡା ନୈବେଦ୍ୟ ସମର୍ପଣ ପରେ କର୍ପୂର ଆଳତି ପରିବର୍ତ୍ତେ ଘିଅ ଜଳିତା ଆଳତି ଓ ଚନ୍ଦନ ଗୁଣ୍ଡ ଧୂପ ଦିଆଯାଏ ।

ଭଅଣ୍ଡ ଭୋଗରେ ଉଠୁଥିବା ଭୋଗକୁ ପୂର୍ବେ ନୈଷ୍ଠିକ ସ୍ମାର୍ତ୍ତ ବ୍ରାହ୍ମଣମାନେ ମହାପ୍ରସାଦର ମାନ୍ୟତା ଦେଉନଥିଲେ। କାରଣ ଏହା ଭୈରବୀ ଚକ୍ରରେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରେ ନିବେଦିତ ହୋଇନଥାଏ । ଭୋଗମଣ୍ଡପ ଭୋଗକୁ ଅପଭ୍ରଂଶରେ ଭଅଣ୍ଡ ଭୋଗ କହିବାବେଳେ କେହିକେହି ଏହାକୁ ଭଣ୍ଡ (ଠକ/ଛଦ୍ମ) ଭୋଗ ବୋଲି କହିଥାନ୍ତି । ଏହି ପୂଜା ବସିବା ମାତ୍ରେ ମନ୍ଦିର ପାଳିଆ ଓ ସେବାୟତମାନେ ରତ୍ନସିଂହାସନରୁ ଭୋଗମଣ୍ଡପ ପର୍ଯ୍ୟନ୍ତ ସର୍ବସାଧାରଣଙ୍କୁ ମହାପ୍ରଭୁଙ୍କ ସମ୍ମୁଖରେ ଅପସାରି ଦେଇ ଜଗମୋହନର ଦୁଆରପଟକୁ ରଖିଦିଅନ୍ତି । ଏହି ଭୋଗରେ ଅନ୍ନ, ଡାଲି, ମହୁର, ବେଶର ସହିତ ବିଭିନ୍ନ ପିଠାପଣାର ଭୋଗ ହୋଇଥାଏ ।

ଏହି ଭଅଣ୍ଡ ଭୋଗକୁ ଯଜମାନୀ ଭୋଗ ତଥା ଛତ୍ରଭୋଗ ବୋଲି ମଧ୍ୟ କହନ୍ତି । ଯଜମାନଙ୍କର ଶୁଭ ଅଶୁଭ (ବିବାହ ବ୍ରତ ଯଜ୍ଞ ତଥା ଅଶୁଭ) କାର୍ଯ୍ୟରେ ବହୁପରିମାଣରେ ଆବଶ୍ୟକ ହେଉଥିବା ଭୋଗ ଭଅଣ୍ଡ ଭୋଗରେ ହୋଇଥାଏ । ଅନେକ ବେଳେ ଭୋଗର ପରିମାଣ ଅଧିକ ହେଲେ ଦ୍ୱିପହର ଧୂପ ପରେ ପଛ ଭଅଣ୍ଡ ନାମରେ ଏକାଧିକ ଭୋଗ ହୋଇଥାଏ ।

ଏହି ଭଅଣ୍ଡ ଭୋଗ ଆଦି ଶଙ୍କରାଚାର୍ଯ୍ୟ ପ୍ରଥମେ ପ୍ରଚଳନ କରିଥିବା କଥା କହିବାବେଳେ ସମୟକ୍ରମେ ଜନସଂଖ୍ୟା ଅଭିବୃଦ୍ଧି ତଥା ତୀର୍ଥଯାତ୍ରୀଙ୍କ ସମାଗମ ଯୋଗୁଁ ଏହି ଭୋଗର ଆବଶ୍ୟକତା ପଡିଲା ବୋଲି କେହି କେହି ମତ ଦେଇଥାଆନ୍ତି । ପୁନଶ୍ଚ ଛତ୍ର ଭୋଗ ଶବ୍ଦର ବିଶ୍ଳେଷଣ କରି କେହି କହନ୍ତି ଛତ୍ର ଅର୍ଥ ଛତା । ପୂର୍ବେ ଶ୍ରୀମନ୍ଦିର ନିକଟରେ ବଡଦାଣ୍ଡ ଦୁଇ ପାର୍ଶ୍ୱରେ ତାଳପତ୍ରର ଛତାତଳେ ସନ୍ଥ ମହନ୍ତମାନେ ଧୁନି ଲଗାଇ ଜପ ଧ୍ୟାନ କୀର୍ତ୍ତନ ରତ ଥିଲେ । ଏବେ ମଧ୍ୟ ସେ ସ୍ମୃତି ବହନ କରି ବଡଛତା, ସାନଛତା, ନାରାୟଣ ଛତା ଆଦି ମଠ ବିଦ୍ୟମାନ । ଭକ୍ତ ସାରିଆଙ୍କ ଭଜନ :

"ଛତା ତଳେ ରହି ଦଣ୍ଡେ ସାଧୁଙ୍କ ସେବା କରିବା"

ସେହି ସ୍ମୃତିର ସ୍ମାରକୀ ।

ପୂର୍ବକାଳରେ ବଦାନ୍ୟ ବ୍ୟକ୍ତିମାନେ ଛତା ତଳେ ଥିବା ସନ୍ଥମାନଙ୍କ ପାଇଁ ବିଭିନ୍ନ ମଠାଧୀଶମାନଙ୍କୁ ପ୍ରଚୁର ଭୂସମ୍ପତ୍ତି ଆଦି ଦାନ ଦେଉଥିଲେ । ସେହି ଭୂସମ୍ପତ୍ତି ଆୟରେ ଛତ୍ର (ଭଅଣ୍ଡ) ଭୋଗ ଛତା ତଳେ ଥିବା ସାଧୁସନ୍ଥଙ୍କୁ ବିତରଣ କରାଯାଉଥିବାରୁ ଏହାକୁ ଛତ୍ର ଭୋଗ କୁହାଯାଏ ବୋଲି କେହି କେହି କହନ୍ତି ।

ଏହାଛଡା ଛତ୍ର ଅର୍ଥ ଅନ୍ନଛତ୍ର । ପୂର୍ବକାଳରେ ମନ୍ଦିରରେ ଦୀପଦାନ (ଭୁବନେଶ୍ୱରସ୍ଥ ସାଧୁ ବସ୍ତୁଦେବଙ୍କ ସମର୍ପଣୀୟ ଶିଳାଲେଖ) ତଥା ଅନ୍ନଦାନକୁ ଏକ ମହତଦାନ ଭାବେ ଗ୍ରହଣ କରା ଯାଉଥିଲା । ଏବେ ମଧ୍ୟ ଅଷ୍ଟ ପ୍ରହରୀ, ଚବିଶପ୍ରହରୀ ପ୍ରଭୃତି ଯାଗଯଜ୍ଞରେ ହରିହାଟ, ବାଳଲୀଳା (ଅନ୍ନ ବିତରଣ) ନ କଲେ ଏହା ଅସମ୍ପୂର୍ଣ୍ଣ ବୋଲି ଗ୍ରହଣ କରାଯାଏ । ଗବେଷକମାନେ 'ଛତ୍ରଭୋଗ'ଶବ୍ଦ 'ସତ୍ରଭୋଗ' ଶବ୍ଦରୁ ଆନୀତ ବୋଲି କହନ୍ତି ।

ପୁରୀବୋଲି (ଡ: ସିଦ୍ଧେଶ୍ୱର ମହାପାତ୍ର ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୯୬, ପୃ. ୧୩୮ )ରେ ଛତ୍ରଭୋଗ ଶବ୍ଦକୁ ବିଶ୍ଳେଷଣ କରି କହନ୍ତି :

"ସତ୍ର ଅର୍ଥ ଯଜ୍ଞ, ଯାତ୍ରୀ ଗଜମାନ, ମଠମାନଙ୍କ ଦ୍ୱାରା ଅତିଥି ଅଭ୍ୟାଗତ ସାଧୁ ସନ୍ନ୍ୟାସୀ ଦରିଦ୍ର ବ୍ରାହ୍ମଣଙ୍କୁ ଦିଆଯାଉଥିବା ଭୋଗ.......। ସତ୍ର ଅର୍ଥ ଯଜ୍ଞ, ଜଳଛତ୍ର, ଅନ୍ନଛତ୍ର ବସ୍ତୁତଃ ଜଳଯଜ୍ଞ ଓ ଅନ୍ନଯଜ୍ଞ ।"

ପଣ୍ଡିତ ଗୋପୀନାଥ ନନ୍ଦଙ୍କ 'ଶବ୍ଦ ତତ୍ତ୍ୱ ବୋଧ ଅଭିଧାନ' ପୃ. ୪୬୨ରେ ମଧ୍ୟ ସତ୍ର ବା ଛତ୍ର ଅର୍ଥ ଅନ୍ନଦାନର କ୍ଷେତ୍ର ବୋଲି ଗ୍ରହଣ କରାଯାଇଛି ।

"ସାତକ୍ଷୌଣୀ ସୈନ୍ୟ ଛତ୍ରେ କରନ୍ତି ଭୋଜନ"

ତେଣୁ ଭଅଣ୍ଡ ଭୋଗରେ ମିଳୁଥିବା ଅନ୍ନ କେବଳ ଭୋଜ୍ୟ ନୁହେଁ, ଏହା 'ଉଦରଭରଣ ନୁହେଁ ଜାଣ ଏ ଯଜ୍ଞ କର୍ମ ।'

ଏହି ଛତ୍ରଭୋଗ ମଣ୍ଡପ ବା ଭଅଣ୍ଡ ଘର 'ଗଙ୍ଗ ରାଜତ୍ୱ କାଳରେ ବହୁ ମନ୍ଦିର ନିର୍ମାଣ, ନବୀକରଣ, କେତାର ଅନ୍ୟ ମନ୍ଦିର ମୁଖଶାଳା, ନାଟ ଓ ଭୋଗ ମନ୍ଦିର ଆଦିର ସଂଯୋଜନା ଘଟିଥିଲା । ପୁରୀର ନାଟ, ଭୋଗମଣ୍ଡପ ପରବର୍ତ୍ତୀ କାଳରେ ହୋଇଥିବା ସ୍ପଷ୍ଟ । ମାଦଳା ପାଞ୍ଜି ବିବରଣୀ ଅନୁସାରେ ମଣ୍ଡପଟି ସୂର୍ଯ୍ୟବଂଶୀ ରାଜା ପୁରୁଷୋତ୍ତମ ଦେବଙ୍କ ସପ୍ତମ ଅଙ୍କରେ ନିର୍ମିତ ହୋଇଥିଲା । ପୁରୁଷୋତ୍ତମ ଦେବ ସାକ୍ଷୀଗୋପାଳଙ୍କୁ କିଛିକାଳ ଏଠାରେ ରଖିଲା ପରେ ଚଉଦ୍ୱାର ନଗରକୁ ନେଇଥିଲେ ।

ଭୋଇବଂଶ ରାଜା ଦିବ୍ୟ ସିଂହଦେବଙ୍କ ପ୍ରଥମ ଅଙ୍କରେ ଏହି ଭୋଗ ମଣ୍ଡପରେ ଗୁଣ୍ଡିଚା ଯାତ୍ରା ହୋଇଥିଲା (ପୁରୀ ବୋଲି : ପୃ. ୩୦୯)

ଦ୍ୱିପ୍ରହର ଧୂପ ଭଅଣ୍ଡ ଭୋଗ ପରେ ହୁଏ । ପୋଖରିଆ ଧୁଆ ହୁଏ । ପୋଖରିଆରେ ମୁରୁଜ ପଡେ । ଟେରା ବନ୍ଧାଯାଏ । ଖାଉବାଡି ଅନ୍ୟ ଦେବଦେବୀଙ୍କୁ ସହ ମଣୋହିଲାଗି ଆମନ୍ତ୍ରଣ କରାଯାଏ । ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନଙ୍କ ପାଇଁ ସ୍ୱତନ୍ତ୍ର ପନ୍ତି କରାଯାଏ । ପଢିଆରୀ ଭୋଗ ଡାକିବାକୁ ଯାଆନ୍ତି । ଜଣେ ଗରାବଡୁ ହାତୁଆଣି (ଜଳଦେବା) ସେବା, ପତ୍ରୀବଡୁ ପୂଜା ଠା କରିବା ସେବା କରନ୍ତି । ଭଣ୍ଡାର ମେକାପ ଚଳନ୍ତି ଭଣ୍ଡାରରୁ ସ୍ୱର୍ଣ୍ଣ ଅଳଙ୍କାର ଆଣି ଷୋଡଶ ପୂଜା ଉପଚାର ବିଧି ଅନୁସାରେ ଠାକୁରମାନଙ୍କୁ ଲାଗି କରିବା ଲାଗି ପୂଜାପଣ୍ଡାଙ୍କୁ ଦିଅନ୍ତି । ତିନିଜଣ ପୂଜାପଣ୍ଡା ନୈବେଦ୍ୟ ସମର୍ପଣ କରନ୍ତି । ଭୋଗ ସମୟରେ ପରୀକ୍ଷା ବଡୁ, ଚାଙ୍ଗଡାମେକାପ, ପାଳିଆ ମେକାପ, ପାଳିଆ ଖୁଣ୍ଟିଆ ସିଂହାସନ ତଳେ ଉପସ୍ଥିତ ହୋଇଥାଆନ୍ତି । ନୈବେଦ୍ୟ ସମର୍ପଣ ବେଳେ କଳାହାଟଦୁଆର ବନ୍ଦ ହୋଇଥାଏ ।

କୋଠଭୋଗରେ ଅନ୍ନ, ଡାଲି, ବେସର ମୁଗ, ମରିଚପାଣି, ବଟମ୍ୟା, ଶାକର, ପଖାଳ, ପଣା, ବଡବଡ ପିଠା, ଚଡେଇ ନେଦା, କୋଠ ଅମାଲୁ ଲୁଣ, ଖୁରମା, ବିରିପିଠା, ସରକାରୀ ଓଡିଆ (ଘିଅ ଭାତ) ଭୋଗ ହୁଏ । ଭୋଗପରେ ହଡପ ନାୟକ ପ୍ରଦତ୍ତ ବିଡିଆ ପୂଜାପଣ୍ଡା ସମର୍ପଣ କରନ୍ତି । ପାଳିଆ ମେକାପ ସଜାଡିଥିବା କର୍ପୁର ଆଳତିରେ ପୁଷ୍ପାଳକ ଆଳତି କରନ୍ତି । ବଡଠାକୁରଙ୍କ ଥାଳି ବିମଳାଙ୍କୁ ସମର୍ପଣ ଉଦ୍ଦେଶ୍ୟରେ ଯାଏ ।

ଦ୍ୱିପ୍ରହର ଧୂପ ପରେ ପୋଖରିଆ ଧୂଆହୁଏ । ଠାକୁରମାନେ ମଇଲମ ହୁଅନ୍ତି । ବିଭିନ୍ନ ଦିବସରେ ଦିବସାଧିପତି ଗ୍ରହମାନଙ୍କର ଇପ୍ସିତ ବର୍ଣ୍ଣର ବସ୍ତ୍ର ଠାକୁରମାନେ ପରିଧାନ କରନ୍ତି । ରବିବାରରେ ରକ୍ତ ବର୍ଣ୍ଣର, ସୋମବାରରେ ଧଳାଛିଟ, ମଙ୍ଗଳବାରରେ ବାଉପାଚିଆ (ଓସାର ହୋଇ ବିଭିନ୍ନ ରଙ୍ଗର), ବୁଧବାର ନେଳୀରଙ୍ଗର, ଗୁରୁବାର ପୀତବସ୍ତ୍ର, ଶୁକ୍ରବାର ଧଳାବସ୍ତ୍ର ଓ ଶନିବାର କୃଷ୍ଣବସ୍ତ୍ର ପରିଧାନ କଲାପରେ ସନ୍ଧ୍ୟା ଆଳତି ହୁଏ । ମହାପ୍ରଭୁ ସ୍ୱୟଂ ଜନାର୍ଦ୍ଦନ । ସେ ଗ୍ରହମାନଙ୍କର ଗ୍ରହ ଓ ସମସ୍ତ ସୃଷ୍ଟିର ନିୟାମକ । ସନ୍ଧ୍ୟା ଆଳତିରେ ମେକାପ କର୍ପୁର ଆଳତି, ସୁଆରବଡୁ ଏକୋଇଶ ବତୀ ଆଳତି ଓ ପିଷ୍ଟକ ଆଳତି ପ୍ରସ୍ତୁତ କରନ୍ତି । ବଳଭଦ୍ରଙ୍କ ପାଖେ ଜଣେ ପୁଷ୍ପାଳକ, ସୁଭଦ୍ରାଙ୍କ ପାଖେ ଜଣେ ପୁଷ୍ପାଳକ, ଶ୍ରୀଜଗନ୍ନାଥ, ଶ୍ରୀଦେବୀ, ଭୂଦେବୀ, ସୁଦର୍ଶନ ଓ ମାଧବଙ୍କ ପାଖେ ଆଉ ଜଣେ ପୁଷ୍ପାଳକ ଆଳତି ନୀତି କରନ୍ତି । ଗ୍ରହମାନଙ୍କୁ ଆଳତି ଦେବା ପାଇଁ ସେମାନଙ୍କ ଇପ୍ସିତ ବସ୍ତ୍ର ପରିଧାନ କରିବା ମହାପ୍ରଭୁଙ୍କର କନିଷ୍ଠମାନଙ୍କୁ ସ୍ୱୀକୃତି ଓ ସମ୍ମାନ ଦେବାର ଅଭିବ୍ୟକ୍ତି ।

ଶ୍ରୀଜଗନ୍ନାଥ ମହାପ୍ରଭୁ ସ୍ୱୟଂ କାଳର କାଳ (କାଳୋଽହଂ ଲୋକକ୍ଷୟ କୃତ ପ୍ରବୃଦ୍ଧ) । ସୂର୍ଯ୍ୟ ଚନ୍ଦ୍ର ଯାହାଙ୍କର ଦୁଇ ନେତ୍ର ମାତ୍ର, ବସିବାର ସର୍ପାକୃତି ଚକଡା ଯାହା ପୂର୍ଣ୍ଣାବୟବ ସମ୍ବତ୍ସର ପ୍ରତୀକ ଅର୍ଥାତ୍ ସମଗ୍ର ସମୟର ସତ୍ତାକୁ ଯେ କବଳିତ କରି ତା' ଉପରେ ଆଧିପତ୍ୟ ପୂର୍ବକ ଅଧିଷ୍ଠିତ ଯେ କାଳସର୍ପ ଗ୍ରାସ୍ ସମସ୍ତଙ୍କ ପ୍ରାଣ ପବନରେ ଶୋଷଣକାରୀ, ଯାହାଙ୍କର ଗୋଟିଏ ମୁହୂର୍ତ୍ତ ମାନବର କୋଟିକୋଟି କଳ୍ପରୁ ଅଧିକ ତାଙ୍କର ଦିନଚର୍ଯ୍ୟାରେ ମଧ୍ୟ ସନ୍ଧ୍ୟା ଆସେ ନାହିଁ । ଭକ୍ତ ବାଞ୍ଛା କଳ୍ପତରୁ । ଭକ୍ତର ଇଚ୍ଛା ପ୍ରାର୍ଥନା ତାଙ୍କ ପାଇଁ ଆଦେଶ । ସୂର୍ଯ୍ୟଚନ୍ଦ୍ର ଆଦି ଅନୁଗାମୀମାନଙ୍କୁ ପ୍ରତିଷ୍ଠା ଓ ମହତ୍ତ୍ୱ ଦେବା ଉଦ୍ଦେଶ୍ୟରେ ହିଁ ସନ୍ଧ୍ୟା ଆଳତିର ଅବତାରଣା ।

ସନ୍ଧ୍ୟା ଆଳତି ପରେ ପରମାଣିକ ଦର୍ଶନ । ଏହି ପରମାଣିକ ଦର୍ଶନ ସାଧାରଣତଃ ସନ୍ଧ୍ୟା ଧୂପ, ସନ୍ଧ୍ୟା ଆଳତି ଓ ଚନ୍ଦନଲାଗି ପରେ ହୁଏ । କେବଳ କାର୍ତ୍ତିକ ମାସରେ ସନ୍ଧ୍ୟା ଆଳତି ପରେ ସାହାଣମେଲା (ବିନା ଶୁଳ୍କରେ) ଦର୍ଶନ ହୁଏ । ତେବେ ସାଧାରଣ ଦର୍ଶନ ବା ସାହାଣମେଲା ମନ୍ଦିରର ଅନ୍ୟାନ୍ୟ ନୀତିକୁ ଦୃଷ୍ଟି ଦେଇ ମନ୍ଦିର କର୍ତ୍ତୃପକ୍ଷ କରିଥାନ୍ତି ।

ସନ୍ଧ୍ୟା ଆଳତି ପରେ ସନ୍ଧ୍ୟାଧୂପ ହୁଏ । ଏହି ଷୋଡଶ ଉପଚାର ପୂଜାରେ ପଣ୍ଡିବଡୁ ପୁରୁଷ ଯୋଗାଡି ଦିଅନ୍ତି । ପୂଜାପଣ୍ଡା ପୁରୁଷ ପକାନ୍ତି । କଳାହାଟ ଦ୍ୱାରରେ ବେରା ବନ୍ଧାଯାଏ । ଘଣ୍ଟ ବାଜେ । ପ୍ରତିହାରୀ ରୋଷକୁ ଭୋଗ ଡାକିବାକୁ ଯାଆନ୍ତି । ଏହି ଧୂପରେ କୋଠଭୋଗ ପକ୍ଷରୁ ଅନ୍ନଭୋଗ ହୁଏ ନାହିଁ । ମାତ୍ର ସୁଆରମାନେ କରିଥାନ୍ତି । କେବଳ ବଳଭଦ୍ର, ସୁଭଦ୍ରା, ଶ୍ରୀଜଗନ୍ନାଥ, ସୁଦର୍ଶନ ଏଭଳି ଚାରିଠାରେ ପଙ୍କ୍ତିଭୋଗ ବଢାହୋଇ ଭୋଗ ହୁଏ । ଜଗନ୍ନାଥଙ୍କ ପଙ୍କ୍ତି ପାଖରେ ଲକ୍ଷ୍ମୀ, ସରସ୍ୱତୀଙ୍କ ପାଇଁ ସ୍ୱତନ୍ତ୍ର ପଙ୍କ୍ତି ଅଷ୍ଟକମଳ ପଦ୍ମ ଉପରେ ବଢାହୁଏ । ଜଗନ୍ନାଥଙ୍କ ଭୋଗ ସହିତ ମାଧବଙ୍କ ଭୋଗ ସମ୍ପାଦିତ ହୁଏ । ଜଗନ୍ନାଥଙ୍କ ବାଡର ପୂଜାପଣ୍ଡା ସୁଦର୍ଶନଙ୍କର ତଥା ଲକ୍ଷ୍ମୀ ସରସ୍ୱତୀଙ୍କର (ଶ୍ରୀଦେବୀ ଓ ଭୂଦେବୀ) ନୈବେଦ୍ୟ ସମର୍ପଣ କରିଥାନ୍ତି । ତିନିଧୂପରେ କୋଠ ଭୋଗର ବଡଠାକୁରଙ୍କ କୋଠଭୋଗ ଥାଳି ମତାନ୍ତରରେ ପ୍ରତ୍ୟକ୍ଷଦର୍ଶୀ ସେବାୟତଙ୍କ ବିବରଣୀ ଅନୁସାରେ ଶ୍ରୀଜଗନ୍ନାଥଙ୍କ କୋଠଭୋଗ ଥାଳି (କାରଣ ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବ-ବିମଳା ପରମ ନୈବେଦ୍ୟ ଲୋଲୁପିନୀ) ବିମଳାଙ୍କୁ ସମର୍ପଣ ହେବାକୁ ଯାଏ । ପୂଜା ମଧ୍ୟରେ ଭଣ୍ଡାର ମେକାପ ପ୍ରଦତ୍ତ ସ୍ୱର୍ଣ୍ଣ ଅଳଙ୍କାର ପୂଜାପଣ୍ଡା ଠାକୁରମାନଙ୍କୁ ଲାଗି କରିଥାନ୍ତି । ଏହାଛଡା ପତ୍ରୀବଡୁ ପ୍ରସ୍ତୁତ କରିଥିବା ଦୀପରେ ଆଳତି, ସୁଆରବଡୁ କରିଥିବା ଧୂପ ପୂଜାପଣ୍ଡା ଠାକୁରମାନଙ୍କଠାରେ ଲାଗି କରିଥାନ୍ତି ।

ଅନ୍ୟ ଧୂପ ଭଳି ପ୍ରତିହାରୀ ଲକ୍ଷାବର୍ତ୍ତୀ ଉପରକୁ ନଅଠି କଳାହାଟ ଦ୍ୱାର ଆଉଜାଇ ଆଣନ୍ତି । ଘଣ୍ଟିବାଦନ, ନୈବେଦ୍ୟ ସମର୍ପଣ ପରେ କଳାହାଟ ଦ୍ୱାର ଖୋଲିବା ପରେ ହଡପ ନାୟକ ପ୍ରଦତ୍ତ ବିଡିଆ ପୂଜାପଣ୍ଡାମାନେ ଠାକୁରଙ୍କୁ ଲାଗି କରନ୍ତି ଓ ପୁଷ୍ପାଳକମାନଙ୍କ ଦ୍ୱାରା ତିନି ବାଡରେ କର୍ପୁର ଆଳତି, ଏକୋଇଶି ବତୀ ଆଳତି ଓ ପିଷ୍ଟକ ଆଳତି ସମ୍ପାଦିତ ହୁଏ । ଏହାଛଡା ଶ୍ରୀଜଗନ୍ନାଥଙ୍କଠାରେ ଅଲଗା ସାତବତୀ ଆଳତି ଆଉ ଥରେ ହୁଏ । କେବଳ ସନ୍ଧ୍ୟା ଧୂପରେ ତିନିଠାକୁରଙ୍କ ପାଖରେ ଛଅଟି ଆଳତି ସହିତ ଆଉ ଏକ ସ୍ୱତନ୍ତ୍ର ଚଳିତାରେ ଜୟମଙ୍ଗଳ ଆଳତି ନାମରେ ସ୍ୱତନ୍ତ୍ର ଆଳତି ହୁଏ ଓ ଶ୍ରୀଜଗନ୍ନାଥଙ୍କ ପାଖେ ଜୟମଙ୍ଗଳ ଆଳତୀ ହୁଏ ।

ସନ୍ଧ୍ୟାଧୂପ ପରେ ପୋଖରିଆ ପାଣି ପଡି ପୁଣି ପରିଷ୍କାର ହୁଏ । ଠାକୁରମାନଙ୍କୁ ପୁଷ୍ପାଳକମାନେ ମଇଲମ କରନ୍ତି । ଏହି ସମୟରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଘଟୁଆରୀ ନିଯୋଗ ଦ୍ୱାରା ପ୍ରସ୍ତୁତ ଚନ୍ଦନ ଠାକୁରମାନଙ୍କ ଶ୍ରୀଅଙ୍ଗରେ ଲାଗି ହୁଏ । ଉକ୍ତ ଚନ୍ଦନଲାଗି ବେଳରେ ଚିନ୍ତାମଣିଙ୍କୁ ଡିଣ୍ଡା କରେ । ଖୁଣ୍ଟିଆ ଦେ ମଣିମା ଡାକ ଦେଇ ଶ୍ରୀଅଙ୍ଗକୁ ସାବଧାନ ରହିବାକୁ ପ୍ରାର୍ଥନା କରନ୍ତି । ଘଟୁଆରୀ ନିଯୋଗରୁ ଘୋରା ହୋଇ ଚନ୍ଦନ ଆସିବାବେଳେ ଭେରୀ ତୁରୀ ସମଭିବ୍ୟାହାରରେ ଆସେ । ଚନ୍ଦନକୁ ସମ୍ମାନର ସହିତ ଆଣି ଚନ୍ଦନର ବରିଷ୍ଠତା ପ୍ରତିଷ୍ଠା କରିବା ସହିତ ସ୍ୱ-ଅନୁଗାମୀ ଅନୁଗତମାନଙ୍କୁ ମର୍ଯ୍ୟାଦା ଦେବାର ଅପୂର୍ବ ପରାକାଷ୍ଠା ପ୍ରଦର୍ଶନ କରନ୍ତି ପ୍ରଭୁ । ସେଇଟା ତାଙ୍କର ବୈଶିଷ୍ଟ୍ୟ । ସାଧାରଣ ବନର ଫୁଲମାଳକୁ ପ୍ରତିଷ୍ଠା ଦେବା ଲାଗି ସେ ନିଜକୁ କରିଦେଲେ ବନମାଳୀ । ପୀତ ଅମ୍ବରକୁ ଧାରଣା କରି ସେ ହୋଇଗଲେ ପୀତାମ୍ବର । ଏ ଚନ୍ଦନଲାଗି ଏକ ପ୍ରତୀକାତ୍ମକ ସେବା । ଏହା ଉଜ୍ଜୀବିତ କରେ ଅତୀତର ଗୌରବାନ୍ୱିତ ସ୍ମୃତିକୁ । ଗୋଟିଏ ଖୁଦ କଣାରେ କୋଟିଏ ତପସ୍ୱୀଙ୍କ କ୍ଷୁଧା ନିବାରଣ । ମହାପ୍ରଭୁଙ୍କର ଶ୍ରୀଅଙ୍ଗରେ ଚନ୍ଦନ ଲାଗି କଲାବେଳେ ବିଶ୍ୱଅଙ୍ଗ ଶୀତଳ ହେବା ଲାଗି ପୁଷ୍ପାଳକ ପ୍ରାର୍ଥନା କରିଥାନ୍ତି ।

ଚନ୍ଦନଲାଗି ପର୍ବ ପରେ ବଡସିଂହାର (ବୃହତ୍ ଶୃଙ୍ଗାର ଶବ୍ଦର ଅପଭ୍ରଂଶ ବୋଧହୁଏ ) ବେଶ ହୁଏ । ଏ ଅବସରରେ ପୋଖରିଆ ସଫା ହୁଏ । ଚାରିଠାକୁର ଅଧର, ଅଳକା, ଶ୍ରୀପୟର, ଗୁଣାଝୁମ୍ପା, ନାକଚଣା, ପଦକ, ହୃଦପଦ୍ମ,

କଳପଲ୍ଲବ ଆଦି ପୁଷ୍ପଭୂଷଣ ପିନ୍ଧନ୍ତି । ସେବାୟତମାନଙ୍କ ମତରେ ପୂର୍ବେ ବଡସିଂହାର ବେଶରେ ସୁବର୍ଣ୍ଣ ଓ ରତ୍ନ ଆଭରଣମାନ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିଲା । ବର୍ତ୍ତମାନ ପରିବର୍ତ୍ତିତ ପରିସ୍ଥିତିରେ ରତ୍ନ ଅଳଙ୍କାର ପରିବର୍ତ୍ତେ ପୁଷ୍ପ ଆଭୂଷଣ ଲାଗି ହେଉଛି ।

ବଡସିଂହାର ବେଶରେ ସବୁଠାରୁ ମୂଲ୍ୟବାନ ଅଳଙ୍କାର ହେଉଛି ନଖ ତୁଳସୀ । ଏହି ନଖ ତୁଳସୀ ଅତି ଯତ୍ନରେ ତୋଳାଯାଏ । ଏହାକୁ ତୋଳିବା ବେଳେ ନଖ ବା କୌଣସି ଆଘାତ ତୁଳସୀ ମଞ୍ଜରୀରେ ଲାଗିବ ନାହିଁ । କୁହାଯାଏ ଏହି ମଞ୍ଜରୀ ତୋଳିବା ବେଳେ ଯଦି 'ଟକ' କରି ସାମାନ୍ୟ ଶବ୍ଦ ହେଲା, ଛିଡାଇବାର କଷ୍ଟ ଯଦି ତୁଳସୀ ମଞ୍ଜରୀକୁ ଲାଗିଲା ତେବେ ତୁଳସୀ ମଞ୍ଜରୀ ଠାକୁରମାନଙ୍କ ସେବାଯୋଗ୍ୟ ହେବ ନାହିଁ ।

ଏହି ତୁଳସୀ ମଞ୍ଜରୀର ଦୁଇପଟେ ଦୁଇଟି କୋମଳ ସଦ୍ୟ ବିକଶିତ ପତ୍ର ଓ ମଝିରେ ଅତ୍ୟନ୍ତ କୋମଳ ଅତି ଶୋଭା ପାଇଥାଏ । ତୁଳସୀର କୋମଳତା ଓ ସତେଜତାର ସୁରକ୍ଷାଲାଗି ତୋଳା ହେବା ପରେ ପରେ ଏହାକୁ ଜୀବନ୍ତ ବସ୍ତ୍ର କାନରେ ମୁକ୍ତ ଶୀତଳ ପବନରେ କୁଲାରେ ପକାଇ ଧୀରେଧୀରେ ବିଞ୍ଚଣାରେ ବିଞ୍ଚାଯାଏ । ଏଥିରେ ପୁଷ୍ପାଳକ ଚନ୍ଦନ କସ୍ତୁରୀ ପ୍ରଲେପ ଦେଇ ତିନିଠାକୁରଙ୍କ ନାଭିକମଳରେ (ବ୍ରହ୍ମଥିବା ସ୍ଥାନରେ) ସର୍ବଗୋପନରେ ସ୍ଥାପନ କରନ୍ତି । ପୁଷ୍ପ ଆଭୂଷଣ ତଥା ନଖ ତୁଳସୀ ଆଦି ଶ୍ରୀଅଙ୍ଗରେ ଲାଗି କରିବା ସେବା ସହିତ ବନକଲାଗି ସେବା ଓ ମାଘ ସ୍ନାନ ବେଳେ ସିଂହାସନ ଧୋଇବା ସେବା ସୁନା ଗୋସେଇଁ କରିଥାନ୍ତି ।

ବଡସିଂହାର ଭୋଗ ପ୍ରତିହାରୀ ଡାକି ଯାଆନ୍ତି । ପ୍ରଧାନୀ ଅନ୍ୟ ଧୂପରେ ପୂଜାପଣ୍ଡାକୁ ତଦ୍ଦର କଲାଭଳି ବଡସିଂହାର ବେଳେ ମଧ୍ୟ ପୂଜାପଣ୍ଡାଙ୍କୁ ତଦ୍ଦର କରନ୍ତି । ବଡସିଂହାର ବେଶରେ ଝାଞ୍ଜ ବାଜେ ନାହିଁ । ମୁରୁଜ ପଡେ ନାହିଁ । ବେଠା ବନ୍ଧାଯାଏ ନାହିଁ । ଗରାବଡୁ ହାତୁଆଣି ସେବା, ପତ୍ରୀବଡୁ ଦୀପ ପ୍ରସ୍ତୁତ ସେବା, ସୁଆରବଡୁ ଧୂପ ପ୍ରସ୍ତୁତ ସେବା, ପୂଜାପଣ୍ଡା ପଞ୍ଚୋପଚାରରେ ନୈବେଦ୍ୟ ସମର୍ପଣ ସେବା କରନ୍ତି । ଏହି ଭୋଗରେ ମାଠପୁଳି, ଚାକୁଆ, ସିଅ, ମିଠା ପଡିଥିବା ଦହିପଖାଳ, କଦଳୀବଡା, ଘୃତ ପଡିଥିବା ବଡମ୍ବା (ଖିରି ଭଳି ଏକ ଭୋଗ) ହୋଇଥାଏ । ନୈବେଦ୍ୟ ପରେ ବିଡିଆ ଲାଗି ହୁଏ ନାହିଁ । ବଡସିଂହାର ପୂଜାବେଳେ ବଡଛତା ମଠ ପକ୍ଷରୁ ସନ୍ନ୍ୟାସୀମାନେ ବଡ ସିଂହାର ବାଜା ବଜାନ୍ତି । ବଡସିଂହାର ଭୋଗ ପରେ କର୍ପୂର ଆଳତି ହୁଏ ନାହିଁ ।

ବଡସିଂହାର ଭୋଗ ପରେ ପାଣି ପଡି ପୋଛରିଆ ସଫା ହୁଏ । ଖଟ ଶେଯ ମେକାପ ଭଣ୍ଡାରଘରୁ ଖଟଶେଯ ବିଜେ କରାଇ ଗର୍ଭଗୃହ ଭିତରକୁ ନିଅନ୍ତି । ପୁଷ୍ପାଳକ ଭଣ୍ଡାରଘରୁ ଶୟନ ଠାକୁରଙ୍କୁ ନେଇ ଜଗନ୍ନାଥଙ୍କ ପାଖେ ବିଜେ କରାନ୍ତି । ଶ୍ରୀଜଗନ୍ନାଥଙ୍କ ପାଖେ ରତ୍ନସିଂହାସନରେ ବିଜେ ହେଲାପରେ ଫୁଲ ଖୁଣ୍ଟିଆ ଶୟନଠାକୁରଙ୍କୁ ତୁଳସୀମାଳ ଲାଗି କରନ୍ତି । ଏ ଅବସରରେ ତିନିଜଣ ପୁଷ୍ପାଳକ ତିନି ଠାକୁରଙ୍କୁ ପହଡ ଆଳତି କରନ୍ତି । ସିଂହାରୀ ଓ ମାହାରୀ ଜୟଦେବକୃତ ଗୀତଗୋବିନ୍ଦ ଗାନ କରନ୍ତି । ଏହାପରେ ଶୟନଠାକୁର ଛତା ଧୁଆ (ଛତ୍ର ସେବା କରୁଥିବା ସେବକ) ମାହାରୀ, ପୂର୍ବ ଦିନରେ ସେବାରତ ଗରାବଡୁ, ଖୁଣ୍ଟିଆ ଆଦିଙ୍କୁ ସମଭିବ୍ୟାହାରରେ ପୁଷ୍ପାଳକଙ୍କ ଦ୍ୱାରା ଆନୀତ ହୋଇ ଜୟବିଜୟ ଦ୍ୱାରରେ ଗରାବଡୁ ପକାଇଥିବା ଜଳରୁ ଉପରେ ବିଜେ ହୁଅନ୍ତି । ସେ ଆସିବା ଓ ବିଜେ ହେବା ସମୟରେ ଗରୁଡସ୍ତମ୍ଭ ପାଖରେ ସାଧୁସନ୍ଥମାନେ ଗୀତଗୋବିନ୍ଦ ଗାନ କରିଥାଆନ୍ତି । ଶୟନଠାକୁରଙ୍କୁ ଜୟ ବିଜୟ ଦ୍ୱାର ରୁପା ପିଙ୍ଗଳାରେ ସୁବାସିତ ଫୁଲ ପଲଙ୍କ ଉପରେ ଫୁଲଖୁଣ୍ଟିଆ ରଖନ୍ତି । ହଡପ ନାୟକ ଖଟ ଉପରେ ବିଡିଆ ପାନ ଓ ଖଟତଳେ ପଇଡ ରଖନ୍ତି । ଗରାବଡୁ ପସାଜଳ (ଜାଇଫଳ ମିଶ୍ରିତ ଜଳ) ଖଟତଳେ ରଖନ୍ତି । ଏହାପରେ ପୁଷ୍ପାଳକ ଶୟନ ଠାକୁରଙ୍କୁ ଭଣ୍ଡାର ଘରକୁ ନେଇଯାଆନ୍ତି । ଏହି ସମୟରେ ଅଣସର ପିଣ୍ଡି ସମ୍ମୁଖସ୍ଥ ଦକ୍ଷିଣଦ୍ୱାର (ମୁକ୍ତିମଣ୍ଡପର ସମ୍ମୁଖ ଦ୍ୱାର ଯେଉଁଠାରେ ଶଙ୍ଖଚିହ୍ନ ଅଙ୍କିତ ହୋଇଛି ।) ଏକ ଫାଳ ବଡସିଂହାର ବେଶ ବେଳେ ଆଉଜା ହୋଇଥାଏ । ଅନ୍ୟ ଏକ ଫାଳ ଶୟନ ଠାକୁର ଜୟବିଜୟ ଦ୍ୱାର ପାଖକୁ ଆସିବା ବେଳେ ମୁହୁଲି ଭିତରୁ କିଳିଣି ଦେଇ ବାହାରୁ ତାଲା ପକାଇ ଦିଅନ୍ତି । କଳାହାଟ ଦ୍ୱାର ଆଉଜାଇ ଥଣା ହୁଏ । ଜୟବିଜୟ ଦ୍ୱାରରେ ତାଲାପଡି ତଳିଛ ମହାପାତ୍ର କୋଲପରେ ବନମାଟି ଲେପ ଦେଇ ରାଧାକୃଷ୍ଣ ଛାପ ଦିଅନ୍ତି । ମୁହୁଲି ଦ୍ୱାର ବନ୍ଦ କରନ୍ତି । ମନ୍ଦିର ଶୋଧ ହୁଏ ।

ଦିନକର ନୀତି ଲୋକଦୃଷ୍ଟିରୁ ଆପାତତଃ ସମାପ୍ତ ହୁଏ । ଲଘୁ, ଗୁରୁ, କନିଷ୍ଠ, ବରିଷ୍ଠ ସମସ୍ତଙ୍କର ପୁଷ୍ଟି ଓ ନିଷ୍ଠାରେ ସୃଷ୍ଟିର ପରାକାଷ୍ଠା ପ୍ରତିଷ୍ଠା ହୁଏ । କେବଳ ଶ୍ରୀଜଗନ୍ନାଥଙ୍କୁ ବାଦ ଦେଲେ ସଂସାରର ସ୍ଥିତି, ଅଭିବୃଦ୍ଧି ଓ ପୂର୍ଣ୍ଣତା ସମ୍ଭବ ହୁଏ ପରସ୍ପର ସୌହାର୍ଦ୍ଦ୍ୟ ଓ ସହଯୋଗରେ । ବରିଷ୍ଠର ଗରିଷ୍ଠତା ପ୍ରତିଷ୍ଠିତ ହୁଏ କନିଷ୍ଠର ସମ୍ମାନ ଓ ବିକାଶରେ । କୋଟି କୋଟି ବିଶ୍ୱ ବ୍ରହ୍ମାଣ୍ଡର ନାଥ ହେଉଛନ୍ତି ଶ୍ରୀଜଗନ୍ନାଥ । ସେ ଈଶ୍ୱର (କର୍ତ୍ତୁଂ ଅକର୍ତ୍ତୁଂ ଅନ୍ୟଥା କର୍ତ୍ତୁ ଯଃ ସମର୍ଥ ସଃ ଈଶ୍ୱରଃ)।

ଶ୍ରୀମନ୍ଦିର ନୀତିର ଅନ୍ତସଲୀଳା ଫଲଗୁ ବା ପ୍ରାଣସତ୍ତା ହେଉଛି କନିଷ୍ଠକୁ ମହତ୍ତ୍ୱ ଦେବାରେ । ଏହା ସ୍ୱୀକୃତ ଯେ

ସର୍ବ ଦେବତା ବିଷ୍ଣୁ ଦେହେ,
ବ୍ରାହ୍ମଣ ଦେଲେ ବିଷ୍ଣୁ ରହେ ।

ଶ୍ରୀଶ୍ରୀ ଜଗନ୍ନାଥ ମହାବିଷ୍ଣୁ । ସମସ୍ତ ଦେବତା ତାଙ୍କର ଅଂଶ ଓ ଅଙ୍ଗରୁ ଜାତ । ଶ୍ରୀମଦ୍ ଭାଗବତ ଗୀତାର ୧୧ଶ ଅଧ୍ୟାୟ 'ବିଶ୍ୱରୂପ ଦର୍ଶନ ଯୋଗ'ରେ ମଧ୍ୟ ଏହି ତତ୍ତ୍ୱ ଉଦଘୋଷିତ । ସମସ୍ତ ସୃଷ୍ଟି ମୋର ଅଙ୍ଗରେ ଓ ମୁଁ ସମଗ୍ର ସୃଷ୍ଟିରେ ପରିବ୍ୟାପ୍ତ । ସେହି ମହାନ୍ ସତ୍ତାକୁ ଉପାସନା କଲେ ସମଗ୍ର ଅଣୁସତ୍ତା ସ୍ୱତଃ ଉପାସିତ ହୋଇଥାଆନ୍ତି । ସେଥିପାଇଁ ଇଙ୍ଗିତ ଦିଆଯାଇଛି ଅନ୍ୟ ଦେବଦେବୀଙ୍କୁ ପୂଜା କରୁଥିବା ବ୍ୟକ୍ତି ସେହି ମହାନ୍ ସତ୍ତାଙ୍କ 'ଯଜନ୍ତେ ଅବିଧି ପୂର୍ବକମ୍' ଶୟନଠାକୁର ଶ୍ରୀଜଗନ୍ନାଥଙ୍କ ପାଖକୁ ବିଜେ କରିବା ଅର୍ଥ ଅଂଶ ବିଶେଷ ସମଗ୍ର ସତ୍ତା ସହିତ ମିଳିତ ହୋଇ ପୁନଃ ସୃଷ୍ଟି ଓ ଶକ୍ତିର ଅଭିବୃଦ୍ଧି ସାଧନ କରିବା । ଅନନ୍ତ ଶଯ୍ୟାରେ ସଦା ଯୋଗନିଦ୍ରାରେ ନିମଗ୍ନ ମହାପ୍ରଭୁ ଶୟନଠାକୁରଙ୍କ ମହତ୍ତ୍ୱ ପ୍ରତିଷ୍ଠା ଲାଗି ଏହି ଭଳି ଆଚରଣ ପ୍ରଦର୍ଶନ କରିଥାନ୍ତି ।

ଶ୍ରୀଜଗନ୍ନାଥଙ୍କର ଅନ୍ୟାନ୍ୟ ଅଂଶାବତାର ଯଥା ରାମକୃଷ୍ଣ, ମଦନମୋହନ ପ୍ରଭୃତି ବିଭିନ୍ନ ଉତ୍ସବରେ ମନ୍ଦିର ବାହାରକୁ ଯିବାବେଳେ ସେମାନଙ୍କର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ନ ହେବା ପର୍ଯ୍ୟନ୍ତ ପହଡ ନୀତି ହୁଏ ନାହିଁ । ସାର୍ବଭୌମ ଶ୍ରୀଜଗନ୍ନାଥଙ୍କର ନୀତି ବାହାର ଆଗମନ ବା ପ୍ରସ୍ଥାନ ଉପରେ ନିର୍ଭର କରେ ନାହିଁ । କାରଣ ସେ ସ୍ୱୟଂ ସମ୍ପୂର୍ଣ୍ଣ । ମାତୃ ଘରର ଅଭିଭାବକ ଯେ ଭଳି ରାତିର ଅନ୍ତିମ ପ୍ରହର ପର୍ଯ୍ୟନ୍ତ ଅଣଲେଉଟା ପୁତ୍ର କନ୍ୟା ଅନୁଜ ଅନୁଗତମାନଙ୍କୁ ଅପେକ୍ଷା କରିଥାଏ, ସେଭଳି ଶ୍ରୀଜଗନ୍ନାଥ ଅପେକ୍ଷା କରିଥାନ୍ତି ଅଂଶାବତାରମାନଙ୍କୁ ।

ସ୍ନାନଯାତ୍ରା, ରଥଯାତ୍ରା ପ୍ରଭୃତିରେ ସ୍ୱୟଂଆୟୁଧ ସୁଦର୍ଶନ, ସ୍ୱଶଯ୍ୟା ଅନନ୍ତ ପ୍ରଭୃତିଙ୍କର ପହଣ୍ଡି ସମାପନ ପରେ ଅନ୍ତିମ ପର୍ଯ୍ୟାୟରେ ସ୍ୱଯାତ୍ରା କରନ୍ତି ମହାପ୍ରଭୁ । ଏହି ଆଚରଣ ଅହଙ୍କାର ହଳାହଳର କୋଳାହଳରେ ଅଶାନ୍ତ ପୃଥିବୀକୁ ଅମୃତର ସୃଷ୍ଟିରେ ରୂପାନ୍ତରିତ କରିବା ଲାଗି ଏକ ଦିବ୍ୟ ସନ୍ଦେଶ । ଶ୍ରୀମନ୍ଦିର ଚଳଣିରେ ଜାତି, କୁଳି, ଜ୍ଞାନ, ସମ୍ପଦର ପ୍ରାଧାନ୍ୟ ସ୍ୱୀକୃତ ନୁହେଁ । ଏହା ସଦ୍ୟ ମୁକ୍ତିପ୍ରଦ । ସ୍ନାନଯାତ୍ରା ଗୁପ୍ତପୂଜା, ନବକଳେବର ତଥା ପାବନଯାତ୍ରା ଆଦିରେ ପ୍ରମାଣିତ । ଭୂପତି ପଣ୍ଡିତଙ୍କ ଉକ୍ତି -

"ପାଦ ଚାପନ୍ତି କମଳିନୀ
କାନ୍ଧେ ବସଇ ଗରୁଡ଼ୁଣୀ"

ଏଠାରେ ପ୍ରଣିଧାନ ଯୋଗ୍ୟ ।

ପ୍ରଭୁଙ୍କର ଘୋଷଣା ଅନୁସାରେ

"ଚତୁର୍ବର୍ଣ୍ଣ ମୟା ସୃଷ୍ଟ ଗୁଣକର୍ମ ବିଭାଗେଶୁ ।

(ଗୀତା)

ଦେଖୁ ସ୍ଥାବର ଜଙ୍ଗମ, କୀଟ ପତଙ୍ଗ, ନାଗ, ନର, ଗନ୍ଧର୍ବ, କିନ୍ନର ଆଦି ସମସ୍ତଙ୍କର ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପିତା । ସ୍ନେହଶୀଳ ପିତାଟିଏ ସନ୍ତାନର କଲ୍ୟାଣ କାମନାର ସଦା ଉଦବାହୁ ହେବା ଭଳି ସମଗ୍ର ସୃଷ୍ଟିର ବିଶେଷ କରି କନିଷ୍ଠ ଜଗତର ମଙ୍ଗଳକାମନାରେ ଶ୍ରୀଜଗନ୍ନାଥ ସଦା ଉଦବାହୁ । ଏକାଦଶୀ ଦିନ ମହାଦୀପ ଉଠିବା ବେଳେ ଏ ଜାତି ସେଇଥି ପାଇଁ ପ୍ରାର୍ଥନା କରେ ମହାପ୍ରଭୁଙ୍କୁ ଶଙ୍ଖରେ ପୂରାଇ ଚକ୍ରରେ ଆଳୁଆଳ କରି ରଖିବାକୁ । କବିସୂର୍ଯ୍ୟ ଯଥାର୍ଥରେ କହିଛନ୍ତି :

କି କହିବା ତାଙ୍କ ପୀରତି କରିବା କୀରତି ଚନ୍ଦ୍ର ମାଧୁରୀକି,
ରଙ୍କ ବିପ୍ର ପାଦ ଧୁଆଇ ଯା ଦେଲେ ରମା କରେ ରନ୍ ଫେରିକି ।

XX XX XX

ସାନକୁ ବଡ କରିବାରେ ଉଡାଇ ଅଛନ୍ତି ଧ୍ୱଜ ମଞ୍ଜରୀକି
ଦେଖ ନାଗ ନର ଗନ୍ଧର୍ବ କିନ୍ନର ଉପରେ ଧ୍ରୁବ ନଗରୀକି
କେହୁ ସରିକି ?
ପ୍ରଭୁ ପଣେ ନୀଳାଦ୍ରି କେଶରୀକି
ଯାଂଠାରେ ପୂରିଛି ଦୁଃଖି ଜନେ ଦୟା ନଖଠାରୁ ଶିଖା ସରିକି ।

ଆଜି ମନୁଷ୍ୟ ଅନ୍ତରାତ୍ମାର ଅନାହତ ସତ୍ତା ଗଭୀର ଭାବେ ଆହତ ହୋଇ ସ୍ୱାର୍ଥପରତାର ଲେଲିହାନ୍ ବଳୟ ଭିତରୁ ନିଜକୁ ମୁକ୍ତ କରି ବଞ୍ଚିବା ବଡିଶ ପାଇଁ ଲହୁ ଲୁହାଣ ପ୍ରାଣ ମୂର୍ଚ୍ଛା ସଂଗ୍ରାମ କଲାବେଳେ ମହାପ୍ରଭୁଙ୍କର ଏହି ଅମୃତବର୍ଷୀ ଆଚରଣ ତାର ଅନୁଶୀଳନ, ଅନୁସରଣ ଓ ଅନୁକରଣ କରିବା ଏକାନ୍ତ ଆବଶ୍ୟକ ବୋଲି ମନେ ହୁଏ ନାହିଁ କି ?

ଶ୍ରୀସିଦ୍ଧି ଦେଓ୍ୱାନ,
ଚିତ୍ରକଟା ଗଳି,
ପୁରୀ ଟାଉନ-୨ ।



# ଭୂତବିଗ୍ରହ-ବନାମ-ଭାବବିଗ୍ରହ ଶ୍ରୀଜଗନ୍ନାଥ

ଶ୍ରୀ ନରହରି ଉପାଧାୟ

ଆଜି ସର୍ବଶୁଭଙ୍କରୀ ଶ୍ରୀଗୁଣ୍ଡିଚା; ମରବୈକୁଣ୍ଠ ଧାମରେ ମହୋତ୍ସବମସ୍ଥୀ ବ୍ରହ୍ମଲୀଳା ମଞ୍ଚାୟନର ମହାଡମ୍ବର; ଶ୍ରୀମନ୍ଦିର ସିଂହଦ୍ୱାରେ ଉଭା ସୁସଜ୍ଜିତ ଦେବଯାନ ନନ୍ଦିଘୋଷ; ଘୋଷଯାତ୍ରାରେ ବାହାରି ଯାନୋପରି ବିରାଜମାନ କରିଅଛନ୍ତି ଦାରୁଭୂତ ଦାରୁବିଗ୍ରହ ସ୍ୱୟଂ ଶ୍ରୀଜଗନ୍ନାଥେ । ଝଟକୁଛି ଦିବ୍ୟକବିଗ୍ରହର ଝଲସା ଦ୍ୟୁତି । ନେତ୍ର ପିଛୁଳା ପଡୁ ନାହିଁ ଲକ୍ଷଲକ୍ଷ ଉତ୍କଣ୍ଠ-ଉଦବାହୁ ସମବେତ ଜନତାର । ଗର୍ଜନଶୀଳ ଉଦବେଳ ଜନବାରିଧିର ଉତ୍ତାଳ ତରଙ୍ଗ ତୋଳି ଗଗନରେ - ପବନରେ ସକମ୍ପ ପ୍ରତିଧ୍ୱନିତ 'ଜୟ ଜଗନ୍ନାଥ' ଧ୍ୱନି । ପରନ୍ତୁ ଦୃଶ୍ୟାନୁଧ୍ୟାୟୀ ଲକ୍ଷ୍ୟକରେ, କିଛି ଚମତ୍କାରୀ ବିଚିତ୍ରତା । ଅସୀମ ଭକ୍ତପାରାବାର ଭିତରେ, ନାରୀ-ପୁରୁଷ ନିର୍ବିଶେଷରେ, ସ୍ପଷ୍ଟ ବାରି ହୋଇଯାଏ ଦୁଇଟି ଭିନ୍ନଭିନ୍ନ ଶ୍ରେଣୀର ଉପସ୍ଥିତି । ଜଗନ୍ନାଥପ୍ରାଣତାରେ କୌଣସି ଶ୍ରେଣୀ ଊଣା ନୁହେଁ, ଅଥଚ ବୈଚିତ୍ର୍ୟ ଯେ, ଗୋଟିଏ ଭାବୋନ୍ମତ୍ତ ତ, ଅନ୍ୟଟି ଭାବଭୋଳ । ଭିନ୍ନତାର ମାନଦଣ୍ଡରେ, ପୂର୍ବୋକ୍ତ ପ୍ରଥମ ଶ୍ରେଣୀର ସଂଖ୍ୟାଧିକ୍ୟ ଭକ୍ତ ବାଦ୍ୟାଡମ୍ବରପୂର୍ଣ୍ଣ ବଡଦାଣ୍ଡ ଉଚ୍ଛୁଳା କୀର୍ତ୍ତନ-ନର୍ତ୍ତନାଦିରେ ଗଳଦଘର୍ମ ହେଲେ, ଅପର ମୁଷ୍ଟିମେୟ ଗୋଷ୍ଠୀ ନୀରବ-ନିଶ୍ଚଳଭାବେ ଅଞ୍ଚଳ ନୟନଯୁଗଳକୁ ଚନ୍ଦ୍ରସୂର୍ଯ୍ୟସମ ଦେଦୀପ୍ୟମାନ ଶ୍ରୀମୂର୍ତ୍ତିଙ୍କ ଚକାଡୋଳା ବେନି ଡୋଳାରେ ସ୍ଥାପିଦେଇ ଯୋଡକରେ ଆତତାହାତରେ ଦଣ୍ଡାୟମାନ । ଅଦ୍ୟ ବ୍ରହ୍ମଲୀଳାମଞ୍ଚ ଦୃଶ୍ୟପଟରେ ଏ ଉଭୟ ଚରିତ୍ରଙ୍କର ଭକ୍ତିଚେତନାନୁପ୍ରାଣିତ ଚାରିତ୍ରିକ ବୈଶିଷ୍ଟ୍ୟ ଅବଶ୍ୟ ବିଶ୍ଳେଷଣୀୟ ।

ଅତ୍ୟୁଦ୍ଧ ଉପକ୍ରମରୁ ପାଠକ ମନରେ ସ୍ୱତଃ ଏକ ପ୍ରଶ୍ନର ସମ୍ଭାବନା ଦେଖାଯାଏ ଯେ ଗୁଣ୍ଡିଚା ଯାତ୍ରାରେ ବହିର୍ଗତ ତିନି ଦେବରଥରେ ଭାଇଭଉଣୀ ହୋଇ ତିନିମୂର୍ତ୍ତି ଅଧିରୂଢ । ପରନ୍ତୁ କେବଳ ଶ୍ରୀଜଗନ୍ନାଥଙ୍କୁ ଆଲୋଚନାର ବିଷୟୀଭୂତ କରିବାର ବିଶେଷ ତାତ୍ପର୍ଯ୍ୟ କ'ଣ ? ସୂକ୍ଷ୍ମରେ ଏହାର ଉତ୍ତର, ଶ୍ରୀଗୁଣ୍ଡିଚା ଯାତ୍ରାକୁ ଆମ୍ଭେ ତତ୍ତ୍ୱତଃ 'ବ୍ରହ୍ମଲୀଳା' ପରିଭାଷାରେ ବ୍ୟକ୍ତ କରିଛୁଁ । ଶାସ୍ତ୍ରୋକ୍ତିରେ : "ଲୋକବତ୍ତୁ ଲୀଳା କୈବଲ୍ୟମ୍" (ବ୍ରହ୍ମସୂତ୍ର - ୨-୧-୩୩), ଅର୍ଥାତ୍ ଜାଗତିକ ଜନକଲ୍ୟାଣ ନିମନ୍ତେ ବିଗ୍ରହାତୀତ ଅବ୍ୟକ୍ତ ବ୍ରହ୍ମ ବ୍ୟକ୍ତ ଭୌତିକ ଲୀଳାବିଗ୍ରହ ଧାରଣ କରି ଜୀବବତ୍ ଲୀଳା କରନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ପରଂବ୍ରହ୍ମତତ୍ତ୍ୱର ସ୍ୱୟଂପ୍ରକାଶ ମୂର୍ତ୍ତିମନ୍ତ ପ୍ରତୀକ । ଲୋକାଚାର ଦୃଷ୍ଟିରେ ଭ୍ରାତାଭଗ୍ନୀ ସମ୍ବଳିତ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ତାଙ୍କର ଅଂଶୋଦ୍ଭବ ହେତୁ ସ୍ୱତନ୍ତ୍ର ନୁହନ୍ତି, ସାପେକ୍ଷ ମାତ୍ର, ତତ୍ତ୍ୱତଃ ଖଣ୍ଡପ୍ରତୀତ ଏକ ଅଖଣ୍ଡ ସତ୍ତା । ସୁତରାଂ ବହିରଙ୍ଗସ୍ଥିତି ଭ୍ରାନ୍ତିରୁ ଏକକ ପରଂବ୍ରହ୍ମତତ୍ତ୍ୱ ସତ୍ତାକୁ ପୃଥକ୍ ପୃଥକ୍ ଭାବରେ ଦେଖାଯାଇ ନପାରେ । ଚନ୍ଦ୍ରରୁ ଜ୍ୟୋତ୍ସ୍ନା ପୃଥକ୍ ନୁହେଁ, ଅଗ୍ନିରୁ ଦୀପ୍ତି ପୃଥକ୍ ନୁହେଁ, ପରିପୂର୍ଣ୍ଣତା ପ୍ରତିଷ୍ଠାରେ ପରସ୍ପର ପରିପୂରକ ଅତଏବ ପ୍ରମାଣତଃ ଦାରୁବ୍ରହ୍ମଲୀଳାନାୟକ ଶ୍ରୀଜଗନ୍ନାଥଙ୍କୁ ତ୍ରିମୂର୍ତ୍ତିଙ୍କର ତତ୍ତ୍ୱସମନ୍ୱିତ ବିଗ୍ରହ ମାନ୍ୟତା ଦିଆଯାଉଛି । ପୁନଶ୍ଚ ଦର୍ଶାଇ ଦିଆଯାଇପାରେ, 'ଲୀଳା' ଏକ ଆପେକ୍ଷିକ ଶବ୍ଦ, ଏହାର ଅନୁଷ୍ଠାନ ସାପେକ୍ଷିକ । ସଙ୍ଗୀ ସଙ୍ଗିନୀ, ସହଚର-ସହଚରୀ, ଶ୍ରଦ୍ଧାଳୁ ଦର୍ଶକ-ଦର୍ଶିକା ଅବଶ୍ୟ ରହିବେ, ଅଛନ୍ତି ନିଜର ଭାଇଭଉଣୀଙ୍କ ସମେତ ଶ୍ରୀଗୁଣ୍ଡିଚାଲୀଳା ଦର୍ଶନାଭିଳାଷୀ ଅସଂଖ୍ୟ ଭକ୍ତିପ୍ରାଣ ଆବାଳବୃଦ୍ଧବନିତା ଏବଂ ପ୍ରୋତ୍ସାହୀ ପ୍ରଯୋଜକ-ସଂଯୋଜକଗଣ ।

ଭଗବତତ୍ତ୍ୱ ମୀମାଂସା ପର୍ଯ୍ୟାୟରେ ରୂପାରୂପ ପ୍ରଶ୍ନଟି ଅତି ଗୁରୁତ୍ୱପୂର୍ଣ୍ଣ । ବ୍ରହ୍ମଙ୍କ ସ୍ୱରୂପ ସନ୍ଧାନରେ ବୈଦିକ ଯୁଗାବଧି ଭାରତୀୟ କବିମନୀଷୀଗଣ କମ୍ ପ୍ରୟାସ-ପ୍ରଯତ୍ନ କରିନାହାନ୍ତି । ନିଖିଳ ବେଦବେଦାନ୍ତଦର୍ଶନାଦି ସତ୍ ଶାସ୍ତ୍ରାବଳୀ ସହସ୍ରସହସ୍ର ବର୍ଷ ବିତାଇ ମଧ୍ୟ ପରମତତ୍ତ୍ୱ ନିଷ୍ପତ୍ତି ଚିନ୍ତନରୁ ଛୁଟିଗ ହୋଇନାହାନ୍ତି । ଭାରତୀୟ ସନାତନ ଧର୍ମଧାରା ନିରାକାର ଈଶ୍ୱରବାଦରେ ଆସ୍ଥାସ୍ଥାପନ କରନ୍ତି । ସନାତନୀ ଆର୍ଯ୍ୟ ପରମ୍ପରା ନିରାକାର ବ୍ରହ୍ମବାଦକୁ କଦାପି ଅସ୍ୱୀକାର କରେ ନାହିଁ । ମାତ୍ର ତାହାର ପ୍ରାୟୋଗିକ ପଦ୍ଧତିକୁ ଭିନ୍ନରୂପେ ପ୍ରତିପାଦନ କରେ । ବେଦାନ୍ତ ମତରେ, ବ୍ରହ୍ମତତ୍ତ୍ୱ ସଗୁଣ-ସାବୟବ ନୁହନ୍ତି, ସସୀମ-ସାକ୍ଷାତ୍ ନୁହନ୍ତି, ସତ୍ତାତୀତ ତଥା ବାଗତୀତ ମହାଶୂନ୍ୟତତ୍ତ୍ୱ । ଅପରନ୍ତୁ ଆର୍ଯ୍ୟ ସଂସ୍କୃତି ରୂପ ବା ପ୍ରତୀକ ଉପାସନାର ପକ୍ଷପାତୀ । ରୂପ ଏକ ଭାବନାର ସାମଗ୍ରୀ । ଆମର ଧର୍ମଗୁରୁଗଣ ସବୁ କାଳଯୁଗରେ ସତ୍ତାତିରିକ୍ତ କାରଣରେ ରୂପନ୍ୟାସ କରିଅଛନ୍ତି । ଭାବନାନୁମତ ବିଗ୍ରହ ପରିକଳ୍ପନା ଭାରତୀୟ ହିନ୍ଦୁତ୍ୱ ଚେତନା ଓ ଧର୍ମଧାରଣାର ଏକ ବିଶେଷତ୍ୱ । ରୂପ ସୃଷ୍ଟି କିମାତ୍ର ଏକ ମାର୍ଗ । ଜାତୀୟ ରାଜପଥଟି ନଥିଲେ ବଣପାହାଡ, ନଦୀନାଳସଙ୍କୁଳ ଅଗମ୍ୟ ବନ୍ଧୁର ପଥ ଅତିକ୍ରମି କଟକରୁ କଳାହାଣ୍ଡି ଯିବା କଣ ସହଜସାଧ୍ୟ ହୁଅନ୍ତା ? ତତ୍ତ୍ୱଜ୍ଞାନ ଆଧାରରେ ପ୍ରତିମାର ରୂପାୟଣ ହୋଇଥାଏ । ତତ୍ତ୍ୱଜ୍ଞାନବିହୀନ ବ୍ୟକ୍ତି ଇନ୍ଦ୍ରିୟଗ୍ରାହ୍ୟ ଯେ କୌଣସି ନିକୃଷ୍ଟ ପଦାର୍ଥକୁ ଉତ୍କୃଷ୍ଟ ତତ୍ତ୍ୱ ପରଂବ୍ରହ୍ମଙ୍କର ପ୍ରତୀକଭାବନାରେ ଉପାସନା କରିପାରେ । ଶାସ୍ତ୍ର ମତରେ, ଶ୍ରେଷ୍ଠ ମଧ୍ୟରେ ନିକୃଷ୍ଟ ଭାବନା ଅନିର୍ଦ୍ଦେଶ୍ୟ, କିନ୍ତୁ ବିପରୀତପକ୍ଷେ ନିକୃଷ୍ଟ ମଧ୍ୟରେ ଶ୍ରେଷ୍ଠତ୍ୱ ଭାବନା ବିଧେୟ । କାଷ୍ଠ ଔପାଦାନିକ ଗୁଣରେ ଏକ ନିକୃଷ୍ଟ ପଦାର୍ଥ । ପରନ୍ତୁ ଦାରୁଭୂତ ବିଗ୍ରହ ଶ୍ରୀଜଗନ୍ନାଥ ଶ୍ରେଷ୍ଠ ପରମେଷ୍ଠ ପରବ୍ରହ୍ମତତ୍ତ୍ୱଙ୍କର ପ୍ରତ୍ୟକ୍ଷ

ପ୍ରତୀକର ସକଳ ଶାସ୍ତ୍ରୀୟ ମର୍ଯ୍ୟାଦାପ୍ରାପ୍ତ । ଏହା ବ୍ରହ୍ମସୂତ୍ରର : "ବ୍ରହ୍ମଦୃଷ୍ଟିରୁତ୍କର୍ଷାତ୍" (୪-୧-୫) ବାକ୍ୟଦ୍ୱାରା ପ୍ରତିପାଦିତ ।

ବେଦାନ୍ତ ଶାସ୍ତ୍ରର ଛତ୍ରେଛତ୍ରେ ପର'ବ୍ରହ୍ମଙ୍କର ଅରୂପତ୍ୱ ପ୍ରମାଣିତ । ନିରାକାରବାଦୀ ଓ ସାକାରବାଦୀଙ୍କ ମଧ୍ୟରେ ବିଶେଷ କିଛି ଭାବଗତ ଅମେଳ ନାହିଁ । ଯାହା ଅଛି, ତାହା କେବଳ ଉପାସନା ପରମ୍ପରାମୂଳକ । ନିରାକାରବାଦର ଭିତ୍ତି ଉପରେ ହିଁ, ସାକାରବାଦର ତୁଙ୍ଗ ସୌଧ ଦଣ୍ଡାୟମାନ । ସ୍ୱାମୀ ବିବେକାନନ୍ଦଙ୍କ ବାକ୍ୟରେ, "ସାକାର ଈଶ୍ୱରଙ୍କୁ ଜାଣିବାକୁ ହେଲେ ପ୍ରଥମେ ନିରାକାର ସତ୍ତାଙ୍କୁ ଜାଣିବା ପ୍ରୟୋଜନ ।" ବ୍ରହ୍ମତତ୍ତ୍ୱବେତ୍ତା ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଉକ୍ତିରେ :

"ସେ ଅଣାକାର ମଣ୍ଡଳ ନିରାକାର ଜାଣ,
ରୂପରେଖ ନାହିଁ ତା'ର ଆପେ ନିରିମାଣ ।"

(ବୈବର୍ତ୍ତଗୀତା)

ଅଥଚ : "ଭକ୍ତାନାମନୁକମ୍ପାର୍ଥଂ ଦେବୋ ବିଗ୍ରହବାନ୍ ଭବେତ୍" (ଭାଗ), ଲୋକରକ୍ଷାର୍ଥେ ଏବଂ ଭକ୍ତମାନଙ୍କୁ ଅନୁକମ୍ପା ପ୍ରଦର୍ଶନ ନିମିତ୍ତ ଭଗବତ୍‌ସତ୍ତା ପ୍ରଚ୍ଛନ୍ନ ଭୂତବିଗ୍ରହ ଧାରଣା କରନ୍ତି । ଏହା ତାଙ୍କର ଅନନ୍ତ ଦିବ୍ୟଲୀଳାର ସୀମିତ ଜନମନଲୋଭା ରୂପବନ୍ଧ ମାତ୍ର । ଭାବକୁ ପ୍ରାଞ୍ଜଳକରି ଅଚ୍ୟୁତଙ୍କ ବ୍ୟାନ :

"ଅରୂପ ରୂପବନ୍ତ ହୋଇ, ନାମ ସ୍ୱରୂପ ଖେଳୁଥାଇ"

(ଛତିଶ ପଟଳ)

ସେଇଥିରେ ପୁଣି ଔପାଧିକ ସତ୍ତାକୁ ଅସ୍ୱୀକାର କରି ଭଗବଦ୍ ବାକ୍ୟରେ କୁହାଯାଇଛି :

"ପ୍ରକୃତ ମୋର ନାମ ନାହିଁ, ଅରୂପ ବ୍ରହ୍ମ ମୁଁ ବୋଲାଇ ।"

ଏହିପରି ଭାବରେ ଗଭୀର ତତ୍ତ୍ୱଜ୍ଞାତା ଉତ୍କଳୀୟ ପଞ୍ଚସଖା ବ୍ରହ୍ମଙ୍କର ଅରୂପରୁ ରୂପ ପୁଣି ରୂପରୁ ଅରୂପର ସିଦ୍ଧାନ୍ତ କରିଅଛନ୍ତି । ରୂପତତ୍ତ୍ୱରେ ଅବଶ୍ୟ ବଦ୍ଧ ପୌତ୍ତଳିକତାର ସ୍ୱୀକୃତି ନାହିଁ । ଯେବେ ଥା'ନ୍ତା "ରୂପ ଭଜନ ଯେ କରଇ, କେବେ ହେଁ ତରି ନ ପାରଇ", ପିତୁଳାପୂଜକଙ୍କ ଉଦ୍ଦେଶ୍ୟରେ ଏପରି ବୈମୁଖ୍ୟବାଚିକା ଚେତାବନୀମୂଳକ ନିରାଟ ପଦଟିଏ ଶୁଣାଇଥା'ନ୍ତେ କାହିଁକି ? ତଥାପି ସେ ଚିନ୍ତାଶୀଳ ତତ୍ତ୍ୱପ୍ରବକ୍ତାଗଣ ଧର୍ମସଙ୍କଟରୁ ମୁକୁଳି ପାରିନାହାନ୍ତି । କିପରି ପାରନ୍ତେ ? ଆଗରେ ମୂର୍ତ୍ତିମନ୍ତ ହୋଇ ବସିଛନ୍ତି ଦାରୁବ୍ରହ୍ମ ଶ୍ରୀଜଗନ୍ନାଥେ । ଯେଉଁ ବେଦାନ୍ତ ବେଦ୍ୟ ପୁରୁଷୋତ୍ତମଙ୍କୁ ପରମେଷ୍ଠ ଦେବ ରୂପେ ମାନିଛନ୍ତି, ତାଙ୍କର ପ୍ରତ୍ୟକ୍ଷୀଭୂତ ନାମରୂପକୁ ଅମାନ୍ୟ କରନ୍ତେ କିପରି ? ଏବଂଭୂତ ଧର୍ମସଙ୍କଟର ସମାଧାନକଳ୍ପେ ପଞ୍ଚସଖାଙ୍କ ସିଦ୍ଧାନ୍ତ ହେଲା, ନାମରୂପ ବିନା ତତ୍ତ୍ୱଜ୍ଞାନ ଅନୁପଲବ୍ଧ । ନିର୍ଗୁଣ-ନିରାକାର ବ୍ରହ୍ମୋପାସନା ସହଜ ତଥା ସଫଳ ସାଧନ ନୁହେଁ । ମହାତ୍ମା କବୀରଙ୍କ ପରି ଅଣାକାରବାଦୀ ମଧ୍ୟ ଏପରି ମତପୋଷଣ କରନ୍ତି । ଆମ ଶୂନ୍ୟବାଦୀ ମହିମାପନ୍ଥୀଙ୍କ କଥା ଛାଡ଼ନ୍ତୁ, ବିନା ଅବଲମ୍ବନରେ ଉଚ୍ଚତର ସାଧନା ସ୍ତରରେ ଉପନୀତ ହେବା ଚିନ୍ତୁ ଚେତନା ପରିସରରେ କଳ୍ପନାତୀତ । ସେଥିପାଇଁ ଦାରୁବ୍ରହ୍ମରୂପୀ ଶ୍ରୀଜଗନ୍ନାଥେ ସର୍ବଧର୍ମସମନ୍ୱିତ ପ୍ରତୀକ ରୂପେ ଆଜି ବିଶ୍ୱଚେତନାରେ ମହିମାନ୍ୱିତ । ଜଗନ୍ନାଥ କୈନ୍ଦ୍ରୀକ ଧର୍ମସଂସ୍କୃତିକୁ ଅନବଦ୍ୟ ଦିଗ୍ଭ ପଞ୍ଚସଖାଙ୍କର ଅବଦାନ । ସାଧାରଣ ଭକ୍ତର ଦୃଢ ବିଶ୍ୱାସସୂତ୍ର ସହିତ ଦୃଢତର ବ୍ରହ୍ମ-ଅଣାକାର-ଅରୂପ ସୂତ୍ରକୁ ସୂକ୍ଷ୍ମତଃ ଯୋଡି ଦେଇ ପଞ୍ଚସଖା ଅରୂପାନନ୍ଦ ବ୍ରହ୍ମଙ୍କୁ ରୂପାନନ୍ଦ କରିଦେଇଛନ୍ତି ।

ନନ୍ଦିଘୋଷ ଉପରେ ବିରାଜମାନ, ଜନଗହନର ଦୃଷ୍ଟିପଥାରୂଢ ଶ୍ରୀଜଗନ୍ନାଥ କ'ଣ କେବଳ ଗୋଟିଏ ଉପାସ୍ୟ ଦାରୁଭୂତ ବିଗ୍ରହ ? ଏହାର ସମାଧାନ ତ ଖୋଜାଯିବ, ପ୍ରଥମରୁ କୁହାଯାଇପାରେ, ଏପରି ପ୍ରଶ୍ନ ଭାବୁକର ନୁହେଁ, ଭକୁଆର, ଅର୍ଥାତ୍ ଆତ୍ମପ୍ରତାରିତ ସ୍ଥୂଳ ଦୃଷ୍ଟି ସମ୍ପନ୍ନ ବ୍ୟକ୍ତିଙ୍କର । ଚେତନା ବିନା ଜଡଭୂତ ଶରୀର ଅର୍ଥହୀନ । ଯଦି ସେ କେବଳ ଅଚୈତନ୍ୟ ବିଗ୍ରହଟିଏ ମାତ୍ର ହୋଇଥାନ୍ତେ, ହାତ-ଗୋଡ-ନାକ-କାନ ଆଦି କର୍ମେନ୍ଦ୍ରିୟ ବିଶିଷ୍ଟ ପୂର୍ଣ୍ଣାବୟବ ଅଭାବରେ ଶାସ୍ତ୍ର ତାଙ୍କୁ ସର୍ବକର୍ମକ୍ଷମ ସାର୍ବଭୌମ 'କର୍ମାଧ୍ୟକ୍ଷରୂପ ଔପାଧିକ ମର୍ଯ୍ୟାଦା ଦିଅନ୍ତା କିପରି ? ଆଦି ଶଙ୍କରଙ୍କ ଉକ୍ତିରେ ଭଗବାନ୍ - "ଭାବେନ ପୂଜୟେତ୍" । କେବଳ କାଷ୍ଠ, ପାଷାଣାଦି ଭୂତବିଗ୍ରହ ଉପାସ୍ୟ ହୋଇନପାରନ୍ତି, ବ୍ରହ୍ମଚୈତନ୍ୟ ହିଁ ଉପାସ୍ୟ, ଯେକି ଉପାସକର କର୍ମେନ୍ଦ୍ରିୟ ଦ୍ୱାରା ଗ୍ରହଣଯୋଗ୍ୟ ନୁହନ୍ତି । ଆମର ପ୍ରଖ୍ୟାତ ପଞ୍ଚସଖାଙ୍କ ସମେତ ସକଳ ତତ୍ତ୍ୱଦର୍ଶୀ ସିଦ୍ଧସାଧକଙ୍କ ଦୃଷ୍ଟିରେ, ବିଗ୍ରହ ହେଉଛନ୍ତି ଭାବଜାତ ଏବଂ ବିଗ୍ରହସ୍ଥ ପ୍ରତୀକ ଶ୍ରୀଜଗନ୍ନାଥେ ହେଉଛନ୍ତି ଦେହାତିରିକ୍ତ ପୂର୍ଣ୍ଣବ୍ରହ୍ମାଣ୍ଡମୂର୍ତ୍ତି । ଉପାସ୍ୟଦେବ ମୃଣ୍ମୟ ନୁହନ୍ତି, ମନୋମୟ । ଅଖଣ୍ଡ ଆନନ୍ଦଭଣ୍ଡାର ସ୍ୱରୂପ ଆନନ୍ଦଘନ କାନ୍ତିଯୁକ୍ତ ମୂର୍ତ୍ତି ହେତୁ ସମସ୍ତଙ୍କୁ ଅପାର ଆନନ୍ଦ ପ୍ରଦାନ କରିପାରୁଛନ୍ତି । କାଷ୍ଠୀଭୂତ ଶ୍ରୀଜଗନ୍ନାଥ ଛାୟାଭୂତ ବ୍ରହ୍ମବିଗ୍ରହ; ବହିରଙ୍ଗ ଜୀବତତ୍ତ୍ୱ ନୁହନ୍ତି, ଅନ୍ତରଙ୍ଗ ଭାବତତ୍ତ୍ୱ ଅଟନ୍ତି ।

ଆମ୍ଭ ସମସ୍ତଙ୍କ କଣ୍ଠରେ ଭକ୍ତର ଦାବୀ; ମାନସିକତାରେ ଭକ୍ତିମତ୍ତାର ଅଭିମାନ; ବିଗ୍ରହବାନ୍ ଭଗବାନ୍ ପୁରୁଷୋତ୍ତମଙ୍କୁ ତ ଆମେ ନିତି ଦେଖୁଛୁ; ଧନ୍ୟ ଜୀବନ ! ବାସ୍, ଏତିକି ହିଁ ପରମ ସାନ୍ତ୍ୱନା । ପରନ୍ତୁ ଭଗବତ୍ତାର ସ୍ୱରୂପ କ'ଣ ? ସେ ଦର୍ଶନର ସାର୍ଥକତା କେଉଁଠି? ଭକ୍ତ ଭକ୍ତ ମଧ୍ୟରେ ଭଗବାନଙ୍କର ପାତର ଅନ୍ତର ନାହିଁ, ମାତ୍ର ଅଛି ଟିକିଏ ତାରତମ୍ୟ ବିବେଚନା । 'ଭଗବତୋତ୍ତମ'ର ବୈଶିଷ୍ଟ୍ୟ ବଖାଣ କରି ଶ୍ରୀମଦ୍ ଭାଗବତଙ୍କ ଉକ୍ତି :

"ସର୍ବଭୂତେଷୁ ଯଃ ପଶ୍ୟେଦ୍ ଭଗବଦ୍ଭାବମାତ୍ମନଃ ।
ଭୂତାନିଭଗବତ୍ୟାତ୍ମନ୍ୟେଷଭାଗବତୋତ୍ତମ ॥"

(୧୧-୨-୪୫)

ଏହାର ତାତ୍ପର୍ଯ୍ୟ, ସର୍ବଭୂତରେ ଭଗବାନଙ୍କୁ ଏବଂ ଭଗବାନଙ୍କଠାରେ ସର୍ବଭୂତକୁ ଭାବଦୃଷ୍ଟିରେ ଦେଖିପାରିଲେ, ତାହା ହିଁ ଭଗବଦ୍ଦର୍ଶନର ସାର୍ଥକତା । ଲୋକବିଶ୍ୱାସ ଅଛି ଯେ ଶୁଦ୍ଧାଚାରହୀନ ପାତକୀ ଅଧମଙ୍କୁ ଜଗନ୍ନାଥେ ଦୃଷ୍ଟିଗୋଚର ହୁଅନ୍ତି ନାହିଁ । ଏହା ଏକ ବିରୁଦ୍ଧଧର୍ମୀ ଭାବନା । ଆସନ୍ତୁ ପରା ସହସ୍ର ତୁଣ୍ଡରେ ଗାନ କରୁ,

"ନୀଳଚକ୍ରେ ହୋ,
ଦେଖ ଉଡୁଛି ବାନା,
ପତିତ ପାବନ ନାମଟି ଯା' ନାଁ ।"

(ଗୌରଚରଣ ଅଧିକାରୀ)

ପାବନ ବାନା ଉଡାଇ ପାତକ ଛଡାଇବା ପାଇଁ ପାତକୀମାନଙ୍କୁ ଯେ ପାଖକୁ ଡାକୁଛନ୍ତି, ସମସ୍ତ ପାପୀ, ତପୀ, ଜପୀଙ୍କୁ ଏକରୂପରେ, ଏକ ସମୟରେ, ସମଭାବରେ ଦର୍ଶନ ଦେବା ନିମନ୍ତେ ଶ୍ରୀଗୁଣ୍ଡିଚା ଲଗ୍ନରେ ପତିପାବନ ଯାତ୍ରା ଉିଆଣ କରିଛନ୍ତି, ସେ ପୁଣି ଅଧମ ଛାପମରା ଥୋକାଏଙ୍କୁ ଅଦୃଶ୍ୟ ହେବେ କିପରି ? ଶ୍ରୀମଦ୍ ଗୀତାର : "ଯୋ ମାଂ ପଶ୍ୟତି ସର୍ବତ୍ର" ଇତ୍ୟାଦି ଭଗବାନ୍ ଶ୍ରୀକୃଷ୍ଣଙ୍କ ସ୍ୱମୁଖ ଉକ୍ତିରେ କୁହାଯାଇଛି ସେହି ଏକା କଥା, ଯେ ମୋତେ ସର୍ବଭୂତରେ ଦେଖନ୍ତି ଏବଂ ମୋଠାରେ ସର୍ବଭୂତଙ୍କୁ ଦେଖନ୍ତି, ମୁଁ ତାଙ୍କୁ ଅଦୃଶ୍ୟ ହୁଏ ନାହିଁ (୬/୩୦) । ତାହାହେଲେ ଭଗବାନଙ୍କ ସ୍ୱବାଣୀ କ'ଣ ଅଳୀକ ? ନା, ଅସଲ ରହସ୍ୟ ଅଛି ତାହାଙ୍କ ଭୂତରୂପ ଓ ଭାବରୂପ ଦର୍ଶନରେ । ଉପନିଷଦୀୟ ବାକ୍ୟରେ କୁହାଯାଇଛି, "ଯମେ ବୈଷ ବୃଣୁତେ ତେନ ଲଭ୍ୟ" (ମୁଣ୍ଡକ : ୩-୨-୩), ଏହାର ତାତ୍ପର୍ଯ୍ୟ, କୃପାନିର୍ଭର ସାଧକଭକ୍ତ ଉପରେ ପରମାତ୍ମା କୃପା କରନ୍ତି ଏବଂ ଯୋଗମାୟାର ପରଦା ଉଠାଇ ତା' ସମ୍ମୁଖରେ ନିଜର ସ୍ୱରୂପ ପ୍ରକଟ କରିଦିଅନ୍ତି । ସେହି ସ୍ୱରୂପଟି କ'ଣ ? ତାହାହିଁ ଆମର ସନ୍ଦେହ । ବେଦବେଦାନ୍ତର ସମସ୍ତ ନିଷ୍ପତ୍ତିମୂଳକ ସିଦ୍ଧାନ୍ତ କେବଳ ଭାବକୈନ୍ଦ୍ରିକ । ଅବଶ୍ୟ ସଗୁଣ-ସାକାର ରୂପଟିଏ ନଥିଲେ ଐଶ୍ୱରୀୟ ପରମତତ୍ତ୍ୱୋପଲବ୍ଧି ସମ୍ଭବ ନୁହେଁ ବୋଲି ମଧ୍ୟ ସ୍ୱୀକୃତ । ପ୍ରାସଙ୍ଗିକ କେତୋଟି ମହାପୁରୁଷବାଣୀ ଅନୁଧେୟ । ଶ୍ରୀ ଅଚ୍ୟୁତ :

(କ) ଆଗହୁଁ ଯେ ନାମ ଥିଲା ରୂପକୁ ଗଢିଲା,
ରୂପର ଭିତରେ ନାମ ପୂରି ପ୍ରକାଶିଲା ।
ନାମକୁ ଚିହ୍ନିଲେ ସିନା ରୂପକୁ ଜାଣିବ,
ରୂପ ନଥିଲେଣ ନାମ କାହିଁ ଭଣାଇବ ।

(ଜ୍ଞାନପ୍ରଦୀପ ଗୀତା)

(ଖ) ଭାବିଲେ ନାମ ଅନାମକୁ ପାଇ ।

(ତଟ୍ଟୈବ)

(ଗ) ସଗୁଣ କରିବା ଦିଶିବ,
ନିର୍ଗୁଣ ମନ ନିବେଶିବ

(ଗୁରୁଭକ୍ତି ଗୀତା)

ମୂର୍ତ୍ତିଭିତରେ ଅମୂର୍ତ୍ତି ମୂର୍ତ୍ତି, ଅର୍ଥାତ୍ ବ୍ରହ୍ମଙ୍କ ଭାବବିଗ୍ରହର ଚମତ୍କାରିତାକୁ ଉପଲବ୍ଧି କରିଥିଲେ ସନ୍ଥ କବୀର, ମୀରାବାଇ, ସାଲବେଗ । ଅଚ୍ୟୁତାନନ୍ଦ ସ୍ୱାମୀ ତାଙ୍କର 'ଆଗତଭବିଷ୍ୟମାଳିକା'ରେ ପରମତତ୍ତ୍ୱଙ୍କର ଦ୍ୱିବିଧ ଅଙ୍ଗ ସତ୍ତା ନିରୂପଣ କରିଛନ୍ତି, ଯଥା : ଲୟାଙ୍ଗ ଓ ଲୀଳାଙ୍ଗ । ଶ୍ରୀଜଗନ୍ନାଥଙ୍କ ଦାରୁଭୂତବିଗ୍ରହ ଲୀଳାଅଙ୍ଗ ହେଲେ, ତାଙ୍କର ଭାବବିଗ୍ରହ ଲୟ ଅଙ୍ଗ । ଲୀଳାଙ୍ଗ ବ୍ୟକ୍ତ ସତ୍ତା, ଲୟଙ୍ଗ ଅବ୍ୟକ୍ତ ବା ମନୋମୟ ଭାବସତ୍ତା । ଭୂତବିଗ୍ରହ ଏକ ଅବଲମ୍ବନ ମାତ୍ର, ଭାବବିଗ୍ରହ ହିଁ ଅନ୍ତସ୍ଫୁରଣ ଉପଲବ୍ଧିର ସାମଗ୍ରୀ । ଭକ୍ତଙ୍କ ନେତ୍ର ସୁଖପାଇଁ ଭୂତବିଗ୍ରହଟିଏ ଧରି ଭାବ ବିଗ୍ରହ ଭାବଗ୍ରାହୀ ଯୋଗମାୟା କ୍ରୀଡିତ ଲୀଳା କରୁଛନ୍ତି । ଯାହାର ଦୃଷ୍ଟିଶକ୍ତି ଅଛି ସେ ହିଁ କେବଳ ବ୍ୟକ୍ତଭୂତଲୀଳାକୁ ଦେଖିପାରିବ । ଦୃଷ୍ଟିଶକ୍ତି ଯାହାର ନାହିଁ ? ତା'ର ଏକାନ୍ତ ଆଶ୍ରୟ ପରମପ୍ରଭୁଙ୍କର ଭାବବିଗ୍ରହ । ଶ୍ରୀଜଗନ୍ନାଥଙ୍କ ଦାରୁଭୂତ ଶ୍ରୀଅଙ୍ଗରେ ବ୍ରହ୍ମାରୋପଣ ରୂପକ ଅଦୃଶ୍ୟ ବିଧାନକୁ ଲୀଳାଙ୍ଗରେ ଲୟାଙ୍ଗ ବା ପାରମାର୍ଥିକ ଭାବତତ୍ତ୍ୱ ସଂସ୍ଥାପନ ଭାବନା ସଙ୍ଗତତଃ ଶାସ୍ତ୍ର ପ୍ରମାଣସିଦ୍ଧ ।

ଭିନ୍ନଭିନ୍ନ ତିନି ରଥରେ ଚତୁର୍ଦ୍ଧା ମୂର୍ତ୍ତି ବିରାଜିତ ଥିବା ବେଳେ ନନ୍ଦିଘୋଷ ରଥରଥୀଙ୍କ ଉପରେ ସମସ୍ତଙ୍କର ସତୃଷ୍ଣ ଦୃଷ୍ଟି କାହିଁକି ? କ'ଣ ଜଗନ୍ନାଥଙ୍କ ନାମବତା ହେତୁ ? ପୂର୍ବରୁ ଏ ପ୍ରଶ୍ନ ଉପରେ ପ୍ରସଙ୍ଗଗତ ଆଲୋକପାତ କରାଯାଇଥିଲା । ସମ୍ପ୍ରତି ତତ୍ତ୍ୱଗତ ପ୍ରମାଣକୁ ଯିବା । ପ୍ରକାଶମାନ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଭୌତାଙ୍ଗିକ ସ୍ଥିତି ଭିନ୍ନଭିନ୍ନ, ଅପରନ୍ତୁ ଭାବାଙ୍ଗିକ ସ୍ଥିତି ଏକ ଓ ଅଭିନ୍ନ । 'ଭାବନାବର' ନାମକ ତତ୍ତ୍ୱ ଗ୍ରନ୍ଥରେ ଅଚ୍ୟୁତାନନ୍ଦ ଏ ଭେଦାଭେଦ ରୂପସୃଷ୍ଟିକୁ ବଡ ଚମତ୍କାରଭାବରେ ବ୍ୟାଖ୍ୟା କରିଛନ୍ତି । ତଦନୁସାରେ ନେତ୍ରାନ୍ତବର୍ତ୍ତୀ ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ହେଉଛନ୍ତି ଆଦିବୀଜ ବ୍ରହ୍ମ ସନାତନ । ସୃଷ୍ଟି ସର୍ଜନାକକ୍ଷେ ସେହି ଏକକ ଆଦିତତ୍ତ୍ୱ ଦ୍ୱିଧା ବିଭକ୍ତ ହୋଇ ଯେତେଁ ପୁରୁଷ ଓ ନାରୀ ରୂପ ସୃଷ୍ଟି କଲେ, ଯଥାକ୍ରମେ ସେ ହେଉଛନ୍ତି ବଳଭଦ୍ର ଓ ସୁଭଦ୍ରା । ଏ ତିନି ଜଣଙ୍କୁ ଏକତ୍ର ଛନ୍ଦି ରଖିଥିବା ରଜ୍ଜୁଟି ହେଉଛି ସୁଦର୍ଶନ । ଏଥିରେ ସମଗ୍ର ସୃଷ୍ଟି ତତ୍ତ୍ୱର ତାତ୍ପର୍ଯ୍ୟ ନିହିତ ।

ନିର୍ବିଷ୍ଟ ମନ ଓ ନିଶ୍ଚଳ ନୟନରେ ଶ୍ରୀଜଗନ୍ନାଥଙ୍କ ଘନକଳା ଶ୍ରୀଅଙ୍ଗକୁ ନିରିଖି ଚାହିଁଲେ ଅପଲକ ନେତ୍ର ଅଶ୍ରୁଳ ହୋଇଉଠେ କାହିଁକି ? କି ତୁନକୀୟ ପ୍ରଭାବ ଅଛି ସେ ଅଙ୍ଗରେ ? ଭୂତାଙ୍ଗର ଚମତ୍କାର ଆକର୍ଷଣ , ଅଦ୍ଭୁତ ଭାବରୂପର ଚୈତନ୍ୟମୟ ଜ୍ୟୋତିର ଝଲକ ସମନ୍ୱିତ ହୋଇ ଭାବାବିଷ୍ଟ ଭକ୍ତର ଭାବନା ରାଜ୍ୟରେ ଝଲସି ଉଠେ । କଣ୍ଠରେ ଚାପି ହୋଇଯାଏ ଭାବଜାତ କୋହ, ଚକ୍ଷୁ ହୁଏ ଅଶ୍ରୁସିକ୍ତ । ଅନିର୍ବଚନୀୟ ସେ ଭାବାବେଗର ଅନୁଭୂତି । ଭକ୍ତଭାବାତୁର ଭାବଗ୍ରାହୀଙ୍କ ସମଦଶା ହୁଏ ନାହିଁ କି? ଅଚ୍ୟୁତାନନ୍ଦଙ୍କ ଭାଷାରେ :

"ତୁ ତ ନ ଦେଖିଲେ କାହ୍ନୁ,
ସେ ସିନା ଭଜନ ତୋତେ କରୁଥାନ୍ତି
ତୁହି ଭଜୁଥାଉ ତାଙ୍କୁ ।"

(ଭାବନାବର)

ଭକ୍ତ ଓ ଭଗବାନ୍ ପରସ୍ପର କେହି କାହାରି ଠାରୁ ଅନ୍ତର ନୁହନ୍ତି । ପ୍ରଥମେ ବଡଦାଣ୍ଡରେ ନୀରବ ନିଶ୍ଚଳଅଶ୍ରୁ ଛଳଛଳ ଯେତେ ଭକ୍ତଙ୍କୁ ଦେଖିଥିଲେ, ଆସକ୍ତିବିହୀନ ହୋଇ ସେ ଭୂତବିଗ୍ରହଙ୍କର ଉବଟେଲା ଦେଖୁଥାନ୍ତି । ଅଥଚ ଭାବନାରେ ଅନୁଭବ କରୁଥାନ୍ତି ଅମୂର୍ତ୍ତ ତତ୍ତ୍ୱସତ୍ତାର ଅମର୍ତ୍ତ୍ୟ ନିତ୍ୟଲୀଳା । ପଡିଲାଣି ତାହୁକର ଡାକ; ମହୋଲ୍ଲାସରେ ଶ୍ରୀଗୁଣ୍ଡିଚା ରଥ ବାହି ନେବାକୁ ଭକ୍ତ ସମାଜ ସଜ ହେଲେଣି; ଗୀତରେ ଗାଉଛନ୍ତି ଭକ୍ତକବି ଗୌରଚରଣ ଅଧିକାରୀ :

"କା' ନେତ୍ରୁ ଲୋତକ ବହେ ଅକଥକ
କେହି ନାଚେ ଗୀତ ଗାଇକି
ଜଗମୋହନିଆ ଜଗତଜନଙ୍କୁ
ଲଗାଉଛି ପ୍ରେମବାଇକି ।"

(କବିକଣ୍ଠେ ଜଗନ୍ନାଥ : ପୃ-୨୧୪)

ଏଣେ ଖରତୁଣ୍ଡିଆ ଦଇତାସେବାଏ ମଧୁର ସମ୍ପର୍କ ଲଗାଇ ନରବିଚାରାର ଗୋହିଖୋଳାରେ ଶତମୁଖ । ଚାହିଁଚାପରାକୁ ପଚାରେ କିଏ ? ପରନ୍ତୁ ବଡଠାକୁରଙ୍କ ରଙ୍ଗଅଧରରେ ଝଟକୁଛି ସେଇ ନିତିଦିନିଆ ମଧୁମାଧୁର୍ଯ୍ୟଭରା ମୃଦୁହାସ୍ୟ ରେଖା । ସେ କ'ଣ ଏଇ ଗାଳିଗୁଲା ଚାହିଁଚାପରାକୁ ଛଳକରି କଳସାରିବେ ? କବି ଶେଖର ଦାସଙ୍କ ଉଦ୍ଧୃତ ଭାଷାରେ :

"ଭକ୍ତ ଗାଳିଦେଲେ ସ୍ତୁତି ପ୍ରାୟେ ମଣେ
ଛଳ ନଥାଏ ମୋହର
ଭକତ ଭାବକୁ ଶରଧା ମୋହର
ଶୁଣ ବାସବ କୁମର ।"

(ନୀଳସୁନ୍ଦର ଗୀତା)

ଏହାହିଁ ଭଗବାନଙ୍କର ଲୀଳାମାଧୁର୍ଯ୍ୟ ଓ ଭାବବୈଚିତ୍ର୍ୟ । ଭାଗବତୀ ଲୀଳା ଦିଏ ଆନନ୍ଦ, ଭାବନା ଦିଏ ମୁକ୍ତି ।

ଅବଶେଷରେ ଶ୍ରୀମଦ୍ଭାଗବତ ଗୀତାର ପ୍ରସଙ୍ଗାନୁଗତ ଭାବଗର୍ଭ ବାର୍ତ୍ତା ଶ୍ରବଣ କରି ଆଲୋଚନାର ଉପସଂହାର କରିବା ।


"ମଯ୍ୟାସକ୍ତମନାଃ ପାର୍ଥ ! ଯୋଗଂ ଯୁଞ୍ଜନ୍ମଦାଶ୍ରୟଃ ।"

(୭/୧)

ଏହି ଭଗବଦ୍ ଉକ୍ତିରେ ଆଶ୍ୱାସନା ବାଣୀ ଶୁଣାଇ କୁହାଯାଇଛି, ଅସଂଖ୍ୟ ଅସଂଖ୍ୟ ମନୁଷ୍ୟଙ୍କ ଭିତରେ ମୋଠାରେ ବିନିଷ୍ଟ-ଚିତ୍ତ ଓ ଶରଣାପନ୍ନ ବ୍ୟକ୍ତି ହିଁ ମୋତେ ସମ୍ପୂର୍ଣ୍ଣଭାବେ ଜାଣିପାରିବ । ଭୂତ ମଧ୍ୟରେ ସନାତନ ବୀଜର ସ୍ଥିତି ଅନୁଭବୀ ଜ୍ଞାନୀଭକ୍ତ ଭଗବାନଙ୍କଠାରେ 'ଯୁକ୍ତଆତ୍ମା' ହୋଇ ତାହାଙ୍କର ଆଶ୍ରିତ ହୋଇଯାଏ । ଦିବ୍ୟଭାବ ଓ ବାହ୍ୟ ପ୍ରଭାବ, ଏ ଦୁଇ ଦିଗ ପରସ୍ପର ବିରୋଧୀ ହେତୁ ଲକ୍ଷ୍ୟସିଦ୍ଧି ଏବଂ ପରମାର୍ଥ ଲାଭର ବାଧକ ତତ୍ତ୍ୱ । ଆତ୍ମୋନ୍ନତିବଳେ ଉଭୟ ମଧ୍ୟରେ ଦୂରତା ରକ୍ଷାର ସଚେତନତା ଆବଶ୍ୟକ, ଅନ୍ୟଥା ଭାବସୂତ୍ର ଭଗବାନଙ୍କଠାରୁ ବିଚ୍ଛିନ୍ନ ହୋଇଯିବ । ଶ୍ରୀମଦ୍ ଗୀତା ଚେତାବନୀ ବାକ୍ୟରେ ଶୁଣାଇଛନ୍ତି, ଯାହାର ଆତ୍ମା ବାହ୍ୟ ସ୍ପର୍ଶ ଓ ବାହ୍ୟ ଇନ୍ଦ୍ରିୟ ବିଷୟରେ ଆସକ୍ତ ନୁହେଁ, ସେ ଅନ୍ତଃକରଣରେ ସାତ୍ତ୍ୱିକ ସୁଖ ଲାଭକରେ ଏବଂ ସେ ବ୍ରହ୍ମଭାବନାରେ ଏକ ଚିତ୍ତ ହୋଇ ଅକ୍ଷୟ ସୁଖ ପ୍ରାପ୍ତ ହୁଏ (୫/୨୧) । ପ୍ରତ୍ୟେକ ପଦାର୍ଥକୁ ବ୍ରହ୍ମଙ୍କର ପ୍ରତୀକରୂପେ ଉପାସନା କରିବାକୁ ଛାନ୍ଦୋଗ୍ୟଉପନିଷଦ ନିର୍ଦ୍ଦେଶ କରନ୍ତି । ଏହି ନିର୍ଦ୍ଦେଶ ହିଁ ମୂର୍ତ୍ତି ଉପାସନାର ଆଧାରଶିଳା । ବେଦଦ୍ୱାରା ପ୍ରତିଷ୍ଠିତ ବେଦାନ୍ତବେଦ୍ୟ ସଚ୍ଚିଦ୍ଭୂତତନୁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ସ୍ଥୂଳାର୍ଥରେ ପ୍ରତୀକ ବାଚ୍ୟ ନୁହନ୍ତି, ଶୁଦ୍ଧ ଚୈତନ୍ୟ ସ୍ୱରୂପ ସ୍ୱୟଂ ପରଂବ୍ରହ୍ମ ମୂର୍ତ୍ତି । ସେ ପ୍ରତୀକ ଉପାସନାର ସାରଗ୍ରାହୀ ଓ କାମ୍ୟଫଳଦାତା । ତାଙ୍କର ପ୍ରାପ୍ୟ, ବାହ୍ୟଭକ୍ତିପ୍ରବଣତାର ନୈବେଦ୍ୟ ପୁଷ୍ପାର୍ଘ୍ୟ ନୁହେଁ, ଶ୍ରଦ୍ଧାପୂର୍ଣ୍ଣ ଶୁଦ୍ଧାନ୍ତଃକରଣର ଭାବାର୍ଘ୍ୟ । ପ୍ରସଙ୍ଗତଃ ଅନୁଧେୟ୍ ଭଗବଦ୍ ପ୍ରତିଶ୍ରୁତି ଓ ପ୍ରତିପାଦନର ପ୍ରାସଙ୍ଗିକତା : "ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚ୍ଚିତୁମିଚ୍ଛତି" ଇତ୍ୟାଦି ବାକ୍ୟରେ କୁହାଯାଇଛି, ଯେଉଁ ଶ୍ରଦ୍ଧାବାନ୍ ଭକ୍ତ ଇଚ୍ଛା କରି ଭଗବାନଙ୍କ ଦେବତାରୂପ ପ୍ରତିମୂର୍ତ୍ତି ଆରାଧନା କରନ୍ତି, ସେ ଅବଶ୍ୟ ଇଷ୍ଟାଭୀଷ୍ଟ ଫଳଲାଭ କରନ୍ତି । ପରନ୍ତୁ ଉଭୟ କ୍ଷେତ୍ରରେ ସ୍ପଷ୍ଟ ପାର୍ଥକ୍ୟକୁ ନ୍ୟୂନ କରାଯାଇନପାରେ । ମୂର୍ତ୍ତି ଉପାସକର ଲବ୍ଧ ଫଳ କାଳକ୍ରମେ କ୍ଷୟପ୍ରାପ୍ତ ହୁଏ । ଅଥଚ ପୂର୍ବୋକ୍ତ 'ମଯ୍ୟାସକ୍ତମନାଃ' ବା ସଫଳ ଭାବଭକ୍ତି ପରାୟଣ ଶ୍ରଦ୍ଧାଳୁ ଆରାଧକ ସ୍ୱୟଂ ଆରାଧ୍ୟ ପରଂବ୍ରହ୍ମ ପ୍ରାପ୍ତ ହୁଅନ୍ତି । (ଗୀତା : ୭/୨୧-୨୩)

ସର୍ବୋପନିଷଦର ସାରଭୂତ ଶ୍ରୀମଦ୍ ଗୀତା ଜ୍ଞାନ, ଧ୍ୟାନ, ଭକ୍ତି ଆଦି ଅଷ୍ଟାଦଶ ଯୋଗତତ୍ତ୍ୱର ବ୍ୟାଖ୍ୟାନ କରିଛନ୍ତି । 'ଭାବଯୋଗ' ସଙ୍କେତ ସ୍ୱତନ୍ତ୍ର ଯୋଗତତ୍ତ୍ୱର ଉଲ୍ଲେଖ ନଥିଲେ ହେଁ, ତା'ର ନିର୍ଯ୍ୟାସ ସର୍ବତ୍ର ଅନ୍ତର୍ନିହିତ । ଭାବନା ଭକ୍ତକୁ ଭଗବାନଙ୍କ ସହିତ ଯୋଗକରେ । ସୁତରାଂ ବ୍ରହ୍ମଦର୍ଶନ ବା ଭାବାନୁଭୂତିଲାଭ ରୂପକ ପରମସିଦ୍ଧି ପ୍ରାପ୍ତିର ସଫଳ ସାଧନ କି ମାତ୍ର ରୂପ ନୁହେଁ, ଭାବ ହିଁ ମୂଳ । ଭକ୍ତର ଭାବାତ୍ମକ ମାନସିକ ସେବାକୁ ଯେ ଗ୍ରହଣ କରନ୍ତି ସେ ଭାବଗ୍ରାହୀ । ନକ୍ରାକ୍ରାନ୍ତ ଗଜ ଆଉ ବ୍ୟାଧାକ୍ରାନ୍ତା ହରିଣୀ ଶ୍ଳୋକସ୍ତୁତି ପଢିନଥିଲେ କି ଗୀତଗାନ କରିନଥିଲେ । ତାଙ୍କର କାତର ହୃଦୟର ଆତୁର ଚିନ୍ତନ ମାତ୍ର ଶତ ସହସ୍ର ଯୋଜନା ଅନ୍ତରେ ପଡିଥିଲା ଭାବଗ୍ରାହୀଙ୍କ ଭାବଗ୍ରହଣ କେନ୍ଦ୍ରରେ । ସଙ୍ଗେସଙ୍ଗେ କ୍ରିୟାଶୀଳ ହୋଇଉଠିଥିଲା ଭାଗବତୀ ଭାବଶକ୍ତି । ଏସବୁ ଆଜି ପୁରାଣର ପ୍ରମାଣ ଗାଥା । ଚଳନ୍ତି ଯୁଗରେ ଆମରି ଆଗରେ ନନ୍ଦିଘୋଷରଥାରୂଢ ଭାବଗ୍ରାହୀ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କର ଦାରୁମୂର୍ତ୍ତି ବିଗ୍ରହରେ ତାଙ୍କର ଭାବ ବିଗ୍ରହକୁ ଯେ ଦେଖିପାରିବେ, ସେ ହିଁ ଭାବଭକ୍ତି ସିଦ୍ଧ ସାର୍ଥକ ଭାଗବତୋତ୍ତମ । ପରୀକ୍ଷା ଅବକାଶ ଏଇ ଶ୍ରୀଗୁଣ୍ଡିଚା ଲଗ୍ନ ।

କ୍ଷେତ୍ର ନିବାସ,
୪୨୪/ଶହୀଦ ନଗର,
ଭୁବନେଶ୍ୱର-୭ ।



ଆନ୍ଧ୍ରପ୍ରଦେଶର ମାନ୍ୟବର ରାଜ୍ୟପାଳ ଡଃ ସି. ରଙ୍ଗରାଜନଙ୍କୁ ଓଡ଼ିଶାର ରାଜ୍ୟପାଳ ରୂପେ ମାନ୍ୟବର ମୁଖ୍ୟ ବିଚାରପତି
ଶ୍ରୀ ଶୈଳେନ୍ଦୁ ନାଥ ଫୁକନ୍ ଶପଥ ପାଠ କରାଉଛନ୍ତି । (୨୭/୪)



ମାନ୍ୟବର ରାଜ୍ୟପାଳ ଡଃ ସି. ରଙ୍ଗରାଜନ ଓଡ଼ିଶାର ଯୋଜନା ଓ ଉନ୍ନୟନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ
ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଓ ରାଜ୍ୟର ବରିଷ୍ଠ
ପଦାଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି । (୮/୫)



ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳନ ଅବସରରେ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମଲ୍ଲିକ,
ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସେଖ୍ ମତଲୁବ୍ ଅଲ୍ଲୀ, ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୀବଚନ୍ଦ୍ର ହୋତା ଓ
ନିର୍ଦ୍ଦେଶକ ଶ୍ରୀ ନରେନ୍ଦ୍ର କୁମାର ମିଶ୍ର ପ୍ରଣାମାଞ୍ଜଳି ଜ୍ଞାପନ କରୁଛନ୍ତି । (୨୬/୪)




ବିଜୁ ପଟ୍ଟନାୟକ ବିମାନ ବନ୍ଦରଠାରେ ଆନ୍ଧ୍ରପ୍ରଦେଶର ମାନ୍ୟବର ରାଜ୍ୟପାଳ ତଥା ଓଡ଼ିଶାର ରାଜ୍ୟପାଳ ରୂପେ ଦାୟିତ୍ୱ ଗ୍ରହଣ କରିଥିବା ଡଃ ସି. ରଙ୍ଗରାଜନ ଅଭିବାଦନ ଗ୍ରହଣ କରୁଛନ୍ତି । (୨୭/୪)




ବ୍ରିଟେନ୍ ସହାୟତାରେ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପରିକଳ୍ପନାର ତୃତୀୟ ପର୍ଯ୍ୟାୟ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଶୁଭାରମ୍ଭ କରୁଛନ୍ତି । ବ୍ରିଟିଶ ଉପ ହାଇକମିଶନର୍ ଶ୍ରୀ ସିମନ ସାବାଦନ, ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜଗନ୍ନାଥ ରାଉତ, ଶିଶୁ ଓ ମହିଳା କଲ୍ୟାଣ ମନ୍ତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ ଉପସ୍ଥିତ ଅଛନ୍ତି । (୩୦/୪)



ଓଡ଼ିଶା ରାଜ୍ୟ ଲୋକ ସେବା ମଣ୍ଡଳର ନବ ନିର୍ବାଚିତ ସଭାପତି ଶ୍ରୀ ମନୁଭାଇ ପଟେଲ ମୁଖ୍ୟମନ୍ତ୍ରୀ ଶ୍ରୀ. ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି । (୨୦/୪)



ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ବିଧାନସଭା ପରିସର ମଧ୍ୟରେ ଥିବା ତାଙ୍କ ପ୍ରତିମୂର୍ତ୍ତି ନିକଟରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି । (୨୮/୪)



ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି । (୨୮/୪)




ଜନସେବକ୍ ବୈଷୟିକ ସଂସ୍ଥାର ହାର୍ଡ ଓ୍ୱେର ସୁବିଧାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।
(୨୩/୫)




କଳିଙ୍ଗ ଅଶୋକ ହୋଟେଲଠାରେ ହୋଟେଲ ରେସ୍ତୋରାଁ ସଂଘ ଦ୍ୱାରା ଆୟୋଜିତ 'ଏକବିଂଶ ଶତାବ୍ଦୀରେ ଓଡ଼ିଶାର ପର୍ଯ୍ୟଟନ'
ଶୀର୍ଷକ ଏକ ଆଲୋଚନା ଚକ୍ରରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଭାଷଣ ଦେଉଛନ୍ତି । (୯/୬)



କଟକ ସାଏନ୍ସ ସେମିନାରୀ ପରିସର ମଧ୍ୟରେ ଆୟୋଜିତ ମୌଲାନା ଆବୁଲ କଲାମ ଆଜାଦ୍ ବହୁମୁଖୀ ମହାବିଦ୍ୟାଳୟର ବାର୍ଷିକ
ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ପତ୍ରିକା ଉନ୍ମୋଚନ କରୁଛନ୍ତି । (୧୨/୫)




ରବୀନ୍ଦ୍ରମଣ୍ଡପଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସଙ୍ଗୀତ ସୁଧାକର ଶ୍ରୀ ବାଳକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି । (୨୫/୫)



ରେଭେନ୍ସା ମହାବିଦ୍ୟାଳୟ ଇଂରାଜୀ ବିଭାଗର ପ୍ଲାଟିନମ୍ ଜୁବୁଲିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି । (୧୨/୫)




ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ନବକୃଷ୍ଣ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି । (୧୧/୫)




କଟକ ଏସ୍.ସି.ବି. ମେଡିକାଲ କଲେଜର କ୍ୟାର୍ଡିଓଲୋଜି ବିଭାଗରେ ନୂତନ ଭାବେ ସ୍ଥାପିତ ହୋଇଥିବା ଡିଜିଟାଲ କାର୍ଡିଆକ୍ କାଥ୍ ଲାବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି । (୮/୫)



ଜଗତପୁରଠାରେ ଜାତୀୟ ରେଗଟା ପ୍ରତିଯୋଗିତା '୯୮ ରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କ ଜଳକ୍ରୀଡା ପ୍ରଦର୍ଶନକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଦେଖୁଛନ୍ତି । (୮/୫)



ସୂଚନା ଭବନଠାରେ ଚଳାପଥ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ଲେଖକ ସମ୍ମିଳନୀ । (୩/୫)



ପି.ଏମ୍.ଜି. ଛକଠାରେ ଆୟୋଜିତ ରାଜ୍ୟସ୍ତରୀୟ ଶିକ୍ଷକମାନଙ୍କ ସମାବେଶରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଭାଷଣ ଦେଉଛନ୍ତି । (୮/୫)



ନାଲ୍କୋ ଭବନଠାରେ ଆୟୋଜିତ ବେସାମରିକ ଓ ସାମରିକ ସହଯୋଗ ଶୀର୍ଷକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଲେଫ୍ଟନାଣ୍ଟ ଜେନେରାଲ୍ ଏସ୍. ଏସ୍. ସାଙ୍ଗରାଙ୍କୁ ଉପଢୌକନ ପ୍ରଦାନ କରୁଛନ୍ତି । (୧୯/୪)



ଟାଟା ଆନୁକୂଲ୍ୟରେ ସୂଚନା ଭବନଠାରେ ଆୟୋଜିତ ଏକ ଫଟୋ ପ୍ରଦର୍ଶନୀକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ନରେନ୍ଦ୍ର କୁମାର ମିଶ୍ର ଉଦ୍‌ଘାଟନ କରୁଛନ୍ତି । (୨୬/୫)



ପାରମ୍ପରିକ ଭାବେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଅର୍ପଣ କରାଯାଉଥିବା ଗୀତଗୋବିନ୍ଦ ଖୋଦିତ ଜୟଦେବ ଖଣ୍ଡୁଆ ।



ଅକ୍ଷୟ ତୃତୀୟା ଅବସରରେ କେନ୍ଦୁଲିଠାରେ ପାଳନ କରାଯାଉଥିବା ଜୟଦେବ ଜୟନ୍ତୀ ଉତ୍ସବ । (୧୯/୪)



ଜୟଦେବ ଜୟନ୍ତୀ ପାଳନ ଅବସରରେ ଭୁବନେଶ୍ୱର ଅନନ୍ତ ବାସୁଦେବ ମନ୍ଦିରରୁ ପଦଯାତ୍ରାରେ ବାହାରିଥିବା ସଂକୀର୍ତ୍ତନ ମଣ୍ଡଳୀ ।

# ଶ୍ରୀମନ୍ଦିରରେ ନକ୍ଷତ୍ର ବନ୍ଦାପନା

*ଶ୍ରୀ ବାଳକୃଷ୍ଣ ଦାଶ*

ଶ୍ରୀମନ୍ଦିରର ଅନ୍ୟ ଅନେକ ବିଶେଷ ନୀତି ପରି ନକ୍ଷତ୍ର ବନ୍ଦାପନା ମଧ୍ୟ ଏକ ବିଶେଷ ନୀତି । ଶ୍ରୀଜଗନ୍ନାଥଙ୍କର ଅବକାଶ (ମୁଖ ପ୍ରକ୍ଷାଳନ, ସ୍ନାନ ଇତ୍ୟାଦି) ସମୟରେ ଜ୍ୟୋତିଷ ପ୍ରତିଦିନ ନକ୍ଷତ୍ର, ତିଥି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟ ପଞ୍ଜିକାରୁ ପଢି ଶୁଣାଇ ଥାଆନ୍ତି । ଯେଉଁଦିନ ଯେଉଁ ଠାକୁରଙ୍କର ଜନ୍ମ ନକ୍ଷତ୍ର ପଡେ, ତାହା ଜ୍ୟୋତିଷ ପୂର୍ବରୁ ସୂଚନା ଦେଇଥାଆନ୍ତି । ଯେଉଁ ଦିନ ଯେଉଁ ଠାକୁରଙ୍କର ନକ୍ଷତ୍ର ପଡିଥାଏ ତାଙ୍କର ନକ୍ଷତ୍ର ବନ୍ଦାପନା ହୋଇଥାଏ । ଜ୍ୟୋତିଷ ବା ଅବଧାନ ଏହାର ସୂଚନା ତଢାଉକରଣ, ଦେଉଳକରଣ, ବେହେରା ବା ଚର୍ଚ୍ଚାକରଣଙ୍କୁ କହିଥାଆନ୍ତି । ଠାକୁରଙ୍କର ଉପରୋକ୍ତ କରଣ-କର୍ମଚାରୀଗଣ ଶ୍ରୀମନ୍ଦିର ପ୍ରଶାସନ ସହିତ ଯୋଗାଯୋଗ ରକ୍ଷା କରି ନକ୍ଷତ୍ର ବନ୍ଦାପନା ନୀତି ପାଳନ ନିମନ୍ତେ ସମସ୍ତ ବନ୍ଦୋବସ୍ତ କରିଥାଆନ୍ତି । ନୀତି ସମ୍ପାଦନ ପାଇଁ ଯେଉଁ ସେବାୟତମାନଙ୍କର ଆବଶ୍ୟକତା ଥାଏ ତାʼର ଏକ ତାଲିକା ନିମ୍ନରେ ପ୍ରଦତ୍ତ ହେଲା -

୧. ଜ୍ୟୋତିଷ (ଅବଧାନ) ୨. ମୁଦିରସ୍ତ ୩. ପତି-ମହାପାତ୍ର ୪. ପୂଜାପଣ୍ଡା ୫. ଆସ୍ଥାନ-ପଡିଆରୀ ୬. କାହାଳିଆ ୭. ଛତାର (ଛତ୍ରୀ ଧରାଳୀ) ୮. ଘଣ୍ଟୁଆ ୯. ବିଶେଷ ମେକାପ ୧୦. ମହାଜନ (ପୁଷ୍ପାଳକ) ୧୧. ବିମାନ ବଡୁ ।

ଏହି ନୀତି ସବାଶେ ପର୍ବ-ଯାତ୍ରା ଯୋଗାଣିଆଙ୍କୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏକ ସରା କୋରା ଦିଆଯାଇଥାଏ ଓ ସେ ଏହା ଠିକ୍ ସମୟରେ ଯୋଗାଇ ଦେଇଥାଆନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମାʼ ସୁଭଦ୍ରାଙ୍କ ଆବିର୍ଭାବ ସମୟକୁ ଧରି ଲଗ୍ନ, ତିଥି, ନକ୍ଷତ୍ର ଇତ୍ୟାଦି ଗଣନା କରାଯାଇଅଛି । ଠାକୁରମାନଙ୍କର ଜନ୍ମ ନକ୍ଷତ୍ର ଓ ରାଶି କ୍ରମାନ୍ୱୟରେ ପ୍ରଦତ୍ତ ହେଲା -

| | | | ନକ୍ଷତ୍ର | ରାଶି |
|---|---|---|---|---|
| ୧. | ଶ୍ରୀବଳଭଦ୍ର | .. | ଶ୍ରବଣା | ମକର |
| ୨. | ଶ୍ରୀଜଗନ୍ନାଥ | .. | ରୋହିଣୀ | ବୃଷ |
| ୩. | ଶ୍ରୀସୁଭଦ୍ରା | .. | ଜ୍ୟେଷ୍ଠା | ବିଛା |

ଯେଉଁ ଦିନ ଯେଉଁ ଠାକୁରଙ୍କର ଜନ୍ମ-ନକ୍ଷତ୍ର ପଡିଥାଏ ସେହିଦିନ ଏହି ବିଶେଷ ନୀତି ମଧ୍ୟାହ୍ନ-ଧୂପ ପରେ ପାଳନ କରାଯାଇଥାଏ । ଶ୍ରବଣା-ମକର ନକ୍ଷତ୍ର ଯେଉଁଦିନ ପଡିଥାଏ ସେହିଦିନ ଶ୍ରୀବଳଭଦ୍ରଙ୍କୁ ଅଧିକା ଗୋଟିଏ ବନ୍ଦାପନା କରାଯାଇଥାଏ । ରୋହିଣୀ-ବୃଷ ନକ୍ଷତ୍ର ଯେଉଁ ଦିନ ପଡିଥାଏ ସେହିଦିନ ଶ୍ରୀ ଜଗନ୍ନାଥଙ୍କର ଅଧିକା ଗୋଟିଏ ବନ୍ଦାପନା ହୋଇଥାଏ । କିନ୍ତୁ ଜ୍ୟେଷ୍ଠା-ବିଛା ନକ୍ଷତ୍ର ଯେଉଁ ଦିନ ପଡେ ସେହିଦିନ ମାʼ ସୁଭଦ୍ରାଙ୍କ ସହ ପ୍ରଭୁ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କର ମଧ୍ୟ ସମାନ ବନ୍ଦାପନା ହୋଇଥାଏ ।

## ନୀତି ପାଳନ

ସକାଳ-ଧୂପ ପରେ ମୈଲମ ହୋଇ ବେଶ ସମୟରେ ଶ୍ରୀଜଗନ୍ନାଥଙ୍କୁ ଏକଗୋଟି ଆଜ୍ଞା-ମାଳ ଲାଗି କରାଯାଇଥାଏ । ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଶ୍ରୀମଦନମୋହନଙ୍କୁ ମହାଜନମାନେ ଦକ୍ଷିଣି ଘରୁ ବିଜେ କରାଇଥାଆନ୍ତି । ଧୂପ ସରିବା ପରେ ମୁଦିରସ୍ତ, ପତିମହାପାତ୍ର ଓ ପୂଜାପଣ୍ଡା ଯଥାକ୍ରମେ ଶ୍ରୀବଳଭଦ୍ର, ମା ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥଙ୍କୁ କର୍ପୂର ଆଳତି ଓ ବନ୍ଦାପନା କରିଥାଆନ୍ତି । ମଧ୍ୟାହ୍ନ-ଧୂପ ଆଳତି ପରେ ଏହି ବନ୍ଦାପନା କର୍ପୂର ଆଳତି ଓ ବଟୀ ଆଳତି ଦ୍ୱାରା ହୋଇଥାଏ । କାହାଳିଆ କାହାଳି ବଜାଇଥାଆନ୍ତି । ପୂଜାପଣ୍ଡା ଆଜ୍ଞାମାଳ ଶ୍ରୀମଦନମୋହନଙ୍କୁ ଦେବା ପରେ ମହାଜନମାନେ ଠାକୁରଙ୍କୁ ମୁକ୍ତିମଣ୍ଡପ ତଳେ ଥିବା ସୁସଜ୍ଜିତ ପାଲିଙ୍କିକୁ ବିଜେ କରାଇଥାଆନ୍ତି । ଏହି ପାଲିଙ୍କିକୁ ବିମାନବଡୁମାନେ ବହନ କରି ବେଢା ପରିକ୍ରମା କରିଥାଆନ୍ତି । ଏହି ସମୟରେ ଘଣ୍ଟୁଆ ଘଣ୍ଟ ବଜାଇ ଥାଆନ୍ତି, ଛତାର ଛତ୍ର ଧରିଥାଆନ୍ତି । ବେଢା ପରିକ୍ରମଣ ପରେ ପାଲିଙ୍କି ସହ ଠାକୁରଙ୍କୁ ବିମାନବଡୁମାନେ ପଣ୍ଡା ନିଯୋଗ ନିକଟରେ ରଖିଥାଆନ୍ତି । ଏହିଠାରୁ ମହାଜନମାନେ ଠାକୁରଙ୍କୁ ଜୟବିଜୟ ଦ୍ୱାର ନିକଟକୁ ବିଜେ କରାଇଥାଆନ୍ତି । ଏହି ସମୟରେ ପ୍ରତିହାରୀ ଜୟବିଜୟ ଦ୍ୱାର ଭିତରେ ପଟୁ ବନ୍ଦ କରିଥାଆନ୍ତି । ଖଟଶେଯ ମେକାପ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ଆସନ ଉପରେ ମହାଜନମାନେ ଶ୍ରୀମଦନମୋହନଙ୍କୁ ବିଜେ କରାଇଥାଆନ୍ତି । ପର୍ବଯାତ୍ରା ଯୋଗାଣିଆ ଏହି ସମୟରେ ଏକ ସରା କୋରା ଯୋଗାଇ ଥାଆନ୍ତି । ପୂଜାପଣ୍ଡା ଠାକୁରଙ୍କୁ ସର୍ପା ମଣୋହି ପଦ୍ଧତିରେ ପୂଜା ସମାପନ କରିଥାଆନ୍ତି । ଏହାପରେ କର୍ପୂର ଆଳତି ଓ ବଟୀ ଆଳତି ଦ୍ୱାରା ବନ୍ଦାପନା କରାଯାଇ ଥାଏ । ବନ୍ଦାପନା


ପରେ ଜଗୁବିଜୟ ଦ୍ୱାର ପିଟାଯାଏ ଓ ଠାକୁର ଶ୍ରୀମଦନମୋହନ ଦକ୍ଷିଣି ଘରକୁ ବିଜେ କରନ୍ତି । ଭୋଗ ଲାଗି ହୋଇଥିବା ଏବଂ ସରା ଚୋରା ପୂଜାପଣ୍ଡା ଓ ଆସ୍ଥାନ ପ୍ରତିହାରୀଙ୍କର ପ୍ରାପ୍ୟ ଅଟେ ।

ଏହି ବିଶେଷ ନୀତି କେବଳ ମଧ୍ୟାହ୍ନ ଧୂପ ପରେ ସମାପନ ହୋଇଥାଏ । ଅନ୍ୟ ଧୂପପରେ ହୋଇନଥାଏ । ଯଦି ନକ୍ଷତ୍ର ବନ୍ଦାପନା ଦିନ ଏକାଦଶୀ କିମ୍ବା ଅନ୍ୟ କିଛି ବାହାର ବିଜେ ଥାଏ, ତେବେ ବେଢା ବୁଲା ହୁଏ ନାହିଁ । ସେପରି ଥିଲେ ବିଗ୍ରହଁ (ଠାକୁର)ଙ୍କୁ ଜଗୁବିଜୟ ଦ୍ୱାରରେ ବନ୍ଦାପନା କରାଯାଇ ଦକ୍ଷିଣି ଘରକୁ ବିଜେ କରାଯାଇଥାଏ । ନକ୍ଷତ୍ର ବନ୍ଦାପନା ଅନବସର ସମୟରେ ବା ରଥ ଉପରେ ପଡିଲେ ହୋଇନଥାଏ । ଏହା ମଧ ଠାକୁରମାନେ ସୁଣ୍ଡିଚା ଘରେ ଥିବା ସମୟରେ ଅନୁଷ୍ଠିତ ହୋଇନଥାଏ । ଏହି ବିଶେଷ ଦିବସରେ ଅନ୍ୟ ବନ୍ଦାପନା ଥିଲେ ଅଧିକ ବନ୍ଦାପନା ହୋଇଥାଏ ।

ବି.ଦ୍ର : (ସମସ୍ତ ମହାଜନ ପୂଜାପଣ୍ଡା କିନ୍ତୁ ସମସ୍ତ ପୂଜାପଣ୍ଡା ମହାଜନ ନୁହନ୍ତି)

(ସ୍ରୋତ: R.O.R. ବା Record of Rights (ସ୍ୱତ୍ୱଲିପି)ରୁ ସଂଗୃହୀତ)

ପୂର୍ବତନ ପ୍ରଶାସକ ଉପାଧ୍ୟକ୍ଷ,
ଶ୍ରୀମନ୍ଦିର, ପୁରୀ,
ରାଜଗଡଗଡ, ଲୁଣ୍ଡା ରାଧି ।



# ହେ ମହାପ୍ରଭୁ !

ଶ୍ରୀ ଗୁରୁକଲ୍ୟାଣ ମହାପାତ୍ର

ନିଜେ ନିଜ ଅପରାଧର ସାକ୍ଷୀ
ତମରି ମୂର୍ତ୍ତି ସମୀପରେ
ମୋର ଅପ୍ରାଧକୁ ମାର୍ଜନା
କର ହେ ମହାପ୍ରଭୁ ଜଗନ୍ନାଥ !

କାରୁଣ୍ୟତର ହୋଇ ତଦଳ ବିକଳରେ
ନିଜେ ତର୍ପଣ କରୁଥିଲେ ବି
ଆଜ କେବି ଏ ଭାବକୁ ମୋର
ବୁଝିବାକୁ ଅସମର୍ଥ ପ୍ରଭୁ !


ଉଦ୍ଧର ଅବଲାନେ ଜଳ ଭିତରେ
ଉତ୍ପତ୍ତି ହେଉଛି ମୋ ଚକ୍ଷିର
ଜୀର୍ଣ୍ଣଶୀର୍ଣ୍ଣ ତରଣୀଟି,
ମୁଁ ବନ୍ଧାଯାଇଥାଉ ଯେଉଁ ଭୂମିଟି ଉପରେ
ସେ ଭୂମି କମ୍ପୁଛି ଯେପରି
ଶ୍ରୀଜଗନ୍ନାଥଙ୍କ ଦର୍ଶନ ମାତ୍ରକେ,
ମିଶ ଅଙ୍ଗପ୍ରତ୍ୟଙ୍ଗରେ ତ
ଅଭୂତପୂର୍ବ କେତେଥର ସୃଷ୍ଟି !

ମୁମୂର୍ଷୁପ୍ରାୟ ମୁଁ ସାଷ୍ଟାଙ୍ଗ
ପ୍ରଣିପାତ ପୁରଃସର
ମହାପ୍ରଭୁଙ୍କ ପାଦତଳେ
ଆପଣାକୁ ସମର୍ପି ଦେବାକୁ
ପ୍ରବଳ ବାସନା ମୋର ।

ଅପଟ ହେ ମୋର ସବଳ
ଚାଲି ଅର୍ପିଲିକୁ ଯେଣିବାକୁ
ଯେପରି ଲୁଣ୍ଠିତ !

ହେ ମହାପ୍ରଭୁ !
କେବେ ନିସ୍ତାରିବ ଏ ମହାପାତକର
ଅଶ୍ରୁବ୍ୟସ୍ତ ଅଶାନ୍ତ ପ୍ରାଣକୁ
ଛୁଇଁ ଥରେ ଛୁଇଁ –
ଛୁଇଁ ଥରେ ଛୁଇଁ ।

ବୈଶ୍ଣବ ପାଣିଧି,
ତି./୪, ଲେବର କଲୋନୀ,
ଖାରବେଳ ନଗର, ଭୁବନେଶ୍ୱର-୧ ।



# ମଦ୍ ଭକ୍ତାଃ ଯତ୍ର ଗାୟନ୍ତି

ଡକ୍ଟର ଗିରିଧାରୀ ନାୟକ

ଗଙ୍ଗା, ଯମୁନା ବିଧୌତ ପୁଣ୍ୟ ଭାରତବର୍ଷ ବିଭିନ୍ନ ଧର୍ମାବଲମ୍ବୀଙ୍କ ପୁଣ୍ୟପୀଠର ସମାହାରରେ ସମୁଜ୍ଜ୍ୱଳ । ତାର ଐତିହ୍ୟ, ପରମ୍ପରା, ଗୌରବର ପରିମା ସ୍ୱାକ୍ଷର ବହନ କରି ଆସିଛି ସ୍ୱୟଂ ମହାବାହୁ ଜଗନ୍ନାଥଙ୍କର ଅଲୌକିକ ସ୍ମୃତିର ସମ୍ବଳିତ ଗାଥାଗୁଡିକ ।

ଉତ୍କଳ ଏପରି ଗୋଟିଏ ଦେଶ ଯାହାକି ସମଗ୍ର ଭାରତବର୍ଷରେ ବିରଳ । ବଦ୍ରୀନାରର ନାଥଙ୍କୁ ବଦ୍ରୀନାଥ, କାଶୀର ନାଥଙ୍କୁ ବିଶ୍ୱନାଥ କୁହାଯାଏ । କିନ୍ତୁ ଜଗନ୍ନାଥ ଯେ ଜଗତର ନାଥ, ଏକଥା ସମଗ୍ର ଭାରତ ତଥା ଭାରତ ବାହାର ଦେଶମାନେ ସ୍ୱୀକାର କରିଛନ୍ତି । ସେ ଉତ୍କଳର ପ୍ରାଣବିନ୍ଦୁ । କିନ୍ତୁ ସାର୍ବଜନୀନ ଭାବେ ଜଗନ୍ନାଥଙ୍କୁ ଜଗନ୍ନାଥ କୁହାଯାଏ । ସେ ବିଶ୍ୱନିୟନ୍ତା । ସମଗ୍ର ଜନତାଙ୍କର ସ୍ୱାମୀ । ସେ ବା ନିର୍ଦ୍ଦିଷ୍ଟ ଗୋଟିଏ ଜାତି ସହ ବନ୍ଧା ହୋଇ ରହିବେ କାହିଁକି ? ତାଙ୍କର ଅପାର କରୁଣା ସମଗ୍ର ଦେଶକୁ ବାହାରେ ପରିଚିତ କରାଇ ପାରୁଛି । ମଣିଷ ତାର ସମସ୍ତ ସତ୍ତା ଭୁଲିଯାଏ ସେହି ଚକାଆଖି, ମହାବାହୁ, ମଣିମା, ଅନାଦି, ଉଦ୍ଧବନ୍ଧୁ, ଜଗନ୍ନାଥଙ୍କ ଦର୍ଶନରେ । ସେ ତ ଅପରିସୀମ । ତାର ଆଦି ନାହିଁ । ଅନ୍ତ ବି ନାହିଁ । ଯାହାର ଇଙ୍ଗିତରେ ସମଗ୍ର ବିଶ୍ୱ ପରିଚାଳିତ, ସେ କି କଳନାର ପାତ୍ର ? କେବଳ କଳ୍ପନାର ପାତ୍ର ବହୁ ଯୋଗୀ, ତପୀ, ରାକ୍ଷସ, ଯବନ, ଭକ୍ତ, ମୁନି, ଦାର୍ଶନିକ, ସାକାରବାଦୀ, ନିରାକାରବାଦୀ ଆସିଛନ୍ତି । ସମସ୍ତେ ପ୍ରଣତୋସ୍ମି, ପ୍ରଣତୋସ୍ମି କହି ଲୀନ ହୋଇଛନ୍ତି । ଯାହାର ଯେତେ ରାଗ, କ୍ରୋଧ, ଅଭିମାନ ଥାଉ ନା କାହିଁକି, ଯେ ଯେତେ ପ୍ରକାର ଗାଳି ଦେଉଥିଲେ ବି, ଥରେ ଯଦି ନୀଳାଦ୍ରିରେ ଚକାଆଖିରେ ତାର ଚର୍ମଚକ୍ଷୁକୁ ମିଳାଇ ଦିଏ, ତାର ସମସ୍ତ ରାଗ, ଅଭିମାନ ଧୂଳିସାତ୍ ହୋଇଯାଏ ।

ବେଦ ବେଦାନ୍ତ, ଭାଗବତ, ମହାଭାରତ, ପୁରାଣ ସବୁଥିରେ ଜଗନ୍ନାଥଙ୍କର ଅପାର କରୁଣା ବର୍ଣ୍ଣିତ । ବ୍ରହ୍ମା, ବରୁଣ, ଇନ୍ଦ୍ର, ରୁଦ୍ର, ମରୁତ ଆଦି ସମସ୍ତ ଦେବଦେବୀ ସେଇ ପରଂବ୍ରହ୍ମ ଜଗନ୍ନାଥଙ୍କୁ ସ୍ତୁତିରେ ଶତମୁଖ ।

ତାଙ୍କର ଆଦି ଅନ୍ତ କେହି ପାଇନାହାନ୍ତି । ସେହି ମହାବାହୁ, କଳିଆଠାକୁରଙ୍କ ମହିମାକୁ ମହିମାନ୍ୱିତ କରାଇ ଭକ୍ତଗଣ ଜାତି, ବର୍ଣ୍ଣ, ଧର୍ମ, ଜ୍ଞାନ ଗରିମାର ଭେଦାଭେଦକୁ ମନରୁ ପାଶୋରି ଦେଇ, ଠାକୁରଙ୍କର ଅପାର କରୁଣା କଣାରୁ କାଣିଚାଏ ପାଇବା ପାଇଁ ଉନ୍ମୁଖ ହୋଇଉଠନ୍ତି ।

ଜଗନ୍ନାଥ ଦର୍ଶନରେ ଭକ୍ତପ୍ରାଣରେ ଉଠିଉଠେ ଆନନ୍ଦର ଢେଉ । ମନ ଉଡ଼ିଁର ଲାଖି ଯାଏ, ସେହି ଚକାଆଖିରେ । ସେ ଆଖିରେ ଆଖି ମିଶି ଗଲେ ଥରେ ଫେରାଇ ହୁଏନା । ଆତ୍ମା ଆନନ୍ଦମୟ ହୁଏ । ହରିବାରେ ସେ ଧୂରନ୍ଧର ବିଶ୍ୱର ପାପ, ତାପ ।

କାମାନ୍ଧ ବିଲ୍ୱମଙ୍ଗଳ ଯେତେବେଳେ ଗଣିକା ଚିନ୍ତାମଣିର ପ୍ରେମ ଗହ୍ୱରରେ ମାଳିକ ହେବାକୁ ପାଗଳ ହୋଇଛି, ସେତେବେଳେ ସେ ଘରଦ୍ୱାର, ମାନ, ସମ୍ମାନ, ସମାଜର ବନ୍ଧନ କିଛି ମାନିନି । ଶେଷରେ ସେହି ଅଚିନ୍ତ୍ୟନୀୟ ମର୍ଯ୍ୟାଦାବନ୍ତ ପୁରୁଷ ପୁରୁଷୋତ୍ତମଙ୍କର ଅପାର କରୁଣାରୁ ବିନ୍ଦୁ କରିଥିବା ଦୁଷ୍ଟ ଆଖି ଦୁଇଟିକୁ ଫେରି ପାଇଛି । ମିଶି ଯାଇଛି ତାର ମନ ବିଶ୍ୱ ଚିନ୍ତାମଣିଙ୍କ ପାଦପଦ୍ମରେ ।

ସେ ଯେତେବେଳେ ନିଜକୁ ହଜାଇ ଦେଇଛନ୍ତି, ସେତେବେଳେ ଲେଖିଛନ୍ତି 'କାବ୍ୟ' କୃଷ୍ଣକର୍ଣ୍ଣାମୃତ । ସେ କହିଛନ୍ତି, ଯିଏ ବ୍ରଜପୁରରେ ବସନ୍ତଋତୁରେ ଲହୁଣୀ ଚୋରି କରିବାରେ ଧୂରନ୍ଧର, ଯିଏ ଗୋପାଙ୍ଗନାମାନଙ୍କର ଲୁଗା ଚୋରି କରିବାରେ ଦକ୍ଷ, ଯିଏ ଅନେକ ଜନ୍ମର ଅର୍ଜିତ ପାପକୁ ଚୋରି କରିବାରେ ନିପୁଣ, ମୁଁ ସେଇ ଚୌରଚୂଡ଼ାମଣି ବା ଚୋରମାନଙ୍କର ମଧ୍ୟରେ ଯେ ଅଗ୍ରଗଣ୍ୟ ତାଙ୍କୁ ନମସ୍କାର କରୁଛି-

"ବ୍ରଜେ ବସନ୍ତଂ ନବନୀତ ଚୌରଂ ।
ଗୋପାଙ୍ଗନାନାଂ ଚ ଦୁକୂଳ ଚୋରଂ ॥
ଅନେକ ଜନ୍ମାର୍ଜିତ ପାପ ଚୋରଂ ।
ଚୌରାଗ୍ରଗଣ୍ୟଂ ପୁରୁଷଂ ନମାମି ॥"

(କୃଷ୍ଣକର୍ଣ୍ଣାମୃତ).(ବିଲ୍ୱମଙ୍ଗଳ)

ଦ୍ୱାପରର ଶ୍ରୀକୃଷ୍ଣ ଆଜିର ଜଗନ୍ନାଥ । ସେହି ଲୀଳାମୟ ପୁରୁଷଙ୍କର ମାଧୁର୍ଯ୍ୟ ଲୀଳା ଦର୍ଶନରେ ମଣିଷର ମନ ଉଲ୍ଲସିତ ହୋଇଉଠେ । କୃଷ୍ଣ ପ୍ରାଣଗତା ବ୍ରଜସୁନ୍ଦରୀଙ୍କର ଆତ୍ମନିବେଦନ ଜଗନ୍ନାଥଙ୍କର କର୍ଣ୍ଣ କୁହରରେ ବାଜିଛି । ସେ ସତ୍ୟ ଶିବ ସୁନ୍ଦରର ପ୍ରତୀକ । କବିରାଜ କୃଷ୍ଣଦାସ କହନ୍ତି -

"ଜଗନ୍ନାଥ ଯେ ଷୋଳକଳା,
ତହୁଁ କଳାଏ ନନ୍ଦବଳା ।
କଳାକ ଷୋଳକଳା କରି,
ଗୋପେ ବିହରେ ନରହରି ।"

ସନ୍ଥ ତୁଳସୀ ଦାସ ଏକ କାମାନ୍ଧ ପୁରୁଷ ଓ ନାରୀର ସମ୍ପର୍କ ସହ ତୁଳନା କରି କହିଛନ୍ତି ଯେ -

"କାମିହି ନାରି ପିଆରି ଜିମି, ଲୋଭିହି ପ୍ରିୟ୍ ଜିମି ଦାମ ।
ତିମି ରଘୁନାଥ ନିରନ୍ତର ପ୍ରିୟ୍ ଲାଗହୁ ମୋହିରାମ ।"

ମର୍ଯ୍ୟାଦାବନ୍ତ ପୁରୁଷ ଶ୍ରୀଜଗନ୍ନାଥ ଖେଳନ୍ତି ଜନ୍ତବଟ ମୂଳରେ ଥିବା ଆକାଶ ଛୁଆଁ ନଅରରେ । ବିଦଗ୍ଧ ଚିନ୍ତାମଣିରେ ଅଭିମନ୍ୟୁ ସାମନ୍ତସିଂହାର କହିଛନ୍ତି :

"ଉର୍ଣ୍ଣନାଭି ବତ ଖେଳୁ ଇଚ୍ଛା ଶକ୍ତି ବଳେ ।
ଉଦଭବ ହୋଇତୁ ଧର୍ମ ଛାପୁ କାଳେ, କାଳେ ।"

କେତେ କବି ତାଙ୍କର ଅଲୌକିକ ମହିମା ଗାନ କରିଯାଇଛନ୍ତି । କେଉଁଠି ସେ ଭକତର ଦାସ, କେଉଁଠି ଦାସର ଦାସ, କେଉଁଠି ପ୍ରାଣରକ୍ଷାକାରୀ, କେଉଁଠି ପ୍ରାଣନାଶକାରୀ । କିଏ ଦେଖି ଦେଖି ମଲା, କିଏ ନ ଦେଖି ମଲା । କିଏ ଦେଖି ତରିଗଲା, କିଏ ତପରେ ପାଇଲା, କିଏ କୋପରେ ପାଇଲା, କିଏବା ଭକ୍ତି ରସାମୃତ ସମୁଦ୍ରର ତୋରିରେ ମନର ମନ୍ଦିରରେ ପୂଜାକଲା । ସବୁମୂଳରେ ସେହି ପରମପୁରୁଷ ।

ଅନ୍ତରର ଭାବକୁ ଗ୍ରହଣ କରନ୍ତି ଠାକୁର ଜଗନ୍ନାଥ । ଦୀନକୃଷ୍ଣ ଦାସ କହିଛନ୍ତି -

"କାଳିନୀ କୂଳିଆ, କଦମ୍ବ ମୂଳିଆ, କାଉଁଚମାଳିଆ ପାଦେ,
କୃଷ୍ଣ ଦାସ ମନ, ବଚନ କର୍ଣ୍ଣଦ୍ୟ, ରଖିଅଛି ଅପ୍ରମାଦେ ।"

ଜଗନ୍ନାଥ ହିଁ ନିରାକାର ବ୍ରହ୍ମ, ସାକାର ବ୍ରହ୍ମ ଓ ଶୁଦ୍ଧ ବ୍ରହ୍ମର ପ୍ରତୀକ । ଭିନ୍ନ, ଭିନ୍ନ ସମୟରେ ପରଂବ୍ରହ୍ମ ବିଭିନ୍ନ ଅବତାର ନେବା କଥା ବେଦ, ଶାସ୍ତ୍ର ସ୍ୱୀକାର କରିଛି ।

ସେ ଦ୍ୱାପର ଯୁଗର ଲୀଳା ଅବସାନ ପରେ ବୌଦ୍ଧ ରୂପରେ ଅବତୀର୍ଣ୍ଣ ହୋଇଛନ୍ତି । ଭକ୍ତ ମନୋରଥ ପୂରଣ କରିବାରେ ବ୍ୟଗ୍ର ହୋଇଛନ୍ତି । କେତେବେଳେ ବିଶାଳ ଭୁଜ ବଢାଇ ନଡିଆ ନେଇଛନ୍ତି ତ, କେତେବେଳେ ପାଚିଲା ଆମ୍ବ ଖାଇ ରତ୍ନବେଦୀ ତଳେ ଟାକୁଆ ପକାଇଛନ୍ତି । କେଉଁଠି ପେଜଥାଳିରେ ଦର୍ଶନ ଦେଇଛନ୍ତି ତ, କେଉଁ ବାଇଗଣ ବିଆରୀରେ ଗୀତଗୋବିନ୍ଦ ଗାନ ଶୁଣି ପାଟ ଲୁଗାରେ ବାଇଗଣ କଣ୍ଟା ଚିରି ହୋଇଯିବାର କାହାଣୀ ଲୋକପ୍ରିୟ ହୋଇ ରହିଛି ଲୋକଙ୍କ ମୁଖରେ । କେଉଁଠି ଆତ୍ମଗୋପନ କରିଛନ୍ତି ନିଜକୁ ଗଉଡୁଣୀଠାରୁ ଦହି ଖାଇ ତ, କେଉଁଠି ନାତରୀଆ ହୋଇ ଖଣ୍ଡ କବଳରୁ ରକ୍ଷା କରିଛନ୍ତି ଭକ୍ତକୁ । କେଉଁଠି ବିଶ୍ୱକୁ ଉଦ୍ଧାର କରି ଦେଇଛନ୍ତି ତ, କେଉଁଠି ଚନ୍ଦନ ଚର୍ଚ୍ଚିତ ନୀଳକଳେବର ତ୍ୟାଗ କରି ସାଧାରଣ ବ୍ରାହ୍ମଣ ବେଶରେ ଦେହି ପଦପଲ୍ଲବ ମୁଦାରମ୍ ଲେଖି ପାଦପୂରଣ କରନ୍ତି ।

ଧନ୍ୟ ସେହି ବିଚିତ୍ର ଲୀଳାମୟ ପୁରୁଷ । ଏ ଜଗତର ନିୟନ୍ତା । ସୃଷ୍ଟିର ସ୍ରଷ୍ଟା ସିଏ । ସେ ବୈକୁଣ୍ଠରେ ନଥାନ୍ତି । ଯୋଗୀ ପୁରୁଷମାନଙ୍କ ହୃଦୟରେ ନଥାନ୍ତି । ତାଙ୍କର ଭକ୍ତ ଯେଉଁଠି ଗାନ କରନ୍ତି ସେଠାରେ ସେ ଅବସ୍ଥାନ କରନ୍ତି । କୁହାଯାଇଛି :-

"ନାହଂ ତିଷ୍ଠାମି ବୈକୁଣ୍ଠେ, ଯୋଗିନାଂ ହୃଦୟେ ନଚ ।
ମଦ୍ ଭକ୍ତା ଯତ୍ର ଗାୟନ୍ତି, ତତ୍ର ତିଷ୍ଠାମି ନାରଦ ।।"

ମହାପାପୀ ହୋଇ ବି ଯଦି ଜଗନ୍ନାଥଙ୍କର ଶରଣ ପଶେ, ସେ ତ୍ୟାଗ କରନ୍ତି ନାହିଁ ତାକୁ । ସେ କରୁଣାର ଅବତାର । ପତିତମାନଙ୍କୁ ଦର୍ଶନ ଓ ଶରଣ ଦେବା ପାଇଁ ତାଙ୍କର ରଥ ଯାତ୍ରା ।

(ଉତ୍ତରାକାଣ୍ଡ/୧୦୮/୨୮)

ସଂସାରର ଜଞ୍ଜାଳ ଜାଲରେ ମଣିଷ ଯେତେବେଳେ ଉଦ୍ଭ୍ରାନ୍ତ ହୋଇଯାଏ, ସେତେବେଳେ ପଥହରା ହୋଇ ରସାତଳଗାମୀ ହୁଏ । ମନକୁ ନିୟନ୍ତ୍ରଣ କରିବା ପାଇଁ ବିବେକ ଚେତାଇ ଦିଏ । ଯଦି ସେ ତାର କଥା ମାନେନା ଅବାଟରେ ଯାଏ, ସେ ଏଇ ଜାଲରେ ନିଜର ସତ୍ତାକୁ ହରାଇ ବସେ । ଭଜି ପାରେନା ତାର ଠାକୁରକୁ । ସେ ଧର୍ମ ଜାଣେ । ଅଧର୍ମ ବି ଜାଣେ । ଧର୍ମରେ ପ୍ରବେଶ କରି ପାରେନା କିମ୍ବା ଅଧର୍ମରୁ ନିବୃତ୍ତ ହୋଇ ପାରେନା । ଗୀତାରେ କୁହାଯାଏ -

"ଜାନାମି ଧର୍ମଂ, ନଚମେ ପ୍ରବୃତ୍ତି
ଜାନାମି ଅଧର୍ମଂ ନ ଚ ମେ ନିବୃତ୍ତି ।
ତ୍ୱୟା ହୃଷିକେଶ ହୃଦସ୍ଥିତେନ
ଯଥା ନିଯୁକ୍ତୋସ୍ମି, ତଥା କରୋମି ।


(ଗୀତା)

ହୃଷିକେଶ ହୃଦୟରେ ଥାଇ ଯାହା ନିର୍ଦ୍ଦେଶ ଦିଅନ୍ତି, ତାହା ମଣିଷ କରେ ।

ସେ ମୋର । ମୁଁ ତାଙ୍କର । ଏହି ପ୍ରେମ ଭାବ ନ ଆସିଲେ, ମନ ପ୍ରାଣରେ ଏକାକାର ନହେଲେ ସେ ମିଳିବା କଷ୍ଟକର । ତାଙ୍କୁ ପାଇବା ପାଇଁ ମନ୍ତ୍ର ଯନ୍ତ୍ର, ତନ୍ତ୍ର, ପୂଜାପାଠ, କିଛି ଦରକାର ନାହିଁ । ମନ୍ଦିର, ଉତ୍ସବ, ଉପବାସର ଆବଶ୍ୟକତା ନାହିଁ । ଯଦି ଥରେ ତାଙ୍କର ପଦାରବିନ୍ଦରେ ମନ ଲଗାଇ ଦୁଇଟୋପା ଲୁହ ବୋହିଯିବ, ତାହା ଷାଠିଏ ପଉଟି ଭୋଗଠାରୁ ବଡ ।

ଦୋଳରେ ଦୋଳଗୋବିନ୍ଦରୂପରେ, ଚନ୍ଦନ ଯାତ୍ରାରେ ମଧୁସୂଦନ ରୂପରେ, ରଥରେ ବାମନ ରୂପରେ ଜଗନ୍ନାଥଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ହୁଏନା । ଜୀବ ପାଏ ପରମର ସନ୍ଧାନ । ଭକ୍ତ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି କୃଷ୍ଣ ରୂପରେ । ନୀଳାଚଳକୁ ଦ୍ୱାରକା ଓ ଗୁଣ୍ଡିଚା ମନ୍ଦିରକୁ ବୃନ୍ଦାବନ ଭାବରେ ଚୈତନ୍ୟ କଳ୍ପନା କରିଥିଲେ ।

- କୃଷ୍ଣ ମିଶ୍ର,
ଗା/ପୋ-ଚନ୍ଦ୍ରଶେଖରପୁର,
କଟକ ।



# ବଡ଼ଦାଣ୍ଡରେ ରଥଯାତ୍ରା

ଶ୍ରୀ ବିଭୁ ପ୍ରସାଦ ମହାପାତ୍ର

ଜଗତର ନାଥ ଜଗନ୍ନାଥଙ୍କ ମହିମା ଓ କରୁଣା ଅନନ୍ତ । ମହାପ୍ରଭୁଙ୍କ ବାରମାସରେ ତେରପର୍ବ, ଦୁର୍ଲଭ ମହାପ୍ରସାଦ, ବିଶ୍ୱପ୍ରସିଦ୍ଧ ରଥଯାତ୍ରା ମାନବ ପ୍ରାଣରେ ଆଧ୍ୟାତ୍ମିକତାର ମନ୍ଦାକିନୀ ନିଃସୃତ କରି ଆସିଛି । ଜଗନ୍ନାଥ ସଂସ୍କୃତି ମହାଭାରତୀୟ ସଂସ୍କୃତିର ପ୍ରାଣପିଣ୍ଡ । ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ଚୈତନ୍ୟଙ୍କ ପର୍ଯ୍ୟନ୍ତ, ଗୌତମବୁଦ୍ଧଙ୍କ ଠାରୁ ଆରମ୍ଭ କରି ମହାବୀରଙ୍କ ପର୍ଯ୍ୟନ୍ତ ତଥା ମହମ୍ମଦଙ୍କଠାରୁ ଆରମ୍ଭ କରି ଯୀଶୁଖ୍ରୀଷ୍ଟଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଚିନ୍ତାଧାରା, ମତବାଦ ଓ ଭକ୍ତିଭାବ ସେହି ମହନୀୟ ଜଗନ୍ନାଥ ସଂସ୍କୃତିର ଅଂଶମାତ୍ର ।

ମାନବବାଦ ତଥା ଆଧ୍ୟାତ୍ମବାଦର ଅପୂର୍ବ ସମନ୍ୱୟ ହେଉଛନ୍ତି ସେହି ମହାପ୍ରଭୁ । ଯେଉଁ ଠାକୁର ବଡଠାକୁର, ଯାହାର ମନ୍ଦିର ଶ୍ରୀମନ୍ଦିର, ଯାହାର ଉଦଧି ମହୋଦଧି, ଯାହାର ପ୍ରସାଦ ମହାପ୍ରସାଦ, ଯାହାର ଦାଣ୍ଡ ହେଉଛି ବଡଦାଣ୍ଡ, ଯାହାର ଦ୍ୱାର ସ୍ୱର୍ଗଦ୍ୱାର, ସର୍ବୋପରି ଯାହାର କ୍ଷେତ୍ର ଶ୍ରୀକ୍ଷେତ୍ର ସେପରି ଅସୀମ ଅନନ୍ତ ଅବ୍ୟକ୍ତ ମହାପ୍ରଭୁଙ୍କଠାରେ ବିଶ୍ୱ ଐକ୍ୟ ତଥା ମାନବିକତାର ମହାଭାବ ପ୍ରତିଫଳିତ ।

ତାଙ୍କୁ ଯିଏ ଯେଉଁ ରୂପରେ ସ୍ତୁତି କଲା ସେ ସେହି ରୂପରେ ଆବିର୍ଭୂତ ହେଲେ । କେତେବେଳେ ଶ୍ରୀଚୈତନ୍ୟଙ୍କ ଆଗରେ ରାଧାକୃଷ୍ଣ ତ କେତେବେଳେ ତୁଳସୀ ଦାସଙ୍କ ପାଖରେ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର ରୂପରେ ଆବିର୍ଭୂତ ହେଲେ ।

ସେହି ମହାପ୍ରଭୁ ବିଶ୍ୱାବସୁର ବିଶ୍ୱାସରେ ନୀଳମାଧବ ରୂପ ଧାରଣ କଲେ । ଆର୍ଯ୍ୟ-ଅନାର୍ଯ୍ୟ ଦୁଇଗୋଷ୍ଠୀ ମଧ୍ୟରେ ହେଲା ଅଲୌକିକ ମିଳନ । ସେମାନଙ୍କ ବଂଶଧର ହେଲେ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରିୟ ସେବକ ।

ଜଗନ୍ନାଥଙ୍କ ନାମ ଆଦିବାସୀ ଦେବତା 'ଜଗନ୍ତ' ନାମର ଅପଭ୍ରଂଶ ବୋଲି ବୁଝାଯାଏ । ଯେଉଁ ବୃକ୍ଷକୁ ଶବର ଜନଜାତି ଶ୍ରଦ୍ଧାର ସହ ପୂଜା କରନ୍ତି ସେ ବୃକ୍ଷର ଦାରୁରୁ ଶ୍ରୀଜଗନ୍ନାଥଙ୍କ ପାର୍ଥିବ ଶରୀରର ସୃଷ୍ଟି । ଏହିପରି ମହାପ୍ରଭୁ ଆପଣା ମଧ୍ୟରେ ଶାବର ସଂସ୍କୃତିକୁ ସମାହିତ କରିଛନ୍ତି ।

ନାଭିକ୍ଷେତ୍ର ରୂପେ ପରିଚିତ ନୀଳାଚଳ ଧାମ ଶାକ୍ତମାନଙ୍କର ଏକ ପ୍ରଧାନ ପୀଠସ୍ଥଳୀ । ସତୀଙ୍କ ନାଭିକମଳ ଏଠାରେ ପତିତ ହୋଇଥିବାରୁ ଶକ୍ତି ଉପାସକମାନଙ୍କର ପାବନ ପୀଠ । ଶୈବମାନେ ମଧ୍ୟ ଶାବର ଶ୍ରୀକ୍ଷେତ୍ରକୁ ପ୍ରଧାନ ତୀର୍ଥସ୍ଥଳୀରୂପେ ଗ୍ରହଣ କରନ୍ତି । ସେମାନେ ଜଗନ୍ନାଥ ଓ ବଳଭଦ୍ରଙ୍କ ମଧ୍ୟରେ ଭୈରବ ଶିବଙ୍କ ମହତ୍ ସତ୍ତାକୁ ଅନୁଭବ କରନ୍ତି । ଶ୍ରୀରାମଭକ୍ତଗଣ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମଧ୍ୟରେ ଯଥାକ୍ରମେ ରାମ, ଲକ୍ଷ୍ମଣ, ସୀତାଙ୍କ ସ୍ୱରୂପ କଳ୍ପନା କରିଥାନ୍ତି । ସ୍ନାନ ପୂର୍ଣ୍ଣିମାରେ ସ୍ନାନବେଦୀ ଉପରେ ଗଜବେଶ ଗାଣପତ୍ୟ ଧର୍ମର ପ୍ରଭାବକୁ ଜୀବନ୍ତ କରିଥାଏ ।

ବୌଦ୍ଧମତାବଲମ୍ବୀମାନଙ୍କ ମତରେ ମହାପ୍ରଭୁଙ୍କ ଉଦରରେ ଥିବା ବ୍ରହ୍ମ ସଦୃଶ ପିଣ୍ଡ ଶାକ୍ୟମୁନି ଗୌତମବୁଦ୍ଧଙ୍କର ଏକ କଳ ଦାନ୍ତ । "ଜ୍ଞାନସିଦ୍ଧି" ଗ୍ରନ୍ଥରେ ଜଗନ୍ନାଥ ଏବଂ ବୌଦ୍ଧଙ୍କ ମଧ୍ୟରେ ଭିନ୍ନତା ନାହିଁ ବୋଲି ବର୍ଣ୍ଣନା କରାଯାଇଛି । ଚୀନ ପରିବ୍ରାଜକ ଫାହିୟାନ୍‌ଙ୍କ ମତରେ ଜଗନ୍ନାଥଙ୍କ ରଥଯାତ୍ରା ସଦୃଶ ପୂର୍ବ କାଳରେ ଗୌତମବୁଦ୍ଧଙ୍କର ପ୍ରସିଦ୍ଧ ରଥଯାତ୍ରାର ଆୟୋଜନ ହେଉଥିଲା । ବୌଦ୍ଧଧର୍ମ ଓ ସଂସ୍କୃତି ଜଗନ୍ନାଥ ସଂସ୍କୃତିର ଏକ ପ୍ରତିଫଳନ ମାତ୍ର ।

ଅନୁରୂପଭାବରେ ଜୈନମାନେ ମଧ୍ୟ ମହାପ୍ରଭୁ ଜଗନ୍ନାଥଙ୍କୁ ନିଜ ଧର୍ମର ଦେବତାରୂପେ ପରିକଳ୍ପନା କରନ୍ତି । ସେମାନଙ୍କ ଧର୍ମକୋଷରେ "ଜୀବନାଥ" ଶବ୍ଦରୁ "ଜଗନ୍ନାଥ" ଶବ୍ଦର ସୃଷ୍ଟି ବୋଲି ଉଲ୍ଲେଖ ରହିଛି । ଶ୍ରୀମନ୍ଦିର ବାଇଶି ପାବଚ୍ଛ ବାଇଶି ଜଣ ଜୈନ ତୀର୍ଥଙ୍କର ପ୍ରତୀକ ରୂପେ ବିଦ୍ୟମାନ । ଆଷାଢ଼ ଶୁକ୍ଳ ଦ୍ୱିତୀୟା ପ୍ରଥମ ତୀର୍ଥଙ୍କର ଋଷଭନାଥଙ୍କ ରଥଯାତ୍ରା ବିଧି ରହିଛି । ଉଭୟ ଧର୍ମ ପରସ୍ପର ଦ୍ୱାରା ପ୍ରଭାବିତ । ଉଭୟ ଧର୍ମର ଆଦର୍ଶ, କର୍ମପନ୍ଥା, ଉଦ୍ଦେଶ୍ୟ ଏକ । ଏଣୁ ସେହି ମହନୀୟ ଜଗନ୍ନାଥ ସଂସ୍କୃତିରେ ଜୈନଧର୍ମର ପ୍ରତିଫଳନ ସ୍ପଷ୍ଟ ଦୃଶ୍ୟମାନ ।

ନାନା ଧର୍ମ, ନାନା ମତବାଦ, ନାନା ଚିନ୍ତାଧାରାର ଏକ ସମନ୍ୱିତ ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତି । ଆଦି ଶଙ୍କରାଚାର୍ଯ୍ୟ ଜାତୀୟ ଐକ୍ୟ ଓ ଅଖଣ୍ଡତା ପ୍ରତିଷ୍ଠା ପାଇଁ ଭାରତରେ ଚାରିଧାମର ସ୍ଥାପନା କଲେ । ଉତ୍ତର-ଦକ୍ଷିଣ ଦୃଷ୍ଟିରୁ ଦେଖିଲେ ନୀଳାଚଳଧାମ ପ୍ରାୟ ମଧ୍ୟଭାଗରେ ଅବସ୍ଥିତ । ଉତ୍ତରରେ ବଦ୍ରିନାଥ ତଥା ଦକ୍ଷିଣରେ ରାମେଶ୍ୱରମ୍ କୁ ତୀର୍ଥାଟନ କରିବାକୁ ଯାଉଥିବା ତୀର୍ଥଯାତ୍ରୀ ଏହିଠାରେ ଅଟକିଯାଏ । ବିନ୍ଧ୍ୟାଚଳ ପର୍ବତ ଭାରତକୁ ଉତ୍ତର-ଦକ୍ଷିଣରେ ବିଭକ୍ତ କରିଥାଏ ସତ କିନ୍ତୁ ନୀଳାଚଳଧାମର ଆଧ୍ୟାତ୍ମିକତା ଉଭୟଙ୍କୁ ଏକ ସୂତ୍ରରେ ବାନ୍ଧି ରଖିଛି । ଉତ୍ତରରେ ଆର୍ଯ୍ୟ ଓ ଦକ୍ଷିଣରେ ଦ୍ରାବିଡ ଗୋଷ୍ଠୀର ଅପୂର୍ବ ସମାଗମ ଘଟିଛି ଏହି ଶ୍ରୀକ୍ଷେତ୍ରରେ । ସେହି ମହାପ୍ରଭୁଙ୍କ ଐକ୍ୟ, ଅଖଣ୍ଡତାର ରଜ୍ଜୁ ସମସ୍ତଙ୍କୁ ବାନ୍ଧି ରଖିଛି ଏକତା ସୂତ୍ରରେ ।

ରାଷ୍ଟ୍ରରେ ଐକ୍ୟ, ଅଖଣ୍ଡତା, ଭ୍ରାତୃଭାବ, ସଦ୍‌ଭାବ ଦୃଢ଼ୀଭୂତ କରିବାରେ କେବଳ ଏହି ମହନୀୟ ସଂସ୍କୃତିର ଅବଦାନ ସୀମିତ ନୁହେଁ। ସମାଜରେ ସାମ୍ୟ, ନ୍ୟାୟ, ଉଚ୍ଚନୀଚ ଭେଦଭାବ ଦୂରକରି ଶ୍ରେଣୀହୀନ ସମାଜ ଗଠନ ଦିଗରେ ମଧ୍ୟ ଏହା ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ରଥଯାତ୍ରାର ଛେରାପହଁରା, ଆନନ୍ଦ ବଜାରରେ ମହାପ୍ରସାଦ ସେବନରୁ ସେହି ସାମ୍ୟଭାବର ସଙ୍କେତ ମିଳିଥାଏ।

ଭଗବାନଙ୍କ ଦୃଷ୍ଟିରେ ସମସ୍ତେ ସମାନ। ଦାଣ୍ଡର ଭିକ୍ଷୁକ ଅବା ଚକ୍ରବର୍ତ୍ତୀ ସମ୍ରାଟ ସମସ୍ତେ ମହାପ୍ରଭୁଙ୍କ ନିକଟରେ ଏକ। ଭକ୍ତି ଶ୍ରଦ୍ଧା ତଥା ନିଷ୍କାମ ପ୍ରେମ ଦ୍ୱାରା ଈଶ୍ୱରଙ୍କ ଅମୂଲ୍ୟ କୃପା ପ୍ରାପ୍ତ ହୁଏ ବୋଲି ବଳୀୟାର ଭୁଜ ପ୍ରଭୁ ଶ୍ରୀଜଗନ୍ନାଥ ପ୍ରତିପାଦିତ କରିଛନ୍ତି। ରଥ ଉପରେ ବସି ମହାପ୍ରଭୁ ଜାତିଧର୍ମ ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କୁ ନିଜର ଦୁର୍ଲ୍ଲଭ ଦର୍ଶନର ସୁଯୋଗ ପ୍ରଦାନ କରିଥାନ୍ତି।

ଯେଉଁ ନିର୍ମାଲ୍ୟ ପାଇଁ ସ୍ୱର୍ଗର ଦେବତାଗଣ ସଦା ବ୍ୟାକୁଳ, ତାକୁ ମହାପ୍ରଭୁ ସମସ୍ତଙ୍କୁ ପ୍ରଦାନ କରନ୍ତି। ଆନନ୍ଦ ବଜାରକୁ ଗଲେ କେହି ବଡ ନୁହେଁ ଅବା କେହି ଛୋଟ ନୁହେଁ। କିଏ ଧନୀ ନୁହେଁ କି କେହି ଗରିବ ନୁହେଁ। ସମସ୍ତେ ସେହି ଦୀନନାଥ ନୀଳାଦ୍ରିବିହାରୀଙ୍କ କୃପାର ପାତ୍ର।

ପ୍ରଭୁଙ୍କଠାରେ ଉଚ୍ଚନୀଚ ଜାତି, ସମ୍ପ୍ରଦାୟ, ଜାତୀୟତାର କୌଣସି ମୂଲ୍ୟ ନାହିଁ। ସମସ୍ତ ଆଦର୍ଶ, ସଂସ୍କୃତି ଜଗନ୍ନାଥଙ୍କ ମହନୀୟ ସଂସ୍କୃତିର ଅଂଶବିଶେଷ। ଯଦି ବିଶ୍ୱର ସମସ୍ତ ମତବାଦ, ଚିନ୍ତାଧାରା, ସଂସ୍କୃତିକୁ ଏକତ୍ର କରି ମନ୍ଥନ କରାଯାଏ ତେବେ ସେଥିରୁ ଯେଉଁ ନିର୍ଯ୍ୟାସ ବାହାରିବ ତାହା ହେଉଛି ଜଗନ୍ନାଥ ସଂସ୍କୃତି।

ବିଶ୍ୱରେ ଶାନ୍ତି, ମୈତ୍ରୀ, ସଦ୍‌ଭାବ, ଭ୍ରାତୃତ୍ୱବୋଧ ତଥା ଶ୍ରେଣୀହୀନ ସମାଜଗଠନରେ ଜଗନ୍ନାଥ ସଂସ୍କୃତି ଯୁଗଯୁଗ ଧରି ମଣିଷ ଜାତିର ଆଲୋକବର୍ତ୍ତିକା ହୋଇ ରହିଥିବ।

୨ ଆର୍‌.ବି., ୧୧/୧,
ୟୁନିଟ୍-୮, ଭୁବନେଶ୍ୱର।



# ଲିଭିଯାଉ ମୋର ଆତ୍ମ ପରିଚୟ

*ଶ୍ରୀ ବାବୁଲି ଚରଣ ପାତ୍ର*

କାଳିଆରେ........


ସୁଦୂର ପଲ୍ଲୀରୁ ଡେଉଛି ପଥର
କରିଦେବୁ ବୋଲି
ମୋତେ ତୁ ନିଜର;
ଭବତି ଫୁଲରେ ମାଳା ଗୁନ୍ଥି ମୁହିଁ
ରଖିଛି ତୋ ପାଇଁ
ନେବି ତୋ ମନ୍ଦିର।

ଲୋଡା ନାହିଁ ମୋର ଗୋପଲକ୍ଷ୍ମୀ ବିଛି
ବିସ୍ମୃତ କରୁଣା
ନିତି ଲୋଡୁଅଛି;
ଟୋପା ଟୋପା ଲୁହ ରଖିଛି ସାଇତି
ଚରଣ ତୋ ଧୋଇ
କରିବି ଆରତି।

ହୃଦୟ ସାଜରେ ନମ୍ର ନିରାଜନା
ହେଉ ପୂଜା ଫୁଲ ତୋ ପଦେ ମାର୍ଜନା,
କମଳ-କୋମଳ ଚରଣେ ତୋହର
ମୋ ଆର୍ତ୍ତି, ବାସନା ମିଶୁ ନିରନ୍ତର
ଏହା ହେଉ ଯୋଗ୍ୟ ପୂଜାଫୁଲ ବନ୍ଧୁ
ଦରଶନେ ପାରି
ହେବି ଭବ ସିନ୍ଧୁ।

ଏତିକି ମିନତି ଜଗା ତୋର ପଦେ
ମୋ ପ୍ରୀତି ନୈବେଦ୍ୟ ଘେନିବୁ ଆହ୍ଲାଦେ
ବିଶାଳ ତୋ ହୃଦ-ପାରାବାର କୂଳେ
ପ୍ରାଣ ବିନ୍ଦୁ ମନ ମିଶି ଯାଉ ଭଲେ,
ଲିଭିଯାଉ ମୋର ଆତ୍ମ ପରିଚୟ
ତୋ ପାଦ ପଦ୍ମରେ ଭକେ ମୁଁ ବିଲୟ।

ଗ୍ରାମ-ହାଟପୋଡ଼ି,
ପୋ.-ଗଡିଆରପୋଖରୀ,
ଭାୟା-ତିରିକାଟୀ, ଜି.-କଟକ।



# ବସନ୍ତ ଗୁଣ୍ଡିଚା

ଡଃ ନିତ୍ୟାନନ୍ଦ ମହାପାତ୍ର

ଅଥର୍ବ ବେଦର ପିପଲାଦ ଶାଖାର ପରିପ୍ରକାଶ ଏହି ଦେଶରେ-ଏହି ଜଗନ୍ନାଥଙ୍କ ଭୂଖଣ୍ଡରେ ହିଁ ହୋଇଥିଲା । ଏହି ଦେଶରେ ଛନ୍ଦ ଓ ଅଳଙ୍କାର ଶାସ୍ତ୍ର ଓ ଅଳଙ୍କାର ଶାସ୍ତ୍ର ଲେଖକ ବିଶ୍ୱନାଥ କବିରାଜ, ଭେଷଜ ଶାସ୍ତ୍ରର ପ୍ରଣେତା ମାଧବ କର, ମାର୍କଣ୍ଡେୟ ମିଶ୍ରଙ୍କର ବ୍ୟାକରଣ; ରାମାନନ୍ଦ ରାୟଙ୍କର ନାଟକ, ଜୟଦେବଙ୍କର ସ୍ୱର ସାହିତ୍ୟ, ବିଦ୍ୟାକରଙ୍କର ସ୍ମୃତି ଓ ଶାସ୍ତ୍ର, ବଳଦେବ ବିଦ୍ୟାଭୂଷଣଙ୍କର ଦର୍ଶନ, ଗଜାନନ ଆଚାର୍ଯ୍ୟ ଓ ଦେବୀ ଦାସଙ୍କର ଗଣିତ ଓ ଫଳିତ ଜ୍ୟୋତିଷ ଆଦି ଗ୍ରନ୍ଥ ସର୍ବଜନାଦୃତ ।

ଏହି ମହାପୁରୁଷମାନଙ୍କ ମଧ୍ୟରେ ଆମେ ଦେଖିବାକୁ ପାଇବା ପ୍ରଖ୍ୟାତ ପଣ୍ଡିତ ଓ କାବ୍ୟକୃତି ସମ୍ପନ୍ନ ବ୍ୟକ୍ତି ଶ୍ରୀ ହଳଧର ମିଶ୍ର ।

ସପ୍ତମ ଖ୍ରୀଷ୍ଟାବ୍ଦରେ ଏହାଙ୍କର ଏକାଧିକ କୃତି ମଧ୍ୟରେ 'ବସନ୍ତ ଉତ୍ସବ' ବା ବସନ୍ତ ଗୁଣ୍ଡିଚା ମୁଖ୍ୟ ଓ ପ୍ରଧାନ । 'ବସନ୍ତ ଉତ୍ସବ' ବୋଲି ଏହି ଗ୍ରନ୍ଥ ନାମିତ ହୋଇଥିଲେ ହେଁ ଏହା ବସନ୍ତ କାଳରେ ଅନୁଷ୍ଠିତ ହୋଇଥିବା ଜଗନ୍ନାଥଙ୍କର ଗୋଟିଏ ଗୁଣ୍ଡିଚା ଯାତ୍ରାର ଉଲ୍ଲେଖନୀୟ ବର୍ଣ୍ଣନା ।

ବସନ୍ତ ଉତ୍ସବ ବା 'ବସନ୍ତ ଗୁଣ୍ଡିଚା'ର ଲେଖକ ଏହି ହଳଧର ମିଶ୍ର ହେଉଛନ୍ତି ଏକ କୀର୍ତ୍ତିଉଜ୍ଜ୍ୱଳ ପରିବାରର ପରମ୍ପରାଭୁକ୍ତ ଏକ ବ୍ୟକ୍ତି, ଯିଏ ଓଡ଼ିଶାର ସାଂସ୍କୃତିକ ଜୀବନକୁ ପ୍ରାୟ ଶତାଧିକ ବର୍ଷରୁ ଊର୍ଦ୍ଧ୍ୱକାଳ ଦିଗଦର୍ଶନ ଦେଇ ଆସିଥିଲେ । ଏହାଙ୍କର ପୂର୍ବପୁରୁଷ ହେଉଛନ୍ତି ବିଖ୍ୟାତ ପଣ୍ଡିତ ଶମ୍ଭୁ କର । ସେ ଥିଲେ ତେରଶହ ଶତାବ୍ଦୀର ଏକ ମାନ୍ୟଗଣ୍ୟ ପଣ୍ଡିତ ବ୍ୟକ୍ତି ।

ଯାହା ହେଉ, ପଣ୍ଡିତ ହଳଧର ମିଶ୍ର ଯେ ଓଡ଼ିଶାର ରାଜା ନରସିଂହ ଦେବଙ୍କର ଶାସନାବସ୍ଥାରେ ଏ କାବ୍ୟ ରଚନା କରିଛନ୍ତି, ଏଥିରେ ସନ୍ଦେହର ଅବକାଶ ନାହିଁ । ତାଙ୍କ କାବ୍ୟ ବର୍ଣ୍ଣନାରେ ଏହା ପରିସ୍ଫୁଟ । ଏହି ଗୁଣ୍ଡିଚା ଉପଲକ୍ଷରେ ଜଗନ୍ନାଥଙ୍କର ରଥରେ ବିଜୟ ପୂର୍ବରୁ ଯେଉଁ ବିଧାନମାନ ରହି ଆସିଅଛି, ତାହାର ବର୍ଣ୍ଣନା ଏଥିରେ ଦେଖିବାକୁ ମିଳେ ନାହିଁ କିମ୍ବା ଅଣସର ଓ ସ୍ନାନଯାତ୍ରାର ଉଲ୍ଲେଖ ମଧ୍ୟ ନାହିଁ । ତେଣୁ ଏହା ସାଧାରଣ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଅନୁଷ୍ଠିତ ରଥଯାତ୍ରାର ପୁନରାବୃତ୍ତି ବୋଲି କୁହାଯାଇ ନ ପାରେ କିମ୍ବା ରଥୋପରି ଛେରା ପହଁରାର ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ ମଧ୍ୟ ନାହିଁ । ବରଂ ରାଜା ନିଜେ ରଥ ସଙ୍ଗେ ସଙ୍ଗେ ବିଜେ କରି ବୁଲି ବୁଲି ଯାଉଥିବାର ଉଲ୍ଲେଖ ରହିଛି ।

ତଥାପି ଏପରି ଏକ ଅଭୂତପୂର୍ବ ରଥଯାତ୍ରା ଉତ୍ସବ ଯେ ସଙ୍ଘଟିତ ହୋଇଥିଲା, ତା'ର ପ୍ରମାଣ ମିଳେ ଅନ୍ୟତ୍ର । 'ରସ କଲ୍ଲୋଳ'ର ପ୍ରସିଦ୍ଧ କବି ଦୀନକୃଷ୍ଣ ଦାସଙ୍କ 'ରସ ବିନୋଦ' ଗ୍ରନ୍ଥରେ ଏହାର ଉଲ୍ଲେଖ ରହିଛି ।

"ମୀନ ମାସରେ ଯାତ୍ରା ପୁଣ
ବସନ୍ତ ଗୁଣ୍ଡିଚା ପ୍ରମାଣ,
ସେ ଖ୍ୟାତ କଲେ ଦେହ ବହି
ପୂର୍ବେ ତ ନ ଜାଣନ୍ତି କେହି ।"

(ରସ ବିନୋଦ)

ମହାରାଜ ନରସିଂହ ଦେବ କାବ୍ୟ ଉଲ୍ଲିଖିତ କଥା ଅନୁସାରେ ମାଘ, ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଏହି ରଥଯାତ୍ରା ଅନୁଷ୍ଠାନ କରିଥିଲେ । ଏହି ରଥଯାତ୍ରା ଉତ୍ସବ ପାଳନ କରିବା ପାଇଁ ଶ୍ରୀଜଗନ୍ନାଥଙ୍କ ଦ୍ୱାରା ରାଜା ସ୍ୱପ୍ନାଦିଷ୍ଟ ହୋଇଥିଲେ । ରାଜା ଏହି ସ୍ୱପ୍ନାଦେଶ ବିଷୟରେ ସଭା ପଣ୍ଡିତମାନଙ୍କ ଆଗରେ ପ୍ରକାଶ କରିବାରୁ ପଣ୍ଡିତମାନେ ପ୍ରଥମେ ଏ ଅନୁଷ୍ଠାନ କରିବାକୁ ସମ୍ମତି ଦେଇ ନଥିଲେ । କିନ୍ତୁ ପରେ ବିଚାର କରି ଏହି ରଥଯାତ୍ରା ଅନୁଷ୍ଠାନ କରିବାକୁ ଉପଦେଶ ଦେଇଥିଲେ ।


ଏହି ଗ୍ରନ୍ଥରେ ମୂଳବସ୍ତୁ ରଥଯାତ୍ରା ହୋଇଥିଲେ ହେଁ ଏହି କାବ୍ୟଟି ଏକ ବିରାଟ ପାଣ୍ଡିତ୍ୟପୂର୍ଣ୍ଣ ତତ୍କାଳୀନ ବିଦ୍ୱାନମଣ୍ଡଳୀ ମଧ୍ୟରେ ପ୍ରଚଳିତ ନାନାବିଧ ସାଂସ୍କୃତିକ ଅନୁଷ୍ଠାନ ସମ୍ପର୍କରେ ଉଲ୍ଲେଖ ରହିଛି ।

ଆଜିକାଲି ସାହିତ୍ୟିକମାନଙ୍କ ରଚନା ବେଦେଶବର୍ଣ୍ଣୀ ହେଲେ ବି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅବଶ୍ୟ ସାମାନ୍ୟ କେତେକ କ୍ଷେତ୍ରରେ ଲେଖକଙ୍କର ବିଶାଳ ସାହିତ୍ୟର ବହୁ ଦିଗକୁ ସ୍ପର୍ଶ କରିବାର ଦେଖା ଯାଇଥାଏ । କିନ୍ତୁ ପ୍ରାଚ୍ୟ ଦେଶରେ ଭେଷଜ, ଶଲ୍ୟାଦି ବିଭିନ୍ନ ବିଭାଗ ଥିଲା ପରି ସାହିତ୍ୟରେ ମଧ୍ୟ ଗଦ୍ୟ, ପଦ୍ୟ, ନାଟିକା ଆଦି ବିଭିନ୍ନ ବିଭାଗ ଦେଖା ଯାଉଛି । ପ୍ରତ୍ୟେକ ଲେଖକ ପ୍ରାୟ ଗୋଟିଏ ଗୋଟିଏ ଶୈଳୀକୁ ଅନୁସରଣ କରି ଲେଖକ ପର୍ଯ୍ୟବସିତ ହୋଇଥାନ୍ତି । କିନ୍ତୁ ହଳଧର ମିଶ୍ରଙ୍କ ରଚନାରେ ତତ୍କାଳୀନ ଜ୍ଞାନ ଓ ବିଜ୍ଞାନର ସମସ୍ତ ଦିଗକୁ ସ୍ପର୍ଶ କଲା ପରି ଏକ କାବ୍ୟିକ ଦୃଷ୍ଟି ଦେଖା ଯାଉଥାଏ । ତାଙ୍କ ରଚନାରେ ଦର୍ଶନ, ସଙ୍ଗୀତ, ପ୍ରବନ୍ଧ, ସଙ୍ଗୀତର ତାଳ, ବିଦେଶୀ, ବୃତ୍ତି ବ

ନାଦ, ତାଣ୍ଡବାଦି ନୃତ୍ୟ, କାଷ୍ଠ କାରୁକାର୍ଯ୍ୟ, ଭାସ୍କର୍ଯ୍ୟ, ପ୍ରାସାଦ ନିର୍ମାଣର ଭିନ୍ନ ଭିନ୍ନ ବିଭାଗ, ଜ୍ୟୋତିଷ, ରଥ ନିର୍ମାଣର ବିଭିନ୍ନ କଳା, ଶୃଙ୍ଗାର ରସର ଜଳକେଳି ଇତ୍ୟାଦି ନାନା ବିଭାଗରେ ପରିପୂରିତ । ଏହି ମହାକାବ୍ୟ କେବଳ ଓଡ଼ିଆ ସାହିତ୍ୟର ନୁହେଁ. ଶିକ୍ଷିତ ଓଡ଼ିଆଙ୍କ ନାନାବିଧ ସାହିତ୍ୟିକ, ସାଂସ୍କୃତିକ ପରିବେଶର ଉଲ୍ଲେଖନୀୟ ବର୍ଣ୍ଣନା ।

ବିଚିତ୍ର କଥା ଯେ, ଜଗନ୍ନାଥଙ୍କର ଏହି ଦ୍ୱିତୀୟ ରଥଯାତ୍ରା ପୂର୍ଣ୍ଣ ପ୍ରବୃତ୍ତ ହୋଇଥିଲେ ହେଁ ଭୁବନେଶ୍ୱରସ୍ଥ ଲିଙ୍ଗରାଜଙ୍କର ଏହି ତିଥିରେ ଏକ ରଥଯାତ୍ରା ପ୍ରତିଷ୍ଠିତ ହେବାର ଇତିହାସ ଗବେଷକମାନେ ହିଁ କରିପାରିବେ ।

ପୂର୍ବତନ ମନ୍ତ୍ରୀ,
ଡ଼ି-/୪, ଲେବର କଲୋନୀ
ଖାରବେଳନଗର, ଭୁବନେଶ୍ୱର-୧





ଡଃ ବୀଣାପାଣି ସିଂହ

ଜଗନ୍ନାଥ,
ଭାବିଲି ତମକୁ କିଛିଟିଏ ମାଗିବି
ଏମିତି ଚିନ୍ତାକରି ତମକୁ
କହିଲି,
ପ୍ରଭୁ ମତେ ଫୁଲଟିଏ
କରନ୍ତ ନାହିଁ,
ସୁଗନ୍ଧ ପୁଷ୍ପଟିଏ
ତମରି ଚରଣ ତଳେ ମୁଁ
ସମର୍ପିତ ହୁଅନ୍ତି.......!
ତମେ କହିଲ,
ତୋ'ର ଏତେ ଆସକ୍ତି !
ନାଁ- ତୁ ଫୁଲ ହେଇ ପାରିବୁନି......।
ପୁଣି କହିଲି, ଠାକୁରେ
ଫୁଲ ନ କଲ ନାହିଁ,
କଦଳୀ ପାଟୁକାଟିଏ ହୁଅନ୍ତି ନାହିଁ ।
ସେଇଥିରେ ପୂଜା ହେଇ
ଫୁଲମାନେ ହାର ହେଇ ଯା'ନ୍ତେ
ଆଉ
ସେଇମାନଙ୍କ ମାଧ୍ୟମରେ ମୁଁ.......।
ତମେ କହିଲ, ନାଁ.....ନାଁ......।
ହଉ ଠାକୁରେ
ନହେଲା ନାହିଁ,
ତମ କୁଞ୍ଜବନରେ ମତେ କୋଇଲିଟିଏ
କରନ୍ତ ନାହିଁ ?
ପଞ୍ଚମ ସ୍ୱରରେ
ମୁଁ ସ୍ୱର ଦିଅନ୍ତି କୁ.....କୁ.....
ତମେ ମୋ' ସ୍ୱର ଶୁଣି ଟିକେ
ଆହ୍ଲାଦିତ ହୁଅନ୍ତ ।
ତମେ କହିଲ.....ନାଁ.....ନାଁ.....
ହେଇ ପାରିବନି.........।
ପୁଣି କହିଲି, ପ୍ରଭୁ
ତେବେ ମତେ ଦୁବଘାସଟିଏ କରିଦିଅ
କେବଳ ଦୁବଘାସ ।
ତମେ କହିଲ,
ତୁ ଯାହା କହିବୁ କ'ଣ
ସେଇଆ ହବ ?
ସବୁରି ଘାସ ହେଉନୁ ??
ଚକାଡ଼ୋଳା,
ତମର ସବୁ ନା ନା ଭିତରେ
ମୋର ଗୋଟିଏ ହିଁ
ମତେ ତମ ଦାଣ୍ଡର
ଧୂଳି ଟିକେ କରି ଦିଅ ପ୍ରଭୁ
ବଡ଼ଦାଣ୍ଡର ଧୂଳି ଟିକିଏ ।
ତମେ ବୁଝିଗଲ ପରା !
ପାଟିରୁ ନା ପଦ ବାହାରିଲା ନାହିଁ
କହିଲ..... ହଉ, କହୁଛୁ ଯେତେବେଳେ
ମୁଁ ଖୁସିରେ ଫାଟି ପଡ଼ିଲି
ପ୍ରଭୁ
ଆନନ୍ଦରେ ଉଛୁଳି ପଡ଼ିଲି-

ମୁଖ୍ୟ ଅଧ୍ୟାପିକା (ଓଡ଼ିଆ), କନ୍ଦରପୁର କଲେଜ,
କନ୍ଦରପୁର, କଟକ

# ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା



ପଣ୍ଡିତ ନୀଳାମ୍ବର ନନ୍ଦ

ଯୁଗେ ଯୁଗେ ଶ୍ରୀକ୍ଷେତ୍ର ପୁରୁଷୋତ୍ତମଙ୍କର ଲୀଳାର ସର୍ବଶ୍ରେଷ୍ଠଧାମ ରୂପେ ବିଦ୍ୟମାନ ରହିଛି। ଉପନିଷଦରେ ବର୍ଣ୍ଣିତ ଅଙ୍ଗୁଷ୍ଠମାତ୍ର ପୁରୁଷଙ୍କୁ ଶରୀର-ରଥସ୍ଥ ବାମନରୂପୀ "ପ୍ରଣବ ବ୍ରହ୍ମ"ଙ୍କ ଦର୍ଶନ ରୂପେ ଜଗନ୍ନାଥ ସଂସ୍କୃତିରେ ଗ୍ରହଣ କରାଯାଇଛି। ଶ୍ରୀମଦ୍ ଭଗବଦ୍ ଗୀତାରେ ମଧ୍ୟ କୁହାଯାଇଛି,

"ଅତୋସ୍ମି ଲୋକେ ବେଦେଚ<br>
ପ୍ରଥିତଃ ପୁରୁଷୋତ୍ତମ"

ଏଣୁ ବେଦ, ଉପନିଷଦ ଓ ଗୀତାର ସାରତତ୍ତ୍ୱକୁ ଜଗନ୍ନାଥଙ୍କ ଭକ୍ତମାନେ ତାଙ୍କର ଅପାର କରୁଣାରୁ ଦାରୁବ୍ରହ୍ମଙ୍କ ଦର୍ଶନରେ ଉପଲବ୍ଧି କରିପାରୁଛନ୍ତି। ପୁରୁଷୋତ୍ତମ ଦର୍ଶନ ସମ୍ପର୍କରେ "ସିଦ୍ଧାନ୍ତ ଦର୍ପଣ" "ବିଷ୍ଣୁଗର୍ଭପୁରାଣ", "ବିରାଟ ଗୀତା" "ଶୂନ୍ୟ ସଂହିତା", "ପ୍ରେମଭକ୍ତି ଗୀତା" "ଜଗନ୍ନାଥ ଚରିତାମୃତ" ଇତ୍ୟାଦି ଗ୍ରନ୍ଥରେ ସୂଚନା ଦିଆଯାଇଛି।

ପୁରୁଷୋତ୍ତମଙ୍କ ସେବାନୀତି "ନୀଳାଦ୍ରି ମହୋଦୟ", ଗଦାଧର ପଦ୍ଧତି, କ୍ଷେତ୍ର ମାହାତ୍ମ୍ୟ ପ୍ରଭୃତି ମତରେ ପାଳନ କରାଯାଏ। 'ନୀଳାଦ୍ରୀ ମହୋଦୟ'ର ବର୍ଣ୍ଣନା ଅନୁଯାୟୀ ଶ୍ରୀଜଗନ୍ନାଥଙ୍କର ଯେଉଁ ଦ୍ୱାଦଶ ଯାତ୍ରା ପାଳନ କରାଯାଏ, ସେମଧ୍ୟରେ ଗୁଣ୍ଡିଚାଯାତ୍ରା କିମ୍ବା ରଥଯାତ୍ରା ଏକ ପ୍ରଧାନ ଯାତ୍ରା ରୂପେ ପରିଚିତ। ଏହାକୁ ଘୋଷଯାତ୍ରା, ଯଜ୍ଞଉତ୍ସବ ଓ ପତିତପାବନ ଯାତ୍ରା ମଧ୍ୟ କୁହାଯାଏ।

## ଭାବ ସ୍ନାନ ଉତ୍ସବ :

ପ୍ରତିବର୍ଷ ଜ୍ୟେଷ୍ଠମାସ ପୂର୍ଣ୍ଣିମାରେ ଅର୍ଥାତ୍ ସ୍ନାନପୂର୍ଣ୍ଣିମାରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କର ଆବିର୍ଭାବ ଉତ୍ସବ ପାଳନ କରାଯାଏ। ଏହି ଜ୍ୟେଷ୍ଠ ସ୍ନାନ ଅଥବା ମଣ୍ଡସ୍ନାନ ଅତି ପୁଣ୍ୟପ୍ରଦ ଯାତ୍ରା ରୂପେ ପରିଚିତ। ଏଣୁ 'ସ୍କନ୍ଦ ପୁରାଣ'ରେ କୁହାଯାଇଛି :-

"ନାତଃ ପରତରଂ କର୍ମ ଧ୍ୟାନାଭ୍ୟାସେନ ମୋଚନମ୍<br>
ଜ୍ୟେଷ୍ଠ ଜନ୍ମଦିନେ ସ୍ନାନଂ ହରେର୍ଯଦ୍ ଅବଲୋକିତମ୍"

ଇନ୍ଦ୍ରଦ୍ୟୁମ୍ନ ଦାରୁବ୍ରହ୍ମଙ୍କ ମୂର୍ତ୍ତିକୁ ମନ୍ଦିରରେ ପ୍ରତିଷ୍ଠା କଲାବେଳେ ଏହି ସ୍ନାନ ଉତ୍ସବ ପାଳନ କରିଥିଲେ। ଏହି ସ୍ନାନପୂର୍ଣ୍ଣିମା ଦିନ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କୁ "ଧାଡ଼ି ପହଣ୍ଡି" ମାଧ୍ୟମରେ ସ୍ନାନ ମଣ୍ଡପକୁ ନିଆଯାଏ। ସେଠାରେ ଜ୍ୟେଷ୍ଠା ସ୍ନାନ ପରେ ଗଜପତି ଛେରାପହଁରା କରନ୍ତି ଓ ଠାକୁରମାନଙ୍କର ଗଜାନନ ବେଶ ହୋଇଥାଏ। ଏହାପରେ ପୁନର୍ବାର ପହଣ୍ଡି ହୋଇ ଠାକୁରମାନେ ଅଣସର ଘରକୁ ବିଜେ କରନ୍ତି। ଏହି ଅଣସର ଘରେ ଠାକୁରମାନେ ପନ୍ଦରଦିନ ରହନ୍ତି। ଏହି ସମୟରେ ବ୍ରହ୍ମଗିରିର ଅଲାରନାଥଙ୍କୁ ଦର୍ଶନ କରି ଭକ୍ତମାନେ ଶ୍ରୀଜଗନ୍ନାଥଙ୍କ ସାନ୍ନିଧ ଲାଭ କରିଥାନ୍ତି।

'ଅନବସର' ପରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ହୁଏ। ନବଯୌବନ ଦର୍ଶନର ପରବର୍ତ୍ତୀ ଦିବସରେ ଗୁଣ୍ଡିଚାଯାତ୍ରା ଅନୁଷ୍ଠିତ ହୋଇଥାଏ। ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ସକାଳ ଧୂପ ଶେଷରେ ଠାକୁରମାନେ ପୁନର୍ବାର 'ଧାଡ଼ି ପହଣ୍ଡି'ରେ ରଥ ଉପରକୁ ଯାଇଥାନ୍ତି। ଏହି ପହଣ୍ଡି ଦର୍ଶନ ଅତି ପୁଣ୍ୟପ୍ରଦ। ପହଣ୍ଡି ସମୟରେ ଶ୍ରୀଜଗନ୍ନାଥ ଆଗକୁ ପାହୁଣ୍ଡେ ପଛକୁ ପାହୁଣ୍ଡେ କରି ଯାଉଥିବାରୁ ଏହାକୁ ବ୍ରଜଲୀଳାର ସହଜ ସାଧନା ବୋଲି କୁହାଯାଏ। ବାସ୍ତବରେ ଭକ୍ତମାନେ ଶ୍ରୀକୃଷ୍ଣଙ୍କ ବ୍ରଜଲୀଳାର ତତ୍ତ୍ୱକୁ ପହଣ୍ଡି ସମୟରେ ଉପଲବ୍ଧି କରିଥାନ୍ତି। ମସ୍ତକରେ ପୁଷ୍ପ ଶୋଭିତ ଟାହିଆ, କପାଳରେ ଚିତା ପ୍ରଭୃତି ବହନ କରି ଶ୍ରୀଜଗନ୍ନାଥ ଅପୂର୍ବ ଦୃଶ୍ୟ ଧାରଣ କରନ୍ତି।

ପହଣ୍ଡି ସମୟରେ ଭକ୍ତମାନଙ୍କର ଚିତ୍ତକୁ ମୋହକାରୀ ମହାପ୍ରଭୁ ମତ୍ତଗଜ ପରି ଗମନ କରନ୍ତି। ଏହି ଦୃଶ୍ୟ ଦର୍ଶନରେ ବିଭୋର ହୋଇ ଭକ୍ତ ସାଲବେଗ କହିଥିଲେ :-

"ଅଣସର ପରେ ଥିଲ ଆଜ ବାହାର ହେଲ<br>
ନିରେଖି ଭଙ୍ଗୀ କରି ଗଡ଼ୁଛ<br>
ଶ୍ରୀଭୁଜେ ଭୁଜ ମେଲି ମତ୍ତଗଜ ପ୍ରାୟେ ଝୁଲି<br>
ମହାପାତକେ ମାନ ଦହୁଛ"

ଏହି ପହଣ୍ଡି ଦର୍ଶନ ବେଳେ ପ୍ରେମାବତାର ଶ୍ରୀଚୈତନ୍ୟଙ୍କର ମହାଭାବ ଜାଗ୍ରତ ହେଉଥିଲା। ତାଙ୍କର ବିରହ ଓ ଉନ୍ମାଦର ଲୀଳା ଉଚ୍ଛ୍ୱାସ ଦେଖାଯାଉଥିଲା। ଏହାକୁ ଲକ୍ଷ୍ୟକରି ବୈଷ୍ଣବାଚାର୍ଯ୍ୟ କହିଛନ୍ତି :-

"କାହିଁ ସେ ନିକୁଞ୍ଜ ଠାମ<br>
କାହିଁ ସେ ବଂଶୀବଦନ<br>
କାହିଁ ସେହି ଯମୁନା ପୁଳିନ<br>
କାହିଁ ମୃଦୁ ଗୀତ ହାସ<br>
କାହିଁ ସେ ରାସବିଳାସ<br>
କାହିଁ ପ୍ରଭୁ ମଦନ ମୋହନ"

ବାସ୍ତବରେ ବୈଷ୍ଣବମାନେ ପହଣ୍ଡିକୁ ପ୍ରେମବିବର୍ଣ୍ଣ ବିଳାସ ରୂପେ ଉପଲବ୍ଧି କରନ୍ତି। ସିଦ୍ଧସନ୍ଥମାନେ ଏହି ପ୍ରେମାନନ୍ଦ ଆସ୍ୱାଦନ କରି କୃତାର୍ଥ ହୁଅନ୍ତି। ଶ୍ରୀପୁରୁଷୋତ୍ତମ ଏହି ପହଣ୍ଡି ବିଜେ ସମୟରେ ଧୂଳି ଧୂସରିତ ହୋଇ ଦିବ୍ୟପ୍ରେମ ବିତରଣ କରନ୍ତି। ପ୍ରେମଭିକ୍ଷୁ ପ୍ରଭୁ ଅଗଣିତ ଭକ୍ତ ଜନତାର ପଛରେ ଏହିଭଳି ଯୁଗ ଯୁଗ ଧରି ଧାଇଁ ଆସିଛନ୍ତି। ଏହାକୁ ଲକ୍ଷ୍ୟ କରି ଭକ୍ତ ସାଲବେଗ କହିଥିଲେ :

"ଧେନୁ ପଛେ ପଛେ ବତ୍ସ
ଗମେ କ୍ଷୀର ଲୋଭେ
ଭକତ ପଛରେ ତୁହି
ଥାଉ ସେହି ଭାବେ"।

ପହଣ୍ଡି ଉତ୍ସବ ପରେ ଦାରୁବ୍ରହ୍ମଙ୍କର ରଥଯାତ୍ରା ଅନୁଷ୍ଠିତ ହୁଏ। ରଥାରୂଢ଼ ପୁରୁଷୋତ୍ତମଙ୍କର ଦର୍ଶନରେ ମୁକ୍ତି ମିଳେ ବୋଲି ଶାସ୍ତ୍ରରେ କୁହାଯାଇଛି। ଏହି ରଥଯାତ୍ରାକୁ ଭକ୍ତ ଓ ଭଗବାନଙ୍କର ମଧୁରତମ ସମ୍ପର୍କ ରୂପେ ଗ୍ରହଣ କରାଯାଇଛି। ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ପ୍ରତିଷ୍ଠିତ ଯଜ୍ଞବେଦୀକୁ ଯାତ୍ରା କରିବାର ଏହି ପରମ୍ପରା ବହୁ ପ୍ରାଚୀନ। ଐତିହାସିକମାନେ ଏହାକୁ ବୌଦ୍ଧପ୍ରବାହ ବୋଲି କହିଥାନ୍ତି। କିନ୍ତୁ "ଶତପଥ ବ୍ରାହ୍ମଣ"ରେ ସ୍ୱୟଂ ଭଗବାନଙ୍କର ଦିବ୍ୟରଥ ସ୍ୱର୍ଗ ବା ବୈକୁଣ୍ଠରେ ଥିବାର ଉଲ୍ଲେଖ ଅଛି। ଇନ୍ଦ୍ର ଓ ବୃତ୍ରାସୁର ମଧ୍ୟରେ ସଙ୍ଘଟିତ ଏକ ଯୁଦ୍ଧର ପରେ ଇନ୍ଦ୍ରଙ୍କ ବଜ୍ର ମର୍ତ୍ତ୍ୟରେ ଏକ ରଥ ଆକାରରେ ଦେଖା ଦେଇଥିଲା ଓ ସେହି ସମୟରେ ବଜ୍ରନାଦ ଓ ବୃଷ୍ଟିପାତ ହୋଇଥିଲା। ଜୈନ ତୀର୍ଥଙ୍କରମାନଙ୍କୁ ରଥରେ ନେବା ବିଷୟରେ ବର୍ଣ୍ଣନା ରହିଛି। ଓଡ଼ିଶାରେ ଏକାମ୍ର କ୍ଷେତ୍ରରେ ସ୍ୱୟମ୍ଭୁ ଲିଙ୍ଗରାଜ ମଧ୍ୟ ନିଜ ପରିବାର ସହିତ ଚୈତ୍ର ଶୁକ୍ଳ ଅଷ୍ଟମୀ ଦିନ ରାମେଶ୍ୱର ମନ୍ଦିରକୁ ରଥଯାତ୍ରା କରିଥାନ୍ତି। ଯାଜପୁରରେ ମଧ୍ୟ ବିରଜା ଦେବୀଙ୍କର ରଥଯାତ୍ରା ହୁଏ। କିନ୍ତୁ ଭକ୍ତ ପ୍ରହ୍ଲାଦ ସର୍ବ ପ୍ରଥମେ ଭଗବାନ ଶ୍ରୀବିଷ୍ଣୁଙ୍କୁ ଏକ ରଥରେ ବସାଇ ନେବାର ସ୍ମାରକୀ ରୂପେ ଏହି ରଥଯାତ୍ରା ଅନୁଷ୍ଠିତ ହୁଏ ବୋଲି କୁହାଯାଏ। ଏହାକୁ "ପତିତପାବନ ଯାତ୍ରା" ଓ "ଘୋଷଯାତ୍ରା" ମଧ୍ୟ କୁହାଯାଏ।

**ଯାତ୍ରାର ମାହାତ୍ମ୍ୟ :**

ବାମଦେବ ସଂହିତା'ରେ ସଦାଶିବ ପାର୍ବତୀଙ୍କୁ ଜଗନ୍ନାଥଙ୍କର ରଥଯାତ୍ରାର ମାହାତ୍ମ୍ୟ ସମ୍ପର୍କରେ କହିଛନ୍ତି :–ଏହି ଶ୍ରେଷ୍ଠ ରଥଯାତ୍ରା ଲାଗିରେ ପୁରୁଷୋତ୍ତମ ଭଗବାନ କାହାଳୀ ଓ ଶଙ୍ଖଧ୍ୱନି ମଧ୍ୟରେ ଚତୁର୍ଦ୍ଦିଗର ଭକ୍ତଙ୍କୁ ଆନନ୍ଦ ଓ ଦର୍ଶନ ପ୍ରଦାନ କରି ଧୀରେ ଧୀରେ ରଥର ଘର୍ଘର ଶବ୍ଦ ମଧ୍ୟରେ ଗତି କରିଥାନ୍ତି। "ସ୍କନ୍ଦ ପୁରାଣ"ର ବର୍ଣ୍ଣନା ଅନୁଯାୟୀ ଗୁଣ୍ଡିଚାମଣ୍ଡପରେ ମହାବେଦୀସ୍ଥ ଜଗନ୍ନାଥଙ୍କ ଦର୍ଶନ ଅତି ପୁଣ୍ୟପ୍ରଦ। 'ବ୍ରହ୍ମପୁରାଣ'ରେ କୁହାଯାଇଛି :–

ଗୁଣ୍ଡିଚା ମଣ୍ଡପଂ ଯାନ୍ତଂ ଯେ ପଶ୍ୟନ୍ତି ରଥେ ସ୍ଥିତଂ
କୃଷ୍ଣଂ ବଳଂ ସୁଭଦ୍ରାଞ୍ଚ
ତେ ଯାନ୍ତି ଭବନଂ ହରେଃ"

ଯଥାର୍ଥରେ 'ଇନ୍ଦ୍ର ନୀଳମଣି' ଗ୍ରନ୍ଥରେ କୁହାଯାଇଛି :–

ଆଷାଢ଼ସ୍ୟା ମଲେପକ୍ଷେ
ଦ୍ୱିତୀୟା ପୁଷ୍ୟସଂଯୁତେ
ଚରାଚର ହିତାର୍ଥାୟ
ଘୋଷଯାତ୍ରା ବିଧୀୟତେ"

ଏହି ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥ ଏକ ସମୟରେ ଦଶବିଧ ରୂପ ଧାରଣ କରି ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ପୁଷ୍ପାଞ୍ଜଳି ବେଳେ ମୀନାବତାର, ତୁଳାଲାଗିରେ କୂର୍ମ, କାନୁଆସି ଲାଗିରେ ଯଜ୍ଞବରାହ, ବାହୁଟି ଲାଗିରେ ନୃସିଂହ, ରଥାରୂଢ଼ରେ ବାମନ, ଆଡ଼ପଡ଼ୋରିରେ ପର୍ଶୁରାମ, ଆଡ଼ପରେ ରଘୁନାଥ, ଅଡ଼ପ ବେଶରେ ବ୍ରଜରାଜ ନନ୍ଦନ, ଅନ୍ତର୍ବେଦୀରେ ବୌଦ୍ଧ ରୂପରେ ସେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି।

ବର୍ତ୍ତମାନ ରଥଯାତ୍ରା ଏକ ସାର୍ବଜନୀନ ଗଣଯାତ୍ରାରେ ରୂପାନ୍ତରିତ ହୋଇଛି। ସିଂହଳ, ଇଣ୍ଡୋନେସିଆ, ନେପାଳ, ଥାଇଲାଣ୍ଡ, ବର୍ମା, ଇଂଲଣ୍ଡ ଓ ଆମେରିକା ପ୍ରଭୃତି ଦେଶରେ ଜଗନ୍ନାଥ ମନ୍ଦିରମାନ ସ୍ଥାପିତ ହୋଇଛି ଓ ପ୍ରତିବର୍ଷ ରଥଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହେଉଛି। ବାସ୍ତବରେ ଉତ୍କଳର ଗଜପତିମାନେ ବିଶେଷତଃ ଅନଙ୍ଗଭୀମ ଦେବଙ୍କ ସମୟରୁ ଶ୍ରୀଜଗନ୍ନାଥଙ୍କୁ ରାଜ୍ୟ ଶାସନର ପ୍ରାଣକେନ୍ଦ୍ର ରୂପେ ଗ୍ରହଣ କରିଥିଲେ। ପତିତପାବନଙ୍କର ଏହି ଘୋଷଯାତ୍ରାରେ ଯୋଗଦେଇ ଭକ୍ତମାନେ ସକଳ ପାପ ତାପରୁ ମୁକ୍ତି ପାଇ ପରମ କୈବଲ୍ୟ ପଦ ଲାଭ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ସମଗ୍ର ବିଶ୍ୱରେ ଅଶାନ୍ତିରୁ ଶାନ୍ତି, ଭୟରୁ ଅଭୟ, ଦୁଃଖରୁ ଆନନ୍ଦ ଓ ହିଂସାରୁ ପ୍ରେମର ସନାତନଧାରା ପ୍ରବାହିତ କରିବା ପାଇଁ ନନ୍ଦିଘୋଷରେ ବିରାଜିତ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ପ୍ରତିବର୍ଷ ଜନସମାଜକୁ ଆଶିଷ ପ୍ରଦାନ କରି ଆସୁଛନ୍ତି। ଯଥାର୍ଥରେ ଋଷି ଶ୍ରୀ ଅରବିନ୍ଦ ନିଜ ଲିଖିତ "The chariot of jagannath" ପ୍ରବନ୍ଧରେ କହିଥିଲେ,"

ଶ୍ରୀଜଗନ୍ନାଥଙ୍କର ରଥର ସ୍ୱରୂପ ଓ ଆଦର୍ଶ ବହୁ ରହସ୍ୟ ଦ୍ୱାରା ଆଚ୍ଛାଦିତ। ସେହି ରହସ୍ୟ ବିଶ୍ୱ ନିୟନ୍ତା ପରମେଶ୍ୱରଙ୍କର ହୃଦୟରେ କେବଳ ଅବସ୍ଥିତ। ବହୁ ଦାର୍ଶନିକ ଓ ବିଭୂତିସମ୍ପନ୍ନ ମହାମାନବଙ୍କ ଦ୍ୱାରା ତାଙ୍କର ଉଦ୍ଦେଶ୍ୟକୁ ଜଗତରେ ସେ ସ୍ୱୟଂ ପ୍ରକାଶ କରନ୍ତି। ଶ୍ରୀଜଗନ୍ନାଥଙ୍କର ରଥର ପ୍ରକୃତ ନାମ କେବଳ ସମାଜ ନୁହେଁ, ତାହା ସମଷ୍ଟି ବା ସଙ୍ଘଶକ୍ତି। ଏହା ଜଗତର ଜନଗଣଙ୍କ ଆନନ୍ଦ ଓ ସହଯୋଗରେ ନିଜ ନିଜ ଆତ୍ମାରେ ତଥା ଭଗବାନଙ୍କ ସହିତ ମିଳିତ ହେବାର ଏକ ଦିବ୍ୟଯାତ୍ରା।

---

ମହତାବ୍ ରୋଡ୍,
ଭୁବନେଶ୍ୱର-୨



# ତନ୍ତ୍ରବାଦର ସାକାର ଦେବତା ଶ୍ରୀଜଗନ୍ନାଥ

ଶ୍ରୀ ଦାମୋଦର ସାହୁ

ତନ୍ତ୍ରବାଦର ପ୍ରସ୍ତର ଓ ପ୍ରସାର ପ୍ରାଚୀନ ଉତ୍କଳରେ ଯଦିଓ ଭୌମକର ରାଜତ୍ୱ ସମୟରେ ହୋଇଥିଲା, ତଥାପି ଏହାର ବୀଜବପନ କାଳ ନିଶ୍ଚିତ ଭାବରେ ଭୌମକର ରାଜତ୍ୱଠାରୁ ବହୁପଛରେ–ଏହା ଅସ୍ୱୀକାର୍ଯ୍ୟ ନୁହେଁ କାରଣ ପ୍ରାଚୀନ ଭାରତର ବହୁ ସଂସ୍କୃତ ଗ୍ରନ୍ଥରେ ତନ୍ତ୍ରବାଦର ସମ୍ୟକ୍ ସୂଚନା ପ୍ରତିଭାତ ହୋଇଥାଏ। ଉଦାହରଣ ସ୍ୱରୂପ ଭବଭୂତିଙ୍କ ମାଳତୀମାଧବ ଗ୍ରନ୍ଥର ୫ମ ଅଙ୍କରେ ଘୃମୁଣ୍ଡାଙ୍କଠାରେ ନରବଳି; "ପାର୍ଶ୍ୱନାଥ ଚରିତ"ରେ ନରକପାଳ ସଂଗ୍ରହ କରୁଥିବା କାପାଳିକଙ୍କୁ ଦେବୀ ବରପ୍ରଦାନ କରିବା ଉପାଖ୍ୟାନ ଓ ଦଣ୍ଡିଙ୍କ ଦଶକୁମାର ଚରିତରେ କାପାଳିକମାନେ ନରପଶ୍ଚି ଓ ଶ୍ମଶାନ ଭସ୍ମରେ ଦେହ ସଜ୍ଜିତ କରିବା ବର୍ଣ୍ଣନା ଶୈଳୀମାନ ବିଶେଷ ଭାବରେ ପରିଲକ୍ଷିତ ହୋଇଥାଏ। ହିନ୍ଦୁ ତାନ୍ତ୍ରିକମାନେ ତନ୍ତ୍ରକୁ ଏକଦା ମୋକ୍ଷଦା ଭାବେ ଗ୍ରହଣ କରୁଥିଲେ। ପ୍ରାଚୀନ ଭାରତରେ ତନ୍ତ୍ର ଗ୍ରନ୍ଥକୁ 'ଯାମଳ' ନାମରେ ଆଖ୍ୟାୟିତ କରାଯାଇଥିବାର ଦୃଷ୍ଟିଗୋଚର ହୁଏ। ଏହାକୁ ଆଠ ଭାଗରେ ବିଭକ୍ତ କରାଯାଇଛି, ଯଥା– ରୁଦ୍ର ଯାମଳ, ସ୍କନ୍ଦ ଯାମଳ, ବ୍ରହ୍ମ ଯାମଳ, ବିଷ୍ଣୁ ଯାମଳ, ଯମ ଯାମଳ, ବାୟୁ ଯାମଳ, କୁବେର ଯାମଳ ଓ ଇନ୍ଦ୍ର ଯାମଳ। ଉପଯୁକ୍ତ ନାମରୁ ଯାହା ଜଣାପଡ଼େ ସେତେବେଳେ ତାନ୍ତ୍ରିକମାନେ ବିଭିନ୍ନ ତନ୍ତ୍ରବିଦ୍ୟା ପ୍ରୟୋଗ କରି ନାନାଦି ଦେବଦେବୀଙ୍କୁ ବଶୀଭୂତ କରୁଥିଲେ। ବ୍ରହ୍ମଯାମଳ ଗ୍ରନ୍ଥରେ ଭାରତବର୍ଷର ଦୁଇଟି ତନ୍ତ୍ରପୀଠର ନାମ ବର୍ଣ୍ଣନା କରାଯାଇଅଛି– କାମରୂପ ଆଧୁନିକ ଆସାମ ଓ ଉଡ଼ିୟାନ (ଉଡ୍ରଦେଶ) ଆଧୁନିକ ଓଡ଼ିଶା। ବ୍ରହ୍ମଯାମଳର ପରିଶିଷ୍ଟ ଜୟଦ୍ରଥ ଯାମଳରେ ପର୍ଣ୍ଣଶବରୀ ବୃତ୍ତାନ୍ତ ବର୍ଣ୍ଣନା କରାଯାଇଅଛି। ଏହି ପର୍ଣ୍ଣଶବରୀ ପରର ସଉରୁଣୀ ନାମରେ, କେତେକ ତାଙ୍କୁ ସ୍ତମ୍ଭେଶ୍ୱରୀ ଭାବେ ଗ୍ରହଣ କରିଥାନ୍ତି। କଳାହାଣ୍ଡି ଜିଲ୍ଲା ତେରେସିଙ୍ଗା ଗ୍ରାମରୁ ମିଳିଥିବା ତାମ୍ର ଶାସନରେ ସ୍ତମ୍ଭେଶ୍ୱରୀଙ୍କ ନାମ ଦେଖିବାକୁ ମିଳିଥାଏ। ଏହି ସ୍ତମ୍ଭେଶ୍ୱରୀ ଆକାରରେ ସ୍ତମ୍ଭପରି, ଯାହାଙ୍କୁ ଆଦ୍ୟାଶକ୍ତି ମା' ସୁଭଦ୍ରାଙ୍କ ପ୍ରତିବିମ୍ବ ବୋଲି ବିଶ୍ୱାସ କରାଯାଏ। ମୋଟ ଉପରେ କହିବାକୁ ଗଲେ ତନ୍ତ୍ରଶାସ୍ତ୍ରରେ ଶିବପୀଠମାନଙ୍କ ମଧ୍ୟରେ ଓଡ଼ିଶାର ଯାଜପୁରସ୍ଥ ବିରଜାପୀଠ ଓ ଉଡ଼ିୟାନ ପୀଠ ସହିତ ବିମଳାପୀଠର ବହୁ ସାମଞ୍ଜସ୍ୟ ରହିଛି।

ତନ୍ତ୍ରବାଦର ସାକାର ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ। ତନ୍ତ୍ର ମତରେ ଜଗନ୍ନାଥଙ୍କୁ ଭୈରବ ଓ ବିମଳାଙ୍କୁ ଭୈରବୀ ବୋଲି "ହେବଜ୍ରତନ୍ତ୍ର' ନିମ୍ନମତେ ବର୍ଣ୍ଣନା କରିଅଛି– "ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବ।" ମହାପ୍ରଭୁଙ୍କ ନବକଳେବରଠାରୁ ଆରମ୍ଭକରି ସମସ୍ତ ପୂଜା ପଦ୍ଧତିରେ ତାନ୍ତ୍ରିକ ପରମ୍ପରାର ନଜିରମାନ ପ୍ରତିଭାତ ହୋଇଥାଏ। ନବକଳେବର ପାଇଁ ଦାରୁଅନ୍ୱେଷଣ କାର୍ଯ୍ୟରେ କାକଟପୁରସ୍ଥ ମା' ମଙ୍ଗଳାଙ୍କ ଅବଦାନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁ ପାଇଁ ମଙ୍ଗଳାଙ୍କ ନିକଟରେ ଧର୍ଣ୍ଣା ପଡ଼ିବା ବୃତ୍ତାନ୍ତ ଓ ପତିମହାପାତ୍ର ଶୋଇବା ଆଗରୁ ୧୦୮ ଥର ସ୍ୱପ୍ନାବତୀ ମନ୍ତ୍ର ପାଠ କରି ବିଧି, ଦାରୁ ନିକଟରେ ଚଣ୍ଡୀପାଠ, କୁଷ୍ମାଣ୍ଡବଳୀ ମାଧ୍ୟମରେ ଭୂତପ୍ରେତାଦିଙ୍କୁ ବଶୀକରଣ, ପୁରାତନ ବିଗ୍ରହଙ୍କ ଶ୍ମଶାନ "କୋଇଲି ବୈକୁଣ୍ଠ" ସ୍ଥଳରେ ଶ୍ମଶାନଚଣ୍ଡୀଙ୍କ ଅବସ୍ଥାନ, ତାଙ୍କ ନିକଟରେ ନୂତନ ବିଗ୍ରହ ନିର୍ମାଣ ଓ ପ୍ରତିଷ୍ଠା, ସେଠାରେ ରୁଦ୍ରାଭିଷେକ, ଅଷ୍ଟଚଣ୍ଡୀ ପାଠ ଓ ମହାବଳୀ ଆଦି ପ୍ରଥା ତନ୍ତ୍ରବାଦର ଗୋଟିଏ ଗୋଟିଏ ନଜିର କହିଲେ ଅତ୍ୟୁକ୍ତି ହେବନାହିଁ।

ପୁନଶ୍ଚ ଜଗନ୍ନାଥ ମନ୍ଦିରର ବେଢ଼ା ମଧ୍ୟରେ ଅବସ୍ଥାପିତା ମା ବିମଳାଙ୍କ ଆଗରେ ଆଶ୍ୱିନମାସ ଶୁକ୍ଳପକ୍ଷ ସପ୍ତମୀ, ଅଷ୍ଟମୀ, ନବମୀ ଦିନ ନିଶାର୍ଦ୍ଧରେ ପଶୁବଳୀ ଦିଆଯାଇଥାଏ। ଭିତରେ ବଡ଼ସିଂହାର ସରି ପହୁଡ଼ ହେବା ପରେ ଛେଦ ଓ ଭୋଗ ପଶ୍ଚିମଦ୍ୱାର ବାଟେ ଯାତାୟାତ ହୁଏ। ମାଛ ମଧ୍ୟ ରନ୍ଧା ଯାଇଥାଏ। ମାନସିକ କରିବା ଲୋକଙ୍କ ଛେଦ ପେଜନଳା ପାଖେ ବାହାରେ କାକୁଡ଼ିଖାଇଙ୍କ ନିକଟରେ ପଡ଼େ। ପ୍ରତ୍ୟହ ସକ୍କୁଡ଼ିଧୁଆ ପାଣି ପଡ଼ିବା ପରେ ମନ୍ଦିରସ୍ଥ ପଶ୍ଚିମ ଦ୍ୱାର ପର୍ଯ୍ୟନ୍ତ ଚୂନପାଣି ଢାଳି ଧୁଆ ହୋଇଥାଏ। ଯେଉଁଦିନ ନିଶାର୍ଦ୍ଧକୁ ସପ୍ତମୀ ପାଇବ ସେଦିନ ସକ୍କୁଡ଼ି ଭୋଗ ଆରମ୍ଭ ହୁଏ। ବିମଳାଙ୍କ ଷୋହଳ ପୂଜା ମଧ୍ୟରେ କୌଣସି ସ୍ତ୍ରୀଲୋକ ବିମଳାଙ୍କ ମନ୍ଦିରକୁ ପ୍ରବେଶ କରିବା ମନା। ବିମଳାଙ୍କୁ ମହାଷ୍ଟମୀ ଦିନ ପୂର୍ଣ୍ଣ ତାନ୍ତ୍ରିକ ରୀତିରେ ପୂଜା କରିନି ବଳୀ ଅର୍ପଣ କରାଯାଏ ଓ ସେହିଦିନ ଶ୍ରୀଜଗନ୍ନାଥଙ୍କୁ ମଧ୍ୟ ସିନ୍ଦୁର ଓ ମନ୍ଦାରଫୁଲ ଲାଗି କରାଯାଏ। ଶିବମନ୍ତ୍ରରେ ଜଗନ୍ନାଥଙ୍କଠାରେ ଭୋଗ କରିବା ପରେ ତାହା ମା' ବିମଳାଙ୍କଠାରେ ସମର୍ପଣ କରାଯାଇ ମହାପ୍ରସାଦରେ ରୂପାନ୍ତରିତ ହୋଇଥାଏ। ଖାଲି ସେତିକି ନୁହେଁ, ପଞ୍ଚ ମ'କାର ପୂଜାର ବିଧିବିଧାନ ମଧ୍ୟ କରାଯାଇଥାଏ ବିଭିନ୍ନ ପ୍ରସଙ୍ଗ ମାଧ୍ୟମରେ–ଡାଳଫଳ ପାଣି ବା କଂସପାତ୍ରରେ ପଇଡ଼ ପାଣିକୁ ମଦ୍ୟ ଆକାରରେ, ବିରିପିଠା ଓ ଲାଲଶାଗକୁ ମାଂସ ଆକାରରେ, ବିରି ଓ ଅଦାରେ ପ୍ରସ୍ତୁତ ଏଣ୍ଡୁରି ପିଠାକୁ ମତ୍ସ୍ୟ ଆକାରରେ, ପୂଜା ସମୟରେ ପ୍ରଦର୍ଶିତ ଯୋନିମୁଦ୍ରାକୁ ମୁଦ୍ରା ଆକାରରେ ଓ ଅଶ୍ଳୀଳ ମୂର୍ତ୍ତିକୁ ମୈଥୁନର ପ୍ରତୀକ ବୋଲି ଗ୍ରହଣ କରାଯାଇଥାଏ। ପଞ୍ଚ ମ'କାର ପୂଜା ହେଉଛି ତାନ୍ତ୍ରିକ ପୂଜାପଦ୍ଧତିର ଗୋଟିଏ ସୋପାନ। ଏସବୁକୁ ବିଶ୍ଳେଷ କଲେ ମନେ ହୁଏ ସତେ ଯେପରି ମହାପ୍ରଭୁ ତନ୍ତ୍ରବାଦର ଏକ ସାକାର ଦେବତା। ହସ୍ତପାଦ ବିହୀନ

ତାନ୍ତ୍ରିକ ପ୍ରତିମୂର୍ତ୍ତି ତନ୍ତ୍ରପୂଜା ମାଧ୍ୟମରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ– ନବକଳେବରରୁ କୋରଲି ବୈକୁଣ୍ଠ ପର୍ଯ୍ୟନ୍ତ ପୂଜା ପାଇବାର ଦୃଷ୍ଟାନ୍ତ ପରିଲକ୍ଷିତ ହୋଇଥାଏ ।

ତନ୍ତ୍ରବାଦର ଜନ୍ମ ବର୍ତ୍ତମାନ ବିଗ୍ଦର୍ଯ୍ୟ । ଶୈବ, ଶାକ୍ତ ଓ ବୌଦ୍ଧବାଦର ସମ୍ମିଶ୍ରଣରେ ସୃଷ୍ଟି ହୋଇଥିଲା ତନ୍ତ୍ରବାଦ । ଅବଶ୍ୟ ବୌଦ୍ଧ ଧର୍ମର ବହୁ ପୂର୍ବରୁ ତନ୍ତ୍ରବାଦ ପ୍ରଚଳିତ ଥିଲା । ପରବର୍ତ୍ତୀ ସମୟରେ ବିଶେଷ କରି ସୋମବଂଶ ରାଜବଂଶୀମାନେ ଶୈବଭାବାପନ୍ନ ଥିବାରୁ, ବୌଦ୍ଧବାଦ ପରିଶେଷରେ ଶାକ୍ତ ଓ ଶୈବବାଦର ସମ୍ମିଶ୍ରଣରେ ତାନ୍ତ୍ରିକ ଭାବଧାରାର ଉନ୍ମେଷ କରାଇଥିଲା । ମହାପ୍ରଭୁଙ୍କଠାରେ ବୌଦ୍ଧତ୍ୱ ବହୁଳ ଭାବରେ ପରିବେଷଣ କରାଯାଇଥିଲା, ଏପରିକି ବୁଦ୍ଧଙ୍କ ଦାନ୍ତ ବା ଅଂଶବିଶେଷ ମହାପ୍ରଭୁଙ୍କ ବ୍ରହ୍ମଭାବେ ପରିକଳ୍ପନା ଅଧୁନା କରାଯାଉଅଛି । ଦ୍ୱାଦଶ ଶତାବ୍ଦୀର କବି ଜୟଦେବ ପରିଶେଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ଏକାବେଳକେ ବୌଦ୍ଧତ୍ୱ ପ୍ରାପ୍ତି କରାଇ ଗୀତଗୋବିନ୍ଦରେ ବର୍ଣ୍ଣନା କଲେ– "କେଶବଧୃତ ବୁଦ୍ଧଶରୀର ଜୟଜଗଦୀଶ ହରେ ।" ବୁଦ୍ଧଙ୍କ ମହାପ୍ରୟାଣ ପରେ ତାଙ୍କର ଭକ୍ତମାନେ ବୁଦ୍ଧଙ୍କ ଦାନ୍ତକୁ ସୁସଜ୍ଜିତ ରଥରେ ସହରର ଚତୁଃପାର୍ଶ୍ୱରେ ମହାଆଡ଼ମ୍ବର ସହକାରେ ପ୍ରଦକ୍ଷିଣ କରିବା ବୌଦ୍ଧିକପନ୍ଥା ପରିଶେଷରେ ରଥଯାତ୍ରାରେ ରୂପାନ୍ତରିତ ହୋଇଛି ବୋଲି ବୌଦ୍ଧବାଦୀମାନେ ମତଥାପନ କରନ୍ତି । ମୋଟଉପରେ କହିବାକୁ ଗଲେ ମହାପ୍ରଭୁ ଏକପ୍ରକାର ବୌଦ୍ଧତ୍ୱର ପ୍ରତୀକ । ମା ସୁଭଦ୍ରା, ଆଦ୍ୟାଶକ୍ତି ଦୁର୍ଗା ଶାକ୍ତବାଦର ପରମଆରାଧ୍ୟାଦେବୀ ଓ ମହାପ୍ରଭୁ ରେବତୀରମଣ ବଳଭଦ୍ର ପ୍ରକାରାନ୍ତରେ ମହାଦେବ ଶିବଙ୍କର ରୂପାନ୍ତର ଓ ବୌଦ୍ଧବାଦର ପ୍ରତୀକ । ତେଣୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଯଥାକ୍ରମେ ବୌଦ୍ଧ, ଶୈବ ଓ ଶାକ୍ତର ପ୍ରତୀକ ଭାବେ ପ୍ରତିଷ୍ଠିତ ହୋଇଛନ୍ତି ମହାନ ହିନ୍ଦୁ ପରମ୍ପରାର ପ୍ରତି ସୋପାନରେ । ପୂର୍ବ ଆଲୋଚନାରେ ମୁଁ ପ୍ରକାଶ କରିଛି ତନ୍ତ୍ରବାଦ ହେଉଛି ବୌଦ୍ଧ, ଶାକ୍ତ ଓ ଶୈବବାଦର ଏକ ଯୌଗିକ ସମ୍ମିଶ୍ରଣ, ତେଣୁ ତାନ୍ତ୍ରିକ ପରମ୍ପରାର ରୀତିନୀତିମାନ ପୁଙ୍ଖାନୁପୁଙ୍ଖ ଭାବରେ ପ୍ରତୀୟମାନ ହୁଏ ଶ୍ରୀକ୍ଷେତ୍ରର ପ୍ରତିଟି ଚଳଣୀ ମାଧ୍ୟମରେ । ସେଥିପାଇଁ ଅତୀତରେ ସମଗ୍ର ଭାରତ ଭୂଖଣ୍ଡରେ ଯେ ତନ୍ତ୍ରପୀଠମାନ ଗଢ଼ିଉଠିଥିଲା ତନ୍ମଧ୍ୟରେ କାମରୂପ, ଆସାମର କାମାଖ୍ୟାପୀଠ ଓ ଓଡ଼ିଶାର ଉଡ୍ଡିୟାନ ପୀଠ ଅନ୍ୟତମ ଥିଲା । ପ୍ରସିଦ୍ଧ ଐତିହାସିକ, ନୀ... କୁମାର ସାହୁ, କେଦାରନାଥ, ହରପ୍ରସାଦ ଶାସ୍ତ୍ରୀ ଓ ବିନୟତୋଷ ଭଟ୍ଟାଚାର୍ଯ୍ୟ ମତପୋଷଣ କରିଛନ୍ତି ଉଡ୍ଡିୟାନ ପୀଠ ଓଡ଼ିଶା ବ୍ୟତୀତ ଆଉ କୌଣସି ପୀଠ ନୁହେଁ କାରଣ ଅଷ୍ଟମ ଶତାବ୍ଦୀ ବେଳକୁ ଓଡ଼ିଶା ବଜ୍ରଯାନ ବୌଦ୍ଧପୀଠ ଭାବେ ଖ୍ୟାତି ଅର୍ଜନ କରିଥିଲା ଓ ଏହା ଉଡ୍ଡିୟାନ ପୀଠ ଭାବେ ଦେଶ ବିଦେଶରେ ଖ୍ୟାତିଲାଭ କରିଥିବାର ଦୃଷ୍ଟାନ୍ତ ବହୁ ତାମ୍ରଫଳକ ଓ ଖୋଦନରୁ ପ୍ରମାଣ ମିଳି ଅଛି । ଏହାର ରାଜା ଥିଲେ ଇନ୍ଦ୍ରଭୂତି । ଇନ୍ଦ୍ରଭୂତିଙ୍କ 'ଜ୍ଞାନସିଦ୍ଧିରେ' ଜଗନ୍ନାଥ ଶବ୍ଦର ପ୍ରୟୋଗ ଦେଖାଯାଏ–

"ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନ ବରାର୍ଚ୍ଚିତମ୍
ସର୍ବ ବୁଦ୍ଧିମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ।"

ଖାଲି ସେତିକି ନୁହେଁ, ବଜ୍ରଯାନୀମାନଙ୍କ ପ୍ରସିଦ୍ଧ ଅଧିଷ୍ଠାତ୍ରୀ ଦେବୀ କୁରୁକୁଲ୍ଲା ଓ ବଜ୍ରବାରାହୀ ମୂର୍ତ୍ତିଗୁଡ଼ିକ ପ୍ରାଚୀଭୂଖଣ୍ଡ ଉପତ୍ୟକାରେ ବିଶେଷ ଭାବରେ ଉପଲବ୍ଧ । ତେଣୁ ମୋଟ ଉପରେ କହିବାକୁ ଗଲେ ଉଡ୍ଡିୟାନ ପୀଠ ବା ଉଡ୍ରାଖ୍ୟ ମହାନ ତନ୍ତ୍ରପୀଠ 'ଉଡ୍ରାଖ୍ୟ ପ୍ରଥମ ପୀଠମ୍' ଭାବେ ପରିଚିତ ଥିଲା ଓ ଏହି ପୀଠର ଅଧିଷ୍ଠାତ୍ରୀ ଦେବୀ ବିମଳା ଭୈରବୀ ଭାବେ ଓ ମହାପ୍ରଭୁ ଜଗନ୍ନାଥ ଭୈରବ ଭାବେ ପୂଜା ପାଉଥିଲେ । ମହାପ୍ରଭୁ ଜଗନ୍ନାଥ ତାନ୍ତ୍ରିକ ଓ ତାଙ୍କର ପୂଜା ପଦ୍ଧତିରେ ଯେ ତାନ୍ତ୍ରିକ ଭାବାପନ୍ନ ତାହା ଉପର୍ଯ୍ୟୁକ୍ତ ଆଲୋଚନାରୁ ଅନୁମେୟ । ତେଣୁ ତାଙ୍କୁ ତନ୍ତ୍ରବାଦର ନିର୍ବିକଳ୍ପ ମୂର୍ତ୍ତିମନ୍ତ ଅବତାର କହିଲେ କିଛି ଭୁଲ ହେବ ନାହିଁ– ସେ ପ୍ରକୃତରେ ତନ୍ତ୍ରବାଦର ସାକାର ଅବତାର ବ୍ୟତୀତ ଆଉ କିଛି ହୋଇ ନ ପାରନ୍ତି ।

ରେଳୱାଇ କଲୋନୀ, କ୍ୱାଟର–ଇ–୩୨/୩,
ଭୁବନେଶ୍ୱର



ଦକ୍ଷିଣ-ପୂର୍ବ ରେଳପଥର ମ୍ୟାନେଜର ଶ୍ରୀ ମାଲହୋତ୍ରା ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସହ ଓଡ଼ିଶାରେ ରେଳପଥର ବିକାଶ ସଂପର୍କରେ ଆଲୋଚନା କରୁଛନ୍ତି । (୯/୬)

# ସମକାଳୀନ ଓଡ଼ିଆ କବିତାରେ ଜଗନ୍ନାଥ-ଚେତନା



ଡକ୍ଟର ବଳରାମ ଦାସ

ପୃଥିବୀର ପ୍ରାୟ ସବୁ ଭାଷା-ସାହିତ୍ୟରେ, ଆପଣାର ଆରାଧ୍ୟ ଇଷ୍ଟଙ୍କ ଉଦ୍ଦେଶ୍ୟରେ କବିତା ସୃଷ୍ଟି ହେବା କିଛି ନୂଆ କଥା ନୁହେଁ । ଏପରିକି ପ୍ରତ୍ୟେକ ଭାଷା-ସାହିତ୍ୟର ପ୍ରଭାତୀ ପର୍ବରେ ଆମେ ଯେଉଁ ପ୍ରାଥମିକ ରଚନା ସବୁ ଦେଖୁ, ସେଥିରେ ଆଧ୍ୟାତ୍ମିକତା ଅଥବା ଧର୍ମୀୟ ବିଶ୍ୱାସ ମୁଖ୍ୟ ସ୍ୱର ହୋଇ ରହିଥିବା ଲକ୍ଷ୍ୟ କରାଯାଏ । ତାହା ମଧ୍ୟ ସ୍ୱାଭାବିକ । କାରଣ ସଭ୍ୟତାର ହେତୁ ପାଇବା ପରଠାରୁ ମଣିଷ ମନରେ ଯେଉଁ ସନାତନ ଜିଜ୍ଞାସା ଏକ ରହସ୍ୟିକ ପ୍ରଶ୍ନବାଚୀ ପରି ତାକୁ ନିୟତ ଅସ୍ଥିର ଓ ଉଦ୍‌ବେଳିତ କରିଛି, ତାହା ହେଉଛି ଏହି ଧର୍ମୀୟ ଅଥବା ଆଧ୍ୟାତ୍ମିକ ଜିଜ୍ଞାସା । ସମ୍ଭବତଃ ଏହି କାରଣରୁ ପରବର୍ତ୍ତୀ ପର୍ଯ୍ୟାୟରେ ଧର୍ମପ୍ରଚାର ଉଦ୍ଦେଶ୍ୟରେ କବିତାର ସୁକୁମାର ଶରୀରକୁ ବହୁ କ୍ଳେଶ ସହିବାକୁ ପଡ଼ିଛି । କିନ୍ତୁ ବୈଚିତ୍ର୍ୟ ହେଉଛି, ସାହିତ୍ୟ ସଂସାରରେ ସବୁଠାରୁ ବୟସ୍କା-କବିତା; ଏଇ ଗୁରୁଦାୟିତ୍ୱ ବହନ କରି ମଧ୍ୟ ତଥାପି ଅନନ୍ତ ଯୌବନା । କବିତାର ଏଇ ଜରାହୀନ ଯୌବନ ହିଁ ସବୁ ପ୍ରକାର ଭାବ ଅଭିବ୍ୟକ୍ତି ପାଇଁ ହୋଇଛି ଏକ ଆକର୍ଷଣୀୟ ରଙ୍ଗ । ଅତଏବ କବିତା ସହିତ ଆଧ୍ୟାତ୍ମିକ ଚେତନାର କୁଟୁମ୍ବିତା ଯେ ବହୁ ପ୍ରାଚୀନ, ଏହା ପ୍ରତ୍ୟେକ ସାହିତ୍ୟରୁ ଅନୁଭବ କରାଯାଇ ପାରେ । ସାହିତ୍ୟରେ ଚେତନାର ଏଇ ସ୍ଫୁରଣ, ଭାରତୀୟ ସାହିତ୍ୟରେ ମଧ୍ୟ ସ୍ପଷ୍ଟ । ବହୁ ସହସ୍ର ଜାତୀୟ ତଥା ଲୌକିକ ଦେବ-ଦେବୀଙ୍କ ଉଦ୍ଦେଶ୍ୟରେ ରଚିତ ପ୍ରାର୍ଥନା ସଂଗୀତ ବା ସ୍ତୁତିଗାନରୁ ହିଁ ଆରମ୍ଭ ହୋଇଥିଲା ଭାରତୀୟ ସାହିତ୍ୟର ଭୂମି ପର୍ବ । ସେ ପର୍ବ ଯଥାର୍ଥରେ ଥିଲା ଯଜ୍ଞ ଓ ଭିକ୍ଷାଘର ପର୍ବ । ସାହିତ୍ୟର ଦୃଶ୍ୟପଟରେ ଆଜି ବହୁ ନୂଆ ନୂଆ ଚିତ୍ର ଫୁଟି ଉଠିଥିବା ସତ୍ତ୍ୱେ, କବିତାରେ ଭୂମି ପର୍ବର ସେ ଆଧ୍ୟାତ୍ମିକ ଆବେଶ ତଥାପି ପ୍ରଶମିତ ହୋଇନାହିଁ ।

କିନ୍ତୁ ଓଡ଼ିଆ ସାହିତ୍ୟ ଏସବୁ ଦୃଷ୍ଟିରୁ ସମ୍ପୂର୍ଣ୍ଣ ନିଆରା । ଓଡ଼ିଆ ସାହିତ୍ୟରେ, ଦେବ-ଦେବୀଙ୍କ ଉଦ୍ଦେଶ୍ୟରେ ବହୁ କବିତା ରଚିତ ହୋଇଛି । କିନ୍ତୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିବା କବିତାର ସଂଖ୍ୟା ବୋଧହୁଏ ସର୍ବାଧିକ । ତା'ର କାରଣ ହୁଏତ ଏହାହିଁ ହୋଇପାରେ ଯେ, ଓଡ଼ିଆ ଜାତିର ଆରାଧ୍ୟ ଇଷ୍ଟ ଶ୍ରୀଜଗନ୍ନାଥ ଅନ୍ୟାନ୍ୟ ଦେବତାଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଓଡ଼ିଆ ଜାତିର ପ୍ରାଣ-ପ୍ରବାହରେ ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ଅନନ୍ୟ ଅନୁଭବ । ଅନ୍ୟ ଦେବ ଦେବୀଙ୍କୁ ଓଡ଼ିଆ ଜାତି ଦେଖୁଛି ସଂଭ୍ରମର ଦୃଷ୍ଟିରେ । କିନ୍ତୁ ଜଗନ୍ନାଥଙ୍କୁ ଦେଖୁଛି ଆତ୍ମୀୟତାର ଅନ୍ତରଙ୍ଗ ଦୃଷ୍ଟିରେ । ସେଥିପାଇଁ ଜଗନ୍ନାଥ, ତା' ଦୃଷ୍ଟିରେ ଏକାଧାରରେ ନର ଆଉ ନାରାୟଣ । ନର ଭାବରେ 'ସେ' ତାର ଭାଇ, ବନ୍ଧୁ, ଜ୍ଞାତି, କୁଟୁମ୍ବ ଓ ପରମ ଆତ୍ମୀୟ । ପୁଣି ସମୟ ବିଶେଷରେ ତା'ର ମୁରବୀ ମଧ୍ୟ । ଜଗନ୍ନାଥ ତା' ରାଜ୍ୟର ରାଜା । ତା'ର ସବୁ ହାନି-ଲାଭର ଏକମାତ୍ର ତାଣ-କର୍ତ୍ତା । ଭକ୍ତି ଓ ସଂଭ୍ରମର ଊର୍ଦ୍ଧ୍ୱରେ, ଓଡ଼ିଆ ଜାତି ଜଗନ୍ନାଥଙ୍କୁ ଯେପରି ସ୍ନେହ-ବନ୍ଧନରେ ବାନ୍ଧି ପାରିଛି ଓ ନିଜେ ମଧ୍ୟ ବନ୍ଧା ପଡ଼ିଯାଇଛି, ଅନ୍ୟ କୌଣସି ଦେବତାଙ୍କ କ୍ଷେତ୍ରରେ ସେପରି ହୋଇ ପାରିନାହିଁ । ସମ୍ଭବତଃ ତା'ର ଏଇ ସଂକୋଚ ଅଥବା ସଂଭ୍ରମ ତାକୁ ଜଗନ୍ନାଥଙ୍କ ମଧ୍ୟରେ ସବୁ ଦେବ ଦେବୀଙ୍କୁ ଅନୁଭବ କରିବା ପାଇଁ ପ୍ରେରଣା ଯୋଗାଇ ଥିଛି । ଫଳରେ ଶ୍ରୀଜଗନ୍ନାଥ ତା' ପାଇଁ ହୋଇଛନ୍ତି ସର୍ବ ଧର୍ମ ସମନ୍ୱୟର ପ୍ରତୀକ । ଓଡ଼ିଆ ଜାତି ପାଇଁ ଶ୍ରୀଜଗନ୍ନାଥ ହେଉଛନ୍ତି ଏକାଧାରରେ 'କବି' ଓ 'କବିତା' ।

ବିଭିନ୍ନ ଭାଷା-ସାହିତ୍ୟରେ, ଆପଣାର ଆରାଧ୍ୟ ଇଷ୍ଟଦେବଙ୍କ ଉଦ୍ଦେଶ୍ୟରେ ଲିଖିତ କବିତାର ଧାରା, ସମୟ ବିଶେଷରେ ହୁଏତ କ୍ଷୀଣସ୍ରୋତା ହୋଇଛି;

କିନ୍ତୁ ଜଗନ୍ନାଥ ଚେତନା ସମନ୍ୱିତ ଓଡ଼ିଆ କବିତାର ଧାରା ଯେପରି ଚିର ସୁନାବ୍ୟା । ପଞ୍ଚଦଶ ଶତାବ୍ଦୀରେ, ଯଥାର୍ଥ ଓଡ଼ିଆ କବିତାର ସୂର୍ଯ୍ୟୋଦୟଠାରୁ ଏହି ଧାରା ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ବହି ଚାଲିଛି । ପ୍ରାଚୀନ ଓ ମଧ୍ୟଯୁଗର ପ୍ରମୁଖ କବିମାନଙ୍କ ସହିତ ଆଧୁନିକ କାଳର ପ୍ରାୟ ସବୁ କବି ଜଗନ୍ନାଥ ଚେତନାରେ ଅନୁପ୍ରାଣିତ ହୋଇ କବିତାର ଏକ ବିଶାଳ ଭଣ୍ଡାର ସୃଷ୍ଟି କରିଛନ୍ତି । ଏହି ଭଣ୍ଡାର, ଓଡ଼ିଆ ସାହିତ୍ୟରେ ପ୍ରକୃତରେ ଏକ ରତ୍ନଭଣ୍ଡାର ।

ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କବିତାରେ; ଏପରିକି ଆଧୁନିକ ଓଡ଼ିଆ କବିତାର ଆଦି ପର୍ବରେ ଆମେ ଜଗନ୍ନାଥ ଚେତନାର ଯେଉଁ ମହକ ଅନୁଭବ କରୁ, ତାହା ଥିଲା ମୁଖ୍ୟତଃ ଦୁଇପ୍ରକାର-ଭକ୍ତି ଓ ଅଭିମାନ । କବିମାନେ ଭକ୍ତିରେ ବିହ୍ୱଳିତ ହୋଇ ଜଗନ୍ନାଥଙ୍କର ବନ୍ଦନା ଗାଇଛନ୍ତି, ବିଭିନ୍ନ ଅବତାରରେ ତାଙ୍କ କୃତିତ୍ୱର ଗାଥା ଗାନ କରିଛନ୍ତି, ତାଙ୍କ ରୂପ-ଗୁଣର ବିପୁଳ ପ୍ରଶଂସା କରି ଉଚ୍ଛ୍ୱସିତ ହୋଇଛନ୍ତି ଓ ତାଙ୍କୁ ସକଳ ବିଶ୍ୱ ବ୍ରହ୍ମାଣ୍ଡର ନିୟନ୍ତା ବୋଲି କହି ତାଙ୍କ ଶ୍ରୀଚରଣରେ ଶରଣ ଭିକ୍ଷା କରିଛନ୍ତି । ବେଳେ ବେଳେ ପୁଣି ଅଭିମାନରେ ଛଳଛଳ ହୋଇ ନିଜ ଜୀବନର କ୍ଳେଶ ଓ କଷଣ ପାଇଁ ଜଗନ୍ନାଥଙ୍କୁ ଦାୟୀ କରି ମନଭରି ଗାଳି ମଧ୍ୟ ଦେଇଛନ୍ତି । ରାଗ ମଧ୍ୟରେ ଶୁଭିଛି ଅନୁରାଗର ସ୍ୱର । ଏ ସ୍ୱରକୁ ଯଥାର୍ଥ ଭାବରେ ଅନୁଭବ କରି ନପାରିଲେ, ଜଗନ୍ନାଥ ଚେତନାର ବୈଚିତ୍ର୍ୟମୟ ପ୍ରକାଶକୁ କଳନା କରିବା ସହଜ ହେବ ନାହିଁ ।

ପ୍ରାଚୀନ ଓ ମଧ୍ୟଯୁଗୀୟ କବିତାରେ ପ୍ରବାହିତ ଜଗନ୍ନାଥ ଚେତନାର ପାରମ୍ପରିକ ଧାରାରେ ପ୍ରଥମ ବ୍ୟତିକ୍ରମ ହେଉଛି କବି କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ପୁରୀମନ୍ଦିର' କବିତା । କାଳନ୍ଦୀ ଚରଣଙ୍କ ବେଳକୁ ଓଡ଼ିଆ କବିତା ପୁରାଣ, ଇତିହାସ, କାହାଣୀ, କିମ୍ବଦନ୍ତୀ ଓ କଳ୍ପନାକୁ ପିଠି କରି ସମ୍ମୁଖ ଭାଗକୁ ଅନେଇବାକୁ ଆରମ୍ଭ କରିଥିଲା । ତା'ର ଫଳ ସ୍ୱରୂପ ଆମେ ଜଗନ୍ନାଥ-କେନ୍ଦ୍ରିକ କବିତାରେ ବାସ୍ତବବାଦୀ ତଥା ମାନବବାଦୀ ଦୃଷ୍ଟିଭଙ୍ଗୀର ପ୍ରତିଫଳନ ଦେଖିଲୁ । କାଳନ୍ଦୀ ଚରଣ 'ପୁରୀ ମନ୍ଦିର' କବିତାରେ ପ୍ରଥମ କରି ନାରାୟଣଙ୍କୁ ନ ଲୋଡ଼ି ନରକୁ ଖୋଜିଛନ୍ତି ଓ ନରକୁ ନାରାୟଣ ରୂପରେ ଦେଖିଛନ୍ତି । ଅତି ସ୍ପଷ୍ଟ ଭାଷାରେ ଶ୍ରୀଜଗନ୍ନାଥଙ୍କୁ ସେ, କାଷ୍ଠ-ପାଷାଣରେ ଗଠିତ ନିର୍ଜୀବ ମୂର୍ତ୍ତି ବୋଲି ଅଭିହିତ କରି ଅଭିଯୋଗ ବାଢ଼ିଛନ୍ତି –

'ମାନବର ହସ୍ତେ ବହି ରୂପ
ଭାଗ୍ୟେ ତା'ର କରୁଛ ବିଦ୍ରୂପ
ଅନ୍ତର ମୁହାଁରି
ଶୁଣ କି ତାହାରି
ଶୂନ୍ୟପ୍ରାଣ
ହେ ପାଷାଣ'

କାଳିନ୍ଦୀ ଚରଣ ଜଗନ୍ନାଥଙ୍କ ଅପେକ୍ଷା ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିବା ରାଜା ଇନ୍ଦ୍ରଦ୍ୟୁମ୍ନ, ଶିଳ୍ପୀକୁଳ ଓ ଶ୍ରୀକ୍ଷେତ୍ରକୁ ଆସି ସାମ୍ୟ, ମୈତ୍ରୀ ତଥା ସମ୍ପ୍ରୀତିର ବାଣୀ ପ୍ରଚାର କରିଥିବା କବୀର, ନାନକ, ଶ୍ରୀଚୈତନ୍ୟ ଆଦି ଧର୍ମପ୍ରଚାରକମାନଙ୍କୁ ଅଧିକ ମହତ୍ତ୍ୱ ଦେଇ ସେହିମାନଙ୍କୁ ହିଁ ନମସ୍କାର କରିଛନ୍ତି । କାରଣ ଏ ସମସ୍ତଙ୍କର ତ୍ୟାଗ, ସାଧନା, ଶ୍ରମ ଓ ଉତ୍ସର୍ଗୀକୃତ ମନୋଭାବ ପାଇଁ ହିଁ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ହୋଇଛି ବିଶ୍ୱ ପ୍ରସିଦ୍ଧ । ଏଥିରୁ କବିଙ୍କର ବାସ୍ତବ ତଥା ମାନବବାଦ ଦୃଷ୍ଟିକୋଣର ଆଭାସ ମିଳିଥାଏ । ଏହି ମନୋଭାବର ବୈଚିତ୍ର୍ୟମୟ ପ୍ରକାଶ ଘଟିଛି କବି ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଶ୍ରୀଗୁଣ୍ଡିଚ୍ଚ', 'ରଥଯାତ୍ରା', 'ପ୍ରଭାତ ଅବକାଶ', 'ପତିତପାବନ' ଓ 'ଶ୍ରୀଜଗନ୍ନାଥଙ୍କୁ ଏକ ଜଣାଣ' ପ୍ରଭୃତି କବିତାରେ । ଏହି ସବୁ କବିତାରେ ବାସ୍ତବ ତଥା ମାନବବାଦୀ ଦୃଷ୍ଟିଭଙ୍ଗୀ ସହିତ କବିଙ୍କର ନିଜସ୍ୱ ଅନୁସନ୍ଧିତ୍ସା, ତତ୍ତ୍ୱଦର୍ଶନ ଓ ଅଭିମାନବୋଧର ମଧ୍ୟ ଚମତ୍କାର ସଂଯୋଗ ଘଟିଛି । ଫଳରେ ପାରମ୍ପରିକତା ଓ ଆଧୁନିକ ମାନସିକତାର ହୋଇଛି ସୁସମନ୍ୱୟ । ଏହି ସମନ୍ୱୟ ଜଗନ୍ନାଥ ଚେତନାକୁ ନୂତନ ବିଭବରେ ବିଭବଶାଳୀ କରିଛି । ତାଙ୍କ ବାସ୍ତବବାଦୀ ଦୃଷ୍ଟିରେ, କବି ବନମାଳୀ ମାଗିଥିବା 'ହାତେ ଶରଧାବାଲି'ର ସ୍ୱରୂପ ହୋଇଛି ଏହିପରି –

'ଶରଧା ବାଲିତ କିଆରି କିଆରି ସେଥିରେ ପଡ଼ିଛି ସିଆ
କିଏ ସେ କଲାଣି ଶଙ୍ଖ ମଲମଲ ପାଚେରି କେତିଠି ଠିଆ'

ଏପରି ପରିସ୍ଥିତିରେ ଜଗନ୍ନାଥଙ୍କୁ କବିଙ୍କର ସ୍ୱାଭାବିକ ପ୍ରଶ୍ନ ହେଉଛି –

'ତୁମେ ସତ୍ୟ ଆହେ ବଉଦ ମୂରତି
ବସିଚ ଆରାମେ ଧର୍ମ କୀରତି
ତୁମେ ସତ୍ୟ ଚିର ଶାନ୍ତି ପ୍ରତୀତି
ନୀଳକନ୍ଦରେ ବାନ୍ଧିଚ ବସତି

ଲିଭାଇବ କିଏଁ କିଏ ହେ
ବୁଦ୍ଧ ମହାବାହୁ ବୁଦ୍ଧ ହେ ।'
(ଜଗନ୍ନାଥଙ୍କୁ ଏକ ଜଣାଣ)

କବି ଫନୀ ମହାନ୍ତିଙ୍କ ଲେଖନୀରେ ମଧ୍ୟ ସେଇ ସଂଶୟ ଓ ପ୍ରଶ୍ନବାଚୀର ସ୍ୱର :

'କି ମାନ ମିଳିବ ପ୍ରଭୁ !
ଜପି ଜପି ତମ ନାମ ଅଯଥାରେ । କଷ୍ଟ ଦେଇ
ଆପଣା ଶରୀରେ । କି ସୁଖ ପାଇବା ପାଇଁ
ଆମେ ସବୁ ହାଉଳାଉ ଶରଧା ବାଲିରେ.....'(ପ୍ରାର୍ଥନା)

ସମକାଳୀନ ଓଡ଼ିଆ କବିତା ଯୁଦ୍ଧୋତ୍ତର ସମଯର ଆନ୍ତର୍ଜାତିକ ସମସ୍ୟା, ଅର୍ଥନୈତିକ ବୈଷମ୍ୟ ଓ ମୂଲ୍ୟବୋଧ ରହିତ ରାଜନୀତି ସହିତ ମଣିଷ ମନର ନିଃସଙ୍ଗତା, ଆତ୍ମକେନ୍ଦ୍ରିକତା, ବୌଦ୍ଧିକତା ଓ ବିଚ୍ଛିନ୍ନତାବୋଧକୁ ବିଶେଷ ପ୍ରାଧାନ୍ୟ ଦେଇଆସିଛି । ବିସ୍ମୟଜନକ ବୈଜ୍ଞାନିକ ଯୋଗାଯୋଗ ମାଧ୍ୟମରେ, ଏହି ମାନସିକତା ପ୍ରଥମେ ପାଶ୍ଚାତ୍ୟ ସାହିତ୍ୟ ଓ ପରେ ପରେ ବିଶ୍ୱର ଅନ୍ୟାନ୍ୟ ସାହିତ୍ୟରେ ପ୍ରକାଶିତ ହେଲା । ସମକାଳୀନ ଓଡ଼ିଆ କବିତାର ଏଇ ବିଶ୍ୱ ପରିକ୍ରମା ମଧ୍ୟରେ ଜଗନ୍ନାଥ ଚେତନାର ପାରମ୍ପରିକତାରେ ଯେ କିଛି ପରିମାଣରେ ଶିଥିଳତା ଆସିବି, ଏଥିରେ ସନ୍ଦେହ ନାହିଁ । ପ୍ରାଚୀନ ଓ ମଧ୍ୟଯୁଗୀୟ କବିତାରେ, ଜଗନ୍ନାଥଙ୍କ ପ୍ରତିଥିଲା କବି ମନର ଅଟଳ ବିଶ୍ୱାସ ଓ ସମ୍ପୂର୍ଣ୍ଣ ସମର୍ପିତ ଭାବ । କିନ୍ତୁ ସମକାଳୀନ କବିତାରେ ବିଶ୍ୱାସର ସେ ସ୍ୱର ଓ ସମର୍ପଣର ସେ ଆକୁତି, ପରିସ୍ଥିତି ତଥା ପରିବେଶର ପ୍ରଭାବରେ ଦୋହଲି ଯାଇଛି । ପ୍ରାଚୀନ ଓ ମଧ୍ୟ ଯୁଗର କବିମାନେ ନିଃସନ୍ଦେହ ଥିଲେ ଯେ, ଜଗନ୍ନାଥ ହେଉଛନ୍ତି ସବୁ କିଛିର ଆଦିମୂଳ । ଏପରିକି ଜୀବ ଓ ଜଗତ ସୃଷ୍ଟିର ମଧ୍ୟ । ଏହି ବିଶ୍ୱାସ ହିଁ ଥିଲା ଯଥେଷ୍ଟ । କିନ୍ତୁ ସମସାମୟିକ କାଳର ସବୁ କବି ଏ ବିଶ୍ୱାସକୁ ପୂର୍ଣ୍ଣତଃ ଗ୍ରହଣ କରିପାରି ନାହାନ୍ତି । ପ୍ରଶ୍ନର ପ୍ରଗଣାରେ ଠିଆ ହୋଇ କବିର ଅସହାୟ ବ୍ୟକ୍ତି-ସତ୍ତା ଗାଇ ଉଠିଛି –

'ତଥାପି ଅବୁଝା ହୋଇ ମୁଁ ପୁନଶ୍ଚ ଡାକେ
ତମେ ପ୍ରଭୁ ଦେଖା ଦିଅ,
କଥା କହ ଓ ବୁଝାଅ ମୋତେ
କେଉଁ ପରି ଅଣାକାର ବ୍ରହ୍ମ ନେଇ
ତମେ ମୋତେ କରିଲ ସଞ୍ଚାର ।'

(ଜଣାଣ–ମୃତ୍ୟୁଞ୍ଜୟ ନାରାୟଣ ରଥ)

ସମକାଳୀନ ମାନସିକତାରେ ଜଗନ୍ନାଥ ତତ୍ତ୍ୱର ଏପରି ଅନୁଶୀଳନ କେତେକ 'ଅନାମ' କବିତାରେ ମଧ୍ୟ ଲକ୍ଷ୍ୟ କରାଯାଇ ପାରେ ।

ସମକାଳୀନ ସମାଜର ମଣିଷ, ଜୀବନର ଜଟିଳତାରେ ପ୍ରଚଣ୍ଡ ଭାବରେ ଆକ୍ରାନ୍ତ । ସେ ଯେଉଁ ସମୟ ଓ ସମାଜକୁ ପ୍ରତି ମୁହୂର୍ତ୍ତରେ ଭେଟୁଛି, ସେ ସମୟ ଓ ସମାଜ ବହୁବିଧ ସମସ୍ୟା, ସଙ୍କଟ ଓ ଘୋର ପାପାଗ୍ନିର ମଧ୍ୟରେ ନିମଜ୍ଜିତ । ତେଣୁ ତା' ମନର ପ୍ରଶାନ୍ତି ଆଜି ବ୍ୟାହତ–ବିଧ୍ୱସ୍ତ । ଜୀବନ ତା' ପାଇଁ ଯେପରି ଦୁର୍ବିସହ ଯନ୍ତ୍ରଣାର 'ଟିପାଖାତାଟିଏ । କବି ଗୁରୁପ୍ରସାଦ ତେଣୁ ଏଇ ଅସହ୍ୟ ଜୀବନ ଯାତ୍ରାରୁ ମୁକ୍ତି କାମନା କରି କହିଛନ୍ତି –

'ମହାପ୍ରଭୁ ମୁକ୍ତି ଦିଅ
ଏହି ଯାତ୍ରା ଶୁଭ ହେଉ ତୁମର ଦୟାରୁ
ଏହି ଯାତ୍ରା ହେଉ ମୋର ଶେଷଯାତ୍ରା ଏ ଦେହରୁ

ତୁମର ସଂହାର ଦେଖି
କହୁଚ ବହୁତ କ୍ଲାନ୍ତି, ପୁନରୁକ୍ତି ଏ ଅସାର
ଥାଉ ତୁମ ଦୟା, କ୍ଷମା, କରୁଣାର ସମୁଦ୍ର କୂଳକୁ'

(ଅକ୍ରୁର ଉବାଚ)

ଏହି ମାନସିକ ସନ୍ତୁଳନ ମଧ୍ୟରେ ହିଁ କବି ଦୁର୍ଗାମାଧବ ମିଶ୍ର ପ୍ରଭୁଙ୍କ ଶ୍ରୀଚରଣରେ କରିଛନ୍ତି ଶରଣ ଭିକ୍ଷା –

'ଅର୍ଦ୍ଧେକ ବର୍ଷ ଗଲା ଅନୀତିର ସଙ୍ଗେ ଯୁଝି ଯୁଝି
ମାଂସପେଶୀ ଶିଥିଳିତ ହୀନବଳ ପଥ ଖୋଜି ଖୋଜି
ପୁଷ୍ପଶେଷ ଦେଇ ଆଜି ତୁମ ପଦେ ପଶିଛି ଶରଣ
ତୁମେ ମୋତେ ଆଶ୍ରା ଦିଅ, ପଠାଅନି ଆଉ ରଣାଙ୍ଗନ
ମଧ୍ୟାହ୍ନର ତୀବ୍ର ଦାହେ ତୁମ ପଦ ସ୍ନିଗ୍ଧ ଛାୟା ତଳେ
ଟିକିଏ ମୁଁ ଲୋଟିଯାଏ, ଉଠିବିଥି ନାହିଁ କଦାପିକେ'

(ଆକୁଳ ମିନତି)

ବ୍ୟକ୍ତିଗତ ଜୀବନର ଏଇ ମୁକ୍ତି ପିପାସା ଯେ ପରିତ୍ରାଣର ଏକମାତ୍ର ପଥ ନୁହେଁ, କବି ସେ କଥା ବୁଝେ । ଜଣେ କବି ଅଥବା ଜଣେ ବ୍ୟକ୍ତି, ଜୀବନର ଏ ଦୁଃଖସହ ଛିଡ଼ୁ ମୁକ୍ତି ପାଇଗଲେ ସଂସାର ମୁକ୍ତି ପାଇଯାଏ ନାହିଁ । ବରଂ ଯେଉଁ ମଣିଷର ଅପରିଣାମଦର୍ଶିତାରୁ ଜଗତ ଓ ଜୀବନ ଜଟିଳ ହୋଇଛି, ସେଇ ହୃଦୟହୀନ ମଣିଷର ନବ କଳେବର ପାଇଁ କବି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି:

'ଦେବତାର ଆଜି ନବ କଳେବର ବେଳେ
ହୃଦୟ ବିହୀନ ମଣିଷର ହେଉ ନବ କଳେବର ଥରେ'

(ନବକଳେବର–ଗୋପାଳ ଚନ୍ଦ୍ର ମିଶ୍ର)

ଏହି ଆବେଗ ମଧ୍ୟ ନେତ୍ରାନନ୍ଦ ସାମନ୍ତରାୟଙ୍କ 'ରତ୍ନ ସିଂହାସନ' କବିତାରେ ପ୍ରକାଶିତ ହୋଇଛି ଅନ୍ୟ ଭାବରେ–

'ଜଗନ୍ନାଥେ! ଏ ଜାତିକୁ ସ୍ଥାନ ଦିଅ
ଭୁଜଦଣ୍ଡେ ରକ୍ଷ ମହାପ୍ରଭୁ
ଏ ଜାତିର ଭବିଷ୍ୟତ ପୂର୍ବାପେକ୍ଷା ସ୍ୱର୍ଣ୍ଣଦୀପ୍ତ ହେଉ
ହୃଦୟ ଗଭୀର ହେଉ, ମନ ହେଉ ବିରାଟ ଉତ୍ତୁଙ୍ଗ
ଏ ଜାତିର ପ୍ରାଣଶକ୍ତି ସଂଜୀବିତ ହେଉ ମହାପ୍ରଭୁ'

ଏଇ ଇଚ୍ଛା ଓ ଆଗ୍ରହ ମଧ୍ୟରେ ଗୋଟିଏ କଥା ଅନ୍ତତଃ ସ୍ପଷ୍ଟ ଯେ, ଯେତେ ସଂଶୟାଚ୍ଛନ୍ନ, ଯେତେ ଯୁକ୍ତିନିଷ୍ଠ ତଥା ବୁଦ୍ଧିବାଦୀ ହେଲେ ମଧ୍ୟ ସମକାଳୀନ କବି ଜଗନ୍ନାଥଙ୍କ ଅଲୌକିକ ଲୀଳା ସମ୍ପର୍କରେ ସମ୍ପୂର୍ଣ୍ଣ ଅବହିତ । ଯାହାଙ୍କୁ ଆଶ୍ରା କରି ଓଡ଼ିଆ ଜାତି ଇତିହାସର ଦୁର୍ଗମ ପଥ ଅତିକ୍ରମ କରି ଆସିଛି, 'ସେ' ହିଁ ତାକୁ ଜୀବନର ତିମିରାଭିଯାନରୁ ରକ୍ଷା କରି ପାରିବେ, ସାରା ଜଗତକୁ ମୈତ୍ରୀ ବନ୍ଧନରେ ବାନ୍ଧି ପାରିବେ, ସମକାଳୀନ ସମାଜ ଓ ମଣିଷକୁ କାଳର ବିବର୍ଣ୍ଣ ଛାଇରୁ ମୁକ୍ତି ଦେଇ, ତା' ହାତରେ ଧରାଇ ଦେଇ ପାରିବେ ବଞ୍ଚି ରହିବାର ନୂତନ ବର୍ଣ୍ଣବୋଧ । ଏଇ ବିଶ୍ୱାସ, ଏଇ ଭରସା ଓ ଏଇ ପ୍ରତ୍ୟୟ ମଧ୍ୟରେ ସମକାଳୀନ କବି ଜଗନ୍ନାଥ ଚେତନାର ଅନନ୍ୟ ରହସ୍ୟକୁ ବ୍ୟକ୍ତ କରିଛନ୍ତି ଆପଣାର 'ନିଜସ୍ୱ ଶୈଳୀ'ରେ । ସମକାଳୀନ ଓଡ଼ିଆ କବିତାରେ ଜଗନ୍ନାଥ ଚେତନାର ପାରମ୍ପରିକ ଧାରା ମଧ୍ୟ ବେଶ୍ ବେଗବତୀ । ଶହ ଶହ ବର୍ଷ ଧରି ଓଡ଼ିଆ ଜାତି ଜଗନ୍ନାଥଙ୍କୁ ଖାଲି ପୂଜା ଉପାସନା କରିନାହିଁ, ନିଜକୁ ସେ ସମ୍ପୂର୍ଣ୍ଣ ନିବେଦନ କରିଛି ତାଙ୍କ ଶ୍ରୀଚରଣରେ । ଓଡ଼ିଆ ଜାତିର ଉପଲବ୍ଧିରେ ଶ୍ରୀଜଗନ୍ନାଥ ହେଉଛନ୍ତି ପରମ୍ପରାର ଏକ ସର୍ବକାଳୀନ ପ୍ରତୀକ । ସମକାଳୀନ ଓଡ଼ିଆ କବିତାରେ ଜାତିର ଏ ପ୍ରାଣ–ସ୍ପନ୍ଦନ ପ୍ରକାଶିତ ହେବା ସ୍ୱାଭାବିକ । ଏହି ଦୃଷ୍ଟିରୁ ଯାହା ବିଶେଷ ଭାବରେ ଆମର ଦୃଷ୍ଟି ଆକର୍ଷଣ କରିଥାଏ, ତାହା ହେଉଛି ଜଗନ୍ନାଥଙ୍କର ଶ୍ରୀଅଙ୍ଗ ଶୋଭା । ଦାରୁଦେବତା ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଅନ୍ୟ ସବୁ ଦେବ–ଦେବୀଙ୍କ ବିଗ୍ରହଠାରୁ ରହସ୍ୟମୟ ଭାବରେ ସ୍ୱତନ୍ତ୍ର ହୋଇଥିବାରୁ କବି ମନରେ ସେ ରହସ୍ୟ ଭେଦର ଆକୁଳତା ପ୍ରକାଶିତ ହୋଇଛି ଅତି ତୀବ୍ର ଭାବରେ । ପ୍ରାଚୀନ ଓ ମଧ୍ୟଯୁଗୀୟ କବିମାନଙ୍କ ପରି ସମକାଳୀନ କବି ଜଗନ୍ନାଥଙ୍କ ଶୋଭା ଓ ସୌନ୍ଦର୍ଯ୍ୟର ବର୍ଣ୍ଣନା କରିଥିଲେ ମଧ୍ୟ ତାର ଦୃଷ୍ଟିଭଙ୍ଗୀରେ କାଳର ପରିବର୍ତ୍ତିତ ଆଭିମୁଖ୍ୟଟି ସ୍ପଷ୍ଟ । ସେଥିପାଇଁ ଗାଲଦେବଙ୍କ 'ପ୍ରବଳ ମତ୍ତ ବାରଣ', କବି ବେଣୁଧର ରାଉତଙ୍କ 'ନିତ୍ୟକାଳୀଶ୍ୱରୀ' କବିତାରେ 'ନୀଳ ହାତୀ' । ଶ୍ରୀଜଗନ୍ନାଥଙ୍କ ମୁହଁରେ 'ନିଖିଳ ନୀଳିମା', ଚକ୍ଷୁ ଦ୍ୱୟରେ 'ଅନନ୍ତ କରୁଣା' । ତାଙ୍କର ଓଷ୍ଠାଧର ହେଉଛି 'ଅନୁରାଗର ତରୀ' ଆଉ ସ୍ୱରୂପ ଶୋଭାରେ ସେ 'ଐଶ୍ୱର୍ଯ୍ୟର ଅଦେସ୍ର ଲଳିତ' । କବି ସୀତାକାନ୍ତ ମହାପାତ୍ରଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥଙ୍କ ବଦାନସ୍ଥନ ହେଉଛି– 'ଡବ ଡବ କଳା ଆଖି, ତା ମାଯା ଆଖି ପରି' । ଆଉ 'ଆଶ୍ଚର୍ଯ୍ୟ ଆକାଶ'ର କବିଙ୍କ ଭାଷାରେ– 'ପଦ୍ମ ପଲାଶ ଆଖିରେ ତୁମର ଚଉଦ ଭୁବନ ଦର୍ପେ' । ଜଗନ୍ନାଥ ସ୍ତୋତ୍ର 'କବିତାରେ ଶ୍ରୀକାନ୍ତ ମହାନ୍ତି ଜଗନ୍ନାଥଙ୍କୁ ଦେଖିଛନ୍ତି 'ହାତଗୋଡ଼ ଥିବା ଏକ ବରଫ କଣ୍ଢେଇ' ଭାବରେ, ଆଉ କବି ଶରତଚନ୍ଦ୍ର ପ୍ରଧାନଙ୍କ ଦୃଷ୍ଟିରେ ଜଗନ୍ନାଥଙ୍କ ଚକା ଆଖି ହେଉଛି–

"ହୁଏତ ଏ ଆକାଶ..... ହୁଏତ ଏ ପୃଥିବୀ
ତୁମରି ନୟନର ଦୁଇଟି ଜଳଛବି
ଲିଭେନି ଲିଭାଇଲେ......ଝଟକେ ବାରଯାର
ଜଗତ ଜନଙ୍କର ଦୁଇଟି ନୀଳସ୍ୱପ୍ନ
ଦୁଇଟି ଯାଦୁଘର"

(ଦୁଇଟି ନୀଳ ଆଖି)

ପ୍ରାଚୀନ ଓ ମଧ୍ୟଯୁଗର କବିତାରେ ଜଗନ୍ନାଥଙ୍କ ରୂପ ହେଉଛି ଅପରୂପ; କିନ୍ତୁ ସମକାଳୀନ କବିତାରେ ତାହା ହେଉଛି ଅନ୍ୟରୂପ । ସେକାଳ ପରି ସମକାଳୀନ କବି ଗୋଟିଏ ନିର୍ଦ୍ଦିଷ୍ଟ ମାନସିକତା ମଧ୍ୟରେ ଜଗନ୍ନାଥଙ୍କ ରୂପ ଅଙ୍କନ କରିନାହିଁ । ପ୍ରତ୍ୟେକ କବି ନିଜ ନିଜ ଦୃଷ୍ଟିକୋଣରୁ ତାଙ୍କୁ ଦେଖିଛନ୍ତି ଓ ସେଇ ନିର୍ଦ୍ଦିଷ୍ଟ ଦୃଷ୍ଟିଭଙ୍ଗୀଟିକୁ ଆପଣା ଢଙ୍ଗରେ କବିତାରେ ରୂପାୟିତ କରିଛନ୍ତି । ଜଗନ୍ନାଥ–ଚେତନା ପ୍ରକାଶରେ ଏ ଧାରା ଯେ ଅଭିନବ, ଏଥିରେ ସନ୍ଦେହ ନାହିଁ ।

ଜଗନ୍ନାଥ ଚେତନାର ଉଦ୍ଭବ ଓ କ୍ରମ ବିକାଶ ସମ୍ପର୍କରେ ଏଯାବତ୍ ବହୁ ଗବେଷଣାସବ ତଥା ବୌଦ୍ଧିକ ଆଲୋଚନା ହୋଇଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ସୃଷ୍ଟି ରହସ୍ୟ ଢୋଡ଼ି ରହିଛି ମେଘ ଢଙ୍କା ଆକାଶ ପରି ନିବୁଜ.....ନିରନ୍ଧ୍ର । ଏ ରହସ୍ୟର ମୂଳ ଖୋଜି ଆମେ ଇନ୍ଦ୍ରଦ୍ୟୁମ୍ନ ଓ ବିଶ୍ୱାବସୁଙ୍କ ପାଖରେ ପହଞ୍ଚିଲା ପରେ ଆଉ ବେଶୀ ଦୂର ଆଗେଇ ପାରି ନାହୁଁ । ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ନୂତନ ତଥ୍ୟ ଆଲୋକକୁ ନ ଆସିବା ପର୍ଯ୍ୟନ୍ତ ଆମକୁ ହୁଏତ ନୀଳ ପର୍ବତର ଏଡ଼ ଶବର ପଲ୍ଲୀରେ ଆହୁରି କିଛି ଦିନ ଅଟକି ରହିବାକୁ ପଡ଼ିପାରେ । ଚେତ

ଏ କଥା ମଧ୍ୟ ସତ୍ୟ ଯେ, ଜଗନ୍ନାଥଙ୍କର ଏହି ରହସ୍ୟମୟତା ହିଁ ଆମକୁ ଜଗନ୍ନାଥଙ୍କ ସମ୍ପର୍କରେ ମନଇଚ୍ଛା କଳ୍ପନା କରିବାକୁ ସୁଯୋଗ ଦେଇଛି । ପୁଣି ଏହି ରହସ୍ୟମୟତା ମଧ୍ୟ ଆମ ପାଇଁ ହୋଇଛି ଆକର୍ଷଣର କେନ୍ଦ୍ରବିନ୍ଦୁ । ଓଡ଼ିଶାର କବିମାନେ ଏହି ସୂତ୍ର ଧରି ଜଗନ୍ନାଥଙ୍କୁ ନାନା ଭାବରେ କଳ୍ପନା କରିଛନ୍ତି ଓ ପରିଣତିରେ ଜଗନ୍ନାଥ ହୋଇଛନ୍ତି ସର୍ବଧର୍ମ ସମନ୍ୱୟର ପ୍ରତୀକ । କିନ୍ତୁ ସବୁ ଧର୍ମ ମଧ୍ୟରେ ଯେଉଁ ଧର୍ମଟି ଜଗନ୍ନାଥଙ୍କୁ ଅଧିକ ଆପଣାର କରି ନେଇଛି, ତାହା ହେଉଛି ବୈଷ୍ଣବ ଧର୍ମ । ଶ୍ରୀଚୈତନ୍ୟଙ୍କର ପୁରୀ ଆଗମନ ଓ ଜଗନ୍ନାଥଙ୍କଠାରେ କୃଷ୍ଣତ୍ୱ ଆରୋପ ପରବର୍ତ୍ତୀ କାଳରେ ବିପୁଳ ଜନ ସମର୍ଥନ ଲାଭ କରିଥିବା ଯୋଗୁଁ ଓଡ଼ିଶାର କବିମାନେ ମଧ୍ୟ ଜଗନ୍ନାଥଙ୍କୁ କୃଷ୍ଣ ରୂପରେ ଗ୍ରହଣ କରି ନେଇଛନ୍ତି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବିଭିନ୍ନ ସେବା ପୂଜା ଓ ଯାତ୍ରା-ଉତ୍ସବ ମଧ୍ୟରେ ଶ୍ରୀଜଗନ୍ନାଥଙ୍କର କୃଷ୍ଣତ୍ୱ ଲକ୍ଷ୍ୟ କରାଯାଇଥାଏ । ଓଡ଼ିଶାର ଜନସାଧାରଣ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ କୃଷ୍ଣ ରୂପରେ ଦେଖି ଆହ୍ଲାଦିତ । କବି ସୀତାକାନ୍ତ ମହାପାତ୍ରଙ୍କର 'ପୁରୀ ମନ୍ଦିର' କବିତାରେ, ଜଗନ୍ନାଥଙ୍କୁ ଦର୍ଶନ କରି ଜଣେ ଗାଉଁଲି ଲୋକର ମନରେ ଜାଗି ଥିବା ପ୍ରତିକ୍ରିୟା ଏହିପରି ଭାବରେ ବ୍ୟକ୍ତ ହୋଇଛି-

"ଭଗବାନ ହୋଇଥାନ୍ତେ ହେଲେ
ଶାଁ ମେଲଣ ଯାଆନ୍ତ
ରାମ, ସୀତା, ଲକ୍ଷ୍ମଣ ବା ରାଧାକୃଷ୍ଣ ପରି
ମୁଣ୍ଡରେ ମୟୂରପୁଚ୍ଛ ହାତରେ ବଇଁଶୀ
ସବୁଥିରେ ଖୋଲା କଥା ସବୁ ହସ ଖୁସି"

କବି ବ୍ରହ୍ମୋତ୍ରୀ ମହାନ୍ତି ସ୍ମରଣ କରିଛନ୍ତି ଶ୍ରୀକୃଷ୍ଣଙ୍କର ରାସଲୀଳା ପ୍ରସଙ୍ଗ :

"ଏଇ ଅଶ୍ରୁ ଓ ଏଇ ହସର ସମନ୍ୱିତ ରାସ
ହେ ପ୍ରିୟତମେ !
ମୋତେ ନିତ୍ୟ ରାସର ଅଧିକାରିଣୀ କର' (ପରମ)

ସମକାଳୀନ ଓଡ଼ିଆ କବିତାରେ ଜଗନ୍ନାଥ ଚେତନା ପ୍ରକାଶର ଆଉ ଏକ ଲକ୍ଷଣୀୟ ଦିଗ ହେଲା ଦାର୍ଶନିକ ଦୃଷ୍ଟିଭଙ୍ଗୀ । ଏହି ଦୃଷ୍ଟିଭଙ୍ଗୀ ଅବଶ୍ୟ ସବୁକାଳର କବିତାରେ ଉଚ୍ଛଳିତ ହୋଇଛି । ସମକାଳୀନ ମଣିଷ ନାନା ସଂଶୟ ଓ ଦ୍ୱନ୍ଦ୍ୱ ମଧ୍ୟରେ ଅସ୍ଥିର ହେଉଥିଲେ ମଧ୍ୟ ଜଗନ୍ନାଥଙ୍କ ସମ୍ପର୍କରେ ସେ ନିଃସନ୍ଦେହ । ତା ଦୃଷ୍ଟିରେ ଜଗନ୍ନାଥ ହେଉଛନ୍ତି- ଭଗବାନ, ଈଶ୍ୱର, ବ୍ରହ୍ମ । ସେ ଅନାଦି- ଅନନ୍ତ । ସେଥିପାଇଁ କବି କଣ୍ଠରେ ଫୁଟିଛି ସେଇ ସ୍ୱର-

"ସବୁଠାରୁ ବଡ଼ ଦୁଃଖ
ବାଛି ନିଅ ସବୁଠାରୁ ଛୋଟ ହୃଦୟକୁ
ପିମ୍ପୁଡ଼ିର ଭୋକ ପରି ଆମର ଏ ପାପ ହୃଦୟତ
ନାହିଁରେ ପାରିଲ ! ତେଣୁ
ହେ ଅନାଦି, ଅନନ୍ତ ପୁରୁଷ,
ତୁମେଇ ଆମର ଦୁଃଖ

(ସେଇ ବଣାଣ-ଜୀବନାନନ୍ଦ ପାଣି)

କବି ଶୁଭେନ୍ଦୁ ମୁଣ୍ଡଙ୍କ ଚେତନାରେ ଶ୍ରୀଜଗନ୍ନାଥ ହେଉଛନ୍ତି "ବ୍ରହ୍ମ";

"ଅଥଚ ତୁମ ପାଖରେ ନିଜକୁ ସମର୍ପିତ କରି ଦେଇ
ଦେଖେ ହେ ବ୍ରହ୍ମ,
ମୋର ବନ୍ଧନୀରେ ତୁମେ ଆବଦ୍ଧ
ଚିରକାଳ
ପ୍ରତିନିୟତ ।' (ବ୍ରହ୍ମ)

ଏହି ଚେତନା କେବଳ କବିର ନୁହେଁ, ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିବା ପ୍ରାୟ ପ୍ରତ୍ୟେକ ମଣିଷର ହିଁ ଚେତନା । କେବଳ ତଫାତ ଏତିକି ଯେ କବି ଲେଖନୀରେ ଏଇ ଚେତନା ସାକାର ହୋଇଥିବା ବେଳେ, ସାଧାରଣ ମଣିଷ ମନରେ ତାହା ହୋଇଛି ନିରାକାର ।

କୋଟି କୋଟି ଓଡ଼ିଆ ଜଗନ୍ନାଥଙ୍କୁ ଦେଖନ୍ତି ବିସ୍ମୟ ବିମୁଗ୍ଧ ଦୃଷ୍ଟିରେ । ସତେ ଯେପରି ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ଆଶ୍ଚର୍ଯ୍ୟ ଆକାଶ, ଯାହାର ସୁନୀଳ ସୋହାଗରେ ମିଳେ ଜୀବନର ପରମ ପ୍ରଶାନ୍ତି । ସିଂହଦ୍ୱାରରେ, ଖରାରେ ପଡ଼ିଥିବା ଗୋଟାଏ ବାଘୁଣୀକୁ ଦେଖି କବି ବଂଶୀଧର ଷଡ଼ଙ୍ଗୀ ଯୋଉ ବିରକ୍ତିରେ ଜଗନ୍ନାଥଙ୍କ ନାଲି ଓଠ କଳା କରିବାକୁ ଖଣ୍ଡିଆ ବିଡ଼ି ଖଣ୍ଡେ ଧରାଇ ଦେଇ, ଜଗନ୍ନାଥଙ୍କ ନିକଟରେ 'ଭଉଣୀଟାକୁ ପାଖରେ ରଖିଛ ବଣ ! ସବୁକୁ ଛାଡ଼ । ସେ ଦେଖୁ ଆସି.........' ବୋଲି ଯେତେ ଦାବୀ ଅଥବା ପ୍ରତିବାଦ କଲେ ମଧ୍ୟ ଓଡ଼ିଆ ଜାତି କିନ୍ତୁ ଜଗନ୍ନାଥଙ୍କ ନିକଟରେ ଚିରକାଳ ଏହା ହିଁ କାମନା କରି ଆସିଛି-

"ମନ ହୁଏ ତୋତେ କୁଣ୍ଢାଇ ଧରିବି
ଜୀବନଟା ସାରା ବୁହାନ୍ତି ଲହ
ଦୁଃଖୀର ଧନ ତୁ ରଙ୍କ ରତନରେ
ନିରିମାଖୀ ପୁଅ, ମାଦଳା ଦିଅଁ
ଧରିଲେ ତ ତୋତେ ହାତ ଛାଡ଼ୁ ନାହିଁ
ମନବଳୁ ନାହିଁ ପକାଇ ଦେବି
ଘୁଞ୍ଚିପକେ ତୋର ଚେତନା ଲହର ଅଥଳ ଜଳେ
ହୁଡ଼ିହୁଡ଼ିଧନ କାଳେ ଯିବୁ ତୁ ବୁଡ଼ି"


(ନିରିମାଖି ପୁଅ ମାଦଳା ଦିଅଁ-ମହାପାତ୍ର ନୀଳମଣି ସାହୁ)

(୩)

ଏହା ନିଃସନ୍ଦେହ ଯେ, ସମକାଳୀନ ଓଡ଼ିଆ କବିତାରେ ରହିଛି ଜଗନ୍ନାଥ ଚେତନାର ବିପୁଳ ବିଭବ । ଶ୍ରୀଜଗନ୍ନାଥଙ୍କ ସୃଷ୍ଟି ରହସ୍ୟ, ଦାର୍ଶନିକତା, ରୂପ-ଗୁଣ କୀର୍ତ୍ତନ, ମାନ, ଅଭିମାନ ଓ ଆତ୍ମ ନିବେଦନ ପରି ପାରମ୍ପରିକ ଚେତନା ସହିତ ପରିବର୍ତ୍ତିତ ସମୟର ମାନସିକତା,ସାମାଜିକ ଦୃଷ୍ଟିଭଙ୍ଗୀ, ମୃତ୍ୟୁ ସଚେତନତା, ବ୍ୟକ୍ତିଗତ କାମନା-ବାସନାର ଜଟିଳତା ପ୍ରଭୃତି ବିଭିନ୍ନ ବିଭାବର ସମନ୍ୱୟରେ ଜଗନ୍ନାଥ ଚେତନାର ପରିସର ହୋଇଛି ବିସ୍ତୃତ । ସମକାଳୀନ କବିର ବିଚିତ୍ର ଦୃଷ୍ଟିରେ ଜଗନ୍ନାଥ ଚେତନାର ସଚିତ୍ର ରୂପ ପ୍ରକୃତରେ ଅନବଦ୍ୟ । ସେ ଯେଉଁ କାଳର ହୁଅନ୍ତୁନା କାହିଁକି; ଓଡ଼ିଆ କବି ଜଣେ ସହସ୍ର କବିତା ଲେଖି ମଧ୍ୟ ଜଗନ୍ନାଥଙ୍କ ସମ୍ପର୍କରେ କବିତାଟିଏ ଲେଖି ନ ପାରିଥିଲେ ଯେଉଁ ଅପୂର୍ଣ୍ଣତା ବୋଧକରେ, ତାହା ହିଁ ଆଜି ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ କବିତା ଲେଖିବା ପାଇଁ [illegible] ପ୍ରେରଣାର ଉତ୍ସ । ଯେତେଦିନ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ରତ୍ନ ସିଂହାସନରେ ବିରାଜିତ, ସେତେ ଦିନ ଯାଏ ସେ ପ୍ରେରଣା ବଞ୍ଚି ରହିଥିବ ଓ ଓଡ଼ିଆ କବିଙ୍କୁ ଜଗନ୍ନାଥ ଚେତନାରେ ବିହ୍ୱଳ ହେବାକୁ ଉତ୍ସାହିତ କରୁଥିବ ।

---

ରିଡର, ଓଡ଼ିଆ ବିଭାଗ,
ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ-୭୫୨୦୦୧



# ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନବକଳେବର

ଶ୍ରୀ ବିଧୁଭୂଷଣ ମାନସିଂହ

ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ରତ୍ନସିଂହାସନ ବିରାଜିତ ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା, ଶ୍ରୀଜଗନ୍ନାଥ, ଶ୍ରୀସୁଦର୍ଶନଙ୍କ ସହ ରଥ, ଘୋଡ଼ା, ସାରଥି, ପାର୍ଶ୍ୱଦେବତା ତଥା ଶ୍ରୀଙ୍କର ନବକଳେବର ଜଗତବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ । ଗତ ୧୯୯୬ ଜୁଲାଇ ସତର ତାରିଖ ଥିଲା ନବକଳେବରର ଯୁଗାବଧି (ଦୀର୍ଘ ୧୯ ବର୍ଷ ପରେ) ଏକ ଉଲ୍ଲେଖ ଯୋଗ୍ୟ ଘଟଣା ତଥା ସ୍ମୃତିବିଜଡ଼ିତ ପାରମ୍ପରିକ ଉତ୍ସବ । ଏହାର ସଫଳ ରୂପାୟନ ସେହି ଦାରୁବ୍ରହ୍ମଙ୍କର ଅପାର କରୁଣାରୁ ସମ୍ଭବ ହୋଇପାରିଲା । ସେହିଁ ପ୍ରତ୍ୟେକ କ୍ଷେତ୍ରରେ ମୂଳରୁ ଶେଷ ପର୍ଯ୍ୟନ୍ତ ସମସ୍ତଙ୍କ ଚକ୍ଷୁ, ହସ୍ତ, ପଦ, ବୁଦ୍ଧିକରଣୀରେ ବ୍ରହ୍ମ ଅଂଶ ସ୍ୱରୂପେ ବିଜେ କରି ଏପରି ଏକ ଦୀର୍ଘ ବର୍ଷ ଧରି ଅପେକ୍ଷିତ ମହାନ୍ ପରମ୍ପରାକୁ ନିର୍ବିଘ୍ନରେ ସମାହିତ କରାଇଥିଲେ । ସେଥିପାଇଁ ଆମ୍ଭେମାନେ କେବଳ ନିମିତ୍ତ ମାତ୍ର । ଶାସ୍ତ୍ରରେ ଯଥାର୍ଥରେ କୁହାଯାଇଛି :—

"ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ
ଦେବୋ ନ ଜାନାତି କୁତଃ ମନୁଷ୍ୟ ?"

ନୂତନ ବିଗ୍ରହ ନିର୍ମାଣ ପାଇଁ ଦାରୁ ଅନ୍ୱେଷଣ, ପୂଜନ, ଛେଦନ, ଆନୟନ, ବିଗ୍ରହ ନିର୍ମାଣ, ନ୍ୟାସ, ବ୍ରହ୍ମସଂସ୍ଥାପନ, ପୁରାତନ ବିଗ୍ରହ ବିସର୍ଜନ, ରଥଯାତ୍ରା ଓ ନୂତନ ବିଗ୍ରହମାନଙ୍କର ବାହୁଡ଼ା ପରେ ଶ୍ରୀନୀଳାଦ୍ରୀ ବିଜେ ପ୍ରମୁଖ ଗୁରୁଦାୟିତ୍ୱ ନିର୍ବିଘ୍ନରେ ଶାନ୍ତି ଶୃଙ୍ଖଳା ମଧ୍ୟରେ ସମାହିତ ହେବାର ପୃଷ୍ଠଭୂମିରେ ବ୍ୟକ୍ତିଗତ ତଥା ଗୋଷ୍ଠୀଗତ, ଅନୁଷ୍ଠାନଗତ ନିଷ୍ଠା, ସେବା, ସାହାଯ୍ୟ, ସହଯୋଗିତା, ଶ୍ରଦ୍ଧା ଓ ଶ୍ରମ ରହିଛି । ବିଶେଷତଃ ପୁରୀ ଜିଲ୍ଲାପାଳ, ରାଜସ୍ୱ ବିଭାଗର ଆୟୁକ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଆରକ୍ଷୀ ବିଭାଗର ସର୍ବୋଚ୍ଚ କର୍ମକର୍ତ୍ତା (D. G.)ଙ୍କର ବ୍ୟକ୍ତିଗତ ଉତ୍ସାହ, ପ୍ରେରଣା, ତତ୍ତ୍ୱାବଧାନ ନବକଳେବରର କର୍ମପ୍ରବାହକୁ ତ୍ୱରାନ୍ୱିତ କରିବାରେ ଉଲ୍ଲେଖଯୋଗ୍ୟ । ପୁନଶ୍ଚ ଶ୍ରୀଜଗନ୍ନାଥଙ୍କର ଆଦ୍ୟ ସେବକ ପୁରୀର ଗଜପତି ମହାରାଜା ଏବଂ ଶ୍ରୀମନ୍ଦିର ପ୍ରଶାସକ ଦ୍ୱୟ ନବକଳେବର ରୂପକ ନୌକାର ମଙ୍ଗୁଆଳ ଭାବେ ସମସ୍ତ ସମସ୍ୟାପୂର୍ଣ୍ଣ ମହୋଦଧିରେ ନାବ ଚଳାଇବାରେ ଯେଉଁ ଦୃଢ଼ତା ଓ ସାହସିକତା ସହ କାର୍ଯ୍ୟ କରିଛନ୍ତି ତାହା ପ୍ରଣିଧାନଯୋଗ୍ୟ । ଏହି ନୌକାର କାତ ସ୍ୱୟଂ ନୀଳାଦ୍ରୀନାଥ ସ୍ୱୟଂ ହାତ ବଢ଼ାଇ କାର୍ଯ୍ୟ କରିଛନ୍ତି ।

ସମସ୍ତ ସେବାୟତ ନିଯୋଗ, ଶ୍ରୀମନ୍ଦିର ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଆରକ୍ଷୀ ସଂସ୍ଥା, ପୌର କାର୍ଯ୍ୟାଳୟ ତଥା ସେବାସଂସ୍ଥା, ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ, ବିଦ୍ୟୁତ ବିଭାଗ, ବ୍ୟବସାୟୀ ସଙ୍ଘ, ଶିକ୍ଷାନୁଷ୍ଠାନ, ମଠ ଓ ଅନ୍ୟ ଧର୍ମାନୁଷ୍ଠାନ, ଯୋଗାଣ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ପରିବହନ ଓ ହୋଟେଲ ସଂସ୍ଥା, ଅଗ୍ନିଶମ ସଂସ୍ଥା, ଦୂରଦର୍ଶନ ଆକାଶବାଣୀ ଏମାନଙ୍କ କାର୍ଯ୍ୟ ପ୍ରଶଂସନୀୟ ।

୧୯୯୬ ନବକଳେବର ତଥା ରଥଯାତ୍ରାକୁ ଶୃଙ୍ଖଳିତ ତଥା ସର୍ବାଙ୍ଗସୁନ୍ଦର କରିବା ପାଇଁ ସାଧାରଣ ତଥା ସ୍ୱତନ୍ତ୍ର ବ୍ୟବସ୍ଥାମାନ ସୁଚିନ୍ତିତ ଭାବେ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି ତଥା ପଦାଧିକାରୀଙ୍କ ଦାୟିତ୍ୱରେ ସମର୍ପିତ ହୋଇଛି । ଏଥିପାଇଁ ପୁରୀକୁ ଆସିଥିବା ଭକ୍ତ-ଯାତ୍ରୀବୃନ୍ଦ ପ୍ରଭୁଙ୍କର ପ୍ରତି ଭକ୍ତି ରଖି ନିୟମ ମାନି ସାହାଯ୍ୟ ମଧ କରିଥାନ୍ତି । ବ୍ୟବସ୍ଥାଗୁଡ଼ିକ ହେଲା :—

## ସ୍ୱତନ୍ତ୍ର କାର୍ଯ୍ୟକ୍ରମ :

ବ୍ୟାପକ ଜନସମାଗମର ନିୟନ୍ତ୍ରଣ ଓ ସୁରକ୍ଷାରେ ଚଳାଚଳ ପାଇଁ ବିଶେଷତଃ ଶ୍ରୀମନ୍ଦିର ମୁଖ୍ୟ ପାର୍ଶ୍ୱସ୍ଥ ବେଆଇନ ଭାବେ ଅଧିକୃତ ଗୃହ, ଦୋକାନ ଗୃହ ଭାଙ୍ଗି ରାସ୍ତାଗୁଡ଼ିକ ଚଉଡ଼ା କରାଗଲା । ଏହା ନ୍ୟସ୍ତସ୍ୱାର୍ଥ ମୁଷ୍ଟିମେୟ ବ୍ୟକ୍ତିଙ୍କର ଅସନ୍ତୋଷଜନକ ହୋଇଥିଲେ ମଧ ନବେ ଶତାଂଶ ପୁରୀ ବାସିନ୍ଦା ତଥା ଯାତ୍ରୀ, ପର୍ଯ୍ୟଟକମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ଆନନ୍ଦ, ସ୍ୱାଚ୍ଛନ୍ଦ୍ୟ, ପରିମଳ ତଥା ପରିବେଶ ଅନୁକୂଳ ଘଟଣା ବୋଲି ମତ ପ୍ରକାଶ ପାଇଛି ।

## ନୀତି, ରଥ ନିର୍ମାଣ ଓ ରଥଟଣା :

ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀଗଣ ଏବଂ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ଦ୍ଦିଷ୍ଟ ସମୟରେ ରଥ ନିର୍ମାଣ ହୋଇଥିଲା । ରଥଯାତ୍ରା ପୂର୍ବ ଦିନଠାରୁ ମହାପ୍ରଭୁଙ୍କ ନୀତି ଠିକ୍ ସମୟରେ ସମ୍ପନ୍ନ ହୋଇ ରଥଯାତ୍ରା ଦିନ ନିର୍ଦ୍ଦିଷ୍ଟ ସମୟର ୧୫ ମିନିଟ୍ ପୂର୍ବରୁ (ପୂର୍ବାହ୍ନ ଘ୯-୪୫)ରେ ପହଣ୍ଡି ଆରମ୍ଭ ହେଲା । ଶ୍ରୀଜଗନ୍ନାଥଙ୍କ ପହଣ୍ଡିରେ ୨ଘଣ୍ଟା ବିଳମ୍ବ ହେବାରୁ ଛେରାପହଁରା ଘ୨-୫୦ମି ଓ ରଥଟଣା ଘ୪-୧୫ ମିନିଟ୍‌ରେ ହୋଇଥିଲା । ରଥଟଣା ଦାୟିତ୍ୱରେ ପ୍ରଶାସନିକ ଅଧିକାରୀମାନେ ରହି ଶୃଙ୍ଖଳା ସହ ରଥକୁ ଗୁଣ୍ଡିଚା ମନ୍ଦିରରେ ପହଞ୍ଚାଇ ଥିଲେ ।

## ଅସ୍ଥାୟୀ ବାସ ବ୍ୟବସ୍ଥା :

ନବକଳେବର ଉପଲକ୍ଷେ ୧୫ ଲକ୍ଷ ଜନସମାଗମ ପରିକଳ୍ପନାରେ ସହର ମଧ୍ୟରେ, ଉପକଣ୍ଠରେ ପ୍ରାୟ ୩ ଭାଗ ଲୋକଙ୍କ ପାଇଁ ଅସ୍ଥାୟୀ ବାସ-ଶିବିର

(Shed) ନିର୍ମାଣ କରାଯାଇ ସେଠାରେ ଜଳ, ଆଲୋକ, ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ହୋଇଥିଲା । ଏହାଦ୍ୱାରା ଯାତ୍ରୀମାନେ ବହୁ ସୁବିଧା ସୁଯୋଗ ପାଇଥିଲେ । ତାଳବଣିଆ, ଶାନ୍ତିଘାଟ, ଗଦାଧର ହାଇସ୍କୁଲ୍, ଲୋକନାଥ ଘାଟ, ସୁନାର ଗୌରାଙ୍ଗ ଓ ବଡ଼ଦାଣ୍ଡଠାରେ ଏହି ଅସ୍ଥାୟୀ ଶିବିର ହୋଇଥିଲା ।

## ଜନସାଧାରଣଙ୍କ ସେବା ବ୍ୟବସ୍ଥା :

ଆଶୁ ଚିକିତ୍ସା ପାଇଁ ସହର ମଧ୍ୟରେ ୩୩ଟି, ସହର ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ୧୦ଟି ଅସ୍ଥାୟୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଜୁଲାଇ ୧୪ ତାରିଖରୁ ଜୁଲାଇ ୨୪ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା । ପିପିଲି, ମଙ୍ଗଳପୁର, ନିମାପଡ଼ା, କୋଣାର୍କ, ସ୍ୱର୍ଗଦ୍ୱାର, ସାକ୍ଷୀଗୋପାଳ, ଚନ୍ଦନପୁର, ବ୍ରହ୍ମଗିରିରେ ସ୍ୱତନ୍ତ୍ର ଆମ୍ବୁଲାନ୍ସର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଏହା ବ୍ୟତୀତ ହୃଦରୋଗ ଚିକିତ୍ସା, ଦୁର୍ଘଟଣା ଜନିତ ଚିକିତ୍ସା, ରକ୍ତ ଓ ଔଷଧ ମହଜୁଦ ରଖିବା, ନାଳନର୍ଦ୍ଦମା ସଫେଇ, ସହର-ପରିମଳ, ପୁଷ୍କରିଣୀ ଓ କୂପଶୋଧ, ଶୌଚାଳୟର ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ୧୮.୩୮ ମିଲିୟନ ଅଧିକ ପାନୀୟ ଜଳ ଯୋଗାଣ ପାଇଁ ନୂତନ ନଳକୂପ ସ୍ଥାପନ, ଅସ୍ଥାୟୀ ପାଣିକଳ ସ୍ଥାପନ କରାଯାଇଥିଲା । ତା' ବ୍ୟତୀତ ପାଣି-ଟ୍ୟାଙ୍କର ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ର ସହ ଥିଲା ।

ପୁରୀକୁ ଯାତାୟତ କରୁଥିବା ଯାତ୍ରୀମାନଙ୍କର ସୁବିଧା ପାଇଁ ପୁରୀଠାରୁ ୫ କି: ମି: ଦୂରରେ ତାଳବଣିଆଠାରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କରାଯାଇଥିଲେ ମଧ୍ୟ ସେଠାରୁ ଯଥା ସଂଖ୍ୟକ ଟାଉନ ବସ୍, ଅଟୋରିକ୍ସାର ବ୍ୟବସ୍ଥା ହୋଇଥିଲା । ନିରବଚ୍ଛିନ୍ନ ଆଲୋକ ଯୋଗାଣ ବିଦ୍ୟୁତ୍-ବିଭାଗ କରିପାରିଥିଲା ।

## ଉତ୍ସବମୁଖର ମନୋରଞ୍ଜନ :

ଗୁଣ୍ଡିଚା ମନ୍ଦିର ପାର୍ଶ୍ୱସ୍ଥ ଭୋଳାନାଥ ବିଦ୍ୟାପୀଠର ସଘନ ଆମ୍ର ଉପବନରେ "ଗ୍ରାମଶ୍ରୀ ମେଳା"ର ପ୍ରଦର୍ଶନୀ ମଞ୍ଚ, ଲୋକନୃତ୍ୟ ତଥା ଧର୍ମ-ପ୍ରବଚନ ମଞ୍ଚ, ଶରଧାବାଲିର ବିଭିନ୍ନ ଶିଳ୍ପ, ଉଦ୍ୟୋଗୀଙ୍କର ସୁଦୃଶ୍ୟ ଆଲୋକିତ ଷ୍ଟଲ୍ ଯାତ୍ରୀମାନଙ୍କର ସମସ୍ତ ତଥା ମନୋରଞ୍ଜନ ପାଇଁ ଯଥେଷ୍ଟ ଆକର୍ଷଣୀୟ ହୋଇଥିଲା ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପୌର ସଂସ୍ଥାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସହ ୨୫ଟି ଓ ଅନ୍ୟାନ୍ୟ ୫ଟି ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପିତ ହୋଇ ହଜିବା, ଖୋଜିବା ଲୋକଙ୍କୁ ସାହାଯ୍ୟ କରିବା, ବିଭିନ୍ନ ସରକାରୀ ତଥା ବେସରକାରୀ ସୂଚନା, ସମ୍ବାଦ ସରବରାହ କରିବା, ଦାସକାଠିଆ, ପାଲା, ଛଉ କାର୍ଯ୍ୟକ୍ରମ, ବିଭିନ୍ନ ୧୦ଟି ସ୍ଥାନରେ ଟି: ଭି: ସ୍ଥାପନ ଦ୍ୱାରା ଜନ-ସେବା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ କ୍ଷେତ୍ର ପ୍ରଚାର ସଂସ୍ଥାର ସହଯୋଗ ମଧ୍ୟ ପ୍ରଶଂସନୀୟ ।

ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଯୋଗାଣ ପାଇଁ ଅସ୍ଥାୟୀ ଭାବେ ୬ଟି ସୁଲଭ ମୂଲ୍ୟ ଦୋକାନ ଖୋଲାଯାଇଥିଲା । ପ୍ରାୟ ୧୦ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଜଳ, ସ୍ୱାସ୍ଥ୍ୟ ସେବା, ସୂଚନା ସାହାଯ୍ୟ କରାଯାଇଥିଲା ।

ଡାକଘର ବିଭାଗ ତରଫରୁ ପର୍ଯ୍ୟଟକ ତଥା ସହରବାସୀଙ୍କ ପାଇଁ ଡାକ ଉପକରଣ ଯୋଗାଣ ଓ ସେବା ସହିତ ରାତ୍ରିକାଳୀନ ଡାକସେବା ଓ ପବ୍ଲିକ୍ କଲ୍ ଅଫିସ୍ କାର୍ଯ୍ୟକାରୀ କରାଯାଇଥିଲା ।

ସର୍ବୋପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଇଚ୍ଛା ହିଁ ଏସବୁର ନିୟାମକ – ଜୟ ଜଗନ୍ନାଥ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ପୁରୀ




# ସୁଦିନ କି ସତେ ନ ଦେବ ଆଉ !

*ଶ୍ରୀ ଗୌରଚନ୍ଦ୍ର ମହାପାତ୍ର*

ତୁମେ ରହିଗଲ ବଡ଼ ଦେଉଳରେ
ଆପଣାର ସୁଖେ ବିଭୋର ହୋଇ,
ଉତ୍କଳ କାନ୍ଦୁଛି ଅତି ଆରତରେ
ଅଶ୍ରୁଜ ନୟନ ଲୋତକେ ଧୋଇ ।
ସାଗରେ ଦେଇଛ ଅମୂଲ୍ୟ ରତନ
ମାଟିତଳେ ହୀରା ନୀଳାର ଖଣି,
ବନ ପରବତେ ଅମୂଲ୍ୟ ସମ୍ପଦେ
ତୁମେ ତ କରିଛ ଆମକୁ ଧନୀ ।
ତଥାପି କି ଲାଗି ଏ ମାଟିର ପୁଅ
ପରବାସେ ଯାଏ ସ୍ୱବାସ ଛାଡ଼ି,
ପେଟ ପୋଷିବାକୁ ଦାଦନ ଶ୍ରମିକ
ଅଜଣା ରାସ୍ତାରେ ଦିଅନ୍ତି ଧାଡ଼ି ।
ଅତୀତରେ ତୁମେ କଳାଧଳା ଯୋଡ଼ା
ବଢ଼ି ରଖିଥିଲ ଏ ଜାତି ମାନ,
ସବୁଥାଇ ଆଜି 'ଉତ୍କଳ'ରୁ 'କଳା'
କରିନେଲା କିଏ ବିଏ ହରଣ !
ତୁମରି ଆଶ୍ରିତ ଏଜାତି ଆରତ
ତୁମାରୀ ଶୁଣି କି ପଡ଼ିଲ ଶୋଇ,
ମହାପ୍ରଭୁ ତୁମ ମହତପଣକି
ତୁମଠାରୁ ଖସ ନେଇଛି ବୋହି ।
ହୀରା ନୀଳା ମଣି ମାଟି ତଳେ ଥାଉ
ମଜୁରି ସାଧୁଛି କି ଲାଗି ଭାଉ,
ଏ ଜାତିର ଦୁଃଖ ଦୂର କରି ତୁମେ
ସୁଦିନ କି ସତେ ନ ଦେବ ଆଉ !

କାଉ କୁଟୀର,
କୁଆକଲାର, ଭଦ୍ରକ-ପିନ୍-୭୫୬୧୦୦

# ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ



ଶ୍ରୀ ଅବନୀ କୁମାର ପଟ୍ଟନାୟକ

ଶ୍ରୀଜୀଉମାନଙ୍କର ଅନବସର ଅବସ୍ଥାନର ଉଦ୍‌ଯାପନରେ ରଥଯାତ୍ରାର ଷଷ୍ଠକ ଉପକ୍ରମ ଆରମ୍ଭ ହୋଇଥାଏ । ଦୀର୍ଘ ପଞ୍ଚଦଶ ବ୍ୟାପୀ ଅଣସର ଅବସରରେ ସର୍ବସାଧାରଣଙ୍କ ଦୃଷ୍ଟି ଅନ୍ତରାଳରେ ମହାପ୍ରଭୁମାନଙ୍କର ଶ୍ରୀପଟ୍ଟ ଚିତ୍ର, ପଟ୍ଟପରିବର୍ତ୍ତନ ତଥା ବର୍ଣ୍ଣିକରଣ ପ୍ରଭୃତି ସକଳ କାର୍ଯ୍ୟ ଯଥାବିଧି ସମ୍ପାଦିତ ହୋଇ ଉକ୍ତ ଅମାବାସ୍ୟାର ପ୍ରତ୍ୟୁଷରୁ ଅଣସର ଟାଟି ଫିଟିବାରେ ପ୍ରଥମେ ସେବକ ତତ୍ ପରେ ସର୍ବସାଧାରଣ ଶ୍ରୀବିଗ୍ରହମାନଙ୍କର ନବବିହିତ ବିଗ୍ରହ ଦର୍ଶନର ସୁଯୋଗ ଲାଭ କରିଥାନ୍ତି । ତାହା ହିଁ ନବଯୌବନ ଦର୍ଶନ ନାମରେ ସର୍ବଜନ ବିଦିତ । ଏହାପରେ ଅନ୍ୟାନ୍ୟ ନୀତି ସରିବା ପରେ ତିନିଜଣ ପୂଜାପଣ୍ଡା ତିନି ଠାକୁରଙ୍କୁ ଶ୍ରୀନେତ୍ର ଲାଗି କରନ୍ତି । ଏହାକୁ 'ନେତ୍ରୋତ୍ସବ' କୁହାଯାଏ ।

ପହଣ୍ଡିର ଠିକ୍ ଅବ୍ୟବହିତ ପୂର୍ବରୁ ଖଟଶେଜନିଯୋଗ ଚୁନପାଣି ପକାଇ ସଫିବା ପରେ ଦୟଣା ମାଳି ଯେଉଁ ପଥରେ ପୁଷ୍ପ ନିକ୍ଷେପ କରନ୍ତି, ସେହି ପଥରେ ମହାପ୍ରଭୁମାନେ ପହଣ୍ଡିରେ ବିଜେ ହୋଇ ରଥାରୂଢ଼ ହୋଇଥାନ୍ତି । ଦେବସ୍ନାନ ପୂର୍ଣ୍ଣିମା ପୂର୍ବାହ୍ନରେ ମହାପ୍ରଭୁମାନେ ଧାଡ଼ି ପହଣ୍ଡିରେ ପୂର୍ବ ମୁଖ ହୋଇ କଳାହାଟ ଦ୍ୱାର ଓ ଜୟ ବିଜୟ ଦ୍ୱାର ଅତିକ୍ରମ କରି ଗରୁଡ଼ସ୍ତମ୍ଭ ପର୍ଯ୍ୟନ୍ତ ସିଧା ଅଗ୍ରସର ହେବା ପରେ ଜଗମୋହନ ସଂଲଗ୍ନ ସପ୍ତର୍ଷି ଦ୍ୱାରରେ ଉତ୍ତରମୁଖ ହୋଇ ସାତ ପାହାଚ ଅବତରଣ କରିଛନ୍ତି ପୁନଶ୍ଚ ପାଟଅଗଣାରେ ପୂର୍ବାଭିମୁଖ ହୋଇ ଗତି କରିବା ପରେ କୂର୍ମବେଢ଼ାର ଐଶାନ୍ୟ କୋଣସ୍ଥ ଗୁମୁଟ ମଧ ଦେଇ ବହିର୍ଗତ ହେବା ପରେ ଆନନ୍ଦବଜାର ମଧ୍ୟରେ ସିଧା ଯାଇ ସ୍ନାନମଣ୍ଡପର ପାବଚ୍ଛ ଶ୍ରେଣୀ ଆରୋହଣ ପୂର୍ବକ ମହସ୍ନାନ ନିମିତ୍ତ ସ୍ନାନବେଦୀରେ ପୂର୍ବାଭିମୁଖ ହୋଇ ବିଜେ କରନ୍ତି ।

କିନ୍ତୁ ଶ୍ରୀଗୁଣ୍ଡିଚ୍ଚା ପୂଣ୍ୟତିଥି ପୂର୍ବାହ୍ନରେ ଶ୍ରୀମନ୍ଦିରର ଆନୁଷଙ୍ଗିକ ନୀତି ସମାପନାନ୍ତେ ମହାପ୍ରଭୁମାନେ ପୂର୍ବୋକ୍ତ ପଥ ଦେଇ କୂର୍ମବେଢ଼ାର ଗୁମୁଟ ବାଟେ ବହିର୍ଗତ ହେବା ପରେ ଆନନ୍ଦବଜାରରେ ଦକ୍ଷିଣାଭିମୁଖ ହୋଇ ବାଇଶପାହାଚ ପର୍ଯ୍ୟନ୍ତ ଅଗ୍ରସର ହୁଅନ୍ତି । ସେଠାରୁ ପୁନର୍ବାର ପୂର୍ବମୁଖ ହୋଇ ବାଇଶପାହାଚ ଅବତରଣ ପୂର୍ବକ ପିତୁଶିଳା ଓ କାଶୀବିଶ୍ୱନାଥ ପ୍ରଭୃତିଙ୍କୁ ଅତିକ୍ରମ କରନ୍ତି । ପତିତପାବନ ଓ ଫତେମହାବିର ବିରାଜିତ ସିଂହଦ୍ୱାର ଗମ୍ଭୀରା ମଧ ଦେଇ ତାପରେ ମେଘନାଦ ପ୍ରାଚୀର ବାହାରକୁ ଆସି ଅରୁଣସ୍ତମ୍ଭଠାରୁ ନନ୍ଦିଘୋଷ, ଦେବଦଳନ ଓ ତାଳଧ୍ୱଜ କ୍ରମରେ ଉତ୍ତରାଭିମୁଖୀ ହୋଇଥିବା ଅପେକ୍ଷମାଣ ରଥରେ ବିରାଜମାନ କରନ୍ତି । ସୁଦର୍ଶନ ଅରୁଣସ୍ତମ୍ଭ ପାର୍ଶ୍ୱରୁ କୁଣ୍ଡଳି ସଦୃଶ ଗୋଟିକ ପରେ ଗୋଟିଏ କ୍ରମରେ ତିନିରଥ ପରିକ୍ରମା କରି ସାରିବା ପରେ ଦେବୀରଥରେ ଓ ଦେବୀ ସୁଭଦ୍ରା ବୃତ୍ତାକାର ପଥରେ ଏକାଦିକ୍ରମେ ରଥଦ୍ୱୟ ପ୍ରଦକ୍ଷିଣ କରି ସ୍ୱୀୟ ରଥରେ ଆସୀନ ହୁଅନ୍ତି । ମାତ୍ର ବଡ଼ଠାକୁର ବଳଭଦ୍ର ଦଣ୍ଡାୟମାନ ତିନିରଥର ପାଶ୍ଚାତ୍ ଭାଗରେ ଗତି କରି ତାଳଧ୍ୱଜର ପୂର୍ବପଟେ ଯାଇ ରଥାରୋହଣ କରୁଥିବା ସ୍ଥଳେ ଶ୍ରୀଜଗନ୍ନାଥ ଅରୁଣସ୍ତମ୍ଭ ପାର୍ଶ୍ୱରେ ନନ୍ଦିଘୋଷ ସମ୍ମୁଖକୁ ଯାଇ ରଥରେ ବିରାଜମାନ କରିଥାନ୍ତି ।

ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀସୁଦର୍ଶନ ସ୍ଥୂଳତଃ ଚାରି ସ୍ୱତନ୍ତ୍ର ବିଗ୍ରହ ରୂପେ ପ୍ରତିଭାତ ହେଲେ ହେଁ ବାସ୍ତବରେ ସେମାନେ ପ୍ରତ୍ୟେକ ଶ୍ରୀଜଗନ୍ନାଥଙ୍କର ଏକ ଏକ ଭିନ୍ନ ରୂପ । ରଥଯାତ୍ରା ଅବ୍ୟବହିତ ପୂର୍ବରୁ ଶ୍ରୀଜୀଉମାନେ ଏକ ନିର୍ଦ୍ଦିଷ୍ଟ କ୍ରମରେ ଶ୍ରୀମନ୍ଦିରରୁ ରଥ ଉପରକୁ ବିଜେ କରିଥାନ୍ତି । ଏହାକୁ 'ପହଣ୍ଡିବିଜେ' କୁହାଯାଏ ।

ସୃଷ୍ଟିର ପ୍ରାରମ୍ଭରେ ଦର୍ପିଷ୍ଠ ଦାନବମାନଙ୍କ ସଂହାର ନିମିତ୍ତ ଦେବ ସମାଜର ତେଜ ପୁଞ୍ଜରେ ସୁଦର୍ଶନ ଚକ୍ରର ସୃଷ୍ଟି । ପ୍ରଜ୍ୱଳିତ ଅଗ୍ନିତୁଲ୍ୟ ତେଜ, ଲକ୍ଷାଦିତ୍ୟ ସମ ପ୍ରଭାବନ୍ତ, ବ୍ୟୂହଭେଦୀ ବଜ୍ରସମ ଶରିଯାନ ଏହି ସୁଦର୍ଶନ ଚକ୍ର ପରମ ବିଷ୍ଣୁଙ୍କ ଆୟୁଧ । ଦକ୍ଷିଣ ହସ୍ତର ତର୍ଜନୀ ଅଙ୍ଗୁଳି ଅଗ୍ରରେ ସର୍ବଦା କ୍ରିୟାଶୀଳ ଏହି ସୁଦର୍ଶନ ଯୋଗୁ ବିଷ୍ଣୁ ସର୍ବଦା ସକ୍ରିୟ ଅଟନ୍ତି । ସୌର ଶକ୍ତିର ପ୍ରତୀକ ଏହି ସୁଦର୍ଶନ କିନ୍ତୁ ଶ୍ରୀଜଗନ୍ନାଥଙ୍କ କ୍ରିୟାଶକ୍ତି ତଥା ଲୀଳାର ପ୍ରତିଭୂ । ସେ ମହାପ୍ରଭୁଙ୍କ ବାମ ପାର୍ଶ୍ୱରେ ରତ୍ନସିଂହାସନରେ ଦଣ୍ଡାୟମାନ । ଶ୍ରୀକ୍ଷେତ୍ର ସଂସ୍କୃତିରେ ସୁଦର୍ଶନ ଏକ ପ୍ରାଣସଂହାରକାରୀ ମାରଣାସ୍ତ୍ର ମାତ୍ର ନୁହେଁ, ବରଂ ସୁଦର୍ଶନ ଦେବତା । ଏହି କ୍ଷେତ୍ରେଶ୍ୱର ମହାପ୍ରଭୁଙ୍କର ଅପରକ୍ଷୀ ତଥା ରକ୍ଷାକବଚ ରୂପେ ବିଦ୍ୟମାନ । ସେହି ହେତୁ ଆତତେଶ୍ୱନ, ଅଜ୍ଞାନାନ୍ଧକାର ଦୂରୀକରଣ ସର୍ବୋପରି ଦିବ୍ୟଯାତ୍ରାର ବିଘ୍ନବିନାଶ ନିମିତ୍ତ ସୁଦର୍ଶନଙ୍କୁ ପହଣ୍ଡିଯାତ୍ରାରେ ଅଗ୍ରାଧିକାର ପ୍ରଦତ୍ତ ହୋଇଥାଏ । ସୁଦର୍ଶନଙ୍କର ସ୍ୱତନ୍ତ୍ର ରଥ ନାହିଁ । ତେଣୁ ସେ କ୍ଷିପ୍ର ଗତିରେ ଗୋଟିକ ପରେ ଗୋଟିଏ ତିନିରଥକୁ ପରିକ୍ରମା କରିବା ପରେ ସୁଭଦ୍ରାଙ୍କ ଦେବଦଳନ ରଥରେ ଆରୂଢ଼ ହୁଅନ୍ତି ।

ଏହାପରେ ସେନାପଟା ଭିଡ଼ା ତ୍ରିପୁର ବିଜୟୀ ଯୋଦ୍ଧୃ ବେଶରେ ପାଟକଣ୍ଡୁର ଆକର୍ଷଣ-ବିକର୍ଷଣ ସ୍ୱୀକାର ପୂର୍ବକ ଘଣ୍ଟ- ଘଣ୍ଟା- କାହାଳୀର ଗୁରୁଗମ୍ଭୀର ଧ୍ୱନି ମଧ୍ୟରେ ସେବକମାନଙ୍କ ଚାମର ସେବାରେ, ଚନ୍ଦନ କର୍ପୂର ବର୍ଷଣ ମଧ୍ୟରେ

ମହାରୁଦ୍ର ମହାଶିବ ବଡ଼ଠାକୁର ଶ୍ରୀବଳଭଦ୍ରଦେବ ମହାମାତବର ଠାଣିରେ ଟଳିଟଳି ପହଣ୍ଡିବିଜେ କରି ତାଳଧ୍ୱଜ ରଥରେ ବିରାଜମାନ ଉଦ୍ଦେଶ୍ୟରେ ଆଗେଇ ଆସନ୍ତି।

କାଦମ୍ବରୀ ପ୍ରମତ୍ତ ବଳଭଦ୍ରଙ୍କ ଦର୍ପିତ ପହଣ୍ଡି ପରେ ମେଘନାଦ ପ୍ରାଚୀର ବଳୟ ମଧ୍ୟରେ ନିନାଦିତ ହୁଳହୁଳି ଧ୍ୱନିର ଘୂର୍ଣ୍ଣିରେ ଭାସି ଭାସି ଚୂଆଚନ୍ଦନ, ଅଗୁରୁ, କୁଙ୍କୁମ ବାସରେ ଚତୁର୍ଦ୍ଦିଗ ବିମୋହିତ କରି, ଚତୁର୍ବର୍ଗ ପ୍ରଦାୟିନୀ ଐଶ୍ୱର୍ଯ୍ୟଦାତ୍ରୀ- ମାୟାସ୍ୱରୂପିଣୀ- କାମିଲ୍ୟବାସିନୀ ହସ୍ତପଦ ରହିତା ମାତା ସୁଭଦ୍ରିକା ଆଗମନ କରନ୍ତି। କଂସ ହସ୍ତ ନିଷ୍କ୍ରାନ୍ତା, ଊର୍ଦ୍ଧ୍ୱଗାମିନୀ ବିଦ୍ୟୁଲିକନ୍ୟା ବ୍ୟତୀତ ସେ ଅନ୍ୟ କେହି ନୁହନ୍ତି। ପହଣ୍ଡି ତାଙ୍କର ନାହିଁ। ତେଣୁ ସେ ଗ୍ଳାଲି ଗ୍ଳାଲି ଆସନ୍ତି ନାହିଁ କି ଡେଙ୍କୁ ମୁହଁ କରି ଆସନ୍ତି ନାହିଁ। ଜଗଜ୍ଜନନୀ ଯେହେତୁ ବିଶ୍ୱଶୂନ୍ୟା। ତେଣୁ ଭକ୍ତାଳସା ଆଲ୍ହାଦିତା ମା' ସୁଭଦ୍ରା ଗ୍ଳାଖବଳୟନରେ ଊର୍ଦ୍ଧ୍ୱମୁଖା ହୋଇ ବିଜେ କରନ୍ତି। ଜଗତ କଲ୍ୟାଣ ନିମିତ୍ତ ସୁଦର୍ଶନ ଓ ସୁଭଦ୍ରା ମଧ୍ୟରେ ସଂହତି ଆବଶ୍ୟକ। ତେଣୁ ସୁଭଦ୍ରା ସ୍ୱୀୟ ରଥରେ ଆସୀନ ହେବା ପରେ ମହାପ୍ରଭୁଙ୍କ କ୍ରିୟାଶକ୍ତି ଓ ଇଚ୍ଛାଶକ୍ତି- ଉଭୟଙ୍କ ମଧ୍ୟରେ ସହାବସ୍ଥାନ ପ୍ରତିଷ୍ଠିତ ହୋଇଥାଏ।


ଦେବୀ ସୁଭଦ୍ରାଙ୍କ ଆଗମନ ଦୃଶ୍ୟ ଭକ୍ତ ଆତ୍ମବିଭୋର ଚିତ୍ତରେ ଉପଭୋଗ କରୁଥିବା ଅବସରରେ ସପ୍ତର୍ଷି ଦ୍ୱାର ସାତପାହାଚ ଉପରେ ଶ୍ରୀଜଗନ୍ନାଥଙ୍କୁ ଟାହିଆ ଲାଗି ପରେ କର୍ପୂର ଆଳତି, ଅକ୍ଷତାଞ୍ଜଳି, ବଳିତା ଆଳତି, ପୁଷ୍ପାଞ୍ଜଳି, ପଞ୍ଚାଲାଗି ଓ ତାମ୍ବୁଳଲାଗି ପ୍ରଭୃତି ବହୁବିଧ ଅର୍ଚ୍ଚନା ମଧ୍ୟରେ ବନ୍ଦାପନା କରି ମହାପ୍ରଭୁଙ୍କୁ ପହଣ୍ଡି କରାଇବା ନିମିତ୍ତ ସେବକମାନଙ୍କର ଉଦ୍ୟମ ଅବ୍ୟାହତ ଥାଏ। ମାତା ସୁଭଦ୍ରା ଏବାଦିଏମେ ସବୁରଥ ପରିକ୍ରମା କରି ଦେବଦଳନରେ ଆରୂଢ଼ ହେବା ପରେ ଆତ୍ମବିସ୍ମୃତି ଗର୍ଭରୁ ନିଜକୁ ଆବିଷ୍କାର ପୂର୍ବକ ଶ୍ରୀଜୀଉଙ୍କ ଜଗଜନ ପ୍ରତୀକ୍ଷିତ ଦିବ୍ୟ ପହଣ୍ଡିଲୀଳା ପ୍ରଦର୍ଶନ କରି ଜୀବନ ଧନ୍ୟ କରିବା ଅଭିଳିପ୍ସାରେ ଉଦ୍‌ବେଳିତ ହୋଇଉଠେ- ଭକ୍ତ ହୃଦୟ। ଉକ୍ତିଷ୍ଟ ଔପଚାରିକ ନୀତିନିର୍ବାହ ଜନିତ ଅହେତୁ ବିଳମ୍ବରେ ଭୁଷୁଡ଼ି ପଡ଼େ ଭକ୍ତର ଧୈର୍ଯ୍ୟବନ୍ଧ। ସର୍ବଦ ଶ୍ରୁତେ ସମନ୍ୱୟର ପ୍ରଭୋ ପ୍ରଭୋ ଦ୍ୱର, ଯେଉଁଥିରେ ଅର୍ଥ ସଂଗତି ନାହିଁ କିମ୍ବା କଥାବାର୍ତ୍ତାର ଧାର୍ଯ୍ୟନୀତି ନାହିଁ। ଗହ ଗହ ନାଦରେ ସମଗ୍ର ଶ୍ରୀକ୍ଷେତ୍ର ମଣ୍ଡଳ ପ୍ରକମ୍ପିତ ହୋଇଉଠେ। ଶେଷରେ ସମସ୍ତ ଆବେଗ ଉତ୍କଣ୍ଠାର ଯବନିକା ଟାଣି ଶୁଭଶଙ୍ଖ, ଘୋଷଘଣ୍ଟ ଓ ବିଜେ କାହାଳୀର ନିନାଦରୁ ମହାପ୍ରଭୁଙ୍କ ମହାପହଣ୍ଡି ଉପକ୍ରମର ଶୁଭ ସୂଚନା ମିଳେ। ବ୍ୟାକୁଳ ଉତ୍କଣ୍ଠାର ମହାପ୍ଲାବନରେ ଦର୍ଶକ ପ୍ରାଣରେ ସୃଷ୍ଟି ହୁଏ ଅପୂର୍ବ ଶିହରଣ। କ୍ରମେ ଶଙ୍ଖ- ଭେରୀ- ତୁରୀ- କାହାଳୀ ଓ ବାଦ୍ୟ, ଘଣ୍ଟ- ଘଣ୍ଟା- କରତାଳି ଇତ୍ୟାଦି କାଂସ୍ୟବାଦ୍ୟ, ଖୋଳ- ମର୍ଦ୍ଦଳ- ପଖାଉଜ ପ୍ରଭୃତି ବାଦ୍ୟରେ ଦିଗବିଦିଗ ଫାଟି ଉଠେ। ଦର୍ଶକମାନଙ୍କ ହର୍ଷୋଲ୍ଲାସ-ଭରା ହରିବୋଲ, ହୁଳହୁଳି, ଧ୍ୱନି ମଧ୍ୟରେ, କେତକୀ- ଦୟଣା- ତୁଳସୀ- କର୍ପୂର- ଅଗୁରୁ- କସ୍ତୁରୀ, ଗୋରଚନାର ସୁରଭିରୁ ମୁରଚ୍ଛି- ଛତି- ଚାମର- ଆଲଟ- ଚାମରର ଭକ୍ତଙ୍କ ଛନ୍ଦୋବଦ୍ଧ ନୃତ୍ୟ ଅଭିଜ୍ଞ ସଂଗୀତଜ୍ଞମାନଙ୍କର ସୁଲଳିତ ଗୀତ ତଥା ସିଦ୍ଧହସ୍ତ ମର୍ଦ୍ଦଳର ମୃଦୁମନ୍ଦ ଗମ୍ଭୀର ନିନାଦ ମଧ୍ୟରେ, ଶିରରେ ଟାହିଆ ଉପରେ ଶ୍ୱେତଛତ୍ର ଟାଣି, ପୁଷ୍ପବୃଷ୍ଟି ସହି ସହି ପଣ୍ଡୁଆଳର ଏକତାଳି ଘଣ୍ଟର ତାଳେ ତାଳେ, ଖୁଲାହାତୀର ଝୁଲନ୍ତ ଗୁଳିରେ ନୀଳାଦ୍ରି ବିହାରୀ ଶ୍ରୀଜଗନ୍ନାଥ ଏକ ରାଜକୀୟ ପଟୁଆରରେ ଆସି ବାଇଶି ପାହାଚର ଉପରିଭାଗରେ ଉଭା ହେଲା ମାତ୍ରେ ଭକ୍ତମାନଙ୍କର ଆକୁଳ ଆବେଦନରେ ଶ୍ରୀମନ୍ଦିରର ପାର୍ଶ୍ୱବର୍ତ୍ତୀ ଭୂଖଣ୍ଡ ଶବ୍ଦାୟିତ ହୋଇ ଉଠେ।

ନୀଳାଦ୍ରି ବୈକୁଣ୍ଠରୁ ଧରାବତରଣ ପୂର୍ବକ ଚତୁର୍ଦ୍ଦିଗରେ ପ୍ରେମର ଧାରା ବର୍ଷଣ କରି କରି ଜନତାର ବଡ଼ଦାଣ୍ଡରେ ଉଭା ହୋଇ ଜଗଜ୍ଜନଙ୍କ ମୁଖ ବିମୋହନ ତଥା ଭକ୍ତମାନଙ୍କୁ ବନ୍ଧୁପଣେ କୋଳ କରି ଗ୍ରାହି ଚତୁର୍ବର୍ଗ ପ୍ରଦାନ କରିବା ନିମିତ୍ତ ଶ୍ରୀଜଗନ୍ନାଥଙ୍କ ବିଜୟକାଳୀନ ଉତ୍ସବର ଶୋଭା ନିଜସ୍ୱ ଅଭିବ୍ୟକ୍ତିରେ ଉପାଣିତ।

---

ଶ୍ରୀମନ୍ଦିର, ପୁରୀ





# ରଥ ନିର୍ମାଣର ରହସ୍ୟ

ପଣ୍ଡିତ ରମାକାନ୍ତ କର

ଶ୍ରୀକ୍ଷେତ୍ରରେ ବାର ମାସରେ ତେର ଯାତ୍ରା ମଧ୍ୟରେ ରଥଯାତ୍ରା ହିଁ ଏକ ଶ୍ରେଷ୍ଠ ଯାତ୍ରା । ଏହି ଯାତ୍ରାକୁ ଦଶାବତାର, ଗୁଣ୍ଡିଚାଯାତ୍ରା, ପତିତପାବନ ଯାତ୍ରା ଇତ୍ୟାଦି ନାମକରଣ କରାଯାଇଛି । ଏହି ଯାତ୍ରା କେବଳ ଓଡ଼ିଶାରେ ନୁହେଁ ସାରା ବିଶ୍ୱରେ ଏହାର ସ୍ୱାତନ୍ତ୍ର୍ୟ ରହିଛି । ଶ୍ରୀଜଗନ୍ନାଥଙ୍କର ପବିତ୍ର ଘୋଷଯାତ୍ରାକୁ ଶ୍ରୀଗୁଣ୍ଡିଚା ଯାତ୍ରା ବୋଲି କୁହାଯାଏ । କାରଣ 'ଶ୍ରୀ' ଅର୍ଥାତ୍ ଲକ୍ଷ୍ମୀ ଓ ଗୁଣ୍ଡିଚା ହେଉଛନ୍ତି ମାଉସୀଙ୍କର ନାମ । ଲକ୍ଷ୍ମୀଙ୍କୁ ପଛି ଦେଇ ତ୍ୟାଗ କରି ଭଉଣୀଙ୍କୁ ସଙ୍ଗରେ ଧରି ମାଉସୀ ଗୁଣ୍ଡିଚାଙ୍କ ମନ୍ଦିର ପ୍ରତି ଘୋଷଯାତ୍ରା କରୁଥିବାରୁ ଏହାକୁ ଶ୍ରୀଗୁଣ୍ଡିଚା ଯାତ୍ରା କୁହାଯାଇ ଥାଏ । ଶ୍ରୀଜଗନ୍ନାଥଙ୍କର ପୁରାତନ ନାମ 'ଜଗନ୍ନାଥ' ଥିଲା ବୋଲି କେତେକ କହନ୍ତି । କିନ୍ତୁ ଜଗନ୍ନାଥ ହିଁ ଜଗତର ନାଥ ଯଥା 'ଜଗତ୍+ନାଥ । କିନ୍ତୁ 'ଜଗନ୍ନାଥ' କହିଲେ ସିଂହାସନସ୍ଥ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବୁଝାଏ । ଏହାର ସିଦ୍ଧାନ୍ତ "ଶୂନ୍ୟ ସଂହିତା"ରେ ପରିଦୃଷ୍ଟ ହୁଏ । ଯଥା :

"ଜକାରସ୍ତୁ ଜଗନ୍ନାଥଃ ବଳଭଦ୍ରୋ ଗକାରକଃ ।
ନାକାର ସୁଭଦ୍ରା ରୂପା ଚ ଥକାରୋଽପି ସୁଦର୍ଶନଃ ॥

ଅର୍ଥାତ୍ 'ଜ'–ଜଗନ୍ନାଥ, 'ଗ'–ବଳଭଦ୍ର, ନା–ସୁଭଦ୍ରା ଓ 'ଥ'–ସୁଦର୍ଶନ ଏହିପରି ଚତୁର୍ଦ୍ଧାମୂର୍ତ୍ତି ଭାବରେ ପରିକଳ୍ପିତ ହୋଇଛି । ଏହି ସୃଷ୍ଟିଅକ୍ଷର ବିଶିଷ୍ଟ ମନ୍ଦିର ହିଁ ଶ୍ରୀମନ୍ଦିର ବା ଜଗନ୍ନାଥ ମନ୍ଦିର ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ହିଁ ଉଦ୍ଦିଷ୍ଟ । ଏହି ଚତୁର୍ଦ୍ଧାମୂର୍ତ୍ତି ଯେଉଁ ରଥଯାତ୍ରାରେ ଯାତ୍ରା କରନ୍ତି, ସେହି ଯାତ୍ରାକୁ ମଧ୍ୟ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କୁହାଯାଇଛି ।

ଏହି ରଥଯାତ୍ରାର ଐତିହ୍ୟ ଓ ପରମ୍ପରା ସର୍ବପ୍ରାଚୀନ । ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀର ବ୍ରହ୍ମପୁରାଣ, ତୃତୀୟ ଶତାବ୍ଦୀର ପଦ୍ମପୁରାଣ, ଯାହା ଭାଗବତ, ନୀଳାଦ୍ରି ମହୋଦୟ ଓ ବାମଦେବ ସଂହିତା ପ୍ରଭୃତି ପ୍ରାଚୀନ ଗ୍ରନ୍ଥମାନଙ୍କରେ ରଥଯାତ୍ରାର ଦୃଷ୍ଟାନ୍ତ ରହିଛି ।

"ଗୁଣ୍ଡିଚା ନାମ ଦେବେଶ ଭକ୍ତିମୁକ୍ତି ଫଳପ୍ରଦା
ତସ୍ମୈ କିଳ ବରଣ୍ଣାସୌ ଦଦୌ ସଃ ପୁରୁଷୋତ୍ତମଃ" ।
(ବ୍ରହ୍ମ ପୁରାଣ)

ବ୍ରହ୍ମପୁରାଣ ମତରେ ରଥଯାତ୍ରା ହିଁ ଦ୍ୱିତୀୟ ଶତାବ୍ଦୀର ବୋଲି ପ୍ରମାଣିତ । ଏଥିରେ 'ଗୁଣ୍ଡିଚା'ର ପୂର୍ବନାମ 'ଗୁଣ୍ଡିକା' ବୋଲି ମଧ୍ୟ ପ୍ରମାଣ ରହିଛି । ଇଂରେଜମାନେ ହିଁ 'ଗୁଣ୍ଡିକା'କୁ ଗୁଣ୍ଡିଚା (Gundicha) ବୋଲି ଲେଖିବା ପରେ ପରବର୍ତ୍ତୀ ଉତ୍କଳୀୟମାନେ ଏହାକୁ 'ଗୁଣ୍ଡିଚା' ବୋଲି ଆଖ୍ୟା ଦେଇ ଲୌକିକ ମତକୁ ହିଁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ଗୁଣ୍ଡିଚା ଶବ୍ଦର ଅର୍ଥକୁ ବିଶ୍ଳେଷଣ କଲେ ଜଣାଯାଏ ଯେ 'ଗୁଣ୍ଡି' ଅର୍ଥ ବିରାଟ ଦାରୁ । ଏହାର ଅନ୍ୟନାମ ଗଣ୍ଡି ଓ କାଣ୍ଡ । ଏହି ବିରାଟ ଦାରୁ ନିର୍ମିତ କାୟ ବା ଶରୀରର ନାମକୁ 'ଗୁଣ୍ଡିକା' ବୋଲି କୁହାଯିବା ଅସଙ୍ଗତ ନୁହେଁ । ଏହି 'ଗୁଣ୍ଡିକା' ଶବ୍ଦଟି କାଳକ୍ରମେ ଅପଭ୍ରଂଶ ହୋଇ ଇଂରେଜ ଶବ୍ଦର ଅନୁକରଣରେ 'ଗୁଣ୍ଡିଚା' ଶବ୍ଦର ବହୁଳ ପ୍ରଚାର ଘଟିଛି । ଏହି ଗୁଣ୍ଡିଚା ଯାତ୍ରା ହିଁ ପବିତ୍ର ଯାତ୍ରା, ଯେଉଁ ଯାତ୍ରା କି ଆଷାଢ଼ ମାସର ଶୁକ୍ଳପକ୍ଷ ଦ୍ୱିତୀୟାଦିନ ଅନୁଷ୍ଠିତ ହୁଏ । ଏହି ଦିବସଟି ଯଦି ପୁଷ୍ୟାନକ୍ଷତ୍ରଯୁକ୍ତ ହୁଏ, ତେବେ ଏହା ପବିତ୍ରତମ ତଥା ମୋକ୍ଷଦାୟକ ବୋଲି କୁହାଯାଏ । 'ସ୍କନ୍ଦପୁରାଣ'ରେ ମଧ୍ୟ ଏହି ଗୁଣ୍ଡିଚା ଯାତ୍ରାର ନିଦର୍ଶନ ରହିଛି । ଯଥା :–

"ଗୁଣ୍ଡିଚାମଣ୍ଡପାତ୍ କୃଷ୍ଣମାୟାନ୍ତଂ ଦକ୍ଷିଣାମୁଖଂ
ରଥସ୍ଥଂ ହଳିନଂ ଭଦ୍ରାଂ ପଶ୍ୟନ୍ତୋ ମୁକ୍ତିଭାଗିନଃ" ।

ଏହି ଗୁଣ୍ଡିଚା ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟ ବାହୁଡ଼ା ଯାତ୍ରାରେ ଯେତେବେଳେ ଶ୍ରୀକୃଷ୍ଣ ବା ଶ୍ରୀଜଗନ୍ନାଥ ଦକ୍ଷିଣମୁଖ ହୋଇ ରଥ ଦକ୍ଷିଣମୋଡ଼ ହେବା ପରେ ରଥରେ ବସି ଶ୍ରୀମନ୍ଦିର ଆଡ଼କୁ ଆସନ୍ତି, ସେତିକି ବେଳେ ରଥରେ ଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବା ଭକ୍ତହିଁ ମୁକ୍ତି ପାଇଥାଏ ।

ଏହି ଗୁଣ୍ଡିଚାଯାତ୍ରାର ରୂପ ଭିନ୍ନପ୍ରକାରରେ ରହିଛି । ଏହି ଯାତ୍ରା ମଧ୍ୟ ଶାକ୍ତ, ଶୈବ, ସୌର, ବୈଷ୍ଣବ ପ୍ରତ୍ୟେକ ସମ୍ପ୍ରଦାୟ ଦ୍ୱାରା ସ୍ୱୀକୃତ ଓ ପ୍ରତ୍ୟେକ ଗୁଣ୍ଡିଚା ଯାତ୍ରାର ବିମାନ ବା ରଥ ହିଁ ଦାରୁ ସହିତ ସଂଯୁକ୍ତ । ଏହି ଗୁଣ୍ଡିଚା ଶାକ୍ତ ଗୁଣ୍ଡିଚା, ଶୈବ ଗୁଣ୍ଡିଚା, ସୌର ଗୁଣ୍ଡିଚା ଓ ଶ୍ରୀଗୁଣ୍ଡିଚା ରୂପରେ ବିଦ୍ୟମାନ । ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ଶୁଭ ତିଥିରେ ଅଶୋକାଷ୍ଟମୀ ଅବସରରେ ଶ୍ରୀମନ୍ଦିରରେ ଶୈବ ଗୁଣ୍ଡିଚା ବା ଚୈତ୍ର ଗୁଣ୍ଡିଚା ଅନୁଷ୍ଠିତ ହୁଏ । ଭୁବନେଶ୍ୱରରେ ମଧ୍ୟ ଲିଙ୍ଗରାଜ ମହାପ୍ରଭୁଙ୍କର ଶୈବ ଗୁଣ୍ଡିଚାର ପରମ୍ପରା ରହିଛି । ବସନ୍ତ ପଞ୍ଚମୀଠାରୁ ମାଘ ସପ୍ତମୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସୂର୍ଯ୍ୟଙ୍କର ରଥଯାତ୍ରା ହୁଏ । ଏହାକୁ ସୌର ଗୁଣ୍ଡିଚା ବା ବସନ୍ତ ଗୁଣ୍ଡିଚା କୁହାଯାଏ । ଏହା କୋଣାର୍କସ୍ଥିତ ସୂର୍ଯ୍ୟମନ୍ଦିରରେ ଅନୁଷ୍ଠିତ ହେଉଥିଲା । ସୂର୍ଯ୍ୟମନ୍ଦିରର ମୁଖ୍ୟ ମନ୍ଦିର ଭାଙ୍ଗିଯିବା ପରେ ବର୍ତ୍ତମାନ ଶ୍ରୀମନ୍ଦିରର ସୂର୍ଯ୍ୟମନ୍ଦିରରେ ପାରମ୍ପରିକ ଭାବରେ ଅନୁଷ୍ଠିତ ହେଉଅଛି । ଏହି ରଥ ହିଁ ଦାରୁ ନିର୍ମିତ ।

ଶରତ କାଳରେ ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଶାକ୍ତ ଗୁଣ୍ଡିଚା ଅନୁଷ୍ଠିତ ହୁଏ । ଏହାକୁ ଶରତ ଗୁଣ୍ଡିଚା ବା ଦେବୀ ଗୁଣ୍ଡିଚା ମଧ୍ୟ କହନ୍ତି । ଏଥିରେ ଶ୍ରୀଜଗନ୍ନାଥଙ୍କର ଚଳନ୍ତି ପ୍ରତିମା ମାଧବ ଓ ସୁଭଦ୍ରାଙ୍କ ଚଳନ୍ତି ପ୍ରତିମା ଦୁର୍ଗା ଦୁହେଁ ଗୁପ୍ତ ହୋଇ ବିମାନରେ ଦୋଳମଣ୍ଡପ ସାହିସ୍ଥ ନାରାୟଣୀ ମନ୍ଦିରକୁ ପ୍ରତିଦିନ ଯାତ୍ରା କରନ୍ତି ଓ ପରେ ଶ୍ରୀମନ୍ଦିରକୁ ଫେରି ଆସନ୍ତି । ଏହି ଯାତ୍ରାକୁ ମଧ୍ୟ ଦୁର୍ଗାମାଧବ ଯାତ୍ରା କୁହାଯାଏ । ତନ୍ତ୍ରମତରେ ଏହା ଶ୍ରୀଜଗନ୍ନାଥ ବା ମାଧବ (ଭୈରବ) ଓ ଶ୍ରୀବଳଭଦ୍ର (ଶିବ)ଙ୍କ ପତ୍ନୀ ବିମଳା ବା ଦୁର୍ଗା (ଭୈରବୀ) ଭାବରେ ଯାତ୍ରା କରୁଥିବାରୁ ଏହାକୁ 'ତନ୍ତ୍ର ଗୁଣ୍ଡିଚା' ମଧ୍ୟ କୁହାଯାଏ ।

ମାଧବଂ ଦୁର୍ଗୟାସାର୍ଦ୍ଧଂ ପୂଜାର୍ଥଂ କରୁଣାନିଧେଃ ।" ଏଣୁ ଏହା ମଧ୍ୟ ତନ୍ତ୍ର ଶାସ୍ତ୍ର ସ୍ୱୀକୃତ । ଏହି ବିମାନ ହିଁ କାଷ୍ଠ ନିର୍ମିତ । ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ଦାରୁନିର୍ମିତ ରଥଯାତ୍ରାମାନଙ୍କ ମଧ୍ୟରେ ଶ୍ରୀଗୁଣ୍ଡିଚା ଯାତ୍ରା ହିଁ ପ୍ରଧାନ । ଏହା ଆଷାଢ଼ମାସ ଶୁକ୍ଳପକ୍ଷ ଦ୍ୱିତୀୟାଠାରୁ ଦଶମୀ ପର୍ଯ୍ୟନ୍ତ ନବଦିନ ବ୍ୟାପୀ ଅନୁଷ୍ଠିତ ହୁଏ । ଏହି ଗୁଣ୍ଡିଚା ଯାତ୍ରାକୁ ଘୋଷଯାତ୍ରା, ନନ୍ଦିଘୋଷ ଯାତ୍ରା, ନବଯାତ୍ରା, ପତିତପାବନ ଯାତ୍ରା, ବେଣ୍ଟଯାତ୍ରା, ଦଶାବତାର ଯାତ୍ରା ବା ମହାବେଦୀ ଉତ୍ସବ ମଧ୍ୟ କୁହାଯାଏ । ସ୍କନ୍ଦ ପୁରାଣରେ ମଧ୍ୟ ଏହାର ପ୍ରମାଣ ପରିଦୃଷ୍ଟ ହୁଏ ।

ଗୁଣ୍ଡିଚା ଯାତ୍ରାରେ ବ୍ୟବହୃତ ରଥ ହିଁ କାଷ୍ଠ ନିର୍ମିତ । ଏହି ରଥ ପାଇଁ ଯେଉଁ କାଠ ବ୍ୟବହୃତ ହୁଏ, ଏହାକୁ ରଥକାଠ କୁହନ୍ତି । ଏହି କାଠ ଆଣିବାଠାରୁ ନିର୍ମାଣ ଶେଷ ପର୍ଯ୍ୟନ୍ତ ସମସ୍ତ ବିଧିବିଧାନ ଶାସ୍ତ୍ରାନୁମୋଦିତ । ଏହି ରଥକାଠ ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ରଥଯାତ୍ରାର ଉତ୍ପତ୍ତି ସମ୍ପର୍କରେ ସମ୍ୟକ୍ ପର୍ଯ୍ୟାଲୋଚନା ଆବଶ୍ୟକ । ସ୍କନ୍ଦପୁରାଣର ବୈଷ୍ଣବ ଖଣ୍ଡରେ ରଥଯାତ୍ରାର ବିଶଦ ବୃତ୍ତାନ୍ତ ଉଲ୍ଲିଖିତ ଅଛି । ଇନ୍ଦ୍ରଦ୍ୟୁମ୍ନ ମହାରାଜା ନାରଦଙ୍କର ନିର୍ଦ୍ଦେଶରେ ସହସ୍ରଯଜ୍ଞର ପୂର୍ଣ୍ଣାହୁତି କରି ଦେବଶିଳ୍ପୀ ବିଶ୍ୱକର୍ମା ଓ ପଦ୍ମନିଧିଙ୍କ ଦ୍ୱାରା ଗୁଣ୍ଡିଚା ମନ୍ଦିର ଓ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ରଥ ନିର୍ମାଣ ଅକ୍ଷୟ ତୃତୀୟା ଦିବସରେ କରା ଯାଉଥିବାରୁ ପ୍ରତିବର୍ଷ ପାରମ୍ପରିକ ଭାବେ ବୈଶାଖ ମାସ ଅକ୍ଷୟ ତୃତୀୟା ଦିନ ଯଜ୍ଞର ବିଧି ବିଧାନ କରାଯାଇ ରାଜାଙ୍କ ନବର ସମ୍ମୁଖରେ ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥାଏ । ଏହି ସ୍କନ୍ଦ ପୁରାଣରେ ମଧ୍ୟ କେତୋଟି ରଥ ଓ ପ୍ରତ୍ୟେକ ରଥରେ କେତୋଟି ଚକର ଦୃଷ୍ଟାନ୍ତ ଦିଆଯାଇଛି । ଷୋଡ଼ଶକଳା ଅନୁସାରେ ବିଷ୍ଣୁଙ୍କ ରଥର ଚକ ସଂଖ୍ୟା ୧୬, ଚତୁର୍ଦ୍ଦଶ ଭୁବନାନୁଯାୟୀ ଭୁବନାଧିପତି ବଳଭଦ୍ରଙ୍କର ରଥଚକ ସଂଖ୍ୟା ୧୪ ଓ ଦ୍ୱାଦଶ ରାଶିକୁ ନେଇ ମା' ସୁଭଦ୍ରାଙ୍କ ରଥର ଚକ ସଂଖ୍ୟା ୧୨ ବୋଲି ବର୍ଣ୍ଣନା କରାଯାଇଛି ।

ଏହି ରଥ ତିନୋଟିର ନିର୍ମାଣ ସମ୍ପର୍କରେ ମାନସାର, ଅପରାଜିତା ପୃଚ୍ଛା, ଶୁକ୍ରନୀତି, ବିଶ୍ୱକର୍ମୀୟ ରଥ ନିର୍ମାଣ ପଦ୍ଧତି, ଗୃହକଣ୍ଠିକା, ଶିଳ୍ପସାର ସଂଗ୍ରହାଦି ଗ୍ରନ୍ଥମାନଙ୍କରେ ବର୍ଣ୍ଣନାମାନ ରହିଛି । ପାରମ୍ପରିକ ଭାବରେ ଶତାଧିକ ବଢ଼େଇ, କମାର, କୁମାର, ଦରଜୀ ଇତ୍ୟାଦି ଶ୍ରେଣୀର କାରିଗରମାନଙ୍କ ସହାୟତାରେ ଶ୍ରୀଜଗନ୍ନାଥ ମହାପ୍ରଭୁ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କର ତିନିରଥ ନିର୍ମାଣ କରାଯାଇଥାଏ । ରଥର ମଞ୍ଚରୁ ଚକ୍ର ପର୍ଯ୍ୟନ୍ତ ପ୍ରତ୍ୟେକ ରଥକୁ ୨୭ ଭାଗ କରାଯାଇଛି । ଯାହାକି ବିରାଟଙ୍କର ଶରୀରରେ ଅବସ୍ଥାନ କରିଥିବା ୨୭ ନକ୍ଷତ୍ର ସହିତ ସମତା ବହନ କରେ । ସମସ୍ତ ଶରୀରରେ ନକ୍ଷତ୍ରମାନଙ୍କ ସମେତ ନବଗ୍ରହ ମଧ୍ୟ ଅବସ୍ଥାନ କରିଛନ୍ତି । ପ୍ରତ୍ୟେକ ଭାଗକୁ ଚଉଠା ଓ ଚଉଠାର ଛଅ ଭାଗକୁ ଅଙ୍ଗୁଳ ବା କଳା କୁହାଯାଏ । ରଥର ତଳ ଚକଡ଼ା (ଚଉଡ଼ା)ର ଦୈର୍ଘ୍ୟ ୨୭ ଚଉଠା । ଏହି ଚକଡ଼ାକୁ ୯ ଭାଗ କରି ୧୦ ଧାରଣା ପକାଯାଏ । ପ୍ରଥମ ୬ ଧାରଣାର ଲମ୍ବ ୨୭ ଚଉଠା, ମଧ୍ୟ ଧାରଣାର ଲମ୍ବ ୨୨ ଚଉଠା ଓ ଅନ୍ୟ ଧାରଣାର ଲମ୍ବ ୧୫ ଚଉଠା । ମୁହାଣ୍ଡର ଲମ୍ବ ୧୫ ଚଉଠା, କୁତୁକାର ଲମ୍ବ ଧାରଣା ମଝାଇଲକୁ ୩ ଚଉଠା । ଏପରି ଚାରିକୋଣରେ ୮ କୁତୁକା ହେବ । ବଡ଼ ଅଖ ଲମ୍ବ ୩୦ ଚଉଠା, ଛୋଟ ଦୁଇ ଅଖ ଲମ୍ବ ୨୨ ଚଉଠା । ଏହି ଏକ ଚଉଠାକୁ ୨୭ ଭାଗ କରାଯାଏ ।

ପୁରାଣରେ ବର୍ଣ୍ଣିତ ଅଛି ଯେ ରୁଦ୍ର ଯେତେବେଳେ ବୃତ୍ରାସୁରକୁ ବଜ୍ରଦ୍ୱାରା ଆକ୍ରମଣ କଲେ, ସେତେବେଳେ ବଜ୍ର ତା'ର ବକ୍ଷସ୍ଥଳରେ ଆଘାତ କରିବାରୁ ବଜ୍ରଟି ଚାରିଖଣ୍ଡ ହୋଇ ଚତୁର୍ଦ୍ଦିଗକୁ ବିକ୍ଷିପ୍ତ ହୋଇ ପଡ଼ିଲା । ସେମାନେ ଯଜ୍ଞର ବ୍ୟବହୃତ ଚାରୋଟି ମୁଖ୍ୟ ଦ୍ରବ୍ୟରେ ପରିଣତ ହେଲେ । ଯଥା- (୧) ସ୍ରୁପ, (୨) ଯୂପ, (୩) ରଥ, (୪) ଶର । ସ୍ରୁପ ଓ ଯୂପ ଏହି ଦୁଇଦ୍ରବ୍ୟ ଯଜ୍ଞରେ ବ୍ୟବହୃତ ହୁଏ । ରଥ ଓ ଶର ଏହି ଦୁଇ ଦ୍ରବ୍ୟ ଯୁଦ୍ଧରେ ବ୍ୟବହୃତ ହୁଏ । ଯଜ୍ଞରେ ବ୍ରାହ୍ମଣମାନଙ୍କ ଦ୍ୱାରା ଓ ଯୁଦ୍ଧରେ କ୍ଷତ୍ରିୟମାନଙ୍କ ଦ୍ୱାରା ଏହି ଚାରି ଦ୍ରବ୍ୟ ବ୍ୟବହୃତ ହୋଇଥାଏ । ଏଣୁ ରଥ ଏହି ବଜ୍ରାଂଶଦାରୁରେ ନିର୍ମିତ ଏବଂ ସଦା ସର୍ବଦା ଏହା ସୁରକ୍ଷିତ ହେବା ଉଚିତ । ଏହି ରଥ ଉପରେ ଅନ୍ୟ କେହି ସାଧାରଣ ବ୍ୟକ୍ତି ଆରୋହଣ କରିବା ଉଚିତ ନୁହେଁ । ରଥର ଗତି ଧୀର ଓ ମନ୍ଥର ହେବା ଉଚିତ୍ । ଦେବ ରଥର ଦ୍ରୁତଗତି ଶାସ୍ତ୍ରବିରୁଦ୍ଧ । ଶ୍ରୀକ୍ଷେତ୍ରର ବଳିଷ୍ଠ ପରମ୍ପରା ଅନୁସାରେ ଜଣାଯାଏ ଯେ ଦ୍ରାବିଡ଼ ପଦ୍ଧତି ମଧ୍ୟରେ ଆନ୍ଧ୍ର, କଳିଙ୍ଗ ଓ ଗୁଜୁରାଟ ଏହି ତିନୋଟି ସ୍ୱତନ୍ତ୍ର ପଦ୍ଧତି ମଧ୍ୟରୁ ଶ୍ରୀଜଗନ୍ନାଥଙ୍କର ରଥ ନିର୍ମାଣ ପଦ୍ଧତି ହିଁ କଳିଙ୍ଗ ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ କଳା । ଏହାର ପ୍ରବର୍ତ୍ତକ ପ୍ରଭାକର କଳିଙ୍ଗ । ଶାସ୍ତ୍ରରେ ବର୍ଣ୍ଣିତ ଅଛି –

"ଶିଳ୍ପକାର୍ଯ୍ୟପରୋତ୍ସେଧ ରଥକାରବରାୟ ଚ
ପ୍ରଭାକର–କଳିଙ୍ଗାୟ ନମସ୍ତେ ବର୍ଦ୍ଧକୀଗୁରୁଃ ।"

ଏହି ପ୍ରଭାକର କଳିଙ୍ଗଙ୍କୁ ରଥକାରମାନଙ୍କର ଗୁରୁ ତଥା ମହାରଥକାର ବୋଲି କୁହାଯାଏ । ଏମାନଙ୍କର କଳାର ପ୍ରାଚୀନ ରଥଖଳାରୁ ।

ରଥଖଳା କହିଲେ ରଥର ଆବିର୍ଭାବ ସ୍ଥଳକୁ ବୁଝାଏ । ଅକ୍ଷୟତୃତୀୟା ଦିନ ରଥ ଅନୁକୂଳ ହେବା ପୂର୍ବରୁ ବ୍ରାହ୍ମଣମାନେ ଯେଉଁ ସ୍ଥଳ ରଥ ନିର୍ମାଣ ପାଇଁ ସ୍ଥିର କରନ୍ତି ଓ ହୋମାଦି ବିଧିବିଧାନ ସହିତ ତାହା ପବିତ୍ର କରଣ କରାଯାଏ, ତାହାକୁ 'ରଥଖଳା' କୁହାଯାଏ । ଏହି ରଥଖଳାରେ ହିଁ ରଥ ନିର୍ମାଣ କାର୍ଯ୍ୟ କରାଯାଇଥାଏ । ଏହି ରଥଖଳାର ମୁଖ୍ୟ ନାୟକ ହିଁ ରଥକାର । ଏହି ରଥକାରଙ୍କୁ ସାତଭାଗରେ ବିଭକ୍ତ କରାଯାଇ ଥିବାରୁ ଏମାନଙ୍କୁ ସପ୍ତରଥକାର ବା ସପ୍ତନାୟକ କୁହାଯାଏ । ଏହି ସପ୍ତନାୟକ ରଥର ବିଭିନ୍ନ କାର୍ଯ୍ୟର ଦାୟିତ୍ୱ ଗ୍ରହଣ କରନ୍ତି । ରଥର ମୂଳରୁ ଚୂଳ ପର୍ଯ୍ୟନ୍ତ ଥିବା ଅଂଶଗୁଡ଼ିକ ଯଥା–ଚକ, ଦଣ୍ଡିଆ, ଅଖ, ବାଙ୍କି, ହଂସପଟା, କନି, ଗର୍ଭଦ୍ୱାର, ଜାଲି, ଗାଇପଟା, ସିଂହାସନ, କଳକମ୍ଭସ୍ତେଇ, ଭୂମି, ଶୋଳନାହାକ, ମକରଦଣ୍ଡା, ବସନ୍ତ, ଘୁଆଘୋଡ଼ା, ସାରଥିପୀଢ଼, କୁମ୍ଭପଟି, ରାହୁପଟି, ଆଠନାହାକା, ପୀଢ଼, ରତ୍ନପଟା, ଡଙ୍ଗା, ପାରାଭାଡ଼ି, ଖପୁରୀ, ପାଦ, ଓଳଟଗୁଆ, ଦର୍ପଣତଳି, କଳସ, କଣ୍ଠି, ଡଙ୍ଗ, ଚକ୍ର ଓ କେତନ । ଏହି ସମସ୍ତ ଅଂଶକୁ ବାଣ୍ଟି କରି ସପ୍ତନାୟକମାନେ ରଥର ବିଭିନ୍ନ

କାର୍ଯ୍ୟ ସମ୍ପାଦନ କରନ୍ତି । (୧) ଗୁଣାକାରଗଣ ରଥର ସମସ୍ତ ଅଙ୍ଗର ମାପ ଓ ମାନ ନିର୍ଦ୍ଧାରଣ କରନ୍ତି । (୨) ମୁଖ୍ୟ ରଥକାର ବା ପାହି ମହାରଣା ରଥର ମୁଖ୍ୟ ଅଙ୍ଗଗୁଡ଼ିକୁ ଗଠନ କରନ୍ତି । (୩) ଲୌହକାର–ଏମାନଙ୍କୁ କଣ୍ଟନାୟକ ବା କମାର ବୁହାଯାଏ । ଏମାନେ ରଥର ଚକବଳା, କୁରାଣ୍ଡିଆ ଓ କଣ୍ଟା ପ୍ରଭୃତି ଲୌହ ଉପାଦାନ ନିର୍ମାଣ କରି ରଥରେ ଖଞ୍ଜାନ୍ତି । (୪) ଛନ୍ଦାକାର ବା ଛଇଳା ନାୟକ–ଏମାନେ ବାଉରି ଭେଣ୍ଡିଆ ଭାବରେ କାଠଗୁଡ଼ିକୁ କାନ୍ଧରେ ବୋହି ଛନ୍ଦ, ଶାଙ୍ଗି ଓ ଛେକାରେ ପକାନ୍ତି । (୫) ରୂପକାର ବା ମୂର୍ତ୍ତିକାର ନାୟକ–ରଥରେ ବ୍ୟବହୃତ ଘୋଡ଼ା, ସାରଥି, ରଥପାଳ ଇତ୍ୟାଦିଙ୍କ ମୂର୍ତ୍ତିମାନ ନିର୍ମାଣ କରନ୍ତି ଓ ରୂପ ଦିଅନ୍ତି । (୬) ଚିତ୍ରକାର ନାୟକ–ଯେଉଁମାନେ କି ବିଭିନ୍ନ ଅଂଶରେ ପାରମ୍ପରିକ ରୀତିରେ ପାରମ୍ପରିକ ଚିତ୍ରମାନ ଅଙ୍କନ କରି ରଙ୍ଗରେ ଚିତ୍ରିତ କରନ୍ତି । (୭) ସୂଚୀକାର ବା ସିପୁଟୀ ନାୟକ–ଏମାନେ ଦରଜିମାନଙ୍କ ପରି ରଥର ମଣ୍ଡଣି, ଖୁଣ୍ଟୁଆ, ଘେର, ଧ୍ୱଜାନେତ ଓ ରଥ ଆବରଣାଦି ସିଲାଇ କରିବା ସହିତ ରଥର ନିର୍ଦ୍ଦିଷ୍ଟ ସ୍ଥାନରେ ପାରମ୍ପରିକ ବିଧିରେ ଖଞ୍ଜନ୍ତି । ଏହି ସପ୍ତନାୟକଙ୍କର ସ୍ୱତନ୍ତ୍ର ଭାବେ ୭ଟି ନିଯୋଗ ରହିଛି । ଏହି ସାତୋଟି ବ୍ୟତୀତ ଭୋଇଣାଳିଆ ଓ ରଙ୍ଗୋଟା ଏହି ଦୁଇଶ୍ରେଣୀର କର୍ମକାରଙ୍କ ପାଇଁ ସ୍ୱତନ୍ତ୍ର ଅନ୍ୟ ଦୁଇଟି ନିଯୋଗ ମଧ୍ୟ ରହିଛି । ଏହିମାନେ ରଥ ନିର୍ମାଣ ପ୍ରାରମ୍ଭ ଦିବସ ବା ଅକ୍ଷୟ ତୃତୀୟା ଦିନ ଭୋଇଣାଳ ଦ୍ୱାରା ଅର, ଚୁଳି, ଝଙ୍ଗା ଓ କନକମୁଣ୍ଡେଇ ଇତ୍ୟାଦି ରଙ୍ଗ କରନ୍ତି ଓ ରଥପଟରେ ରାହୁମୁଣ୍ଡ, ହଂସ, ନବଗୁଞ୍ଜର ଇତ୍ୟାଦିକୁ ମଧ୍ୟ ରଙ୍ଗ କରନ୍ତି । ରଥର ଅଙ୍ଗଗୁଡ଼ିକୁ ସାଧାରଣତଃ ୧୩ଟି ମୁଖ୍ୟ ଅଙ୍ଗରେ ବିଭକ୍ତ କରାଯାଇଛି । (୧) କଣ୍ଟପୀଠ, (୨) ଅରଦଣ୍ଡା, (୩) ଶର୍ଢ଼ରା, (୪) ମୂଳନାଭ, (୫) ବରାଣ୍ଡି, (୬) ହଂସପଟୀ (୭) ରଥଗର୍ଭ, (୮) ପାରାଭାଡ଼ି, (୯) କଳସପୀଠ, (୧୦) ବଧୂନଉଡ଼ି, (୧୧) କର୍ଣ୍ଣଅଳା, (୧୨) ଧାତୁକଳସ, (୧୩) ଆୟୁଧ ଧ୍ୱଜା ।

ଶ୍ରୀଜଗନ୍ନାଥଙ୍କ ରଥର ନାମ ଚକ୍ରଧ୍ୱଜ, ଗରୁଡ଼ଧ୍ୱଜ ବା ନନ୍ଦିଘୋଷ । ଏହାର ଉଚ୍ଚତା ୩୩ ହାତ ପାଞ୍ଚଆଙ୍ଗୁଳ । ରଥର ଆବରଣ କନାର ରଙ୍ଗ ନାଲି ଓ ହଳଦିଆ ରଙ୍ଗ ମିଶ୍ରିତ । ରଥରେ ଜୟ–ବିଜୟଙ୍କ ମୂର୍ତ୍ତି ଚିତ୍ରିତ । ରଥରେ ଗରୁଡ଼–ଗୋବିନ୍ଦ ଦ୍ୱାରପାଳଙ୍କର ଗେରୁଚିତ୍ର । ଏହାର ପୂର୍ବରେ ଅନଙ୍ଗମଞ୍ଜରୀ ଓ ଭ୍ରମରମଞ୍ଜରୀ, ଦକ୍ଷିଣରେ ରତିମଞ୍ଜରୀ ଓ ପ୍ରୀତିମଞ୍ଜରୀ, ଉତ୍ତରରେ କନକମଞ୍ଜରୀ ଓ କାମମଞ୍ଜରୀ ଏବଂ ପଶ୍ଚିମରେ ପ୍ରେମମଞ୍ଜରୀ ଓ ଧାମମଞ୍ଜରୀ ରହିଥାନ୍ତି । ଏମାନେ ସମସ୍ତେ ରମଣୀୟା କାନ୍ତିବିଶିଷ୍ଟା ଓ ବିଚିତ୍ର ବସନ ପରିହିତା । ଏହାଙ୍କ ଆଗରେ ଦୁଇଟି ପୂର୍ଣ୍ଣକୁମ୍ଭ ଓ ମଧ୍ୟରେ କଳ୍ପବୃକ୍ଷର ଦୁଇଟିପତ୍ର ଗେରୁକଳାରେ ଅଙ୍କିତ । ଏହି ରଥରେ ୮ ଜଣ ଋଷିଙ୍କ ଚିତ୍ର ଥାଏ । ୬ଟି କପୋତର ଚିତ୍ର ଥାଏ । ଏହି ରଥରେ କଳସର ଦୁଇ ପାଖରେ ୨ଟି ଓଲଟ ଶୁଆ ଥାଏ । ରଥର ଚିତ୍ରକାରମାନେ ଗୋଟିକୁ ଜୀବ ଓ ଅନ୍ୟଟିକୁ ପରମ ବୋଲି ନାମକରଣ କରିଥାନ୍ତି ।


ଶ୍ରୀବଳଭଦ୍ରଙ୍କ ରଥର ନାମ ଲାଙ୍ଗୁଳଧ୍ୱଜ, ତାଳଧ୍ୱଜ ବା ହଳଧ୍ୱଜ । ଏହାର ଉଚ୍ଚତା ୩୨ ହାତ ୧୦ ଆଙ୍ଗୁଳ । ରଥର ଆବରଣ କନାର ରଙ୍ଗ ନାଲି ଓ ସବୁଜ ରଙ୍ଗ ମିଶ୍ରିତ । ରଥରେ ନନ୍ଦ ଓ ସୁନନ୍ଦଙ୍କ ମୂର୍ତ୍ତି ଚିତ୍ରିତ । ରଥରେ ଦ୍ୱାରପାଳ ଭାବରେ ଏ ଦୁହେଁ ବିଦ୍ୟମାନ । ଏହି ରଥରେ ଯୋଡ଼ହସ୍ତ ଶିବ ଓ ନାରଦଙ୍କ ଚିତ୍ର ରହିଥାଏ । ଦ୍ୱାର ଘୋଡ଼ାର ଉପରି ଭାଗରେ ରାହୁମୁଣ୍ଡ ଓ ତାହା ତଳକୁ କ୍ଷୁଦ୍ର ଆଡ଼ଦଣ୍ଡାରେ ଆଠଟି ଫୁଲ ଚିତ୍ର ଥାଏ । ଏହା ଅପମାର୍ଗ ସୁମନା ନାମରେ ଖ୍ୟାତ । ଏହାର ତଳକୁ ତୋରଣ ଭାଗର ଦୁଇପାର୍ଶ୍ୱରେ ସମ୍ମୁଖରେ ଇନ୍ଦ୍ର ଓ ଗୋବିନ୍ଦରାଜ ଐରାବତ ଉପରେ ବସିଥିବାର ଦୃଶ୍ୟ, ପାର୍ଶ୍ୱରେ ନନ୍ଦ ଓ ସୁନନ୍ଦଙ୍କ ଦୃଶ୍ୟ, ଉତ୍ତରପାର୍ଶ୍ୱରେ ନନ୍ଦା ଓ ତିଲୋତ୍ତମା ଓ ପୃଷ୍ଠଦେଶରେ ଚଣ୍ଡରୂପା ଓ ଚଣ୍ଡାଙ୍କ ଚିତ୍ର । ଏହାଙ୍କ ଆଗରେ ଦୁଇଟି ପୂର୍ଣ୍ଣକୁମ୍ଭ ଓ ମଧ୍ୟରେ ପଞ୍ଚପତ୍ର ବିଶିଷ୍ଟ କଳ୍ପବୃକ୍ଷର ଚିତ୍ର । ଏହି ରଥରେ ୮ ଜଣ ଋଷିଙ୍କ ଚିତ୍ରଥାଏ । ୬ଟି କପୋତର ଚିତ୍ରଥାଏ । ଏହି ରଥର କଳସର ଦୁଇପାଖରେ ଶ୍ରଦ୍ଧା ଓ ବିଶ୍ୱାସ ନାମକ ଦୁଇଟି ଓଲଟ ଶୁଆ ରହିଥାନ୍ତି ।


ମା' ସୁଭଦ୍ରାଙ୍କ ରଥର ନାମ ଦେବଦଳନ, ପଦ୍ମଧ୍ୱଜ ବା ଦର୍ପଦଳନ । ଏହାର ଉଚ୍ଚତା ୩୧ ହାତ । ରଥର ଆବରଣ କନାର ବର୍ଣ୍ଣ ନାଲି ଓ କଳା ମିଶ୍ରିତ । ରଥର ପୂର୍ବ ତୋରଣରେ କାତ୍ୟାୟିନୀ ଓ ଇଳା, ଉତ୍ତର ତୋରଣରେ ନନ୍ଦା ଓ ସୁନନ୍ଦା, ପଶ୍ଚିମ ତୋରଣରେ ମିଶ୍ରା ଓ ସୁମିଶ୍ରା ଚିତ୍ରିତା ।

ପ୍ରତ୍ୟେକ ରଥ ନିର୍ମାଣ ରହସ୍ୟରେ ଷଡ଼ଭୂମି ରହିଛି । ଯଥା– (୧) ବେଦୀଭୂମି, (୨) କୂର୍ମଭୂମି, (୩) ମୂର୍ଦ୍ଧଭୂମି, (୪) ସମତଳଭୂମି, (୫) ବୃତକ୍ଷଚକ୍ରଭୂମି (ଧାରିଣୀ), (୬) ତ୍ରିପୁର ବା ଚକ୍ରଭୂମି । ଏହିପରି ରଥ ନିର୍ମାଣର ରହସ୍ୟ ଅତ୍ୟନ୍ତ ଗୁପ୍ତ ହୋଇଥିଲେ ମଧ୍ୟ ଗବେଷଣା ସାପେକ୍ଷ ।

---

ସଂସ୍କୃତ ଶିକ୍ଷକ,
ପୁରୀ ଜିଲ୍ଲା ସ୍କୁଲ, ପୁରୀ





# ତନ୍ମୟ ମୁଁ ନୀଳାଞ୍ଜନ

ଡାକ୍ତର ସରୋଜିନୀ ଷଡଙ୍ଗୀ

ତନ୍ମୟ ମୁଁ ନୀଳାଂଜନ
ତୋ ଆଳଟ, ଭ୍ରମର ଓ
ଧ୍ୱନି, ଧାନ୍ୟ, ପାଂଚଜନ୍ୟ
ମୁଗ୍ଧ ସଂଗୀତରେ
ତନ୍ମୟ ମୁଁ ଅଂଶୁମାନ
ଧୂପ, ଦୀପ, ଆଳତି ଓ
ତୋ' ହାତର କେଣି କେଣି
ଦସଣାର ମାଳତିର
ସ୍ନିଗ୍ଧ ସୁବାସରେ,

ସଜ ତୁଳସୀର ବାସ୍ନା
ଅଗୁରୁ ଚନ୍ଦନ ଆଉ
କର୍ପୂର ଆଳତି
ସୃଜିଥାନ୍ତେ ବିମୋହିତ
ଧୂପର ସୁଗଂଧ
ଶ୍ରୀ ଅଂଗରେ କଉସ୍ତୁଭ ମଣି ଆଉ
ମଲ୍ଲୀକାର ମାଳ-
କେତେ ଅଭରଂଗ ଆଉ
କେତେ ଯେ ବିଭୋର ଲାଗେ
ଜଗନ୍ନାଥ ଦେଖିବାକୁ
ତୋ' ଦୁଇ ଆଖିର ଜ୍ୟୋତି
ଆଉ ତୋର ବିମୋହିତ
ଚତୁର୍ଦ୍ଧା ମୂରତି।

ନୟନାଭିରାମ ତୋର
ରୂପର ଦର୍ଶନ ପାଇଁ
ଶହ ଶହ କଷ୍ଟ ଏ କି
ଆକୁଳ ବେହାଗ
ତୋ' ସେନେହ ମମତାର
ପାଟ ଦଉଡ଼ିକୁ ଥରେ
ଛୁଇଁ ଦେବା ପାଇଁ
ଶହ ଶହ ପ୍ରାଣେ ଏ କି
ଅପୂର୍ବ ଆବେଗ।

ଏଇ ଜନ୍ମ ପାଇଁ ହେଲେ
ଖୋଲି ଦେ' ମୋ ଦୁଇ ହାତୁଁ
ମାୟାର ଶୃଙ୍ଖଳ
ଖୋଲି ଦେ' ଖୋଲି ଦେ' ମୋର
ଦୁଇ ପାଦୁଁ ନୀରୂପ ......ନୂପୁର
ନିମିଷକ ପାଇଁ ହେଲେ
ତୋ'ର ବଡ଼ଦାଣ୍ଡ ଧୂଳି
କୈବଲ୍ୟ କଣିକା ଆଉ
ତୋ' ନୀଳ ଆଖିର ଜ୍ୟୋତି
ଦେଖୁ ଦେଖୁ, ହଜିଯାଉ
ନଶ୍ୱର ଏ ଦେହ ମୋର
ତୋର ସ୍ୱର୍ଗଦ୍ୱାରେ-
ନିମିଷକ ପାଇଁ ହେଲେ
ବିଦେହ..... ବିଦେହ ମୋର
ମିଶିଯାଉ ତୋ' ପବିତ୍ର
ମହୋଦଧି ନୀରେ।

ସହକାରୀ ଅଧ୍ୟାପିକା,
ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

# ଦାରୁଦେବତା ଶ୍ରୀଜଗନ୍ନାଥ



ଶ୍ରୀ କୈଳାସ ତ୍ରିପାଠୀ

"ଯତ୍ର ସାକ୍ଷାତ ପରଂବ୍ରହ୍ମ ଦାରୁବ୍ରହ୍ମ ଶରୀରଭୃତ୍ ।
ଯତ୍ରାସ୍ତେ ଦାରବି ତନୁଃ ଢୀଣୋ ମାନୁଷ ଲୀଳାୟା ॥"

କ୍ଷେତ୍ର ମାହାତ୍ମ୍ୟରୁ ଉଦ୍ଧୃତ ବ୍ରହ୍ମ ପରିଗ୍ରହରୁ ସୁସ୍ପଷ୍ଟ ନିର୍ଗୁଣ ନିରାକାର ପରଂବ୍ରହ୍ମଙ୍କ ମାନବଲୀଳା ।

ବ୍ରହ୍ମରୂପ ତ୍ରିବିଧ । ସ୍ମରଣୀୟ, ପ୍ରତୀକାୟିତ ଓ ମୂର୍ତ୍ତିମନ୍ତ । ଭକ୍ତ ଇନ୍ଦ୍ରିୟାନୁଭବ ଭିତରେ ଦେଖେ ବ୍ରହ୍ମଙ୍କୁ । ପ୍ରତୀକ ଭିତରେ ନେତ୍ରାୟିତ କରେ । ମୂର୍ତ୍ତି କଳ୍ପନା ଭିତରେ ଉପଲବ୍ଧି କରେ ।

ମୂର୍ତ୍ତିକଳ୍ପ ବି ବହୁବିଧ, ମଣି, ମୃଣ୍ମୟ, ଧାତବ ଓ ଦାରୁ । ଦାରୁବିଗ୍ରହ କେବଳ ଶ୍ରୀକ୍ଷେତ୍ରରେ । ପରଂବ୍ରହ୍ମ ଶ୍ରୀଜଗନ୍ନାଥ ହିଁ ଦାରବ ବିଗ୍ରହକୁ ଆତ୍ମାଧାରା ରୂପେ ନିର୍ବାଚନ କରି ମାନବଲୀଳାର ସକଳ ବିରଚନରେ ସନ୍ତୁଷ୍ଟ ହୁଅନ୍ତି ଓ ମାନବକୁ କୃତାର୍ଥ କରନ୍ତି ।

ପୁରୁଷୋତ୍ତମ ବିହାରୀ ଶ୍ରୀଜଗନ୍ନାଥ ଯେ ଦାରୁଦେବତା କାହିଁକି, ଏ ପ୍ରାସଙ୍ଗିକ ଆଲୋଚନା ଅନାବଶ୍ୟକ । ଜଗନ୍ନାଥ ଆଦିମ ଆରାଧ୍ୟ । ଆଦିମମାନେ ଦାରୁକୁ ହିଁ ଦେବତାରୂପେ ପୂଜା କରନ୍ତି । ଏଇ ପୂଜନ ପରମ୍ପରା ଅଦ୍ୟାବଧି ଆଦିମାନବୀୟ ସମାଜରେ ବିଦ୍ୟମାନ । ବୈଦିକ ଆର୍ଯ୍ୟମାନଙ୍କ ପାଇଁ ମଧ୍ୟ ଦାରୁ ଥିଲା ଦେବତା । କିନ୍ତୁ ଆଧୁନିକତାର ଉତ୍ତରଣରେ ତାର ଉପସଂହାର ଘଟିଛି । ଆଦିମମାନେ କିନ୍ତୁ ଦାରୁଦେବତାର ସଂସ୍କୃତିରୁ ଏବେ ମଧ୍ୟ ବିଚ୍ୟୁତ ହୁଇନ୍ତି । ଗୋଟିଏ ମହାନ୍ ଧାରଣାର ଧାରକ ସେମାନେ । ବୃକ୍ଷ ବା ଦାରୁ ହିଁ ପ୍ରକୃତି । ପ୍ରକୃତି ହିଁ ପରମବ୍ରହ୍ମ । ଶାବର ସଭ୍ୟତାରେ ଏ ପର୍ଯ୍ୟନ୍ତ ଦାରୁର ପ୍ରାଧାନ୍ୟ ନିମିଳିତ ନୁହେଁ । ଜନ୍ମରୁ ମୃତ୍ୟୁ, ଏମୁତିକି ଶ୍ମଶାନ ପର୍ଯ୍ୟନ୍ତ ଦାରୁର ଭୂମିକା ଅପରିହାର୍ଯ୍ୟ । ଜୀବଦ୍ଦଶା ମଧ୍ୟ ଦାରୁ ସର୍ବସ୍ୱ । ଅତଏବ ଦାରୁ ଯେହେତୁ ମାନବର ଜନ୍ମ, ଜୀବନ ମରଣ ସହିତ ଅଙ୍ଗାଙ୍ଗୀ ଓ ଆତ୍ମିକ ଭାବରେ ବିଜଡିତ, ଆଦି ମାନବୀୟ ଆଧାତ୍ମିକ ସଂସ୍କୃତି ପ୍ରକୃତିର ପରମ ଉପଜୀବ୍ୟ ଦାରୁକୁ ହିଁ ଦେବତା ରୂପେ ସ୍ୱୀକାର କରିଛି ।

ସେଇ ଆଦିମାନବୀୟ (ଶାବର) ଚେତନାର ସନାତନ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ । ଅର୍ଥାତ୍ ସେଇ ଦାରୁବ୍ରହ୍ମ ।

ଜଗନ୍ନାଥ ବିଗ୍ରହ ନିର୍ମାଣ ନିମନ୍ତେ ନିମ୍ବବୃକ୍ଷକୁ ହିଁ ସର୍ବଶ୍ରେଷ୍ଠ, ସର୍ବୋତ୍କୃଷ୍ଟ ଉପାଦାନରୂପେ ଗ୍ରହଣ କରାଯାଇଛି । କାରଣ ନିମ୍ବବୃକ୍ଷ ହିଁ ଭବିଷ୍ୟ ପୁରାଣ, ବୃହତ୍ ସଂହିତା, ବିଷ୍ଣୁ ଧର୍ମୋତ୍ତର ପୁରାଣ ଅନୁଯାୟୀ ମହାବାହୁ । ଶାବର ତନ୍ତ୍ର ଓ ନୀଳତନ୍ତ୍ର ମଧ୍ୟ କହେ – ଯୁଗ୍ମ ଅମାବାସ୍ୟା ସଂଶ୍ଳିଷ୍ଟ ସଂକ୍ରାନ୍ତିରେ ମଳୟର ମୃଦୁସ୍ପର୍ଶ ଲାଭ କରି ନିମ୍ବ ବୃକ୍ଷ ମହନୀୟ ହୁଏ ଓ ସେଥିରେ ସ୍ୱୟଂ ବ୍ରହ୍ମ ବିରାଜିତ ହୁଅନ୍ତି । ତେଣୁ ଏହି ଦାରୁ ହିଁ ବିଗ୍ରହ ନିର୍ମାଣ ନିମନ୍ତେ ସର୍ବୋତ୍କୃଷ୍ଟ ବିବେଚିତ ହୁଏ ।

ଆୟୁର୍ବେଦ ଶାସ୍ତ୍ର ମଧ୍ୟ ନିମ୍ବକୁ ସର୍ବରୋଗହାରୀ ବୃକ୍ଷରୂପେ ମାନ୍ୟତା ପ୍ରଦାନ କରିଛି ।

ଶାସ୍ତ୍ର ମତରେ......

"ମହାନିମ୍ବସ୍ୟ ସଂସ୍ପର୍ଶାତ୍ ମହାବ୍ୟାଧି ବିନଶତି ।
ତତ୍ ବାୟୁ ସେବନାତ୍ ଦେହ ଭବେତ୍ ପୁଷ୍ଟ ନିରାମୟଃ ॥"

ଶିଳ୍ପଶାସ୍ତ୍ର ବି ସ୍ୱୀକାର କରେ , ନିମ୍ବକାଷ୍ଠ ବିଗ୍ରହ ସୃଷ୍ଟି ପାଇଁ ସର୍ବୋତ୍ତମ । କାରଣ ଏହା କଠିନ, ତିକ୍ତଗୁଣଯୁକ୍ତ, ଦୀର୍ଘସ୍ଥାୟୀ ତଥା ଅବିନଶ୍ୱର । ବାର ବର୍ଷଠାରୁ ଅଠର ବର୍ଷ ପର୍ଯ୍ୟନ୍ତ ଏ ବିଗ୍ରହ ସୁରକ୍ଷିତ ରହିପାରେ ।

ଶ୍ରୀଜଗନ୍ନାଥ ବ୍ରହ୍ମରୂପୀ ମାନବ । ମାନବୀୟ ଲୀଳାରେ ଚଳଚଞ୍ଚଳ । ମାନବବାଦର ସକଳ ନୈତିକ କର୍ମ, ଜୀବନ ମରଣର ଆଦ୍ୟାନ୍ତ କ୍ରିୟା ପ୍ରକ୍ରିୟା ସହିତ ଯେହେତୁ ବିଜଡିତ, ସେହେତୁ ଦାରୁ ଓ ଦାରୁ ଗୌରବ ନିମ୍ବପିଣ୍ଡରେ ଯେ ପରିଗ୍ରହୀତ ବ୍ରହ୍ମର ପରିପ୍ରକାଶ, ଏଥିରେ ଚକିତ ହେବାର କିଛି ନାହିଁ । ବିଗ୍ରହ ପ୍ରତିଷ୍ଠା ପାଇଁ ହୁଏତ ଦାରୁଶିଳ୍ପୀମାନେ ନିମ୍ବବୃକ୍ଷର ହିଁ ପ୍ରସ୍ତାବ ଦେଇଥିବେ ଏବଂ ପ୍ରତିଷ୍ଠାତାମାନେ ଏହା ଗ୍ରହଣ କରିନେଇ ଥିବେ । ଏହା ଏକ ବିନିଶ୍ଚିତ ବିଷୟ ।

ତେବେ ଶ୍ରୀଜଗନ୍ନାଥଙ୍କର ଏଇ ଦାରବ ପ୍ରତୀକାତ୍ମକ ପ୍ରତିମୂର୍ତ୍ତି ପରିକଳ୍ପନା ବୈଦିକ କାଳରୁ ପରିବେଶିତ ତଥା ଅନୁସୃତ ।

ଋଗବେଦ-ଦଶମ ମଣ୍ଡଳ-୧୫୫ ସୂକ୍ତ-ତୃତୀୟ ମନ୍ତ୍ର "ଅଦୋ ଯଦ୍ଦାରୁ ପ୍ଲବତେ..... ରୁ ସୁସ୍ପଷ୍ଟ ଯେ ଏହି ସୂକ୍ତର ଭାଷ୍ୟକାର ସାୟଣାଚାର୍ଯ୍ୟ ମହୋଦଧିରେ ହିଲ୍ଲୋଳିତ ଦାରୁକୁ ବ୍ରହ୍ମପିଣ୍ଡରୂପେ ପ୍ରତିଷ୍ଠା କରିବା ପାଇଁ ସୈଦ୍ଧାନ୍ତିକ ପ୍ରସ୍ତାବ ଆଗତ କରିଥିଲେ । କିନ୍ତୁ ଏହା ଏକମାତ୍ର ଚତୁର୍ଦ୍ଦଶ ଶତାବ୍ଦୀର କଥା । ଖ୍ରୀଷ୍ଟପୂର୍ବ ତିନିହଜାର ବର୍ଷ ପୂର୍ବର ସର୍ବ ପ୍ରାଚୀନ ରଚନା ବେଦରେ

ଯେହେତୁ ଦାରବ ପରିକଳ୍ପନା ପ୍ରାଞ୍ଜଳ, ସେହେତୁ ଗ୍ରହଣ କରାଯାଇପାରେ ଯେ ଦାରବ ବିଗ୍ରହ ପ୍ରତିଷ୍ଠା ସମ୍ବଳିତ ବୈଦିକ ବିଧାନକୁ ଏଇ ସନ୍ନିକଟବର୍ତ୍ତୀ ଅତୀତରେ ଗ୍ରହଣ କରାଯାଇଛି ମାତ୍ର । ବୈଦିକ ବିଧାନରେ ଅବଶ୍ୟ ମୂର୍ତ୍ତି ଉପାସନାର ଉଲ୍ଲେଖ ନାହିଁ । କେବଳ ପ୍ରକୃତି ଓ ପ୍ରତୀକମାନେ ହିଁ ଆରାଧ୍ୟ । ତା ସତ୍ତ୍ୱେ ଆମେ ଶ୍ରୀଜଗନ୍ନାଥଙ୍କୁ ଶାବର ଦେବତା ସହିତ ବୈଦିକ ଦେବତା ବୋଲି ମଧ୍ୟ ସ୍ୱୀକାର କରିପାରୁ । କାରଣ ବେଦରେ 'ଜଗନ୍ନାଥ' ଶବ୍ଦର ପ୍ରୟୋଗ ନ ଥିଲେ ମଧ୍ୟ ଦାରୁବ୍ରହ୍ମ ବିଗ୍ରହକୁ ମୂର୍ତ୍ତି ଅପେକ୍ଷା ପ୍ରତୀକ ବୋଲି ଅତି ମାତ୍ରାରେ ଗ୍ରହଣ କରାଯାଇପାରେ । ଶ୍ରୀଜଗନ୍ନାଥ ନାମକରଣ ହୁଏତ ମହାପ୍ରଭୁଙ୍କ ସର୍ବନାମରୁ ଗୋଟିଏ ହୋଇପାରେ, ଯଥା : ନୀଳମାଧବ, ଶବରୀ ନାରାୟଣ, ପୁରୁଷୋତ୍ତମ ଓ ସେଇ କ୍ରମରେ ଜଗନ୍ନାଥ ।

ଶ୍ରୀଜଗନ୍ନାଥ ଦାରୁଦେବତା । ପ୍ରମୂର୍ତ୍ତ ପରିଗ୍ରହରେ ଅମୂର୍ତ୍ତ ବ୍ରହ୍ମର ଆତ୍ମୋନ୍ମେଷ ।

ସେହି ଦାରୁଦେବତା ସକଳ କ୍ଷେତ୍ରର ରାଜା ଶ୍ରୀକ୍ଷେତ୍ରବାସୀ । ସକଳ ଦେବତାଙ୍କ ରାଜାଧିରାଜ । ଯେପରି ଆଖ୍ୟାନ କହେ -

''ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ,
ସର୍ବେଷାଂ ସର୍ବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ ।''

ଶ୍ରୀଜଗନ୍ନାଥ ବିଶ୍ୱପ୍ରଭୁ । ସେ ଆର୍ଯ୍ୟର, ଅନାର୍ଯ୍ୟର ସର୍ବଧର୍ମର, ସର୍ବ ଦର୍ଶନର, ସର୍ବଧର୍ମ ସମନ୍ୱୟର ଜୀବନ୍ତ ପ୍ରତୀକ । ବୌଦ୍ଧ, ଜୈନ, ଶୈବ, ଶାକ୍ତ, ବୈଷ୍ଣବ, ସୌର, ଚାନ୍ଦ୍ରାଦି ଧ୍ୱଜାଧାରୀଙ୍କ ହୃଦସ୍ୱାମୀ ବିଭୂତି, ଆସ୍ତିକର ଆରାଧ୍ୟ, ନାସ୍ତିକର ବି ନେତ୍ରପଥଗାମୀ, ସେ ହିଁ ଦାରୁବ୍ରହ୍ମ, ଦାରୁଦେବତା ।


ଦାରୁ ମାନବ ସମାଜର ଜୀବନ । ଜଗନ୍ନାଥ ମାନବ ସମାଜର ନାଥ । ମୁକ୍ତି ମୋକ୍ଷର ପରମାର୍ଥ । ଦାରୁ ପରଂବ୍ରହ୍ମଙ୍କ ପ୍ରିୟ ଆଧାର । ଏକଧାରା ଦେଦୀପ୍ୟମାନ ସତ୍ୟସିଦ୍ଧତା ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମଙ୍କ ବିଗ୍ରହରେ ପ୍ରକଟିତ ।

ପୁରୁଷୋତ୍ତମଙ୍କ କଣ୍ଠନିସୃତ ଅମୃତବାଣୀ :

''ଯେ ଯଥା ମାଂ ପ୍ରପଦ୍ୟନ୍ତେ, ତାଂ ସ୍ତଥୈବ ଭଜାମହମ୍ ।''

ତଥାପି ଆମେ କ'ଣ ଆମର ଇଷ୍ଟ ଆରାଧ୍ୟ ଶ୍ରୀଜଗନ୍ନାଥଙ୍କୁ ଦାରୁ-ପ୍ରତୀକ-ପ୍ରତିମାଠାରୁ ଭିନ୍ନ କୌଣସି ରୂପକଳ୍ପରେ ସ୍ମରଣଦର୍ଶନ କରି ସନ୍ତୁଷ୍ଟ ହୋଇପାରିବା କି ? ନା । ଦାରବ ବିଗ୍ରହରେ ମହାପ୍ରଭୁ ଯେତେ ଲଳିତ ଯେତେ ମନୋଜ୍ଞ, ଯେତେ ଆଧ୍ୟାତ୍ମ ଚେତନାର ଜାଗରଣକାରୀ, ଭକ୍ତିତପର ସୁଖଦ, ସ୍ୱର୍ଣ୍ଣ ବୈଦୁର୍ଯ୍ୟ ପ୍ରତିମାରେ ରୂପାୟିତ ହେଲେ ମଧ୍ୟ ଆମେ ତାଙ୍କୁ ସ୍ୱୀକାରି ପାରିବାନି ।

'ଜଗନ୍ନାଥ',
ଦ୍ୱା : ୩/୨-ଆଇ.ଡି.ସି.,
ୟୁନିଟ-୩, ଭୁବନେଶ୍ୱର ।



ଆନ୍ତଃରାଜ୍ୟ ସୀମା ବିବାଦ ସଂପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ସଚିବାଳୟ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରୁଛନ୍ତି ।(୬/୬)

# ଛାର କଥାକୁ ଛାମୁରେ ମାଗେ



ଶ୍ରୀ ରାଧାନାଥ ଦାସ

ଅଖିଳବ୍ରହ୍ମା, ଅବନାବନା    ଅନନ୍ତ ରୂପ ନାହିଁ ତୁଳନା
ଅବ୍ୟକ୍ତ, ଅଣାକାର, ନିର୍ଗୁଣ    ଅବତାରୀ ପୁରୁଷ
ଅପରା ଯାʼର ନାମ କୀର୍ତ୍ତନ    ଅମାପ ପାପ କରେ କର୍ତ୍ତନ
ଅଧରୁ ଯାʼର ଝରେ ମଧୁର    ଅମୃତ ବାରମାସ
ଅଶେଷ ଲୀଳା ଯାʼର
ଅପାଣି, ପାଦ ହୋଇଣ ସେହି
ଅବିରତ ସେ ଅଛଇ ଚାହିଁ
ଅରକ୍ଷିତଙ୍କୁ ହୁଅଇ ସାହା ଅସୀମ କୃପା ତାʼର ।୧।

ଜଗତଲୋକ ଭକତେ ଯହିଁ    ଜମା ହୁଅନ୍ତି ଯାʼ ଗୁଣ ଗାଇ
ଯମର ଟାଣ ରହେନି ଯମା    ଯାʼ ନାମ ନୀଳାଚଳ
ଜଳଧି ଯେମା ଯାʼ ପ୍ରାଣପ୍ରିୟା    ଜଗା, କାଳିଆ ଯାʼ ପ୍ରିୟ ନାଁ
ଜୟ ବିଜୟ ଦେଉଳେ ଯାର    ଜାଗ୍ରତ ଦ୍ୱାରପାଳ
ଯୋଡୁଚି ତାକୁ କର
ଜାତି, ଅଜାତି ନାହିଁ ଯେଉଁଠି
ଜଳେ ମୋ ମହାଦୀପ ସେଇଠି
ଜାଣି ମୋ ମଥା ପିଟଇ ନିତି ଜଣାଇ ଦୁଃଖ ମୋର ।୨।

ନୀଳଚକ୍ରକୁ ନିତି ନିରେଖି    ନିରେଖି ଜନେ ହୁଅନ୍ତି ସୁଖୀ
ନୀଳସାଗର ନିକଟି ଯାର    ନାମକୁ କରେ ଗାନ
ନମାଜି ଉଚ୍ଚ, ନୀଚର ନୀତି    ନିର୍ମାଲ୍ୟ ଯହିଁ ଦିଏ ମୁକତି
ନିତ୍ୟ ବୈକୁଣ୍ଠ ଶ୍ରୀନୀଳାଚଳ    ନୁହେଁ କେ ଏହା ସମ
ନିଜେ ଶ୍ରୀ ନାରାୟଣ
ନରକ ବ୍ୟଥା ନିତ୍ୟ ନିବାରି
ନାଟ ଦେଖନ୍ତି ନାଟୁଆ ହରି
ନାବିକ ସାଜି ଭବସାଗରୁ ନରେ କରନ୍ତି ତ୍ରାଣ ।୩।

ବଳଭଦ୍ର ଯେ ଅଗ୍ରଜ ଯାʼର    ବସନ ଅଟେ ନୀଳ ସୁନ୍ଦର
ବହିଣ କରେ ହଳ, ମୁଷଳ    ବସନ୍ତି ତାଳ ଧ୍ୱଜେ
ବଡ ସୁନ୍ଦରୀ ଭଗିନୀ ଭଦ୍ରା    ବରନ ଯାʼର ହେମ-ହରିଦ୍ରା
ବିଜେ କରନ୍ତି ଦର୍ପ ଦଳନେ    ବିରାଜେ ଚକ୍ରରାଜେ
ବିବିଧ ବାଦ୍ୟ ବାଜେ
ବ୍ରହ୍ମାଣ୍ଡ ସ୍ୱାମୀ ଶ୍ରୀଜଗନ୍ନାଥେ
ବିରାଜି ଶ୍ରୀ ନନ୍ଦୀଘୋଷ ରଥେ
ବିଚିତ୍ର ଲୀଳା କରି ରଚନା-ବର ଯାଚନ୍ତି ନିଜେ ।୪।

ଛପନଭୋଗୀ ଛଳିଆ ଦିଅଁ    ଛଳନା ଆଉ କାହିଁକି କୁହ ?
ଛନକା ପଶେ ମୋର ଛାତିରେ    ଛଇ ଛଟକ ଦେଖି
ଛଡେଇ ନେବ ଯେବେ ମୋ ଜୀବ    ଛଅଣ୍ଟି କାଠି ଲୋଟା ହୋଇବ
ଛାଡ଼ିବ ନାହିଁ ତୁଣ୍ଡରୁ ନାମ    ଛଡା ତୁଳସୀ ଚାଖି
ଛବିକି ହୃଦେ ଲେଖି
ଛାଡିବି ଜୀବ ବୋଲିଣ ହରି
ଛପିଣ ଥିବ ହୃଦେ ମୋହରି
ଛାର କଥାକୁ ଛାମୁରେ ମାଗେ-ଛନ୍ଦା ଚରଣ ସାକ୍ଷୀ ।୫।

ପତ୍ରପାଡ଼ି,
ଆଠଗଡ ଟାଉନ,
କଟକ-୭୫୪୦୨୯ ।



# ତରଳ ପେଟ୍ରୋଲିୟମ୍ ଗ୍ୟାସ୍

ଶ୍ରୀ ଦୁର୍ଗାଚରଣ ନାୟକ

ଆଜିକାଲି କାଠ ଜାଳିବା ସ୍ୱପ୍ନର କଥା, ଠାକୁର ମୂର୍ତ୍ତି ତିଆରି ପାଇଁ ମଧ୍ୟ କାଠ ମିଳୁ ନାହିଁ। କୋଇଲା ଜାଳିଲେ ଧୂଆଁ ହେଉଥିବାରୁ ଅନେକ ଗୃହିଣୀ କୋଇଲା ଚୁଲୀକୁ ନାକ ଟେକୁଛନ୍ତି। ଅଧିକାଂଶ ଗୃହିଣୀ ଗ୍ୟାସ୍ ଆଣିବା ପାଇଁ ସ୍ୱାମୀଙ୍କୁ ମୁରୁକିହସା ଦେଇ ପରାମର୍ଶ ଦେଉଛନ୍ତି। କେତେକ ଦୁର୍ଦ୍ଦାନ୍ତ ସ୍ୱାମୀ କହୁଛନ୍ତି ବାପାଙ୍କୁ କହିଲନି, ସାଙ୍ଗରେ ଗୋଟିଏ ଗ୍ୟାସ୍ ସିଲିଣ୍ଡର ଓ କାର୍ଡ଼ ଗୋଟିଏ ପଠାଇ ଦେଇଥାନ୍ତେ।

ଏହି ପରିପ୍ରେକ୍ଷୀରେ ସାଧାରଣ ପରିବାରର ରୋଷେଇ କରିବା ପାଇଁ ଗ୍ୟାସ୍ ସିଲିଣ୍ଡରଟି ଅପରିହାର୍ଯ୍ୟ ହୋଇ ପଡ଼ିଛି। କିନ୍ତୁ କିପରି ଗ୍ୟାସ୍ ସିଲିଣ୍ଡର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷଗୁଡ଼ିକ ଆଇନଗତ ଭାବେ ମିଳିପାରିବ ଓ ସେଗୁଡ଼ିକୁ ବ୍ୟବହାର କରିପାରିବ ଏଥି ଲାଗି ଏହି ପ୍ରବନ୍ଧଟି ଉଦ୍ଦିଷ୍ଟ। ପେଟ୍ରୋଲିୟମ୍ ଗ୍ୟାସ୍, ବୁଟେନ୍ ଓ ଏହି ପ୍ରୋପେନ୍ ନାମକ ତରଳ ୨ଟି ଗ୍ୟାସ୍ ମିଶ୍ରଣରେ ଗଠିତ ହୋଇଥାଏ ଏବଂ ଅଳ୍ପ ଚାପରେ ଏହି ଗ୍ୟାସ୍ ତରଳ ଅବସ୍ଥା ପ୍ରାପ୍ତ ହୋଇଥାଏ। ଏହା ବର୍ଣ୍ଣହୀନ ଓ ଗନ୍ଧହୀନ। ଏହା ବିପଦପୂର୍ଣ୍ଣ ନୁହେଁ। ଏହା ପାଣିରେ ଭାସି ପାରେ ଏବଂ ବାୟୁ ଅପେକ୍ଷା ଅଧିକ ଘନ। ଏହି ଜାଳେଣି ଗ୍ୟାସ୍ ଅନ୍ୟ ସମସ୍ତ ଜାଳେଣି ଅପେକ୍ଷା ଶସ୍ତା। ପି:ଏସ୍:ୟୁ ତେଲ କମ୍ପାନୀ ଦ୍ୱାରା ତିନି ପ୍ରକାରର ଗ୍ୟାସ୍ ସିଲିଣ୍ଡର ପ୍ରସ୍ତୁତ କରାଯାଉଛି। ସେଗୁଡ଼ିକ ହେଲା ୧୪-୨ କେଜି, ୧୯ କେଜି: ଓ ୪୭-୫ କେଜି: ଓଜନ ବିଶିଷ୍ଟ। ଏହି ଗ୍ୟାସ୍ ପ୍ରସ୍ତୁତ ହେଲାବେଳେ ବି:ଆଇ:ଏସ୍: ଇନ୍ସପେକ୍ଟରଙ୍କ ତଦାରଖରେ ହୋଇଥାଏ ଏବଂ ଏହା ଉପରେ ବିସ୍ଫୋରକ ନିୟନ୍ତ୍ରଣକାରୀଙ୍କ ଦସ୍ତଖତ ରହିଥାଏ। ନୂତନ ଗ୍ୟାସ୍ ଆଣିବା ଲାଗି କେତେଗୁଡ଼ିଏ ବିଧି ରହିଛି। ବାସ କରୁଥିବା ଅଞ୍ଚଳରେ ଗ୍ୟାସ୍ ବଣ୍ଟନକାରୀ ପାଖକୁ ଯାଇ ନିଜର ଆବାସିକ ପ୍ରମାଣପତ୍ର ଦେଖାଇ ତାଙ୍କ ପାଖରେ ଗ୍ୟାସ୍ ନେବା ଲାଗି ପ୍ରସ୍ତୁତ ତାଲିକାରେ ନିଜ ନାମକୁ ତାଲିକାଭୁକ୍ତ କରିବା ଆବଶ୍ୟକ।

ନୂତନ ଗ୍ୟାସ୍ ଆଣିବା ଲାଗି କୌଣସି ଅର୍ଥ ଆବଶ୍ୟକ ନାହିଁ। ଯଦି ଚାକିରିରେ ଆପଣଙ୍କର ଅନ୍ୟତ୍ର ବଦଳି ହେଉଛି ଏବଂ ଆପଣ ଗ୍ୟାସ୍ ପାଇବା ପାଇଁ ପ୍ରତୀକ୍ଷା କରିଥାନ୍ତି ତା'ହେଲେ ଯେଉଁ ସ୍ଥାନକୁ ଚାକିରିରେ ବଦଳି ହେଉଛନ୍ତି ସେହି ସ୍ଥାନରେ ଏଲ୍:ପି:ଜି: ଗ୍ୟାସ୍ ବଣ୍ଟନକାରୀଙ୍କୁ ନିକଟରେ ଆଗରୁ ଗ୍ୟାସ୍ ପାଇବା ପାଇଁ ରେଜିଷ୍ଟ୍ରେସନ୍ ହୋଇଥିବା ସଠିକ ତାରିଖ ତଥା ଗ୍ୟାସ୍ ପାଇବା ଲାଗି ପ୍ରତୀକ୍ଷା ତାଲିକାରେ ତୁମର କ୍ରମିକ ନମ୍ବର ଦାଖଲ କରିବା ଉଚିତ୍। ନୂତନ ସ୍ଥାନରେ ମଧ୍ୟ ସେହି ସଠିକ ରେଜିଷ୍ଟ୍ରେସନ୍ ତାରିଖଟିର ମାନ୍ୟତା ରକ୍ଷା କରାଯାଇଥାଏ।

ଦରଖାସ୍ତକାରୀ ଯଦି ମରିଯାନ୍ତି ତା'ହେଲେ ତାଙ୍କ ବଦଳରେ ସେହି ପ୍ରତୀକ୍ଷା ତାଲିକାରେ ଥିବା ନମ୍ବରଟିକୁ ପରିବାରର ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମକୁ ସ୍ଥାନାନ୍ତରିତ କରାଯାଇପାରେ, ଯଦି ପରିବାରର କୌଣସି ବ୍ୟକ୍ତି ଏଥିରେ ବିରୋଧ ନକରନ୍ତି ଏଥିଲାଗି ଏକ ଅଭିଯୋଗ ନଥିବା ପ୍ରମାଣପତ୍ର ଦରକାର।

ତତ୍କାଳ ପରିକଳ୍ପନା (Tatkal Scheme) ଦ୍ୱାରା ପ୍ରତୀକ୍ଷା ସମୟକୁ ବାଦ ଦିଆଯାଇ ପାରିବ ଏବଂ ଆପଣଙ୍କୁ ୫,୦୦୦ ଟଙ୍କା ଏକକାଳୀନ ଦାଖଲ କରି ଆପଣ ଏଲ୍:ପି:ଜି: ଗ୍ୟାସ୍ ପାଇ ପାରିବେ।

ଗ୍ୟାସ୍ ପାଇବାରେ ଯେଉଁ ଧନ୍ଦା ହେଉଛି ତାହା ରୋକିବା ପାଇଁ ତେଲ କମ୍ପାନୀ ବଣ୍ଟନକାରୀଙ୍କ କାର୍ଯ୍ୟକଳାପକୁ ତଦାରଖ ତଥା ନିୟନ୍ତ୍ରଣ କରୁଛନ୍ତି।

ବଣ୍ଟନକାରୀଙ୍କୁ ତଦାରଖ କରିବା ପାଇଁ ପ୍ରତ୍ୟେକ ଦିନ ତେଲ କମ୍ପାନୀରୁ ଯଥା ବିକ୍ରୟ ଅଧିକାରୀ ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଆସିଥାନ୍ତି। ସେମାନେ ସୋରୁମ୍, ଗୋଦାମ ଏବଂ ଏଲ୍:ପି:ଜି: ଗ୍ୟାସ୍ ମହଜୁଦ୍ ଭଣ୍ଡାର ତଦାରଖ କରିଥାନ୍ତି।

ସାମୟିକ ସମୀକ୍ଷା ମଧ୍ୟ ହେଉଥାଏ ଯଦି କୌଣସି ପ୍ରକାର ତ୍ରୁଟି ପରିଲକ୍ଷିତ ହୁଏ, ଆଇନଗତ କାର୍ଯ୍ୟାନୁଷ୍ଠାନ ବଜାର ଶୃଙ୍ଖଳା ଆଇନ ଅନୁଯାୟୀ ଗ୍ୟାସ୍ ବଣ୍ଟନକାରୀଙ୍କ ବିରୁଦ୍ଧରେ ଗ୍ରହଣ କରାଯାଇଥାଏ।

ତରଳ ପେଟ୍ରୋଲିୟମ୍ ଗ୍ୟାସ୍‌ର ଅନଧିକୃତ ବ୍ୟବହାରକୁ ରୋକିବା ଲାଗି ତେଲ କମ୍ପାନୀ ଅଫିସର ତଥା ଯୋଗାଣ ଅଧିକାରୀ ବାଣିଜ୍ୟିକ ଅନୁଷ୍ଠାନଗୁଡ଼ିକରେ ତଦାରଖ କରିଥାନ୍ତି ଏବଂ ସରଞ୍ଜାମଗୁଡ଼ିକର ଅନଧିକୃତ ବ୍ୟବହାରକୁ ଜବତ କରିଥାନ୍ତି।

ତେଲ କମ୍ପାନୀରୁ ଆପଣଙ୍କ ପାଇଁ ଗ୍ୟାସ୍ ମିଳିବା ନିର୍ଦ୍ଦେଶ ସହିତ ଗ୍ୟାସ୍ ବଣ୍ଟନକାରୀଙ୍କଠାରୁ ଆପଣଙ୍କର ଗ୍ୟାସ୍ ପାଇଁ ଗ୍ୟାସ୍ ଖରିଦ କରିବା ଅର୍ଡର ଉପରେ ଗ୍ୟାସ୍ ମିଳିଥାଏ।

ଗ୍ୟାସ୍ ବଣ୍ଟନକାରୀ ଗ୍ୟାସ୍ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କୁ ଗୋଟିଏ ଲେଖାଏଁ ପାଶବୁକ୍ ଦେଇଥାନ୍ତି, ସେହି ପାଶବୁକ୍‌ରେ ଗ୍ୟାସ୍ ବ୍ୟବହାର କରୁଥିବା ବ୍ୟକ୍ତିର ନାମ ଓ ଠିକଣା ଥାଏ ।

ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ୍ ଶେଷ ହୋଇଗଲେ ଗୋଟିଏ ଟେଲିଫୋନ୍ ଡକରା ଦ୍ୱାରା କିମ୍ବା ପୋଷ୍ଟକାର୍ଡ଼ ମାଧ୍ୟମରେ ବଣ୍ଟନକାରୀଙ୍କୁ ଚିଠି ଦ୍ୱାରା କିମ୍ବା ଗ୍ୟାସ୍ କିଣିବା ଲାଗି ଚିଠା ମାଧ୍ୟମରେ କିମ୍ବା ନିଜେ ଗ୍ୟାସ୍ ଶୋରୁମ୍‌କୁ ଯାଇ ଗ୍ରାହକ ଗ୍ୟାସ୍ କିଣି ପାରିବେ । ଯେଉଁଠି ଗ୍ୟାସ୍ ବଣ୍ଟନକାରୀଙ୍କ ଅଞ୍ଚଳ ବିସ୍ତୃତ ହୋଇଥାଏ ସେହିଠାରେ ଗ୍ୟାସ୍ ବଣ୍ଟନକାରୀ ରିଫିଲ୍ ବୁକିଂ ବକ୍ସ ଯୋଗାଇଥାଏ ଫଳରେ ଗ୍ୟାସ୍ ଶେଷ ହୋଇଗଲେ ଗ୍ୟାସ୍ ରିଫିଲ୍ ସୁବିଧାରେ ମିଳିଯାଇଥାଏ ।

ଆପଣଙ୍କର ସଠିକ ଖାଉଟି ନମ୍ବର ମନେ ରଖିବା ଉଚିତ । ଏହା ଦ୍ୱାରା ଗ୍ୟାସ୍ ବୁକିଂ କରିବା ଲାଗି ସୁବିଧା ହୋଇଥାଏ । ରିଫିଲ୍ ବୁକିଂ କରିବା ଲାଗି ମଧ୍ୟ ଗୋଟିଏ ବୁକିଂ ନମ୍ବର ମିଳିଥାଏ ।

ଏହି ଗ୍ୟାସ୍ ସିଲିଣ୍ଡରକୁ ରୋଷେଇ ଶାଳ ପର୍ଯ୍ୟନ୍ତ ପହଞ୍ଚାଇ ଦିଆଯିବାର ବ୍ୟବସ୍ଥା ହୋଇଥାଏ । ଏହାକୁ ଘରୋଇ ଡେଲିଭରି କୁହାଯାଇଥାଏ ।

ଆପଣ ବ୍ୟବହାର କରୁଥିବା ଗ୍ୟାସ୍ ସଂଯୋଗକୁ ଯେକୌଣସି ସ୍ଥାନକୁ ସ୍ଥାନାନ୍ତରିତ କରିପାରିବେ । ଏଥିଲାଗି ଆପଣ ଦାଖଲ କରିଥିବା ଟଙ୍କା ଫେରି ପାଇବେ ଏବଂ ଅନ୍ୟ ଯେଉଁଠି ଆପଣ ନିଜ ନାମ ପୁନଶ୍ଚ ନୂତନ ତାଲିକାରେ ଅନ୍ତର୍ଭୁକ୍ତ କରିବେ ସେଠାରେ ସେହି ଟଙ୍କା (ଡ଼ିପୋଜିଟ୍) ପୈଠ କରିବେ । ଯେତେବେଳେ ବଜାର ଦର ଯାହା ହେଉନା କାହିଁକି ସେଥିରେ କିଛି ଯାଏ ଆସେ ନାହିଁ ।

ଗ୍ରାହକମାନଙ୍କର ସମସ୍ୟାକୁ ଦୃଷ୍ଟିରେ ରଖି କିଭଳି ଭାବେ ଗ୍ରାହକମାନଙ୍କୁ ଉନ୍ନତ ମାନର ସେବା ଯୋଗାଇବାକୁ ହେବ ସେଥିପ୍ରତି ନିରବଚ୍ଛିନ୍ନ ଭାବେ ଉଦ୍ୟମ ଜାରି ରହିଛି । ସମସ୍ତ ପଦ୍ଧତିକୁ ଗ୍ରାହକମାନଙ୍କର ସୁବିଧା ନିମନ୍ତେ ସରଳ କରାଯାଇଛି ।

ଆପଣଙ୍କ ନିକଟତର ହେବା ନିମନ୍ତେ ବିଭିନ୍ନ ପ୍ରଣାଳୀରେ ଅଭିଯୋଗଗୁଡ଼ିକର ସମାଧାନ ତଥା ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି ।

* ବିଭିନ୍ନ ସ୍ଥାନମାନଙ୍କରେ ଯେଉଁଠି ଆଞ୍ଚଳିକ/ମଣ୍ଡଳୀୟ କାର୍ଯ୍ୟାଳୟ ନଥାଏ ସେଠାରେ ପୂର୍ବ ନିର୍ଦ୍ଧାରିତ ଦିନ ଅନୁଯାୟୀ ତୈଳ କମ୍ପାନୀ କର୍ମକର୍ତ୍ତାମାନଙ୍କ ଦ୍ୱାରା ଆଞ୍ଚଳିକ ସେବା ପ୍ରକୋଷ୍ଠ କାର୍ଯ୍ୟ କରିଥାଏ ।
* ଅଫିସ୍‌କାର୍ଯ୍ୟ ହେଉଥିବା ସମୟରେ ବଣ୍ଟନକାରୀଙ୍କ ପକ୍ଷରୁ ଗ୍ୟାସ୍ ଲିକେଜ୍ ଏବଂ ଅନ୍ୟାନ୍ୟ ଅଭିଯୋଗ ପାଇଁ ତୁରନ୍ତ ସାହାଯ୍ୟ ନିମନ୍ତେ ଏକ ଜରୁରୀକାଳୀନ ସେବା ପ୍ରକୋଷ୍ଠ କାର୍ଯ୍ୟ କରୁଛି । ଏପରିକି ଅଫିସ୍ ସମୟ ପରେ ମଧ୍ୟ ଗ୍ୟାସ୍ ଲିକେଜ୍ ଲାଗି ତୁରନ୍ତ ସାହାଯ୍ୟ ଯୋଗାଇବା ନିମନ୍ତେ ତୈଳ ଶିଳ୍ପମାନଙ୍କ ଦ୍ୱାରା ଜରୁରୀକାଳୀନ ସେବା ପ୍ରକୋଷ୍ଠ କାର୍ଯ୍ୟ କରୁଛି । ଆପଣଙ୍କ ଅଞ୍ଚଳରେ ଥିବା ସମସ୍ତ ତୈଳ କମ୍ପାନୀମାନଙ୍କର ଜରୁରୀକାଳୀନ ସେବା ପ୍ରକୋଷ୍ଠ ଏକ ରକମର ଅଟେ । ଯେକୌଣସି ଗ୍ୟାସ୍ କମ୍ପାନୀରେ ଗ୍ରାହକ ହୋଇଥିଲେ ମଧ୍ୟ ଜରୁରୀ ସେବା ପାଇଁ ଅନ୍ୟ ଏକ ଗ୍ୟାସ୍ କମ୍ପାନୀର ସ୍ଥାନୀୟ ଅଫିସରୁ ସମ୍ପ୍ରତି ଏହି ଶିଳ୍ପ ଅଧିକରୁ ଅଧିକ ଜରୁରୀ କାଳୀନ ସେବା ପ୍ରକୋଷ୍ଠ ଖୋଲିବା ପାଇଁ ଉଦ୍ୟମ ଅବ୍ୟାହତ ରଖିଛି ।
* ଲୋକମାନଙ୍କୁ ତରଳ ପେଟ୍ରୋଲିୟମ୍ ଗ୍ୟାସ୍ କିଭଳି ବ୍ୟବହାର କରିବାକୁ ହେବ ତାହା କ୍ଷେତ୍ରାଧିକାରୀମାନେ ଗ୍ରାହକ ଘରକୁ ଯାଇ ସେ ବିଷୟରେ ଶିକ୍ଷା ଦେଇଥାନ୍ତି ।
* ରିଫିଲ୍ ଗ୍ରହଣ କରିଲାବେଳେ ରିଫିଲ୍ ବହନ କରୁଥିବା ପିଲାଟି ଆପଣଙ୍କ ସମ୍ମୁଖରେ ସିଲିଣ୍ଡରର ସିଲ୍‌ଟିକୁ ଖୋଲି ପରୀକ୍ଷା କରିନେବ ଯେକୌଣସି ଗ୍ୟାସ୍ ଲିକ୍ ଅଛିକି ନାହିଁ ଏବଂ ଗ୍ୟାସ୍ କାର୍ଯ୍ୟକ୍ଷମ ଅବସ୍ଥାରେ ଅଛିକି ନାହିଁ ତାହା ମଧ୍ୟ ଦେଖିପାରିବ । ଯଦି ସେ ତାହା ନକରେ ତାଙ୍କୁ ଉପଯୁକ୍ତ ପରୀକ୍ଷା ନିରୀକ୍ଷା କରିବା ପାଇଁ ବାଧ୍ୟ କରିବାର ଅଧିକାର ଆପଣଙ୍କର ରହିଛି । ଗ୍ରାହକମାନଙ୍କୁ ଗ୍ୟାସ୍‌ର କିଭଳି ନିରାପଦ ଭାବେ ବ୍ୟବହାର କରାଯାଇ ପାରିବ ସେ ସମ୍ପର୍କରେ ସମ୍ୟକ୍ ଧାରଣା ଦେବା ଲାଗି 'ନିରାପତ୍ତା' ଉପରେ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥାଏ ।

କୌଣସି ଲୋକ କ୍ଷତିଗ୍ରସ୍ତ ହେଲେ ତୈଳ ଶିଳ୍ପ କମ୍ପାନୀ ତା'ର କ୍ଷତି ପରିମାଣ ବିମାନୀତି ଅନୁଯାୟୀ ଟଙ୍କା ସାହାଯ୍ୟ କରିଥାଏ । କୌଣସି ଲୋକ ମରିଗଲେ ବି ତତ୍‌କ୍ଷଣାତ୍ ୨୫,୦୦୦ ଟଙ୍କା ତାଙ୍କ ନିଜ ଲୋକଙ୍କୁ ଦେଇଥାଏ ନଚେତ୍ ଲୋକ ଯଦି ବଞ୍ଚିଥାଏ ତା'ର କ୍ଷତିପୂରଣ ଲାଗି କିଛି ଅର୍ଥ ମଞ୍ଜୁର କରିଥାଏ ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଭୁବନେଶ୍ୱର


# ଶୁଣିବା ହେଉ ମଣିମା
# ମାଗୁଣି ଏତିକି

ଶ୍ରୀ ନିକୁଞ୍ଜ କିଶୋର କାନୁନଗୋ

ଧନ ଜନ ଐଶ୍ୱର୍ଯ୍ୟ ସମ୍ମାନ
ନ ମାଗିଣ ଭକ୍ତ ଜଣେ ମାଗିଥିଲା
ଶରଧାବାଲିରୁ ହାତେ,
ଦିନେ ଜଗନ୍ନାଥ ତତେ !
ଆଜି ତୋର ଶ୍ରୀଗୁଣ୍ଡିଚା ରଥଯାତେ
କିଛି ମୁହିଁ ମାଗୁନାହିଁ ତୋତେ
ମୋହ ପାଇଁ
ହେ ଜଗତ ସାଇଁ !
ମଣିମା ଶୁଣିବା ହେଉ
ମୋର ଏତିକି ମାଗୁଣି,
ଆସ ଅବତରି ପୁଣି,
ନାଶ କର ଦୁର୍ବାର ଏ ଦୁର୍ନୀତି-ଦାନବ,
ଯାହାର ଉତ୍ପାତେ ହାହାକାର କରୁଣ ଚିତ୍କାର କରେ ବିଶ୍ୱମାନବ ।
ବଢ଼ି ବଢ଼ି ଅଧର୍ମ ଦିନକୁ ଦିନ ସାଇଁ ସାଇଁ
ବହୁ ଉଚ୍ଚେ ଉଠେ,
ଲଢ଼ି ଲଢ଼ି ଧରମ କାନ୍ଦଇ ବସି ଦୁଃଖ-ନଈ
କେଦନାର ତୁଠେ ।
ଯୁଗେ ଯୁଗେ ନାରୀର ଲାଞ୍ଛନା ତୁମେ ପାରିନାହିଁ ସହି,
ମହାବାହୁ ଭାବଗ୍ରାହୀ ।
କୋଟିକୋଟି ବସ୍ତ୍ରମାନ, କରି ଦାନ,
ରକ୍ଷା କରିଥିଲ ହେଲେ,କୁରୁରାଜ ସଭାସ୍ଥଳେ,
ଦୁଃଶାସନ କବଳରୁ
ଦ୍ରୌପଦୀ ସମ୍ମାନ ।
ଆଜି କିନ୍ତୁ ବହୁ ଦୁଃଶାସନ କବଳାରେ
ଅଗଣିତ ଅସହାୟା ମହିଳା ଇଜ୍ଜତ,
ହେଉଛି ଲୁଣ୍ଠିତ ।
ଚକାଆଖି,
ଏ ସବୁକୁ ପାରୁନିକି ଦେଖି ?

ମହାବାହୁ ଥାଉଁଥାଉଁ
ସୁଦର୍ଶନ ଚକ୍ର କି ନିଷ୍ଫଳ ?
ଆଉ କିଏ ଅଛି ମହାବୀର ଦେଖାଇବ ବଳ ?
ପ୍ରିୟ ସଖା ଅର୍ଜୁନର କରିଲ କଳା-ହରଣ,
ତୁମ ବିନା କାହାର ବା ବିଶ୍ୱବାସୀ ପଶିବେ ଶରଣ ?
ଆହେ ଜନାର୍ଦ୍ଦନ,
ମୋ ମିନତି ଘେନ !
ଅବତାରୀ ପ୍ରଭୁ ଆହେ ଅବତରି ଆସ
ଧରି ହସ୍ତେ ଖଡ଼ଗ ସଙ୍ଗେ ଚକ୍ର ସୁଦର୍ଶନ !
କର ଟୁଲୁଟୁଲୁ ଧରା ଦଲଦଲ,
କିଆରି ମାନବଛଦ୍ମି ଦାନବ ସକଳ,
ହେ କଳକି ଅବତାର,
ଜଗତ ଉଦ୍ଧାର !
ଶେଷ ହେଉ କଳିଯୁଗ,
ଆସୁ ପୁଣି ସତ୍ୟ ଯୁଗ,
ଦୀନ ଦଳିତର ମୁଖେ ଫୁଟିଉଠୁ
ସନ୍ତୋଷର ମନଖୋଲା ହସ,
ଊଷା ଲୋକେ ପ୍ରସ୍ଫୁଟିତ ପ୍ରସୂନ ସଦୃଶ !!
କୋଟି କୋଟି ହୃଦ-ବୀଣା ତାରେ,
ଝରଣାର ଝର ଝର କଳ କଳ
ସୁମଧୁର ସ୍ୱରେ,
ଝଙ୍କୃତ ହୋଇ ଉଠୁ
ମୈତ୍ରୀ-ଶାନ୍ତି-ତୃପ୍ତିର ଲହର,
ସତ୍ୟ-ଶିବ-ସୁନ୍ଦର ଝଙ୍କାର !!!

ବି.ଆର.ପି.-୯୭,
ପାଣ୍ଡବନଗର,
ଭୁବନେଶ୍ୱର-୭୫୧୦୧୮ ।



# ସମ୍ବାଦ ପରିକ୍ରମା

## ଶ୍ରୀଜଗନ୍ନାଥ ମନ୍ଦିରର ସୁପରିଚାଳନା ପାଇଁ ଦଶକୋଟି ଟଙ୍କାର ପାଣ୍ଠି ଗଠନ କରାଯିବ

ଶ୍ରୀଜଗନ୍ନାଥ ମନ୍ଦିରର ସୁପରିଚାଳନା ପାଇଁ ୧୦ କୋଟି ଟଙ୍କାର ଏକ ପାଣ୍ଠି ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପୁରୀ ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଏହି ପାଣ୍ଠି ଗଠନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୮ କୋଟି ଟଙ୍କା ଯୋଗାଇ ଦିଆଯିବ ଓ ଏଥିପାଇଁ ଆଗାମୀ ବଜେଟ୍‌ରେ ବ୍ୟବସ୍ଥା ରଖାଯିବ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତି ବିକ୍ରୀ କରାଯାଇ ଅବଶିଷ୍ଟ ୨ କୋଟି ଟଙ୍କା ବନ୍ଦୋବସ୍ତ କରାଯିବ । ଏହି ପାଣ୍ଠିକୁ ସ୍ଥିରସଞ୍ଚୟ ଯୋଜନାରେ ଜମା ରଖାଯାଇ ଲବ୍ଧ ସୁଧରୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ଯାବତୀୟ ଖର୍ଚ୍ଚ କରାଯିବ । ମନ୍ଦିରର ରୋଷଘର ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଏହାର ମରାମତି ପାଇଁ ପ୍ରାୟ ୩୦ ଲକ୍ଷ ଟଙ୍କା ଲାଗିବ । ଏଥିପାଇଁ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ପୁରୀ ଏସ୍. ପି.ଙ୍କୁ ଶ୍ରୀଜଗନ୍ନାଥ ମନ୍ଦିରର ପରିଚାଳନା ସମିତିରେ ସ୍ଥାୟୀ ସଦସ୍ୟ ରୂପେ ନେବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସମସ୍ୟା ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା । ପୂର୍ବରୁ ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍‌ରେ ବ୍ୟବସ୍ଥା ରଖାଯାଇଥିଲା ଯେ, ଋଣରୁ ମିଳୁଥିବା ଅର୍ଥର ସୁଧର ଶତକଡ଼ା ୪୫ ଭାଗ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟକୁ ଦିଆଯିବ । ମାତ୍ର ଏହି ଆଇନ୍‌ର ଉଲଘଂନ କରାଯାଇ ୧୨-୧୧-୧୯୯୦ ତାରିଖଠାରୁ ଏହି ଅର୍ଥ ବିଶ୍ୱବିଦ୍ୟାଳୟକୁ ଦିଆଯାଇନାହିଁ । ଏ ବାବଦରେ ବିଶ୍ୱବିଦ୍ୟାଳୟର ବକେୟା ଦେୟ ୩୪ ଲକ୍ଷ ଟଙ୍କା ହେବା ସଙ୍ଗେ ସଙ୍ଗେ ଏଣିକି ନିୟମିତ ଭାବରେ ଯେପରି ଏହି ଅର୍ଥ ବିଶ୍ୱବିଦ୍ୟାଳୟ ପାଇ ପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହାଛଡ଼ା ବିଶ୍ୱବିଦ୍ୟାଳୟର ଛାତ୍ରୀ ନିବାସ ଓ ପ୍ରଶାସନିକ ଭବନ ଆଦି ନିର୍ମାଣ କରିବା ପାଇଁ ୫୦ ଲକ୍ଷ ଟଙ୍କା ରାଜ୍ୟ ସରକାର ମ୍ୟାଚିଂ ଗ୍ରାଣ୍ଟ ଭାବରେ ଯୋଗାଇ ଦେବେ ବୋଲି ନିଷ୍ପତ୍ତି ନିଆଯାଇଥିଲା । ବିଶ୍ୱବିଦ୍ୟାଳୟ ପରିସରରେ ନିଶ୍ଚିତ ନିଯୁକ୍ତି ଯୋଜନାରେ ବୃକ୍ଷରୋପଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟକୁ ଏକ ପ୍ରଧାନ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ

ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟକୁ ଏକ ପ୍ରମୁଖ ଜ୍ଞାନପୀଠରେ ପରିଣତ କରିବାପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

ଗତ ମଇ ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଲେ ଯେ, ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବାର ୧୮ ବର୍ଷ ବିତି ଯାଇଥିଲେ ମଧ୍ୟ ଅନୁଷ୍ଠାନର ଯେଉଁଭଳି ଉନ୍ନତି ହେବା କଥା ତାହା ହୋଇ ପାରିନାହିଁ । ବିଶ୍ୱବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରାଯାଇଥିବା ସମ୍ପର୍କରେ ସୂଚନା ଦେଇ ସେ କହିଲେ ଯେ ବିଶ୍ୱବିଦ୍ୟାଳୟର ଅଭାବ ଖୁବ୍ ଶୀଘ୍ର ଦୂରୀଭୂତ ହେବ ଏବଂ ଏହାର ଛାତ୍ରୀନିବାସ, ଶ୍ରେଣୀଗୃହ, ପ୍ରଶାସନିକ ଭବନ ଓ ପାଠାଗାରର ଉନ୍ନତି କଳ୍ପେ ଆବଶ୍ୟକୀୟ ଅର୍ଥର ବନ୍ଦୋବସ୍ତ କରାଯିବ । ପୂର୍ବରୁ ଶ୍ରୀଜଗନ୍ନାଥ ଆଇନ୍‌ରେ ସଂଶୋଧନ ଅଣାଯାଇ ଋଣରୁ ପ୍ରାପ୍ତ ଆୟର ସୁଧର ଶତକଡ଼ା ୪୫ ଭାଗ ବିଶ୍ୱବିଦ୍ୟାଳୟକୁ ଦେବା ପାଇଁ ଯେଉଁ ଆଇନ୍ ବ୍ୟବସ୍ଥା ଥିଲା ତାହା ବନ୍ଦ ହୋଇ ଯାଇଥିବାରୁ ସେ ବିସ୍ମୟ ପ୍ରକାଶ କରିଥିଲେ ଏବଂ ବକେୟା ଅର୍ଥ ପୈଠ କରାଯିବା ସଙ୍ଗେ ସଙ୍ଗେ ଏଣିକି ନିୟମିତ ଭାବରେ ଏହି ଅର୍ଥ ବିଶ୍ୱବିଦ୍ୟାଳୟକୁ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଶ୍ରୀଜଗନ୍ନାଥ ସଂସ୍କୃତିର ଅଧ୍ୟୟନ ପାଇଁ ସମସ୍ତ ଭାରତୀୟ ଦର୍ଶନ ଅଧ୍ୟୟନ କରାଯିବା ଏକାନ୍ତ ଆବଶ୍ୟକ ଏବଂ ସଂସ୍କୃତ ବିନା ଏହା ସମ୍ଭବ ନୁହେଁ । କମ୍ବୋଜ, ଶ୍ୟାମ, ଇଣ୍ଡୋନେସିଆ ଓ ଲାଓସ୍ ଆଦି ଦେଶରେ ସଂସ୍କୃତ ଭାଷାର ପ୍ରଭାବ ଏବେ ମଧ୍ୟ ପରିଲକ୍ଷିତ ହୁଏ । ସଂସ୍କୃତ ଦେଶରେ କୌଣସି ଏକ ଅଞ୍ଚଳର ଭାଷା ନୁହେଁ, ବରଂ ଏହା ସର୍ବଭାରତୀୟ ଭାଷା । ପ୍ରାଚୀନ ଭାରତବର୍ଷକୁ ସଂସ୍କୃତ ଏକତା ସୂତ୍ରରେ ବାନ୍ଧି ରଖିଥିଲା । ଭାରତୀୟ ସଂସ୍କୃତି ସମ୍ପର୍କରେ ଅବଧାରଣା ପାଇଁ ସଂସ୍କୃତର ମୌଳିକ ଜ୍ଞାନ ରହିବା ଏକାନ୍ତ ଆବଶ୍ୟକ ଏବଂ ସେଥିପାଇଁ ଏହାକୁ ମାଧ୍ୟମିକ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଦୃଢ଼ ସଂକଳ୍ପ ଓ ଜନ ସହଯୋଗ ଦ୍ୱାରା ଏହି ବିଶ୍ୱବିଦ୍ୟାଳୟ ଏକ ପ୍ରଧାନ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇ ପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ମୁଖ୍ୟମନ୍ତ୍ରୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର ବଟକୃଷ୍ଣ ମହାନ୍ତିଙ୍କୁ ସମ୍ମାନିତ କରିଥିଲେ । ଉତ୍ସବରେ କୁଳପତି ପ୍ରଫେସର ଚନ୍ଦ୍ରଶେଖର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ ଓ ସ୍ନାତକୋତ୍ତର ବିଭାଗର ସଂଯୋଜକ ଡଃ କିଶୋର ଚନ୍ଦ୍ର ମହାପାତ୍ର ବିବରଣୀ ପାଠ କରିଥିଲେ । ଅଧ୍ୟାପକ ଡଃ ହରେକୃଷ୍ଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଶ୍ୱବିଦ୍ୟାଳୟ ପରିସର ଭିତରେ ଛାତ୍ରୀମାନଙ୍କ ବ୍ୟବହାର ପାଇଁ ଏକ ଭବନ ଉଦ୍‌ଘାଟନ କରିଥିଲେ ।

# ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ, ପୁରୀ

## ଶ୍ରୀଜୀଉଙ୍କ ଅମୃତମଣୋହି ଦାନ ଓ ମୂଳ ପାଣ୍ଠି ଦାନ ଯୋଜନାରେ ଅଂଶ ଗ୍ରହଣାର୍ଥେ ଭକ୍ତମାନଙ୍କ ନିମିତ୍ତ ଅପୂର୍ବ ସୁଯୋଗ

(ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ପ୍ରାୟୋଜିତ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ)

ସମଗ୍ର ବିଶ୍ୱର କୋଣ ଅନୁକୋଣରେ ବାସ କରୁଥିବା ଅଗଣିତ ଭକ୍ତଜନଙ୍କର ଚରମ ଓ ପରମ ଶାନ୍ତିର ନିକେତନ ତଥା ପ୍ରାଣକର୍ତ୍ତା ରୂପରେ ଜଗତର ନାଥ ଶ୍ରୀଜଗନ୍ନାଥ ଧର୍ମକ୍ଷେତ୍ର ପୁଣ୍ୟ ନୀଳାଚଳରେ ସତତ ବିଦ୍ୟମାନ । ଅନାଦି ଅନନ୍ତ କାଳରୁ ତାଙ୍କର ସୁବିଶାଳ ମହିମାମୟ ବିଜୟଭୂମି ଉତ୍କଳର ଏହି ଶ୍ରୀପୁରୁଷୋତ୍ତମ, ପୁରୀ କ୍ଷେତ୍ର ଭାରତର ପ୍ରମୁଖ ଚତୁର୍ଧାମ ମଧ୍ୟରୁ ଅନ୍ୟତମ । ଏହି କାରଣରୁ ପୁରୀଧାମ ପୃଥିବୀର ଏକ ଅନନ୍ୟ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାର ସ୍ମାରକୀ ବହନ କରି ଗୋଟିଏ ମହାନ୍ ତୀର୍ଥସ୍ଥାନର ମର୍ଯ୍ୟାଦା ଲାଭ କରି ଆସୁଅଛି ।

ଭକ୍ତମାନଙ୍କୁ ଶ୍ରୀଜୀଉଙ୍କ ସେବାର ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିବା ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟି ତରଫରୁ ଓଡ଼ିଶା ସରକାରଙ୍କ ସ୍ୱୀକୃତିକ୍ରମେ ଦୁଇଗୋଟି ସ୍ୱତନ୍ତ୍ର ଦାନ ଯୋଜନାର ବ୍ୟବସ୍ଥା କରାଯାଇଛି । ଏତଦ୍ ଦ୍ୱାରା ଭକ୍ତମାନେ ତାଙ୍କର ବଦାନ୍ୟତାର ପରାକାଷ୍ଠା ପ୍ରଦର୍ଶନ କରି ପ୍ରତ୍ୟହ ରତ୍ନସିଂହାସନ ସମୀପରେ ନିବେଦିତ ହେଉଥିବା ରାଜଭୋଗ (କୋଠ ଭୋଗ) ନିମନ୍ତେ ଯଥାଶକ୍ତି ଅର୍ଥଦାନ କରିବା ସଙ୍ଗେସଙ୍ଗେ ଶ୍ରୀଜୀଉଙ୍କର ଅନ୍ୟାନ୍ୟ ସେବାପୂଜା ସଂକ୍ରାନ୍ତୀୟ ଖର୍ଚ୍ଚର ଭରଣା ପାଇଁ ମଧ୍ୟ ଏକ ଆର୍ଥିକ ଭିତ୍ତିଭୂମି ପ୍ରସ୍ତୁତିରେ ଯଥେଷ୍ଟ ସହାୟତା କରିପାରିବେ ।

### ଅମୃତମଣୋହି ଦାନ ଯୋଜନା

| | | |
|---|---|---|
| ଗୋପାଳବଲ୍ଲଭ ଭୋଗ | .. | ଟ. ୧,୦୦୦/- |
| ବଡସିଂହାର ଭୋଗ | .. | ଟ. ୩,୦୦୦/- |
| ସକାଳଧୂପ ଭୋଗ | .. | ଟ. ୫,୦୦୦/- |
| ସନ୍ଧ୍ୟାଧୂପ ଭୋଗ | .. | ଟ. ୧୦,୦୦୦/- |
| ମଧ୍ୟାହ୍ନଧୂପ ଭୋଗ | .. | ଟ. ୨୦,୦୦୦/- |
| ସମ୍ମିଳିତ ଭୋଗ (ଗୋଟିଏ ଦିନ ପାଇଁ) | .. | ଟ. ୩୯,୦୦୦/- |

### ମୂଳ ପାଣ୍ଠି ଦାନ ଯୋଜନା

| | | |
|---|---|---|
| ସ୍ୱତନ୍ତ୍ର ଦାତା | .. | ସର୍ବନିମ୍ନ ଏକଲକ୍ଷ ଟଙ୍କା |
| ପୃଷ୍ଠପୋଷକ ଦାତା | .. | ସର୍ବନିମ୍ନ ଦଶଲକ୍ଷ ଟଙ୍କା |

ଦାନଲବ୍ଧ ସମସ୍ତ ଅର୍ଥ ଦୀର୍ଘ ମିଆଦୀ ଭିତ୍ତିରେ କୌଣସି ଜାତୀୟକରଣ ବ୍ୟାଙ୍କ ଅଥବା ନିର୍ଭରଯୋଗ୍ୟ ଆର୍ଥିକ ସଂସ୍ଥାରେ ଜମା ରହିବ ଏବଂ ସେଥିରୁ ଉଦ୍ଭୂତ ବାର୍ଷିକ ଅର୍ଥରେ ଦାତାଙ୍କ ଦ୍ୱାରା ନିର୍ଦ୍ଧାରିତ ଦିବସରେ ଶ୍ରୀଜୀଉଙ୍କୁ ରାଜଭୋଗ ଅର୍ପଣ କରାଯାଇ ନିର୍ଦ୍ଦିଷ୍ଟ ପରିମାଣର ମହାପ୍ରସାଦ ପ୍ରଭୁଙ୍କ ଆଶୀର୍ବାଦର ନମୁନା ସ୍ୱରୂପ ଦାତାଙ୍କୁ ପ୍ରଦତ୍ତ ହେବ । ପ୍ରତିବର୍ଷ ଏହି ପଦ୍ଧତି ସୁଚାରୁ ରୂପେ ଅନୁସୃତ ହେବ । ମୂଳପାଣ୍ଠିକୁ ଦାନ କରୁଥିବା ଦାତାମାନେ ଶ୍ରୀମନ୍ଦିର ପରିସର ମଧ୍ୟରେ ସ୍ମୃତି ଫଳକ ସ୍ଥାପନ, ନୀଳଚକ୍ରରେ ଧ୍ୱଜା ବନ୍ଧନ, ଶ୍ରୀବିଗ୍ରହମାନଙ୍କର ସ୍ୱତନ୍ତ୍ର ଦର୍ଶନ ଓ ପ୍ରଦୀପ ପ୍ରଜ୍ଜ୍ୱଳନ ଏବଂ ଅନ୍ୟାନ୍ୟ କେତେକ ବିଶେଷ ସୁବିଧା ସୁଯୋଗ ଉପଭୋଗ କରିପାରିବେ ।

**ସବିଶେଷ ବିବରଣୀ ଏବଂ ଦାନ ନିମିତ୍ତ ଆବେଦନ ପତ୍ର ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ :**

**ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ବଡଦାଣ୍ଡ, ପୁରୀ (ଓଡ଼ିଶା)୭୫୨୦୦୧, ଫୋନ୍ (୦୬୭୫୨) ୨୨୦୦୨ ଓ ୨୩୦୦୨**

ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ
ଅଧ୍ୟକ୍ଷ
ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀ

ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର
ଜିଲ୍ଲାପାଳ ତଥା ଉପାଧ୍ୟକ୍ଷ
ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀ

ଶ୍ରୀ ଜୟନ୍ତ ନାରାୟଣ ପଣ୍ଡା
ପ୍ରଶାସକ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ

OGP—MP—PTS (I. & P. R.) 5—20,000—11-6-1998











Regd. No. C—SN—
Licence No. C.R.N.P. 5—Licensed to post
Pre-payment









PRINTED AT ORISSA GOVERNMENT PRESS, CUTTACK-753010

# ଉତ୍କଳ ପ୍ରସଙ୍ଗ

ଜୁଲାଇ - ୧୯୯୮

